# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୯/୨୦୧୯ (୧୬ ପୃଷ୍ଠା) Sambalpur, Monday, September 9 / 2019 ★★

୧୫ଶ ଭାଗ ୨୬୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-





**୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯଥେଷ୍ଟ: ରାଜୀବ କୁମାର**

ଦେଶର ଆବଶ୍ୟକତା ପୂରଣ ପାଇଁ ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗଠନ ଯଥେଷ୍ଟ ରହିଛି ବୋଲି କେନ୍ଦ୍ର ଅର୍ଥ ସଚିବ ରାଜୀବ କୁମାର କହିଛନ୍ତି। ୧୩

୧୫ **ଲେକ୍‌ରେକ୍‌ଙ୍କ କ୍ରମାଗତ ଦ୍ୱିତୀୟ ଟାଇଟଲ**

ଇଟାଲିଆନ ଗ୍ରାଁ ପ୍ରିରେ ବିଜୟ ସହ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ କ୍ରମାଗତ ଦ୍ୱିତୀୟ ଫର୍ମୁଲା ୱାନ୍ ଟାଇଟଲ ହାସଲ କରିଛନ୍ତି।




# ପଶ୍ଚିମ ଓଡ଼ିଶା ଜଳାର୍ଣ୍ଣବ

■ ଜୁଜୁମୁରା ବ୍ଲକ୍‌ରେ ସର୍ବାଧିକ ୨୩୧. ୬ମିମି ବର୍ଷା



ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ବିରଘାଟରେ ଏକ ବ୍ରିଜ ଧୋଇ ହୋଇଯାଇଛି ।

**ଭୁବନେଶ୍ୱର, ୮।୯(ବ୍ୟୁରୋ)**

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହୋଇଛି। ବିଶେଷ କରି ପଶ୍ଚିମ ଓଡ଼ିଶା ଅଧିକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ରବିବାର ସକାଳ ସାଢ଼େ ୮ଟା ସୁଦ୍ଧା ସମ୍ବଲପୁର ଜିଲାରେ ହାରାହାରି ୧୧୩.୨ମିମି ବର୍ଷା ହୋଇଥିବାବେଳେ ବରଗଡ଼ରେ ୯୫.୨ ଓ ଦେବଗଡ଼ରେ ୬୭.୧ମିମି ବର୍ଷା ହୋଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ସୂଚନା ଦେଇଛନ୍ତି। ସମ୍ବଲପୁରର ଦୁଇଟି ବ୍ଲକ୍‌ରେ ୨୦୦ ମିମିରୁ ଅଧିକ ବର୍ଷା ହୋଇଥିବା ଜଣାପଡ଼ିଛି। ଜୁଜୁମୁରା ବ୍ଲକ୍‌ରେ ୨୩୧. ୬ ମିମି ଓ ମଣେଶ୍ୱର ବ୍ଲକରେ ୨୨୭.୨ ମିମି ବର୍ଷା ରେକର୍ଡ କରାଯାଇଛି। ଏହାସହ ୯ଟି ବ୍ଲକ୍‌ରେ ୧୦୦ରୁ ୨୦୦ ମିମି ବର୍ଷା ହୋଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁ ସମ୍ବଲପୁର ମ୍ୟୁନିସିପାଲିଟି ଅଞ୍ଚଳ ଓ ଧନକଉଡ଼ା ବ୍ଲକ ଜଳମଗ୍ନ ହୋଇଥିଲା। ସମ୍ବଲପୁର ମ୍ୟୁନିସିପାଲର ୧୦୦ଜଣଙ୍କୁ ନିକଟସ୍ଥ କ୍ଲବ୍ ଘରକୁ ଓ ଧନକଉଡ଼ା ବ୍ଲକର ଭୋଇତିକ୍ରା ଗାଁର ପ୍ରାୟ ୧୫୦ ଲୋକଙ୍କୁ ବାବୁବନ୍ଧ ୟୁପି ସ୍କୁଲକୁ ସ୍ଥାନାନ୍ତର କରାଯାଇଛି। ପାଣି କମିବା ପରେ ସେମାନେ ଫେରି ଯାଇଛନ୍ତି। ତେବେ ପ୍ରବଳ ବର୍ଷା ଯୋଗୁ ସେଠାରେ ଅନେକ ଘର ଭାଙ୍ଗିଥିବା ଜଣାପଡ଼ିଛି। ଭାଙ୍ଗି ଯାଇଥିବା ଘରଗୁଡ଼ିକର ତୁରନ୍ତ ଆକଳନ କରିବା ପାଇଁ ଜିଲା ପ୍ରଶାସନକୁ କୁହାଯାଇଛି। ସେପଟେ ବରଗଡ଼ ଜିଲାରେ ମଧ୍ୟ ସମାନ ପରିସ୍ଥିତି ନଜରକୁ ଆସିଛି। ଏହି ଜିଲାର ☞ ପୃଷ୍ଠା-୪

■ ଚନ୍ଦ୍ରୟାନ-୨କୁ ନେଇ ମଉଳିଯାଇଥିବା ଆଶା ପୁନଃ ଉଜ୍ଜୀବିତ

# ମିଳିଲା ବିକ୍ରମ ସନ୍ଧାନ

■ ଅର୍ବିଟର ପଠାଇଲା ଲ୍ୟାଣ୍ଡର ଫଟୋ

■ ଯୋଗାଯୋଗ ସ୍ଥାପନ ପାଇଁ ଜାରି ରହିବ ଉଦ୍ୟମ: ଇସ୍ରୋ ଅଧ୍ୟକ୍ଷ

**ବେଙ୍ଗାଲୁରୁ, ୮।୯(ପି.ଟି./ ଆଇଏଏନ୍‌ଏସ୍)**

ଭାରତର ଦ୍ୱିତୀୟ ଚନ୍ଦ୍ର ମିଶନ ଚନ୍ଦ୍ରୟାନ-୨କୁ ନେଇ ମଉଳିଯାଇଥିବା ଆଶା ପୁନଃ ଉଜ୍ଜୀବିତ ହୋଇଛି। ଚନ୍ଦ୍ରାବତରଣର କିଛି ସମୟ ପୂର୍ବରୁ ଲ୍ୟାଣ୍ଡର 'ବିକ୍ରମ' ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାବେଳେ ଦିନକ ପରେ ଅର୍ବିଟର ଏହାର ଫଟୋ ପଠାଇଛି। ଚନ୍ଦ୍ରପୃଷ୍ଠରେ ବିକ୍ରମର ସୂକ୍ଷ୍ମ ଅବତରଣ (ସଫ୍ଟ ଲ୍ୟାଣ୍ଡିଂ) ସଫଳ ହୋଇପାରି ନାହିଁ। ଲ୍ୟାଣ୍ଡର ହାର୍ଡ ଲ୍ୟାଣ୍ଡିଂ କରିଛି। ଏହାର ଅବସ୍ଥିତି ଠାବ ହୋଇଛି। ରୋଭର 'ପ୍ରଜ୍ଞାନ' ଲ୍ୟାଣ୍ଡର ବିକ୍ରମ ଭିତରେ ହିଁ ରହିଛି। ଚନ୍ଦ୍ରୟାନ-୨ର ଅର୍ବିଟରରେ ସଂଲଗ୍ନ କ୍ୟାମେରା ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର କଣ୍ଟ୍ରୋଲ ରୁମ୍‌କୁ ଥର୍ମାଲ ଇମେଜ୍ ପଠାଇଛି। ଉକ୍ତ ଫଟୋକୁ ଅନୁଧ୍ୟାନ କରାଯାଉଛି। ବିକ୍ରମ ସହ ଖୁବ୍‌ଶୀଘ୍ର ଯୋଗାଯୋଗ ପୁନଃ ସ୍ଥାପନ ପାଇଁ ଜୋର୍‌ଦାର ଉଦ୍ୟମ ଚାଲିଛି ବୋଲି ରବିବାର ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ସୂଚନା ଦେଇଛନ୍ତି। ଚନ୍ଦ୍ରୟାନ-୨ର ସଫଳତାକୁ ନେଇ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ବୈଜ୍ଞାନିକଙ୍କୁ ଏହା ଆଶ୍ୱସ୍ତି ଆଣିଦେଇଥିବାବେଳେ ଦେଶବାସୀଙ୍କ ମନରେ ଆଶା ଓ ଉତ୍ସାହ ପରିଲକ୍ଷିତ ହୋଇଛି।

ଚନ୍ଦ୍ରୟାନ-୧ର ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଗତ ଜୁଲାଇ ୨୨ରେ ଚନ୍ଦ୍ରୟାନ-୨କୁ ଜହ୍ନ ପାଖକୁ ପଠାଯାଇଥିଲା। ଉତ୍କ୍ଷେପଣର ୪୭ ଦିନ ପରେ ଏହା ବିଭିନ୍ନ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହୋଇ ଚନ୍ଦ୍ର ଚାରିପଟେ ଘୂରିବା ଆରମ୍ଭ କରିଥିଲା। ୯୭୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମିଶନ ଉପରେ ସାରା ବିଶ୍ୱର ନଜର ରହିଥିଲା। ୧,୪୭୧ କେ.ଜି. ଓଜନ ବିଶିଷ୍ଟ ଲ୍ୟାଣ୍ଡର ବିକ୍ରମ ଶୁକ୍ରବାର ମଧ୍ୟରାତ୍ରିରେ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ



ଯୋଗାଯୋଗ ବିଚ୍ଛିନ୍ନ ହେବା ପୂର୍ବରୁ ଇସ୍ରୋ ପକ୍ଷରୁ ଜାରି ବିକ୍ରମ ଓ ପ୍ରଜ୍ଞାନର ମଡେଲ।

ଅବତରଣ କରିବାକୁ ଆଉ ମାତ୍ର ୨.୧ କି.ମି. ଦୂରତା ବାକି ଥିବାବେଳେ ଶେଷ ମୁହୂର୍ତ୍ତରେ ଏହାଠାରୁ ଆଉ ସଙ୍କେତ ମିଳି ନ ଥିଲା। କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବା ନେଇ ଇସ୍ରୋ ମୁଖ୍ୟ ଶିବନ ସୂଚନା ଦେଇଥିଲେ। ବୈଜ୍ଞାନିକଙ୍କ ଉତ୍ସାହ ବୃଦ୍ଧି ପାଇଁ ସେଠାରେ ଉପସ୍ଥିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କୁ ଆଶ୍ୱାସନା ଦେଇଥିଲେ। ଏହାସହ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବିକ୍ରମର ଜୀବନକାଳ ୧୪ ଦିନ ହୋଇଥିବାରୁ ଏହି ଅବଧି ଶେଷ ହେବା ମଧ୍ୟରେ ତାକୁ ଠାବ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ଶନିବାର ଶିବନ୍ କହିଥିଲେ। ରବିବାର ମଧ୍ୟାହ୍ନରେ ସମସ୍ତ ଦେଶବାସୀଙ୍କୁ ଖୁସି କରିଦେବା ଭଳି ଖବର ଆସି ପହଞ୍ଚିଲା। ବିକ୍ରମର ଅବସ୍ଥିତି ଠାବ ହୋଇଥିବା ଇସ୍ରୋ ମୁଖ୍ୟ ସୂଚନା ଦେଲେ। ଶିବନ କହିଲେ, ଚନ୍ଦ୍ରପୃଷ୍ଠରେ ବିକ୍ରମ ଲ୍ୟାଣ୍ଡିଂ କରିଛି। ତେବେ ହାର୍ଡ ଲ୍ୟାଣ୍ଡିଂ ବେଳେ ଏହା କ୍ଷତିଗ୍ରସ୍ତ ହୋଇଛି କି ସୁରକ୍ଷିତ ଅଛି ସେନେଇ କିଛି ଜଣାପଡ଼ିନାହିଁ। ଅର୍ବିଟର ପଠାଇଥିବା ତଥ୍ୟକୁ ଇସ୍ରୋ ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ କମାଣ୍ଡ ନେଟୱର୍କ (ଆଇଏସ୍‌ଟିଆର୍‌ଏସି)ସ୍ଥିତ ମିଶନ ଅପରେଶନ୍ କମ୍ପ୍ଲେକ୍ସରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରାଯାଉଛି। ଖୁବ୍‌ଶୀଘ୍ର ଏହାସହ ଯୋଗାଯୋଗ ପ୍ରତିଷ୍ଠା କରାଯିବ। ସେହିପରି ଚନ୍ଦ୍ରକକ୍ଷରେ ଘୂରୁଥିବା ୨,୩୭୯ କେ.ଜି. ବିଶିଷ୍ଟ ଅର୍ବିଟରର ଜୀବନକାଳ ୧ ବର୍ଷ ହୋଇଥିବାରୁ ଆଗକୁ ବିକ୍ରମ ସମ୍ପର୍କରେ ଅନେକ ତଥ୍ୟ ମିଳିପାରିବ ବୋଲି କୁହାଯାଉଛି। ମହାକାଶ ଗବେଷଣା କାର୍ଯ୍ୟକ୍ରମର ଜନକ ଡ. ବିକ୍ରମ ଏ. ସାରାଭାଇଙ୍କ ନାମରେ ନାମିତ ଏହି ଲ୍ୟାଣ୍ଡର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିପାରିବ କି ନାହିଁ ତାହା ଏବେ କହିବା ସମ୍ଭବ ନୁହେଁ ବୋଲି କେତେଜଣ ବୈଜ୍ଞାନିକ କହିଛନ୍ତି। ତେବେ ଠାବ ହୋଇଥିବା ଲ୍ୟାଣ୍ଡରର ଫଟୋ ଇସ୍ରୋ ପକ୍ଷରୁ ଜାରି ହୋଇ ନ ଥିବାରୁ ବିଭିନ୍ନ ମହଲରେ ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।

# ବିଷାକ୍ତ ହେଉଛି ଚାଷଜମି

**ଭୁବନେଶ୍ୱର,୮।୯(ବ୍ୟୁରୋ)**



■ ଶସ୍ୟ ଉତ୍ପାଦନ କମିବା ଆଶଙ୍କା

■ ୟୁରିଆ ଉଜାଡୁଛି ଉର୍ବରତା

■ ସବୁ ଜିଲାରେ ହେବ ମାଟି ପରୀକ୍ଷା ଲାବରେଟୋରି

■ କାର୍ଯ୍ୟକାରୀ ହେବ କୃଷି ବର୍ଜ୍ୟବସ୍ତୁ ପରିଚାଳନା ସ୍କିମ୍

ମାଟି ପ୍ରକୃତିର ଏକ ଅମୂଲ୍ୟ ସମ୍ପଦ। ମାତ୍ର ଚାଷ ପାଇଁ ଖେତରେ ବ୍ୟବହାର ହେଉଥିବା ଅତ୍ୟଧିକ ରାସାୟନିକ ସାର ଏବଂ ମାରାତ୍ମକ କୀଟନାଶକ ଭୟାନକ ପରିସ୍ଥିତି ସୃଷ୍ଟି କଲାଣି। ଫଳରେ ଆସନ୍ତା କିଛି ବର୍ଷ ମଧ୍ୟରେ ଚାଷଜମିରୁ ଉତ୍ପାଦନ ଅତିମାତ୍ରାରେ ହ୍ରାସ ପାଇବା ଆଶଙ୍କା ସୃଷ୍ଟି କରିଛି। କୃଷି ବିଭାଗ ଦ୍ୱାରା କରାଯାଇଥିବା ମୃତ୍ତିକା ପରୀକ୍ଷାର ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏଭଳି ଚିନ୍ତାଜନକ ତଥ୍ୟ ପଦାକୁ ଆସିଛି। ଧାନ ଓ ଅନ୍ୟାନ୍ୟ ଚାଷ ପାଇଁ ଚାଷୀମାନେ ଅତିମାତ୍ରାରେ ୟୁରିଆ ବ୍ୟବହାର କରୁଥିବା ଯୋଗୁ ଜମିର ଉର୍ବରତା ନଷ୍ଟ ହେବାରେ ଲାଗିଛି। ଏପରି କି ୟୁରିଆ, କୀଟନାଶକ ଓ ଜମିରୁ ଘାସ ମାରିବାକୁ ବ୍ୟବହାର କରାଯାଉଥିବା ରାସାୟନିକ ତରଳ ପଦାର୍ଥ ମାଟିରେ ଥିବା ଜିଆ ଓ ଅନ୍ୟାନ୍ୟ ଅଣୁଜୀବଙ୍କୁ ମଧ୍ୟ ସମୂଳେ ଧ୍ୱଂସ କରି ସାରିଲାଣି। ଏଭଳି ସ୍ଥିତି ରାଜ୍ୟର ସବୁ ଜିଲାରେ ଦେଖିବାକୁ ମିଳିଛି।

ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୮-୧୯ରେ ସମଗ୍ର ରାଜ୍ୟରୁ ୩,୦୭,୪୦୫ଟି ମୃତ୍ତିକା ନମୁନା ସଂଗ୍ରହ କରାଯାଇ ମୋବାଇଲ ମୃତ୍ତିକା ପରୀକ୍ଷା ଲାବୋରେଟୋରି ଏବଂ ରାଜ୍ୟର ୧୧ଟି ପରୀକ୍ଷାଗାରରେ ପରୀକ୍ଷା କରାଯାଇଥିଲା। ପରୀକ୍ଷା ପରେ ଜଣାପଡ଼ିଛି ଯେ, କୃଷି କ୍ଷେତ୍ରରେ ମନଇଚ୍ଛା ୟୁରିଆ ବ୍ୟବହାର ଯୋଗୁ ମାଟିର ଅମଳତ୍ୱ, କ୍ଷାର ଓ ଲବଣ ପରିମାଣ ଅତିମାତ୍ରାରେ ବୃଦ୍ଧି ପାଇଛି। ଏଥିଯୋଗୁ ମାଟିରେ ଥିବା କ୍ଷୁଦ୍ର ଅଣୁଜୀବ, ଯାହାକି ଉର୍ବରତା ବଢ଼ାଇବାରେ ସାହାଯ୍ୟ କରନ୍ତି ସେ ସବୁ ନଷ୍ଟ ହୋଇଗଲେଣି। ଭଦ୍ରକ, ବାଲେଶ୍ୱର, ନବରଙ୍ଗପୁର, କଳାହାଣ୍ଡି, ବରଗଡ଼, ସମ୍ବଲପୁର, ଗଞ୍ଜାମ, କଟକ, ପୁରୀ ଆଦି ଜିଲାଗୁଡ଼ିକରେ ମାଟିର ଉର୍ବରତା ଭୟଙ୍କର ଭାବେ ହ୍ରାସ ପାଉଛି। ଚାଷ ଜମିରେ ଗୋଟିଏ ପ୍ରକାର ସାର ପ୍ରୟୋଗ ଲଗାତର ବୃଦ୍ଧି ପାଉଥିବାରୁ ଏଭଳି ଚିନ୍ତାଜନକ ପରିସ୍ଥିତି ଉପୁଜିଛି। କେନ୍ଦ୍ର ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ପ୍ରତି ହେକ୍ଟରରେ ୬୦ କିଲୋଗ୍ରାମ ନାଇଟ୍ରୋଜେନ୍ ବା ୟୁରିଆ, ୩୦ କିଲୋ ଫସ୍‌ଫରସ୍ ଏବଂ ୩୦ କିଲୋ ପୋଟାସିୟମ ପ୍ରୟୋଗ କରିବା କଥା। ଅର୍ଥାତ୍ ଗୋଟିଏ ଏକରରେ ୨୦ରୁ୨୫ କିଲୋ ୟୁରିଆ ପକାଇବା ସ୍ଥାନରେ ଅଧିକ ଅମଳ ପାଇଁ ଚାଷୀମାନେ ୬୦ରୁ ୬୫ କିଲୋ ପକାଉଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ୟୁରିଆ ବ୍ୟବହାର ଆଶାତୀତ ଭାବେ ବୃଦ୍ଧି ପାଇଛି। ଚାଷ ପାଇଁ କେବଳ ୟୁରିଆ ଦିଆଯାଉଥିବାରୁ ମାଟି ପାଇଁ ଆବଶ୍ୟକ ଅନ୍ୟ ୧୨ଟି ଉପାଦାନ ମିଳିପାରୁ ନାହିଁ। କୃଷି ବିଶେଷଜ୍ଞଙ୍କ କହିବା କଥା, ମାଟି ଏକ ସଜୀବ ପଦାର୍ଥ। ଏହାର ପୂର୍ଣ୍ଣ ଉର୍ବରତା ପାଇଁ ଯବକ୍ଷାରଜାନ, ଫସ୍‌ଫରସ, କ୍ୟାଲସିୟମ, ସଲ୍‌ଫର, ଲୌହ, ମାଙ୍ଗାନିଜ, ଜିଙ୍କ୍, ଗନ୍ଧକ, କପର, ମିଲିମିନିୟମ, କ୍ଲୋରିନ୍‌ର ଆବଶ୍ୟକ ରହିଛି। ଗଛ ପାଇଁ ଏସବୁର ଆବଶ୍ୟକତା ଅଛି। ପୂର୍ଣ୍ଣ ପୌଷ୍ଟିକତା ଥିବା ମାଟିରୁ ଉତ୍ପାଦିତ ଶସ୍ୟ ଶରୀରର ସମସ୍ତ ଆବଶ୍ୟକତା ମେଣ୍ଟାଇଥାଏ। ପୂର୍ବକାଳରେ ଏସବୁ ଗୋବର ଖତ, ଧନିଚା ଚାଷ ଓ ଅନ୍ୟାନ୍ୟ ଜୈବିକ ଖତରୁ ମିଳିପାରୁଥିଲା। ☞ ପୃଷ୍ଠା-୪

# ରାମ ଜେଠମାଲାନିଙ୍କ ପରଲୋକ



**ନୂଆଦିଲ୍ଲୀ,୮।୯(ପି.ଟି.):** ବିଶିଷ୍ଟ ଆଇନଜୀବୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମ ଜେଠମାଲାନିଙ୍କର ରବିବାର ସକାଳ ୭ଟା ୪୫ରେ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। କିଛିଦିନ ହେଲା ସେ ଅସୁସ୍ଥ ଥିଲେ ବୋଲି ତାଙ୍କ ପୁଅ ମହେଶ କହିଛନ୍ତି। ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ଅପରାହ୍ଣରେ ତାଙ୍କର ଶେଷକୃତ୍ୟ ଲୋଧି ରୋଡ ☞ ପୃଷ୍ଠା-୪






**ଆଜିର ସମ୍ପାଦକୀୟ**


ଦୁର୍ବଳ ହୋଇପଡ଼ିଲେ


**ଆଜିର ମନ୍ତବ୍ୟ**

" ସମ୍ବିଧାନର ଅନୁଚ୍ଛେଦ ୩୭୧କୁ କେନ୍ଦ୍ର ସରକାର ଛୁଇଁବେ ନାହିଁ।

-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 08.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 57 | 102 | 112 |
| BDK | 58 | 103 | 113 |
| BLS | 59 | 105 | 115 |
| ANG | 57 | 102 | 112 |
| BHM | 54 | 98 | 108 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


■ ସୁଇସ୍ ବ୍ୟାଙ୍କରୁ ମିଳିଲା ପ୍ରଥମ ପର୍ଯ୍ୟାୟ ତଥ୍ୟ

# ବନ୍ଦ ଆକାଉଣ୍ଟରୁ ଖୋଳାଯିବ କଳାଧନ

**ନୂଆଦିଲ୍ଲୀ,୮।୯**

ସୁଇସ୍ ବ୍ୟାଙ୍କରେ କଳାଧନ ଲୁଚାଇ ରଖିଥିବା ଭାରତୀୟଙ୍କ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ମିଳିବା ଆରମ୍ଭ ହୋଇଛି। ସୁଇଜରଲାଣ୍ଡ ସରକାରଙ୍କଠାରୁ ସ୍ୱୟଂଚାଳିତ ବ୍ୟବସ୍ଥା ଅନୁସାରେ ଚଳିତ ମାସରେ ବହୁ ସୂଚନା ଭାରତକୁ ମିଳିଛି। ଏସବୁକୁ ବିଶ୍ଳେଷଣ ଲାଗି ଏବେ ପ୍ରୟାସ ଆରମ୍ଭ ହୋଇଛି। ଆକାଉଣ୍ଟଧାରୀଙ୍କୁ ଚିହ୍ନଟ କରିବା ଲାଗି ପର୍ଯ୍ୟାପ୍ତ ତଥ୍ୟ ଏକାଠି କରାଯିବ। ଏହାପରେ ସରକାରଙ୍କ ପକ୍ଷରୁ ସେମାନଙ୍କ ଦ୍ୱାରା ଲୁଚାଯାଇଥିବା କଳାଧନ ସମ୍ପର୍କରେ ଖୋଳତାଡ ଆରମ୍ଭ ହେବ। ତେବେ ପ୍ରାରମ୍ଭିକ ସୂଚନାରୁ ଜଣାପଡିଛି ଯେ, କାର୍ଯ୍ୟାନୁଷ୍ଠାନ ଭୟରେ ଅଧିକାଂଶ ଆକାଉଣ୍ଟକୁ ବନ୍ଦ କରିଦିଆଯାଇଥିଲା।

ଜଣେ ବ୍ୟାଙ୍କ ଅଧିକାରୀଙ୍କ କହିବାନୁଯାୟୀ, ସୁଇଜରଲାଣ୍ଡ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସେଠାକାର ସମସ୍ତ ବ୍ୟାଙ୍କ ପକ୍ଷରୁ ତଥ୍ୟ ଏକତ୍ରିତ କରାଯାଇ ଭାରତକୁ ପ୍ରଦାନ କରାଯାଇଛି। ଏପରି କି ୨୦୧୮ରେ ଦିନକ ପାଇଁ ପରିଚାଳନା କରାଯାଇଥିବା ଆକାଉଣ୍ଟଗୁଡ଼ିକ ସମ୍ପର୍କରେ ମଧ୍ୟ ଭାରତକୁ ସୂଚନା ଦିଆଯାଇଛି। ସେ କହିଛନ୍ତି ଯେ, ଏହି ଡାଟାକୁ ବ୍ୟବହାର କରି ଅଘୋଷିତ ସମ୍ପତ୍ତିଧାରୀଙ୍କ ବିରୋଧରେ ମାମଲା ଦାଏର କରିବା ସହଜ ହେବ। ପ୍ରାପ୍ତ ସୂଚନାକୁ ଅକାଟ୍ୟ ପ୍ରମାଣ ଭାବେ ବ୍ୟବହାର କରାଯାଇପାରିବ। ସୁଇସ୍ ବ୍ୟାଙ୍କ ପକ୍ଷରୁ ଭାରତୀୟଙ୍କ ଆକାଉଣ୍ଟରେ ରହିଥିବା ଜମା, ହସ୍ତାନ୍ତରଣ, ଶେୟାର ତଥା ଅନ୍ୟ ସମ୍ପତ୍ତିରେ ନିବେଶ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଛି। ଅନେକ ବ୍ୟାଙ୍କ ଓ ନିୟାମକ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଦକ୍ଷିଣ-ପୂର୍ବ ଏସିଆର ଦେଶ, ଆମେରିକା, ବ୍ରିଟେନ, କେତେକ ଆଫ୍ରିକୀୟ ରାଷ୍ଟ୍ର ତଥା ଦକ୍ଷିଣ ଆମେରିକାର ଦେଶଗୁଡ଼ିକରେ ବସବାସ କରୁଥିବା ପ୍ରବାସୀ ଭାରତୀୟ ଓ ବ୍ୟବସାୟୀଙ୍କ ସମ୍ପର୍କରେ ତଥ୍ୟ ମିଳିଛି। ସୁଇସ୍ ବ୍ୟାଙ୍କର ଗୋପନୀୟତା ବିରୋଧରେ ଅଭିଯାନ ଆରମ୍ଭ ହେବା ପରେ ଗତ କିଛି ବର୍ଷ ଭିତରେ ଆକାଉଣ୍ଟଧାରୀମାନେ ଭାରି ମାତ୍ରାରେ ଟଙ୍କା କାଢ଼ିବା ଆରମ୍ଭ କରିଦେଇଥିଲେ। ଧରାପଡିଯିବା ଭୟ ସେମାନଙ୍କୁ ଘାରିଛି। ତେବେ ୨୦୧୮ ବର୍ଷରେ ବନ୍ଦ ହୋଇଥିବା ସମସ୍ତ ଆକାଉଣ୍ଟ ସମ୍ପର୍କରେ ମଧ୍ୟ ଭାରତକୁ ସୂଚନା ମିଳିଛି। ଏଥିସହ ସୁଇଜରଲାଣ୍ଡ ସରକାର ☞ ପୃଷ୍ଠା-୪

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୯ ସେପ୍ଟେମ୍ବର ,୨୦୧୯



କର୍ଣ୍ଣାଟକର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ରାମନାଥ ରାଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ସେ ମୋଦି ଓ ତାଙ୍କ ପାକିସ୍ତାନ ପ୍ରତିପକ୍ଷ ଇମ୍ରାନ୍ ଖାନ୍‌ଙ୍କୁ ଗୋଟିଏ ମାଆର ସନ୍ତାନ ବୋଲି ସମାଲୋଚନା କରିଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି।



**ସଂକ୍ଷେପରେ**

## ଅଭିନେତା ଭୀରୁ କ୍ରିଷ୍ଣନ୍‌ଙ୍କ ଦେହାନ୍ତ



**ମୁମ୍ବାଇ,୮।୯(ପି.ଟି.):** ଇଷ୍କ, ହମ୍ ହୈ ରାହି ପ୍ୟାର କେ, ରାଜା ହିନ୍ଦୁସ୍ଥାନୀ ଭଳି ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଥିବା ବଲିଉଡ ଅଭିନେତା ତଥା କଥକ ନୃତ୍ୟଶିଳ୍ପୀ ଭୀରୁ କ୍ରିଷ୍ଣନଙ୍କର ଶନିବାର ପରଲୋକ ହୋଇଯାଇଛି। ତାଙ୍କର ଶେଷକୃତ୍ୟ ସାନ୍ତାକ୍ରୁଜସ୍ଥିତ ଶ୍ମଶାନରେ ସମ୍ପନ୍ନ ହୋଇଛି। ୯୦ ଦଶକରେ ଅନେକ ଚଳଚ୍ଚିତ୍ରରେ ସେ ପାର୍ଶ୍ୱ ଅଭିନେତା ଭାବେ କାର୍ଯ୍ୟ କରିଥିଲେ। ସେ କଥକ ନୃତ୍ୟ ଶିକ୍ଷା ଦେଉଥିଲେ। ପ୍ରିୟଙ୍କା ଚୋପ୍ରା, କାଟ୍ରିନା କେଫ୍, ଆଥିୟା ସେଟ୍ଟୀ, କରନବୀର ବୋହରା ପ୍ରମୁଖ ଅନେକ ଚଳଚ୍ଚିତ୍ର ଓ ଟିଭି କଳାକାର ତାଙ୍କ ପାଖରୁ କଥକ ନୃତ୍ୟ ଶିକ୍ଷା କରିଥିଲେ। ତାଙ୍କ ପରଲୋକରେ ସେଲିବ୍ରିଟିମାନେ ସୋସିଆଲ ମିଡିଆ ମାଧ୍ୟମରେ ଶୋକବ୍ୟକ୍ତ କରିଛନ୍ତି।

## ରଜୌରୀରେ ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନ

**ଜମ୍ମୁ,୮।୯(ପି.ଟି.):** ଜମ୍ମୁ-କଶ୍ମୀରର ରଜୌରୀ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍ଓସି)ରେ ରବିବାର ପାକ୍ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତର ଆଗୁଆ ଘାଟି ଓ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକୁ ଟାର୍ଗେଟ କରି ଗୁଳି ଓ ସେଲ୍ ମାଡ଼ କରିଛି। ଶନିବାର ମଧ୍ୟ ଉକ୍ତ ଅଞ୍ଚଳରେ ପାକିସ୍ତାନ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ସୁନ୍ଦରବଣି ଓ ନୌଶେରା ସେକ୍ଟରରେ ପାକିସ୍ତାନ ପଟୁ ମୋର୍ଟାର ଓ ଗୁଳିଗୋଳା ମାଡ଼ ହୋଇଥିଲା। ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଇଥିଲେ। ମୃତାହତ ସମ୍ପର୍କିତ ରିପୋର୍ଟ ମିଳି ନ ଥିଲେ ହେଁ ସୀମାନ୍ତ ଗ୍ରାମଗୁଡ଼ିକରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି।

**ଇତିହାସର ଆଇନାରେ**

### ସେପ୍ଟେମ୍ବର ୯ର ପ୍ରମୁଖ ଘଟଣା

୧୯୨୦ ସେପ୍ଟେମ୍ବର ୯ରେ ଅଲିଗଡ଼ର ମହମ୍ମଡାନ ଅଙ୍ଗ୍ଲୋ-ଓରିଏଣ୍ଟାଲ କଲେଜ (ଏମ୍ଏଓ କଲେଜ)କୁ ଆଲିଗଡ଼ ମୁସ୍ଲିମ୍ ବିଶ୍ୱବିଦ୍ୟାଳୟ (ଏଏମ୍ୟୁ)ରେ ପରିଣତ କରାଯାଇଥିଲା।

୧୯୯୧ ସେପ୍ଟେମ୍ବର ୯ରେ ତାଜିକିସ୍ତାନ ସୋଭିଏଟ୍ ରୁଷ (ୟୁଏସ୍ଏସ୍ଆର୍)ଠାରୁ ସ୍ୱାଧୀନ ହୋଇଥିଲା। ୧୯୨୯ରୁ ୧୯୯୧ ପର୍ଯ୍ୟନ୍ତ ସୋଭିଏତ ତାଜିକିସ୍ତାନ ୟୁଏସ୍ଏସ୍ଆର୍‌ର ଏକ ରାଜ୍ୟ ଥିଲା। ସୋଭିଏଟ୍ ରୁଷ ଭୁଶୁଡିପଡିବାରୁ ତାଜିକିସ୍ତାନକୁ ସ୍ୱାଧୀନ ରାଷ୍ଟ୍ର ଘୋଷଣା କରାଯାଇଥିଲା।

### ମୋଦି ସରକାରଙ୍କ ୧୦୦ ଦିନ

# ନଜରରେ ଥିଲା କଶ୍ମୀର

ନୂଆଦିଲ୍ଲୀ,୮।୯(ଆଇଏଏନ୍ଏସ୍)

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କ ଦ୍ୱିତୀୟ ପାଳିକୁ ୧୦୦ ଦିନ ପୂରିଛି। ଏହାକୁ ନେଇ ଭାଜପା ଓ ସହଯୋଗୀ ଦଳଗୁଡ଼ିକ ଉତ୍ସବ ମନାଉଥିବାବେଳେ କଂଗ୍ରେସ ସମେତ ବିରୋଧୀମାନେ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ତେବେ ଏହି ୧୦୦ ଦିନ ମଧ୍ୟରେ କଶ୍ମୀର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ଦେଶର ଅନ୍ୟ ପ୍ରସଙ୍ଗଗୁଡ଼ିକ ଏକପ୍ରକାର ଗୌଣ ହୋଇଯାଇଥିଲା। ରବିବାର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କ ଖବରଦାତା ସମ୍ମିଳନୀରୁ ଏହା ସ୍ପଷ୍ଟ ହେଉଛି।

୩୦୩ ଆସନ ଅକ୍ତିଆର କରି ଡ୍ରାଇଭିଂ ସିଟରେ ବସିଥିବା ଭାଜପା ସରକାରଙ୍କ ୧୦୦ ଦିନର ସଫଳତା ବଖାଣିବାକୁ ଯାଇ କେନ୍ଦ୍ରମନ୍ତ୍ରୀ ଜାଭଡେକର କହିଛନ୍ତି, ଦେଶ ହିତରେ ଦ୍ରୁତଗତିରେ ଅଭୂତପୂର୍ବ ନିଷ୍ପତ୍ତି ନିଆଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫-ଏ'କୁ ହଟାଇବା ସହ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଭଳି ଐତିହାସିକ ନିଷ୍ପତ୍ତି ୧୦୦ ଦିନ ମଧ୍ୟରେ ନିଆଯାଇଛି। ସେହିପରି ହାଫିଜ୍ ସୟିଦ, ମାସୁଦ୍ ଆଝାର ଓ ଦାଉଦ୍



ପ୍ରକାଶ ଜାଭଡେକର

ଇବ୍ରାହିମ୍‌ଙ୍କୁ ଆତଙ୍କବାଦୀ ଘୋଷଣା ପାଇଁ ବାଟ ଫିଟାଇଥିବା ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ)ରେ ସଂଶୋଧନ ଭଳି ନିଷ୍ପତ୍ତି ଦେଶବାସୀଙ୍କ ହିତ ପାଇଁ ନିଆଯାଇଛି। ଏସବୁର ପ୍ରସ୍ତୁତି ସାଧାରଣ ନିର୍ବାଚନର ବହୁ ପୂର୍ବରୁ ହୋଇଥିଲା। କଶ୍ମୀରରେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବାରେ ଲାଗିଛି। ଯୋଗାଯୋଗର ମାଧ୍ୟମ ସ୍ୱାଭାବିକ ହେଉଛି। କେତେକ ବିଦେଶୀ ଗଣମାଧ୍ୟମରେ ପ୍ରସାରିତ ଖବରକୁ ସେ ମିଥ୍ୟା ବୋଲି ଅଭିହିତ କରିଛନ୍ତି। ଜାଭଡେକର ଏହି ଅବସରରେ ତିନି ତଲାକ୍ ବିଲ୍‌କୁ ଆଇନରେ ପରିଣତ କରିବା ମୋଦି ସରକାରଙ୍କ ଏକ ବଡ଼ ସଫଳତା ବୋଲି କହିଛନ୍ତି। ପୂର୍ବ ସରକାରଗୁଡ଼ିକ ଅମଳରେ ଭୋଟବ୍ୟାଙ୍କ ରାଜନୀତି ଯୋଗୁ ଏହା ସମ୍ଭବ ହୋଇ ପାରି ନ ଥିବା ସେ ସମାଲୋଚନା କରିଛନ୍ତି। ସେହିପରି ୧୫୦ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବା, ମୋଟର ଯାନ ଆଇନରେ ସଂଶୋଧନ ଓ ଜଳ ଶକ୍ତି ମନ୍ତ୍ରଣାଳୟ ପ୍ରତିଷ୍ଠା ଆଦି ସରକାରଙ୍କ ବଡ଼ ଉପଲବ୍ଧି ବୋଲି ସେ ଦର୍ଶାଇଛନ୍ତି। ଜାଭଡେକର ଏହି ଅବସରରେ ସରକାରଙ୍କ ସଫଳତା ଉଲ୍ଲେଖ ଥିବା 'ହଣ୍ଡ୍ରେଡ୍ ଡେଜ୍ ଅଫ୍ ବୋଲ୍ଡ ଇନିସିଏଟିଭ୍ସ ଆଣ୍ଡ ଡିସିସିଭ୍ ଆକ୍ସନ' ଶୀର୍ଷକ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି।

### ଟାର୍ଗେଟ କଲେ ରାହୁଲ-ପ୍ରିୟଙ୍କା

## କିଛି ବିକାଶ ହୋଇନି, ମୋଦି ସରକାରଙ୍କୁ ଅଭିନନ୍ଦନ

ନୂଆଦିଲ୍ଲୀ,୮।୯(ଆଇଏଏନ୍ଏସ୍)

ମୋଦି ସରକାରଙ୍କ ୧୦୦ ଦିନ ପୂର୍ତ୍ତି ପରେ ଅର୍ଥନୈତିକ ପ୍ରଦର୍ଶନକୁ ନେଇ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରବିବାର ଟାର୍ଗେଟ କରିଛନ୍ତି। ରାହୁଲ ସରକାରଙ୍କୁ ଅଭିନନ୍ଦନ ଜଣାଇବା ଆଳରେ ଉପହାସ କରିଛନ୍ତି। ସେ ଟୁଇଟ୍ କରିଛନ୍ତି, ୧୦୦ ଦିନରେ କିଛି ବିକାଶ ହୋଇନାହିଁ। ମୋଦି ସରକାରଙ୍କୁ ଅଭିନନ୍ଦନ। ଗଣତନ୍ତ୍ର ଉପରେ ଆକ୍ରମଣ, ଗଣମାଧ୍ୟମର କଣ୍ଠରୋଧ, ନେତୃତ୍ୱ ଓ ଯୋଜନାର ଅଭାବ ଆମ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେଇଛି। ସେହିପରି



ମୋଦି ସରକାରଙ୍କୁ ଟାର୍ଗେଟ କରି ପ୍ରିୟଙ୍କା କହିଛନ୍ତି, ଦେଶରେ ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିଥିବାବେଳେ ସରକାର ନୀରବ ରହିଛନ୍ତି। ଡ୍ରାମା, ପ୍ରତାରଣା ଓ ମିଛର ଆଶ୍ରୟ ନେଇ ସରକାର ଲୋକଙ୍କୁ ସତ ଲୁଚାଉଛନ୍ତି।



ରବିବାର ଶ୍ରୀନଗରରେ କର୍ଫ୍ୟୁ ଭଳି କଟକଣା ଲାଗୁ ହୋଇଥିବାବେଳେ ସିଆର୍‌ପିଏଫ୍ ଯବାନ ରାସ୍ତାରେ ପାଟ୍ରୋଲିଂ କରୁଛନ୍ତି।

## କଶ୍ମୀରରେ ପୁଣି କଟକଣା ଲାଗୁ

ଶ୍ରୀନଗର,୮।୯(ପି.ଟି.)

ଉପତ୍ୟକାରେ ମହରମ୍ ଶୋଭାଯାତ୍ରା ବାହାର କରିବା ଉଦ୍ୟମକୁ ପଣ୍ଡ କରିବା ପାଇଁ ଶ୍ରୀନଗର ସମେତ ଜମ୍ମୁ-କଶ୍ମୀରର ଅନେକ ସ୍ଥାନରେ ରବିବାର କର୍ଫ୍ୟୁ ଭଳି କଟକଣା ପୁନର୍ବାର ଲାଗୁ ହୋଇଛି। ଅଧିକ ସଂଖ୍ୟାରେ ଜନସମାଗମ ହିଂସାକାଣ୍ଡ ଘଟାଇପାରେ ବୋଲି କର୍ତ୍ତୃପକ୍ଷ ଆଶଙ୍କା କରୁଛନ୍ତି। ସେଥିପାଇଁ ପ୍ରବେଶ ପଥରେ ତାରବାଡ଼ ଦେଇ ଲାଲ୍‌ଚୌକ ଓ ଏହାର ଆଖପାଖରେ ଥିବା ବ୍ୟବସାୟିକ ପେଣ୍ଠସ୍ଥଳଗୁଡ଼ିକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯିବା ସହ ସେଠାରେ ବ୍ୟାପକ ସୁରକ୍ଷା ବଳ ନିୟୋଜିତ କରାଯାଇଛି। ମେଡିକାଲ ପାଇଁ ଜରୁରୀ ଥିବା ଲୋକଙ୍କୁ କେବଳ ବାରିକେଡ଼ ଦେଇ ଛଡ଼ାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଗଲା ବୋଲି ଘୋଷଣା କରିଥିଲେ। ସେହିଦିନଠାରୁ ଉପତ୍ୟକାରେ କଟକଣା ଜାରି ହୋଇଥିଲା। ସ୍ଥିତିରେ ଉନ୍ନତି ଆସିବା ସହ ପର୍ଯ୍ୟାୟକ୍ରମେ କେତେକ ଅଞ୍ଚଳରୁ କଟକଣା ହଟାଯାଇଥିଲା। ତେବେ ପ୍ରତି ଶୁକ୍ରବାର ଉପତ୍ୟକାର ଉତ୍ତେଜନାପ୍ରବଣ ସ୍ଥାନଗୁଡିକରେ କଟକଣା ଲାଗୁ ହେଉଥିଲା। ୩୫ ଦିନ ଧରି ଉପତ୍ୟକା ବନ୍ଦ ଯୋଗୁ ସାଧାରଣ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଛି। ବଜାରଘାଟ ବନ୍ଦ ଥିବାବେଳେ ଘରୋଇ ପରିବହନ ସେବା ମଧ୍ୟ ବ୍ୟାହତ ହୋଇଛି। ଅନେକ ନେତା ଗୃହବନ୍ଦୀ ରହିଛନ୍ତି।



ହଂକଂରେ ସରକାର ବିରୋଧୀ ବିକ୍ଷୋଭ ଜାରି ରହିଥିବାବେଳେ ଆନ୍ଦୋଳନକାରୀମାନେ ରବିବାର ଚାର୍ଟର ଗାର୍ଡେନରୁ ଆମେରିକା କନ୍‌ସୁଲେଟ୍ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଛନ୍ତି। ୫ ଦାବି ପୂରଣ ସକାଶେ ଅନ୍ତର୍ଜାତୀୟ ସମୁଦାୟର ସମର୍ଥନ ହାସଲ ପାଇଁ ବିକ୍ଷୋଭକାରୀମାନେ ହାତର ପାଞ୍ଚ ଅଙ୍ଗୁଳି ଦେଖାଉଛନ୍ତି।

## ଉଚ୍ଛେଦ ହେବନି ଅନୁଚ୍ଛେଦ ୩୭୧

ଗୁଆହାଟୀ,୮।୯(ପି.ଟି.)

ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସୁବିଧା ଯୋଗାଉଥିବା ସମ୍ବିଧାନର ଅନୁଚ୍ଛେଦ ୩୭୧କୁ କେନ୍ଦ୍ର ସରକାର ଛୁଇଁବେ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ରବିବାର ସ୍ପଷ୍ଟ କରିଛନ୍ତି। ଅନୁଚ୍ଛେଦ ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା ଥିବାବେଳେ ୩୭୧ ସେପରି ନୁହେଁ। ଦୁଇ ଅନୁଚ୍ଛେଦ ମଧ୍ୟରେ ବହୁତ କିଛି ପାର୍ଥକ୍ୟ ଥିବା ଶାହ ଉତ୍ତରପୂର୍ବାଞ୍ଚଳ ପରିଷଦର ୬୮ତମ ଅଧିବେଶନରେ ଉଦ୍‌ବୋଧନ ଦେଇ କହିଛନ୍ତି। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ କେନ୍ଦ୍ର ସରକାର ଉତ୍ତରପୂର୍ବାଞ୍ଚଳ ରାଜ୍ୟରୁ ଅନୁଚ୍ଛେଦ ୩୭୧ ଉଚ୍ଛେଦ କରିଦେବେ ବୋଲି ସେଠାକାର ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଗୁଜବ ପ୍ରଚାର କରାଯାଉଛି।



## ୱାଶିଂଟନ ପୋଷ୍ଟ ବିରୋଧରେ କଶ୍ମୀରୀ ପଣ୍ଡିତଙ୍କ ବିକ୍ଷୋଭ

ୱାଶିଂଟନ,୮।୯(ପି.ଟି.)

ଆମେରିକା ଗଣମାଧ୍ୟମ ୱାଶିଂଟନ ପୋଷ୍ଟ ଜମ୍ମୁ-କଶ୍ମୀର ସମ୍ପର୍କରେ ଏକପାଖିଆ ଖବର ଛାପୁଥିବାରୁ ଏହାର ପ୍ରତିବାଦରେ କଶ୍ମୀରୀ ପଣ୍ଡିତମାନେ ଶନିବାର ଏହାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗ୍ଲୋବାଲ କଶ୍ମୀରୀ ପଣ୍ଡିତ ଡାଏସପୋରା ପକ୍ଷରୁ ଏହି ବିକ୍ଷୋଭର ଆୟୋଜନ କରାଯାଇଥିଲା। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଭାରତ ସରକାର ଉଚ୍ଛେଦ କରିବା ପରେ ଆମେରିକାର ଏହି ଖବରକାଗଜ କ୍ରମାଗତ ଭାବେ ଏକପାଖିଆ ଏବଂ ପକ୍ଷପାତମୂଳକ ଖବର ପ୍ରସାରଣ କରିଆସୁଥିବା ସେମାନେ ଅଭିଯୋଗ କରିଥିଲେ। ଏଭଳି ଖବର ଛାପିବା ଦ୍ୱାରା କଶ୍ମୀର ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆସିବ ନାହିଁ ବୋଲି ସେମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଅଭିଯୋଗକୁ ୱାଶିଂଟନ ପୋଷ୍ଟ ପକ୍ଷରୁ ଖଣ୍ଡନ କରାଯାଇଛି। ସେମାନେ ଛାପିଥିବା ଖବର ସମ୍ପୂର୍ଣ୍ଣ ସତ୍ୟ ଓ ଠିକ୍ ବୋଲି ଦାବି କରିଛନ୍ତି।

## କେସିଆର୍ କ୍ୟାବିନେଟରେ ପୁଅ, ପୁତୁରା

ହାଇଦ୍ରାବାଦ,୮।୯(ଆଇଏଏନ୍ଏସ୍)

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ରବିବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ନୂଆ ମନ୍ତ୍ରୀ ହୋଇଥିବା ୬ ଜଣଙ୍କ ମଧ୍ୟରେ କେସିଆର୍‌ଙ୍କ ପୁଅ କେ.ଟି. ରାମା ରାଓ ଏବଂ ପୁତୁରା ଟି. ହରିଶ ରାଓ ଅଛନ୍ତି। ନୂତନ ରାଜ୍ୟପାଳ ଭାବେ ତମିଲିସାଇ ସୌନ୍ଦରରାଜନ ଶପଥ ଗ୍ରହଣ କରିବାର କିଛି ସମୟ ପରେ ନୂଆ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଅନ୍ୟ ଯେଉଁମାନେ ଶପଥ ନେଇଛନ୍ତି ସେମାନେ ହେଲେ ପି. ସବିତା ଇନ୍ଦ୍ର ରେଡ୍ଡୀ, ଗଙ୍ଗୁଲା କମଳାକର, ପୁଭଡା ଅଜୟ କୁମାର ଏବଂ ସତ୍ୟବତୀ ରାଠୋଡ଼।



କେ.ଟି. ରାମା ରାଓ | ଟି. ହରିଶ ରାଓ

## ହରିୟାଣାରେ ନିର୍ବାଚନୀ ବିଗୁଲ ବଜାଇଲେ ମୋଦି

ରୋହତକ୍,୮।୯(ଆଇଏଏନ୍ଏସ୍)

ବିଧାନସଭା ନିର୍ବାଚନ ହେବାକୁ ଥିବା ହରିୟାଣାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସରକାରର ପ୍ରଥମ ୧୦୦ ଦିନର ରିପୋର୍ଟ କାର୍ଡ ଉପସ୍ଥାପନ କରିବା ସହ ନିର୍ବାଚନୀ ବିଗୁଲ ବଜାଇଛନ୍ତି। ସେ ମନୋହରଲାଲ୍ ଖଟ୍ଟର ସରକାରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।



ହରିୟାଣାରେ ଭାଜପା ସରକାର ଦୁର୍ନୀତି ଓ ବଂଶଗତ ରାଜନୀତି ବିରୋଧରେ ଲଢ଼େଇ ଚଳାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ।

ଜଳ ସଂରକ୍ଷଣ ଲାଗି ବର୍ଷାଜଳ ଅମଳ ପ୍ରଯୁକ୍ତି ଆପଣାଇବା ପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେବା ସହ ୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦୁଇଗୁଣା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମୋଦି ସେଠାରେ ୨୦୦୦ କୋଟି ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

## ଶାନ୍ତି ଆଲୋଚନା ରଦ୍ଦ କଲେ ଟ୍ରମ୍ପ୍

ୱାଶିଂଟନ/କାବୁଲ, ୮।୯(ପି.ଟି./ଆଇଏଏନ୍ଏସ୍)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ତାଲିବାନ ସହ ଶାନ୍ତି ଆଲୋଚନା ରଦ୍ଦ କରିଦେଇଛନ୍ତି। ଆଫଗାନିସ୍ତାନ ରାଷ୍ଟ୍ରପତି ଅଶ୍ରଫ୍ ଗନି ଓ ତାଲିବାନ ନେତାମାନଙ୍କ ସହ କ୍ୟାମ୍ପ୍ ଡେଭିଡ୍‌ରେ ହେବାକୁ ଥିବା ଗୁପ୍ତ ବୈଠକକୁ ସେ ବାତିଲ କରିଦେଇଛନ୍ତି। ଗୁରୁବାର ଜଣେ ଆମେରିକୀୟ ସୈନ୍ୟଙ୍କ ସମେତ ୧୨ ଜଣ ନିହତ ହୋଇଥିବା ଆକ୍ରମଣ ପାଇଁ ତାଲିବାନ ନିଜକୁ ଦାୟୀ କରିବା ପରେ ସେ ଏହି ପଦକ୍ଷେପ ନେଇଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତି ଯୋଗୁ ଆମେରିକା କ୍ଷତିଗ୍ରସ୍ତ ହେବ ବୋଲି ତାଲିବାନ ଧମକ ଦେଇଛି।

ଆମେରିକାର ମେରିଲାଣ୍ଡସ୍ଥିତ କ୍ୟାମ୍ପ୍ ଡେଭିଡ୍‌ରେ ଏକ ଗୁପ୍ତ ବୈଠକ ହେବାର ଥିଲା। ସେଥିରେ ଆଫଗାନିସ୍ତାନ ପ୍ରତିପକ୍ଷ ଗନି ଓ ତାଲିବାନର ଶୀର୍ଷ ନେତାମାନେ ପୃଥକ ଭାବେ ଯୋଗଦେଇ ଟ୍ରମ୍ପ୍‌ଙ୍କ ସହ ଆଲୋଚନା କରିବାର ଥିଲା। ତେବେ ତାଲିବାନ ସହ ଶାନ୍ତି ଚୁକ୍ତି ଏକପ୍ରକାର ଚୂଡ଼ାନ୍ତ ହେବାକୁ ଥିବାବେଳେ ଶେଷ ମୁହୂର୍ତ୍ତରେ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଟ୍ରମ୍ପ୍। ସେ କହିଛନ୍ତି, କାବୁଲରେ ତାଲିବାନର ଆକ୍ରମଣରେ ଆମର ଜଣେ ସୈନ୍ୟ ଓ ୧୧ ସାଧାରଣ ନାଗରିକ



### ଆମେରିକାକୁ ଧମକ ଦେଲା ତାଲିବାନ

ନିହତ ହୋଇଛନ୍ତି। ସେଥିପାଇଁ ଶାନ୍ତି ଆଲୋଚନାକୁ ବାତିଲ କରାଯାଉଛି। ତାଲିବାନ ନେତୃତ୍ୱରେ ଯୁଦ୍ଧ ଓ ହିଂସା ଜାରି ରହିଥିବା ଯାଏ ତା' ସହ ଶାନ୍ତି ଆଲୋଚନା ହେବନାହିଁ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏହାର ପ୍ରତିକ୍ରିୟାରେ ତାଲିବାନ ମୁଖପାତ୍ର ଜବିହୁଲ୍ଲା ଟୁଇଟ୍ କରି କହିଛନ୍ତି, ଆମେରିକା ତା'ର ଶାନ୍ତି ବିରୋଧୀ ଆଭିମୁଖ୍ୟ ଯୋଗୁ ଅଧିକ କ୍ଷତିଗ୍ରସ୍ତ ହେବ। ତଥାପି ଆମେ ଆଲୋଚନାର ଦ୍ୱାର ଖୋଲା ରଖିଛୁ। ପ୍ରକାଶ ଯେ, ୨୦୦୧ ସେପ୍ଟେମ୍ବର ୧୧ ଆମେରିକା ଆକ୍ରମଣ ପରେ ୱାଶିଂଟନ ନେତୃତ୍ୱରେ ଆଫଗାନିସ୍ତାନରେ ଆତଙ୍କବାଦ ବିରୋଧୀ ଅଭିଯାନ ଦୃଢ଼ ହୋଇଥିଲା।

# ଖ୍ୟାତି ଆଣି ଦେଇଥିଲା ହାଇପ୍ରୋଫାଇଲ ମାମଲା

ନୂଆଦିଲ୍ଲୀ,୮।୯

୯୬ତମ ଜନ୍ମଦିନ ପାଳନର ମାତ୍ର ୬ ଦିନ ପୂର୍ବରୁ ଖ୍ୟାତନାମା ଆଇନଜୀବୀ ରାମ ଜେଠମାଲାନିଙ୍କର ରବିବାର ସକାଳେ ପରଲୋକ ହୋଇଯାଇଛି। ସେ ଦେଶର ଅନ୍ୟତମ ସର୍ବାଧିକ ପାଉଣା ନେଉଥିବା ଆଇନଜୀବୀ ଏବଂ କେନ୍ଦ୍ରରେ ଆଇନ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଥିଲେ। ସେ ଭାରତର ବାର୍ କାଉନସିଲ୍ ସଭାପତି ମଧ୍ୟ ରହିଥିଲେ।

୧୯୨୩ ସେପ୍ଟେମ୍ବର ୧୪ରେ ସିନ୍ଧରେ ଜନ୍ମିତ ଜେଠମାଲାନି ମାତ୍ର ୧୭ ବର୍ଷ ବୟସରେ ଆଇନ ଡିଗ୍ରୀ ହାସଲ କରି ଦେଶ ବିଭାଜନ ପର୍ଯ୍ୟନ୍ତ କରାଚୀରେ ଆଇନ ବ୍ୟବସାୟ କରୁଥିଲେ। ସେ ବହୁ ବଡ଼ ମାମଲାରେ ଆଇନ ଖିଲାପକାରୀଙ୍କ ସପକ୍ଷରେ ଲଢ଼ି ଖବରକାଗଜର ଶିରୋନାମା ମଣ୍ଡନ କରିଥିଲେ। ଶ୍ରେଷ୍ଠ ଫୌଜଦାରି ଓକିଲ ଭାବେ ସେ ଦେଶର ବହୁ କ୍ଷମତାଶାଳୀ ବ୍ୟକ୍ତିଙ୍କ ପାଇଁ ମାମଲା ଲଢ଼ିଛନ୍ତି। ଅଦାଲତ ପ୍ରକୋଷ୍ଠରେ ସାକ୍ଷୀଙ୍କୁ ଗୁଡେଇତୁଡେଇ ପ୍ରଶ୍ନ କରିବା କୌଶଳ ପାଇଁ ସେ ଜଣାଶୁଣା ଥିଲେ।

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପାଇଁ ମାମଲା ଲଢୁଥିଲେ ଜେଠମାଲାନି।



### ୧୭ ବର୍ଷ ବୟସରେ ଆଇନ ଡିଗ୍ରୀ ହାସଲ କରିଥିଲେ ଜେଠମାଲାନି

ଏହା ବ୍ୟତୀତ ବହୁଚର୍ଚ୍ଚିତ ଜେସିକା ଲାଲ୍ ହତ୍ୟା ମାମଲାରେ ମନୁ ଶର୍ମାଙ୍କର ଓକିଲ ଥିଲେ ସେ। ବହୁକୋଟି ଟଙ୍କାର ଶେୟାର ବଜାର ଦୁର୍ନୀତି ମାମଲାରେ ସେ ହର୍ଷଦ ମେହେଟ୍ଟା ଏବଂ କେତନ ପାରେଖଙ୍କ ପାଇଁ ମାମଲା ଲଢ଼ିଥିଲେ।

କରାଚୀ ଦଙ୍ଗା ପରେ ୧୯୪୮ ଫେବୃୟାରୀରେ ଜେଠମାଲାନି ଭାରତ ଆସି ବମ୍ବେ ହାଇକୋର୍ଟରେ ସେ ତତ୍କାଳୀନ ବମ୍ବେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ଦ୍ୱାରା ଗୃହୀତ ଆଇନ ବିରୋଧରେ ଲଢ଼ି ଜିତିଥିଲେ। ୧୯୬୨ରେ ନାନାବତୀ ମାମଲା ତାଙ୍କ ଜୀବନର ମୋଡ଼ ବଦଳାଇଦେଇଥିଲା। ତ୍ରିକୋଣୀୟ ପ୍ରେମରୁ ଏହି ହତ୍ୟାକାଣ୍ଡ ହୋଇଥିଲା, ଯେଉଁଥିରେ ନୌସେନା କମାଣ୍ଡର କେ.ଏମ୍ ନାନାବତୀ ସମ୍ପୃକ୍ତ ଥିଲେ। ନୌସେନା କମାଣ୍ଡର ସ୍ତ୍ରୀଙ୍କ ପ୍ରେମିକ ଆହୁଜାଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣା ସେତେବେଳେ ଦେଶବ୍ୟାପୀ ଚର୍ଚ୍ଚା ହୋଇଥିଲା। ରାୟକୁ ନେଇ ପାର୍ସୀ ଓ ସିନ୍ଧି ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେବାରୁ ଭାଇ ହତ୍ୟାକୁ ଭୁଲିଯିବା ପାଇଁ ମାମି ଆହୁଜାଙ୍କୁ ବୁଝାଇବାରେ ଜେଠମାଲାନି ସକ୍ଷମ ହୋଇଥିଲେ। ଭାଇର ହତ୍ୟାକାରୀଙ୍କୁ କ୍ଷମା ଦେବାପାଇଁ ମାମି କୋର୍ଟଙ୍କୁ ପତ୍ର ଲେଖିଥିଲେ।

୧୯୭୫ ଜୁନ୍ ୨୫ ରାତିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରୀ ପରିସ୍ଥିତି ଜାରି କରିଥିଲେ। ସେତେବେଳେ ଶହ ଶହ ରାଜନେତା ଓ ଖବରଦାତାଙ୍କୁ ଜେଲ ପଠାଯାଇଥିଲା କିମ୍ବା ଗୃହବନ୍ଦୀ କରାଯାଇଥିଲା। ଶାନ୍ତି ଭୂଷଣଙ୍କ ନେତୃତ୍ୱରେ ୧୨ ଆଇନଜୀବୀ ବେଆଇନ ଗିରଫଦାରିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଜେଠମାଲାନି। ଜରୁରୀ ପରସ୍ଥିତି ବେଳେ ଜୀବନ ଧାରଣ ଅଧିକାର ଭଳି ମୌଳିକ ଅଧିକାର ଉଚ୍ଛେଦ କରିବା ଅଧିକାର ସରକାରଙ୍କର ଅଛି କି ବୋଲି ସେ ସର୍ବୋଚ୍ଚ ଅଦାଲତରେ ପ୍ରଶ୍ନ କରିଥିଲେ। ସୁପ୍ରିମକୋର୍ଟ ସରକାରଙ୍କ ସପକ୍ଷରେ ରାୟ ଦେଇଥିଲେ ବି ୫ ଜଣିଆ ଖଣ୍ଡପୀଠର ଜଣେ ବିଚାରପତି ଏହା ବିରୋଧରେ ମତ ଦେଇଥିଲେ।

ଇନ୍ଦିରା ଗାନ୍ଧୀ ହତ୍ୟା ମାମଲାରେ ଅଭିଯୁକ୍ତ ବଲବୀର ସିଂ ଓ ଖେହର ସିଂଙ୍କ ପାଇଁ ଜେଠମାଲାନି ମାମଲା ଲଢ଼ିଥିଲେ। ତେବେ ସେ ଅଙ୍ଗରକ୍ଷୀ ଖେହର ସିଂଙ୍କୁ ମୃତ୍ୟୁଦଣ୍ଡରୁ ବଞ୍ଚାଇପାରି ନ ଥିଲେ। ସେହିପରି ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ଜେଲରେ ୨୩ ବର୍ଷ କଟାଇସାରିଥିବାରୁ ଏଲ୍‌ଟିଟିଇ କର୍ମୀ ମୁରୁଗାନଙ୍କ ମୃତ୍ୟୁଦଣ୍ଡ କୋହଳ କରିବା ପାଇଁ କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ ଜେଠମାଲାନି।

ହର୍ଷଦ ମେହେଟ୍ଟା ଷ୍ଟକ୍ ମାର୍କେଟ ଦୁର୍ନୀତି ମାମଲାରେ ମେହେଟ୍ଟା ପରିବାର ପାଇଁ ଜେଠମାଲାନି ମକଦ୍ଦମା ଲଢ଼ିଥିଲେ। ଏହା ବ୍ୟତୀତ ଅନେକ ହାଇପ୍ରୋଫାଇଲ ମାମଲା ଯଥା ୨୦୦୧ ପାର୍ଲାମେଣ୍ଟ ଭବନ ଆକ୍ରମଣ, ଜେସିକା ଲାଲ୍ ହତ୍ୟା ମାମଲାରେ ମନୁ ଶର୍ମାଙ୍କ ପାଇଁ, ହାୱାଲା ମାମଲାରେ ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡଭାନୀଙ୍କ ପାଇଁ ଏବଂ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଜୟଲଳିଥାଙ୍କ ପାଇଁ ଏହି ବରିଷ୍ଠ ଆଇନଜୀବୀ ଲଢ଼ିଥିଲେ। ସେହିପରି ୨ଜି ଦୁର୍ନୀତି ମାମଲାରେ କାନିମୋଝିଙ୍କ ପାଇଁ, ଗୋଖାଦ୍ୟ ଦୁର୍ନୀତି ମାମଲାରେ ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବଙ୍କ ପାଇଁ ଏବଂ ଖଣି ଦୁର୍ନୀତି ମାମଲାରେ ବି.ଏସ୍. ୟେଦୁରପ୍ପାଙ୍କ ଓକିଲ ଥିଲେ ଜେଠମାଲାନି।





ରବିବାର ଦେବଗଡ଼ ସାର୍ବଜନୀନ ଗଣେଶ ଭସାଣି ଶୋଭାଯାତ୍ରାରେ ସାଂସ୍କୃତିକ ଦଳର ନୃତ୍ୟ, ବିଭିନ୍ନ ସାମାଜିକ, ପୌରାଣିକ କଥାବସ୍ତୁକୁ ନେଇ କଳାକାରମାନେ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

## ଆଜି କ'ଣ କେଉଁଠି

**ସିନାପାଲି**
- ନୂଆଁଖାଇ ଭେଟ୍‌ଘାଟ୍ ଓ ନୃତ୍ୟ ପ୍ରତିଯୋଗିତା, ନିଲଜୀ (ବନ୍ଧପଡା), ସନ୍ଧ୍ୟା ୭ଟା।

**ସମ୍ବଲପୁର**
- ପ୍ରତିଭା ଚୟନ କାର୍ଯ୍ୟକ୍ରମ, ସହଯୋଗନଗର ଛକ ସ୍ଥିତ ବିରାଟ ଶିକ୍ଷାନୁଷ୍ଠାନ, ପୂର୍ବାହ୍ନ ୧୧ଟା।

**ବରଗଡ଼**
- କରମସାନୀ ପୂଜା, ସାହୁପଡ଼ା, ଗାଇସିଲେଟ୍, ସନ୍ଧ୍ୟା ୭ଟା

## ସଂକ୍ଷେପରେ

### ବିଧାୟକଙ୍କ ଫେସ୍‌ବୁକ ଆକାଉଣ୍ଟ ହ୍ୟାକ୍ ସନ୍ଦେହ
## ଷ୍ଟାଟସରେ ଅଶ୍ଳୀଳ ଫଟୋ

**ଜୟପୁର,୮।୯(ଡି.ଏନ.ଏ.):** ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଫେସ୍‌ବୁକ ଆକାଉଣ୍ଟ ହ୍ୟାକ କରାଯାଇଥିବା ସନ୍ଦେହ କରାଯାଉଛି। ଏହାର ଷ୍ଟାଟ୍‌ସ୍‌ରେ ଅଶ୍ଳୀଳ ଫଟୋ ଥିବା ନେଇ ଚର୍ଚ୍ଚାର ବିଷୟ ହୋଇଛି। ଗତ ଶନିବାର ରାତି ୨ ଟାଠାରୁ ରବିବାର ପୂର୍ବାହ୍ନ ୧୦ଟା ୫୮ ମିନିଟ ପର୍ଯ୍ୟନ୍ତ ବିଧାୟକ ବାହିନୀପତିଙ୍କ ଫେସବୁକ ଆକାଉଣ୍ଟର ଷ୍ଟାଟସ୍‌ରେ ଓ ମାଇଷ୍ଟୋରିରେ ଅଶ୍ଳୀଳ ଫଟୋ ଦୃଶ୍ୟମାନ ହୋଇଥିଲା। ବିଧାୟକଙ୍କ ଫେସବୁକ ଆକାଉଣ୍ଟ ପରିଚାଳନା କରୁଥିବା ସହଯୋଗୀ ଏହା ଜାଣିବା ପରେ ତୁରନ୍ତ ଏହାକୁ ଡିଲିଟ୍ କରିବା ସହିତ ପାସୱାର୍ଡ ପରିବର୍ତ୍ତନ କରି ଦେଇଥିଲେ। କିନ୍ତୁ ଏପରି କାର୍ଯ୍ୟ କିଏ କରିଛି ଏହାର ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଧାୟକ ବାହିନୀପତିଙ୍କୁ ପଚାରିବାରୁ, ଏ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହିତ ଏହା ତାଙ୍କର ଅବଗତରେ ନାହିଁ ବୋଲି କହିଥିଲେ। କିନ୍ତୁ ଏଥିନେଇ ସେ ତନାଘନା କରିବେ ବୋଲି କହିଛନ୍ତି। ସେହିପରି ଜୟପୁର ଟାଉନଥାନା ଅଧିକାରୀଙ୍କୁ ପଚାରିବାରୁ, ଘଟଣା ସମ୍ପର୍କରେ ତାଙ୍କ ନିକଟରେ ସୂଚନା ଅଛି। କିନ୍ତୁ କୌଣସି ଅଭିଯୋଗ ହୋଇନାହିଁ ବୋଲି କହିଛନ୍ତି। କୌଣସି ଅସାମାଜିକ ବ୍ୟକ୍ତି ବିଧାୟକଙ୍କୁ ବଦନାମ କରିବାକୁ ଏହିପରି ହ୍ୟାକ କରିବା ସହିତ ଅଶ୍ଳୀଳ ଫଟୋ ଅପ୍‌ଲୋଡ କରିଥିବା ନେଇ ତାଙ୍କର ସମର୍ଥକମାନେ ଅଭିଯୋଗ କରିଛନ୍ତି।

## ହୃଦ୍‌ଘାତରେ କଏଦୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୮।୯:** ହୃଦ୍‌ଘାତରେ ଜଣେ ବିଚାରାଧୀନ କଏଦୀଙ୍କର ଏମ୍‌କେସିଜି ମେଡିକାଲରେ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ କୀର୍ତ୍ତନ ନାୟକ (୭୩)। ତାଙ୍କ ଘର ଗଞ୍ଜାମ ଜିଲା ବଡଗଡ ଥାନା ଅନ୍ତର୍ଗତ ବାଣପୁରରେ ବୋଲି ପୋଲିସ କହିଛି। ପ୍ରକାଶ ଯେ, ୨୦୧୮ ଅକ୍ଟୋବର ୨୮ରେ କୀର୍ତ୍ତନ ଏକ ହତ୍ୟା ଅଭିଯୋଗରେ ସମ୍ପୃକ୍ତ ଥାଇ ଗିରଫ ହୋଇ ସୋରଡା ଜେଲରେ ବିଚାରାଧୀନ କଏଦୀ ଭାବେ ଥିଲେ। ସେ ପକ୍ଷାଘାତ ଓ ହୃଦ୍‌ଘାତ ରୋଗରେ ଆକ୍ରାନ୍ତ ଥିଲେ। ଜୁଲାଇ ୧୮ ତାରିଖରେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବ୍ରହ୍ମପୁର ଅଣାଯାଇ ମଣ୍ଡଳ କାରାଗାରରେ ରଖାଯାଇଥିଲା। ସେଠାରେ ସେ ଗୁରୁତର ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେ ପୁରୁଷ ମେଡ଼ିସିନ ୱାର୍ଡର ୩୬ ନଂ.ବେଡରେ ରହି ଚିକିତ୍ସିତ ହେଉଥିଲେ। ହୃଦ୍‌ଘାତରେ ରବିବାର ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ପ୍ରଦୀପ କୁମାର ମହାରଣା, କୀର୍ତ୍ତନଙ୍କ ସ୍ତ୍ରୀ ବିଶାନ୍ଦ ନାୟକ, ଭାଇ ମୁରଲୀ ନାୟକ, ପୁତୁରା ମହେଶ୍ୱର ନାୟକ, ଭଣଜା ବ୍ରହ୍ମା ପରିଡା ଓ ପୋଲିସ ଉପସ୍ଥିତିରେ ତାଙ୍କ ମୃତଦେହ ପଞ୍ଚନାମା କରି ବ୍ୟବଛେଦ ପାଇଁ ପଠାଇଥିଲା। ମେଡିକାଲ ଫାଣ୍ଡି ପୋଲିସ ନଂ. ୪୭୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ■ ପୁରୀରେ ପୁଣି ଆରମ୍ଭ ହେଲା ଉଚ୍ଛେଦ ଅଭିଯାନ
# ଭଙ୍ଗାଗଲା ବଡ଼ ଆଖଡ଼ା ମଠ

**ପୁରୀ ଅଫିସ, ୮।୯**

ଅସହମତି ଏବଂ ଅସନ୍ତୋଷ ଯୋଗୁ ପୁରୀରେ କିଛିଦିନ ଧରି ବନ୍ଦ ରହିଥିବା ଉଚ୍ଛେଦ ଅଭିଯାନ ପୁଣି ରବିବାରଠାରୁ ଆରମ୍ଭ ହୋଇଛି। ଯେଉଁ ବଡ଼ ଆଖଡା ମଠ ପାଖରେ ପ୍ରଶାସନ ଝୁଣ୍ଟି ପଡିଥିଲା ସେହିଠାରୁ ହିଁ ଆରମ୍ଭ କରିଛି ଉଚ୍ଛେଦ କାର୍ଯ୍ୟ। ଲଙ୍ଗୁଳି ଏବଂ ଏମାର ମଠ ପରେ ଶ୍ରୀକ୍ଷେତ୍ରର ପୁଣି ଏକ ପୁରାତନ ମଠ ତା'ର ସତ୍ତା ହରାଇଛି। ଠାକୁରଙ୍କ ବିଜେସ୍ଥଳୀ, ମନ୍ଦିର ଏବଂ ସେବାପୂଜା ପାଇଁ ଉଦ୍ଦିଷ୍ଟ ୪/୫ ବଖରା ଘରକୁ ବାଦ୍ ଦିଆଯାଇ ମାଟିରେ ମିଶାଇ ଦିଆଯାଇଛି ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ବଖରା। ତେବେ ବଡ଼ ଆଖଡା ମଠ ପରେ ଆଗକୁ ସାନଛତା ଏବଂ ମଙ୍ଗୁ ମଠର ପାଳି। ପୁଣି ଭଙ୍ଗାଯିବ ଦୋଳବେଦି କୋଣଠାରେ ଥିବା ମ୍ୟୁନିସିପାଲିଟି ହସ୍ପିଟାଲ। ଆମିକସ୍ କ୍ୟୁରିଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ପ୍ରଶାସନ ଉଚ୍ଛେଦ ଅଭିଯାନକୁ ଜୋର୍‌ଦାର କରିଛି। ଆଗକୁ ଏହି କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସୂଚନା ମିଳିଛି।

ଗତ ମଙ୍ଗଳବାର ବଡ଼ ଆଖଡା ମଠ ଭାଙ୍ଗିବାକୁ ପ୍ରଶାସନ ସ୍ଥିର କରିଥିଲା। ଅସୁରକ୍ଷିତ ଏହି ମଠକୁ ଭାଙ୍ଗିବା ଲାଗି ପ୍ରଶାସନ ପକ୍ଷରୁ ନୋଟିସ୍ ଦିଆଯିବା ପରେ ମଠରେ ଚାଲୁଥିବା ସିଂହଦ୍ୱାର ଥାନା ଏବଂ ଦୋକାନ ଘରଗୁଡ଼ିକ ମଧ୍ୟ ଖାଲି କରାଯାଇଥିଲା। ହେଲେ ସେହିଦିନ ସକାଳେ ମଠରେ ସାଧୁସନ୍ଥ ମେଳି ବାନ୍ଧିବା ସହ ଧାରଣା ଦେଇଥିଲେ। ଫଳରେ ପ୍ରଶାସନ ଉଚ୍ଛେଦରୁ ଦୂରେଇ ରହିଥିଲା। ଏହା ପରେ ମହନ୍ତଙ୍କୁ ଡାକି ଆଲୋଚନା କରାଯାଇଥିଲା। ତଥାପି ଏହାକୁ ନେଇ ଅସନ୍ତୋଷ ଲାଗି ରହିଥିଲା। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଉଚ୍ଛେଦର ବାସ୍ତବ ସ୍ଥିତି ପରଖିବାକୁ ଆସିଥିବା ଆମିକସ୍ କ୍ୟୁରି ରଞ୍ଜିତ କୁମାର ଶନିବାର ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସବୁଜ ସଙ୍କେତ ଦେବା ପରେ ପୁଣି ବଦଳି ଯାଇଥିଲା ସ୍ଥିତି। ଗଣେଶ ପୂଜା ଲାଗି ମଠ ସମ୍ମୁଖରେ ଦୁଇଟି ଅସ୍ଥାୟୀ ମଣ୍ଡପ ତିଆରି କରାଯାଇଥିବାରୁ ପ୍ରାୟ ୧୦ ବଖରା ଉଚ୍ଛେଦ ହୋଇପାରିନାହିଁ। ପ୍ରାୟ ସାଢେ ୫ଟାରେ ଗଣେଶଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯିବା ପରେ ଉଚ୍ଛେଦ ଆରମ୍ଭ କରାଯାଇଥିଲା। ହେଲେ ସନ୍ଧ୍ୟା ହୋଇଯିବାରୁ ପ୍ରଶାସନ ଉଚ୍ଛେଦକୁ ବନ୍ଦ କରିଥିଲା। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କରାଯାଇଥିଲା।

ଏହି ଉଚ୍ଛେଦ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଦାଶ କହିଛନ୍ତି, ବଡ଼ ଆଖଡା ମଠ ଗାଦିଘର, ମନ୍ଦିର ଏବଂ ପୂଜା ପାଇଁ ଆବଶ୍ୟକ ପ୍ରାୟ ୫ ବଖରା ଘର ବାଦ୍ ଦିଆଯାଇ ଅନ୍ୟାନ୍ୟ ନିର୍ମାଣକୁ ଭଙ୍ଗାଯାଇଛି। ବଳକା ଘର ସୋମବାର ଭଙ୍ଗାଯିବ। ଉଚ୍ଛେଦ କାର୍ଯ୍ୟକୁ ଶୃଙ୍ଖଳିତ କରିବା ଲାଗି ୬ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମେତ ଦୁଇ ସିଫ୍ଟରେ ୨୪ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ। ମଠ ଉଚ୍ଛେଦ କାର୍ଯ୍ୟ ପ୍ରାୟ ୨ ଦିନ ଲାଗିବ। ତେବେ ମଠରେ ରହୁଥିବା ବିଦ୍ୟାର୍ଥୀ ଏବଂ ଅନ୍ୟମାନଙ୍କ ରହିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଉଚ୍ଛେଦ ସ୍ଥଳରୁ ଭଗ୍ନାବଶେଷ ସ୍ଥାନାନ୍ତର କରାଯାଇ ସେହି ଜାଗାକୁ ସମତଳ କରାଯାଉଛି। ଏହାଦ୍ୱାରା ଭକ୍ତଙ୍କ ଯିବା ଆସିବାରେ ଯେପରି କୌଣସି ପ୍ରକାର ଅସୁବିଧା ନ ହେବ ତାହାକୁ ଦୃଷ୍ଟିରେ ରଖି ଏହା କରାଯାଉଛି ବୋଲି ଅତିରିକ୍ତ ଜିଲାପାଳ କହିଥିଲେ।



ବଡ଼ ଆଖଡ଼ା ମଠ ଭଙ୍ଗାଯାଉଛି।

- ମାଟିରେ ମିଶିଲା ୭୦ରୁ ଊର୍ଦ୍ଧ୍ୱ ବଖରା
- ଏବେ ସାନଛତା, ମଙ୍ଗୁ ମଠ ପାଳି
- ଭଙ୍ଗାଯିବ ମ୍ୟୁନିସିପାଲିଟି ହସ୍ପିଟାଲ

## ଭାଉଜଙ୍କୁ ହତ୍ୟା ପରେ ଦିଅରଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା, ୮।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ରିଡ଼ଁ ଗ୍ରାମ ପରଜାଟୋଲିରେ ରବିବାର ଅଭାବନୀୟ ଘଟଣା ଘଟିଛି। ଘରେ ଶୋଇଥିବା ଅବସ୍ଥାରେ ବଡ଼ ଭାଉଜ ମାନୀ ଭୂମିଜ(୪୮)ଙ୍କୁ ଦିଅର ଲଖିରାମ ଭୂମିଜ(୩୫) କଟୁରିରେ ହାଣି ହତ୍ୟା କରିଛନ୍ତି। ଏହି ଘଟଣା ଘରେ ଥିବା ଝିଆରୀ ଦେଖି ଭୟରେ ବାହାରକୁ ପଳାଇଥିଲେ। ଏହି ସମୟରେ ଲଖିରାମ ଭିତରପଟୁ ଘରର କବାଟ ବନ୍ଦ କରି ଭିତରେ ଦଉଡ଼ିରେ ନିଜେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଘଟଣାସ୍ଥଳରେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ହୃଷୀକେଶ ବେହେରା ଓ ପୋଲିସ ଟିମ୍ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ୪ ଦିନ ତଳେ ଲଖିରାମ ନିକଟସ୍ଥ କୋଏଲ ନଦୀକୁ ମାଛ ଧରିବା ପାଇଁ ଯାଇଥିଲେ। ଏହି ସମୟରେ ସେ କୁଆଡେ ଚମକି ପଡିଥିଲେ ବୋଲି ଘରେ କହିଥିଲେ। ହେଲେ ତା'ପରଠାରୁ ତାଙ୍କର ମାନସିକ ଅବସ୍ଥା ଖରାପ ହେବାକୁ ଲାଗିଥିଲା। ଏହା ଦେଖି ତାଙ୍କ ବଡ଼ଭାଇ ତଥା ମାନୀ ଭୂମିଜଙ୍କ ସ୍ୱାମୀ ମହେଶ୍ୱର ଓ ସାନଭାଇ ଟିକେଶ୍ୱର ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରବିବାର ଡାକ୍ତରଖାନାରୁ ଲଖିରାମଙ୍କୁ ଘରକୁ ଆଣିଥିଲେ। ସକାଳ ପ୍ରାୟ ସାଢେ ୮ଟା ପରେ ଲଖିରାମଙ୍କୁ ଘରେ ଛାଡି ଦୁଇ ଭାଇ ନିକଟସ୍ଥ କୋଏଲ ନଦୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ଲଖିରାମ ଡାକ୍ତରଖାନାରୁ ଫେରି ଘରେ ପହଞ୍ଚିଲା ପରେ ମାନୀ କୁଆଡେ ଘରେ ଶୋଇଥିଲେ। ଏହା ଦେଖି ରାଗରେ ସେ ଘରେ ଥିବା ଏକ କଟୁରୀରେ ତାଙ୍କ ଗଳାକୁ ଚୋଟ ମାରି ଗଣ୍ଡିରୁ ମୁଣ୍ଡକୁ ଅଲଗା କରିଦେଇଥିଲେ। ଗାଧୋଇ ସାରି ଘରକୁ ଫେରିବା ପରେ ଝିଅଠାରୁ ଶୁଣି କବାଟ ଭାଙ୍ଗି ଘର ଭିତରକୁ ମହେଶ୍ୱର ପଶିଥିଲେ। ପରେ ସେ ପୋଲିସକୁ ଖବର ଦେଇଥିଲେ।

### ■ ଆଜି ୮ ଜିଲାରେ ପ୍ରବଳ ବର୍ଷା
# ଆଭ୍ୟନ୍ତରୀଣ, ଉପକୂଳ ଓଡ଼ିଶାରେ ଝଡ଼ତୋଫାନ ସମ୍ଭାବନା

**ଭୁବନେଶ୍ୱର, ୮।୯(ବ୍ୟୁରୋ)**

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଏହିକ୍ରମରେ ଆସନ୍ତା ୨୪ ଘଣ୍ଟା ପ୍ରବଳ ବର୍ଷିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ରବିବାର ମାଲକାନଗିରିରେ ସର୍ବାଧିକ ୭୦.୨ ମିଲିମିଟର ବର୍ଷା ହୋଇଥିବାବେଳେ କେନ୍ଦୁଝରରେ ୪୯, କୋରାପୁଟରେ ୪୬.୨, ପୁରୀରେ ୩୦.୭, ଅନୁଗୋଳରେ ୨୪, କଟକରେ ୨୦.୪, ବାରିପଦାରେ ୧୪.୮ ମିମି ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା ଭୁବନେଶ୍ୱର, ବାଲେଶ୍ୱର, ଚାନ୍ଦବାଲି, ପାରାଦୀପ, ସୁନ୍ଦରଗଡ଼, ଭବାନୀପାଟଣା, ଟିଟିଲାଗଡ଼, ଦାରିଙ୍ଗବାଡ଼ି, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଜିଲାର କିଛି ସ୍ଥାନରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି। ସୋମବାର ମୟୂରଭଞ୍ଜ, କୋରାପୁଟ, ସମ୍ବଲପୁର, ନବରଙ୍ଗପୁର, ନୂଆପଡ଼ା, ଝାରସୁଗୁଡ଼ା, ବରଗଡ଼ ଓ କଳାହାଣ୍ଡି ଆଦି ୮ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସୋମବାର ଝଡ଼ତୋଫାନ ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସତର୍କ ସୂଚନା ଦେଇଛି। ବୁଧବାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ ଓ ଢେଙ୍କାନାଳ ଆଦି ୬ ଜିଲା ଏବଂ ଗୁରୁବାର କୋରାପୁଟ, ମାଲକାନଗିରି, ଭଦ୍ରକ, ଯାଜପୁର, କେନ୍ଦୁଝର, ଅନୁଗୋଳ, କଟକ, ସୁନ୍ଦରଗଡ଼, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର ଓ ସୋନପୁର ଆଦି ୧୨ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ଲାଞ୍ଚ ନେଇ ଏଏସ୍‌ଆଇ ଗିରଫ

**ଗୋଲାମୁଣ୍ଡା,୮।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଏଏସ୍‌ଆଇ ରାଜକପୁର ବେହେରା ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରବିବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ବିଭାଗ ଏ ନେଇ ଏକ ମାମଲା ରୁଜୁ କରି ତାଙ୍କୁ ଭବାନୀପାଟଣା ନେଇ ଅଧିକ ତଦନ୍ତ ଜାରି ରଖିଛି। ଗୋଲାମୁଣ୍ଡା ଥାନା ଡୁଡୁକେଲ ଗ୍ରାମର ତ୍ରିନାଥ ନାଏକଙ୍କ ଏକ କେସ୍‌ର ତଦନ୍ତ ଦାୟିତ୍ୱ ଏଏସ୍‌ଆଇ ବେହେରା ନେଇଥିଲେ। ତ୍ରିନାଥଙ୍କ ପରିବାରଙ୍କୁ ଗିରଫ ହେବାରୁ ବଞ୍ଚିତ ହେବା ପାଇଁ ଏଏସଆଇ ଟଙ୍କା ମାଗିଥିଲେ। ଏଥିପାଇଁ ନାଏକ ୭ ହଜାର ଟଙ୍କା ଦେଇଥିଲେ। ହେଲେ ବେହେରା ୨୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ତ୍ରିନାଥ କଳାହାଣ୍ଡି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ରବିବାର ତ୍ରିନାଥ ଏଏସ୍‌ଆଇଙ୍କୁ ୧୦ ହଜାର ଟଙ୍କା ଦେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ ତାଙ୍କୁ ଧରିଥିଲା। ଚଢାଉରେ କଳାହାଣ୍ଡି ଭିଜିଲାନ୍ସ ଡିଏସପି ସତ୍ୟବାନ ମହାନନ୍ଦ, ଇନ୍ସପେକ୍ଟର କଳାବତି ବାଗ, ନବରଙ୍ଗପୁର ଇନ୍ସପେକ୍ଟର ଦୀନବନ୍ଧୁ ବେହେରା, ଏଏସଆଇ ଉପେନ୍ଦ୍ର ଜାନି ପ୍ରମୁଖ ସାମିଲ ଥିଲେ।



ଗିରଫ ଏଏସ୍‌ଆଇ ରାଜକପୁର ବେହେରା।

## ଅନୁପ୍ରିୟା ଲାକ୍ରାଙ୍କୁ ଅଭିନନ୍ଦନ ଜଣାଇଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୮।୯(ବ୍ୟୁରୋ)**

ଆଦିବାସୀ ଓଡ଼ିଆ ଝିଅ ଅନୁପ୍ରିୟା ଲାକ୍ରା ବିମାନ ଉଡାଇବାକୁ ନିଯୁକ୍ତି ପାଇବାପରେ ଏହାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ, ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ। ଏହା ମାଲକାନଗିରି ଝିଅ ଅନୁପ୍ରିୟା ଲାକ୍ରା ପ୍ରମାଣ କରିଛନ୍ତି। ଅନୁପ୍ରିୟା ବହୁ ବାଧା ବିଘ୍ନକୁ ସାମ୍ନାକରି ଏକ ଘରୋଇ ଏୟାର ଲାଇସେନ୍ସରେ କୋ ପାଇଲଟ ଭାବେ ନିଯୁକ୍ତି ପାଇଛନ୍ତି। ଏଥିପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଏହି ଅଧ୍ୟବସାୟ ଯୁବପିଢ଼ିଙ୍କୁ ଏବଂ ବିଶେଷଭାବେ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବ ବୋଲି ସେ କହିଛନ୍ତି।

# ମହିଳାଙ୍କୁ ବଳାତ୍କାର ପରେ ବ୍ଲାକମେଲ
### ■ ଥାନାରେ ଅଭିଯୋଗ,ଅଭିଯୁକ୍ତ କମ୍ପାନୀ ମାଲିକ ଗିରଫ

**ରାଉରକେଲା ଅଫିସ,୮।୯**

ରଘୁନାଥପାଲି ଥାନା ଛେଣ୍ଡ କଲୋନୀ ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ପରେ ବ୍ଲାକମେଲ କରାଯାଉଥିବା ଥାନାରେ ଅଭିଯୋଗ ହୋଇଛି। ଛେଣ୍ଡ କଲୋନୀ ନିକଟରେ ଥିବା ଏକ ଧୂପକାଠି ପ୍ରସ୍ତୁତକାରୀ କମ୍ପାନୀର ମାଲିକ ମହେଶ୍ୱର ପୃଷ୍ଟି ସେଠାରେ କାର୍ଯ୍ୟରତ ସମ୍ପୃକ୍ତା ବିବାହିତା ମହିଳାଙ୍କୁ ବଳାତ୍କାର କରିବା ସହ ତାଙ୍କ ସ୍ୱାମୀଙ୍କୁ ହତ୍ୟା ଓ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଉଥିବା ନେଇ ପୀଡ଼ିତା ଥାନାରେ ଅଭିଯୋଗ କରିଛନ୍ତି। ଏପରି କି ଅଭିଯୁକ୍ତ ଜଣକ ଫେସ୍‌ବୁକରେ ମହିଳାଙ୍କ ଫେକ୍ ଆଇଡି ଖୋଲି ଅଶ୍ଳୀଳ ମେସେଜ ଲେଖି ତାଙ୍କୁ ବ୍ଲାକମେଲ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ରବିବାର ମହେଶ୍ୱରଙ୍କୁ ପୋଲିସ ଗିରଫ କରିଛି। ଧୂପକାଠି ପ୍ରସ୍ତୁତକାରୀ କମ୍ପାନୀରେ ମହିଳା ଜଣକ କାର୍ଯ୍ୟ କରୁଥିଲେ। ମହିଳା ଜଣକ ଏକାକୀ ଥିବାର ସୁଯୋଗ ନେଇ ମହେଶ୍ୱର ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତା ଏହାକୁ ବିରୋଧ କରିବାରୁ ତାଙ୍କ ସ୍ୱାମୀଙ୍କୁ ଜୀବନରେ ମାରିଦେବାକୁ ମହେଶ୍ୱର ଧମକ ଦେଇଥିଲେ। ଫଳରେ ବାଧ୍ୟ ହୋଇ ମହିଳା ଜଣକ ମୁହଁ ବନ୍ଦ ରଖିଥିଲେ। ମାତ୍ର ଦିନକୁ ଦିନ ମହେଶ୍ୱରଙ୍କ ଅତ୍ୟାଚାର ବୃଦ୍ଧି ପାଇବା ଫଳରେ ମହିଳା ଉକ୍ତ କମ୍ପାନୀରୁ ଚାକିରି ଛାଡ଼ି ଦେଇଥିଲେ। ଏହା ସତ୍ତ୍ୱେ ବି ମହେଶ୍ୱର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିଥିଲେ। ନଚେତ୍ ପୂର୍ବରୁ ରେକର୍ଡ କରିଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଓ ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଅପ୍‌ଲୋଡ କରିଦେବାକୁ ଧମକ ଦେଇଥିଲେ। ତଥାପି ମହିଳା ଜଣକ ରାଜି ନ ହେବାରୁ ମହେଶ୍ୱର ତାଙ୍କ ନାମରେ ଏକ ଫେସବୁକ ଆଇଡି ଖୋଲି ସେଥିରେ ଅନ୍ତରଙ୍ଗ ମୁହୂର୍ତ୍ତର ସମସ୍ତ ଫଟୋ ଅପ୍‌ଲୋଡ କରିବା ସହ ଅଶ୍ଳୀଳ ମେସେଜ ଭାଇରାଲ କରିଥିଲେ। ଶେଷରେ ଶନିବାର ରାତିରେ ମହିଳା ରଘୁନାଥପାଲି ଥାନାରେ ମହେଶ୍ୱରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ବଳାତ୍କାର, ବ୍ଲାକମେଲିଂ ଓ ଆଇଟି ଆକ୍ଟରେ ଏକ ମାମଲା (ନଂ-୨୦୮/୧୯) ରୁଜୁ କରିଛି। ଫେରାର ଥିବା ମହେଶ୍ୱରଙ୍କୁ ରବିବାର ପୋଲିସ ଗିରଫ କରିବାରେ ସଫଳ ହୋଇଛି।



ଅଭିଯୁକ୍ତ ମହେଶ୍ୱର ପୃଷ୍ଟି।

# ଜଗନ୍ନାଥଙ୍କ ନାଁରେ ଅରୁଚିକର ମନ୍ତବ୍ୟ
### ■ ଇସ୍କନ କର୍ମକର୍ତ୍ତାଙ୍କ ନାଁରେ ଛେଣ୍ଡ ଥାନାରେ ଅଭିଯୋଗ

**ରାଉରକେଲା ଅଫିସ,୮।୯**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଦେବା ଓ ଜଗନ୍ନାଥ ସଂସ୍କୃତିକୁ ନିନ୍ଦା କରିବା ପ୍ରତିବାଦରେ ସାମାଜିକ ଅନୁଷ୍ଠାନ ଲିଡ୍ ରାଉରକେଲା ପକ୍ଷରୁ ରବିବାର ସନ୍ଧ୍ୟାରେ ଜଣେ ଇସ୍କନ କର୍ମକର୍ତ୍ତାଙ୍କ ବିରୋଧରେ ଛେଣ୍ଡ ଥାନାରେ ଅଭିଯୋଗ ହୋଇଛି। ଛେଣ୍ଡ କଲୋନୀ ବାସିନ୍ଦା ତଥା ଲିଡ୍ ରାଉରକେଲା କର୍ମକର୍ତ୍ତା ରଶ୍ମିବାଳା ମିଶ୍ର ଅଭିଯୋଗରେ ଦର୍ଶାଇଛନ୍ତି ଯେ ଲୁଧିଆନା ଇସ୍କନ ସଂସ୍ଥା ପକ୍ଷରୁ ଆସନ୍ତା ନଭେମ୍ବରରେ ମହାପ୍ରଭୁଙ୍କ ଅଦିନିଆ ରଥଯାତ୍ରା ପାଳନ ହେବାକୁ ଯାଉଛି। ଏହି ରଥଯାତ୍ରାର ଯଥାର୍ଥତା ଦର୍ଶାଇବାକୁ ଯାଇ ଇସ୍କନ ପ୍ରବକ୍ତା ଅମିତ ଗର୍ଗ ଶ୍ରୀଜଗନ୍ନାଥଙ୍କ ଆଡ଼କୁ ଅଙ୍ଗୁଳି ଉଠାଇବାକୁ ସାହସ କରିଛନ୍ତି। ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଗର୍ଗ ଶ୍ରୀଜଗନ୍ନାଥ, ଓଡ଼ିଆ ଓ ସନାତନଧର୍ମୀଙ୍କୁ କୁତ୍ସାରଟନା କରିଛନ୍ତି। ଧର୍ମ ନାଁରେ ଶ୍ରୀକ୍ଷେତ୍ରରେ ଧନ୍ଦା ଚାଲିଛି। ୧୯୯୨ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ କିମ୍ବା ପୁରୀ ସଂକ୍ରାନ୍ତରେ କୌଣସି ତଥ୍ୟ ନ ଥିଲା। କେବଳ ଇସ୍କନ ଦ୍ୱାରା ହିଁ ଜଗନ୍ନାଥ ପରିଚୟ ପାଇଛନ୍ତି। ଇସ୍କନ ପ୍ରସ୍ତୁତ ପ୍ରସାଦ ସହ ସେ ଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦକୁ ତୁଳନା କରି ମହାପ୍ରସାଦକୁ ନିମ୍ନମାନର ବୋଲି କହିଛନ୍ତି। ଗର୍ଗଙ୍କ ଏପରି ଟିପ୍ପଣୀ ଶ୍ରୀଜଗନ୍ନାଥ ସଂସ୍କୃତି, ଐତିହ୍ୟ, ପରମ୍ପରା ପ୍ରତି ଅପମାନ ଓ ଆଘାତ ବୋଲି ମିଶ୍ର ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି ଗର୍ଗଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଥାନାଧିକାରୀଙ୍କୁ ପଚରାଯିବାରୁ ସେ କହିଲେ, ଅଭିଯୋଗ ମିଳିଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ।



ଲିଡ୍ ରାଉରକେଲା ପକ୍ଷରୁ ଛେଣ୍ଡ ଥାନାରେ ଅଭିଯୋଗ କରାଯାଉଛି।



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଶିତୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


■ ରାଜ୍ୟ ସରକାରଙ୍କୁ କେନ୍ଦ୍ରର ପରାମର୍ଶ

# ସଡ଼କ ନିର୍ମାଣରେ ବର୍ଜ୍ୟ ପ୍ଲାଷ୍ଟିକ ବ୍ୟବହାର କର

ଭୁବନେଶ୍ୱର, ୮।୯(ବ୍ୟୁରୋ)

ସଡ଼କ ନର୍ମାଣ କ୍ଷେତ୍ରରେ ପ୍ଲାଷ୍ଟିକ ବ୍ୟବହାର କରାଯାଇପାରିବ। ଏ ନେଇ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ନିର୍ମାଣ ହେଉଥିବା ସଡ଼କରେ ବର୍ଜ୍ୟ ପ୍ଲାଷ୍ଟିକ ବ୍ୟବହାର ଲାଗି କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ସଚିବ ଅମରଜିତ ସିହ୍ନା ରାଜ୍ୟ ସରକାରଙ୍କୁ ପରମର୍ଶ ଦେଇଛନ୍ତି। ପିଏମ୍‌ଜିଏସ୍‌ୱାଇ ସଡ଼କର ସମୀକ୍ଷା ପାଇଁ ଅମରଜିତ ସିହ୍ନା ବାରମ୍ବାର ଓଡ଼ିଶା ଗସ୍ତରେ ଆସି ବର୍ଜ୍ୟ ପ୍ଲାଷ୍ଟିକ ପୂର୍ଣ୍ଣ ଭାବେ ସଡ଼କ କାମରେ ଲାଗିପାରିବ ବୋଲି ହୃଦ୍‌ବୋଧ କରିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଏଭଳି ବର୍ଜ୍ୟ ପ୍ଲାଷ୍ଟିକ ବ୍ୟବହାର କରାଯାଇ ପ୍ରାୟ ୧୩ ହଜାର କିଲୋମିଟର ସଡ଼କ ନିର୍ମାଣ ହୋଇ ସାରିଲାଣି। ସହରାଞ୍ଚଳରେ ପ୍ଲାଷ୍ଟିକ ବର୍ଜ୍ୟ ଗୁଡ଼ିକ ନାଳ ନର୍ଦ୍ଦମା ଜାମ୍ କରୁଥିବାବେଳେ ଏହାର ଠିକଣା ବ୍ୟବହାର ଜରୁରୀ ହୋଇପଡ଼ିଛି। ଏଭଳି ସ୍ଥିତିରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ପକ୍ଷରୁ ସଡ଼କ ନିର୍ମାଣରେ ପ୍ଲାଷ୍ଟିକ ବ୍ୟବହାରକୁ ଅନୁମତି ଦିଆଯିବା ପରେ ରାଜ୍ୟକୁ ମିଳିଛି ବଡ଼ ଆଶ୍ୱସ୍ତି। ୪ ଏମ୍‌ଏମ୍‌ରୁ କମ୍ ମାନର ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରି ତାକୁ ପିଚୁ ସହିତ ମିଶାଇ ସଡ଼କ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ପ୍ଲାଷ୍ଟିକ୍‌କୁ ସଡ଼କ ନିର୍ମାଣରେ ବ୍ୟବହାର କରାଗଲେ ଗୋଟିଏ ପଟେ ଏହା ବର୍ଜ୍ୟ ପ୍ଲାଷ୍ଟିକ ବ୍ୟବହାର ସହିତ ଅନ୍ୟପଟେ ରାସ୍ତାକୁ ଦୀର୍ଘସ୍ଥାୟୀ କରିବ। ସଡ଼କ ନିର୍ମାଣରେ ପ୍ଲାଷ୍ଟିକ ବ୍ୟବହାର କରାଗଲେ ରାସ୍ତା ଦୃଢ଼ ହୋଇଥାଏ। ଏହି ସଡ଼କଗୁଡ଼ିକ ବର୍ଷାକୁ ସହିବା ସହିତ ଦୀର୍ଘସ୍ଥାୟୀ ହୋଇଥାଏ। ଅନେକ ସମୟରେ ପ୍ରବଳ ବର୍ଷା ଯୋଗୁ ସଡ଼କ କ୍ଷତିଗ୍ରସ୍ତ ହୋଇଥାଏ। ରାସ୍ତା କାମରେ ପ୍ଲାଷ୍ଟିକ ବ୍ୟବହାର ହେଲେ ଏହା ୮୦ ପ୍ରତିଶତ ପିଚୁ ବ୍ୟବହାର ହ୍ରାସ କରିବ, ଯାହାକି ପରିବେଶ ଦୃଷ୍ଟିରୁ ମଧ୍ୟ ଲାଭଦାୟକ ହେବ ବୋଲି କୁହାଯାଉଛି।

■ ମୃତ ଶିଶୁପୁତ୍ରକୁ ଜୀବିତ ପାଇଁ ଉଦ୍ୟମ

# ମଙ୍ଗଳା ମନ୍ଦିରରେ ଅଧିଆ ପଡ଼ିଲେ ମା'

ଡୁବୁରୀ,୮।୯(ଡି.ଏନ୍.ଏ.)

ଅସୁସ୍ଥତା କାରଣରୁ ମେଡିକାଲରେ ମୃତ୍ୟୁବରଣ କରିଥିବା ଏକ ଶିଶୁପୁତ୍ରକୁ ବଞ୍ଚାଇବାକୁ ପରିବାର ଲୋକେ ଉଦ୍ୟମ କରିଛନ୍ତି। ପ୍ରଥମେ ଗୁଣିଆ ଦ୍ୱାରା ଝଡ଼ାଫୁଙ୍କା କରିଥିଲେ। ଏଥିରେ ବିଫଳ ହେବାରୁ ମା' ଶିଶୁକୁ ଧରି ରବିବାର ମଙ୍ଗଳା ମନ୍ଦିରରେ ଅଧିଆ ପଡ଼ିଥିଲେ। ହେଲେ ଶିଶୁପୁତ୍ର ଜୀବିତ ନ ହେବାରୁ ସେ ନିରାଶ ହୋଇ ଘରକୁ ଫେରିଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଜଖପୁରା ଥାନା ଅଧୀନ ବରପାଳ ଗ୍ରାମରେ। ଏହି ଗ୍ରାମର ଧନୁ ନାୟକ ଓ ଚିନୁ ନାୟକଙ୍କ ୬ ମାସର ଶିଶୁପୁତ୍ର ୭ ଦିନ ତଳେ ଥଣ୍ଡା ଜ୍ୱର ଓ କଫରେ ଆକ୍ରାନ୍ତ ହୋଇଥିଲା। ତାକୁ ଭଲ କରିବା ପାଇଁ ପ୍ରଥମେ ଡାକ୍ତରଖାନା ନେବା ପରିବର୍ତ୍ତେ ଡୁବୁରୀ ଅଞ୍ଚଳକୁ ନେଇ ଝଡାଫୁଙ୍କା କରାଇଥିଲେ। ଏଥିରେ କୁଆଡେ ଶିଶୁପୁତ୍ରର ଦେହ ଟିକେ ଭଲ ହୋଇଥିଲା। ପରେ ମା'ବାପା ତାକୁ ନେଇ ଘରକୁ ଚାଲିଯାଇଥିଲେ। ଶନିବାର ପୁଣି ଶିଶୁପୁତ୍ରକୁ ଜ୍ୱର ଓ କାଶ ହେବାରୁ ତାକୁ ଦାନଗଡ଼ୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତା'ର ମୃତ୍ୟୁ ହୋଇଥିଲା। ପରେ ଶିଶୁପୁତ୍ରକୁ ମା'ବାପା ଘରକୁ ନେଇଯାଇଥିଲେ। ହେଲେ ରବିବାର ସକାଳୁ ମୃତ ଶିଶୁପୁତ୍ରକୁ ଧରି ତାର ମା' ଡୁବୁରୀ ଡାବା ଛକ ନିକଟ ମା'ମଙ୍ଗଳାଙ୍କ ମନ୍ଦିରରେ ଅଧିଆ ପଡ଼ିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଅଧିଆ ପଡ଼ିବା ପରେ ମୃତ ଶିଶୁ ଜୀବିତ ହୋଇ ନ ଥିଲା। ଏହାପରେ ସ୍ଥାନୀୟ କିଛି ଲୋକଙ୍କ ପରାମର୍ଶ କ୍ରମେ ଶିଶୁପୁତ୍ରକୁ ନେଇ ମା' ଡୁବୁରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ପୂର୍ବରୁ ଶିଶୁପୁତ୍ରର ମୃତ୍ୟୁ ହୋଇଥିବାରୁ ଡାକ୍ତର ତାଙ୍କୁ ଘରକୁ ଫେରାଇ ଦେଇଥିଲେ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।



ମଙ୍ଗଳାଙ୍କ ନିକଟରେ ମୃତ ଶିଶୁପୁତ୍ରକୁ ଧରି ଅଧିଆ ପଡ଼ିଛନ୍ତି ମା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚତୁର୍ଥ ଭାବରୁ ଚନ୍ଦ୍ର ଷଷ୍ଠଭାବସ୍ଥ ଯୋଗୁ ଆପଣ ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଉପକୃତ ହେବେ। କିନ୍ତୁ ଲୋକସମ୍ପର୍କ କ୍ଷୁଣ୍ଣହେବା ସହ ପାରିବାରିକ ମତପାର୍ଥକ୍ୟ ତୀବ୍ରତର ହୋଇପାରେ। ଶୁକ୍ରଙ୍କ ପ୍ରଭାବରୁ ଯାନବାହନ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ଲାଭରୁ ଖୁସି ହୋଇପାରନ୍ତି। ସହକର୍ମୀଙ୍କ ସହ କଳହର ଆଶଙ୍କା ମଧ୍ୟ ରହିଛି।

**ବୃଷ** କର୍ମସ୍ଥାନ ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟି ବହୁବିଧ କର୍ମରେ ଅନୁପ୍ରବେଶରୁ ବ୍ୟସ୍ତତା ବୃଦ୍ଧି ପାଇବ। ଅନ୍ୟମନସ୍କ କିମ୍ବା ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟନଷ୍ଟ ହେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। କନ୍ୟା ସନ୍ତାନଙ୍କ ବୈବାହିକ ସମ୍ପର୍କ ପାଇଁ ପ୍ରସ୍ତାବ ଆସିପାରେ।

**ମିଥୁନ** କର୍ମଭାବ ଶୁଭଦୃଷ୍ଟି ଯୋଗୁ କାର୍ଯ୍ୟ ହାସଲରେ ପ୍ରତିବନ୍ଧକ ରହିବନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସାମାଜିକ ସ୍ତରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସନ୍ଦେହ କିମ୍ବା ଭୁଲ୍ ବୁଝାମଣା ଜନିତ ପାରିବାରିକ ସମସ୍ୟା ଦେଖାଦେଇପାରେ।

**କର୍କଟ** ଏକାଧିକ ଗ୍ରହ ଦ୍ୱିତୀୟ ଭାବରେ ଆପଣଙ୍କ କଥାବାର୍ତ୍ତାକୁ ପ୍ରଭାବିତ କରିପାରନ୍ତି। ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବାର ଆଶା ରହିଛି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ଆପଣଙ୍କୁ ସାହାଯ୍ୟ ମିଳିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ଗ୍ରହମାନଙ୍କ ସୁପ୍ରଭାବରେ ଆପଣ ଯେତେ ବଡ଼ ଦୁଷ୍କର କାମ ହେଲେ ମଧ୍ୟ କରିବାରେ ସଫଳ ହେବେ। ବିବାଦ, ପ୍ରତିଦ୍ୱନ୍ଦ୍ୱିତା,ମାଲିମକଦ୍ଦମା ଆପଣଙ୍କ ସପକ୍ଷରେ ଯାଇପାରେ। ପୂର୍ବରୁ ଅଟକି ରହିଥିବା ଅର୍ଥଲାଭରୁ ମନ ଖୁସି ହୋଇଯିବ। ଆଜିର ଯାତ୍ରା, ସଭାସମିତି, ବନ୍ଧୁମିଳନ ଓ ଅର୍ଥସମ୍ପର୍କ ପ୍ରାୟତଃ ମନ୍ଦ ହେବନି।

**କନ୍ୟା** ପରିବର୍ତ୍ତିତ ସମୟ ଆପଣଙ୍କ ପାଇଁ ଦୁଶ୍ଚିନ୍ତା ସୃଷ୍ଟି କରିବାର ଆଶଙ୍କା ରହିଛି। ଦ୍ୱନ୍ଦ୍ୱଯୁକ୍ତ ହୋଇ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ବହୁ ବିଳମ୍ବରେ ଓ କଷ୍ଟର ସହ ପାଇବେ । କେହି ଜଣେ ବନ୍ଧୁଙ୍କଠାରୁ ଅର୍ଥ ପ୍ରାପ୍ତି ହେବେ।

**ତୁଳା** କିଛି ଭଲ ଓ ମନ୍ଦର ମିଶ୍ରିତ ଫଳକୁ ନେଇ ଆଜି ଦିନଟି ଅତିବାହିତ ହେବ। ସମସ୍ୟାର ସରଳ ସମାଧାନ କରିବା ପାଇଁ ଉଦ୍ୟମ କରି ସଫଳତା ପାଇବେ। ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ କୌଣସି କାମ ଶେଷ ମୁହୂର୍ତ୍ତରେ ବିଗିଡି ଯିବାର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ ଆଜି ବିଶେଷ ଲାଭ ନ ହେଲେ ମଧ୍ୟ କ୍ଷତି ହେବ ନାହିଁ।

**ବିଛା** ଆପଣ ଯେତିକି ଯାହା ଆଶା ବାନ୍ଧି ବସିଥିଲେ ଆକସ୍ମିକ ଭାବରେ ତାହା ବଦଳି ଯାଇପାରେ। ତଥାପି ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ଅନ୍ୟମାନଙ୍କଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ କରି ଖୁସି ହେବେ। ଶିଳ୍ପ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି।

**ଧନୁ** ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ଉପୁଜିବାର ଆଶଙ୍କା ରହିଛି। ନିଜ ପରିସରରେ ଅସ୍ୱାଭାବିକ ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ। ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବିଳାସବ୍ୟସନ ମଧ୍ୟରେ ଦିନଟି କଟାଇପାରନ୍ତି।

**ମକର** ଶନିଙ୍କ ଦୃଷ୍ଟିରେ ଆକସ୍ମିକ ଅର୍ଥ, ସମ୍ମାନ, ଲୋକ ସମର୍ଥନ, କଚେରି ମାମଲାରେ ଜୟଲାଭ କରିପାରନ୍ତି। ଆପଣଙ୍କର ବ୍ୟବହାର ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାମଟି ଆଜି କରିପାରିବେ ନାହିଁ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ନିୟନ୍ତ୍ରଣ ଭିତରେ ରହିବ। ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ ଓ କାମ ହାସଲ କରିବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବାରେ ନିଜର ତ୍ୟାଗ ଓ କୌଶଳ କାମକୁ ଆସିବ। କୌଣସି ଅତୀତ ଘଟଣା ବିଷୟରେ ଭାବପ୍ରବଣତା ଯୋଗୁ ସାୟାହ୍ନେ ନୈରାଶ୍ୟ ଅନୁଭବ କରିପାରନ୍ତି।

**ମୀନ** ଏକାଧିକ ଗ୍ରହ ଦ୍ୱାଦଶ ସ୍ଥାନକୁ ଦେଖୁଥିବାରୁ ଆକସ୍ମିକ ସ୍ଥାନାନ୍ତର ସାଙ୍ଗକୁ ବ୍ୟୟ ବୃଦ୍ଧି ଘଟିବ। ପାରିବାରିକ କ୍ଷେତ୍ରରେ ଅନ୍ୟମାନେ ଦୋଷ ଖୋଜି ବୁଲିବେ ଓ ସମସ୍ୟା ସମାଧାନ ବଦଳରେ ବଢେଇଦେବେ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ଶୁଭଫଳ ପାଇବେ। ସଭାସମିତି, କଳା, ସାହିତ୍ୟରେ କିଛିଟା ଶୁଭ ସୂଚନା ଦେଖିପାରିବେ।

ଆଜି ଶ୍ରୀବିଷ୍ଣୁ ପାର୍ଶ୍ୱ ପରିବର୍ତ୍ତନ (ବଡ଼)ଏକାଦଶୀ ସୋମବାର, ସେପ୍ଟେମ୍ବର ୯ ତାରିଖ, ଦିବା ଘ୯ ।୧୨ମି. ପର୍ଯ୍ୟନ୍ତ ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ସିଂହରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ୬ ।୫୨ମି. ମଧ୍ୟେ, ଘ୧ ।୫୨ମି. ଗତେ ଘ୨ ।୪୫ମି. ମଧ୍ୟେ ଅମୃତବେଳା। ସକାଳ ଘ୮ ।୩୦ମି. ଗତେ ଘ୧୦ ।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭ ।୦୮ମି. ଗତେ ଘ୮ ।୪୦ମି. ମଧ୍ୟେ ରାହୁକାଳ।

## ବିଷାକ୍ତ ହେଉଛି...

ସବୁଜ ବିପ୍ଳବ ଆରମ୍ଭ ହେବା ପରଠାରୁ ଅର୍ଥାତ୍ ୮୦ ଦଶକରୁ ଅଧିକ ଉତ୍ପାଦନ ପାଇଁ ଜମିବାଡ଼ିରେ ପ୍ରଚୁର ମାତ୍ରାରେ ରାସାୟନିକ ସାର ପ୍ରୟୋଗ ଚାଲିଛି। ଏହାର ଭୟାନକ ପ୍ରଭାବ ଏବେ ମାନବ ସ୍ୱାସ୍ଥ୍ୟ ଉପରେ ପଡ଼ିଲାଣି। ରାସାୟନିକଯୁକ୍ତ ଖାଦ୍ୟ ଯୋଗୁ ହୃଦ୍‌ରୋଗ, କର୍କଟ ରୋଗ, ରକ୍ତଶର୍କରା, କିଡ୍‌ନୀ ନଷ୍ଟ ଭଳି ଦୁରାରୋଗ୍ୟ ବ୍ୟାପି ଚାଲିଛି। ଗୋଟିଏ ପଟେ ରୋଗ ବଢୁଥିବାବେଳେ ଅନ୍ୟପଟେ ସରକାରୀ ଉଦାସୀନତା ଏବଂ ଚାଷୀଙ୍କର ସଚେତନତା ଅଭାବ ଯୋଗୁ ପରିସ୍ଥିତି ବିଗିଡ଼ିବାରେ ଲାଗିଛି।

କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ରାଜ୍ୟର ୧୭ଟି ଜିଲାକୁ ଗତ ୨/୩ ବର୍ଷ ହେବ ମୋବାଇଲ ମୃତ୍ତିକା ପରୀକ୍ଷା ଭ୍ୟାନ ଯୋଗାଇ ଦିଆଯାଇଛି। ଏଥିସହିତ ୨୭ଟି ଜିଲାରେ ମୃତ୍ତିକା ପରୀକ୍ଷା ଲାବୋରେଟୋରି ନିର୍ମାଣ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଅନୁଯାୟୀ ମାଟିର ୧୨ଟି ବିଷୟ ପରୀକ୍ଷା କରିବାକୁ କୁହାଯାଇଥିବା ବେଳେ ମାତ୍ର ୭ଟି ପରୀକ୍ଷା ହେଉଛି। ତେବେ ଯେଉଁ ମୋବାଇଲ ଭ୍ୟାନ୍ ବୁଲୁଛି ତାହା କେବଳ ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ଛିଡ଼ା ହେଉଛି। ଚାଷୀମାନଙ୍କୁ କେବଳ ମାଟି ସ୍ୱାସ୍ଥ୍ୟ କାର୍ଡ ଦେଇ ଛାଡ଼ି ଦିଆଯାଉଛି। ଚାଷୀମାନେ ମଧ୍ୟ ଏ ଦିଗରେ ସଚେତନ ହେଉ ନାହାନ୍ତି। ଗାଁ ଗଣ୍ଡାରେ ଗୋରୁ ସଂଖ୍ୟା କମିବାରୁ ଜୈବିକ ଖତ ମଧ୍ୟ ମିଳୁନାହିଁ। ପାରମ୍ପରିକ ଲମ୍ବା ଧାନଗଛ ଉଭେଇଗଲାଣି। ସଙ୍କର ଜାତୀୟ ଫସଲ ଯୋଗୁ ମାଟିରେ ନଡ଼ା ପଚିବାର ସମ୍ଭାବନା ନାହିଁ। ଧାନ ବିଲରେ ନଡ଼ା ପୋଡ଼ିବା ଯୋଗୁ ମାଟିର ଉର୍ବରତା ନଷ୍ଟ ହେଉଛି। ପଞ୍ଜାବ, ହରିୟାଣାରେ ନଡ଼ା ପୋଡ଼ିବା ବେମାରି ଓଡ଼ିଶାକୁ ମଧ୍ୟ ଛୁଇଁଲାଣି। ଏଥରୁ ଚାଷୀଙ୍କୁ ଦୂରେଇ ରଖିବା ପାଇଁ ଖୁବ୍‌ଶୀଘ୍ର କୃଷି ବର୍ଜ୍ୟବସ୍ତୁ ପରିଚାଳନା ସ୍କିମ୍ କାର୍ଯ୍ୟକାରୀ ହେବାକୁ ଯାଉଛି। ପ୍ରତ୍ୟେକ ଜିଲାରେ ମାଟି ପରୀକ୍ଷା ଲାବୋରେଟୋରି ଓ ମୋବାଇଲ ଭ୍ୟାନ ପାଇଁ ନିଷ୍ପତ୍ତି ହୋଇଛି। ଚାଷୀମାନେ ସଚେତନ ହେବା ଦରକାର ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

କୃଷି ବିଶେଷଜ୍ଞ ତଥା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ, ରାଜ୍ୟରେ ମାଟିର ଉର୍ବରତା ହ୍ରାସ ପାଇବାରେ ଲାଗିଛି। ପଞ୍ଜାବ ଓ ହରିୟାଣାରେ ଅତ୍ୟଧିକ ସାର ପ୍ରୟୋଗ ଯୋଗୁ ମାଟିର ଉର୍ବରତା ସମ୍ପୂର୍ଣ୍ଣ ଉଜୁଡ଼ିବାକୁ ବସିଲାଣି। ଓଡ଼ିଶାରେ ମଧ୍ୟ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି। ତୁରନ୍ତ ଏ ଦିଗରେ ସରକାର ପଦକ୍ଷେପ ନେବା ସହ ଚାଷୀମାନେ ସଚେତନ ହେବା ଦରକାର ବୋଲି ପଶୁପାଳକ କହିଛନ୍ତି।

## ରାମ ଜେଠମାଲାନିଙ୍କ...

ଶ୍ମଶାନରେ ସମ୍ପନ୍ନ ହୋଇଛି। ଜେଠମାଲାନିଙ୍କ ପାଖରେ ପୁଅ ମହେଶ ରହିଥିବାବେଳେ ଝିଅ ଆମେରିକାରେ ରହୁଛନ୍ତି। ଅନ୍ୟତମ ଝିଅ ରାନି ଏବଂ ପୁଅ ଜନକଙ୍କ ପୂର୍ବରୁ ମୃତ୍ୟୁ ହୋଇଯାଇଛି।

ଜେଠମାଲାନି ଅନେକ ଗୁରୁତ୍ୱପୂର୍ଣ୍ଣ ଫୌଜଦାରି ମାମଲା ଲଢ଼ି ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ସେ ଅଭିଯୁକ୍ତମାନଙ୍କ ପାଇଁ ଲଢ଼ିଥିଲେ। ଅଟଳ ବିହାରୀ ବାଜପେୟୀ ସରକାରରେ ସେ ଆଇନ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଥିଲେ। ପରବର୍ତ୍ତୀ ସମୟରେ ୨୦୦୪ରେ ସେ ଲକ୍ଷ୍ନୌ ଆସନରୁ ବାଜପେୟୀଙ୍କ ବିରୋଧରେ ଲୋକ ସଭା ନିର୍ବାଚନ ଲଢ଼ିଥିଲେ। ୨୦୧୦ରେ ସେ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ୍‌ର ସଭାପତି ଥିଲେ।

ତାଙ୍କର ପରଲୋକ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ପ୍ରମୁଖ ଜେଠମାଲାନିଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ଷିୟାନ ଆଇନଜୀବୀ ରାମ ଜେଠମାଲାନିଙ୍କ ପରଲୋକରେ ମର୍ମାହତ ବୋଲି ରାଷ୍ଟ୍ରପତି କହିଛନ୍ତି। ସର୍ବସାଧାରଣ ପ୍ରସଙ୍ଗରେ ମତାମତ ଉପସ୍ଥାପନ କରିବାରେ ସେ ବେଶ୍ ଜଣାଶୁଣା ଥିଲେ। ଦେଶ ଜଣେ ପ୍ରଖ୍ୟାତ ଆଇନଜ୍ଞ, ବିଦ୍ୱାନ ଓ ଜ୍ଞାନୀବ୍ୟକ୍ତିଙ୍କୁ ହରାଇଲା ବୋଲି ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଜେଠମାଲାନୀ ଭାରତର ଅନ୍ୟତମ ଶ୍ରେଷ୍ଠ ପ୍ରତିଭାବାନ ବ୍ୟକ୍ତି। ତାଙ୍କ ପରଲୋକରେ ଦେଶ ଜଣେ ଜ୍ଞାନୀ, ଦେଶଭକ୍ତ, ଖ୍ୟାତନାମା ଆଇନଜ୍ଞଙ୍କୁ ହରାଇଲା ବୋଲି ଉପରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଦେଶ ଜଣେ ଅସାଧାରଣ ଆଇନଜୀବୀଙ୍କୁ ହରାଇଲା, ଯାହାଙ୍କର ଅଦାଲତ ଏବଂ ପାର୍ଲାମେଣ୍ଟକୁ ଅନେକ ଅବଦାନ ଥିଲା ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଜେଠମାଲାନିଙ୍କ ପରଲୋକ ସମଗ୍ର ନ୍ୟାୟ ବିଭାଗ ପାଇଁ ଅପୂରଣୀୟ କ୍ଷତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ପଶ୍ଚିମ ଓଡ଼ିଶା...

ଆମ୍ବଭୋନା, ଅତାବିରା, ବରଗଡ଼ ଓ ଭଟଲୀ ଆଦି ୪ଟି ବ୍ଲକର ୧୨୦ ଗାଁ ପ୍ରଭାବିତ ହୋଇଛି। ପ୍ରାଥମିକ ଆକଳନରୁ ୫୩୬ଟି ଘର ଭାଙ୍ଗିଥିବା ଜଣାପଡ଼ିଛି। ବରଗଡ଼ ଯୁଏଲ୍‌ବିର କିଛି ତଳିଆ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇଛି। ତେବେ ବର୍ଷା ଛାଡ଼ିବା ପରେ ପରିସ୍ଥିତି ସୁଧୁରି ଯାଇଥିବା ସୂଚନା ମିଳିଛି। ସୁବର୍ଣ୍ଣପୁର ଜିଲାର ବିନିକା ଏନ୍‌ଏସିର ୩ଟି ୱାର୍ଡ ପ୍ରବଳ ବର୍ଷା ଦ୍ୱାରା ପ୍ରଭାବିତ ହୋଇଛି। ତିନୋଟି ପରିବାରକୁ ସ୍ଥାନାନ୍ତର କରାଯାଇ ସେମାନଙ୍କୁ ଖାଦ୍ୟପେୟ ଦିଆଯାଇଥିଲା ଏବଂ ସ୍ଥିତି ସୁଧୁରିବା ପରେ ସେମାନେ ତାଙ୍କ ଘରକୁ ଫେରିଯାଇଛନ୍ତି। ବୀରମହାରାଜପୁରରୁ ରାଇରାଖୋଲ ମଧ୍ୟରେ ଥିବା ବାଉରୀଜୋର ପୋଲ ଉପରେ ପ୍ରବଳ ମାତ୍ରାରେ ବର୍ଷା ଜଳ ପ୍ରବାହିତ ହେବା ଦ୍ୱାରା ତାହା ଭାଙ୍ଗି ଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା ଠିକ୍ ହୋଇଯାଇଥିବା ସୂଚନା ରହିଛି। ସେହିପରି କେନ୍ଦୁଝର ଜିଲାର ଘସିପୁରା ବ୍ଲକ୍ ଓ ଆନନ୍ଦପୁର ଏନ୍‌ଏସିର ତଳିଆ ଅଞ୍ଚଳରେ ପାଣି ମାଡ଼ି ଆସିଛି। ଆନନ୍ଦପୁର ଯୁଏଲ୍‌ବିର ପଦ୍ମପୁର ଅଞ୍ଚଳରେ ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ନିଷ୍କାସନ କରାଯାଇଥିଲା। ଘସିପୁରା ବ୍ଲକର ୭ଜଣ ଓ ଆନନ୍ଦପୁର ଯୁଏଲ୍‌ବିର ୨ ପରିବାରଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେପଟେ ପ୍ରବଳ ବର୍ଷା ଯୋଗୁ ଯାଜପୁର ଜିଲାର ଆଖାପଦାଠାରେ ବୈତରଣୀ ନଦୀ ଓ ଗଜପତି ଜିଲାର କାଶୀନଗରଠାରେ ବଂଶଧରା ନଦୀ ଜଳ ବିପଦ ସଙ୍କେତ ଟପିଥିବା ଏସଆରସି ସୂଚନା ଦେଇଛନ୍ତି।

## ବନ୍ଦ ଆକାଉଣ୍ଟରୁ...

୧୦୦ ଅନ୍ୟ ଭାରତୀୟଙ୍କ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ଖୁବଶୀଘ୍ର ପ୍ରଦାନ କରିବାକୁ ଯାଉଛି। ଏହି ଖାତାଗୁଡ଼ିକ ଗାଡ଼ି ଯନ୍ତ୍ରାଂଶ, ରସାୟନ, ରିଏଲ ଇଷ୍ଟେଟ, ହୀରା ଏବଂ ଗହଣା, ଇସ୍ପାତ ଆଦି କାରବାର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କର ବୋଲି ଜଣାପଡିଛି। ସମ୍ପୃକ୍ତ ନିୟାମକ ଅଧିକାରୀଙ୍କ କହିବାନୁଯାୟୀ, ରାଜନୈତିକ ସମ୍ପର୍କ ରଖିଥିବା ବ୍ୟକ୍ତିବିଶେଷଙ୍କ ଆକାଉଣ୍ଟ ସୂଚନାକୁ ସର୍ବ ପ୍ରଥମେ ବିଶ୍ଳେଷଣ କରାଯିବ। ସୁଇଜରଲାଣ୍ଡ ଫେଡେରାଲ ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସ ପକ୍ଷରୁ କୁହାଯାଇଛି ଯେ, ଚଳିତ ମାସରେ ପ୍ରଥମ ପର୍ଯ୍ୟାୟ ତଥ୍ୟ ପ୍ରଦାନ କରାଯାଇଛି। ଏହାପରେ ବାର୍ଷିକ ଆଧାରରେ ଭାରତୀୟଙ୍କ ସୁଇସ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ସ୍ୱତଃ ପ୍ରଦାନ ଜାରି ରହିବ। ତେବେ ଭାରତ ଓ ସୁଇଜରଲାଣ୍ଡ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ପ୍ରଦାନ କରାଯାଇଥିବା ତଥ୍ୟ ସମ୍ପୂର୍ଣ୍ଣ ଗୋପନୀୟ ରହିବ। ସୁଇଜରଲାଣ୍ଡ ଅନ୍ତର୍ଜାତୀୟ ସ୍ୱଚ୍ଛତା ମାନଦଣ୍ଡ ପାଳନ କରି ଭାରତକୁ କଳାଧନ ବିରୋଧରେ ଲଢ଼େଇକୁ ସମର୍ଥନ ଯୋଗାଇବ ବୋଲି ଫେଡେରାଲ ଡିପାର୍ଟମେଣ୍ଟ କହିଛି।

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ-ରୁଷିଆ ମଧ୍ୟରେ ୮.୨ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ହୋଇଛି।
– ବାଣିଜ୍ୟ ମନ୍ତ୍ରଣାଳୟ


# classifieds Everyday 0674-2580101, 2549302

**real estate**

**SALE**

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

କଟକ-ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440. D-66769

7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648. D-66775

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft 650/- 7008045582, 9692003948. D-14240

Bhubaneswar- Khurda NH Pitapali Chhakରେ 30', 60' road, electric, boundaryଥାଇ plot 6,00,000/-ରେ କିଣନ୍ତୁ। Contact: 8144328828, 8249662762. D-14237

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

2100sqft plot 200mtrs from NH. Hanspal 30ft. road gharabari, yellowzone, boundarywall and East facing. 9040059669. D-67060

**to-let**

3BHK, 3bathroom, tiled floor individual house, carshed at Ratnakarbag, Bhubaneswar. 9937024304. D-67227

ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651. D-66763

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

2BHK with drawing, dining, kitchen, balcony, two toilets at Sai Anand apartment, Gothapatna, Bhubaneswar. 8989466205, 8895485808. D-14250

25000sqft. open space / stockyard at Gudiapokhari, before Pipili, Puri. 9937443656. D-67228

BJB Nagar BBSR Saudamini Apartment, Flat No.203 (3BR) 1st floor with garage. Rent-14,000/- (P.M) 9937203178. D-14257

**ACCOMMODATION**

3BR Independent House/ Villa or Ground Floor required on the main road. Forestpark, Saheednagar, Nayapalli, Surya Nagar, Jaydev Vihar. +91 8118052711 (8AM - 11AM). D-14258

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381

Refresh your mind and soul with best therapy at Orchid Salon/ Spa. 9937287222. D-66958

**business**

ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

**astrology**

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଳେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**AFFIDAVIT**

By virtue of affidavit in the court of Executive Magistrate, Bhubaneswar, I, Basant Kumar Agrawal have changed name of my son (minor) Bandan Kumar Agrawal to Spandan Basant Agrawal residing at 12, Kalyani Nagar, R. Pur Jali, Bhubaneswar, 751024. Henceforth he will be known as Spandan Basant Agrawal for all purposes. D-14263

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କୁସଂସ୍କାର ଶକ୍ତି ଏତେ ବେଶି ଯେ, ବିଜ୍ଞ ଲୋକ ବି ନିର୍ବୋଧଙ୍କ ପଦାଙ୍କ ଅନୁସରଣ କରିବାକୁ ବାଧ୍ୟ ହୁଅନ୍ତି।
- ଫ୍ରାନ୍ସିସ୍ ବାକନ୍

## ସଂକ୍ଷେପରେ

### ତ୍ରିନିଦାଦ ଆଣ୍ଡ୍ ଟବାଗୋ ରାଷ୍ଟ୍ରଦୂତ ଦାୟିତ୍ୱ ନେଲେ ଅରୁଣ

**ଭୁବନେଶ୍ୱର,୮।୯(ବ୍ୟୁରୋ):** ତ୍ରିନିଦାଦ ଆଣ୍ଡ ଟବାଗୋର ଭାରତୀୟ ରାଷ୍ଟ୍ରଦୂତ ଭାବେ ଅରୁଣ ସାହୁ ଦାୟିତ୍ୱ ନେଇଛନ୍ତି। ନିକଟରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କର ନିଯୁକ୍ତି କରାଯାଇଥିଲା। ଚଳିତ ମାସ ୩ ତାରିଖରେ ତ୍ରିନିଦାଦ ଆଣ୍ଡ ଟବାଗୋସ୍ଥିତ ଭାରତୀୟ ଦୂତାବାସରେ ଅରୁଣ ଦାୟିତ୍ୱ ଗ୍ରହଣ କରିସାରିଛନ୍ତି। ଏହା ପୂର୍ବରୁ ସେ କାନାଡାରେ ଭାରତର ଉପ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିସାରିଛନ୍ତି। ୧୯୯୬ ବ୍ୟାଚ୍‌ର ଏହି ଭାରତୀୟ ବୈଦେଶିକ ସେବା(ଆଇଏଫ୍ଏସ୍) ଅଧିକାରୀ ଜଣଙ୍କ ସାହିତ୍ୟରେ ମଧ ବିଶେଷ ରୁଚି ରଖନ୍ତି। କାନାଡାରେ ଯୋଗଦାନ ପୂର୍ବରୁ ଅରୁଣ ଭାରତରେ ବୈଦେଶିକ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଏବଂ ଭାରତୀୟ ସାଂସ୍କୃତିକ ବ୍ୟାପାର ପରିଷଦର ଉପନିର୍ଦ୍ଦେଶକ ଦାୟିତ୍ୱ ତୁଲାଇ ସାରିଛନ୍ତି। ଏତଦ୍ ବ୍ୟତୀତ ଅରୁଣ ଲଣ୍ଡନ, ବେଜିଂ ଏବଂ ତେହେରାନ୍‌ସ୍ଥିତ ଭାରତୀୟ ଦୂତାବାସରେ କାର୍ଯ୍ୟ କରିସାରିଛନ୍ତି। ଚିରା ମଲାଟ ଏବଂ ଆକାଶର ଲୁହ ତାଙ୍କର ୨ଟି ଅନବଦ୍ୟ ସାହିତ୍ୟ କୃତି।

# ଥମୁନି ଟ୍ରାଫିକ ନିୟମ ଲାଗୁ ପ୍ରସଙ୍ଗ

- କମିପାରେ କେତୋଟି ନିୟମର ଜରିମାନା ପରିମାଣ
- ବିରୋଧୀଙ୍କ କଡ଼ା ସମାଲୋଚନା

ଭୁବନେଶ୍ୱର,୮।୯(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ନୂଆ ମୋଟର ଯାନ ଆଇନ ଗତ ୧ତାରିଖରୁ କଡ଼ାକଡ଼ି ଭାବେ ରାଜ୍ୟରେ ଲାଗୁ ହୋଇଛି। ପୋଲିସ ଓ ଆରଟିଓ ଯାଞ୍ଚକୁ କଡ଼ାକଡ଼ି କରିବା ସହିତ ୧୦ଗୁଣା ଜରିମାନା ଆଦାୟ କରୁଛନ୍ତି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯାହାର ପରିଣାମ ଶନିବାର ରାଜମହଲ ଛକଠାରେ ହୋଇଥିବା ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଦେଖାଦେଇଥିବା ଖଣ୍ଡ ଯୁଦ୍ଧରୁ ସ୍ପଷ୍ଟ ହୋଇଯାଇଛି। ଏଭଳି ପରିସ୍ଥିତିରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ମଧ ଏହି ନିୟମକୁ ବିରୋଧ କରିବା ଆରମ୍ଭ କଲେଣି। କେବଳ ବିରୋଧୀ ନୁହନ୍ତି ଶାସକ ଦଳ ନେତା ଓ ମନ୍ତ୍ରୀ ମଧ ଏହି ଆଇନ ବିରୋଧରେ ମତ ଦେଉଛନ୍ତି। ଅନ୍ୟପଟେ ଅତିମାତ୍ରାରେ ଜରିମାନା ଆଦାୟକୁ ନେଇ ସାଧାରଣରେ ପ୍ରତିକ୍ରିୟା ବଢିବାପରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହା ଉପରେ ବିଚାର କରାଯାଉଛି ବୋଲି ରବିବାର କହିଛନ୍ତି। ମନ୍ତ୍ରୀ ବେହେରା କହିଛନ୍ତି ଯେ, ଯେଉଁ ନୂଆ ଜରିମାନା ରାଶି ସ୍ଥିରିକୃତ କରାଯାଇଛି ତାଉପରେ ପୁର୍ନବିଚାର କରାଯିବ। କେନ୍ଦ୍ର ପକ୍ଷରୁ ସ୍ଥିର କରାଯାଇଥିବା ଜରିମାନା ରାଶି ପରିମାଣକୁ ରାଜ୍ୟ ସରକାର ଚାହିଁଲେ ବଦଳାଇ ପାରିବେ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଓଡ଼ିଶାରେ ନୂଆ ମୋଟର ଯାନ ଆଇନକୁ ତରବରିଆ ଭାବେ ଲାଗୁ କରାଯାଇଛି। ଓଡ଼ିଶା ପୋଲିସର ୯୦ପ୍ରତିଶତ ଗାଡ଼ିର ଲାଇସେନ୍ସ ନ ଥିବାବେଳେ ବହୁ ନେତାଙ୍କ ଗାଡ଼ିର ମଧ କାଗଜପତ୍ର ଠିକ୍ ନ ଥିବା ସେ କହିଛନ୍ତି। ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି, ଏହା କେନ୍ଦ୍ରୀୟ ଆଇନ ଅନୁଯାୟୀ କରାଯାଉଛି। ଯେଉଁ ରାଜ୍ୟଗୁଡ଼ିକ ଏହାକୁ ଲାଗୁ କରୁ ନାହାନ୍ତି ସେମାନେ ଆଗକୁ କରିବେ। ଆଇନ ଲାଗୁ କରାଯିବାପରେ ଯାହାସବୁ ଅସୁବିଧା ହେଉଛି ତାହା ସୁଧୁରାଯିବ। ତ୍ରୁଟି ସୁଧାରିବା ସମ୍ପର୍କରେ କେନ୍ଦ୍ର ନିକଟକୁ ସଂଶୋଧନ କରିବା ଲାଗି ପ୍ରସ୍ତାବ ଦେବୁ ବୋଲି ସେ କହିଛନ୍ତି। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏହି ଆଇନ ଲାଗୁ କରିବା ଆଗରୁ ଆହୁରି ତର୍ଜମା କରିବାର ଆବଶ୍ୟକତା ଥିଲା। ଶୃଙ୍ଖଳିତ ଉଦ୍ୟମ ବାହାନା ଦେଖାଇ ଲୋକମାନଙ୍କୁ ହଇରାଣ କରିବା ଠିକ୍ ନୁହେଁ ବୋଲି ପୃଥ୍ୱୀରାଜ କହିଛନ୍ତି।

ସୂଚନାଯୋଗ୍ୟ ଯେ, କିଛିଦିନ ତଳେ ମନ୍ତ୍ରୀ ସୁଶାନ୍ତ ସିଂହ ଏହି ଫାଇନ ଆଦାୟ ଘଟଣାକୁ ବିରୋଧ କରିଥିଲେ। ଛୋଟ ଗାଡ଼ି ଚଳାଉଥିବା ଆରୋହୀଙ୍କଠାରୁ ଏତେ ମାତ୍ରାରେ ଫାଇନ ଆଦାୟ କରି ସେମାନଙ୍କୁ ଗାଡ଼ି ନ ଚଳାଇବାକୁ ବାଧ୍ୟ କରାଯାଉଛି ବୋଲି ସେ କହିଥିଲେ। ଅନ୍ୟପଟେ ପରିବହନ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନୂଆ ମୋଟର ଯାନ ଆଇନରେ ସେପରି କିଛି ରାଜ୍ୟ ସରକାର ଚାହିଁଲେ ପରିବର୍ତ୍ତନ କରିପାରିବେ ନାହିଁ। ନିର୍ଦ୍ଦିଷ୍ଟ କେତୋଟି ନିୟମରେ ଫାଇନ ଅର୍ଥ ହ୍ରାସ କରିହେବ। ସର୍ବନିମ୍ନ ୨ ହଜାର ଏବଂ ସର୍ବାଧିକ ୧୦ଟଙ୍କା ଜରିମାନା ରାଶି ବାବଦରେ ଅର୍ଥ ରାଶି କମାଯାଇ ପାରିବ। ୪ଟି ଫାଇନ ବାବଦରେ ଆଦାୟ କରାଯିବାକୁ ଥିବା ଜରିମାନା ରାଶି ପରିମାଣ କମାଇବା ଉପରେ ବିଚାର କରାଯାଉଥିବା ନେଇ ଅଧିକାରୀଙ୍କ ଠାରୁ ଜଣାପଡିଛି।

## ଜିଲ୍ଲା ଚିଠି
## ନୂଆପଡ଼ା



# ସଭିଏଁ ହାରିଗଲେ ୩୫୩ରେ

ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଏବଂ କେନ୍ଦ୍ର ସରକାର ପରସ୍ପର ମଧ୍ୟରେ ଲଢୁଛନ୍ତି। ସେଥିରେ ବି ଫାଇଦା ମିଳୁଛି ଲୋକଙ୍କୁ। ହେଲେ ନୂଆପଡା ଜିଲାର ଲାଇଫ ଲାଇନ କୁହାଯାଉଥିବା ନୂଆପଡା-ଖଡିଆଳ ୩୫୩ନମ୍ବର ଜାତୀୟ ରାଜପଥ ନିର୍ମାଣ କାମ ଶେଷ କରିବାରେ ଉଭୟ ସରକାର ଫେଲ ମାରିଛନ୍ତି । ଜିଲା ପ୍ରଶାସନ, ଯନ୍ତ୍ରୀ, ମନ୍ତ୍ରୀ, ବିଧାୟକ କି ଏମ୍‌ପିଙ୍କ ତାଗିଦ୍ କିଛି କାମକୁ ଆସୁନାହିଁ । ଆଜିକୁ ପାଞ୍ଚ ବର୍ଷ ହେବ ଏହା ଜିଲାବାସୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି । ସେଥିପାଇଁ ସାଧାରଣ ଲୋକଟିଏ ବି ସଭିଏଁ ହାରିଗଲେ ୩୫୩ରେ ବୋଲି କହିଦେଉଛି। ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ଖଡିଆଳ ଏବଂ ନୂଆପଡାକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି । ଭାରିଯାନ ବ୍ୟତୀତ ଅନ୍ୟ ଯାନବାହନରେ ଲୋକେ ଏହି ରାସ୍ତାରେ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଏହି ରାସ୍ତାର ଦୁରବସ୍ଥା ଗଣମାଧ୍ୟମରେ ପୃଷ୍ଠା ମଣ୍ଡନ କରୁଛି। ପାଞ୍ଚବର୍ଷ ତଳେ ଜାତୀୟ ରାଜପଥ ୩୫୩ନମ୍ବର କାମ ଆରମ୍ଭ ହେଲା। ହାତୀ ଖସିଗଲା, ହେଲେ ପଛ ରହିଗଲା ନୀତିରେ ୬୫କିମି ରାସ୍ତା ମଧ୍ୟରୁ ମାତ୍ର ୪କିମି ନିର୍ମାଣ କାମ ଶେଷ ହୋଇପାରୁନାହିଁ। ରାସ୍ତାର ଦଲଦଲି, ବାଞ୍ଜିବାହାଲ, ଉଦ୍ୟାନବନ୍ଧ, କୋମନା, ପେଣ୍ଡ୍ରାବନ୍ଧ ନିକଟ ରାସ୍ତାର ବିଭିନ୍ନ ସ୍ଥାନରେ ତିନିରୁ ଚାରି ଫୁଟର ଗର୍ତ୍ତ ହୋଇଛି। ଲଗାଣ ବର୍ଷା ପରେ ଏହି ଗର୍ତ୍ତରେ ପାଣି ଜମି ସଙ୍ଗିନ ପରିସ୍ଥିତି ସୃଷ୍ଟି କରୁଛି। ଗାଡି ଚଳାଇବା ବେଳେ ଡ୍ରାଇଭରଙ୍କ ଦକ୍ଷତା କାମକୁ ଆସୁନାହିଁ । ଶୋଚନୀୟ ରାସ୍ତାକୁ ନେଇ ବିଭିନ୍ନ ସମୟରେ ଲୋକେ ରାସ୍ତାରୋକୋ ଆନ୍ଦୋଳନ କରୁଛନ୍ତି। ଆନ୍ଦୋଳନ ପରେ କାମ ନେଇଥିବା ଜିଭିଆର ଠିକା କମ୍ପାନୀର ଗାଡି ଘଟଣାସ୍ଥଳକୁ ଆସି କାମ କଲାଭଳି ଭେଳିକି ଦେଖାଇ ପରେ ଉଭାନ ହୋଇଯାଉଛନ୍ତି। ଅବସ୍ଥା ଯଥା ପୂର୍ବଂ ତଥା ପର। ବିରୋଧୀ ଦଳ ନେତାଙ୍କୁ ପଚାରିଲେ ରାଜ୍ୟ ସରକାର ଜାଣିବେ କହି ଦୋଷ ଖସାଇଦେଇ ଚାଲି ଯାଉଛନ୍ତି। ବିଧାୟକ, ମନ୍ତ୍ରୀଙ୍କୁ ପଚାରିଲେ ଏହା କେନ୍ଦ୍ରୀୟ ଯୋଜନା ବୋଲି ଟାଳି ଦେଉଛନ୍ତି। ୨୦୧୯ସାଧାରଣ ନିର୍ବାଚନ ପରେ ଏଠିକାର ନିର୍ବାଚିତ ଜନ ପ୍ରତିନିଧିମାନେ ଦିଲ୍ଲୀ ଯାଇ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଭେଟି ତୁରନ୍ତ କାମ ସମ୍ପୂର୍ଣ୍ଣ କରିବାକୁ ଜଣାଇଥିଲେ। ତଥାପି ଏ ଦିଗରେ କୌଣସି ସୁଫଳ ମିଳିଲା ନାହିଁ । କାମ କରୁଥିବା ଠିକାଦାର ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପାଖ ଲୋକ ବୋଲି କୁହାଯାଉଛି । ସେଥିପାଇଁ କେହି ବିରୋଧର ସ୍ୱରକୁ ତୀବ୍ର କରି ପାରୁ ନ ଥିବା ଏଠାରେ ଆଲୋଚନା ହେଉଛି। ନିକଟରେ କଳାହାଣ୍ଡି ଏମ୍‌ପି ଏହି ରାସ୍ତାଦେଇ ଯିବା ସମୟରେ ଖଡିଆଳରେ ଥିବା ଠିକାଦାରଙ୍କ କ୍ୟାମ୍ପ ଅଫିସ ନିକଟରେ ଅଟକି ଠିକା କମ୍ପାନୀର ଜଣେ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ । ଦୁଇଦିନ ମଧ୍ୟରେ କାମ ଶେଷ ନ କଲେ ସେ ତାଙ୍କର ଭୂମିକା ଦେଖାଇବେ ବୋଲି ଚେତାବନୀ ଦେଇଥିଲେ । ଏହାକୁ ନେଇ ସୋସିଆଲ ମିଡିଆରେ ବେଶ୍ ଆଲୋଚନା ହୋଇଥିଲା । ଇତିମଧ୍ୟରେ ସପ୍ତାହେ ବିତି ଯାଇଥିଲେ ମଧ ଗୋଟିଏ ଇଞ୍ଚ ବି କାମ ଆଗେଇନାହିଁ। ଜିଲାପାଳ ବିଭାଗୀୟ ଯନ୍ତ୍ରୀ, ଠିକା କମ୍ପାନୀର କର୍ମଚାରୀଙ୍କୁ ଡକାଇ ଆଲୋଚନା କଲେ । ସେମାନେ ମଧ୍ୟ ଯେନତେନ ପ୍ରକାରେ କଥାକୁ ଟାଳିଦେଇ ଚାଲିଗଲେ ସିନା କାମ ଅଗ୍ରଗତିର କୌଣସି ସମ୍ଭାବନା ଦେଖାଯାଉନାହିଁ । ଏହି ପରିସ୍ଥିତିରେ ଜାତୀୟ ରାଜପଥ ୩୫୩ କାମ କେବେ ସମ୍ପୂର୍ଣ୍ଣ ହେବ ତାହାର ଉତ୍ତର କାହା ପାଖରେ ନାହିଁ।

– ଘନଶ୍ୟାମ ଭୋଇ

## ମହିଳାଙ୍କ ଉନ୍ମତ୍ତକାଣ୍ଡ
# ତଣ୍ଟିଚିପି ବୃଦ୍ଧାଙ୍କୁ ହତ୍ୟା

ନୂଆଗାଁ, ୮।୯ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ କୋକେରମା ପଞ୍ଚାୟତର କରଞ୍ଜିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଉକ୍ତ ଗ୍ରାମର ମହିଳା ସୁମିତ୍ରା ତୁରୀ (୨୫) ପଡୋଶୀ ବୃଦ୍ଧା ସୁଗନ ତୁରୀ (୬୦)ଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ଜଣାପଡିଛି। ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମ ସଦଳବଳ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୁଗନ ଶନିବାର ବିଳମ୍ବିତ ରାତିରେ ଘରୁ କୌଣସି କାମରେ ବାହାରକୁ ବାହାରିଥିଲେ। ଏହି ସମୟରେ ସୁମିତ୍ରା ମଧ୍ୟ ବାହାରକୁ ବାହାରିଥିଲେ। ସୁଗନଙ୍କୁ ଦେଖି ତାଙ୍କ ଆଡକୁ ଦୌଡି ଯାଇ ତାଙ୍କୁ ଧକ୍କା ଦେଇଥିଲେ। ସୁଗନ ପାଟି କରିଥିଲେ। ପାଟି ଶୁଣି ଦୁଇ ପଡ଼ୋଶୀ ଉଠିପଡ଼ି ଘଟଣା କ'ଣ ଦେଖିଥିଲେ। ହେଲେ ଭୟରେ ପାଖକୁ ଯାଇ ନ ଥିଲେ। ସୁଗନ ତଳେ ପଡିଯିବା ପରେ ସୁମିତ୍ରା ତାଙ୍କ ଛାତି ଉପରେ ମାଡିବସି ତଣ୍ଟିକୁ ଚିପି ଦେଇଥିଲେ। ଏପରି କି ସୁଗନଙ୍କ ବେକ ଓ ଆଖିକୁ ଦାନ୍ତରେ କାମୁଡି ରକ୍ତାକ୍ତ କରି ପକାଇଥିଲେ। ଘଟଣାସ୍ଥଳରେ ହିଁ ସୁଗନଙ୍କ ମୃତ୍ୟୁ ଘଟିଥିଲା। ଘଟଣା ଦେଖିଥିବା ପଡ଼ୋଶୀ ରବିବାର ଭୋର ଗାଁ ଲୋକଙ୍କୁ କହିଥିଲେ। ଗାଁ ଲୋକେ ଘଟଣା ସମ୍ପର୍କରେ ଜାଣିଲା ପରେ ସୁମିତ୍ରାଙ୍କ ଘରକୁ ଯାଇ ତାଙ୍କୁ ଗୋଟିଏ କୋଠରୀରେ ତାଲାମାରି ବନ୍ଦ କରିଥିଲେ। ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁଗନଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୁମିତ୍ରାଙ୍କୁ ଗିରଫ କରିଛି।

ପୋଲିସର କହିବାନୁଯାୟୀ କିଛି ଦିନ ହେବ ସୁମିତ୍ରାଙ୍କ ମସ୍ତିଷ୍କ ବିକୃତ ଥିବା ଗାଁ ଲୋକଙ୍କଠାରୁ ଜଣାପଡ଼ିଛି। ଏପରିକି ଘଟଣା ଦିନ ସୁମିତ୍ରାଙ୍କ ଶ୍ୱଶୁର ସୁମିତ୍ରାଙ୍କୁ ନିକଟସ୍ଥ ଏକ ଗ୍ରାମକୁ ଝଡାଫୁଙ୍କା କରିବାକୁ ନେଇଥିଲେ। ସୁମିତ୍ରାଙ୍କ ଗୋଟିଏ ଦେଢ଼ ବର୍ଷର ଝିଅ ଥିବାବେଳେ ତାଙ୍କ ସ୍ୱାମୀ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। ସେ ପୂର୍ବରୁ ମଧ୍ୟ ଦୁଇ ଜଣଙ୍କୁ ଆକ୍ରମଣ ଉଦ୍ୟମ କରିଥିବା ଲୋକେ କହିଛନ୍ତି। ପଚରାଉଚରା କରିବାରୁ ସୁମିତ୍ରା ହତ୍ୟା କରିଥିବା ନେଇ ମଧ୍ୟ ସ୍ୱୀକାର କରିଥିବା ପୋଲିସ କହିଛି। ଏନେଇ ହାତୀବାରି ଥାନାରେ ଏକ ହତ୍ୟା ମାମଲା (ନଂ.୫୭/୧୯) ରୁଜୁ ହୋଇଛି।

# ଭାରତରେ ସୌଦିଆରବର ପୁଞ୍ଜିନିବେଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୮।୯(ବ୍ୟୁରୋ)

ପାଞ୍ଚଦିନିଆ ବିଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ସୌଦିଆରବର ଜିଦ୍‌ହାଠାରେ ସେଠାର ଶକ୍ତିମନ୍ତ୍ରୀ ଏଚ୍‌ଆର୍‌ଏଚ୍ ପ୍ରିନ୍ସ ଅବଦୁଲ ଅଜିଜ ସଲମାନଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସାଉଦି ମନ୍ତ୍ରୀ ହାଇଡ୍ରୋକାର୍ବନ ରପ୍ତାନି ଦିଗରେ ସାଉଦିଆରବ ଭାରତ ସହ ଏକ ବିଶ୍ୱସନୀୟ ଏବଂ ସ୍ଥାୟୀ ଭାଗୀଦାରି ହୋଇରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ସାଉଦିଆରବ ଭାରତରେ ପୁଞ୍ଜିନିବେଶ କରିବା ନେଇ ପ୍ରତିଶ୍ରୁତିବଦ୍ଧ ବୋଲି ଉଭୟଙ୍କ ଆଲୋଚନାରୁ ଜଣାପଡିଥିବା କୁହାଯାଇଛି।



ଅବଦୁଲ ଅଜିଜ ସଲମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରୁଛନ୍ତି।

# ବିମାନର ଜରୁରୀ ଅବତରଣ, ଯାତ୍ରୀ ମୃତ

ଭୁବନେଶ୍ୱର, ୮।୯(ବ୍ୟୁରୋ)

ରବିବାର ଚେନ୍ନାଇରୁ କୋଲକାତା ଯାଉଥିବା ସ୍ପାଇସ୍ ଜେଟ୍ (୬୨୩)ର ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଲ୍ଲୀର ଅଶୋକ କୁମାର ଶର୍ମା (୪୮)। ମଝି ଆକାଶରେ ବିମାନଟି ଥିବାବେଳେ ଅଶୋକ ହଠାତ ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରିଥିଲେ। ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ନିକଟରେ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଥିବାରୁ ପାଇଲଟ୍ ଏ ସଂକ୍ରାନ୍ତରେ ସୂଚନା ଦେବା ସହ ପୂର୍ବାହ୍ନ ୧୧ଟା ୧୫ରେ ବିମାନକୁ ଜରୁରୀ ଅବତରଣ କରିଥିଲେ। ଏହାପରେ ତୁରନ୍ତ ଗୁରୁତର ଅସୁସ୍ଥ ଥିବା ଅଶୋକଙ୍କୁ ଫାୟାର ଆମ୍ବୁଲାନ୍ସରେ ଟର୍ମିନାଲ-୧ସ୍ଥିତ ମେଡିକାଲ୍‌କୁ ନିଆଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତର ପରୀକ୍ଷା କରି ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ଦେଇଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା।

# ରେଙ୍ଗାଲି ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲା

**କଣିହାଁ, ୮।୯(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ରେଙ୍ଗାଲି ଡ୍ୟାମରୁ ରବିବାର ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଛି। ପୂର୍ବାହ୍ନ ୯ଟା ୧୦ରେ ଡ୍ୟାମର ଗୋଟିଏ ଗେଟ ଖୋଲାଯାଇଛି। ଏହି ନଦୀବନ୍ଧର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବାବେଳେ ବର୍ଷା ଯୋଗୁ ଜଳସ୍ତର ୧୨୨.୮୫ ମିଟରରେ ପହଞ୍ଚିଥିଲା। ବ୍ରାହ୍ମଣୀ ନଦୀ ଅବବାହିକା ଯନ୍ତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଡ୍ୟାମର ୭ ନମ୍ବର ଗେଟକୁ ଖୋଲାଯାଇଛି। ରେଙ୍ଗାଲି ନଦୀବନ୍ଧ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନାଙ୍କ ସୂଚନାରୁ ଜଣାଯାଏ, ପ୍ରତି ସେକେଣ୍ଡରେ ଡ୍ୟାମକୁ ୧୦୯୫.୧୮ ଘନମିଟର ଜଳ ପ୍ରବେଶ କରୁଛି। ବିଦ୍ୟୁତ୍ ଉତ୍ପାଦନରେ ବ୍ୟବହାର ଓ ଗୋଟିଏ ଗେଟ ଦେଇ ନିଷ୍କାସନ ହେଉଥିବା ଜଳର ମାତ୍ରା ପ୍ରତି ସେକେଣ୍ଡରେ ୨୦୦୬.୩୬ ଘନଫୁଟ ରହିଛି। ସେହିପରି ରେଙ୍ଗାଲି ନଦୀବନ୍ଧର ତଳମୁଣ୍ଡରେ ସମଲ ଆନିକେଟର ୫ଟି ଗେଟ ୪ ମିଟର ପର୍ଯ୍ୟନ୍ତ ଖୋଲାଯାଇଛି। ଅନିକେଟର ନିର୍ବାହୀଯନ୍ତ୍ରୀ ବିଶ୍ୱମୋହନ ବରାଲ କହିଛନ୍ତି, ରେଙ୍ଗାଲି ଡ୍ୟାମ ଜଳ ସହ ଟିକିରା, ସମାକୋଇ ଓ ସିଙ୍ଗଡା ଯୋର ବନ୍ୟାଜଳ ମିଶି ଆନିକଟକୁ ପ୍ରତି ସେକେଣ୍ଡରେ ୨୮୩୦ ଘନମିଟର ପ୍ରବେଶ କରୁଛି। ସେହିପରି ଖୋଲାଯାଇଥିବା ଆନିକଟର ୫ ଗେଟ୍ ଦେଇ ୨୮୪୦ ଘନମିଟର ଜଳ ନିଷ୍କାସିତ ହେଉଛି।

# ଭୁବନେଶ୍ୱରକୁ ଶ୍ରେଷ୍ଠ ବିମାନବନ୍ଦର ପୁରସ୍କାର

ଭୁବନେଶ୍ୱର, ୭।୯(ବ୍ୟୁରୋ)

ଏସିଆ-ପାସିଫିକ୍ ରିଜିଅନର ୨ରୁ ୫ ମିଲିୟନ ବର୍ଗରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଶ୍ରେଷ୍ଠ ବିମାନ ବନ୍ଦର -୨୦୧୮ ପୁରସ୍କାର ମିଳିଛି। ଅନ୍ତର୍ଜାତୀୟ ବିମାନ ବନ୍ଦର ପରିଷଦ ଓ ଏଏସ୍‌କ୍ୟୁ (ଆମେରିକାନ ସୋସାଇଟି ଫର୍ କ୍ୱାଲିଟି) ପକ୍ଷରୁ 'ଗ୍ରାହକ ଅଭିଜ୍ଞତା' କାଟେଗୋରୀରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଇଣ୍ଡୋନେସିଆର ବାଲିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କାର ଗ୍ରହଣ କରିବା ଅବସରରେ ବିମାନ ବନ୍ଦର କର୍ତ୍ତୃପକ୍ଷ ଏ ସମ୍ପର୍କରେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଏହି ବର୍ଗରେ ଏସିଆ-ପାସିଫିକ୍‌ର ୬ବିମାନ ବନ୍ଦରକୁ ଏହି ବିଶ୍ୱସ୍ତରୀୟ ଏଏସ୍‌କ୍ୟୁ ପୁରସ୍କାର ମିଳିଥିବାବେଳେ ଭାରତର ୩, ଇଣ୍ଡୋନେସିଆର ୨ ଓ ଚାଇନାର ୧ ବିମାନବନ୍ଦର ରହିଛି। ଭାରତର ପୁରସ୍କୃତ ବିମାନବନ୍ଦରଗୁଡ଼ିକ ହେଲା ଭୁବନେଶ୍ୱର, ଚଣ୍ଡିଗଡ଼ ଓ ଇନ୍ଦୋର। ତେବେ ଟ୍ୱିଟ୍‌ର କିଛି ସମୟ ମଧ୍ୟରେ କିଛି ଲୋକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ପୁରସ୍କାର ପାଇବା ଲାଗି କ'ଣ ମାନଦଣ୍ଡ ରହିଛି? ଯାତ୍ରୀଙ୍କୁ ଠିକ୍‌ରେ ସେବା ଯୋଗାଇପାରୁ ନ ଥିବା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ କେମିତି ଏହି ପୁରସ୍କାର ମିଳିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

## ଖରାପ ସେବାକୁ ନେଇ ଟୁଇଟରରେ ପ୍ରତିକ୍ରିୟା





## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ନେତ୍ରମଣି ରାଉତ**
ଗ୍ରାମ: ବଡ଼ପଟିଲୋ, ଜିଲ୍ଲା: ଜଗତସିଂହପୁର
ଆବିର୍ଭାବ: ୦୫।୦୭।୧୯୩୬
ତିରୋଧାନ: ୧୯।୦୯।୨୦୧୮
(ଏକାଦଶୀ ତିଥି)
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଅଣନାତି ଓ ନାତୁଣୀ, ନାତୁଣୀ ବୋହୂ ଓ ପରିବାରବୃନ୍ଦ।
ଧ-୧୪୨୭୯

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କବିରାଜ ନୀଳକଣ୍ଠ ପାତ୍ର**
ରାଜାବଜାର, ଖୁଣ୍ଟିଆବାବୁ ଗଳି, ଜଟଣୀ
ଆବିର୍ଭାବ: ୨୫।୧୦।୧୯୩୬
ତିରୋଧାନ: ୩୦।୦୮।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଅବିସ୍ମରଣୀୟ। ଆପଣଙ୍କ ଆଶୀର୍ବାଦ ଚିର ସ୍ମରଣୀୟ। ଆପଣଙ୍କର ଅମରଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ନିବେଦନ।
**ଶୋକସନ୍ତପ୍ତ:**
ସ୍ତ୍ରୀ: ଉର୍ମିଳା ପାତ୍ର, ଜ୍ୟେଷ୍ଠପୁତ୍ର: ରାମଚନ୍ଦ୍ର, କନିଷ୍ଠପୁତ୍ର: କୃଷ୍ଣଚନ୍ଦ୍ର, ପୁତ୍ରବଧୂ: ସୁନୀତାରାଣୀ, ଟିକିନା, କନ୍ୟା: ଗୀତାଞ୍ଜଳି, ସଂଯୁକ୍ତାରାଣୀ, ମୀରା, ସ୍ୱର୍ଣ୍ଣବାଳା, ଜ୍ୱାଇଁ: ସଂଜୀବ, ଶିବନାରାୟଣ, ସୁନିଲ, ପୌତ୍ରାଦି: ସଚିନ୍, ଅମିଶା, ରାଜକୁମାର, ଅମିତାଭ ଏବଂ ବନ୍ଧୁ ଓ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଧ-୧୪୨୭୭


# ବରିଷ୍ଠ ଆଇନଜୀବୀ ବିନୟାନନ୍ଦଙ୍କ ପରଲୋକ

ଢେଙ୍କାନାଳ ଅଫିସ, ୮।୯

ଢେଙ୍କାନାଳର ବରିଷ୍ଠ ଆଇନଜୀବୀ ବିନୟାନନ୍ଦ ମହାପାତ୍ରଙ୍କ ରବିବାର ମୁକ୍ତାଦେଇପୁର ଶାସନସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ବର୍ଷ ହୋଇଥିଲା। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ଅନ୍ତିମ ସମୟରେ ତାଙ୍କ ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସୂଚନା ପାଇ 'ଧରିତ୍ରୀ' ଏବଂ 'ଓରିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ଏମ୍‌ପି ମହେଶ ସାହୁ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ରାଜ୍ୟ ବିଜେଡି ସମ୍ପାଦକ ଯୋଗେନ୍ଦ୍ର ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ।


## ଉତ୍କଳ ଗ୍ରାମୀଣ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ବାହାଦୁର ବଗିଚାପଡା, ଭବାନୀପାଟଣା, କଳାହାଣ୍ଡି

### ସୁନା ନିଲାମ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ନିମ୍ନଲିଖିତ ସ୍ୱର୍ଣ୍ଣରଣ ଗ୍ରହୀତା, ସେମାନଙ୍କର ଆଇନ ସମ୍ମତ ଉତ୍ତରାଧିକାରୀ, ସ୍ୱର୍ଣ୍ଣ ବ୍ୟବସାୟୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ଋଣ ଗ୍ରହୀତାମାନେ ଯଥା ସମୟରେ ସେମାନଙ୍କର ଋଣ ପରିଶୋଧ କରୁନାହାନ୍ତି । ଯଦି ସେମାନେ ଆସନ୍ତା **ତା୨୩.୯.୨୦୧୯ ରିଖ ସୋମବାର** ସୁଦ୍ଧା ସେମାନଙ୍କର ସମସ୍ତ ବକେୟା ଋଣ (ଋଣଖାତାରେ ପୈଠ ହେବା ପର୍ଯ୍ୟନ୍ତ ସମୂଳସୁଧ ଓ ଆନୁସଙ୍ଗିକ ଖର୍ଚ୍ଚ) ପରିଶୋଧ ନକରନ୍ତି, ତାହାହେଲେ **ଆସନ୍ତା ୨୪.୯.୨୦୧୯ ମଙ୍ଗଳବାର ଦିନ ୧ ଘଣ୍ଟା ସମୟଠାରୁ ସଂପୃକ୍ତ ଶାଖା ଗୁଡିକର ବ୍ୟାଙ୍କ** ଗୃହ ମଧ୍ୟରେ ସେମାନେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ପ୍ରକାଶ୍ୟ ନିଲାମ କରାଯିବ । ଋଣ ଗ୍ରହୀତାମାନଙ୍କର ଏ ସମ୍ପର୍କରେ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ । ନିଲାମ ଡାକିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ଏଥିପାଇଁ ଟ. ୧୦,୦୦୦/- (ଦଶ ହଜାର ଟଙ୍କା ମାତ୍ର) ଅମାନତ ରୂପେ ଶାଖା ପରିଚାଳକଙ୍କ ନିକଟରେ ଜମା ରଖିବେ । ନିଲାମ ଡାକି କୌଣସି ବ୍ୟକ୍ତି ଯଦି ନିଲାମ ମୂଲ୍ୟ ବାବଦକୁ ସମସ୍ତ ଟଙ୍କା ନିର୍ଦ୍ଧାରିତ ସମୟ ମଧ୍ୟରେ ଦେବାକୁ ଅକ୍ଷମ ହୁଅନ୍ତି, ତା ହେଲେ ତାଙ୍କର ଅମାନତ ସ୍ୱରୂପ ଜମା ରଖିଥିବା ଟଙ୍କା ବାଜ୍ୟାପ୍ତ କରାଯିବ । ନିଲାମ ଡାକିଥିବା ମୂଲ୍ୟ ଯଦି ଉପଯୁକ୍ତ ବିବେଚିତ ନହୁଏ, ତାହାହେଲେ କୌଣସି କାରଣ ନଦର୍ଶାଇ ସେହି ନିଲାମକୁ ନାକଚ କରିବାର କ୍ଷମତା ବ୍ୟାଙ୍କର ରହିଛି । ପ୍ରକାଶଥାଉକି, ଆବଶ୍ୟକ ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଧାର୍ଯ୍ୟ ନିଲାମ ତାରିଖକୁ ରଦ୍ଦ, ସ୍ଥଗିତ ବା ପରିବର୍ତ୍ତନ କରିପାରିବେ ।

(ଆଞ୍ଚଳିକ ପ୍ରବନ୍ଧକ/କ୍ଷମତାପ୍ରାପ୍ତ ଅଧିକାରୀ, ଭବାନୀପାଟଣା)

| କ୍ର.ନଂ | ଋଣ ଗ୍ରହୀତାଙ୍କ ନାମ ଓ ଠିକଣା | ସ୍ୱର୍ଣ୍ଣ ଋଣ. ଖାତା ନଂ. | ଶାଖା ଓ ନିଲାମ ସ୍ଥାନ | ମୋଟ ସୁନାର ଓଜନ(ଗ୍ରାମରେ) |
|---|---|---|---|---|
| 1 | Mangaru Bhatra,S/o- Chamaru, Asanga, Nabarangpur | 12310028255 | Rajoda | 9.9 gm |
| 2 | Chudamani Deep, S/o- Hari, Kasrupada, Kalahandi | 84014972545 | Kasrupada | 15.35gm |
| 3 | Rakesh Ranjan Mishra, S/o- Birupakhya, Sukunabhata, Kalahandi | 84015393125 | Kasrupada | 47.50gm |
| 4 | Dhrupa Thapa, Turlakheman, Kalahandi | 84012138941 | Kasrupada | 18.00gm |
| 5 | Mukesh Prasad Gupta, Temera, Nabarangpur | 84002980082 | Kosagumuda | 24.60gm |
| 6 | Baliram Halba, Kutariguda, Nabarangpur | 84003479517 | Kosagumuda | 8.20gm |
| 7 | Gitanjali Choudhury, Kosagumuda, Nabarangpur | 84003759210 | Kosagumuda | 20.20gm |
| 8 | Dambarudhar Pujari, S/o- Phaguna, Kosagumuda, Nabarangpur | 84004062718 | Kosagumuda | 24.30gm |
| 9 | Gupteswar Panigarahy, S/o- Jalandhar, Temera, Nabarangpur | 84005174284 | Kosagumuda | 7.90gm |
| 10 | Dibakar Pujari, Haldiguda, Nabarangpur | 84004720893 | Kosagumuda | 16.10gm |
| 11 | Dibakar Pujari, Haldiguda, Nabarangpur | 84005218906 | Kosagumuda | 7.00gm |
| 12 | Dibakar Pujari, Haldiguda, Nabarangpur | 84006571008 | Kosagumuda | 15.70gm |
| 13 | Dibakar Pujari, Haldiguda, Nabarangpur | 84008349991 | Kosagumuda | 20.75gm |
| 14 | Kamallochan Pujari, Bajarguda, Nabarangpur | 84005316265 | Kosagumuda | 8.70gm |
| 15 | Santosh Kumar Rath, Kosagumuda, Nabarangpur | 84006835257 | Kosagumuda | 7.90gm |
| 16 | Laxmi Narayan Bisoi, Charchunda, Nabarangpur | 84005973967 | Kosagumuda | 12.80gm |
| 17 | Ambika Prasad Das, Churahandi, Nabarangpur | 12282047823 | Kosagumuda | 15.00gm |
| 18 | Ratan Sardar,S/o- Tarapad, Silati, Umerkote | 12279037081 | Umerkote | 11.30gm |
| 19 | Ratan Sardar, S/o- Tarapad, Silati, Umerkote | 12279037285 | Umerkote | 8.50gm |
| 20 | Tulu Majhi, S/o- Khununja, Matikhal, Kalahandi | 84008545747 | Badakuturu | 12.90gm |
| 21 | Jayasen Bag, S/o- Sahadeb, Badakuturu, Kalahandi | 84013604287 | Badakuturu | 3.6gm |
| 22 | Jayasen Bag, S/o- Sahadeb, Badakuturu, Kalahandi | 84021925234 | Badakuturu | 4.00gm |
| 23 | Meghanad Majhi, S/o- Gurukunar, Ghotia, Kalahandi | 12181002900 | Daspur | 7.05gm |
| 24 | Sudhansu Meher, S/o- Krushna Pondkuol, Kalahandi | 84018124998 | Daspur | 10.00gm |
| 25 | Bijaya Kumar Mund, S/o- Raghunath, Arebeda, Kalahandi | 84004836445 | Ranmal | 25.50gm |
| 26 | Rasika Putel, S/o- Paramananda, Goikela, Kalahandi | 84008203032 | Borda | 3.90gm |

କେତେବେଳେ ମଣିଷ ଓ ଈଶ୍ୱରଙ୍କର ସାକ୍ଷାତ ସମ୍ବନ୍ଧ ହୁଏ ? ଯେତେବେଳେ ଈଶ୍ୱର ମଣିଷ ଭିତରକୁ ତାଙ୍କ ଆଡୁ ପ୍ରବେଶ କରନ୍ତି ଏବଂ ମଣିଷ ବି ଯେତେବେଳେ ଈଶ୍ୱରଙ୍କ ଭିତରକୁ ଝାସ ଦିଏ– ସେତିକି ବେଳେ।
–ଶ୍ରୀଅରବିନ୍ଦ



# ଦୁର୍ବଳ ହୋଇପଡ଼ିଲେ

୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ ଭଳି ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ କରାଯିବା ପରେ ସେତେବେଳେ ଦେଶବାସୀଙ୍କୁ ବାର୍ତ୍ତା ଦିଆଯାଇଥିଲା ଯେ ଭାରତୀୟ ଅର୍ଥନୀତି ଦୀର୍ଘମିଆଦୀ ସଫଳତା ପାଇବ। ଦେଶ ଭିତରେ ଧନୀମାନେ ଲୁଚାଇ ରଖିଥିବା କଳାଧନ ଠାବ କରାଯିବା ଲାଗି ଏଭଳି କଠୋର ପଦକ୍ଷେପ ସାହାଯ୍ୟ କରିବ ବୋଲି ବୁଝାଇ ଦିଆଯିବା ପରେ ଜନସାଧାରଣ ସାମୟିକ ଯନ୍ତ୍ରଣା ଭୋଗ କରିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଯାଇଥିଲେ। ଏପରି କି ନିଜ ଦ୍ୱାରା ଜମା ଅର୍ଥ ଉଠାଇବା ପାଇଁ ଲୋକଙ୍କୁ ଦିନ ଦିନ ବ୍ୟାଙ୍କ ଆଗରେ ଠିଆ ହେବାକୁ ପଡ଼ିବାରୁ ଅସନ୍ତୋଷ ଦେଖାଦେଇଥିଲା। ତଥାପି ତାହାକୁ ଧୈର୍ଯ୍ୟର ସହ ସହିଯିବା ଲାଗି ସୀମାନ୍ତରେ ସୈନ୍ୟମାନଙ୍କ କଷ୍ଟଦାୟକ କର୍ମମୟ ଜୀବନର ଉଦାହରଣ ଦିଆଯାଇଥିଲା। ଅର୍ଥାତ୍ ଶତ୍ରୁମାନଙ୍କୁ ପ୍ରତିହତ କରିବା ଲାଗି ଦେଶର ଯବାନ ପ୍ରାଣବଳି ଦେଉଥିବା ବେଳେ ଅର୍ଥନୀତିକୁ ସଜାଡ଼ିବା ଲାଗି ଆମେ କ'ଣ ଏତିକି କରିପାରିବା ନାହିଁ ବୋଲି ସେତେବେଳେ ସୋସିଆଲ ମିଡିଆରେ ଅସଂଖ୍ୟ ବାର୍ତ୍ତା ଜରିଆରେ ପ୍ରଶ୍ନ କରାଯାଇଥିଲା। ଫଳରେ ଜନସାଧାରଣ ଧରି ନେଇଥିଲେ ଯେ, ଧନୀମାନେ ଏ ଦେଶର ସମ୍ପତ୍ତି ଲୁଟୁଥିବାରୁ ସେମାନଙ୍କଠାରେ ଥିବା କଳାଧନ ଠାବ ହେଲେ ଗରିବମାନଙ୍କ ଆର୍ଥିକ ଉନ୍ନତି ହେବ ଓ ଭାରତର ଅର୍ଥନୀତି ସୁଦୃଢ଼ ହେବ। ଅନ୍ୟପକ୍ଷରେ ସରକାରଙ୍କ ଏଭଳି ପଦକ୍ଷେପକୁ ଯେଉଁମାନେ ବିରୋଧ କରିଥିଲେ ସେମାନଙ୍କ ଯୁକ୍ତି ଥିଲା ଯେ, ଧନୀମାନେ ନଗଦ ଅର୍ଥ ପାଖରେ ରଖି ନ ଥାଆନ୍ତି। ବରଂ ଗରିବ, ଖଟିଖିଆ ଓ ସ୍ୱଳ୍ପ ପୁଞ୍ଜି ଖଟାଇ ବ୍ୟବସାୟ କରୁଥିବା ବ୍ୟକ୍ତିମାନେ ଜୀବନର ସଞ୍ଚିତ ଧନ ନଗଦ ରଖିଥାଆନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଏହି ବର୍ଗ ବିଶେଷ କ୍ଷତିଗ୍ରସ୍ତ ହେବ। ବାସ୍ତବତାକୁ ଅନୁଭବ କରି ଏଭଳି ମତ ଦେଇଥିବା ବ୍ୟକ୍ତିଙ୍କୁ ସେତେବେଳେ ଦେଶଦ୍ରୋହୀ ଆଖ୍ୟା ଦିଆଗଲା। କିନ୍ତୁ ବିମୁଦ୍ରୀକରଣର ୩ ମାସ ପରେ ଦେଶର ଅସଂଖ୍ୟ ଲଘୁ ଓ କ୍ଷୁଦ୍ର ଶିଳ୍ପରେ ତାଲା ପଡ଼ିଗଲା। ଫଳରେ ଏଥିରେ କାମ କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ବ୍ୟକ୍ତିମାନେ ବେକାର ହୋଇଗଲେ।

ବିମୁଦ୍ରୀକରଣକୁ ଆସନ୍ତା ନଭେମ୍ବର ୮ରେ ୩ ବର୍ଷ ପୂରିବ। ଦେଶର ଅର୍ଥନୀତିକୁ ଦୀର୍ଘମିଆଦୀ ଲାଭ ପହଞ୍ଚିବା ପରିବର୍ତ୍ତେ ମାନ୍ଦାବସ୍ଥା ଏବେ ଦେଶବାସୀଙ୍କୁ କବଳିତ କରିରଖିଛି। ବିମୁଦ୍ରୀକରଣ ବେଳେ ଯେଉଁମାନେ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ମାନ୍ଦାବସ୍ଥା ଭଳି ପରିସ୍ଥିତି ଉପୁଜିବ ବୋଲି ଆଶଙ୍କା କରିଥିଲେ ତାହାକୁ ସ୍ୱୟଂ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଶୀର୍ଷ ସଂସ୍ଥା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବେ ସତ୍ୟ ବୋଲି ତଥ୍ୟ ଉପସ୍ଥାପନ କରିଛି। ୭ ସେପ୍ଟେମ୍ବରରେ ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ବିମୁଦ୍ରୀକରଣ ଯୋଗୁ ଆଜି ମାନ୍ଦାବସ୍ଥା ସୃଷ୍ଟି ହୋଇଛି। କେନ୍ଦ୍ରୀୟ ବ୍ୟାଙ୍କ ତଥ୍ୟ ମୁତାବକ ବିମୁଦ୍ରୀକରଣ ପରେ କଞ୍ଜୁମର ଗୁଡ୍‌ସ ବା ଖାଉଟି ସାମଗ୍ରୀ ଲାଗି ଋଣ ପ୍ରଦାନ ନିମ୍ନଗାମୀ ହେବା ସହ ନିରନ୍ତର ହ୍ରାସ ପାଇଚାଲିଛି। ୨୦୧୭ ମାର୍ଚ୍ଚ ଶେଷ ସୁଦ୍ଧା ବ୍ୟାଙ୍କଗୁଡ଼ିକ ପକ୍ଷରୁ କଞ୍ଜୁମର ଗୁଡ୍‌ସ ବାବଦକୁ ରେକର୍ଡ ୨୦,୭୯୧ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ବିମୁଦ୍ରୀକରଣର ପ୍ରଭାବ ଅନୁଭୂତ ହେବା ପରେ ଏବେ ଏହା ୭୩ ପ୍ରତିଶତ ହ୍ରାସ ଘଟିଛି। ଫଳରେ ଲଘୁ, ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ର ଘୋର ବିପର୍ଯ୍ୟସ୍ତ ହୋଇଛି। ଏହା ଦ୍ୱାରା ନିଯୁକ୍ତି କ୍ଷେତ୍ର ପ୍ରଭାବିତ ହୋଇଛି। ଏଠାରେ ମନେରଖିବାକୁ ହେବ ଯେ, ବୃହତ୍ ଶିଳ୍ପସଂସ୍ଥା ବର୍ତ୍ତମାନ ଅଟୋମେଶନ ଏବଂ କମ୍ପ୍ୟୁଟରଚାଳିତ ହୋଇଯାଉଥିବାରୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର କେବଳ ବହୁ ସଂଖ୍ୟକ ଚାକିରି ସୃଷ୍ଟି କରିଥାଏ। ଏହି କ୍ଷେତ୍ରର ମୃତ୍ୟୁର ଅର୍ଥ ହେଉଛି ବେକାରି ଓ ହାହାକାର। ଯେତେବେଳେ ଲୋକଙ୍କ ପାଖରେ ଅର୍ଥର ଅଭାବ ଦେଖାଦେବ, ସେତେବେଳେ ଗଦା ଗଦା ହୋଇ ପଡ଼ି ରହିଥିବା ସାମଗ୍ରୀ କିଣିବାକୁ ସେମାନେ ଅସମର୍ଥ ହେବେ। ଏବର ପରିସ୍ଥିତି ଦେଖିଲେ ଉତ୍ପାଦିତ ଦ୍ରବ୍ୟ ବିକ୍ରି ନ ହେବାରୁ ସଂସ୍ଥାଗୁଡ଼ିକ ବ୍ୟାପକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏହା ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଅଂଶର ଗୋଟିଏ ବିଶ୍ଳେଷଣ। ଅନୁରୂପ ଭାବେ ଗାଡ଼ିମୋଟର ନିର୍ମାତା ଅର୍ଥନୈତିକ ମାନ୍ଦାବସ୍ଥା ଦେଇ ଗତି କରିବା ପରେ ଏହି କ୍ଷେତ୍ରରେ ନିଯୁକ୍ତ ପ୍ରାୟ ସାଢ଼େ ୩ ଲକ୍ଷ ଲୋକ ଛଟେଇ ହେଲେଣି। ଏହିପରି କ୍ଷତିଗ୍ରସ୍ତ କ୍ଷେତ୍ରକୁ ଦେଖିଲେ ତାଲିକା ଲମ୍ବିଚାଲିଛି।

କେନ୍ଦ୍ରରେ ଏନ୍‌ଡିଏ–୨ ସରକାର ଆସିବା ପରେ ଭାରତୀୟ ଅର୍ଥନୀତି ଉପରେ ଉଚ୍ଚ ଆଶା ରଖାଯାଇ କୁହାଯାଉଛି ଯେ ୨୦୨୪–୨୫ ଆର୍ଥିକ ବର୍ଷ ସୁଦ୍ଧା ଏହା ୫ ଟ୍ରିଲିୟନ ଡଲାର ବା ୫ ଲକ୍ଷ କୋଟି ଡଲାରରେ ପହଞ୍ଚିବ। ବର୍ତ୍ତମାନ ସ୍ଥିତି ଦେଖିଲେ ପ୍ରାୟ ୧୩୫ କୋଟି ଲୋକସଂଖ୍ୟା ବିଶିଷ୍ଟ ଦେଶର ସମୁଦାୟ ଘରୋଇ ଉତ୍ପାଦ (ଜିଡିପି) ୨.୬ ଟ୍ରିଲିୟନ ଡଲାରରେ ରହିଛି। ଈପ୍ସିତ ଲକ୍ଷ୍ୟ ୫ ଟ୍ରିଲିୟନ ଡଲାର ପୂରଣ ହେବା କଷ୍ଟକର ବୋଲି କୁହାଯାଇପାରେ। କାରଣ ଜୁଲାଇରେ ଉପସ୍ଥାପିତ ବଜେଟ ପରଠାରୁ ପ୍ରତି ସପ୍ତାହରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଭାରତୀୟ ଷ୍ଟକ୍ ବଜାରରୁ ଅର୍ଥ ଉଠାଇ ନେଇଚାଲିଛନ୍ତି। ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବିଦେଶୀ ନିବେଶକଙ୍କ ଉପରେ ଲାଗିଥିବା ସରଚାର୍ଜ ହଟାଇ ଦେବା ସତ୍ତ୍ୱେ ୮ ସେପ୍ଟେମ୍ବରରେ ମିଳିଥିବା ତଥ୍ୟ ଅନୁଯାୟୀ, ଏଫ୍‌ପିଆଇମାନେ ଚଳିତ ମାସ ପ୍ରଥମ ସପ୍ତାହରେ ୧,୨୬୩ କୋଟି ଟଙ୍କା ଉଠାଇଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଭାରତୀୟ ବଜାର ଉପରେ ଆଉ ସେମାନଙ୍କ ଆସ୍ଥା ରହୁ ନାହିଁ। ଅର୍ଥନୀତି ବୁଝୁଥିବା ବ୍ୟକ୍ତିମାନେ ଜାଣିଛନ୍ତି, ବଜାରରେ ସାମଗ୍ରୀ ବିକ୍ରି ହେଲେ ଆର୍ଥିକ ଗତିବିଧି ବଢ଼େ। ତତ୍‌ସହିତ ସରକାରଙ୍କୁ ଟିକସ ମିଳିଥାଏ। ସେଥିପାଇଁ ମାନ୍ଦାବସ୍ଥାକୁ ଆର୍‌ବିଆଇ ସ୍ୱୀକାର କରି ଯେତିକି ସତ୍ୟ କହିଛି, ତାହାଠାରୁ ଅଧିକ ପ୍ରମାଣ ଦେଉଛି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିମାଣ ହ୍ରାସ। ମାସିକ ୧ ଲକ୍ଷ କୋଟି ଟଙ୍କା ଆଦାୟ ଲାଗି ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଅଗଷ୍ଟ ୨୦୧୯ର ତଥ୍ୟ ଦେଖିଲେ ଏହା କମି ୯୮,୨୦୨ କୋଟି ଟଙ୍କାରେ ରହିଛି। ଏବେ ମାନ୍ଦାବସ୍ଥା ଲାଗି ରହିଥିବାରୁ ବିଶ୍ୱରେ ଅନ୍ୟତମ ଅର୍ଥନୈତିକ ଶକ୍ତି ଭାବେ ଉଭା ହେବା ଲାଗି ଭାରତ ସ୍ୱପ୍ନ ଦେଖିବା ଅସ୍ୱାଭାବିକ ମନେହେଉଛି। ଆଜିର ପ୍ରତିଦ୍ୱନ୍ଦ୍ୱିତାମୂଳକ ଆର୍ଥିକ ଜଗତରେ ଯେଉଁ ରାଷ୍ଟ୍ର ତା'ର ଅସ୍ତିତ୍ୱ ହରାଇବ, ତାହାର ରାଜନୈତିକ ସ୍ଥିତି ବିଶ୍ୱ ସ୍ତରରେ ମଳିନ ପଡ଼ିଯିବ। ଉଦାହରଣ ସ୍ୱରୂପ, ଭାରତ ଏକ ଅତି ବୃହତ୍ ଖାଉଟି ଦେଶ ହୋଇଥିବାରୁ ଉଭୟ ଆମେରିକା ଓ ଚାଇନା ଭଳି ରାଷ୍ଟ୍ର ଆମର ଆଭ୍ୟନ୍ତରୀଣ ବ୍ୟାପାର ଯଥା କଶ୍ମୀର ଲାଗି ଉଦ୍ଦିଷ୍ଟ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କିମ୍ବା ଉତ୍ତର ପୂର୍ବାଞ୍ଚଳରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) କାର୍ଯ୍ୟକାରୀ ହେବା ସତ୍ତ୍ୱେ କୌଣସି ବିରୋଧାଭାବ ପ୍ରକାଶ କଲେ ନାହିଁ। କିନ୍ତୁ, ଯଦି ସେହି ବଜାର ଅର୍ଥନୀତି ଦୁର୍ବଳ ହୋଇଯିବ, ସେତେବେଳେ ଶୋଇଥିବା କୁକୁରକୁ ଗୋଇଠା ମାରିବା ଭଳି ସବୁ ଦେଶ ଭାରତକୁ ବେଖାତିର କରିବେ। ଆଜି ପାକିସ୍ତାନର ସେହି ବୃହତ୍ ଖାଉଟି ଦେଶର ମାନ୍ୟତା ନ ଥିବାରୁ ତାହାର ଅନ୍ତର୍ଜାତୀୟ ଓଜନ ହ୍ରାସ ପାଇଛି। ଭାରତ ନିଜର ସ୍ଥିତିକୁ ନ ଜଗିଲେ ଆମକୁ ସେହିଭଳି ଦଶା ଭୋଗିବାକୁ ପଡ଼ିବ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | 5 | A | | B | | | | | | | C | |
| 7 | 8 | | | 1 | | | | 2 | | | | | | |
| 5 | | 1 | | | 6 | | | | 0 | 3 | 2 | | | |
| | | | 3 | | B | 1 | | | | 7 | | | | |
| 2 | 3 | A | | | 8 | | | 4 | | | 9 | | | |
| | | | 1 | | | | A | | 5 | | | | | C |
| D | | C | | 4 | 7 | | | B | | A | 3 | | 6 | |
| | | 6 | | C | E | | 8 | 1 | | 9 | | | 4 | A |
| | | | | | 0 | | | | D | | B | | | |
| | | | 9 | | 2 | 6 | 3 | | C | 8 | 0 | | | 1 |
| | | 0 | | 7 | | | | E | B | | D | C | | |
| A | | B | | | | D | | 7 | | | | | 0 | 3 |
| | D | | E | | A | | | | | 0 | C | | 9 | |
| E | | | C | | | | 0 | 8 | 7 | | 6 | | | 2 |
| | | | | 9 | D | 2 | | | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 9 | 7 | 2 | 3 | 6 | D | 1 | 0 | 4 | B | A | 8 | 5 | E |
| B | 8 | 5 | A | C | 0 | 4 | 9 | E | 6 | 7 | 2 | 1 | D | 3 |
| A | D | 2 | E | 1 | 4 | 7 | 6 | 8 | 3 | 5 | 9 | B | C | 0 |
| 4 | 3 | 1 | B | 8 | 7 | 5 | 2 | C | 0 | E | D | 6 | A | 9 |
| 0 | E | 6 | D | 5 | 9 | A | 3 | B | 1 | C | 8 | 7 | 4 | 2 |
| 6 | 2 | C | 4 | A | B | 3 | 0 | D | 8 | 9 | E | 5 | 1 | 7 |
| E | 7 | 3 | 1 | D | 8 | 2 | B | 4 | 5 | A | 0 | 9 | 6 | C |
| 1 | A | 8 | 0 | 9 | C | 6 | 5 | 7 | 2 | D | 4 | E | 3 | B |
| D | 4 | B | 6 | E | 5 | 8 | C | 9 | 7 | 3 | 1 | 0 | 2 | A |
| 5 | 0 | 9 | 3 | 7 | 2 | 1 | E | A | C | 6 | B | 4 | 8 | D |
| 9 | 1 | A | C | 6 | D | E | 4 | 5 | B | 2 | 7 | 3 | 0 | 8 |
| 2 | C | 4 | 9 | B | A | 0 | 8 | 3 | E | 1 | 5 | D | 7 | 6 |
| 7 | 5 | E | 8 | 2 | 1 | 9 | A | 6 | D | 0 | 3 | C | B | 4 |
| 3 | 6 | 0 | 7 | 4 | E | B | D | 1 | A | 8 | C | 2 | 9 | 5 |
| 8 | B | D | 5 | 0 | 3 | C | 7 | 2 | 9 | 4 | 6 | A | E | 1 |

ଗତକାଲିର ଉତ୍ତର

# ଆର୍ଥିକ ସଙ୍କଟ ନେଇ ସରକାର ଗମ୍ଭୀର ତ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ପ୍ରମୁଖ ବିସ୍କୁଟ୍ ପ୍ରସ୍ତୁତକାରୀ କମ୍ପାନୀ ବ୍ରିଟାନିଆର ମୁଖ୍ୟ ଦେଶର ଆର୍ଥିକ ସଙ୍କଟ ଉପରେ ଟିପ୍ପଣୀ ଦେଇ କହିଥିଲେ, 'ଅବସ୍ଥା ଏପରି ହୋଇଛି ଯେ ବର୍ତ୍ତମାନ ପାଞ୍ଚଟଙ୍କିଆ ବିସ୍କୁଟ ପ୍ୟାକେଟ୍‌ଟିଏ କିଣିବା ପୂର୍ବରୁ ବି ଲୋକେ ଦୁଇଥର ଚିନ୍ତା କରୁଛନ୍ତି।' ବ୍ରିଟାନିଆ ମୁଖ୍ୟଙ୍କ ଏହି ସରଳ ଟିପ୍ପଣୀ ମଧ୍ୟଦେଇ ଦେଶର ଅର୍ଥନୀତିର ଭୟଙ୍କର ଚିତ୍ରଟି ସ୍ପଷ୍ଟ ଜଣାପଡେ। ବଜାରରେ ବିକ୍ରି ହେଉ ନ ଥିବାରୁ ଦେଶର ୩.୫ କୋଟି ଲୋକଙ୍କୁ ରୋଜଗାର ଦେଉଥିବା ଗାଡ଼ି ଶିଳ୍ପରେ ଏକରକମ ହାହାକାର ସୃଷ୍ଟି ହୋଇଥିବା ବେଳେ ଅନ୍ୟତମ ରୋଜଗାର ପ୍ରଦାନକାରୀ କ୍ଷେତ୍ର ବୟନ ଶିଳ୍ପରେ ମଧ୍ୟ ଗତ ଏକ ବର୍ଷ ମଧ୍ୟରେ ୩୦–୩୫% ଉତ୍ପାଦନ ହ୍ରାସ ପାଇ ପ୍ରାୟ ୩୦–୫୦ ଲକ୍ଷ ଲୋକ ରୋଜଗାର ହରାଇଛନ୍ତି। କେବଳ କାର୍, ବାଇକ୍, ଏସି, ଏଲ୍‌ଇଡି ଟିଭି ପରି ଉଚ୍ଚମୂଲ୍ୟର ବିଳାସ ସାମଗ୍ରୀ ନୁହଁ, ଲୁଗାପଟାଠାରୁ ଆରମ୍ଭ କରି ବିସ୍କୁଟ୍, ଶୁଖିଲା ଖାଦ୍ୟ, ଚା, ଏଫ୍‌ଏମ୍‌ସିଜି ପର୍ଯ୍ୟନ୍ତ ବଜାରରେ ସବୁ ରକମର ଶିଳ୍ପଜାତ ଦ୍ରବ୍ୟ ବିପୁଳ ପରିମାଣରେ ଗଚ୍ଛିତ ଥିଲେ ମଧ୍ୟ ତାହା ବିକ୍ରି ହୋଇପାରୁନାହିଁ। ଗତ ତିନି ମାସ ମଧ୍ୟରେ ବିଦେଶରୁ ତେଲ, ସୁନା ଓ ରୁପା ପରି ସାମଗ୍ରୀର ଆମଦାନୀରେ ୪୫% ହ୍ରାସ ଦେଖାଦେବା ବି ବଜାରରେ ନଗଦର ଅଭାବ ଏବଂ ଲୋକଙ୍କ କ୍ରୟକ୍ଷମତାର ହ୍ରାସକୁ ସୂଚାଉଛି।

ତେବେ ଆଶ୍ଚର୍ଯ୍ୟର କଥା, ଦେଶର ଅର୍ଥନୀତିରେ ଗତ ପ୍ରାୟ ଏକବର୍ଷ ଧରି ମାନ୍ଦାବସ୍ଥା ଦେଖାଯାଉଥିଲେ ବି ସରକାର ଏ ଯାଏ ତାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ତେବେ ସରକାରଙ୍କୁ ସମର୍ଥନ କରି ଆସୁଥିବା ରାହୁଲ ବଜାଜଙ୍କଠାରୁ ଆରମ୍ଭକରି ମୋହନଦାସ ପାଇଙ୍କ ପର୍ଯ୍ୟନ୍ତ ଜଣକ ପରେ ଜଣେ ଶିଳ୍ପପତି ମାନ୍ଦାବସ୍ଥାକୁ ନେଇ ଖୋଲାଖୋଲି ଭାବେ ନିଜର ଅସନ୍ତୋଷ ପ୍ରକାଶ କରିବା ତଥା ଖୋଦ୍ ସରକାରଙ୍କ ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ବର୍ତ୍ତମାନର ସଙ୍କଟକୁ ସତୁରି ବର୍ଷରେ ଅଭୂତପୂର୍ବ ବୋଲି କହିବା ପରେ ସରକାର ହଠାତ୍ ସକ୍ରିୟ ହୋଇ ଅନେକ ପଦକ୍ଷେପ ଘୋଷଣା କରିଛନ୍ତି। ଦେଶର ଅର୍ଥନୀତିର ଦୁରବସ୍ଥାକୁ ଦେଖି ମୁହଁ ଫେରାଇ ନେଉଥିବା ବିଦେଶୀ ପୁଞ୍ଜିପତିଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଦେଢ଼ ମାସ ତଳେ ବଜେଟରେ ବସାଇଥିବା ଟିକସ ଓ ସରଚାର୍ଜକୁ ପ୍ରତ୍ୟାହାର କରିଛନ୍ତି। ଖୁଚୁରା, କୋଇଲା ଖନନ, ଡିଜିଟାଲ ମିଡ଼ିଆ ପରି ଅନେକ କ୍ଷେତ୍ରକୁ ଶହେ ପ୍ରତିଶତ ବିଦେଶୀ ପୁଞ୍ଜି ପାଇଁ ଖୋଲି ଦିଆଯାଇଥିବା ବେଳେ ପୂର୍ବରୁ ବିଦେଶୀ ପୁଞ୍ଜିନିବେଶ ପାଇଁ ରହିଥିବା ଅନେକ ସର୍ତ୍ତକୁ କୋହଳ କରିଦିଆଯାଇଛି। କେବଳ ସେତିକି ନୁହେଁ, ପ୍ରଥମ ଥର ପାଇଁ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କରୁ ୧.୭୬ ଲକ୍ଷ କୋଟି ଟଙ୍କାର ବିପୁଳ ଧନରାଶି ନିଜ ପାଖକୁ ଆଣିଛନ୍ତି, ଯେଉଁଥିରେ ବ୍ୟାଙ୍କର ସଂରକ୍ଷିତ ଜରୁରିକାଳୀନ ପାଣ୍ଠିର ଅର୍ଥ ବି ରହିଛି। ସରକାରଙ୍କ ଉପରୋକ୍ତ ପଦକ୍ଷେପ ଆର୍ଥିକ ସଙ୍କଟକୁ ରୋକିବାରେ ଯେ ବିଫଳ ହେବ, ଏହା ସରକାରଙ୍କ ଘୋଷଣା ସତ୍ତ୍ୱେ ସଙ୍କଟ ଦୂର ହେବାର କୌଣସି ଲକ୍ଷଣ ଦେଖା ନ ଯିବାରୁ ସ୍ପଷ୍ଟ ପ୍ରମାଣିତ ହେଉଛି।

ମୋଦି ସରକାରଙ୍କ ଦୁଇଟି ବଡ଼ ପଦକ୍ଷେପ, ୨୦୧୬ର ବିମୁଦ୍ରୀକରଣ ଏବଂ ୨୦୧୭ର ଜିଏସ୍‌ଟି ଦେଶର ଅର୍ଥନୀତିରେ ସବୁଠାରୁ ବେଶି କ୍ଷତି ପହଞ୍ଚାଇଛି। ବିମୁଦ୍ରୀକରଣ ଫଳରେ ଅସଂଗଠିତ କ୍ଷେତ୍ରର ଅର୍ଥନୀତି ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛି। ଜିଏସ୍‌ଟି ଯୋଗୁ ଦେଶର ଅସଂଗଠିତ କ୍ଷେତ୍ରର ବ୍ୟବସାୟ ଭୟଙ୍କର ସଙ୍କଟ ମଧ୍ୟକୁ ଚାଲିଯାଇଛି। କୋଟି କୋଟି ଲୋକ ନିଜର ରୋଜଗାର ହରାଇଛନ୍ତି। ବିଭିନ୍ନ ସରକାରୀ ବିଭାଗରେ ଖାଲି ପଡ଼ିଥିବା ପ୍ରାୟ ଏକ କୋଟି ପଦବୀକୁ ଗତ ପାଞ୍ଚବର୍ଷ ମଧ୍ୟରେ ପୂରଣ ତ କରାଯାଇନି ବରଂ ରେଳ ବିଭାଗର ଛଅ ଲକ୍ଷ ପଦବୀ ଉଚ୍ଛେଦ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ଜାତୀୟ ନମୁନା ସର୍ଭେର ସଦ୍ୟତମ ରିପୋର୍ଟ ଅନୁଯାୟୀ ଦେଶରେ ବେରୋଜଗାର ହାର ଗତ ୪୫ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତର (୪୫%)ରେ ପହଞ୍ଚିଛି।

ସରକାର ଆପଣେଇଥିବା ନବଉଦାରବାଦୀ ଅର୍ଥନୀତି ଦେଶରେ ଆର୍ଥିକ ବୈଷମ୍ୟକୁ ବଢ଼ାଇବା ସହିତ ଅଧିକରୁ ଅଧିକ ଲୋକଙ୍କ ଆୟ ହ୍ରାସ କରି ଦାରିଦ୍ର୍ୟ ଭିତରକୁ ଠେଲିଦେବାରେ ଲାଗିଛି। ନିକଟରେ ପ୍ରକାଶିତ ଅକ୍ସଫାମ୍‌ର ରିପୋର୍ଟ ଅନୁଯାୟୀ ଦେଶର ୭୩% ସମ୍ପତ୍ତି ମାତ୍ର ୧% ଧନୀ ଲୋକଙ୍କ ହାତରେ ଠୁଳ ହୋଇଛି। କୃଷିରେ ମଧ୍ୟ ଲଗାତର ସରକାରୀ ପୁଞ୍ଜିନିବେଶର ଅଭାବ ଏବଂ ବର୍ଦ୍ଧିତ କୃଷି ସଙ୍କଟ କାରଣରୁ ଗ୍ରାମାଞ୍ଚଳର ସାଧାରଣ ଜନତାଙ୍କ ଆୟ ଓ କ୍ରୟ କ୍ଷମତା ହ୍ରାସ ପାଇଛି। ଜାତୀୟ ନମୁନା ସର୍ଭେ– ୨୦୧୮ର ତଥ୍ୟ ଅନୁଯାୟୀ ୨୦୧୪–୧୫ରେ ଗ୍ରାମାଞ୍ଚଳରେ ବ୍ୟକ୍ତି ପିଛା ଖର୍ଚ୍ଚ କରିବାର କ୍ଷମତା ବା ଆୟ ୧୫୮୭ ଟଙ୍କା ଥିବାବେଳେ ୨୦୧୮–୧୯ରେ ତାହା ଟ୧୫୨୪କୁ ହ୍ରାସ ପାଇଛି। ସେହିଭଳି ସହରାଞ୍ଚଳରେ ବ୍ୟକ୍ତି ପିଛା ମାସିକ ହାରାହାରି ଖର୍ଚ୍ଚ ୨୯୨୬ ଟଙ୍କା ଥିବା ବେଳେ ତାହା ୨୯୦୯ ଟଙ୍କାକୁ ହ୍ରାସ ପାଇଛି। କୃଷିରେ ବିକାଶ ଦର ୨.୯%ରେ ସୀମିତ ଥିବା ବେଳେ ଶିଳ୍ପରେ ବିକାଶ ଦର ୬.୯%କୁ ଖସିଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟହ୍ରାସ ରେକର୍ଡ଼ ସ୍ତରରେ ପହଞ୍ଚୁଥିବା ବେଳେ ଦେଶର ଆମଦାନି ଓ ରପ୍ତାନି ଉଭୟ ହ୍ରାସ ପାଇଛି।

ଆର୍ଥିକ ମାନ୍ଦାବସ୍ଥାର ସବୁଠାରୁ ବଡ଼ କାରଣ ହେଉଛି ଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କ କ୍ରୟଶକ୍ତି ହ୍ରାସ। ବିଭିନ୍ନ ସରକାରୀ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗତ ପାଞ୍ଚବର୍ଷ ମଧ୍ୟରେ ଦେଶରେ ଶିଳ୍ପ ଶ୍ରମିକମାନଙ୍କ ମଜୁରିରେ କୌଣସି ବୃଦ୍ଧି ଘଟି ନ ଥିବା ବେଳେ କୃଷି ମଜୁରିରେ ଓଲଟା ହ୍ରାସ ଦେଖାଦେଇଛି। ଦେଶରେ ମଜୁରି ବୃଦ୍ଧିର ହାର ୨୦୧୦–୧୧ରେ ୨୦.୫% ଥିବା ବେଳେ ୨୦୧୮–୧୯ ବେଳକୁ ତାହା ଏକ ଅଙ୍କକୁ ଖସି ଆସିଛି। ଗ୍ରାମାଞ୍ଚଳରେ ସରକାରଙ୍କ ସବୁଠାରୁ ବଡ଼ ରୋଜଗାର ସୃଷ୍ଟିକାରୀ ଯୋଜନା ମନରେଗାରେ ସରକାର ପ୍ରତିବର୍ଷ ବ୍ୟୟହ୍ରାସ କରି ଚାଲିଥିବା ବେଳେ ସେଥିରେ ଦିଆଯାଉଥିବା ମଜୁରି ନ ବଢ଼ାଇବା ଫଳରେ ବର୍ତ୍ତମାନ ତାହା ବଜାରର ମଜୁରିଠାରୁ ୩୦–୪୦% କମ୍ ରହିଛି। ନବଉଦାର ଅର୍ଥନୀତିର ଫଳସ୍ୱରୂପ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ନିୟମିତ ଓ ସ୍ଥାୟୀ ନିଯୁକ୍ତି ବଦଳରେ ଅଧିକରୁ ଅଧିକ ଠିକା ଏବଂ ଆଉଟ୍‌ସୋର୍ସିଂର ପ୍ରଚଳନ ଫଳରେ କୋଟି କୋଟି ଲୋକ ଅତ୍ୟନ୍ତ କମ୍ ଦରମାରେ କାମ କରିବାକୁ ବାଧ୍ୟ ହେଉଛନ୍ତି, ଯାହାକି ସେମାନଙ୍କ କ୍ରୟକ୍ଷମତାକୁ ହ୍ରାସ କରୁଛି।

ବିଶ୍ୱ ଶ୍ରମ ସଙ୍ଗଠନ ତା'ର ଏକ ରିପୋର୍ଟରେ ପ୍ରକାଶ କରିଛି ଯେ, ଭାରତରେ ମୋଟ ଜାତୀୟ ଆୟରେ ମଜୁରିର ଅଂଶ ଲଗାତର କମିଥିବା ବେଳେ ପୁଞ୍ଜିପତିଙ୍କ ମୁନାଫାର ଅଂଶ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ସାମୟିକ ଶ୍ରମଶକ୍ତି ସର୍ଭେର ତଥ୍ୟ ଅନୁଯାୟୀ ଦେଶର ମୋଟ ସ୍ଥାୟୀ କର୍ମଚାରୀଙ୍କ ମଧ୍ୟରେ ୪୫% (ଗ୍ରାମାଞ୍ଚଳରେ ୫୫% ଏବଂ ସହରାଞ୍ଚଳରେ ୩୮%)ଙ୍କ ଦରମା ମାସିକ ଦଶ ହଜାରରୁ କମ୍ ଥିବା ବେଳେ ୧୨% ସ୍ଥାୟୀ କର୍ମଚାରୀଙ୍କ ଦରମା ପାଞ୍ଚ ହଜାରରୁ ବି କମ୍। ଦେଶର ୬୩% ମହିଳା କର୍ମଚାରୀ ମାସିକ ଦଶ ହଜାରରୁ କମ୍ ଦରମା ପାଉଥିବା ବେଳେ ଅର୍ଦ୍ଧାଧିକ କର୍ମଚାରୀ କୌଣସି ପ୍ରକାରର ସାମାଜିକ ସୁରକ୍ଷା ପାଉନାହାନ୍ତି। ଦେଶର ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ସ୍ଥାୟୀ କର୍ମଚାରୀଙ୍କ ସ୍ଥିତି ଯଦି ଏଇଆ ତା'ହେଲେ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ କୋଟି କୋଟି ଶ୍ରମିକଙ୍କ ଆୟର ସ୍ଥିତି କ'ଣ ତାହା ଅନୁମେୟ।

ନିକଟରେ ଅର୍ଥମନ୍ତ୍ରୀ ଦେଶୀ ବିଦେଶୀ କର୍ପୋରେଟ୍‌ମାନଙ୍କୁ ଖୁସି କରିବା ପାଇଁ ଯେଉଁସବୁ କର, ଟିକସ ଓ ସରଜାର୍ଜରେ ରିହାତି ଓ ପ୍ରତ୍ୟାହାର ଘୋଷଣା କଲେ, ବଜାରରେ ନଗଦ ଉପଲବ୍ଧ କରାଇବା ପାଇଁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ତୁରନ୍ତ ୭୦ ହଜାର କୋଟି ଟଙ୍କା ଯୋଗାଇବାକୁ କହିଲେ, ଖୁଚୁରା ପରି କ୍ଷେତ୍ରରେ ଶହେ ପ୍ରତିଶତ ବିଦେଶୀ ପୁଞ୍ଜିକୁ ଅନୁମତି ଦେଲେ ଏହାଦ୍ୱାରା କେବଳ କର୍ପୋରେଟ୍‌ମାନଙ୍କର ହିଁ ମୁନାଫା ସୁରକ୍ଷିତ ହେବ, କିନ୍ତୁ ସାଧାରଣ ଜନତାଙ୍କ ଆୟ କିମ୍ବା କ୍ରୟକ୍ଷମତାରେ ବୃଦ୍ଧି ହେବନି।

ଅର୍ଥନୀତିକୁ ମାନ୍ଦାବସ୍ଥାରୁ ଉଦ୍ଧାର କରିବାର ଏକମାତ୍ର ଉପାୟ ହେଉଛି କର୍ପୋରେଟ୍ ନୁହେଁ ଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କ ଆୟକୁ ବଢ଼ାଇବା, ଫଳରେ ସେମାନେ ବଜାରରୁ ଅଧିକରୁ ଅଧିକ ଜିନିଷ କିଣିପାରିବେ। ଏଥିପାଇଁ ଦେଶରେ ସର୍ବନିମ୍ନ ମଜୁରି ବଢ଼ାଇବା ସହିତ ଭିତ୍ତିଭୂମି ନିର୍ମାଣରେ ବ୍ୟାପକ ସରକାରୀ ବିନିଯୋଗର ଆବଶ୍ୟକତା ରହିଛି। କୃଷିରେ ଆୟ ବୃଦ୍ଧି ପାଇଁ କୃଷକଙ୍କ ଫସଲର ସହାୟକ ମୂଲ୍ୟକୁ ଯଥେଷ୍ଟ ବୃଦ୍ଧି କରିବା ସହିତ ସେମାନଙ୍କ ଉତ୍ପାଦନ ଖର୍ଚ୍ଚ କମାଇବାକୁ ପଦକ୍ଷେପ ନେବା ଦରକାର। ଯଦି ସରକାର ଗ୍ରାମାଞ୍ଚଳର ଭିତ୍ତିଭୂମି ବିଶେଷକରି ଜଳସେଚନ, ଶୀତଳଭଣ୍ଡାର ପରି କୃଷି ଭିତ୍ତିଭୂମିରେ ବ୍ୟାପକ ସରକାରୀ ପୁଞ୍ଜିନିବେଶ କରନ୍ତି, ତା'ହେଲେ ତାହା ଭିତ୍ତିଭୂମିର ସୃଷ୍ଟି ସହ କୃଷି ଉତ୍ପାଦନକୁ ବଢ଼ାଇବ ଏବଂ ସେଠାରେ ରହୁଥିବା ସଂଖ୍ୟାଧିକ ଲୋକଙ୍କ ଆୟରେ ବୃଦ୍ଧି ଘଟିପାରିବ । ଫଳରେ ସେମାନେ ବଜାରରୁ ଶିଳ୍ପଜାତ ଦ୍ରବ୍ୟ କିଣିବାକୁ ସକ୍ଷମ ହେବେ ଏବଂ ବଜାରରେ ଚାହିଦା ବଢ଼ିବ।

ମୋ: ୯୪୩୭୧୬୬୩୯୧

# ୫–ଟି ଓ ସାମାଜିକ ପରିବର୍ତ୍ତନ



ଶିବରାମ ଶତପଥୀ

ମୁଖ୍ୟମନ୍ତ୍ରୀଙ୍କ ୫–ଟି ମନ୍ତ୍ର ସ୍ୱାଗତଯୋଗ୍ୟ। ଅବଶ୍ୟ ଏଥିରେ କିଛି ନୂତନତ୍ୱ ନାହିଁ। ବେଦ ଉପନିଷଦ ଓ ପୁରାଣମାନଙ୍କରେ ଏସବୁ ବିଷୟରେ ଆଗରୁ ମୁନିଋଷିମାନେ ସିଦ୍ଧାନ୍ତ କରିସାରିଛନ୍ତି। ଦଶହଜାର ବର୍ଷ ପୂର୍ବେ ଭାରତରେ ଉନ୍ନତ ଭାଷା, ସାହିତ୍ୟ, ସଂସ୍କୃତି, ସଭ୍ୟତା, ଶିକ୍ଷା, ଆଚାର ସଂହିତା ଓ ସୁଶାସନ ପ୍ରଚଳିତ ଥିଲାବେଳେ ପୃଥିବୀର ଅନ୍ୟ ସବୁ ଦେଶର ଲୋକେ ଆଦିମ ଅଧିବାସୀର ଜୀବନଯାପନ କରି 'ଜୋର ଯାର ମୁଲକ ତାର' ନିୟମରେ ପରିଚାଳିତ ହେଉଥିଲେ।

ଏ ୫ ଟିକୁ ପ୍ରାଧାନ୍ୟ ଅନୁସାରେ ପୁନର୍ବିନ୍ୟାସ କଲେ ପ୍ରଥମେ ଟାଇମ୍, ତା'ପରେ ଟିମ୍ ୱାର୍କ, ତୃତୀୟରେ ଟେକ୍ନୋଲୋଜି, ତା' ପରେ ଟ୍ରାନ୍ସପରେନ୍ସି ଓ ଶେଷରେ ଅବଶ୍ୟ ଅପ୍ରଧାନ ନୁହେଁ (ଲାଷ୍ଟ ବଟ୍ ନଟ୍ ଦି ଲିଷ୍ଟ) ଟ୍ରାନ୍ସଫର୍ମେଶନ।

ଯେଉଁବ୍ୟକ୍ତି, ଦଳ ବା ସମାଜଠାରେ ସମୟ ଜ୍ଞାନ ନାହିଁ ସେ ଶତଚେଷ୍ଟା ସତ୍ତ୍ୱେ ଉପରକୁ ଉଠିପାରେ ନାହିଁ। ପ୍ରଗତି ପଥରେ ପ୍ରଥମ ସୋପାନ ହେଉଛି ସମୟାନୁବର୍ତ୍ତିତା। ସେନାପତି ଭାବେ ଯୁଦ୍ଧ କ୍ଷେତ୍ରରେ କେବଳ ପାଞ୍ଚ ମିନିଟ ବିଳମ୍ବରେ ପହଞ୍ଚିଥିଲେ ବୋଲି ନେପୋଲିୟନ ୱାଟରଲୁ ଯୁଦ୍ଧରେ ପରାସ୍ତ ହୋଇଥିଲେ। ଏଥିପାଇଁ ସୈନ୍ୟବାହିନୀରେ ଶୃଙ୍ଖଳା ସହିତ ସମୟାନୁବର୍ତ୍ତିତାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଏ। କେଉଁ ସମୟରେ କେଉଁ କାର୍ଯ୍ୟ କରିବା ଉଚିତ ସେ ଜ୍ଞାନ ନ ଥିଲେ ବ୍ୟକ୍ତିକୁ ପଦେ ପଦେ ପରାଜୟ ପଥର ପଥିକ ହେବାକୁ ପଡ଼େ। ବିଶ୍ୱ ବ୍ରହ୍ମାଣ୍ଡର ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ଉପଗ୍ରହ ଏପରି କି ଧୂମକେତୁ ମଧ୍ୟ ସମୟାନୁବର୍ତ୍ତୀ। ପ୍ରତ୍ୟହ ନିର୍ଦ୍ଧାରିତ ସମୟରେ ସୂର୍ଯ୍ୟ ଉଦିତ ହୁଅନ୍ତି ଓ ଅସ୍ତ ଯାନ୍ତି। ବହିଗଲା ନଈସୁଅ ପରି ସମୟ କେବେ ପ୍ରତ୍ୟାବର୍ତ୍ତନ କରେ ନାହିଁ। ତେବେ ସମୟ ଯଦି ସର୍ବନିୟନ୍ତା ତାଙ୍କୁ କିପରି ଆମେ ଅବଜ୍ଞା, ଅବହେଳା ବା ଉପେକ୍ଷା କରିପାରିବା ?

ଟିମ୍ ୱାର୍କ ଅର୍ଥ ମିଳିମିଶି କାମ କରିବା। ଚାରିଜଣ ଲୋକ ଚାରିଦିଗକୁ ମୁହଁ କରି ବସ୍ତୁଟିଏ ଟାଣିବାକୁ ଚେଷ୍ଟା କଲେ ପଦାର୍ଥଟି ଇଞ୍ଚେ ମଧ୍ୟ ଏପଟ ସେପଟ ହୁଏ ନାହିଁ। ସମସ୍ତେ ଲକ୍ଷ୍ୟସାଧନ ଦିଗରେ ମନପ୍ରାଣ ଢାଳିଦେଲେ ହିଁ ଅଭିଳଷିତ ଲକ୍ଷ୍ୟ ପ୍ରାପ୍ତ ହୁଏ। ପ୍ରତ୍ୟେକେ ଯଦି ଭାବିବେ ଯା' ହାତରେ ଯିଏ ଚଉଦ ପା, କାହାର ନିର୍ଦ୍ଦେଶ ମାନିବା ପାଇଁ ସେମାନେ ଜନ୍ମ ହୋଇନାହାନ୍ତି, ତେବେ ସେମାନଙ୍କ ଜୀବନ ବ୍ୟର୍ଥତା ଭିତରେ ହିଁ ଅତିବାହିତ ହୁଏ। ଏଣୁ ଚତୁଃବର୍ଣ୍ଣ ବିଭାଗରେ ସମାଜ ପରିଚାଳନାରେ ପ୍ରତ୍ୟେକ ବ୍ୟକ୍ତିଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। ଅତଏବ ସମାଜରେ କେହି ହେୟ ବା ଅପ୍ରଧାନ ନୁହେଁ। ଫନୀ ମହାବାତ୍ୟା ପରେ ଯେଉଁ ଇଲାକାର ଲୋକେ ସଫାଇବାଲାଙ୍କ ସହିତ ମିଶି କାମ କଲେ ସେ ସ୍ଥାନ ପ୍ରଥମେ ସଫା ହେଲା। ଯୁଦ୍ଧ କ୍ଷେତ୍ରରେ ଜୟ ଲାଭ କରିବାକୁ ହେଲେ ପଦାତିକ ବାହିନୀର ଯେତିକି ଭୂମିକା ରହିଥାଏ ଇଞ୍ଜିନିୟର, ଆର୍ଟିଲେରି, ବାୟୁସେନାର ମଧ୍ୟ ଅନୁରୂପ ଯୋଗଦାନ ଥାଏ। ଟିମ୍ ସ୍ପିରିଟ୍ ବିନା ଲକ୍ଷ୍ୟ ହାସଲ କରିବାରେ ଆଶାୟୀ ହେବା ଦିବାସ୍ୱପ୍ନ ମାତ୍ର। ତୈତ୍ତିରୀୟ ଉପନିଷଦ ମୁକ୍ତ କଣ୍ଠରେ କହେ– ଆମ ଦୁହିଁଙ୍କୁ (ଗୋଷ୍ଠୀ ଅର୍ଥରେ ଆମ ସମସ୍ତଙ୍କୁ) ପରମାତ୍ମା ରକ୍ଷା କରନ୍ତୁ। ଆମେ ମିଳିମିଶି ଭୋଜନ କରିବା। ଆମେ ମିଳିମିଶି ଉର୍ଜା (ବୀର୍ଯ୍ୟ, ଲୋକହିତକର ବୀରତ୍ୱ) ଉତ୍ପନ୍ନ କରିବା। ଏତଦ୍ୱାରା ଆମେ ତେଜସ୍ୱୀ ହେବା। ଅଧିକନ୍ତୁ କାହା ପ୍ରତି ଆମେ ହିଂସା ବା ଦ୍ୱେଷ ମନୋଭାବ ପୋଷଣ କରିବା ନାହିଁ।

ବୈଷୟିକ ଜ୍ଞାନର ପ୍ରୟୋଗ (ଟେକ୍ନୋଲୋଜି) ବିନା ଭୌତିକ ଉନ୍ନତି ସମ୍ଭବପର ନୁହେଁ। ଟେକ୍ନୋଲୋଜି ଗାଁ ଗହଳରେ ପ୍ରବେଶ କରିବା ଦ୍ୱାରା ସାଧାରଣ ଲୋକେ ତା'ର ସୁଫଳ ପାଇପାରିବେ। ସେଥିପ୍ରତି ପ୍ରଶାସନ ଓ ଲୋକପ୍ରତିନିଧିମାନେ ସଚେଷ୍ଟ ହେବା ଉଚିତ। ଆମେରିକା, ୟୁରୋପ, ରୁଷିଆ, ଚାଇନା, ଜାପାନ ଓ କୋରିଆ ବୈଷୟିକ ଜ୍ଞାନର ସଦୁପଯୋଗ କରି ଜୀବନ ନିର୍ବାହରେ ଯଥେଷ୍ଟ ଉନ୍ନତି କରିପାରିଛନ୍ତି। ଏ ଦେଶଗୁଡ଼ିକ ୱିଣ୍ଡମିଲ୍ ଓ ସୌରରଶ୍ମିରୁ ଉର୍ଜା ଆହରଣ କରି ପ୍ରଦୂଷଣମୁକ୍ତ ବାତାବରଣ ଭିତରେ କଳକାରଖାନା ଚଳାଇବା ପରି ପ୍ରଶଂସନୀୟ କାର୍ଯ୍ୟରେ ମନୋନିବେଶ କରିଛନ୍ତି। ଅଧୁନା ବିଦ୍ୟୁତ୍ ଶକ୍ତିଚାଳିତ ଗାଡିର ପ୍ରଚଳନ ଜୀବାଶ୍ମଜନିତ ପ୍ରଦୂଷଣରୁ ସେ ଦେଶଗୁଡିକୁ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କଥିତ ଅଛି, ତୁମେ ନିଜେ ସଚ୍ଚୋଟ ହେଲେ ଚଳିବ ନାହିଁ। ଯେତେଦିନ ଯାଏ କ୍ଷମତାସୀନ ସେତେଦିନ ଯାଏ ପ୍ରତି ପଦକ୍ଷେପରେ ତୁମକୁ ପ୍ରମାଣ କରିବାକୁ ପଡିବ ଯେ, ତୁମେ ନିଃସ୍ୱାର୍ଥପର, ନିର୍ଲୋଭ ଓ ତୁମର ପ୍ରତ୍ୟେକ କାର୍ଯ୍ୟ ଲୋକହିତ, ସର୍ବୋପରି ଦେଶର ଉନ୍ନତି କଳ୍ପେ ନିୟୋଜିତ। କେତେକ କ୍ଷେତ୍ରରେ ନଜରକୁ ଆସିଛି ଯେ ଉପରିସ୍ଥ ଅଧିକାରୀ ସଚ୍ଚୋଟ, ମାତ୍ର ତାଙ୍କ ନାଁରେ ଅଧସ୍ତନ କର୍ମଚାରୀମାନେ ଲୁଟି ଚାଲିଛନ୍ତି। ଏଥି ପ୍ରତି ଅଧିକାରୀମାନେ ସଜାଗ ରହିବା ବିଧେୟ। ଶାସକ ହାତରେ ଟ୍ରାନ୍ସପରେନ୍ସି ଏକ ମୁଖ୍ୟ ଅସ୍ତ୍ର।

ଅଧିକାରୀମାନେ ପ୍ରତ୍ୟେକେ ସ୍ୱଚ୍ଛତା ବା ଟ୍ରାନ୍ସପରେନ୍ସି ପ୍ରତି ଧ୍ୟାନ ଦେବା ଉଚିତ। ଯୋଜନାର ସୁଫଳ ଦର୍ପଣରେ ପ୍ରତିଫଳନ ପରି ଲୋକଙ୍କୁ ସ୍ପଷ୍ଟ ଦେଖାଯିବା ଦରକାର।

ସମୟାନୁବର୍ତ୍ତିତା, ମିଳିତ ଉଦ୍ୟମ, ବୈଷୟିକ ଜ୍ଞାନକୌଶଳ ଓ ସ୍ୱଚ୍ଛତା ସାମାଜିକ ପରିବର୍ତ୍ତନ (ଟ୍ରାନ୍ସଫର୍ମେଶନ)ର ଦ୍ୱାର ଉନ୍ମୁକ୍ତ କରେ। ଲୋକେ ଯେପରି ଭୌତିକ ପ୍ରାଚୁର୍ଯ୍ୟ ଉପଲବ୍ଧି କରିବା ସହିତ ମାନସିକ, ଚାରିତ୍ରିକ ଓ ସର୍ବୋପରି ସାଂସ୍କୃତିକ ସ୍ତରରେ ବିଶ୍ୱ ଆଗରେ ମୁଣ୍ଡ ଟେକି ଠିଆ ହେବେ, ତାହା ସମସ୍ତଙ୍କର ଧ୍ୟେୟ ହେବା ବାଞ୍ଛନୀୟ।

ଇ ୧୮, ପଦ୍ମପାଣିବିହାର, ଶୈଳଶ୍ରୀବିହାର,
ଭୁବନେଶ୍ୱର, ମୋ–୯୪୩୭୦୧୭୨୦୨

## ଆମ ସମସ୍ୟା

### ରାଜଧାନୀରେ ସ୍ୱେରେଜ ଅବ୍ୟବସ୍ଥା

ମହାଶୟ,

ରାଜଧାନୀର ଆଇଆର୍‌ସି ଭିଲେଜର ଏନ୍/୪ ଅଞ୍ଚଳରେ ଥିବା ଉତ୍ସ ହସ୍ପିଟାଲ ଓ ନଗର ନିଗମ ପାର୍କ ନିକଟବର୍ତ୍ତୀ ରାସ୍ତାକଡ଼ରେ ଥିବା ସ୍ୱେରେଜ ଲାଇନ ନିୟମିତ ସଫେଇ ହେଉନାହିଁ। ଫଳରେ ରାସ୍ତାରେ ସ୍ୱେରେଜ ମଇଳା ପାଣି ଭାସି ପରିବେଶକୁ ନର୍କରେ ପରିଣତ କରିଦେଲାଣି। ରାସ୍ତାକଡ଼ରେ ଥିବା ମ୍ୟାନ୍‌ହୋଲ ମଇଳା ଦ୍ୱାରା ଜାମ୍ ହୋଇ ନିକଟସ୍ଥ ଗୃହ ପରିସରରେ ଥିବା ସ୍ୱେରେଜ ବ୍ୟବସ୍ଥାକୁ ଅଚଳ କରିଦେବା ଫଳରେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ଗୃହବାସୀ। ସ୍ୱେରେଜ ବିପର୍ଯ୍ୟସ୍ତ କାରଣରୁ ଉପୁଜୁଥିବା ପରିମଳ ଅବ୍ୟବସ୍ଥାକୁ ସଜାଡ଼ିବାରେ ସଫେଇ କାର୍ଯ୍ୟରେ ନିୟୋଜିତ ଘରୋଇ ସଂସ୍ଥା ଅସମର୍ଥ ତଥା ଅସହଯୋଗୀ। ଉପରୋକ୍ତ ଅବ୍ୟବସ୍ଥାର ସୁଧାର ଆଣିବା ଦିଗରେ ସ୍ୱେରେଜ ବୋର୍ଡର ଉଚ୍ଚ କର୍ତ୍ତୃପକ୍ଷ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ବିନମ୍ର ନିବେଦନ।

ରବିନାରାୟଣ ପାଳ, ପ୍ଲଟ୍ ନଂ.ଏନ୍୪/୨୯, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର

### ପତଞ୍ଜଳି ବ୍ୟବସାୟୀ ଦେବାଳିଆ

ବାବା ରାମଦେବ ବଡ଼ ବଡ଼ କଥା କହି ନିଜର ବେପାର ବଢ଼ାଇଲେ। ଯେଉଁ ବ୍ୟବସାୟୀ ଏଥିରେ ଯୋଗଦେଲେ ସେମାନେ ଏବେ ସର୍ବସ୍ୱାନ୍ତ। କାରଣ ସବୁ ଉତ୍ପାଦ ଠିକ୍ ସମୟରେ ମିଳୁନାହିଁ। ମାନ ଦିନକୁ ଦିନ କମିଯାଉଛି। ଏରସମାର ଜଣେ ବ୍ୟବସାୟୀ ୩୦ଲକ୍ଷ ଟଙ୍କାର ପତଞ୍ଜଳି ପ୍ରଡକ୍ଟ ମଗେଇଥିଲେ। ଅଧିକାଂଶ ପ୍ରଡକ୍ଟର ଏକ୍ସପାଏରି ତାରିଖ ୨ରୁ ୩ ମାସ ଥିଲା। ତାଙ୍କର ପାଖାପାଖି ୨୦ଲକ୍ଷ ଟଙ୍କା କ୍ଷତି ହେଲା। ଜଗତ୍‌ସିଂହପୁରର ଜଣେ ବ୍ୟବସାୟୀ ୩ଲକ୍ଷ ଟଙ୍କାର ପ୍ରଡକ୍ଟ ଫେରାଇଲେ, ତାଙ୍କୁ ୧ଟଙ୍କା ବି ମିଳିଲା ନାହିଁ। ତେଣୁ ଓଡ଼ିଶାର ଭଲ ଭଲ ବ୍ୟବସାୟୀ ପତଞ୍ଜଳି ପ୍ରଡକ୍ଟ ବେପାରରୁ ମୁହଁ ଫେରାଇବେ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷ ଦେଖାଯାଉଥିବା ବେଳେ ବିହାର ନାଳନ୍ଦା ଜିଲାର ମାଢି ଗ୍ରାମବାସୀଙ୍କ ମୁକ୍ତ ଚିନ୍ତାଧାରା ଓ ଉଦାର ମନୋଭାବ ଦେଶକୁ ଏକ ବାର୍ତ୍ତା ଦେଇଛି ଏବଂ ପାଇଛି ଏକ ନିଆରା ପରିଚୟ। ବହୁଦିନ ତଳେ ମାଢିରେ ହିନ୍ଦୁ ମୁସଲମାନ ଏକାଠି ରହୁଥିଲେ। ମୁସଲମାନଙ୍କ ସଂଖ୍ୟା କମ୍ ଥିଲା। ସେମାନେ ଗାଁରେ ଏକ ମସ୍‌ଜିଦ ନିର୍ମାଣ କରିଥିଲେ। କାଳକ୍ରମେ ସବୁ ମୁସଲମାନ ଗାଁ ଛାଡି ଚାଲିଗଲା ପରେ ଏହି ମସ୍‌ଜିଦର ଦାୟିତ୍ୱ ହିନ୍ଦୁମାନେ ନେବାକୁ ନିଷ୍ପତ୍ତି କରି ଏହାର ଦେଖାରଖା କରୁଛନ୍ତି । ଖାଲି ଏତିକି ନୁହେଁ ମସ୍‌ଜିଦ୍‌ରେ ପ୍ରତିଦିନ ହିନ୍ଦୁମାନେ ୫ଥର ନମାଜ ପଢୁଛନ୍ତି। ହିନ୍ଦୁମାନେ 'ଅଜାନ୍' ଜାଣିନାହାନ୍ତି। ଏଣୁ ସେମାନେ 'ଅଜାନ'ର ରେକର୍ଡିଂ ବଜାଉଛନ୍ତି । ପ୍ରାୟ ୨୦୦ ବର୍ଷର ଏହି ମସ୍‌ଜିଦକୁ କିଏ ଓ କେବେ ନିର୍ମାଣ କରିଛନ୍ତି, ତାହା ବିଷୟରେ ଗ୍ରାମବାସୀ କିଛି ଜାଣିନାହାନ୍ତି । କିନ୍ତୁ ଈଶ୍ୱର–ଆଲ୍ଲା 'ଏକ' ଭାବନାରେ ସେମାନେ ସକାଳେ ଓ ସନ୍ଧ୍ୟାରେ ମସ୍‌ଜିଦ ସଫାକରି ନମାଜ ପଢୁଛନ୍ତି। ଲୋକମାନଙ୍କର କୌଣସି ସମସ୍ୟା ଆସିଲେ ସେଥିରୁ ମୁକ୍ତିପାଇବା ପାଇଁ ସେମାନେ ମସ୍‌ଜିଦରେ ପ୍ରାର୍ଥନା ବି କରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ସେପ୍ଟେମ୍ବର ୧୯୯୪

- ଭାରତ–ସିଙ୍ଗାପୁର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ଭାରତ ଟେଷ୍ଟ କ୍ରିକେଟ ଖେଳାଳି ରବି ଶାସ୍ତ୍ରୀ ପ୍ରଥମ ଶ୍ରେଣୀ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି।

## ଚିରନ୍ତନୀ

ମାନବ ଅନ୍ତର ତଳେ ଆଦିକାଳୁଁ ରହିଛି ଯେ ଦାଗ
କେତେ ଯତ୍ନେ କେତେ ପ୍ରାଣେ ବୋଳି ତହିଁ ନବ ଅନୁରାଗ,
କରଇ ଜୀବନ ଢାଳି ସେନେହେ ଲାଳିତ
କେତେ ଶଙ୍କା ଆବେଗରେ ଚିତ୍ତ।

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୧– ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଏଥିରୁ ଆସାମର ୧୯ ଲକ୍ଷରୁ ଅଧିକ ଲୋକ ବାଦ୍ ପଡ଼ିଥିବା ଜଣାପଡ଼ିଛି।

୨– ମୁସଲିମ୍ ନେତା ଅରିଫ ମହମ୍ମଦ ଖାନ୍ କେରଳର ରାଜ୍ୟପାଳ ହେଲେ।

୩– ଭାରତରେ ସ୍ୱଚ୍ଛ ଭାରତ ଅଭିଯାନ ଲାଗି ଆମେରିକାରେ ବିଲ୍ ଓ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁରସ୍କୃତ କରାଯିବ ବୋଲି ଘୋଷଣା।

୪– ଆମେରିକା ନିର୍ମିତ ୮ଟି ଲଢୁଆ ଆପାଚେ ହେଲିକପ୍ଟର ଭାରତୀୟ ବାୟୁସେନାରେ ସାମିଲ ହେଲା।

୫– ପାକିସ୍ତାନର ଗୁରଦ୍ୱାର ଦରବାର ସାହିବକୁ କର୍ତ୍ତାରପୁର କରିଡର ଦେଇ ଭାରତୀୟ ତୀର୍ଥଯାତ୍ରୀ ଭିଜାମୁକ୍ତ ଯାତ୍ରା କରିପାରିବେ ବୋଲି ଭାରତ ଓ ପାକିସ୍ତାନ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହୋଇଛି।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ। ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ନ୍ୟାଶନାଲ ଜିଓଗ୍ରାଫିରେ ଆସିବ 'ଫନୀ' ବୃତ୍ତଚିତ୍ର

**ଭୁବନେଶ୍ୱର,୮।୯(ବ୍ୟୁରୋ):** ସାମୁଦ୍ରିକ ଝଡ଼ ଫନୀ ସମ୍ପର୍କିତ ଏକ ଡକ୍ୟୁମେଣ୍ଟାରୀ(ବୃତ୍ତଚିତ୍ର) ନ୍ୟାଶନାଲ ଜିଓଗ୍ରାଫି ଚ୍ୟାନେଲରେ ପ୍ରଦର୍ଶିତ ହେବାକୁ ଯାଉଛି। ଫନୀ ପୂର୍ବ ପ୍ରସ୍ତୁତି, ମୁକାବିଲା ଏବଂ ଫନୀ ପରବର୍ତ୍ତୀ ପୁନରୁଦ୍ଧାରକୁ ନେଇ ଏହି ବୃତ୍ତଚିତ୍ରଟି ପ୍ରସ୍ତୁତ କରାଯାଇଛି। ଚଳିତ ମାସ ୨୧ ସୁଦ୍ଧା ଏହାର ଟିଜର ରିଲିଜ ପାଇଁ ଚେଷ୍ଟା କରାଯାଉଥିବା ଜଣାପଡ଼ିଛି। ଏହି ଭିଡିଓଟିର ଅବଧି ୪୫ ମିନିଟ୍ ରୁ ୧ ଘଣ୍ଟା ହେବ ବୋଲି ଜଣାପଡ଼ିଛି। ଚଳିତ ବର୍ଷ ମେ' ୩ରେ ଓଡ଼ିଶା ଉପକୂଳରେ ସାମୁଦ୍ରିକ ଝଡ ଫନୀ ପ୍ରବଳ କ୍ଷତି ସାଧନ କରିଥିଲା। ବିଶେଷ କରି ପୁରୀ, ଖୋର୍ଦ୍ଧା, ନୟାଗଡ ଏବଂ କଟକ ଆଦି ଜିଲା ବହୁଳ ଭାବେ ପ୍ରଭାବିତ ହୋଇଥିଲା। ବାତ୍ୟା ପୂର୍ବରୁ ଏକ ବୃହତ ଜନସଂଖ୍ୟାକୁ ସୁରକ୍ଷିତ ସ୍ଥାନକୁ ନିଆଯାଇ ପାରିଥିଲା। ବିଦ୍ୟୁତ ଭିତ୍ତିଭୂମି ଏବଂ ଟେଲି ଯୋଗାଯୋଗ ମଧ ବ୍ୟାଘାତ ହୋଇଥିଲା। ଫନୀ ପରବର୍ତ୍ତୀ ପୁନରୁଦ୍ଧାର ସମୟରେ ବିଦ୍ୟୁତ, ସ୍ୱାସ୍ଥ୍ୟ , ପରିମଳ ବିଭାଗ କର୍ମଚାରୀ ବହୁ ପରିଶ୍ରମ କରିଥିଲେ। ରାଜ୍ୟ ଓ କେନ୍ଦ୍ରର ବିପର୍ଯ୍ୟୟ ପରିଚାଳନା ସଂସ୍ଥା, ରାଜ୍ୟ ପୋଲିସ ବାହିନୀ ଏବଂ ସ୍ୱେଚ୍ଛାସେବୀମାନେ ପୁନରୁଦ୍ଧାର କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବୃତ୍ତଚିତ୍ରରେ କ୍ଷତିଗ୍ରସ୍ତ ହୋଇଥିବା ଅଣସଙ୍ଗଠିତ କ୍ଷେତ୍ରର କ୍ଷୁଦ୍ର ବ୍ୟବସାୟୀ, ପାନ/ପରିବା/ମତ୍ସ୍ୟ ଚାଷୀ, ଉଜୁଡି ଯାଇଥିବା ପର୍ଯ୍ୟଟନ ଭିତ୍ତିଭୂମି ଓ ଶିଳ୍ପକୁ ନିଚ୍ଛକ ଭାବେ ପରିବେଷଣ କରିବା ପାଇଁ ଚେଷ୍ଟା କରାଯାଇଛି।

# ଦେଢ଼ମାସର ପୁଅକୁ ଶ୍ୱାସରୁଦ୍ଧ କରି ହତ୍ୟା

ଭଦ୍ରକ ଅଫିସ, ୮।୯

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଗେଲଟୁଆ ନୂଆକଲୋନୀରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ଟୁବୁ ମୁଣ୍ଡା ନାମକ ଜଣେ ବ୍ୟକ୍ତି ନିଜ ଦେଢ଼ମାସର ପୁଅକୁ ଗତ ୩୦ ତାରିଖରେ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ମାଟି ଖୋଳି ପୋତି ଦେଇଥିଲେ। ତାଙ୍କ ସ୍ତ୍ରୀ ନନ୍ଦିନୀ ୯ ଦିନ ପରେ ଶନିବାର ସନ୍ଧ୍ୟାରେ ଏ ନେଇ ଟାଉନ ଥାନାରେ ଏତଲା ଦେବା ପରେ ଘଟଣା ପଦାକୁ ଆସିଛି। ଟାଉନ ଥାନା ପୋଲିସ ଶନିବାର ରାତିରେ ମାମଲା(ନଂ.୨୬୨/୧୯) ରୁଜୁ କରି ଅଭିଯୁକ୍ତ ଟୁବୁଙ୍କୁ ଆଣି ଅଟକ ରଖିଥିଲା। ରବିବାର ପୋଲିସ ତାଙ୍କୁ ଘଟଣାସ୍ଥଳକୁ ସାଙ୍ଗରେ ନେଇ ତଦନ୍ତ କରିଥିଲା। ରବିବାର ମାଜିଷ୍ଟ୍ରେଟ୍ ନ ରହିବା ଯୋଗୁ ମାଟି ତଳୁ ମୃତଦେହ ଖୋଳାଯାଇ ପାରି ନ ଥିଲା। ସୀମା ନିର୍ଦ୍ଧାରଣ ପାଇଁ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚିବା ପରେ ଉକ୍ତ ଅଞ୍ଚଳ ଗ୍ରାମାଞ୍ଚଳ ଥାନା ଅଧୀନରେ ଯାଉଥିବା ସ୍ଥିର ହୋଇଥିଲା। ଏହାପରେ ଗ୍ରାମାଞ୍ଚଳ ଥାନାଧିକାରୀ ପ୍ରଭାଂସୁ ମିଶ୍ର ଟାଉନ ଥାନାରେ ଅଟକ ଥିବା ଟୁବୁଙ୍କୁ ହତ୍ୟା ମାମଲାରେ ଗିରଫ କରିଛି। ଏ ନେଇ ଗ୍ରାମାଞ୍ଚଳ ଥାନାରେ ମାମଲା(ନଂ.୪୮୨/୧୯) ରୁଜୁ ହୋଇଛି। ସୋମବାର ମାଟି ଖୋଳି ଶିଶୁପୁତ୍ରର ମୃତଦେହ ବାହାର କରାଯାଇ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରାଯିବ ବୋଲି ସୂଚନା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଟୁବୁ ମଦ୍ୟପାନ କରି ଘରେ କଳହ କରୁଥିଲେ। ଗତ ୩୦ ତାରିଖ ରାତିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଟୁବୁ ତାଙ୍କ ଦେଢ଼ମାସର ଶିଶୁପୁତ୍ରକୁ ନେଇ ଘରେ ତାଲା ପକାଇ ଶୋଇଥିଲେ। ନନ୍ଦିନୀଙ୍କୁ ଘରେ ପଶିବାକୁ ଦେଇ ନ ଥିଲେ। ତେଣୁ ସେ ଦୁଇଝିଅଙ୍କୁ ଧରି ବାରଣ୍ଡାରେ ଶୋଇଥିଲେ। ମାତ୍ର ଅନେକ ସମୟ ଧରି ପୁଅର ପାଟି ନ ଶୁଭିବାରୁ ନନ୍ଦିନୀ କବାଟ ବାଡ଼େଇବା ପରେ ଟୁବୁ ଖୋଲିଥିଲେ। ସେତେବେଳକୁ ପୁଅର ମୃତ୍ୟୁ ହୋଇସାରିଥିଲା। ଦୁହେଁ ବୁଝାମଣା ଭିତ୍ତିରେ ଘର ନିକଟରେ ଗାତ ଖୋଳି ପୁଅର ମୃତଦେହକୁ ପୋତି ଦେଇଥିଲେ। ହେଲେ ଗତ ଶନିବାର ଟୁବୁ ତାଙ୍କୁ ପିଟିବାରୁ ସେ ଥାନାରେ ଏତଲା ଦେଇଛନ୍ତି।

### ରାସ୍ତାକଡରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସୋର, ୮।୯ (ଡି.ଏନ.ଏ.)-ସୋର ଥାନା ତଳନଗର ନିକଟ ଜାତୀୟ ରାଜପଥ ପାର୍ଶ୍ୱ ଯାତ୍ରୀ ବିଶ୍ରାମାଗାରଠାରୁ ରବିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସ୍ଥାନୀୟ ଲୋକେ ଏହି ମୃତଦେହ ଦେଖି ସୋର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶବ ଉଦ୍ଧାର କରି କେସ୍ (ନଂ. ୩୯୨/୧୯) ରୁଜୁ କରି ବ୍ୟବଚ୍ଛେଦ କରାଇଛି। ଏହି ଯୁବକ ହେଲେ ଛତ୍ରପୁର ଗ୍ରାମର ଅନୀଲ କୁମାର ମାନା(୪୫)।

■ ମାଇନିଂ ସେକ୍ଟରରେ ମାନ୍ଦାବସ୍ଥାର ଘୋର ପ୍ରଭାବ

## ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଫିମି

ନୂଆଦିଲ୍ଲୀ,୮।୯

ମାଇନିଂ ସେକ୍ଟର ଅର୍ଥାତ୍ ଖଣି କ୍ଷେତ୍ରରେ ମାନ୍ଦାବସ୍ଥା ଦେଖାଦେଇଛି। ଫଳରେ ଏହି କ୍ଷେତ୍ର ଏବେ ଘୋର ଦୁର୍ଦ୍ଦଶା ଦେଇ ଗତି କରୁଛି। ଦୈନିକ କର୍ମଚାରୀ ନିଯୁକ୍ତି ହରାଉଛନ୍ତି। ଏକ୍ଷେତ୍ରରେ ସଂସ୍କାର ଆଣିବା ନିହାତି ଆବଶ୍ୟକ ହେଲାଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୁରନ୍ତ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ଫେଡେରେଶନ ଅଫ୍ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜ(ଫିମି) ପକ୍ଷରୁ ପତ୍ର ଲେଖି ଅନୁରୋଧ କରାଯାଇଛି। ଖଣି କ୍ଷେତ୍ରରେ ସଂସ୍କାର କରାଗଲେ ପ୍ରାୟ ୫ କୋଟି ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ, ମାଇନିଂରେ ମାନ୍ଦାବସ୍ଥା କାରଣରୁ କର୍ମଚାରୀମାନେ ନିଯୁକ୍ତି ହରାଉଛନ୍ତି। ସଂସ୍କାର କାର୍ଯ୍ୟ ମାଧ୍ୟମରେ ପ୍ରାୟ ୫୦ ଲକ୍ଷ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଦିଆଯାଇପାରିବ ବୋଲି ପତ୍ରରେ କୁହାଯାଇଛି। ଫେଡେରେଶନ କହିଛି ଯେ, ଅତୀତରେ ଖଣି କ୍ଷେତ୍ର ଅଧିକ ନିଯୁକ୍ତି ସୃଷ୍ଟି କରିଛି। ସଂସ୍କାର କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶା, ଝାଡ଼ଖଣ୍ଡ, ରାଜସ୍ଥାନ, ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟର ଅନୁନ୍ନତ ଅଞ୍ଚଳରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ଦେଶର ଅର୍ଥନୀତିକୁ ୫ ଲକ୍ଷ କୋଟି ଡଲାର ଓ ୮% ଜିଡିପିରେ ପହଞ୍ଚାଇବାକୁ ହେଲେ ଖଣି କ୍ଷେତ୍ରକୁ ବଢ଼ାଇବାକୁ ହେବ। ବର୍ତ୍ତମାନ ସ୍ଥିତିରେ ଦେଶର ଜିଡ଼ିପିରେ ଏହି କ୍ଷେତ୍ରର ଅବଦାନ ଦିନକୁ ଦିନ କମିବାରେ ଲାଗିଛି ବୋଲି ଉଲ୍ଲେଖ କରି ପତ୍ରରେ ଦର୍ଶାଯାଇଛି ଯେ, ପ୍ରଧାନମନ୍ତ୍ରୀ ଖଣି କ୍ଷେତ୍ରରେ ତୁରନ୍ତ ସଂସ୍କାର ଆଣନ୍ତୁ।

### ଲଗାଣ ବର୍ଷା : ପିଙ୍ଗଲମୁଣ୍ଡା ଗାଁରେ ଘର ଭାଙ୍ଗି ମହିଳା ଗୁରୁତର

ଖପ୍ରାଖୋଲ, ୮।୯(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ୩ ଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଅଞ୍ଚଳର ବିଭିନ୍ନ ନଦୀ, ନାଳରେ ପାଣି ଭରି ରହିଥିବା ବେଳେ ବାଞ୍ଜିପାଲି-ବଡ଼ଉଡେନ ରାସ୍ତା କଟଙ୍ଗି ନାଳ ଉପରେ ବନ୍ୟା ଜଳ ପ୍ରବାହିତ ହୋଇଛି। ଲଗାଣ ବର୍ଷା ଯୋଗୁ ଘୁନସର ପଞ୍ଚାୟତ ପିଙ୍ଗଲମୁଣ୍ଡା ଗାଁରେ ରବିବାର ସକାଳେ ଡମନ ବନଛୋରଙ୍କ ଘର ଭାଙ୍ଗିଯାଇଥିଲା। ଏଥିରେ ଡମନଙ୍କ ସ୍ତ୍ରୀ ସାବିତ୍ରୀ ବନଛୋର(୫୦) ଚାପି ହୋଇଯାଇଥିଲେ। ଅଗ୍ନିଶମ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ପାଟଣାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

**ଏନ୍‌ଏଚ୍‌ଆର୍‌ସିରେ କିଡ୍‌ନୀ କାଢିନେବା ମାମଲା**

## ୨ଲକ୍ଷ କ୍ଷତିପୂରଣ ସହ ଆପୋଲୋ ହସ୍ପିଟାଲ ପଞ୍ଜୀକରଣ ରଦ୍ଦ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୮।୯(ବ୍ୟୁରୋ)

ବରଗଡ଼ ଜିଲାର ଅନିଲ ସ୍ୱାମୀଙ୍କ କିଡ୍‌ନୀ କାଢି ନେବା ମାମଲାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ମାମଲାର ବିଚାର କରି କମିଶନ ପୀଡତଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଆପୋଲୋ ହସ୍ପିଟାଲର ପଞ୍ଜୀକରଣ ରଦ୍ଦ କରିବାକୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେଇ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ କମିଶନର କହିଛନ୍ତି। ଏହାସହ ମାନବ ଶରୀରର ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ଆକ୍ଟ ୧୯୯୪ ଧାରା ୧୬ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ୨୦୧୩ରେ ଅନିଲ ଆପୋଲୋ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ଚିକିତ୍ସା ସମୟରେ ତାଙ୍କ ଅଜାଣତରେ କିଡ୍‌ନୀ କାଢି ନିଆଯାଇଥିଲା। ଏନେଇ ୨୦୧୬ରେ ବରଗଡ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ ଅନିଲ। ସେତେବେଳେ ଏହି ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ମାନବିକ ଅଧିକାର କର୍ମୀ ଅଖଣ୍ଡ ଏନ୍‌ଏଚ୍‌ଆରସିରେ ଅଭିଯୋଗ କରିଥିଲେ।

ଦୁର୍ବଳ ଅର୍ଥନୀତି ମୁକାବିଲା

## ଖଣି ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ରାଜ୍ୟ ସରକାର

ଭୁବନେଶ୍ୱର,୮।୯(ବ୍ୟୁରୋ)

ଦେଶର ଆର୍ଥିକ ସ୍ଥିତିକୁ ଦେଖି ବିଭିନ୍ନ ରାଜ୍ୟ ପଦକ୍ଷେପ ନେବାକୁ ଆରମ୍ଭ କଲେଣି। ଜାତୀୟସ୍ତରରେ ଅଟୋମୋବାଇଲ, ହସ୍ତତନ୍ତ କ୍ଷେତ୍ରରେ ମାନ୍ଦାବସ୍ଥା ଦେଖାଦେଇଛି। ବର୍ତ୍ତମାନ ସିମେଣ୍ଟ ଶିଳ୍ପ ମଧ ଦୁର୍ବଳ ଅର୍ଥନୀତି ଦ୍ୱାରା ପ୍ରଭାବିତ ହେବା ଆରମ୍ଭ କରିଛି। ଓଡ଼ିଶାରେ ଏସବୁ କ୍ଷେତ୍ରରେ ବୃହତ କାରଖାନା ନ ଥିବାରୁ ଏହାର ପ୍ରଭାବ ଏତେଟା ଅନୁଭୂତ ହେଉନାହିଁ। ହେଲେ ଓଡ଼ିଶାର ଅନେକ ଯୁବତୀଯୁବକ ତଥା ଶ୍ରମଶକ୍ତି ବାହାର ରାଜ୍ୟରେ ପ୍ରଭାବିତ ହୋଇଥିବା ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ମାତ୍ର ଏଭଳି ମାନ୍ଦାବସ୍ଥା ପରେ ତାମିଲନାଡୁ, ମହାରାଷ୍ଟ୍ର ଏବଂ ଗୁଜରାଟରେ କାର୍ଯ୍ୟରତ ବ୍ୟକ୍ତିବିଶେଷ ଓଡ଼ିଶା ମୁହାଁ ହେଉଥିବା ଜଣାପଡ଼ିଛି। ଅପରପକ୍ଷରେ ରାଜ୍ୟ ସରକାର ଏହି ପରିସ୍ଥିତିରେ ମଧ ନିଜସ୍ୱ ରାଜସ୍ୱ ବୃଦ୍ଧି ପାଇଁ ଚିନ୍ତା କରୁଛନ୍ତି। ନିକଟରେ ଏ ନେଇ ଓଡ଼ିଶାରେ କାର୍ଯ୍ୟରତ କେନ୍ଦ୍ରୀୟ ଟ୍ୟାକ୍ସ ଅଧିକାରୀ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଥିବା ଜଣାପଡିଛି। ହେଲେ ଖଣିଜ ସମୃଦ୍ଧ ଥିବା ଓଡ଼ିଶା ଦୁର୍ବଳ ଅର୍ଥନୀତି ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା କରାଯାଉଛି। ରାଜ୍ୟ ସରକାରଙ୍କ ଜନୈକ ଅର୍ଥ ବିଭାଗ କର୍ମଚାରୀଙ୍କ କହିବାନୁଯାୟୀ, ସରକାର ଖଣି ଲିଜ୍‌ରୁ ୧୮ ପ୍ରତିଶତ ରୟାଲଟି ସଂଗ୍ରହ କରିବା ପାଇଁ ଚିନ୍ତା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା କେତେକ କମ୍ପାନୀ ୫ ପ୍ରତିଶତ ହାରରେ ଟିକସ ଦେଉଥିବାବେଳେ କେତେକ ଆଦୌ ଦେଇନାହାନ୍ତି। କେବଳ ଖଣିଜ କ୍ଷେତ୍ରରୁ ରାଜ୍ୟ ସରକାର ୪୦୦ରୁ ୫୦୦ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ରଖିଥିବା ସମ୍ପୃକ୍ତ ଅଧିକାରୀ କହିଛନ୍ତି।

## ଆରମ୍ଭ ହୋଇପାରୁନି କଂଗ୍ରେସର ସଙ୍ଗଠନ ସଜାଡ଼ା

ଭୁବନେଶ୍ୱର,୮।୯(ବ୍ୟୁରୋ)

ରାଜ୍ୟ କଂଗ୍ରେସର ସମସ୍ତ ନିର୍ବାଚନ କମିଟିକୁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧକ୍ଷ ସୋନିଆ ଗାନ୍ଧୀ ନିକଟରେ ରଦ୍ଦ କରିଦେଇଛନ୍ତି। ମାତ୍ର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ଦୁଇ କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଓ ପ୍ରଦୀପ ମାଝୀଙ୍କୁ ଦଳ ପରିବର୍ତ୍ତନ କରିନାହିଁ। ସେମାନେ ନିଜ ପଦରେ ପୂର୍ବଭଳି ରହି ଦାୟିତ୍ୱ ତୁଲାଇପାରିବେ। ଏହାସହ କଂଗ୍ରେସ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂହଙ୍କୁ ମଧ ଦଳ ପକ୍ଷରୁ ପରିବର୍ତ୍ତନ କରାଯାଇନାହିଁ। କିନ୍ତୁ ଦଳର ବିଭିନ୍ନ ନିର୍ବାଚନ କମିଟି ସହ ପଦାଧିକାରୀମାନଙ୍କ କମିଟି ଭାଙ୍ଗି ଦିଆଯିବାପରେ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏନେଇ ଦଳ ଭିତରେ ଭିତରେ ଅସନ୍ତୋଷର ନିଆଁ କୁହୁଳିବାରେ ଲାଗିଛି। ୨୦୧୯ ନିର୍ବାଚନରେ ନିରଞ୍ଜନଙ୍କ ନେତୃତ୍ୱରେ ନିର୍ବାଚନ ଲଢି କଂଗ୍ରେସକୁ ଶୋଚନୀୟ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଛି। ଅପରପକ୍ଷରେ ଦଳର ଏଭଳି ପ୍ରଦର୍ଶନ ଦେଖିବାପରେ ମଧ ସଭାପତି କୌଣସି କାର୍ଯ୍ୟକ୍ରମ ନ କରିବା ଏବଂ ଆଗାମୀ ରଣନୀତି ନେଇ ବୈଠକ ଡକା ନ ଯିବାକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ ହୋଇଯାଇଛି। ଏନେଇ ଦଳର ନେତାମାନଙ୍କ ସହ ଯୋଗାଯୋଗ କରିବାରୁ ସଭାପତି ଏ ପର୍ଯ୍ୟନ୍ତ ବିଦେଶ ଗସ୍ତରୁ ଫେରି ନ ଥିବାରୁ କିଛି ନିଷ୍ପତ୍ତି ହୋଇପାରୁ ନାହିଁ ବୋଲି ସମସ୍ତେ ମତ ରଖିଛନ୍ତି। ସେପଟେ ଏନେଇ ରବିବାର ନିରଞ୍ଜନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସଭାପତି ପଦରୁ ତାଙ୍କୁ ପରିବର୍ତ୍ତନ କରାଯାଇ ନ ଥିବା ଖବର ସେ ପାଇଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ଦଳର ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ସେ ଗ୍ରହଣ କରି ନ ଥିବା ସୂଚନା ଦେଇଛନ୍ତି।

## ୬ ଜଣଙ୍କ ଜୀବନ ବଞ୍ଚାଇଲେ ଯୁବକ

ଜଗତ୍‌ସିଂହପୁର ଅଫିସ,୮।୯

ରବିବାର ଖୁଦୁରୁକୁଣୀ ଓଷାରେ ସ୍ଥାନୀୟ ପାଟେଣୀଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁର ଏକ ପୋଖରୀରେ ୬ଜଣ ବୁଡ଼ିଯାଉଥିବା ବେଳେ ଜଣେ ଯୁବକ ସାହସର ସହ ସେମାନଙ୍କୁ ଉଦ୍ଧାର କରିଛନ୍ତି। ବୁଡ଼ିଯାଉଥିବା ୬ଜଣଙ୍କ ମଧ୍ୟରେ ୫ଜଣ ନାବାଳିକା ଓ ଜଣେ ସାବାଳିକା ଥିବା ଜଣାଯାଇଛି। ନାବାଳିକାମାନେ ହେଲେ ବିଦ୍ୟୁସ୍ମିତା ସାହୁ, ଶୁଭସ୍ମିତା ସାହୁ, ଲିପ୍ସାରାଣୀ ସାହୁ, ଲକ୍ଷ୍ମୀପ୍ରିୟା ସାହୁ ଓ ମଧୁସ୍ମିତା ସାହୁ। ସାବାଳିକା ଜଣଙ୍କ ହେଲେ ଶୁଭସ୍ମିତା ରାଉତ(୨୩)। ସୂଚନା ଅନୁଯାୟୀ, ଖୁଦୁରୁକୁଣୀ ଓଷା ପାଇଁ ସେମାନେ ବାଲୁକା ପୂଜା କରିବାକୁ ପୋଖରୀ ତୁଠରୁ ମାଟି ଆଣୁଥିଲେ। ଏହି ସମୟରେ ବିଦ୍ୟୁସ୍ମିତା(୧୨)ଙ୍କ ଗୋଡ଼ ଖସିଯିବାରୁ ସେ ପୋଖରୀ ଭିତରକୁ ଖସିଯାଇଥିଲେ। ପାଖରେ ଥିବା ଆଉ ଜଣେ ଝିଅ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ ବୁଡ଼ି ଯାଇଥିଲେ। ଏହିପରି ଜଣେ ପରେ ଜଣେ ୬ ଜଣ ପୋଖରୀରେ ବୁଡିଯାଉଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ କାଳନ୍ଦୀ ନାମକ ଜଣେ ଯୁବକ ବହୁ କଷ୍ଟରେ ସେମାନଙ୍କୁ ଉଦ୍ଧାର କରିଥିଲେ।






ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



# ଭାଙ୍ଗିଲା, ଧୋଇନେଲା ଲଗାଣ ବର୍ଷା



ସମ୍ବଲପୁର ଜିଲା ଯୁଯୁମୁରା ବସିଆପଡାର ଚେକ୍‌ଡ୍ୟାମ୍ ପାର୍ଶ୍ୱ ମାଟି ଧୋଇ ହୋଇଯାଇଛି।



ଦାନ୍ତରି-ଯୁଯୁମୁରା ଗ୍ରାମ୍ୟ ରାସ୍ତା ଧୋଇଯାଇଛି।



ସମ୍ବଲପୁରରେ ପ୍ରସିଦ୍ଧ ଅହମୀୟା କବି ବେଜ ବରୁଆଙ୍କ ସାଧନା ଗୃହ ଭାଙ୍ଗି ଯାଇଛି।



ସମ୍ବଲପୁର ଯୁଯୁମୁରାର ଜଣଙ୍କ ଘର ଭାଙ୍ଗି ଯାଇଛି।



ଯୁଯୁମୁରା ଚଷାପଡାର ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିଯାଇଛି ।



ସମ୍ବଲପୁର ମହାନଗର ନିଗମ ଠେମରା ପଦରପଡାରେ ଭାଙ୍ଗି ଯାଇଥିବା ଘରକୁ ବନ୍ୟା ବିପନ୍ନ ପରିବାର ସଜାଡିବାରେ ବ୍ୟସ୍ତ।

**ସମ୍ବଲପୁର,୮।୯ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ୨ ଦିନ ହେଲା ଲଗାଣ ବର୍ଷା ଯୋଗୁ ପରିସ୍ଥିତି ସଙ୍ଗିନ ହୋଇଛି। ଅବଶ୍ୟ ରବିବାର ବର୍ଷା ଅନୁପାତ କମିଛି। ଏଣୁ ୨ ଦିନ ଧରି ଭୟଭୀତ ହୋଇ ରହିଥିବା ଲୋକଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି। ତେବେ ଏହି ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ମହାନଗର ନିଗମ ଅଞ୍ଚଳରେ ୯୦ଟି ଘର ଆଂଶିକ ଭାଙ୍ଗିଥିବା ବେଳେ ୧୨ଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଧନକଉଡା ବ୍ଲକର ବିଭିନ୍ନ ଗ୍ରାମରେ ମଧ୍ୟ ୧୨ଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି । ଶନିବାର ମୋତିଝରଣ ଓ ଧନକଉଡା ବ୍ଲକ ବାବୁବନ୍ଧର ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଥିବା ଲୋକେ ଫେରିଯାଇ ଘର ସଜାଡିବାକୁ ଲାଗି ପଡିଛନ୍ତି। ଏଣେତେଣେ ପଡିଥିବା ସାମଗ୍ରୀ ଏକାଠି କରିଛନ୍ତି । ହେଲେ ବାସହରା ହୋଇଥିବା ପରିବାର ଏବେ ମୁଣ୍ଡ ଗୁଞ୍ଜିବା ପାଇଁ ଚିନ୍ତାରେ ପଡିଯାଇଛନ୍ତି। ପାଣିରେ ନଷ୍ଟ ହୋଇଛି ବିଭିନ୍ନ ସାମଗ୍ରୀ। ବିଭିନ୍ନ ସ୍ଥାନରେ ରାସ୍ତା ଧୋଇ ନେଇଯାଇଛି । ବିରଘାଟ ଗ୍ରାମ୍ୟ ରାସ୍ତା ପୋଲ ଧୋଇ ଯାଇଛି। ଫଳରେ ଯାତାୟାତ ଠପ୍ ହୋଇ ପଡିଛି। ସେହିପରି ଠେମରା ପଦ ପଡାରେ ଅନେକ ଲୋକଙ୍କ ଘର ଭାଙ୍ଗି ଯାଇଛି । ଯୁଯୁମୁରା ଗ୍ରାମର ଚଷାପଡାର କୁଶ ବିଶ୍ୱାଳ ଓ ଟଙ୍କଧର ପ୍ରଧାନଙ୍କ ଘର ଭାଙ୍ଗିଯାଇଛି। ବସିଆପଡାରେ ଥିବା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ବିଭାଗ ଚେକ୍‌ଡ୍ୟାମ୍ ପାର୍ଶ୍ୱରେ ଥିବା ମାଟି ଧୋଇ ନେଇ ଯାଇଛି। ମହାନଗର ସମେତ ବ୍ଲକ ଗୁଡିକରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି। ମହାନଦୀରେ ଫୁଲି ଉଠିଛି। ବର୍ଷା ହେଲେ ସହରରେ ପଛୁଆ ପାଣି ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଉପୁଜିଛି। ତେବେ ଜିଲା ଜରୁରିକାଳୀନ ଅଧିକାରୀ ଶୁଭସ୍ମିତା ମିଶ୍ର କହିଛନ୍ତି ଯେ, ୧୯ଟି ସ୍ଥାନରେ ଅସ୍ଥାୟୀ ବନ୍ୟା ଆଶ୍ରୟ ସ୍ଥଳ କରାଯାଇଛି। କ୍ଷୟକ୍ଷତି ଆକଳନର ସମ୍ପୂର୍ଣ୍ଣ ରିପୋର୍ଟ ଆସିନାହିଁ । କେବଳ ମହାନଗର ନିଗମ ଅଞ୍ଚଳ ଓ ଧନକଉଡା ବ୍ଲକର କିଛି ସ୍ଥାନରୁ ରିପୋର୍ଟ ଆସିଛି। ପ୍ରଶାସନ ସବୁ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ବିଳମ୍ବିତ ରାତିରେ ସୁନାପାଲି ଅଞ୍ଚଳର ପାଣି ପଶିବାରୁ ଲୋକଙ୍କ ଘର ଭାଙ୍ଗି ଯାଇଥିଲା। ପ୍ରାୟ ୨୫ ପରିବାରକୁ ଏକ କ୍ଲବରେ ଆଶ୍ରୟ ଦିଆଯାଇଛି। ଶୁଖା ଖାଦ୍ୟ ଓ ଔଷଧ ବଣ୍ଟନ କରାଯାଇଥିଲା।

## ପାଣି ଦେଖି ଡରିଗଲେ ଭୋଇଟିକ୍ରା ଲୋକେ

**ଚିପିଲିମା, ୮।୯ (ଡି.ଏନ.ଏ.)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ କଲାମାଟି ପଞ୍ଚାୟତ ଭୋଇଟିକ୍ରା ଗ୍ରାମରେ ଶନିବାର ଲଗାଣ ବର୍ଷା ଯୋଗୁ ଗାଁ ମୁଣ୍ଡ କଲଭର୍ଟ ଉପରେ ପାଣି ପ୍ରବାହିତ ହୋଇଥିଲା। ଏହା ଦେଖି ଲୋକେ ଆତଙ୍କିତ ହୋଇ ପଡିଥିଲେ। ଖବରପାଇ ପ୍ରଶାସନ ବିଳମ୍ବିତ ରାତିରେ ପହଞ୍ଚି ଥିଲା। ସ୍ଥାନୀୟ ଜନପ୍ରତିନିଧିଙ୍କ ସହଯୋଗରେ ୪୧ ପରିବାର ସହ ୧୮୪ ଜଣଙ୍କୁ ସ୍ଥାନାନ୍ତର କରି ବାବୁବନ୍ଧ ସ୍କୁଲରେ ଆଶ୍ରୟ ଦିଆଯାଇଥିଲା। ସେଠାରେ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ରବିବାର ଜଳଖିଆ ସହ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ବର୍ଷା ଛାଡିଯିବାରୁ ସମସ୍ତେ ନିଜ ନିଜ ଘରକୁ ଯାଇଥିଲେ। ସ୍ଥାନୀୟ ତହସିଲଦାର ଲକ୍ଷ୍ମଣ ଅମାତଙ୍କ ତତ୍ତ୍ୱାବଧାନରେ ଧନକଉଡା ବ୍ଲକ ବିଡିଓ ମୀନତି ଖେସ, ଏବିଡିଓ ସୁଶାନ୍ତ ପଣ୍ଡା, ପ୍ରଗତି ସହାୟକ ଜୟଦେବ ବଗର୍ତ୍ତି, ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ, ଜିଲାପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ସରପଞ୍ଚ ଶ୍ରୀହରି ନାଗ, ଇଓ ହୃଷୀକେଶ ବଡ଼େଇଙ୍କ ଉପସ୍ଥିତିରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଲଗାଣ ବର୍ଷାରେ ଜଳବନ୍ଦୀ ମଧ୍ୟରେ ଭୟଭୀତ ହୋଇ ଏହି ଗାଁ ଲୋକେ ଜୀବନ ବିକଳରେ ପଳାୟନ କରୁଥିବା ବେଳେ ଜଣେ ପାଣିସ୍ରୋତରେ ଭାସିଯାଇ ପ୍ରାଣ ହରାଇଥିଲେ । ବହୁ ସଂଖ୍ୟକ ବାସଗୃହ ମଧ୍ୟ ବନ୍ୟାରେ ଧୋଇ ଯାଇଥିଲା। ସେତେବେଳେ ପ୍ରଶାସନକୁ ମଧ୍ୟ ନାକେଦମ୍ ହେବାକୁ ପଡିଥିଲା। ଲୋକଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳରେ ରଖାଯାଇଥିଲା । ଗତବର୍ଷର ବନ୍ୟା ବିଭୀଷିକା ଦୃଶ୍ୟ ମନରୁ ହଟି ନ ଥିବା ବେଳେ ଏଥର ପାଣି ଦେଖି ଲୋକେ ଡରି ଯାଇଥିଲେ।

## ଭୁତଲୁଯୋର ସାଜିଛି ପ୍ରତିବନ୍ଧକ



**ପଡିଆବାହାଲ,୮।୯(ଡି.ଏନ.ଏ)**

ଯୁଯୁମୁରା ବ୍ଲକ୍ ଡଙ୍ଗରପଡା ପଞ୍ଚାୟତ ଅନ୍ତର୍ଗତ ଭୁତଲୁଯୋର ଯୋଗୁ ଅଞ୍ଚଳବାସୀଙ୍କୁ ଦୁର୍ଦ୍ଦଶା ଭୋଗ କରିବାକୁ ପଡୁଛି । ଡଙ୍ଗରପଡା ଚେଲକାମ ମଝିରେ ପଡୁଥିବା ଏହି ଯୋର ଉପରେ ଚେଲକାମ, ହାତୀବାରି, ହୀରେ, ନୂଆଁବରଙ୍ଗାମାଲ, ବଡମାଲ, ଖଇରମାଲ ପ୍ରଭୃତି ଗ୍ରାମବାସୀ ନିର୍ଭର କରିଥାନ୍ତି । କିନ୍ତୁ ସାମାନ୍ୟ ବର୍ଷା ହେଲେ ଯୋରରେ ପାଣି ଆସି ଗମନାଗମନ ବନ୍ଦ ହୋଇଯାଇଥାଏ । ୨ ଦିନ ଧରି ଲଗାଣ ବର୍ଷା ଫଳରେ ଏହି ଯୋରେ ପାଣି ଯୋଗୁ ପିଲାଙ୍କ ପାଠ ପଢ଼ାରେ ଡୋରି ଲାଗିଛି । ଚେଲକାମ ତଥା ସ୍ଥାନୀୟ ଅଞ୍ଚଳବାସୀ ପଡିଆବାହାଲ ଉପରେ ଚିକିତ୍ସା ପାଇଁ ନିର୍ଭର କରନ୍ତି। ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ପାଇଁ ପିଲାଏ ଡଙ୍ଗରପଡା, ପଡିଆବାହାଲ, ସମ୍ବଲପୁର, ଜମନକିରା, କୁଚିଣ୍ଡା ଉପରେ ନିର୍ଭର କରିଥାନ୍ତି । ଏହି ଯୋରରେ ପାଣି ଆସିବାରୁ ଏକ ପ୍ରକାର ଅଞ୍ଚଳବାସୀ ଜଳବନ୍ଦୀ ହୋଇ ସମସ୍ତ ସେବାରୁ ବଞ୍ଚିତ ହୋଇଛନ୍ତି।

■ଚାରପାଲି-ଅନ୍ଧାରିପାଲି କୁଲେରଯୋର

## ରପଟା ଉପରେ ଅଣ୍ଟାଏ ଉଚ୍ଚର ପାଣି ଚାଲିଲା

**ଯୋଗାଯୋଗ ବିଚ୍ଛିନ୍ନ**



ଚାରପାଲି-ଅନ୍ଧାରିପାଲି କୁଲେରଯୋର ରପଟା ଉପରେ ରବିବାର ଅଣ୍ଟାଏ ଉଚ୍ଚର ପାଣି ପ୍ରବାହିତ ହେଉଛି।

**ଚିପିଲିମା, ୮।୯ (ଡି.ଏନ.ଏ.)**

ସମ୍ବଲପୁର ଓ ବରଗଡ ଜିଲା ସୀମାରେ ଥିବା ଚାରପାଲି-ଅନ୍ଧାରିପାଲି କୁଲେରଯୋର ରପଟା (କଲଭର୍ଟ ବା ପୋଲ)ଉପରେ ରବିବାର ଅଣ୍ଟାଏ ଉଚ୍ଚର ପାଣି ପ୍ରବାହିତ ହୋଇଛି। ଲଗାଣ ବର୍ଷା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଉଭୟ ପଟକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଅବଶ୍ୟ ସନ୍ଧ୍ୟା ପରେ ପାଣି କମିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଛି। ହେଲେ ରପଟା କ୍ଷତିଗ୍ରସ୍ତ ହୋଇ ଦୁର୍ବଳ ହୋଇ ପଡିଛି। ଏହା ଉପରେ ଗାଡି ମୋଟର ଚଳାଚଳ କଲେ ବିପଦ ଆଶଙ୍କା ରହିଛି।

ଏହି ରାସ୍ତା ଦେଇ ଚିପିଲିମା ଅଞ୍ଚଳର କଲେଜ ଛାତ୍ରୀଛାତ୍ର ଲରମ୍ଭା କଲେଜ, କାଦୋବାହାଲ କଲେଜକୁ ଯିବା ଆସିବା କରନ୍ତି। ଉଭୟ ପଟର ଜନସାଧାରଣ ମଧ୍ୟ ବିଭିନ୍ନ କାମରେ ଯିବା ଆସିବା କରିଥାନ୍ତି। ଗତବର୍ଷ ବର୍ଷାରେ ମଧ୍ୟ ଏହି ରପଟା କ୍ଷତି ହୋଇଥିଲା। ମଝିରେ କିଛି ମୋରମ ପକାଇ କାମ ଚଳାଇ ଦିଆ ଯାଇଛି। ସାମାନ୍ୟ ବର୍ଷାରେ ଏହି ରାସ୍ତାରେ ଏପରି ସ୍ଥିତି ଉପୁଜିଥାଏ। ଉଭୟ ଜିଲାକୁ ସଂଯୋଗ କରୁଥିବା ଏହି ରାସ୍ତାଟି ଏକ ମୁଖ୍ୟରାସ୍ତା। ହେଲେ ବିପଦ ଶଙ୍କୁଳ ଏହି ରପଟାଟି ଅନେକ ସମୟରେ ବାଧକ ସାଜିଥାଏ। ଏଠାରେ ଏକ ସ୍ଥାୟୀ ପୋଲ ନିର୍ମାଣ ନିହାତି ଆବଶ୍ୟକ। ଅନେକ ସମୟରେ ଏ ନେଇ ଦାବି ମଧ୍ୟ ହୋଇସାରିଛି। ରେଙ୍ଗାଲି ଓ ଅତାବିରା ବିଧାୟିକ ମଧ୍ୟ ଏ ବାବଦରେ ପୂର୍ଣ୍ଣ। ହେଲେ ଏଠାରେ ସ୍ଥାୟୀ ପୋଲ ନିର୍ମାଣ ନ ହେବା ଦୁର୍ଭାଗ୍ୟଜନକ। ସେହିପରି ଅପରପାର୍ଶ୍ୱ ବରଗଡ ପଟ କୁଲେରଯୋରରୁ ଅନ୍ଧାରିପାଲି ନାରାୟଣୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତାଟି ବଡବଡ ଖାଲଖମା ଓ କାଦୁଅ ପଚପଚ ହୋଇଛି ।

## ଦନ୍ତାନଦୀ ପୋଲ ଉପରେ ବନ୍ୟାଜଳ, ଯାତାୟାତ ବ୍ୟାହତ

**ଭେଡ଼େନ,୮।୯(ଡ଼ି.ଏନ.ଏ)**

ଶନିବାର ଦିନ ଏବଂ ରାତିସାରା ହୋଇଥିବା ଲଗାଣ ବର୍ଷା ଫଳରେ ଭେଡ଼େନ ବ୍ଲକର ବିଭିନ୍ନ ନଦୀନାଳରେ ବନ୍ୟାଜଳ ଆସି ଯାତାୟତ ବ୍ୟାହତ ହୋଇଛି। ଦୁଇମୁହାଣି ସ୍ଥିତ ଦନ୍ତାନଦୀ ପୋଲ ଉପରେ ୫ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଥିବା ଯୋଗୁ ରବିବାର ସକାଳୁ ଏହି ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ବରଗଡ଼ରୁ ଭେଡ଼େନ ମହୁଲପାଲି ହୋଇ ଏହି ରାସ୍ତା ସୋନପୁରକୁ ସଂଯୋଗ କରୁଛି। ପ୍ରତ୍ୟହ ଏହି ରାସ୍ତାରେ ଶତାଧିକ ଗାଡ଼ିମୋଟର ଯାତାୟତ କରୁଛି। ପ୍ରତି ବନ୍ୟାରେ ଏହି ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇ ଯାତାୟାତ ବନ୍ଦ ରହୁଛି। ଚଳିତ ବର୍ଷ ପଞ୍ଚମ ଥର ପାଇଁ ଏପରି ଅବସ୍ଥା ହୋଇଛି। ଏହି ପୋଲକୁ ଉଚ୍ଚ କରିବାକୁ ସାଧାରଣରେ ଦାବି ହେଉଛି ।

## ବର୍ଷା ପାଣି ସୁଅରେ ରାସ୍ତା ଧୋଇଗଲା

**ଚିପିଲିମା, ୮।୯ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ହେଉଛି । ହେଲେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ଉଦାସିନତା ଓ ଠିକାଦାର ପ୍ରୀତି ପାଇଁ ରାସ୍ତା ନିମ୍ନମାନର ନିର୍ମାଣ ହେଉଛି । ପରବର୍ତ୍ତି ସମୟରେ ରାସ୍ତା ଖରାପ ହେଉଛି । ପୁଣି ମରାମତି ହେଉଛି। ଏଥିରେ ଠିକାଦାର ଓ ବିଭାଗୀୟ ଅଧିକାରୀ ମାଲାମାଲ ହେଉଛନ୍ତି। ହେଲେ ସାଧାରଣ ଜନତା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏପରି ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସମ୍ବଲପୁର ମହାନିଗମ ଅନ୍ତର୍ଗତ ଚାଉଁରପୁର ଘଣ୍ଟେଶ୍ୱରୀ ରାସ୍ତାର ସେହ୍ନାପାଲି ନିକଟସ୍ଥ ଏକ କଲଭର୍ଟରେ । ଏହି ରାସ୍ତାଟି



ଚାଉଁରପୁର ଘଣ୍ଟେଶ୍ୱରୀ ରାସ୍ତାର ସେହ୍ନାପାଲି ନିକଟସ୍ଥ କଲଭର୍ଟ ବର୍ଷର ପାଣି ସୁଅରେ ଧୋଇ ଯାଇଛି।

ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ୫ ବର୍ଷ ତଳେ ନିର୍ମାଣ ହୋଇଥିଲା। ହେଲେ ଏହି କଲଭର୍ଟ ପ୍ରତିବର୍ଷ ବର୍ଷା ଦିନରେ ଧୋଇ ହୋଇ ଦବି ଯାଇଥାଏ । ପୁଣି ପୁଣି ନିର୍ମାଣ କରାଯାଏ। ଏବେ ଲଗାଣ ବର୍ଷାରେ ଏହି କଲଭର୍ଟଟିର ମଝିରେ ଦବି ଯାଇଛି । ଗାଁ ଲୋକଙ୍କ ଉଦ୍ୟମରେ ପଥରଗୁଣ୍ଡ ପକା ଯାଇଛି । ଏହା ପଞ୍ଚମ ଥର ପାଇଁ ଧୋଇ ଯାଇଥିବା ଲୋକେ ଅଭିଯୋଗ କରିଛନ୍ତି।



ବିପଦରେ ପଡି ଘାଣ୍ଟି ହେଲେ ଓ କ୍ଷତି ସହିଲେ ଲୋକ ବିଜ୍ଞ ଆଉ ନମ୍ର ହୁଏ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଏ ବର୍ଷ ଭୀମଭୋଇ କଲେଜ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହେବ

ରେଢ଼ାଖୋଲ,୮।୯(ଡି.ଏନ.ଏ.)
ରେଢ଼ାଖୋଲ ଭୀମ ଭୋଇ କଲେଜରେ ଚଳିତ ବର୍ଷ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହେବ। ଚଳିତ ଶିକ୍ଷାବର୍ଷର ପ୍ରଥମ ପର୍ଯ୍ୟାୟ ଅଧ୍ୟାପକ-ଅଭିଭାବକ ସମ୍ମିଳନୀରେ ଅଭିଭାବକଙ୍କୁ କଲେଜ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ସମ୍ପର୍କରେ ଅଭିଭାବକଙ୍କୁ ଏହି ଅବସରରେ ଅବଗତ କରାଯାଇଛି। ସେହିଭଳି ଛାତ୍ରୀଛାତ୍ରଙ୍କ ପାଇଁ ୭୫ ପ୍ରତିଶତ ଉପସ୍ଥାନ, ପରିବର୍ତ୍ତିତ ପାଠ୍ୟ ଖସଡା ସମ୍ପର୍କରେ ସୂଚନା ଦିଆଯାଇଛି। ତେବେ ଅଣଛାତ୍ରଙ୍କ ପ୍ରବେଶ ରୋକିବା ଓ ସୁସ୍ଥବାତାବରଣ ପାଇଁ ଅଭିଭାବକମାନେ ମତପ୍ରକାଶ କରିଛନ୍ତି। ପଦ୍ମଜା ସିହ୍ନା, ଦିଲ୍ଲୀପ କୁମାର ଦାସ, ଦିବ୍ୟଲୋଚନ ରାଉତ, ବିରଞ୍ଚି ଖଡିଆ, ସୁଶାନ୍ତ ନନ୍ଦ, ସୁପ୍ରିୟା ମଲ୍ଲିକ, ମମତା ମହାପାତ୍ର, ଅକ୍ଷୟ କୁମାର କର ପ୍ରମୁଖ ଅଧ୍ୟାପିକା ଅଧ୍ୟାପକଙ୍କ ସହ ଅଭିଭାବକମାନେ ଯୋଗ ଦେଇଥିଲେ।

### ଅନ୍ଧାରରେ ବାଡି ବୁଲାଉଛି ପୋଲିସ

ସମ୍ବଲପୁର,୮।୯ (ବ୍ୟୁରୋ)
ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ମୁରା ଦ୍ୱାରିକାପ୍ରସାଦ ଅଗ୍ରୱାଲ କଲେଜର ରାଜନୈତିକ ବିଜ୍ଞାନ ବିଭାଗ ଅଧ୍ୟାପକ ହୃଦାନନ୍ଦ ପ୍ରଧାନ (୪୭)ଙ୍କୁ ହତ୍ୟା ଘଟଣାକୁ ୩ ଦିନ ବିତିଯାଇଛି। ହେଲେ ପୋଲିସ ହାତ ଖାଲି ପଡିଛି। ଏହି ଘଟଣା ଉପରୁ ଏ ପର୍ଯ୍ୟନ୍ତ ପୋଲିସ ପରଦା ଉଠାଇ ପାରୁନାହିଁ । ଖାଲି ତଦନ୍ତ କରୁଥିବା ନେଇ ପୋଲିସ ସଫେଇ ଦେଉଛି । ଘଟଣାର ସୁରାକ ମିଳିଛି । ତଦନ୍ତ ଚାଲିଛି। ଶିଘ୍ର ଅଭିଯୁକ୍ତ ଗିରଫ ହେବେ ବୋଲି ପୋଲିସ କହୁଛି । ଅନ୍ୟପଟେ ପୋଲିସ ମୁରା ହାଇସ୍କୁଲ ଛାତ୍ରୀ ନିବାସ ୱାର୍ଡେନଙ୍କୁ ଅଟକ ରଖି ପଚରା ଉଚୁରା କରୁଛି । ତେବେ ପୋଲିସ ଅନ୍ୟ ଦିଗରେ ମଧ୍ୟ ତଦନ୍ତ କରୁଛି ବୋଲି ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା କହିଛନ୍ତି।

### ୩ ନିଶାସକ୍ତ ଡ୍ରାଇଭର ଗିରଫ

ବରଗଡ଼ ଅଫିସ୍,୮।୯
ନୂତନ ଟ୍ରାଫିକ ଆଇନ ଲାଗୁ ହେବା ପରେ ବରଗଡ଼ ଟାଉନ ଥାନା ପୋଲିସ ନିଶାସକ୍ତ ଗାଡ଼ି ଡ୍ରାଇଭରଙ୍କ ଉପରେ ନଜର ରଖିଛି । ରବିବାର ସହର ଉପକଣ୍ଠ ବରାହଗୋଡ଼ା ଟୋଲ ଗେଟ୍‌ରେ ଯାଞ୍ଚ କରି ୩ ଜଣ ନିଶାସକ୍ତ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବିହାରର ରାମ ଅବତାର, ଦଶରଥ ସିଂ ଶେଖାୱତ୍ ଏବଂ ଉତ୍ତରପ୍ରଦେଶର ଜୟ ଶର୍ମା । ସ୍ଥାନୀୟ ଟାଉନ ଥାନାରେ ସେମାନଙ୍କ ବିରୋଧରେ ପୃଥକ ଭାବେ ୩ଟି ମାମଲା ରୁଜୁ ହୋଇଛି ।

# ଉତ୍ସାହ, ଉଦ୍ଦୀପନାରେ ସରିଲା ଗଣେଶ ଭସାଣି

ଦେବଗଡ଼, ୮।୯(ଡି.ଏନ.ଏ)

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ଗଣେଶ ପୂଜା ଉତ୍ସବ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ରବିବାର ଭସାଣିଯାତ୍ରା ସହ ସମ୍ପନ୍ନ ହୋଇଯାଇଛି। ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ଦଳ ବିଭିନ୍ନ ସାମାଜିକ, ପୌରାଣିକ କଥାବସ୍ତୁକୁ ନେଇ କଳାକୌଶଳ ପ୍ରଦର୍ଶନ କରିଥିଲେ। ଯାହାକୁ ଦର୍ଶକମାନେ ବେଶ୍ ଉପଭୋଗ କରିଥିଲେ।

ସକାଳୁ ଯଥା ରୀତିନୀତି ଅନୁଯାୟୀ ମଙ୍ଗଳ ଆରତୀ, ହୋମଯଜ୍ଞ, ପୁରୋହିତମାନଙ୍କ ମନ୍ତ୍ରପାଠ ମଧ୍ୟରେ ପୂଜା ସମ୍ପନ୍ନ ହୋଇଥିଲା। ଏଥିରେ କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ପରେ ଅପରାହ୍ନ ପ୍ରାୟ ୪ଟାରେ ଗଣେଶ ପୂଜା ମଣ୍ଡପ ସମ୍ମୁଖରୁ ଏକ ସୁସଜ୍ଜିତ ଗାଡିରେ ଶ୍ରୀଗଣେଶଙ୍କ ବିସର୍ଜନ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଘଣ୍ଟବାଦ୍ୟ, ମହିଳା ସଂକୀର୍ତ୍ତନ, ପୁରୁଷ ସଂକୀର୍ତ୍ତନ, ଦୁଲଦୁଲି, ରନିଙ୍ଗ ମେଲୋଡି, ସାଉଣ୍ଡ୍ ଏବଂ ଆତସବାଜି ଶବ୍ଦ ମଧ୍ୟରେ ଶ୍ରଦ୍ଧାଳୁମାନେ ଶ୍ରୀଗଣେଶଙ୍କୁ ଏକ ଶୋଭାଯାତ୍ରାରେ କେତେକ ସାହି ବସ୍ତି ବୁଲାଇବା ପରେ ସ୍ଥାନୀୟ କଚେରୀ ବନ୍ଧଠାରେ ବିସର୍ଜନ କରିଥିଲେ। ଭସାଣି ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ବହୁ ସଂଖ୍ୟକ ସୁରକ୍ଷା କର୍ମୀ ମୁତୟନ କରାଯାଇଥିଲା। ସ୍ଥାନୀୟ କଚେରୀ ବନ୍ଧରେ ଭସାଣି ସମୟରେ କୌଣସି ଅଘଟଣ ନ ଘଟିବ, ସେଥିପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଦେବଗଡ଼ବାସୀ ସମସ୍ତ ଭେଦଭାବ ଭୁଲି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏପରିକି ଏହି ଶୋଭାଯାତ୍ରାକୁ ଉପଭୋଗ କରିବା ପାଇଁ ସମସ୍ତ ସାହିବାସିନ୍ଦା ଉତ୍କଣ୍ଠାର ଚାହିଁ ରହିଥିଲେ।



ଦେବଗଡ଼ ଗଣେଶ ଭସାଣି ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳର ସାଂସ୍କୃତିକ, ସଂକୀର୍ତ୍ତନ ଦଳ ଭାଗ ନେଇଛନ୍ତି।



ଠାକୁରଙ୍କୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି।

## ଶୋଭାଯାତ୍ରାରେ କଳାକୌଶଳ ଦେଖାଇଲେ ସାଂସ୍କୃତିକ ଦଳ

ଚଳିତବର୍ଷ ଶୋଭାଯାତ୍ରାରେ ମେଢ ସହ ଅନ୍ୟାନ୍ୟ ସାଂସ୍କୃତିକ ଦଳ ସାହିସାହି ବୁଲି ଲୋକଙ୍କ ମନୋରଞ୍ଜନ କରିଥିଲେ। ଗଣେଶ ମେଳା କମିଟି ସଭାପତି ଶମ୍ଭୁଲାଲ ଗୋଏଲ, ସମ୍ପାଦକ ଶୁକଦେବ ଭଞ୍ଜ, କମିଟି ସଦସ୍ୟ ଆଲୋକ କୁମାର ଅମାନ୍ତ, ଶଶାଙ୍କଶେଖର ନାଗ, କୈଳାଶ ଅଗ୍ରୱାଲ, ସଞ୍ଜିବ ଅଗ୍ରୱାଲ, ପତିତପାବନ ସାହୁ, ହରେକୃଷ୍ଣ ସାହୁ, ଅଜିତ କୁମାର ମୋଦୀ, ଜନ୍ମେଜୟ ନାୟକ, ପିଣ୍ଟୁ ମେହେର, କାହ୍ନୁ ଦେବତା, ସୁବାସ କୁମାର ପୃଷ୍ଟି, ବାବୁଲ ପ୍ରସାଦ, ମୁନା ସାହୁ, ଅରୁଣ ଗୋଏଲ, ସୁଧିର ଗୋଏଲ, ଅରୁଣ ଅଗ୍ରୱାଲା ଓ ସୁବ୍ରତ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ସଦସ୍ୟ ଏବଂ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ପୁରୋହିତ ଭାବେ ମନୋରଞ୍ଜନ ଶତପଥି ଓ ଫକୀର ମୋହନ କର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

### ୬୬ତମ ଜୀବନ ବୀମା ସପ୍ତାହ

# କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ





ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଏଲଆଇସି ଦ୍ୱାରା ଆୟୋଜିତ ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

ସମ୍ବଲପୁର, ୮।୯ (ବ୍ୟୁରୋ)
ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ସମ୍ବଲପୁର ମଣ୍ଡଳ ପକ୍ଷରୁ ୬୩ତମ ବୀମା ସପ୍ତାହ ତପସ୍ୱିନୀ ପ୍ରେକ୍ଷାଳୟଠାରେ ପାଳିତ ହୋଇଯାଇଛି। ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋଜ କୁମାର ପଣ୍ଡାଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ ଡ. ଦିଲୀପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିପଣନ ପ୍ରବନ୍ଧକ ଅମୂଲ୍ୟ କୁମାର ପାଟ୍ଟଯୋଶୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏଲଆଇସି ସମ୍ବଲପୁର ଶାଖା କାଯର୍ୟାଳୟ ୧ ଓ ୨, ବୁର୍ଲା ଶାଖାର ୧୭ଟି ସ୍କୁଲର ୧୪୭ଜଣ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ,ଶିକ୍ଷକ ଓ ଅଭିଭାବକମାନେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଥମରୁ ୧୦ମ ଶ୍ରେଣୀର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଷ୍ଟୁଡେଣ୍ଟ ଅଫ୍ ଦ ଇୟର୍ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସମ୍ବଲପୁର ଜିଲା ସ୍କୁଲ, ଟାଉନ ହାଇସ୍କୁଲ, ବୁଢ଼ାରଜା ହାଇସ୍କୁଲ, ବାଲିବନ୍ଧା ହାଇସ୍କୁଲ, ଅରବିନ୍ଦ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ଡିଏଭି ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲ, ମଦନାବତୀ ପବ୍ଲିକ ସ୍କୁଲ, ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର, ବୁର୍ଲା ହାଇସ୍କୁଲ, ବୁର୍ଲା ଗାର୍ଲ୍ସ ହାଇସ୍କୁଲ, ସତ୍ୟସାଇ କିଡ୍ସ ଏବୋଡ୍, ସରସ୍ୱତୀ ବିଦ୍ୟାମନ୍ଦିର ସିଦ୍ଧେଶ୍ୱରବେର୍ଣ୍ଣର ଓ ଭୀମଭୋଇନଗର ସ୍କୁଲ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ । ମିନରଞ୍ଜନ ବିଶି ଧନ୍ୟବାଦ ଅର୍ପଣ କରିଥିଲେ ।

### ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୮।୯ (ବ୍ୟୁରୋ)
ସମ୍ବଲପୁର ସହରରେ ଥିବା ବୁଢ଼ାରଜା ସରକାରୀ ହାଇସ୍କୁଲ ସଭା କକ୍ଷରେ ଜାତୀୟ ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଚିନ୍ତାମଣି ମେହେର ଯୋଗଦେଇ ତମାଖୁ ସେବନ ଦ୍ୱାରା ଦେଖା ଦେଉଥିବା ଭୟାବହତା ଉପରେ ଆଲୋକପାତ କରିଥିଲେ । ଜାତୀୟ ତମାଖୁ ନିୟନ୍ତ୍ରଣ ପ୍ରକୋଷ୍ଠ ଜିଲା ପରାମର୍ଶଦାତା ସୁଶ୍ରୀ ସ୍ୱାଗତିକା ବେହେରା, ବନ୍ଦନାମୟୀ ନାଗ, ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଟ୍ଟଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଯଶୋବନ୍ତ ସାହୁ ସ୍ୱାଗତ ଭାଷଣ, ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ତମାଖୁ ନିୟନ୍ତ୍ରଣ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା ।

### ରେଳଲାଇନରୁ କଲେଜଛାତ୍ରଙ୍କ ମୃତଦେହ ଉଦ୍ଧାର

ରେଢ଼ାଖୋଲ, ୮।୯(ଡି.ଏନ.ଏ.)
ସମ୍ବଲପୁର ଜିଲା ରେଢ଼ାଖୋଲ ଷ୍ଟେଶନଠାରୁ ୧୭ କି.ମି. ଦୂର ଅମ୍ବଦର ଗାଁ ନିକଟ ରେଳଲାଇନରୁ ରବିବାର ସକାଳେ ଚାରମାଳ ପୋଲିସ ଜଣେ କଲେଜଛାତ୍ରଙ୍କ ମୃତଦେହ ଉଦ୍ଧାର କରିଛି। ଏହି ଛାତ୍ର ଜଣକ ହେଲେ ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ରଣକୋଠା ଗ୍ରାମର ରାଜୁ କୁଅଁର (୧୮)। ସେ ବଲାଙ୍ଗୀରରେ ଯୁକ୍ତ ୨ ରେ ପଢୁଥିଲେ ବୋଲି ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ରାଜୁ ପୁରୀ-ଦୁର୍ଗ ଟ୍ରେନ ଯୋଗେ ଶନିବାର ରାତିରେ ବଲାଙ୍ଗୀର ଯାଉଥିବା ବେଳେ ଟ୍ରେନ୍‌ରୁ ଖସିପଡି ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ରବିବାର ସକାଳେ ଲୋକେ ରେଳଲାଇନରେ ଛାତ୍ର ଜଣକ ମୃତଦେହ ପଡିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ତାଙ୍କ ନିକଟରେ ଥିବା ମୋବାଇଲ ଫୋନ୍‌ରୁ ଯୋଗାଯୋଗ କରିବା ପରେ ତାଙ୍କ ପରିଚୟ ଜଣାପଡିଥିଲା। ପରିବାର ବର୍ଗ ଖବର ପାଇ ଏଠାରେ ପହଞ୍ଚି ଥିଲେ। ରେଢ଼ାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହା ପରେ ପୋଲିସ ରାଜୁଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଚାରମାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୧୯) ରୁଜୁ ହୋଇଛି।

### ଜିଲା ଔଷଧ ବ୍ୟବସାୟୀ ସଂଘ କର୍ମକର୍ତ୍ତା ନିର୍ବାଚନ

ସମ୍ବଲପୁର, ୮।୯ (ବ୍ୟୁରୋ)
ଜିଲା ଔଷଧ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ କୁମାର ରଥ ସଭାପତି ଓ ଜୟପ୍ରକାଶ ତ୍ରିପାଠୀ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ସଂଘର ସଭ୍ୟମାନେ ନୂତନ ସଭାପତି ଓ ସମ୍ପାଦକଙ୍କୁ ସ୍ୱାଗତ କରିଛନ୍ତି। ଏଥିସହ ଔଷଧ ବ୍ୟବସାୟୀଙ୍କ ସମସ୍ତ ସମସ୍ୟା ଗୁଡିକ ସମାଧାନ ହୋଇପାରିବ ।

## ମହରମରେ ମଦ ଦୋକାନ ବନ୍ଦ ଦାବି

ସମ୍ବଲପୁର, ୮।୯ (ବ୍ୟୁରୋ)
ଇସଲାମ୍ ଧର୍ମର ପବିତ୍ର ମହରମ୍ ପର୍ବ ତଥା ବଳିଦାନ ଦିବସ ଚଳିତ ମାସ ୧୧ ତାରିଖ ପାଳିତ ହେବ । ଏହି ଅବସରରେ ପ୍ରତ୍ୟେକ ପଡାରୁ ଶୋଭାଯାତ୍ରା ବାହାରିବ । ଏହି ପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ବୈଠକ ମଧ୍ୟ ହୋଇଛି । ଶାନ୍ତି କମିଟି ବୈଠକରେ ବିଦେଶୀ ମଦ ଦୋକାନ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ୧୦ ତାରିଖ ସନ୍ଧ୍ୟାରୁ ୧୧ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ ଦଲେଇପଡା ମହରମ୍ କମିଟିର ମହମ୍ମଦ ଇସାକ୍ ରବିବାର ଏକ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି।

## ଜାତୀୟ ପୋଷଣ ସପ୍ତାହ

ସମ୍ବଲପୁର, ୮।୯ (ବ୍ୟୁରୋ)
ଲପଙ୍ଗା ରାଜୀବ ଗାନ୍ଧୀ ସଭା କେନ୍ଦ୍ରଠାରେ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ୪ଟି ଗ୍ରାମର ୬୦ଜଣ ମହିଳା ଯୋଗ ଦେଇଥିଲେ। ଏହି ଅବସରରେ ୭ଜଣ ମହିଳାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଅଙ୍ଗନୱାଡି ସୁପରଭାଇଜର ଚନ୍ଦ୍ରକାନ୍ତି ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିଳାମାନଙ୍କର ଜୀବନ କାଳରେ ଖାଦ୍ୟ ପୋଷଣର ମହତ୍ତ୍ୱ ଉପରେ ବୁଝାଇଥିଲେ । ମହିଳାମାନଙ୍କୁ ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର ଓ ଧାତବ ଲବଣ ବିଷୟରେ ବୁଝାଇଥିଲେ । ସେହିପରି ସ୍ତନ୍ୟପାନକୁ ପ୍ରାଧାନ୍ୟ ଦେଲେ ଶିଶୁମାନଙ୍କର ମାନସିକ, ଶାରୀରିକ ବୃଦ୍ଧି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଗୀତା ସାହୁ, ଭାରତୀ ମେହେର, ତାରାବତୀ ବିଶ୍ୱାଳ, ଆଶା କର୍ମୀ ଗୀତାଞ୍ଜଳି ପ୍ରଧାନ, ଲଳିତ ମଲ, ପ୍ରଭାସିନୀ ପ୍ରଧାନ, ଆଦିତ୍ୟ ଆଲୁମିନିୟମର ଶ୍ୱେତା ଉପାଧ୍ୟାୟ, ତନଭି ଅଗ୍ରୱାଲ, ସ୍ନେହଲତା ନାୟକ ଓ ମନୋରଞ୍ଜନ ବେହେରା ଯୋଗ ଦେଇଥିଲେ ।



ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ ଉତ୍ସବରେ ଅତିଥିଙ୍କ ସହ ମହିଳାମାନେ ।

### ରେଢ଼ାଖୋଲର ନୂଆଁମୁଣ୍ଡା ପୂଜା

# ପୂଜା ପାଇଲେ ଅନ୍ଧାରବାଉତୀ, ପଞ୍ଚଖଣ୍ଡା

ରେଢ଼ାଖୋଲ,୮।୯(ଡି.ଏନ.ଏ.)
ରେଢ଼ାଖୋଲରେ ରାଜାରାଜୁଡା ଅମଳରୁ ପାଳିତ ହୋଇଆସୁଥିବା ନୂଆଁମୁଣ୍ଡା ପୂଜା ରବିବାର ଅନୁଷ୍ଠିତ ହୋଇଛି। ପୂର୍ବ ପ୍ରଚଳିତ ପ୍ରଥା ଅନୁଯାୟୀ ଗଣେଶ ପୂଜା ପରେ ପଡୁଥିବା ପ୍ରଥମ ରବିବାର ଦିନ ଏହି ନୂଆଁମୁଣ୍ଡା ପୂଜା ଅନୁଷ୍ଠିତ ହୋଇଥାଏ। ନୂଆଁମୁଣ୍ଡା ପୂଜା ପରେ ଉପଖଣ୍ଡର ସମସ୍ତ ଗ୍ରାମରେ ଥିବା ଗ୍ରାମଦେବୀ ଓ ଦେବତାଙ୍କୁ ପୂଜା କରାଯିବା ପରେ ନୂଆଁଖାଇ ଅନୁଷ୍ଠିତ ହୋଇଥାଏ। ଏଣୁ ରବିବାର ରାଜବାଟି ପରିସରରେ ଥିବା ଇଷ୍ଟଦେବତା ପଞ୍ଚଖଣ୍ଡା ମନ୍ଦିରେ ରୀତିନୀତି ଅନୁଯାୟୀ ପୂଜା ହେବା ପରେ ଆମ୍ବେଡ଼କର ନଗରଠାରେ ଥିବା ମା’ ଅନ୍ଧାରବାଉତି ଦେବୀଙ୍କୁ ପଞ୍ଚଖଣ୍ଡା ମନ୍ଦିରକୁ ଅଣାଯାଇଥିଲା। ମା’ ଅନ୍ଧାରବାଉତି ଓ ଇଷ୍ଟଦେବତା ପଞ୍ଚଖଣ୍ଡାଙ୍କୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ନୂଆଁମୁଣ୍ଡା ପୂଜା ପୀଠକୁ ନିଆଯାଇଥିଲା। ପୀଠରେ ପୂଜାର୍ଚ୍ଚନା କରାଯାଇ ନୂଆଁ ଚାଉଳରୁ ପ୍ରସ୍ତୁତ ଖିରି, ଖେଚୁଡି ଅର୍ପଣ କରାଯାଇଥିଲା। ଦେଦୁରୀ ଅଚ୍ୟୁତ ଅମାତ, ପ୍ରଫୁଲ୍ଲ ପ୍ରଧାନ, ସନାତନ ପ୍ରଧାନ, ଅଗସ୍ତି ପ୍ରଧାନ, ବୀରେନ୍ଦ୍ର ଅମାତ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ପୀଠରେ ପୂଜାର୍ଚ୍ଚନା କରିଥିଲେ। ରାଜପରିବାରର ଦାୟାଦ ବୀରକିଶୋର ଦେଓ, ବୀରବିକ୍ରମ ଦେଓ କର୍ତ୍ତା ଭାବେ ପୂଜାର୍ଚ୍ଚନା କରିଥିଲେ। ପୀଠପୂଜା ପରେ ସନ୍ଧ୍ୟାରେ ଦେବୀଦେବତାଙ୍କୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରା ବେଳେ ଦେବୀ ଦେବତାଙ୍କୁ ଲୋକେ ସେମାନଙ୍କ ଘର ସମ୍ମୁଖରେ ପୂଜାର୍ଚ୍ଚନା କରିଥିଲେ। ଧ୍ରୁବଚରଣ ସାହୁଙ୍କ ତତ୍ତ୍ୱାବଧାନରେ ନୂଆଁମୁଣ୍ଡା ପୂଜା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ମହାବୀର ସିଂ ଦେଓ, ବାସୁଦେବ ପୃଷେଠ, ସଂହାର କେଶରୀ ଭଞ୍ଜ, ପପୁ ପୃଷେଠଙ୍କ ସମେତ ସହରର ବହୁ ଜନସାଧାରଣ ଯୋଗ ଦେଇଥିଲେ।



ରେଢ଼ାଖୋଲ ରାଜବାଟି ପରିସରରେ ରବିବାର ନୂଆଁମୁଣ୍ଡା ପୂଜା ଅବସରରେ ରାଜପରିବାରର ଦାୟଦ ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୯ ସେପ୍ଟେମ୍ବର, ୨୦୧୯



ବିପଦରେ ପଡି ଘାଣ୍ଟି ହେଲେ ଓ କ୍ଷତି
ସହିଲେ ଲୋକ ବିଜ୍ଞ ଆଉ ନମ୍ର ହୁଏ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ

ଧର୍ମଗଡ,୮।୯ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଧର୍ମଗଡ ଉପ କାରାଗାରଠାରେ ରବିବାର ଜଣେ ବିରାଧୀନ କଏଦୀ ବ୍ଲେଡ ସାହାଯ୍ୟରେ ନିଜ ଗୁପ୍ତାଙ୍ଗ କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ନାମ ଦିଗାମ୍ବର ଖମାରୀ । ଘର ଜୁନାଗଡ ବ୍ଲକ ପୁରୁଣାସର ଗ୍ରାମରେ ବୋଲି ଜଣାପଡିଛି । ସେ ଏକ ଯୌତୁକଜନିତ ମାମଲାରେ ଧର୍ମଗଡ ଜେଲରେ ଥିଲେ। ଇତିମଧ୍ୟରେ ତାଙ୍କର ଜାମିନ ମଧ୍ୟ ହୋଇସାରିଛି। କିନ୍ତୁ ଜାମିନଦାର ନ ଥିବାରୁ ସେ ମୁକୁଳି ପାରି ନ ଥିଲେ । ତେଣୁ ସେ ମାନସିକ ଭାରସାମ୍ୟ ହରାଇ ଏହିପରି କରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି।

### ଦେବଗିରି ଜଙ୍ଗଲରୁ ମାଟି ଧସୁଛି, ଚାଷୀ ଆତଙ୍କିତ

ଭବାନୀପାଟଣା,୮।୯ (ଡି.ଏନ.ଏ.) କଳାହାଣ୍ଡି ଜିଲା କଲମପୁର ବ୍ଲକ ଅଞ୍ଚଳ ପୂର୍ବକୁ ଲାଗି ରହିଥିବା ବିଶାଳ ଦେବଗିରୀ ଜଙ୍ଗଲରୁ ମାଟି ଧସୁଛି । ଗତ କିଛି ଦିନ ଧରି ବର୍ଷା ଲାଗି ରହିବା ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି ବୋଲି ପାଦଦେଶରେ ବାସ କରୁଥିବା ଘୋଡାବନ୍ଧା, ଘର୍ଲା ଗ୍ରାମବାସୀ ପ୍ରକାଶ କରିବା ସହ ଏ ନେଇ ଚିନ୍ତିତ ଥିବା ମଧ କହିଛନ୍ତି । ଗତ ୫ ତାରିଖ ଦିନ ପାହାଡରେ ପ୍ରବଳ ବର୍ଷା ହୋଇଥିଲା। ଏପଟେ ହାତୀନଦୀରେ ବନ୍ୟା ଏବଂ ଏପଟେ ଦେବଗିରୀ ଜଙ୍ଗଲରୁ ମାଟି ଧସିବା ସମସ୍ତଙ୍କୁ ଉୟଭିତ କରିଥିଲା । ବର୍ଷା ପାଣିରେ ମାଟି ପ୍ରଖର ସ୍ରୋତରେ ବହିଆସି ଏମ୍‌ଆଇପିରେ ପଡିଲା ଏବଂ ଘର୍ଲା ନାଳରେ ମଧ ମିଶିଲା । ଏଥିସହ ଇନ୍ଦ୍ରାବତୀ ଦକ୍ଷିଣ କେନାଲରେ ପଡି ସବୁଆଡୁ ତାର ଦୁଇ ପାର୍ଶ୍ୱରେ ଥିବା ଚାଷ ଜମିକୁ ମଧ କିଛି ମାତ୍ରାରେ ମାଡିଗଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଉକ୍ତ ଜଙ୍ଗଲକୁ ଖରାଦିନ ହେଲେ ପୋଡୁଚାଷ ପାଇଁ ନଷ୍ଟ କରୁଥିବା ବେଳେ ଧୀରେ ଧୀରେ ଦେବଗିରୀ ଜଙ୍ଗଲ ଧ୍ୱଂସାଭିମୁଖି ହୋଇଚାଲିଛି । ଫେବୃୟାରୀରୁ ଉକ୍ତ ଜଙ୍ଗଲକୁ ନିଆଁଜାଳି ନଷ୍ଟ କରୁଥିବା ଜଣାଯାଏ । ଏଭଳି ପ୍ରକୃତିର ଅବଦାନକୁ ଅବାଧରେ ନଷ୍ଟ କରୁଥିବା କିଛି ଅସାଧୁମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଫଳରେ ପାହାଡ ଉପରେ ଥିବା ଗଛ ଏବଂ ମାଟି ଦୁର୍ବଳ ହୋଇ ବର୍ଷା ଦିନେ ପ୍ରଖର ସ୍ରୋତରେ ତଳକୁ ବହି ଆସୁଛି ଏବଂ ଚାଷକୁ ନଷ୍ଟ କରୁଛି ବୋଲି ଘର୍ଲା ୱାର୍ଡ ମେମ୍ବର ଯଦୁମଣି ଲହଜଲ, ନୀଳକଣ୍ଠ ଲହଜଲ ପ୍ରମୁଖ ପ୍ରକାଶ କରିଛନ୍ତି ।

### ବର୍ଷାରେ ହାଟ ବେହାଲ, ବେପାରୀ ହଇରାଣ

ରିଷିଡା, ୮।୯ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଓ ବଲାଙ୍ଗୀର ଜିଲା ସୀମାନ୍ତରେ ବସୁଥିବା ରିଷିଡା ଶନିବାର ହାଟ ବର୍ଷାରେ କାଦୁଅମୟ ହୋଇଯାଇଥିବାରୁ ବେପାରୀ ବସିବା ପାଇଁ ହଇରାଣ ହେଉଛନ୍ତି କେସିଙ୍ଗା ନିୟନ୍ତ୍ରିତ ବଜାର କମିଟି ଅଧୀନ ଏହି ହାଟରେ ଜିଲା ସମେତ ବଲାଙ୍ଗୀର, ବୌଦ୍ଧ ଓ କନ୍ଧମାଳ ଜିଲାର ଅନେକ ବେପାରୀ ଓ ଗ୍ରାହକ ଆସିଥାନ୍ତି । ଗତ ୩ ଦିନ ଧରି ହୋଇଥିବା ଲଗାଣ ବର୍ଷାରେ ଚାରିଆଡେ କାଦୁଅମୟ ହୋଇଯାଇଛି । କାଦୁଅ ଯୋଗୁ ବେପାରୀମାନେ କିଛି ସ୍ଥାନ ପରିବର୍ତ୍ତନ କରିଛନ୍ତି।

## ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ିକୁ ବିତିଲା ୨୪ ଘଣ୍ଟା

# ୪ ନିଖୋଜଙ୍କ ମିଳୁନି ପତ୍ତା

■ ଉଦ୍ଧାର କାର୍ଯ୍ୟରେ ବର୍ଷା ବାଧକ

■ ଆଶ୍ୱାସନା ଦେଲେ ଏମ୍‌ପି, ବିଧାୟକ

ପରଜଙ୍ଗ, ୮।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ ରୋଡ୍ ପଞ୍ଚାୟତ କୁନ୍ଦନଦେଇପୁର ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ି ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିବାବେଳେ ୪ ନିଖୋଜଙ୍କ ପତ୍ତା ମିଳୁନାହିଁ। ଓଡ୍ରାଫ୍ ଟିମ୍, ଅଗ୍ନିଶମ ସେବା କର୍ମଚାରୀ ମିଳିତ ଭାବେ ନଦୀର ଉଭୟ ପାର୍ଶ୍ୱରେ ତଲାସି ଅଭିଯାନ ଚଳାଇଛନ୍ତି। ତେବେ ପ୍ରବଳ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

ରବିବାର ସକାଳୁ ରୋଡ୍ ଘାଟଠାରୁ କମଗରା ଏବଂ ନଦୀ ଅପରପାର୍ଶ୍ୱରେ ଥିବା ଖଡଗପ୍ରସାଦ ଘାଟଠାରୁ କମଗରା ଯାଏ ଖୋଜାଖୋଜି କରାଯାଇଥିଲା। କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ବସନ୍ତ କୁମାର ମଲ୍ଲିକ, ଥାନାଧିକାରୀ ଆନନ୍ଦ ଡୁଙ୍ଗଡୁଙ୍ଗ ପ୍ରମୁଖ ଉଦ୍ଧାର କାର୍ଯ୍ୟ ତଦାରଖ କରୁଥିଲେ। ତେବେ ରାତି ୯ଟା ସୁଦ୍ଧା ନିଖୋଜଙ୍କ ସନ୍ଧାନ ମିଳିପାରିନାହିଁ।

ଅପରପକ୍ଷେ ଏପରି ଦୁର୍ଘଟଣା ପରେ ନିଖୋଜ ବ୍ୟକ୍ତିଙ୍କ ପରିବାର ଲୋକେ ଆଶା ଆଶଙ୍କା ଭିତରେ ଅଛନ୍ତି। ବିଭିନ୍ନ ଦଳର ରାଜନେତା ପହଞ୍ଚି ସେମାନଙ୍କୁ ଆଶ୍ୱାସନା ଜଣାଇଛନ୍ତି। ଏମ୍‌ପି ମହେଶ ସାହୁ, ବିଧାୟକ ଡା. ନୃସିଂହ ଚରଣ ସାହୁ, ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ବ୍ଲକ ଅଧକ୍ଷ ଅକ୍ଷୟ କୁମାର ବେହେରା ପ୍ରମୁଖ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଏହା ଏକ ଦୁଃଖଦ ଘଟଣା। ଏଥିରେ ଧୈର୍ଯ୍ୟହରା ନ ହୋଇ ସାହସ ସହ ମୁକାବିଲା କରିବାକୁ ଏମ୍‌ପି କହିଥିଲେ।

ଏ ନେଇ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ପରଜଙ୍ଗ ବ୍ଲକରେ କୌଣସି ନଦୀଘାଟ ନିଲାମ ଦିଆଯାଇନାହିଁ। କିଛିଦିନ ତଳେ ଖଡଗପ୍ରସାଦ ଘାଟକୁ ନିଲାମ ଦିଆଯାଇଛି। ଏଠାରୁ ନିୟମିତ ଡଙ୍ଗା ଚଳାଚଳ ହେଉଛି। ସନ୍ଧ୍ୟା ପରେ ନଦୀରେ ଡଙ୍ଗା ଚଳାଇବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ହେଲେ କେତେଜଣ ନାଉରିଆ ଏହାକୁ ଅମାନ୍ୟ କରି ଦେଶୀ ଡଙ୍ଗା ଚଳାଉଛନ୍ତି। ମଝି ନଈରେ କେବୁଲ ତାରରେ ଛନ୍ଦି ହୋଇଯିବାରୁ ଡଙ୍ଗାଟି ଦୁର୍ଘଟଣାର ଶିକାର ହୋଇଛି। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ଶନିବାର ରାତି ପ୍ରାୟ ୮ଟାରେ ବ୍ରାହ୍ମଣୀ ନଦୀରେ ଟଣାଯାଇଥିବା କେବୁଲ ତାରରେ ଛନ୍ଦି ହୋଇ ଏକ ହୁଲି ଡଙ୍ଗା ଓଲଟି ପଡ଼ିଥିଲା। ନାଉରିଆ ଘନଶ୍ୟାମ ବେହେରା ଓରଫ୍ ଘନିଆ, ତାଙ୍କ ପୁଅ ଜଟିଆ ଓରଫ୍ ଜଟି, ପ୍ରତାପ ସାହୁ, ଅଜୟ, ନାୟକ, ରାଜେନ୍ଦ୍ର ସାହୁ ସୁରକ୍ଷିତ ଭାବେ ପହଁରି କୂଳରେ ପହଞ୍ଚିଥିଲେ। ଅପରପକ୍ଷେ କୁନ୍ଦନଦେଇପୁର ଗ୍ରାମର ବିଶ୍ୱଜିତ୍ ଆଚାର୍ଯ୍ୟ, ରୋଡ୍ ଗ୍ରାମର ରମେଶ ସାହୁ, ସୁଶାନ୍ତ ସାହୁ ଏବଂ ବିଜୟ ନାୟକ ନିଖୋଜ୧ପ ଅଛନ୍ତି।



ନଦୀରେ ଉଦ୍ଧାର କାର୍ଯ୍ୟ ଚାଲିଛି।



ରବିବାର ସମ୍ବଲପୁରରେ ଥ୍ରୀଡି ଫଟୋ ପ୍ରଦର୍ଶନୀକୁ ଦର୍ଶକମାନେ ବୁଲି ଦେଖୁଛନ୍ତି ।

## ଥ୍ରୀଡି ଫଟୋ ପ୍ରଦର୍ଶନ

ସମ୍ବଲପୁର, ୮।୯ (ବ୍ୟୁରୋ)

ଚିତ୍ରଶାଳା ପକ୍ଷରୁ ଥ୍ରୀଡି ଫଟୋ ପ୍ରଦର୍ଶନୀ ରବିବାର ସମ୍ବଲପୁର ଅଇଁଠାପାଲି ଡଲଫିନ୍ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚିତ୍ରଶିଳ୍ପୀ ଶାନ୍ତନୁ ଦାଶଙ୍କ ପ୍ରାୟ ୫୦ଟି ଫଟୋର ଥ୍ରୀଡି ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। ଦର୍ଶକମାନେ ଥ୍ରୀଡି ଚଷମା ପିନ୍ଧି ଫଟୋ ଗୁଡ଼ିକୁ ବୁଲି ଦେଖିଥିଲେ। ସମ୍ବଲପୁର ମ୍ୟୁନିସିପାଲଟି ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀ ବିଷୟରେ ମତ ଉପସ୍ଥାପନ କରିଥିଲେ। ବରିଷ୍ଠ ଚିତ୍ରଶିଳ୍ପୀ ସଞ୍ଜୟ କୁମାର ସାହୁ, ଶ୍ୱେତ କୁମାର ପ୍ରଧାନ ସମ୍ମାନିତଅତିଥି ଭାବେ ଯୋଗଦେଇଥିଲେ ।

## ବନ୍ୟାରେ ଚାଷଜମି ବାଲିଚର

ଅତାବିରା, ୮।୯ (ଡି.ଏନ.ଏ)

ଲଗାଣ ବର୍ଷା ଯୋଗୁ ବରଗଡ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଗ୍ରାମାଞ୍ଚଳରେ ବହୁ ପରିବାରଙ୍କ ଘରଦ୍ୱାର ଭାଙ୍ଗି ଯାଇଛି। ଭେଡେନ ବ୍ଲକ ଉଦେପୁର ଗ୍ରାମର କେତେକ ଘର ଭାଙ୍ଗି ଯାଇଛି। ଝାଉଁଯୋର, ନଳିଆ ବନ୍ୟାପାଣିରେ ଧାନଚାଷ ବାଲିଚର ହୋଇଯାଇଛି । ଅତାବିରା ଲରମ୍ଭା, ପୋଡବାଡି, ସଂକ୍ରୀଡା ଆଦି ଝାଉଁଯୋର ପାର୍ଶ୍ୱ ଜମିରେ ମଧ ବନ୍ୟାପାଣି ପଶିଯିବା ସହିତ ବାଲିଚର ହୋଇଛି ।

## ଆର୍‌ଟିଓ ଯାଞ୍ଚକୁ ନେଇ ଲୋକେ ଭୟଭୀତ

ସୋନପୁର,୮।୯(ନି.ପ୍ର.)

ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ସୁବର୍ଣ୍ଣପୁର ଜିଲାରେ ଆଞ୍ଚଳିକ ପରିବହନ ବିଭାଗ ଯାଞ୍ଚକୁ କଡାକଡି କରିଛି। ୧ ତାରିଖରୁ ଆଇନ ଲାଗୁ ହୋଇଥିଲେ ହେଁ ନୂଆଁଖାଇ ଛୁଟି ଯୋଗୁଁ ମାତ୍ର ୪ଦିନ ବିଭାଗ ପକ୍ଷରୁ ଯାଞ୍ଚ କାର୍ଯ୍ୟ ସମ୍ଭବ ହୋଇଛି । ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର କଳାପଥର ଛକରେ ପରିବହନ ବିଭାଗ ପକ୍ଷରୁ ମୋଟର ଯାନ ଯାଞ୍ଚ କରାଯାଉଛି। ଏହି ସମୟରେ ମୋଟର ଯାନ ଆଇନ ଉଲ୍ଲଂଘନ କରିଥିବା ୭୯ ଜଣଙ୍କୁ ମୋଟ ୪ ଲକ୍ଷ ୭ ହଜାର ୨୩୦ଟଙ୍କା ଜରିମାନା କରାଯାଇଛି। ଏପରିକି ରବିବାର ଛୁଟିଦିନରେ ମଧ ବିଭାଗ ପକ୍ଷରୁ କଳାପଥର ଛକରେ ମୋଟର ଯାନ ଯାଞ୍ଚ କରାଯାଇ ୮୫ ହଜାର ୬୦୦ଟଙ୍କା ଜରିମାନା କରାଯାଇଥିବା ସୂଚନା ମିଳିଛି। ଏପରିକି ସୋନପୁର ବ୍ଲକ ଉପରଫବସି ଗ୍ରାମର ୨ ବାଇକ୍ ଆରୋହୀଙ୍କଠାରୁ ଶୁକ୍ରବାର ୪୬ ହଜାର ଟଙ୍କା ଆଦାୟ କରାଯାଇଛି। ଗାଡିର ସ୍ୱୀକୃତି ନଥିବା, ଡ୍ରାଇଭିଂ ଲାଇସେନ୍ସ, ହେଲମେଟ ଓ ବୀମା ନଥିବା ଏବଂ ନିଶା ସେବନ କରି ବାଇକ୍ ଚଳାଉ ଥିବାରୁ ୨ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ନୂତନ ଆଇନରେ ଗାଡିଚାଳନା ଲାଇସେନ୍ସ ନଥାଇ ଗାଡି ଚଳାଉଥିଲେ ୫ ହଜାର ଟଙ୍କା ଅର୍ଥ ଦଣ୍ଡ ରହିଛି। ସେହିପରି ଗାଡି ଚାଳନା ଲାଇସେନ୍ସ ବାତିଲ ଥାଇ ଗାଡି ଚଳାଉଥିଲେ ୧୦ ହଜାର ଟଙ୍କା ଅର୍ଥଦଣ୍ଡର ବ୍ୟବସ୍ଥା ଅଛି । ବାୟୁ ଓ ଶବ୍ଦ ପ୍ରଦୂଷଣ ନିୟମ ଖିଲାପ କଲେ ୧୦ ହଜାର ଟଙ୍କା ଅର୍ଥଦଣ୍ଡର ନିୟମ ରହିଛି। ଫଳରେ ଏହି ନିୟମ ଉଲ୍ଲଂଘନ କରି ଦୀର୍ଘଦିନ ହେଲା ଗାଡି ଚାଳନା କରୁଥିବା ଗାଡି ଚାଳକମାନେ ୩ ଦିନ ହେଲା ପରିବହନ କାର୍ଯ୍ୟାଳୟରେ ଭିଡ ଜମାଉଛନ୍ତି। ଆବଶ୍ୟକ କାଗଜପତ୍ର ଠିକ୍ କରିବା ପାଇଁ ଲାଗି ପଡିଛନ୍ତି ।



ସମ୍ବଲପୁର ଓଏସଓୟୁର ସ୍ୱାଗତ ସମାରୋହରେ ଅତିଥି ଓ ଛାତ୍ରୀଛାତ୍ର ।

## ଓଏସ୍‌ଓୟୁ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ସମ୍ବଲପୁର, ୮।୯ (ବ୍ୟୁରୋ)

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱାଗତ ସମାରୋହ ରବିବାର ଗଙ୍ଗାଧର ମହେର ବିଶ୍ୱବିଦ୍ୟାଳୟ (ଅମୃତ ବିହାର) ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗରେ ନାମ ଲେଖାଇଥିବା ୫୦୦ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। କୁଳସଚିବ ଡ. ମାନସରଞ୍ଜନ ପୂଜାରୀ, ଶିକ୍ଷାକେନ୍ଦ୍ର ଆବାହକ ଡ. ମହେନ୍ଦ୍ର ପ୍ରସାଦ ବେହେରା, ଗଙ୍ଗାଧର ମେହେର ସ୍ୱୟଂ ଶାସିତ କଲେଜର ପ୍ରାକ୍ତନ ଅଧକ୍ଷ ଡ. ଶ୍ରୀବନ୍ତ ଦାଶ, ଡ. ପ୍ରସନ୍ନ କୁମାର ମିଶ୍ର, ଡ. ପ୍ରିୟବ୍ରତ ପଣ୍ଡା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## ହାଇଦ୍ରାବାଦରେ ନୂଆଁଖାଇ ଭେଟ୍‌ଘାଟ

ସମ୍ବଲପୁର, ୮।୯ (ବ୍ୟୁରୋ)

ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ଏଚ୍‌ସିୟୁ)ରେ ଅଧ୍ୟୟନରତ ପଶ୍ଚିମଓଡ଼ିଶା ଛାତ୍ରୀଛାତ୍ରଙ୍କ ପକ୍ଷରୁ ନୂଆଁଖାଇ ଭେଟଘାଟ ପାଳିତ ହୋଇଯାଇଛି। ନୂଆଁ ଧାନରେ ନବାନ୍ନ ଭୋଗ ପ୍ରସ୍ତୁତି କରାଯାଇଥିଲା। ସମଲେଇଙ୍କ ପ୍ରତିକୃତିରେ ଭୋଗ ଅର୍ପଣ କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ର ନବାନ୍ନ ଭୋଗ ଖାଇଥିଲେ। ସେହିପରି ପଶ୍ଚିମଓଡ଼ିଶାର ପାରମ୍ପାରିକ ବ୍ୟଞ୍ଜନରେ ମହକି ଉଠିଥିଲା ଉତ୍ସବସ୍ଥଳ। ସମ୍ବଲପୁରୀ ଲୋକନୃତ୍ୟ, ଲୋକଗୀତ ତାଳରେ ଛାତ୍ରୀଛାତ୍ର ନୂଆଁଖାଇ ମନାଇଥିଲେ। ହାଇଦ୍ରାବାଦର ଅନ୍ୟ ଶିକ୍ଷାନୁଷ୍ଠାନରେ ପଢୁଥିବା ପଶ୍ଚିମଓଡ଼ିଶାର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ ।



ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟରେ ଅଧ୍ୟୟନରତ ପଶ୍ଚିମଓଡ଼ିଶା ଛାତ୍ରୀଛାତ୍ର।

## ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

ପର୍ଲା,୮।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟ ଆଞ୍ଚଳିକ ସାମ୍ବାଦିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍ ଶନିବାର ବେହେରା ଗ୍ରାମର ଗରୁବଜାର ଗ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ସୁବାସ ଚନ୍ଦ୍ର ବାଗଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ ହୋଇଥିଲା। ଗାଁଗିଡ଼ିକର ସମସ୍ୟା ଉପରେ ଗୁରୁତ୍ୱ ଦେବା ପାଇଁ ଆଲୋଚନା କରାଯାଇଥିଲା। ସଂଘ ସଭ୍ୟ ଉପେନ୍ଦ୍ର କୁମାର ନାଏକ ଖବରଦାତାମାନଙ୍କୁ ସୁରକ୍ଷା ପ୍ରତି ସରକାର ଧ୍ୟାନ ଦେବାକୁ ଏକ ଦାବିପତ୍ର ସରକାରଙ୍କୁ ଦେବା ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ। ଶେଷରେ ଗଣପର୍ବ ନୂଆଁଖାଇ ଭେଟ୍‌ଘାଟ୍‌ର ଜୁହାର ଆଦାନ ପ୍ରଦାନ ହୋଇଥିଲା । କାର୍ଯ୍ୟକ୍ରମ ସୋଭିତ ଗାନ୍ଧି ପରିଚାଳନା କରିଥିବା ବେଳେ ଦଣ୍ଡପାଟ ଅଞ୍ଚଳର ଖବରଦାତା ତ୍ରିଲୋକ ସିଂ, ଦେବେନ୍ଦ୍ର ସାଗର, ସୁବାସ ନାଏକ, ଦମ୍ବରୁଧର ସୁନାନୀ, କାର୍ତ୍ତିକ ଛତ୍ରିଆ, ଦିଲୀପ ଦୁରିଆ, ଲୋଚନ ପୋଡ, ରୁପେନ୍ଦ୍ର ସୁନାନୀ, କୈଳାସ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।



ଖଇରମାଲ ଚାଷୀ ଅବଧୁତ ପ୍ରଧାନଙ୍କ ଘରେ ବିଧାୟକ ରୋହିତ ପୂଜାରୀ।

## ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ବିଧାୟକ

ସମ୍ବଲପୁର,୮।୯(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଖଇରମାଲ ଗ୍ରାମର ମୃତ ଚାଷୀ ଅବଧୁତ ପ୍ରଧାନ (୫୪)ଙ୍କ ପରିବାରକୁ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଭେଟିଛନ୍ତି। ଅବଧୁତଙ୍କ ପରିବାର ବର୍ଗକୁ ସେ ସମବେଦନା ଜଣାଇ ସରକାରୀ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଜୁ ପକ୍କାଘର ଯୋଜନାରେ ଘର ଯୋଗାଇ ଦେବା, ବିଧବା ଭତ୍ତା ଓ ଅନ୍ୟାନ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ବ୍ଲକସ୍ତରୀୟ ଫୁଟବଲ ଚୟନ ଶିବିର

ଭେଡ଼େନ,୮।୯(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ତେନ୍ତୁଲିଟିକ୍ରା ଆଞ୍ଚଳିକ ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ ହାଇସ୍କୁଲ ଫୁଟବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରକୁ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ କାଣ୍ଡ ଉଦଘାଟନ କରିଥିଲେ। ଶିବରରେ ବ୍ଲକର ବିଭିନ୍ନ ହାଇସ୍କୁଲରୁ ୬୦ଜଣ ବାଳକ ଏବଂ ୩୦ ଜଣ ବାଳିକା ଅଂଶଗ୍ରହଣ କରିଥିଲେ। ଏଥିରୁ ଯୋଗ୍ୟତା ହାସଲ କରିଥିବା ଖେଳାଳିମାନେ ଆସନ୍ତା ୧୨ରୁ୧୪ ତାରିଖ ପର୍ଯ୍ୟନ୍ତ ଜାରିଂ ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଗୁରୁଦେବ ତ୍ରିପାଠୀଙ୍କ ପରିଚାଳନାରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଚୟନ ଶିବିରକୁ କ୍ରୀଡ଼ା ଶିକ୍ଷକ ରାଜେନ୍ଦ୍ର ସାହୁ, ପର୍ଶୁରାମ ପାତ୍ର,ରାଜକୁମାର ନାୟକ, ଜଗନ୍ନାଥ ଦାଶଙ୍କ ସମେତ ବ୍ଲକର ଅନ୍ୟ ଶିକ୍ଷକମାନେ ପରିଚାଳନା କରିଥିଲେ ।

## ଇନ୍ଦ୍ର ଡୁଙ୍ଗୁରୀରେ ବୃକ୍ଷରୋପଣ

ମନମୁଣ୍ଡା, ୮।୯ (ଡି.ଏନ.ଏ)

ମନମୁଣ୍ଡା ରେଞ୍ଜ ଅନ୍ତର୍ଗତ ଯୋଗୀନ୍ଦ୍ରପୁର ପଞ୍ଚାୟତର ରାବିଡି ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଉଷତ କହଁରଙ୍କ ନେତୃତ୍ୱରେ ରବିବାର ସ୍ଥାନୀୟ ଇନ୍ଦ୍ର ଡୁଙ୍ଗୁରିରେ ଲିମ୍ବ, ଶାଗୁଆନ, ଗମ୍ଭାରି ସହ କେତେକ ଔଷଧୀୟ ବୃକ୍ଷ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରମେଶ ଭଇନା, ଦୁକ୍ଷିତ ସେଠୀ, ଧର୍ମେନ୍ଦ୍ର ସୁରୁଜାଲ, ବିହାରୀ ଭଇନା, ହୃଷି ଜଗଦଲା, ଶ୍ରୀତମ ଭଇନା, ଜ୍ୟୋତି କଲତା ପ୍ରମୁଖ ସ୍ଥାନୀୟ ବାସିନ୍ଦା ସହଯୋଗ କରିଥିଲେ ।

# ଦୁଲୁକେଇଲା ନୂଆଁଖାଇ ଭେଟ୍‌ଘାଟ

ସମ୍ବଲପୁର, ୮।୯ (ବ୍ୟୁରୋ)

ଜିଲା ଔଷଧ ବ୍ୟବସାୟୀ ସଂଘର ନୂଆଁଖାଇ ଭେଟଘାଟ ରବିବାର ସନ୍ଧ୍ୟାରେ ବୁଢ଼ାରଜା ସ୍ଥିତ ହୋଟେଲ ଗ୍ରାଣ୍ଡ ଶିବାଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ଲୋକଗୀତ, ଲୋକନୃତ୍ୟରେ ଉତ୍ସବ ଦୁଲୁକି ଉଠିଥିଲା। ବରଗଡ ଲୋକସଭା ଏମ୍‌ପି ସୁରେଶ ପୂଜାରୀ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ସମ୍ବଲପୁର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ବିଜେଡି ଜିଲା ସଭାପତି ପ୍ରମୋଦ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ଶୁଭେଚ୍ଛା ଜଣାଇଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରେ ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ହୋଇଥିଲା। ପ୍ରଶାନ୍ତ କୁମାର ରଥଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ମାମିନା ପଟ୍ଟନାୟକ ମୁଖ୍ୟବକ୍ତା, ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ୍‌ର ସଭାପତି ପି. ସତ୍ୟନାରାୟଣ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, ଡେପୁଟି ଡ୍ରଗ୍ସ କଣ୍ଟ୍ରୋଲର୍ ସୁବୋଧ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ ବିବରଣୀ ଉପସ୍ଥାପନ କରିଥିଲେ। ରାଜ୍ୟ ସଂଘ ଯୁଗ୍ମ ସମ୍ପାଦକ ଶିଳା ଶିବପ୍ରସାଦ ସ୍ୱାଗତ ଭାଷଣ, ଦୀପକ କୁମାର ପାଢ଼ୀ ସୂଚନା ପ୍ରଦାନ କରିଥିଲେ। ସସ୍ମିତା ପଟ୍ଟନାୟକ ସଂଯୋଜନା କରିଥିଲେ। ରଶ୍ମିରଞ୍ଜନ ମହାପାତ୍ର, ମିନା ସାହୁ, ମୁକ୍ତେଶ୍ୱର ଦୋରା, ବିଷ୍ଣୁ ଅଗ୍ରୱାଲ, ସୁରେନ୍ଦ୍ର ଅଗ୍ରୱାଲ, ସନ୍ତୋଷ ସିଂ, ପ୍ରତ୍ୟୁଷ ପାତ୍ର, ବିକାଶ ସାରଦା, ପୂର୍ଣ୍ଣେନ୍ଦୁ କୁମାର ମହାନ୍ତି, ସୁରେନ୍ଦ୍ର ପ୍ରଧାନ, ଜ୍ୟୋର୍ତିମୟ ପଣ୍ଡା, ସଚିନ ସାରଦା, ମନୋଜ ନନ୍ଦ, ରମେଶ ଦାରୋକା, ସ୍ନେହାଶିଷ ପଟ୍ଟନାୟକ, ମନୋଜ ପାଣିଗ୍ରାହୀ, ସୁରେନ୍ଦ୍ର ପୌଦାର ପ୍ରମୁଖ ଉପସ୍ଥିତ ଥିଲେ।




ରବିବାର ସମ୍ବଲପୁର ଜିଲା ଔଷଧ ବ୍ୟବସାୟୀ ସଂଘ ସାଧାରଣ ବୈଠକରେ ଅତିଥିମାନେ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୂଳୁ ମାଇଲେ ଯିବ ସରି**
**ଦେବଙ୍କ ସଙ୍ଗେ କିମ୍ପା କଳି ।**

ମୂଳରୁ ବାଟ ସଫା କରିଦେଲେ ପଛକୁ ଆଉ କିଛି ଅଡୁଆ ବା ଚିନ୍ତାଦକ ରହି ନ ଥାଏ। ଅସଲ କଳି ମଞ୍ଜିକୁ ଉପାଡ଼ି ଦେଲେ ସବୁ ସମସ୍ୟାର ଅନ୍ତ ଆପେ ଆପେ ଘଟିଯାଇଥାଏ। ଯେଉଁଥିପାଇଁ ବା ଯାହା ଯୋଗୁ ବିପଦବରଣ କରିବାର ସମ୍ଭାବନା ରହିଥାଏ ତାକୁ ସେଠାରୁ କଳେବଳେ ହଟାଇଦେବା ନେଇ ମନସ୍ଥ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମଲୁ ଖୋଜୁଥିଲା ଯାହା**
**ବଇଦ ବତାଇଲା ତାହା ।**

ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରିଥାଏ ବା ଆଶା କରିଥାଏ ବେଳେ ବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା' ପାଖରେ ପହଞ୍ଚାଇ ଦେଇଥାଏ। ଆଶାନୁରୂପ ଦ୍ରବ୍ୟ ସହଜରେ ପାଇଯିବା ବା ବିନା ପ୍ରଚେଷ୍ଟାରେ ଇଚ୍ଛା ମୁତାବକ ଜିନିଷ ମିଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଶୋଇଥିବାବେଳେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା

- ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର
- ଘଟଣାସ୍ଥଳରେ ପୋଲିସ, ସାଇଣ୍ଟିଫିକ ଟିମ୍

ପାଟଣା/ଢେଙ୍କିକୋଟ, ୮।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଶିଘାଟି ପଞ୍ଚାୟତ ଗୁଧିରାମ ପଡା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଶୋଇଥିବାବେଳେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ଧାରୁଆ ଅସ୍ତ୍ରରେ ହାଣି ପରେ ପଥର କିମ୍ବା କୌଣସି ଓଜନିଆ ଜିନିଷରେ ମୁଣ୍ଡକୁ ଛେଚି ସେମାନଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏହି ଦମ୍ପତି ବାରଣ୍ଡାରେ ଏକ ଖଟିଆରେ ମଶାରି ଟାଙ୍ଗି ଶୋଇଥିଲେ। ଦୁର୍ବୃତ୍ତମାନେ ସେମାନଙ୍କୁ ହତ୍ୟା କରିବା ପୂର୍ବରୁ ଘରେ ଶୋଇଥିବା ଜ୍ୱାଇଁ ଓ ତାଙ୍କର ଦୁଇ ଛୋଟ ପୁଅ, ଝିଅଙ୍କୁ ବାହାରପଟୁ କବାଟରେ ଶିକୁଳି ଲଗାଇ ଦେଇଥିଲେ। ରବିବାର ସକାଳେ ଦମ୍ପତିଙ୍କ ଜ୍ୱାଇଁ ନିଦରୁ ଉଠି କବାଟ ବାହାରୁ ବନ୍ଦ ଥିବା ଦେଖି ଡାକ ପକାଇଥିଲେ। ପଡ଼ିଶା ଲୋକେ କବାଟ ଖୋଲିବାକୁ ଯିବାବେଳେ ଘର ବାରଣ୍ଡାରେ ବୃଦ୍ଧ ଦମ୍ପତି ଚମ୍ପା ମୁଣ୍ଡା (୬୪) ଓ ରାମାଇ ମୁଣ୍ଡା(୬୯)ଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ସମ୍ପର୍କରେ ୨୨କି.ମି. ଦୂର ଘଟଗାଁ ଥାନାକୁ ଖବର ଦିଆଯିବାରୁ ପୋଲିସ ପୂର୍ବାହ୍ନ ୧୦ଟାବେଳେ ପହଞ୍ଚି ମୃତଦେହ ଜବତ କରିଥିଲା। କେନ୍ଦୁଝରରୁ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଯାଇ ତଦନ୍ତ କରିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ କୌଣସି ଧାରୁଆ ଅସ୍ତ୍ର ପଡ଼ା ମିଳିନାହିଁ କି ହତ୍ୟାକାରୀଙ୍କ କୌଣସି ସୂଚନା ମିଳିନାହିଁ। ଗୁଣିଗାରେଡ଼ି ସନ୍ଦେହକୁ ନେଇ ଏଭଳି ହତ୍ୟା ଘଟିଥିବା ଗ୍ରାମବାସୀ କହୁଥିବାବେଳେ ପ୍ରକୃତ କାରଣ ଜଣାପଡ଼ିନି ଓ ତଦନ୍ତ ପରେ ସବୁକଥା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ବଣପାହାଡ଼ ଘେରା ଦୁର୍ଗମ ଗୁଧିରାମ ପଡା ଗ୍ରାମରେ ଏହି ଦମ୍ପତିଙ୍କୁ ହତ୍ୟା ଘଟଣା ଅଞ୍ଚଳରେ ଆତଙ୍କ ଖେଳାଇଛି। ହତ୍ୟାକାଣ୍ଡ ଘଟିଥିବା ସ୍ଥାନର ଦୃଶ୍ୟ ଥିଲା ଅତ୍ୟନ୍ତ ବୀଭତ୍ସ। ଏହି ବୃଦ୍ଧ ଦମ୍ପତିଙ୍କର ୫ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ୫ ଝିଅ ବାହା ହୋଇଯାଇଥିବାବେଳେ ପୁଅ ବାହାରକୁ ଯାଇ କାମଧନ୍ଦା କରୁଛନ୍ତି। ଚମ୍ପା ଓ ରାମାଇ ଘରେ ଏକୁଟିଆ ରହୁଥିଲେ। କିଛି ଦିନ ହେବ ତାଙ୍କ ଜ୍ୱାଇଁ ୨ ଛୋଟ ପୁଅ ଝିଅଙ୍କୁ ଧରି ବୁଲି ଆସିଥିଲେ। ଗତ ମଙ୍ଗଳବାର ରାତିରେ ତାଙ୍କ ଘରେ କୃଷଭିତ୍ତିକ ହେର ପୂଜା କରାଯାଇଥିଲା। ଏହାର ୪ଦିନ ପରେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରାଯିବା ଘଟଣା ନାନା ସନ୍ଦେହ ସୃଷ୍ଟି କରିଛି। ଘଟଗାଁ ଥାନା ଅଧିକାରୀ ବନ୍ଦନା ପାତ୍ର ଏବଂ ଏସଡିପିଓ ରବୀନ୍ଦ୍ର କୁମାର ମଲିକ ତଦନ୍ତ କରି ଫେରିଛନ୍ତି। ଅପରାହ୍ନ ୩ଟାବେଳେ ମୃତଦେହ ବ୍ୟବଚ୍ଛେଦ ଲାଗି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ସନ୍ଧାନୀ କୁକୁର କୌଣସି ସୁରାକ ପାଇ ନ ଥିବାରୁ ହତ୍ୟା ଘଟଣା ରହସ୍ୟଘେରରେ ରହିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୧୧୫/୧୯) ରୁଜୁ କରାଯାଇଛି। ଥାନା ଅଧିକାରୀ ପାତ୍ରଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି ଓ କାହାରିକୁ ଗିରଫ କରାଯାଇପାରିନାହିଁ ବୋଲି ସେ କହିଛନ୍ତି।

# ହୀରାକୁଦ ଡ୍ୟାମ୍‌ରେ ୨୦ଟି ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, ୮।୯ (ବ୍ୟୁରୋ):

ହୀରାକୁଦ ଡ୍ୟାମ୍ ଉପରମୁଣ୍ଡରେ ୨ ଦିନ ହେଲା ବର୍ଷା ଲାଗି ରହିଛି। ଫଳରେ ଡ୍ୟାମର ଜଳସ୍ତର ବଢୁଛି। ଏଣୁ ରବିବାର ରାତି ୯ଟା ପର୍ଯ୍ୟନ୍ତ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୨୯ ହଜାର ୦୩୯ କ୍ୟୁସେକ ପାଣି ପ୍ରବେଶ କରୁଛି। ହେଲେ ପ୍ରତି ସେକେଣ୍ଡରେ ଡ୍ୟାମରୁ ୩ ଲକ୍ଷ ୪୧ ହଜାର ୭୪୪ କ୍ୟୁସେକ ପାଣି ନିଷ୍କାସିତ ହେଉଛି । ହୀରାକୁଦ ଡ୍ୟାମ୍‌ର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବାବେଳେ ରାତି ସୁଦ୍ଧା ଜଳସ୍ତର ୬୨୫.୫୬ ଫୁଟ ରହିଛି। ଡ୍ୟାମ୍ ପ୍ରତି ବିପଦ ନ ଥିଲେ ମଧ୍ୟ ଏହା ଚିନ୍ତାର କାରଣ ହୋଇଛି । ଉପର ମୁଣ୍ଡରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଛତିଶଗଡ ଜଳସମ୍ପଦ ବିଭାଗ ସହ ଆଲୋଚନା କରି ଜଳ ନିୟନ୍ତ୍ରଣ କରାଯାଉଛି ।



ସୁନ୍ଦରଗଡ଼ଠାରେ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ କର୍ମକର୍ତ୍ତା, ସଭ୍ୟ।

- ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରିଣୀ

# ଅଧିକାର ପାଇଁ ସଂଗଠିତ ହେବାକୁ ଆହ୍ୱାନ

ସୁନ୍ଦରଗଡ଼, ୮।୯ (ଡି.ଏନ୍.ଏ)

ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରିଣୀ ବୈଠକ ରବିବାର ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ବରିଷ୍ଠ ନାଗରିକ ସଂଘ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ସଭାରେ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସଭାପତି ପ୍ରଫେସର ଟହଲୁ ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ, ଜାତୀୟ ସଙ୍ଗୀତ ଗାନ ସହ ଓଁକାର ନାଦ ପରେ ସୁନ୍ଦରଗଡ଼ ବରିଷ୍ଠ ନାଗରିକ ସଂଘର ସଭାପତି ଡା. ହିମାଂଶୁ ଶେଖର ଗୁରୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଥମଥର ସୁନ୍ଦରଗଡ଼ଠାରେ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରିଣୀ ବୈଠକ ଆୟୋଜିତ ହୋଇଥିବାରୁ ମହାସଂଘଠାରେ କୃତଜ୍ଞତା ଜ୍ଞାପନ କରିଥିଲେ। ସୁନ୍ଦରଗଡ଼ ସଂଘ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମହାସଂଘର ସାଧାରଣ ସମ୍ପାଦକ ପ୍ରହ୍ଲାଦ ମହାପାତ୍ର ବିବରଣୀ ପାଠ କରିଥିଲେ। ସଙ୍ଗଠନକୁ ତୃଣମୂଳସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ସଂଗଠିତ କରିବା ସହ ବରିଷ୍ଠ ନାଗରିକମାନଙ୍କର ନ୍ୟାର୍ଯ୍ୟ ଦାବି ଓ ଅଧିକାର ପାଇଁ ଏକ ବୈପ୍ଲବିକ ଚିନ୍ତାଧାରାରେ ସମାଜର ଉନ୍ନତି ତଥା ଗଠନମୂଳକ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ପଶ୍ଚିମ ଓଡ଼ିଶାର ସମସ୍ତ ଜିଲା ସମେତ ସମ୍ବଲପୁର ଓ ରାଉରକେଲା ମହାନଗର ନିଗମ ଅଞ୍ଚଳକୁ ସ୍ୱତନ୍ତ୍ର ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘ ଭାବରେ କମିଟି ଗଠନ କରାଯିବାକୁ ପ୍ରସ୍ତାବ ଆଗତ କରିଥିଲେ। ମହାସଂଘର ଉପଦେଷ୍ଟା ଗୌରୀଶ୍ୟାମ ପଣ୍ଡା ତାଙ୍କ ଅଭିଭାଷଣରେ ବ୍ଲକ ତଥା ଜିଲାସ୍ତରରେ ସୂଚନା ଅଧିକାର ବଳରେ ବାଦ୍ ପଡିଥିବା ବାର୍ଦ୍ଧକ୍ୟ ଭତ୍ତା ଦରଖାସ୍ତର ତ୍ୱରିତ କାର୍ଯ୍ୟାନୁଷ୍ଠାନ ରଖି ସେମାନଙ୍କର ଉନ୍ନତି ପାଇଁ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟ କରାଇବାକୁ ତଥା ବର୍ତ୍ତମାନର ଦରଦାମକୁ ଆଖି ଆଗରେ ରଖି ବାର୍ଦ୍ଧକ୍ୟ ଭତ୍ତାର ବୃଦ୍ଧି ଓ ଗ୍ରାମୀଣ ତଥା ସହରୀ ଯୋଜନାମାନଙ୍କରେ ଯେଭଳି ବରିଷ୍ଠ ନାଗରିକମାନେ ଉପକୃତ ହେବେ, ସେ ଦିଗରେ ମହାସଂଘ ତରଫରୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବର୍ଷୀୟାନ ସାମ୍ବାଦିକ ଭାଗବତ ପ୍ରସାଦ ନନ୍ଦ ଯୋଗଦେଇ ପ୍ରତ୍ୟେକ ଜିଲାରେ ଗଠିତ ବରିଷ୍ଠ ନାଗରିକ ସଂଘ ପାଇଁ ଘର, ଜାଗା କିମ୍ବା ଘରଭଡା ସକାଶେ ସରକାରଙ୍କୁ ଅବଗତ କରାଯିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ସାଙ୍ଗଠନିକ ସମ୍ପାଦକ ଅମୂଲ୍ୟ କୁମାର ପତି ବରିଷ୍ଠ ନାଗରିକଙ୍କ ସକାଶେ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଯେଭଳି ସମସ୍ତଙ୍କ ନିକଟରେ ପହଞ୍ଚିବ ସେ ନେଇ ସମସ୍ତେ ସଚେତନ ହେବାକୁ କହିଥିଲେ। ମହାସଂଘର ପରବର୍ତ୍ତୀ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ଡିସେମ୍ବର ମାସରେ ବଲାଙ୍ଗୀରଠାରେ ଆୟୋଜନ ନିମନ୍ତେ ଏହି ସଭାରେ ସ୍ଥିର ହୋଇଛି। ସୁନ୍ଦରଗଡ ସଂଘର ସମ୍ପାଦକ ପଦ୍ମଲୋଚନ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ସମଗ୍ର ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ ଜିଲା ସମେତ ଝାରସୁଗୁଡା, ସମ୍ବଲପୁର, ବରଗଡ, ଦେବଗଡ଼, ବଲାଙ୍ଗୀର, ବୌଦ୍ଧ, ସୋନପୁର, ନୂଆପଡା ଜିଲା ସମେତ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସୁନ୍ଦରଗଡ଼ ସଂଘର ଯୁଗ୍ମ ସମ୍ପାଦକ ସମୀର କୁମାର କର, କୋଷାଧ୍ୟକ୍ଷ ବାସୁଦେବ ସରାଫଙ୍କ ସମେତ ସମସ୍ତ ସଦସ୍ୟ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷାବିତ ଶାନ୍ତନୁ ତ୍ରିପାଠୀଙ୍କ ପରଲୋକ



**ସମ୍ବଲପୁର, ୮।୯ (ବ୍ୟୁରୋ):** ଅବସରପ୍ରାପ୍ତ ଅର୍ଥନୀତି ପ୍ରାଧାପକ ଶାନ୍ତନୁ କୁମାର ତ୍ରିପାଠୀଙ୍କ ଶନିବାର ବିଳମ୍ବିତ ରାତିରେ ଭାଲୁପାଲିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ଜିଲାପାଳ ଶୁଭମ୍ ସକ୍‌ସେନା, ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ପ୍ରମୁଖ ଭାଲୁପାଲି ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରିଥିଲେ । ରବିବାର ଅପରାହ୍ନରେ କମଲିବଜାର ରାଜଘାଟଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ସାନଭାଇ ସୁକାନ୍ତ ମୁଖାଗ୍ନି ଦେଇଥିଲେ । ବରଗଡ଼ ଜିଲା ବିଜେପୁର ବ୍ଲକ୍ ଅନ୍ତର୍ଗତ ଯୁଖିପାଲିର ମୂଳ ବାସିନ୍ଦା ଶାନ୍ତନୁ ଫୁଲବାଣୀ କଲେଜରୁ ଅଧାପନା ଜୀବନ ଆରମ୍ଭ କରିଥିଲେ ।


ସର୍ବ ଶିକ୍ଷା ଅଭିଯାନ
ସମସ୍ତେ ପଢନ୍ତୁ ସମସ୍ତେ ବଢନ୍ତୁ

**OFFICE OF THE KASTURABA GANDHI BALIKA VIDYALAYA, SUJANPUR, JAJPUR**
(Running under Rudra Charan HS),Phone No.-8895742366, Email : hmkgbvsujanpur@gmail.com
Advt. No. 13 (KGBV) Date : 07.09.19

**TENDER CALL NOTICE**

Sealed tenders are invited from the intending Dealers/ Distributors/Wholesalers/ Manufactures preferably having valid GST number, Sale Tax/GST clearance for supply of different consumables and non-consumable items for Kasturaba Gandhi Balika Vidyalaya (KGBV) Sujanpur running at Rudra Charan High School, Sujanpur under Jajpur block of Jajpur district, having 100 girl students in the age group of 11 to 16. The Tenderer should apply in the prescribed format with Rs. 2000/- as tender paper cost, which is non-refundable & Rs. 20,000/- as EMD (refundable) in shape of DD, payable at SBI, Jajpur Town in favour of Headmaster, KGBV, Sujanpur. The envelope containing the tender form and documents should be sent by Regd. Post/ Speed Post only addressed to the Headmaster, Kasturaba Gandhi Balika Vidyalaya, At/Po-Sujanpur, Dist- Jajpur, PIN-755017 and super-scribed with "Application for supply for consumable & non-consumable items for KGBV" on or before 24.09.2019 by 5.00 p.m. The same will be opened on 25.09.2019 at 11.00 a.m. by the School (KGBV) Level Purchase Committee for KGBV, Sujanpur Jajpur at KGBV, Sujanpur. The category wise items, specification, terms and conditions can be downloaded from the website www.jajpur.nic.in & www.opepa.in. Application received after due date shall not be entertained. The authority reserves the right to cancel any or all tender without assigning any reason thereof.

**Sd./- DPCRTE-SS, Jajpur-cum-chairman, School (KGBV) Level Purchase Committee**

**OFFICE OF THE COLLECTOR, ANGUL**
**FORM NO.III**
**(See Rule 5 C of OGLS Amendment Rules, 1998)**
**PROCLAMATION**
**(Misc. Conversion Case No. 01/2014)**
**No. 1778/ Rev. Dt. 26.08.2019**

It is hereby informed to the General Public that Smt. Sunanda Panda @ Mishra, W/o Ramesh Chandra Mishra, Subhransu Mishra, Ruchi Mishra both are son and daughter of Ramesh Chandra Mishra, Harapriya Mishra, W/o Madhusudan Mishra of village Giria, P.S. Rajakanika, Dist. Kendrapada has applied for coversion of following lease hold land to free hold in her favour.

Anybody having any objection to such conversion may file objection petition within a period of 15 days from the date of publication of this proclamation to the undersigned.

No objection petition will be entertained after expiry of the stipulated period.

**Land Schedule**

| Khata No. | Plot No. | Area in acre | Kisam |
|---|---|---|---|
| 344 | 650 | 0.06 | Harafasal |
| | 651 | 0.01 | Ghara |
| TOTAL | | 0.07 | |

By order of the Collector
**Sd./- Dy. Collector, Revenue, Collectorate, Angul**

# CLASSIFIED DISPLAY

**ALL EDITION - B/W (Everyday)**

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165




ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
**Dhanalaxmi Finance**
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

**TIRUPATI FINANCE**
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

**FINANCE**
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

**GTL Telecom Network Company**
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର




**BASUNDHAR FINANCE**
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
**DHANLAXMI FINANCE PVT. LTD.** ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

**LOAN**
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Cannaught Place, Delhi.




**ADMISSION OPEN**
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course
(OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
**NRC FINANCE**
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

**REQUIRED / LOAN**
**HARI OM FINANCE**
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

**ଋଣ ଧମାକା**
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7323867664
9065828165
New Ashok Nagar, East Delhi, Delhi




ଧାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ।
**HI-TECH TOWER**
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର
ଡିଜିଟାଲ ଟାୱାର ପ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747
7354398404
908, Ward, Backside Anand Market, Dhiman Line, Yamunagar, Delhi

ADMISSION OPEN FOR 2019-21
**B.Ed & M.Ed**
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
**NIDT**
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବ୍ୟାକ୍ଟେରିଆ ରୋକିବାର ସରଳ ଉପାୟ



**ବ୍ୟା**କ୍ଟେରିଆ ନିଜର କାୟାବିସ୍ତାର କଲେ ଆମେ କେତେକ ରୋଗର ସମ୍ମୁଖୀନ ହୋଇଥାଉ। ତେବେ ଏହାକୁ ନିୟନ୍ତ୍ରଣ କରିବାର ଏକ ସରଳ ଉପାୟ ରହିଛି। ଏ ସମ୍ପର୍କିତ ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଚାଞ୍ଚଲ୍ୟକର ତଥ୍ୟ ଲୋକ ଲୋଚନକୁ ଆଣିଛନ୍ତି। ଉକ୍ତ ୟୁନିଭର୍ସିଟି ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଆମ ପାଟିରୁ କ୍ଷରଣ ହେଉଥିବା ଲାଳ ଦ୍ୱାରା ବ୍ୟାକ୍ଟେରିଆ ନିୟନ୍ତ୍ରିତ ହୋଇପାରିବେ। ଆମେ କୁଳି କରିବା ସମୟରେ ପାଟିରୁ ବାହାରୁଥିବା ଲାଳରେ କେତେକ ବ୍ୟାକ୍ଟେରିଆ ବାହାରି ଯାଆନ୍ତି। ପୁଣି ପାଟିରୁ କ୍ଷରଣ ହେଉଥିବା ଲାଳ ସେମାନଙ୍କ ବଂଶ ବୃଦ୍ଧି କରିବାକୁ ସହଜରେ ଦେଇ ନ ଥାଏ।

## ସ୍ୱାସ୍ଥ୍ୟ ସୂଚନା



–ସକାଳୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସକାଳ ଜଳଖିଆ ବା ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ।
–ସକାଳ ଜଳଖିଆରେ ଟଟକା ଫଳମୂଳ, ଜୁସ୍ ସାମିଲ କରନ୍ତୁ।
–ଯଦି ବ୍ୟାୟାମକୁ ନିଜର ଦୈନନ୍ଦିନ ତାଲିକାଭୁକ୍ତ କରୁଛନ୍ତି ଜଣେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।
–ବିଳମ୍ବିତ ରାତ୍ରିଭୋଜନ ଅଭ୍ୟାସ ବଦଳାନ୍ତୁ। ଏପରି ଅଭ୍ୟାସ ପେଟଜନିତ ସମସ୍ୟାର କାରଣ ସାଜିଥାଏ।
–ପ୍ରତିଦିନ କିଛି ସମୟ ଯଦି ଯୋଗ, ପ୍ରାଣାୟାମ କରୁଛନ୍ତି ତେବେ ତାହା ଆପଣଙ୍କ ଶରୀରକୁ ଅନେକାଂଶରେ ସୁସ୍ଥ ରଖିଥାଏ।
–ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା ସାମିଲ କରନ୍ତୁ।
–ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଆନ୍ତୁ।
–ଗୋଟିଏ ସ୍ଥାନରେ ଯଦି ଅଧିକ ସମୟ ବସି ରହି କାମ କରିବାକୁ ପଡ଼େ ତେବେ କିଛି କିଛି ସମୟ ଅନ୍ତରାଳରେ ଠିଆହୋଇ ବୁଲାବୁଲି କରନ୍ତୁ। ଏହାଦ୍ୱାରା ଗୋଡ଼ର ସ୍ନାୟୁଗୁଡ଼ିକ ପ୍ରଭାବିତ ହୋଇ ନ ଥାନ୍ତି।



## ୧୦ଟି କଥା

**ଆଜିକାଲିର ବ୍ୟସ୍ତମୟ ଜୀବନରେ ଟେନ୍‌ସନର ବଶବର୍ତ୍ତୀ ହେବା ନୂଆ କଥା ନୁହେଁ । ଏଥିଯୋଗୁ ଅନେକଙ୍କର ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଥାଏ। ତେବେ ଏହି ସମୟରେ ନିମ୍ନୋକ୍ତ ୧୦ଟି କଥାକୁ ଧ୍ୟାନ ଦେଇପାରନ୍ତି...**

–ବ୍ୟାୟାମକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ଏହାଦ୍ୱାରା ଟେନ୍‌ସନ ଅନେକାଂଶରେ ଦୂର ହୋଇଥାଏ।
–ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ଅଧିକ ମସଲାଯୁକ୍ତ ଖାଦ୍ୟ ଯେତେ ନ ଖାଇବେ ସେତେ ଭଲ। ଏହା ସହ ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ।
–ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ ପାଇଁ ବାହାର କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ମାନସିକ ଶାନ୍ତି ପ୍ରଦାନ କରିବାରେ ସାହାଯ୍ୟ କରିଥାଏ।
–କ’ଣ ପାଇଁ ସବୁବେଳେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ତାହାର କାରଣ ଖୋଜି ବାହାର କରନ୍ତୁ। ଯେତେ ସମ୍ଭବ ଏହାକୁ ସମାଧାନ କରିବାକୁ ଚେଷ୍ଟା କରନ୍ତୁ।
–ଯଦି ଅଧିକାଂଶ ସମୟ ଚାପର ବଶବର୍ତ୍ତୀ ହେଉଛନ୍ତି ତେବେ ଯେତେ ସମ୍ଭବ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।
–ନିଜ ସାମର୍ଥ୍ୟ ଅନୁସାରେ ହିଁ କାମ କରନ୍ତୁ। ନିଜେ ତୁଲାଇପାରୁ ନ ଥିବା କାମକୁ ଆପଣେଇ ଟେନ୍‌ସନକୁ ଡାକି ଆଣନ୍ତୁ ନାହିଁ।
–ଟେନ୍‌ସନକୁ ନେଇ ଅଧିକ ଟେନ୍‌ସନ ହୁଅନ୍ତୁ ନାହିଁ। ସବୁବେଳେ ଏହାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ।
–ଯଦି ଅଧିକାଂଶ ସମୟ ଟେନ୍‌ସନରେ ରହୁଛନ୍ତି ତେବେ କିଛି ସମୟ ଶାନ୍ତ ପରିବେଶରେ ନିଜକୁ ରଖନ୍ତୁ। ଏହାଦ୍ୱାରା ଆପଣଙ୍କୁ ମାନସିକ ଶାନ୍ତି ମିଳିବା ଯଥେଷ୍ଟ ସମ୍ଭାବନା ରହିଛି।
–ସବୁବେଳେ ନିଜକୁ ଟେନ୍‌ସନ ଫ୍ରି ରଖିବାକୁ ଏକ ରୁଟିନ୍ ଲାଇଫ ଖସଡ଼ା ପ୍ରସ୍ତୁତ କରନ୍ତୁ।
–ଟେନ୍‌ସନକୁ ନେଇ ଯଦି ଅଧିକ ଚିନ୍ତାଗ୍ରସ୍ତ ରହୁଛନ୍ତି ତେବେ ବିଳମ୍ବ ନ କରି ଅଭିଜ୍ଞ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ, ଯିଏ କି ଆପଣଙ୍କୁ ଏଥିରୁ ମୁକୁଳିବା ଲାଗି ସହଜ ବାଟ ବତାଇଦେବେ।

# ଅପେକ୍ଷା କରିଛି ମଙ୍ଗଳ





କମଳାକାନ୍ତ ଜେନା

**ମ**ଙ୍ଗଳ ଆମ ପୃଥିବୀର ନିକଟତମ ପଡ଼ୋଶୀ ଗ୍ରହ । ଏହାକୁ ପୃଥିବୀର ଯାଆଁଳା ଭଉଣୀ ବୋଲି କୁହାଯାଏ । ତେଣୁ ତା’ ପ୍ରତି ଆମର ବେଶି ଦରଦ । ରାତିରେ ଏହା ଲାଲ ରଙ୍ଗର ତାରା ଭଳି ଦେଖାଯାଏ । ତେଣୁ ଏହାକୁ ‘ଲୋହିତ ଗ୍ରହ’ (ରେଡ୍ ପ୍ଲାନେଟ୍) କୁହାଯାଏ । ପୃଥିବୀ ଭଳି ମଙ୍ଗଳ ବି ବିରାଟ ପେଣ୍ଡୁଟିଏ। ଆକାରକୁ ଦେଖିଲେ ପୃଥିବୀର ଅଧା ହେଉଛି ମଙ୍ଗଳ । ପୃଥିବୀ ଆକାଶରେ ଯେପରି ସୂର୍ଯ୍ୟ ଉଦୟ ଓ ଅସ୍ତ ହୁଏ, ମଙ୍ଗଳ ଆକାଶରେ ସେହିପରି ମଧ୍ୟ ହୁଏ। ଆମର ୨୪ ଘଣ୍ଟାରେ ଗୋଟିଏ ଦିନ ହୁଏ। କିନ୍ତୁ ମଙ୍ଗଳ ଗ୍ରହରେ ୨୪ ଘଣ୍ଟା ୩୭ ମିନିଟରେ ଗୋଟିଏ ଦିନ ହୁଏ । ଆମର ୧୨ ମାସରେ ଏକବର୍ଷ ଓ ମଙ୍ଗଳରେ ୨୩ ମାସରେ ଏକ ବର୍ଷ ହୁଏ। ଏବେ ମଙ୍ଗଳରେ ବାସକରିବା ପ୍ରସଙ୍ଗକୁ ଆଧାରକରି ଅନେକ ଆଲୋଚନା ହେଉଛି । ନିକଟ ଅତୀତରେ ମଙ୍ଗଳ ପୃଷ୍ଠରେ ଜଳର ସନ୍ଧାନ ସମ୍ପର୍କିତ ଅନେକ ଚମତ୍କାର ତଥ୍ୟ ଆମକୁ ମିଳିଛି। ଆଜିକାଲିର ଗବେଷଣାକୁ ଦେଖିଲେ ଲାଗୁଛି, ମଙ୍ଗଳରେ ଦିନେ ନା ଦିନେ ମଣିଷର ପାଦ ପଡ଼ିବା କଥାଟା ନିଶ୍ଚୟ ସତ ହେବ । ଏହି ପରିପ୍ରେକ୍ଷୀରେ ବିଗତ ବର୍ଷଗୁଡ଼ିକରେ ମହାକାଶ କ୍ଷେତ୍ରରେ ଏକାଧିକ ଚର୍ଚ୍ଚିତ ଗବେଷଣା ଭିତରୁ ମଙ୍ଗଳ ଗ୍ରହ ସମ୍ପର୍କିତ ଗବେଷଣାକୁ ନେଇ ବେଶ୍ ଚହଳ ସୃଷ୍ଟି ହୋଇଥିଲା।

ଏଯାଏ ୮ଟି ମହାକାଶଯାନ ମଙ୍ଗଳକୁ ପରିକ୍ରମା କରିସାରିଛନ୍ତି । ସେଗୁଡିକ ଭିତରେ ଭାରତର ‘ମଙ୍ଗଳଯାନ’ ଅନ୍ୟତମ, ଯାହାକୁ ୫।୧୧।୨୦୧୩ ତାରିଖରେ ଇସ୍ରୋ ପଠେଇଥିଲା ଓ ତାହା ୨୪।୦୯।୨୦୧୪ ତାରିଖରେ ମଙ୍ଗଳକୁ ପରିକ୍ରମା କରିବା ଆରମ୍ଭ କରିଥିଲା । ନିଜ ପୃଷ୍ଠରେ ଜଳର ଉପସ୍ଥିତିକୁ ନେଇ ମଙ୍ଗଳ ଗ୍ରହ ଅନେକ ଥର ଚର୍ଚ୍ଚାର ପରିସର ଭିତରକୁ ଆସିଛି । ମଙ୍ଗଳପୃଷ୍ଠରେ ତରଳ ଜଳର ପ୍ରବାହ ରହିଛି ବୋଲି ୨୦୧୫ ସେପ୍ଟେମ୍ବର ୨୮ ତାରିଖରେ ଆମେରିକାର ଗବେଷଣା ସଂସ୍ଥା ‘ନାସା’ ଘୋଷଣା କରିଥିଲା। ନାସା ସଂସ୍ଥା ୧୨।୦୮।୨୦୦୫ ତାରିଖରେ ‘ମାର୍ସ ରେକୋନାଇସାନ୍‌ସ ଅର୍ବିଟର’ (ଏମ୍‌ଆର୍‌ଓ) ନାମକ ମହାକାଶଯାନକୁ ମଙ୍ଗଳ ଗ୍ରହକୁ ପଠାଇଥିଲା, ଯାହାକି ସେଠାରେ ପହଞ୍ଚି ୧୦।୦୩ ।୨୦୦୬ ତାରିଖରୁ ମଙ୍ଗଳ ଗ୍ରହ ଚାରିପଟେ ପରିକ୍ରମା କଲା । ମଙ୍ଗଳ ଚାରିପଟେ ବୁଲୁବା ସମୟରେ ମଙ୍ଗଳ ପୃଷ୍ଠର ହଜାର ହଜାର ଫଟୋ ଉଠାଇ ପୃଥିବୀକୁ ପଠାଉଥିଲା । ତା’ସହ ଅନେକ ସୂଚନା ମଧ୍ୟ ଦେଉଥିଲା । ସେହି ଫଟୋ ଓ ସୂଚନାରୁ ସେଠାରେ ଜଳ ପ୍ରବାହିତ ହେଉଛି ବୋଲି ଜଣାପଡ଼ିଲା । ଏହା ସେତେବେଳେ ବେଶ୍ ଚର୍ଚ୍ଚାର ବିଷୟ ଥିଲା। ମଙ୍ଗଳକୁ ନେଇ ଏତେ ଚର୍ଚ୍ଚା ହେବାର କାରଣ ସେଠାରେ ଜନବସତି ସ୍ଥାପନ କରିବା ପ । ଇଁ ପୃଥିବୀବାସୀ ଆଗ୍ରହର ସହ ଅନେଇ ବସିଛନ୍ତି। କିନ୍ତୁ ସେଥିପାଇଁ ସେଠାରେ ପ୍ରଚୁର ଜଳର ବ୍ୟବସ୍ଥା ହେବା ଜରୁରୀ । ସେଭଳି ପରିସ୍ଥିତିରେ ୨୦୧୬ରେ ମଙ୍ଗଳପୃଷ୍ଠରେ ଜଳକୁ ନେଇ ମିଳିଥିବା ଅନେକ ଚମତ୍କାର ତଥ୍ୟ ଆମ ସମସ୍ତଙ୍କୁ ଆଶ୍ୱାସନା ଦେଉଛି। ମଙ୍ଗଳ ପୃଷ୍ଠର ‘ୟୁଟୋପିଆ ପ୍ଲାନିସିଆ’ ଅଞ୍ଚଳରେ ପ୍ରଚୁର ଜଳର ସନ୍ଧାନ ମିଳିଛି, ଯାହାକି ବରଫ ରୂପରେ ରହିଛି । ସେହି ବରଫକୁ ତରଳେଇଦେଲେ ସେଠାରେ ଏକ ବିରାଟ ହ୍ରଦ ସୃଷ୍ଟି ହେବ । ତେଣୁ ସେଠାରେ ଆଉ ଜଳର ଅଭାବ ହେବ ନାହିଁ ବୋଲି ବୈଜ୍ଞାନିକମାନେ କହିଛନ୍ତି । ତେଣୁ ପୃଥିବୀର ଲୋକମାନେ ଅନେଇ ବସଛନ୍ତି, କେବେ ସେଠାକୁ ଯାଇ ଘରଦ୍ୱାର ତିଆରି କରିବେ । କିନ୍ତୁ, ଏହା କ’ଣ ସହଜ କଥା ? ନା, ଆଦୌ ସହଜ କଥା ନୁହେଁ, କାଠିକର ପାଠ।

ମଙ୍ଗଳରେ ଅମ୍ଳଜାନ ଏକ ସମସ୍ୟା। ଆମ ବାୟୁମଣ୍ଡଳରେ ଯଥେଷ୍ଟ ଅମ୍ଳଜାନ ଅଛି । ୧୦୦ ବୋତଲ ବାୟୁରେ ୨୧ ବୋତଲ ଅମ୍ଳଜାନ ରହିଛି ଏବଂ ଅଧା ବୋତଲରୁ କମ୍ ଅଙ୍ଗାରକାମ୍ଳ ରହିଛି । ଆମର ଶ୍ୱାସକ୍ରିୟା ପାଇଁ ଏମିତିକା ବାୟୁମଣ୍ଡଳ ଆବଶ୍ୟକ । ତଥାପି ଏଥିରେ ଅଙ୍ଗାରକାମ୍ଳ ପରିମାଣ ଟିକିଏ ବଢ଼ିଗଲେ ଆମେ ବଞ୍ଚିବା କଷ୍ଟକର ହୋଇପଡୁଛି । କିନ୍ତୁ ମଙ୍ଗଳର ବାୟୁମଣ୍ଡଳରେ ଯଥେଷ୍ଟ ଅଙ୍ଗାରକାମ୍ଳ ଅଛି । ୧୦୦ ବୋତଲ ବାୟୁରେ ୯୬ବୋତଲ ଅଙ୍ଗାରକାମ୍ଳ ରହିଛି ଏବଂ ଅଧା ବୋତଲରୁ କମ୍ ଅମ୍ଳଜାନ ରହିଛି । ତେଣୁ ନାକରେ ଅମ୍ଳଜାନ ଥଳି ଝୁଲେଇଲେ ଯାଇ ଆମେ ସେଠାରେ ରହିପାରିବା । ଅଧିକ ଥଣ୍ଡା ଓ ଅତି କମ୍ ଚାପ ହେତୁ ମଙ୍ଗଳ ପୃଷ୍ଠରେ ତରଳ ଅବସ୍ଥାରେ ଜଳ ରହିବା କଥା ନୁହେଁ । ତ ଥ । ପ ସେଠାରେ ପାଣିର ଧାର ଅଛି ବୋଲି ପ୍ରମାଣ ମିଳିଛି । କିନ୍ତୁ ଅଧିକାଂଶ ଜଳ ରହିଛି ବରଫ ରୂପରେ, ଯାହାକୁ ବୈଜ୍ଞାନିକମାନେ ଅବତଳ ଦର୍ପଣ ବ୍ୟବହାର କରି ସୂର୍ଯ୍ୟକିରଣ ଦ୍ୱାରା ତରଳେଇ ବ୍ୟବହାର କରିବା ପାଇଁ ଭାବୁଛନ୍ତି । ଅର୍ଥାତ୍ ସେଠାରେ ଆମ ପାଇଁ ଯଥେଷ୍ଟ ଜଳ ନାହିଁ । ପହଁରିବା ପାଇଁ ନଦୀପୋଖରୀ ନାହିଁ । ମାଛ ମାରିବା ପାଇଁ ନୀଳଦରିଆ ନାହିଁ । ଯାହା ବି ଜଳ ଅଛି ବୋଲି କୁହାଯାଉଛି, ତାହା ଆମର ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ କି ନୁହେଁ, ସେକଥା ଜଣାପଡିନାହିଁ । ପୃଥିବୀରେ ଏତେ ତରଳ ଜଳ ଥାଉ ଥାଉ ବ୍ୟବହାର ଉପଯୋଗୀ ଜଳର ପରିମାଣ ଯଥେଷ୍ଟ ନୁହେଁ । ତେଣୁ ମଙ୍ଗଳପୃଷ୍ଠରେ ଜଳକଷ୍ଟ ନହେବ ବୋଲି କେମିତି କହିବା ?

ଆଉ ଏକ ସମସ୍ୟା ହେଉଛି ଖାଦ୍ୟ । ଆମେ ଯାହା ବି ଖାଉ, ତାହା ଗଛଲତାରୁ ମିଳେ। ମଙ୍ଗଳରେ ଗଛଲତା ତ ଦୂର କଥା, ଏଯାଏ ଶିଉଳିର ସନ୍ଧାନ ବି ମିଳିନାହିଁ । ମଙ୍ଗଳ ମାଟିରେ ଗଛଲତା ବଞ୍ଚିପାରିବ। କିନ୍ତୁ ଟାଣ ଖରା ନାହିଁ । ସବୁଜଗୃହ ଭିତରେ ଗଛ ଲଗାଯିବ । ଗଛ ଖାଦ୍ୟ ତିଆରି କରିବା ପାଇଁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଅଛି । କିନ୍ତୁ ଶ୍ୱାସକ୍ରିୟା କରିବା ପାଇଁ ଯଥେଷ୍ଟ ଅମ୍ଳଜାନ ନାହିଁ । ତେଣୁ ବିଦ୍ୟୁତ୍-ବିଶ୍ଳେଷଣ ପ୍ରକ୍ରିୟାରେ ପାଣିରୁ ଅମ୍ଳଜାନ ତିଆରି କରି ଗଛଲତାକୁ ଯୋଗାଇ ଦିଆଯିବ । ଏହି କଥାଟା ଠିକ୍ ଲାଗୁନାହିଁ । ପୃଥିବୀରେ ଗଛଲତା ବଞ୍ଚିବା ପାଇଁ କୌଣସି ଅସୁବିଧା ନାହିଁ । କିନ୍ତୁ ଲୋକେ ଚାଷ କରୁ ନାହାନ୍ତି । ମଙ୍ଗଳରେ ଏତେ କଟକଣା ଭିତରେ କେମିତି ଚାଷ କରିବେ ? ପୁଣି ସ୍ପେଶ୍ ଶୁଟ୍ ପିନ୍ଧି ଚାଷ କରିବେ ? ଖାଲି ଚାଷୀ ନୁହେଁ, ସମସ୍ତେ ଦେହକୁ ଚାପିରଖିଥିବା ସ୍ପେଶ୍ ଶୁଟ୍ ପିନ୍ଧି ରହିବେ।

୨୦୧୯ ମସିହା ସୁଦ୍ଧା କୌଣସି ମହାକାଶଚାରୀ ମଙ୍ଗଳକୁ ଯାଇନାହାନ୍ତି । ସେଠାରେ କେବଳ ରୋଭରଯାନ ଓହ୍ଲାଇଛି । କିନ୍ତୁ କୌଣସି ମହାକାଶଯାନ ମଙ୍ଗଳପୃଷ୍ଠରେ ଓହ୍ଲାଇବା ପରେ ପୁଣି ପୃଥିବୀକୁ ଫେରି ନାହିଁ । ଆସନ୍ତା ୨୦୩୦ ମସିହା ବେଳକୁ ମଣିଷ ମଙ୍ଗଳପୃଷ୍ଠରେ ପାଦ ପକେଇବ ବୋଲି ଡକ୍ଟର ଅବଦୁଲ କାଲାମ୍ କହିଥିଲେ। ହଁ, କଥାଟା ସତ ହେବାକୁ ଯାଉଛି । ମହାକାଶଚାରୀମାନେ ସେଠାକୁ ଯିବାର ବଡ ଯୋଜନା ଚାଲିଛି। ସେମାନେ ସେଠାରେ ରହିବେ ଓ ଘର ତିଆରି କରିବେ । ଜାଳେଣି, ପାଣି ଓ ଅମ୍ଳଜାନର ବ୍ୟବସ୍ଥା କରିବେ । କିନ୍ତୁ ମଙ୍ଗଳ ବହୁ ଦୂରରେ ଥିବାରୁ ମହାକାଶଯାନ ସେଠାରେ ପହଞ୍ଚିବା ପାଇଁ ୧୦ ମାସ ଲାଗୁଛି । ତେଣୁ ପୃଥିବୀ ଗ୍ରହରୁ ଲୋକଙ୍କୁ ଧରି ମଙ୍ଗଳ ଗ୍ରହକୁ ଯିବା କାଠିକର ପାଠ । ସେଥିପାଇଁ ଯଥେଷ୍ଟ ଖାଦ୍ୟ, ଜଳ ଓ ଜାଳେଣି ଦରକାର, ଯାହାକି ଏବେ ସମ୍ଭବ ନୁହେଁ। ତେବେ ସୋଲାର ଇଲେକ୍ଟ୍ରିକ୍ ପ୍ରପଲସନ ବ୍ୟବହାର କରି ଯାତ୍ରା-ସମୟକୁ କମ୍ କରିବା ପାଇଁ ଗବେଷଣା ଚାଲିଛି । କିଭଳି ସ୍ପେଶସୁଟ୍ ପିନ୍ଧିଲେ ଅସୁବିଧା ହେବନାହିଁ, ସେ ବିଷୟରେ ପରୀକ୍ଷା ଚାଲିଛି। ଶୀଘ୍ର ସୂଚନା ଆଦାନ ପ୍ରଦାନ ପାଇଁ ମଙ୍ଗଳ ଓ ପୃଥିବୀ ମଧ୍ୟରେ ବେତାର ଯୋଗାଯୋଗ ବ୍ୟବସ୍ଥାକୁ ଦ୍ରୁତ କରାଯିବାର ଯୋଜନା ହେଉଛି।

ମଙ୍ଗଳ ଆମକୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଛି । କିନ୍ତୁ ସେଠାରେ ବାୟୁମଣ୍ଡଳରେ ଯଥେଷ୍ଟ ଅମ୍ଳଜାନ ନାହିଁ। ହେଲେ ପାଣି ଥିବାର ପକ୍କା ସୂଚନା ମିଳି ସାରିଛି। ପାଣିରେ ଶିଉଳି ରହିଲେ ଧୀରେ ଧୀରେ ସେଠାରେ ଅମ୍ଳଜାନର ପରିମାଣ ବୃଦ୍ଧିପାଇବ। ପରେ ପରେ ଗଛ ଲତା ସୃଷ୍ଟି ହେବ । ହେଲେ ମଣିଷ ବଞ୍ଚିପାରିବା ଭଳି ଯଥେଷ୍ଟ ଅମ୍ଳଜାନ ସୃଷ୍ଟି ହେବା ପାଇଁ ଲକ୍ଷ ଲକ୍ଷ ବର୍ଷ ଲାଗିବ । ଦିନ ଥିଲା, ପୃଥିବୀର ବାୟୁମଣ୍ଡଳରେ ବି ଯଥେଷ୍ଟ ଅମ୍ଳଜାନ ନଥିଲା । ତେଣୁ ମଙ୍ଗଳରେ ଜଳ ଥିଲେ ଭବିଷ୍ୟତରେ ଅମ୍ଳଜାନ ଆସିପାରେ । ଅର୍ଦ୍ଧଶତାବ୍ଦୀ ହେଲା ମଣିଷ ଯାଇ ଚନ୍ଦ୍ରରେ ପାଦ ଦେଇଛି । ଦିନେ ମଙ୍ଗଳଗ୍ରହରେ ବି ପହଞ୍ଚିବ । ସତ କହିଲେ ମଣିଷ ବଞ୍ଚିବା ପାଇଁ ପୃଥିବୀର ସୁବିଧା ଅନ୍ୟ କୌଣସି ଗ୍ରହରେ ନାହିଁ । ତଥାପି ଆନନ୍ଦ ପାଇଁ ମଙ୍ଗଳକୁ ଅଳ୍ପ ଦିନ ଲାଗି ଯିବାରେ କିଛି ଆପତି ନାହିଁ। କିନ୍ତୁ ସେଠାରେ ଜନବସତି ସ୍ଥାପନ କରି ସବୁଦିନ ରହିବା ସହଜ ନୁହେଁ । ତଥାପି ଆମେ ବିଜ୍ଞାନ ବଳରେ ଅପହଞ୍ଚ ଜାଗାରେ ପହଞ୍ଚିବା ପାଇଁ ଆଗ୍ରହୀ । ପୃଥିବୀବାସୀ ବିଜ୍ଞାନ ବଳରେ ମଙ୍ଗଳଗ୍ରହକୁ ଯାଆନ୍ତୁ । ସେଠାରେ ଘରଦ୍ୱାର ତିଆରି କରି ରୁହନ୍ତୁ ବା ନ ରୁହନ୍ତୁ ବିଜ୍ଞାନର ଜୟଗାନ କରନ୍ତୁ।

> **“ଏ ଯାଏ ୮ଟି ମହାକାଶଯାନ ମଙ୍ଗଳକୁ ପରିକ୍ରମା କରିସାରିଛନ୍ତି। ସେଗୁଡ଼ିକ ଭିତରେ ଭାରତର ‘ମଙ୍ଗଳଯାନ’ ଅନ୍ୟତମ, ଯାହାକୁ ୫।୧୧।୨୦୧୩ ତାରିଖରେ ଇସ୍ରୋ ପଠେଇଥିଲା ଓ ତାହା ୨୪।୦୯।୨୦୧୪ତାରିଖରେ ମଙ୍ଗଳକୁ ପରିକ୍ରମା କରିବା ଆରମ୍ଭ କରିଥିଲା। ନିଜ ପୃଷ୍ଠରେ ଜଳର ଉପସ୍ଥିତିକୁ ନେଇ ମଙ୍ଗଳ ଗ୍ରହ ଅନେକ ଥର ଚର୍ଚ୍ଚାର ପରିସରକୁ ଆସିଛି।”**

*–ଓଡିଶା ଶିକ୍ଷା ସେବା (୧), ସହକାରୀ ପ୍ରଫେସର, ଭଦ୍ରକ ଅଟୋନୋମସ କଲେଜ, ଭଦ୍ରକ*
*ମୋ : ୯୪୩୭୫୦୧୬୫୧*

# ଅର୍ଥୋସ୍କୋପିକ୍ ସର୍ଜରି

**“ଅର୍ଥୋସ୍କୋପିକ୍ ସର୍ଜରି ଏକ ଆଧୁନିକ ଅସ୍ଥିଶଲ୍ୟ ଚିକିତ୍ସା ପଦ୍ଧତି । ଏଥିରେ ବଡ଼ ଧରଣର କଟାକଟି ନ କରି ଛୋଟ କଣା ମାଧ୍ୟମରେ ଶରୀରର ବିଭିନ୍ନ ଖଞ୍ଜା ମଧ୍ୟରେ ଅର୍ଥୋସ୍କୋପ୍ ପୂରାଯାଇ ବହୁ ରୋଗର ନିଦାନ ଏବଂ ଚିକିତ୍ସା କରାଯାଇଥାଏ।”**

**ଅର୍ଥୋସ୍କୋପିକ୍ କ’ଣ**
ଅର୍ଥୋସ୍କୋପିକ୍ ସର୍ଜରି ଏକ ଆଧୁନିକ ଅସ୍ଥିଶଲ୍ୟ ଚିକିତ୍ସା ପଦ୍ଧତି। ଏଥିରେ ବଡ଼ ଧରଣର କଟାକଟି ନ କରି ଛୋଟ କଣା ମାଧ୍ୟମରେ ଶରୀରର ବିଭିନ୍ନ ଖଞ୍ଜା ମଧ୍ୟରେ ଅର୍ଥୋସ୍କୋପି ପୂରାଯାଇ ବହୁ ରୋଗର ନିଦାନ ଏବଂ ଚିକିତ୍ସା କରାଯାଇଥାଏ।

**ଓପନ୍ ସର୍ଜରିଠୁ କାହିଁକି ଭିନ୍ନ**
ଓପନ୍ ସର୍ଜରିରେ ଅଧିକ ଚିରାଫଡ଼ା କରାଯାଉଥିବାରୁ କ୍ଷତ ଶୁଖିବା ପାଇଁ ଅଧିକ ସମୟ ଲାଗେ ଏବଂ ଅପରେଶନ ପରେ ଷ୍ଟିଫ୍‌ନେସ ରହିବାର ଅସୁବିଧା ଥାଏ। ଏହାଛଡ଼ା ଅପରେଶନ ସମୟରେ ଅଧିକ ରକ୍ତସ୍ରାବ ହୋଇଥାଏ ଓ ପରେ ବଡ଼ ଦାଗ ରହିଥାଏ।

**କେଉଁ କେଉଁ ଖଞ୍ଜାରେ କରାଯାଏ**
ଆଣ୍ଠୁ ପାଇଁ ସବୁଠାରୁ ଅଧିକ ଉପଯୋଗୀ। ଏହାଛଡ଼ା କାନ୍ଧ, କହୁଣି, କଟିଟି, ଗୋଇଠି, ପାଦରେ ମଧ୍ୟ ଅର୍ଥୋସ୍କୋପିକ୍ ମାଧ୍ୟମରେ ଅପରେଶନ କରାଯାଉଛି।

**କେଉଁ ରୋଗରେ କରାଯାଇପାରେ**
ଆଣ୍ଠୁର ଲିଗାମେଣ୍ଟ ଇଞ୍ଜୁରି, ଅଷ୍ଟିଓଆର୍ଥରାଇଟିସ୍ କାର୍ଟିଲେଜ୍ ରିପେୟାର ବା ବୟସ ଜନିତ ଆଣ୍ଠୁରୋଗ, ମେନିସ୍‌କସ୍ ଟିୟର ଇତ୍ୟାଦି ବିଭିନ୍ନ ରୋଗର ଚିକିତ୍ସା ଏବଂ ନିଦାନ ଅର୍ଥୋସ୍କୋପିକ୍ ମାଧ୍ୟମରେ କରାଯାଇପାରେ। କାନ୍ଧରେ ଆର୍ଥରାଇଟିସ୍, ରୋଟାଟର କଫ୍ ଇଞ୍ଜୁରି, ଫ୍ରୋଜେନ୍ ସୋଲ୍‌ଡର ଏବଂ ଡିସ୍‌ଲୋକେସନ(ଖଞ୍ଜା ଖସିବା) ପରି ରୋଗର ଚିକିତ୍ସା କରାଯାଇପାରେ। ଏଣ୍ଡୋସ୍କୋପିକ୍ ସ୍ପାଇନ୍ ସର୍ଜରି ମାଧ୍ୟମରେ ବିଭିନ୍ନ ସ୍ପାଇନାଲ ରୋଗର ଚିକିତ୍ସା ମଧ୍ୟ କରାଯାଇପାରୁଛି।

**ଆନାସ୍ଥେସିଆ କ’ଣ ଦିଆଯାଏ**
ଆଣ୍ଠୁ ଅର୍ଥୋସ୍କୋପିକ୍ ସର୍ଜରି ପାଇଁ ସ୍ପାଇନାଲ ଆନାସ୍ଥେସିଆ ଦରକାର। ଲୋକାଲ ଆନାସ୍ଥେସିଆରେ ମଧ୍ୟ ଅପରେଶନ କରାଯାଇପାରେ। କାନ୍ଧ ପାଇଁ ଜେନେରାଲ ଆନାସ୍ଥେସିଆ ଆବଶ୍ୟକ ହୁଏ।

**ଭଲ ହେବା ପାଇଁ କେତେ ଦିନ ଲାଗେ**
ଆଣ୍ଠୁର ସର୍ଜରି ପରେ ରିକୋଭରି ପାଇଁ ୪ରୁ ୫ ଦିନ ସମୟ ପରେ ଫୁଲା ସମ୍ପୂର୍ଣ୍ଣ କମିଯାଏ। ୫ଦିନରୁ ଆଣ୍ଠୁ ଭାଙ୍ଗିବା ପାଇଁ କିଛିଦିନ ବାଡ଼ି ଧରି ଚାଲିବା ପରେ ରୋଗୀ ସାଧାରଣ ଅବସ୍ଥାକୁ ଫେରିଆସେ।



ଡା. ଅତନୁ ମହାନ୍ତି

**ରିସ୍କ ବା ବିପଦ କ’ଣ ଥାଏ**
ଅପରେଶନ ସମୟରେ ରକ୍ତସ୍ରାବ, ଇନ୍‌ଫେକ୍‌ସନ ଇତ୍ୟାଦିର ବିପଦ ନ ଥାଏ ଓ ଓପନ୍ ସର୍ଜରିଠାରୁ ଏଥିରୁ ବିପଦ ଯଥେଷ୍ଟ କମ୍।



**କେଉଁଠାରେ କରିବା ଉଚିତ**
ଅର୍ଥୋସ୍କୋପିକ୍ ସର୍ଜରିରେ ତାଲିମପ୍ରାପ୍ତ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପାଖରେ ଉଚିତ ପରାମର୍ଶ ପରେ ଏହି ସର୍ଜରି କରିବା ଉଚିତ। ସର୍ଜରି ପାଇଁ ୩୦ ମିନିଟ୍ ସମୟ ଲାଗେ। ଅପରେଶନର ୩ଦିନ ପରେ ରୋଗୀ ଘରକୁ ଯାଇପାରେ।

*–ଆସୋସିଏଟ୍ ପ୍ରଫେସର, ଅସ୍ଥିଶଲ୍ୟ ବିଭାଗ, ଏସ୍‌ସିବି ମେଡିକାଲ କଲେଜ, କଟକ, ମୋ : ୯୪୩୭୦୩୨୨୨୦*



# ସକାରାତ୍ମକ ମାନସିକତା ଓ ବିଶ୍ରାମ

**ପ୍ର**ତିଦିନ ଆମେ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଆବଶ୍ୟକ। ଏଥିରେ ଅନିୟମିତତା ହେଲେ ତାହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। କେବଳ ସେତିକି ନୁହେଁ, ଶୋଇବା ସମୟରେ ବେଡ୍ ରୁମ୍‌ର ପରିବେଶ ଶାନ୍ତ ରହିବା ନିହାତି ଦରକାର। ଏହାଦ୍ୱାରା ଭଲ ନିଦ ହୋଇଥାଏ। ଯଦି ଜଣେ ବ୍ୟକ୍ତି ନିୟମିତ ୬-୭ ଘଣ୍ଟା ଶୋଉଛନ୍ତି ତେବେ ତାଙ୍କର ମାନସିକତା ସକାରାତ୍ମକ ରହିଥାଏ। ତା’ସହ ବିଭିନ୍ନ କାମ କରିବା ପାଇଁ ତାଙ୍କ ମନରେ ଆଗ୍ରହ ସୃଷ୍ଟି ହୁଏ। ଆବଶ୍ୟକ ମୁତାବକ ଶୋଇବା ଦ୍ୱାରା ଏହାର କି ପ୍ରକାର ସୁପ୍ରଭାବ ଶରୀର ଉପରେ ପଡୁଛି ତାହାକୁ ଅଷ୍ଟ୍ରେଲିଆସ୍ଥିତ ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ତର୍ଜମା କରିଥିଲେ। ଯେଉଁମାନେ ପ୍ରତିଦିନ ଆବଶ୍ୟକ ମୁତାବକ ବିଶ୍ରାମ ନେଉଥିଲେ ସେମାନଙ୍କ ମାନସିକତା ପୂର୍ବାପେକ୍ଷା ଆହୁରି ସକ୍ରିୟ ଥିବାର ଜଣାପଡ଼ିଥିଲା। ତେବେ ରାତିରେ ଶୋଇବାକୁ ଯିବାର ଦୁଇଘଣ୍ଟା ପୂର୍ବରୁ ରାତ୍ରି ଭୋଜନ ଶେଷ କରନ୍ତୁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ୧୨୩୪ କୋଟିର ୧୧ ଏନ୍‌ପିଏ ଆକାଉଣ୍ଟ ବିକିବ ପିଏନ୍‌ବି

**ନୂଆଦିଲ୍ଲୀ,୮-୯:** ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ୧୨୩୪ କୋଟି ଟଙ୍କାର ୧୧ ଏନ୍‌ପିଏ(ଅନାଦାୟ ଋଣ) ଆକାଉଣ୍ଟକୁ ବିକ୍ରି କରିବାକୁ ଯାଉଛି। ଏଥିପାଇଁ ବ୍ୟାଙ୍କ ପକ୍ଷରୁ ଆସେଟ୍ ରିକନଷ୍ଟ୍ରକ୍‌ଶନ କମ୍ପାନୀ, ଏନ୍‌ବିଏଫ୍‌ସି, ବ୍ୟାଙ୍କ, ଫାଇନାନ୍ସିଆଲ ଇନ୍‌ଷ୍ଟିଚ୍ୟୁଶନ୍ସ ଲାଗି ବିଡ୍ ଆହ୍ୱାନ କରିଛି। ଏହି ଆକାଉଣ୍ଟ ମଧ୍ୟରେ ୪୪୧.୮୩ କୋଟି ଟଙ୍କାର ଭିସା ଷ୍ଟିଲ୍, ୪୧୪.୨୩ କୋଟି ଟଙ୍କାର ଇଣ୍ଡ୍‌ବାରାତ୍ ଏନର୍ଜି(ଉତ୍କଳ), ୧୧୩.୫୭ କୋଟି ଟଙ୍କାର ଆଷ୍ଟର ପ୍ରାଇଭେଟ ଲିମିଟେଡ ଓ ୧୦୦.୧୬ କୋଟି ଟଙ୍କାର ଓମ୍ ଶିବ୍ ଇଷ୍ଟେଟ୍ସ ରହିଛି। ପିଏନ୍‌ବି ପକ୍ଷରୁ କୁହାଯାଇଛି ଯେ, ଏହି ବିକ୍ରି ସମ୍ପୂର୍ଣ୍ଣ ନଗଦରେ ହେବ। ନିଲାମରେ ଭାଗ ନେବାକୁ ଥିବା ସମ୍ପୃକ୍ତ ପକ୍ଷ ବିକ୍ରି ହେବାକୁ ଥିବା କମ୍ପାନୀଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବା ସହ ତୁରନ୍ତ ପଦକ୍ଷେପ ନିଅନ୍ତୁ।

### ଦେଶର ଆବଶ୍ୟକତା ଅନୁସାରେ ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯଥେଷ୍ଟ: ଅର୍ଥ ସଚିବ

**ନୂଆଦିଲ୍ଲୀ,୮-୯:** ରାଷ୍ଟ୍ରାୟତ୍ତ ୧୦ ବ୍ୟାଙ୍କକୁ ମିଶାଇ ୪ ବୃହତ ବ୍ୟାଙ୍କ ଗଠନ କରାଯିବ ବୋଲି ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଘୋଷଣା କରିଛନ୍ତି। ମିଶ୍ରଣ ପରେ ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା ୧୨କୁ ହ୍ରାସ ପାଇବ। ଏହା ଦେଶର ଆବଶ୍ୟକତା ପୂରଣ କରିବା ଲାଗି ଯଥେଷ୍ଟ ବୋଲି କେନ୍ଦ୍ର ଅର୍ଥ ସଚିବ ରାଜୀବ କୁମାର କହିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି କାରଣରୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତି ହାସଲ କରିବାର ଲକ୍ଷ୍ୟ ହାସଲ ସମ୍ଭବ ହେବ ବୋଲି ସେ କହିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ହାସଲ ଲାଗି ଦେଶକୁ ବଡ଼ ବ୍ୟାଙ୍କର ଆବଶ୍ୟକତା ରହିଛି। ବ୍ୟାଙ୍କ ମିଶ୍ରଣ ଦ୍ୱାରା ଏହା ସମ୍ଭବ ହେବ। ଆଗାମୀ ଦିନରେ ଦେଶରେ ୬ ବୃହତ୍ ବ୍ୟାଙ୍କ ରହିବ, ଯାହାର ପୁଞ୍ଜି ଆଧାର, ଆକାର, ହାର ଓ ଦକ୍ଷତା ଉଚ୍ଚ ସ୍ତରର ହେବ। କୁମାର କହିଛନ୍ତି ଯେ, ବ୍ୟାଙ୍କ ବାଲାନ୍ସ ଶିଟ୍‌କୁ ସ୍ୱଷ୍ଟ ତଥା ସ୍ୱଚ୍ଛ କରିବା ଲାଗି ଅଭିଯାନ ଆରମ୍ଭ ହୋଇଛି।

### ଭାରତରେ ସାଓମିର ୧୦ କୋଟି ଫୋନ ବିକ୍ରି

**ନୂଆଦିଲ୍ଲୀ, ୮-୯:** ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ସାଓମି ପକ୍ଷରୁ ଭାରତରେ ୧୦ କୋଟି ସ୍ମାର୍ଟ ଫୋନ ବିକ୍ରି ସମ୍ପର୍କରେ ଘୋଷଣା କରାଯାଇଛି। ୫ ବର୍ଷ ମଧ୍ୟରେ ଏହି ସଫଳତା ହାସଲ କରିବାକୁ କମ୍ପାନୀ ସକ୍ଷମ ହୋଇଛି। ୨୦୧୪ ତୃତୀୟ ତ୍ରୈମାସରୁ କମ୍ପାନୀ ଜୁଲାଇ ୨୦୧୯ ମଧ୍ୟରେ ଏହି ବିକ୍ରି ସଫଳତା ଲାଭ କରିଛି। ରେଡମି ଏବଂ ରେଡମି ନୋଟ ସିରିଜ ଲୋକଙ୍କ ଦ୍ୱାରା ବେଶ ଆଦୃତ ହୋଇଛି। ଗତ ୮ ତ୍ରୈମାସ ଧରି ଏହା ୨୮.୩୧% ବଜାର ଅଂଶ ହାସଲ କରିଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ କମ୍ପାନୀର ରେଡମି ୬ଏ ଏବଂ ରେଡମି ନୋଟ ୭ ପ୍ରୋ ବେଷ୍ଟ ସେଲିଂ ସ୍ମାର୍ଟଫୋନ ହୋଇ ପାରିଛି। ବଜାରରେ ଶୁଭାରମ୍ଭ ପରଠାରୁ ଭଲ ରେସପନ୍ସ ପାଇଥିବା ବେଳେ ଏଭଳି ସଫଳତା ଆଗକୁ ବଢ଼ିବାରେ ଅନେକ ସହାୟତା କରିବ ବୋଲି ସାଓମି ଇଣ୍ଡିଆ ଏମ୍‌ଡି ତଥା ଉପସଭାପତି ମନୁ ଜୈନ ସୂଚନା ଦେଇଛନ୍ତି।

### ନିବେଶକଙ୍କ ୯୫% ଅର୍ଥ ଫେରସ୍ତ ହୋଇଛି: ସାହାରା

**ନୂଆଦିଲ୍ଲୀ, ୮-୯:** ନିବେଶକଙ୍କୁ ପ୍ରଦାନ କରିବାକୁ ଥିବା ମୋଟ ଅର୍ଥ ମଧ୍ୟରୁ ପ୍ରାୟ ୯୫% ଅର୍ଥ ସାହାରା ଗ୍ରୁପ ଫେରାଇ ସାରିଛି। ଗ୍ରୁପ ପକ୍ଷରୁ ମାମଲା ଲଢୁଥିବା ଓକିଲ ଗୌତମ ଅୱସ୍ତି ଏହି ସୂଚନା ଦେଇଛନ୍ତି। ନିବେଶକଙ୍କୁ ଏହି ଟଙ୍କା ସିଧାସଳଖ ପ୍ରଦାନ କରାଯାଇଛି। ସେହିଭଳି ସେବି ନିକଟରେ କମ୍ପାନୀ ଯେଉଁ ଟଙ୍କା ଜମା ରଖିଛି ତାହା ଦୁଇଗୁଣା ଅଧିକ ଜମା। ସେବି ପାଖରେ ପଡି ରହିଥିବା ଟଙ୍କାକୁ ଫେରାଇବାକୁ କମ୍ପାନୀ ପକ୍ଷରୁ ଦାବି କରାଯାଇଛି। ଟଙ୍କା ମିଳିଲେ କମ୍ପାନୀ ଏହାର କାରବାର ସମ୍ପ୍ରସାରଣ କରିବାକୁ ସକ୍ଷମ ହେବ ବୋଲି କହିଛି। ସେବି ବାର୍ଷିକ ରିପୋର୍ଟରୁ ତଥ୍ୟ ଆଧାରରେ ଅୱସ୍ତି କହିଛନ୍ତି ଯେ, ୨ଟି ସଂସ୍ଥାର ୩ କୋଟି ଓଏଫ୍‌ଡିସି ନିବେଶକଙ୍କ ମଧ୍ୟରୁ ୯୫% ଟଙ୍କାକୁ ସାହାରା ଫେରାଇଛି। ସାହାରା ଆଗୁଆ ପ୍ରାପ୍ୟ ଦେଇ ସାରିଥିବାରୁ ପରେ ଯାହା ପ୍ରଦାନ କରିଛି ତାହା ଦ୍ୱିତୀୟ ଥର ପେମେଣ୍ଟ ଭଳି ହେଉଛି। ଏହାର ଫେରସ୍ତ ଲାଗି ଦାବି କରାଯାଉଥିବା ଓକିଲ ଅୱସ୍ତି କହିଛନ୍ତି।

---

“ବିଏସ୍-୬ ମାନଦଣ୍ଡ ଆଧାରରେ ଇଞ୍ଜିନ ପରିବର୍ତ୍ତନ କରିବା ପରେ ଟୟୋଟା କିର୍ଲୋସ୍କର ମୋଟର୍ସର ସମସ୍ତ ଡିଜେଲ ମଡେଲର ଦର ୨୦% ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।
– ଏନ୍.ରାଜା, ଟୟୋଟା କିର୍ଲୋସ୍କର ମୋଟର ଡେପୁଟି ଏମ୍‌ଡି



“ଅଧିକରୁ ଅଧିକ ସହରରେ ସେବା ଯୋଗାଇ ଦେବା କାରଣରୁ ଜୋମାଟୋ ପ୍ରଥମଥର ଲାଭ କରିବାକୁ ଯାଉଛି। ଏହାଦ୍ୱାରା କମ୍ପାନୀ ସମେତ ରେଷ୍ଟୁରାଣ୍ଟଗୁଡ଼ିକର ଫାଇଦା ହେଉଛି।
– ଦୀପିନ୍ଦର ଗୋୟଲ, ଜୋମାଟୋ ପ୍ରତିଷ୍ଠାତା ସିଇଓ



### ମାଲ୍ ପରିବହନ ହ୍ରାସ ଦେଇଥିଲା ସଙ୍କେତ

# ମାନ୍ଦାବସ୍ଥାକୁ ଅଣଦେଖା କରିଛି କେନ୍ଦ୍ର

**ନୂଆଦିଲ୍ଲୀ,୮-୯**

ଦେଶର ଅର୍ଥନୀତି ଅଚାନକ ଧିମା ହୋଇନାହିଁ। ଦୀର୍ଘ ଦିନ ହେଲା ଏହାକୁ ନେଇ ସଙ୍କେତ ମିଳିଥିଲା। ମାଲ୍ ପରିବହନ କମିଯିବା, ଟ୍ରକ୍ ବିକ୍ରି ହ୍ରାସ ପାଇବା ଆଦିରୁ ଦେଶ ଆର୍ଥିକ ମାନ୍ଦାବସ୍ଥା ଆଡକୁ ଗତି କରୁଛି ବୋଲି ସଙ୍କେତ ମିଳିସାରିଥିଲା। କିନ୍ତୁ କେନ୍ଦ୍ରର ମୋଦି ସରକାର ଏହାକୁ କ୍ରମାଗତ ଅଣଦେଖା କରିଛନ୍ତି। ସରକାରଙ୍କ ଅନାଗ୍ରହ ତଥା ଅର୍ଥନୀତିକୁ ଗତିଶୀଳ କରିବା ଲାଗି ସ୍ୱଷ୍ଟ ନୀତିର ଅଭାବ ଯୋଗୁ ଅଟୋ ସମେତ ପ୍ରାୟ ସମସ୍ତ ସେକ୍ଟର ଏବେ ମାନ୍ଦାବସ୍ଥାର ଶିକାର ହୋଇଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଦୀର୍ଘକାଳୀନ ମାନ୍ଦାବସ୍ଥା ଢ଼ାଞ୍ଚାଗତ ପ୍ରକୃତିର ହୋଇଥାଏ। ଏହାକୁ ସରକାର ଜାଣିଶୁଣି ଅଣଦେଖା କରିଛନ୍ତି। ଏହାକୁ ଦୂରେଇବା ଲାଗି ସେଭଳି କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନ ଥିବାରୁ ଏବେ ମାନ୍ଦାବସ୍ଥାର ସାମ୍ନା କରିବାକୁ ପଡୁଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

#### ହାଇସ୍ପିଡ୍ ଡିଜେଲ ଖର୍ଚ୍ଚ କମିଛି

ମାଲ୍ ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକରେ ବ୍ୟବହାର ହେଉଥିବା ହାଇସ୍ପିଡ ଡିଜେଲର ଖର୍ଚ୍ଚରୁ ଅର୍ଥନୀତିକୁ ଆଉ ଏକ ସଙ୍କେତ ମିଳିଥାଏ। ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ ଦ୍ୱାରା ପ୍ରସ୍ତୁତ ତଥ୍ୟ ମୁତାବକ ନିକଟ ଅତୀତରେ ହାଇସ୍ପିଡ୍ ଡିଜେଲ(ଏଚ୍‌ଏସ୍‌ଡି) ଖର୍ଚ୍ଚ ବୃଦ୍ଧି ହାର ବହୁ ପରିମାଣରେ ହ୍ରାସ ପାଇଛି। ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ୮ ବର୍ଷରେ ଏଚ୍‌ଏସ୍‌ଡି ଖର୍ଚ୍ଚ ୬୪.୭୫ ମେଟ୍ରିକ ଟନରୁ ବଢ଼ି ୮୩.୫୨ ମିଲିୟନ ଟନରେ ପହଞ୍ଚିଯାଇଛି। ଏଭଳି ଭାବେ ୮ ବର୍ଷରେ ମାତ୍ର ୨୯% ଏବଂ ବାର୍ଷିକ ହାରରେ ଡିଜେଲ ଖର୍ଚ୍ଚ ୩.୬% ବୃଦ୍ଧି ପାଇଛି। କିନ୍ତୁ ଗତ ଦଶକର ୮ ବର୍ଷରେ ଅର୍ଥାତ୍ ୨୦୦୦-୦୧ରୁ ୨୦୦୮-୦୯ ମଧ୍ୟରେ ଏଚ୍‌ଏସ୍‌ଡି ଖର୍ଚ୍ଚ ୩୬.୫ ମିଲିୟନ ଟନରୁ ବଢ଼ି ୫୧.୭ ମିଲିୟନ ଟନରେ ପହଞ୍ଚିଥିଲା। ଏଭଳି ଭାବେ ୮ ବର୍ଷରେ ୪୧.୫% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ବାର୍ଷିକ ଆଧାରରେ ଏହା ୫.୨% ରହିଥିଲା।

#### ରେଳ ମାଧ୍ୟମରେ ମାଲ୍ ପରିବହନ ହ୍ରାସ

ଭାରତୀୟ ରେଳ ଦ୍ୱାରା ମାଲ୍ ପରିବହନ ଅର୍ଥନୀତିର ସ୍ୱାସ୍ଥ୍ୟାବସ୍ଥାର ସଙ୍କେତ ଦେଇଥାଏ। ମାଲ୍ ପରିବହନ ମାତ୍ରା ମାପିବା ଲାଗି ରେଲୱେ ପକ୍ଷରୁ ଏକ ସୂଚକାଙ୍କ ବ୍ୟବହାର କରାଯାଇଥାଏ। ଆୟ କରାଉଥିବା ମାଲ୍ ଲଦିବା( ସମସ୍ତ ଷ୍ଟେଶନର,ମିଲିୟନ ଟନ୍ ହିସାବରେ) ଏବଂ ଆୟ କରାଉଥିବା ଏକ ନିର୍ଦ୍ଦିଷ୍ଟ ଦୂରତାରେ ମାଲ୍ ପରିବହନ(ବିଲିୟନ ଟନ କିଲୋମିଟର) ସୂଚକାଙ୍କ ପ୍ରୟୋଗ କରାଯାଇଥାଏ। ଆର୍ଥିକ ବର୍ଷ ୨୦୧୮-୧୯ର ଆର୍ଥିକ ସର୍ଭେରେ ୧୯୫୦-୫୧ରୁ ଅଦ୍ୟାବଧି(୨୦୧୮-୧୯, ଅସ୍ଥାୟୀ) ତଥ୍ୟ ପ୍ରଦାନ କରାଯାଇଛି। ଆର୍ଥିକ ବର୍ଷ ୨୦୦୦-୦୧ରେ ମାଲ ଲଦିବା ୪୭୩.୫ ମିଲିୟନ ଟନ ଥିଲା, ଯାହା କି ୨୦୧୧-୧୨ରେ ବୃଦ୍ଧି ପାଇ ୯୬୯.୧ ମିଲିୟନ ଟନରେ ପହଞ୍ଚିଥିଲା। ସେହିପରି ୨୦୧୮-୧୯ରେ ୧୨୨୧.୩୯ ମାଲ୍ ପହଞ୍ଚିଯାଇଛି। ଏଭଳି ଭାବେ ୨୦୦୦-୦୧ରୁ ୨୦୧୧-୧୨ ମଧ୍ୟରେ ମାଲ୍ ଲଦିବା ୧୦୪.୬୭% ବଢ଼ିଯାଇଥିଲା। ଏହି ୧୨ ବର୍ଷରେ ଏଥିରେ ବାର୍ଷିକ ହାରାହାରି ୮୭% ବୃଦ୍ଧି ପରିଲକ୍ଷିତ ହୋଇଛି। କିନ୍ତୁ ବର୍ତ୍ତମାନ ଦଶକରେ ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ଏଥିରେ ମାତ୍ର ୨୬.୦୩ ପ୍ରତିଶତ ବୃଦ୍ଧି ଦେଖାଯାଇଛି ଏବଂ ଗତ ୮ ବର୍ଷରେ ଏହା ହାରାହାରି ମାତ୍ର ୩.୨୫% ବଢ଼ିଛି।



ଅନୁରୂପ ଭାବେ ୨୦୦୦-୦୧ରେ ମାଲ ପରିବହନ ୩୧୨.୪ ବିଲିୟନ ଟନ୍ କେଜି ହୋଇଥିଲା, ଯାହା କି ଆର୍ଥିକ ବର୍ଷ ୨୦୧୧-୧୨ରେ ବୃଦ୍ଧି ପାଇ ୬୬୭.୬ ବିଲିୟନ ଟନ କେଜି ହୋଇଛି। ଏହା ୨୦୧୮-୧୯ରେ ୭୦୦.୬୬ ବିଲିୟନ ଟନ କେଜିରେ ପହଞ୍ଚିଯାଇଛି। ଏଭଳି ଭାବେ ମାଲ ପରିବହନ ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ପ୍ରାୟ ସ୍ଥିର ରହିଛି। ଅର୍ଥାତ ୨୦୦୦-୦୧ରୁ ୨୦୧୧-୧୨ ମଧ୍ୟରେ ୧୨ ବର୍ଷରେ ମାଲ୍ ପରିବହନ ୧୧୩.୭ ପ୍ରତିଶତର ଜବରଦସ୍ତ ବୃଦ୍ଧି ଦେଖାଯାଇଥିଲା। ତେବେ ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ଏଥିରେ ମାତ୍ର ୪.୯% ବୃଦ୍ଧି ଦେଖାଯାଇଛି।

#### ଅଶୋଧିତ ତେଲ ଆମଦାନୀ ହ୍ରାସ

ଅଶୋଧିତ ତେଲ ଆମଦାନୀ ମଧ୍ୟ ଅର୍ଥନୀତିର ଅବସ୍ଥାକୁ ସୂଚାଇଥାଏ। ଅଶୋଧିତ ତେଲ, ଏହାର ସହାୟକ ଉତ୍ପାଦ ଡିଜେଲ, ଏଲ୍‌ପିଜି, ନାପ୍‌ଥା, ଜେଟ୍ ଇନ୍ଧନ, ଲ୍ୟୁବ୍ ଅଏଲ୍ ଆଦି ଆମଦାନୀ କରାଯାଇଥାଏ। ଦେଶର ଇନ୍ଧନ ଆବଶ୍ୟକତା ଏହାଦ୍ୱାରା ପୂରଣ କରାଯାଏ। ପେଟ୍ରୋଲିୟମ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଚଳିତ ଦଶକର ୮ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ଭାରତର ମୋଟ ଅଶୋଧିତ ତେଲ ଆମଦାନୀ ବୃଦ୍ଧି ପାଇ ୧୮୭.୫୮ ମିଲିୟନ ଟନରେ ପହଞ୍ଚିଥିଲା। ଏଭଳି ଭାବେ ଏଥିରେ ମୋଟ ୩୮.୧୭ ପ୍ରତିଶତ ଏବଂ ବାର୍ଷିକ ୪.୮ପ୍ରତିଶତ ବୃଦ୍ଧି ପାଇଛି। ତେବେ ୨୦୧୮-୧୯ରେ ତୈଳ ଆମଦାନୀରେ ୧.୩% ହ୍ରାସ ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ଗତ ଦଶକର ୮ ବର୍ଷ ଅର୍ଥାତ୍ ୨୦୦୦-୦୧ରୁ ୨୦୦୮-୦୯ ମଧ୍ୟରେ ଭାରତର ଅଶୋଧିତ ତୈଳ ଓ ଅନ୍ୟାନ୍ୟ ଉତ୍ପାଦର ଆମଦାନୀ ବୃଦ୍ଧି ପାଇ ୮୫.୭୨ ମିଲିୟନ ଟନରୁ ୧୫୧.୩୬ ମିଲିୟନ ଟନରେ ପହଞ୍ଚିଯାଇଥିଲା। ଏଭଳି ଭାବେ ଏହି ଅବଧିରେ ତୈଳ ଆମଦାନୀ ୭୬.୫୮% ଏବଂ ବାର୍ଷିକ ହାରରେ ୯.୬%ର ଜବରଦସ୍ତ ବୃଦ୍ଧି ଦେଖିବାକୁ ମିଳିଛି।

## ୧୮ ବ୍ୟାଙ୍କରେ ୩୨ ହଜାର କୋଟିର ଠକେଇ

**ନୂଆଦିଲ୍ଲୀ,୮-୯**




ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ(ଏପ୍ରିଲ-ଜୁନ୍)ରେ ୧୮ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ମୋଟ୍ ୩୧,୮୯୮.୬୩ କୋଟି ଟଙ୍କାର ୨୪୮୦ ମାମଲା ଧରାପଡ଼ିଛି। ଦେଶର ଶୀର୍ଷ ବ୍ୟାଙ୍କ ଏସ୍‌ବିଆଇରେ ସର୍ବାଧିକ ଠକେଇ, ଜାଲିଆତି ଧରାପଡିଛି। ଠକେଇ କାରଣରୁ ଏସ୍‌ବିଆଇ ସବୁଠାରୁ ବେଶି ୩୮% ଅର୍ଥ ହରାଇଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରଦତ୍ତ ଆର୍‌ଟିଆଇ ତଥ୍ୟରୁ ଜଣାପଡିଛି। ମଧ୍ୟପ୍ରଦେଶର ଆର୍‌ଟିଆଇ କର୍ମୀ ଚନ୍ଦ୍ରଶେଖର ଗୌଡଙ୍କ ପକ୍ଷରୁ ଏ ସମ୍ପର୍କରେ ତଥ୍ୟ ମଗାଯାଇଥିଲା। ସେ କହିଛନ୍ତି ଯେ, ଏସ୍‌ବିଆଇରେ ୧୨,୦୧୨.୭୭ କୋଟି ଟଙ୍କାର ସର୍ବାଧିକ ୧୧୯୭ ଠକେଇ ମାମଲା ଧରାପଡିଛି। ଏହିଅବଧିରେ ଆଲ୍ଲାହାବାଦ୍ ବ୍ୟାଙ୍କ ଦ୍ୱିତୀୟ ସ୍ଥାନରେ ରହିଛି। ଏହାର ୨୮୫୫.୪୬ କୋଟି ଟଙ୍କାର ୩୮୧ ମାମଲା ସାମ୍ନାକୁ ଆସିଛି। ଏହାପରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ମୋଟ ୨୫୨୬.୫୫ କୋଟି ଟଙ୍କାର ୯୯ ମାମଲା ରହିଛି। ତେବେ ଠକେଇ କରାଯିବାର ପଦ୍ଧତି, ବ୍ୟାଙ୍କ ଓ ଗ୍ରାହକଙ୍କୁ ହୋଇଥିବା କ୍ଷତି ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଇନାହିଁ। ନିଜ ପାଖରେ ତଥ୍ୟ ଉପଲବ୍ଧ ନ ଥିବା କେନ୍ଦ୍ରୀୟ ବ୍ୟାଙ୍କ କହିଛି। ସେହିପରି ବ୍ୟାଙ୍କ ଅଫ୍ ବରୋଦାର ୨୨୯୭.୦୫ କୋଟି ଟଙ୍କାର ୭୫ ମାମଲା, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ୨୧୩୩.୦୮ କୋଟି ଟଙ୍କାର ୪୫ ମାମଲା, କାନାରା ବ୍ୟାଙ୍କର ୨୦୩୫.୮୧ କୋଟି ଟଙ୍କାର ୬୯ମାମଲା, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୯୮୨.୨୭ କୋଟି ଟଙ୍କାର ୧୯୪ ମାମଲା, ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୯୬.୧୯ କୋଟି ଟଙ୍କାର ୩୧ ଠକେଇ ମାମଲା ସାମ୍ନାକୁ ଆସିଛି। ଆଲୋଚ୍ୟ ଅବଧିରେ କର୍ପୋରେଶନ ବ୍ୟାଙ୍କର ୧୬ ମାମଲାରେ ୯୬୦.୮୦ କୋଟି ଟଙ୍କା, ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ୪୬ ମାମଲାରେ ୯୩୪.୬୭ କୋଟି ଟଙ୍କା, ସିଣ୍ଡିକେଟ ବ୍ୟାଙ୍କର ୫୪ ମାମଲାରେ ୭୯୫.୭୫ କୋଟି ଟଙ୍କା, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ୫୧ ମାମଲାରେ ୭୫୩.୩୭ କୋଟି ଟଙ୍କା, ବ୍ୟାଙ୍କ ଅଫ୍ ଇଣ୍ଡିଆର ୪୨ ମାମଲାରେ ୫୧୭.୨୦ କୋଟି ଟଙ୍କା, ୟୁକୋ ବ୍ୟାଙ୍କର ୩୪ ମାମଲାରେ ୪୭୦.୭୪ କୋଟି ଟଙ୍କା, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ୮୫ ମାମଲାରେ ୨୫୩.୪୩ କୋଟି ଟଙ୍କା, ଆନ୍ଧ୍ରା ବ୍ୟାଙ୍କରେ ୨୩ ମାମଲାରେ ୧୩୬.୨୭ କୋଟି ଟଙ୍କା, ଇଣ୍ଡିଆନ ବ୍ୟାଙ୍କରେ ୩୭ ମାମଲାରେ ୩୭.୧୭ କୋଟି ଟଙ୍କା ଏବଂ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କରେ ଗୋଟିଏ ମାମଲାରେ ୨.୨ ଲକ୍ଷ ଟଙ୍କା ଠକେଇ ହୋଇଥିବା ଜଣାପଡିଛି।

#### ଆର୍‌ଟିଆଇ ତଥ୍ୟ

- ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ମୋଟ୍ ୨୪୮୦ ମାମଲା
- ଏସ୍‌ବିଆଇ ହରାଇଛି ସର୍ବାଧିକ ୩୮% ଅର୍ଥ
- ଆଲ୍ଲାହାବାଦ୍ ବ୍ୟାଙ୍କ ଦ୍ୱିତୀୟ ସ୍ଥାନରେ

## ମାନ୍ଦାବସ୍ଥା ମାଡ: ସୁଜୁକି ମୋଟର କ୍ଷମତା ବିସ୍ତାରକୁ ରୋକିଲା

**ନୂଆଦିଲ୍ଲୀ,୮-୯**




ମାନ୍ଦାବସ୍ଥା କାରଣରୁ ଦେଶରେ ଦୁଇଚକିଆ ଗାଡ଼ି ବିକ୍ରି କ୍ରମାଗତ ହ୍ରାସ ପାଇଚାଲିଛି। ଏଥିସହ ୨୦୨୦ ଏପ୍ରିଲରୁ ଦେଶରେ ଭାରତ ଷ୍ଟେଜ୍-୬କୁ କାର୍ଯ୍ୟକାରୀ କରାଯିବ। ଏହି କାରଣରୁ ସୁଜୁକି ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ନିଜର କ୍ଷମତା ବିସ୍ତାର ଲାଗି ପ୍ରସ୍ତାବିତ ନିବେଶକୁ ବର୍ତ୍ତମାନ ପାଇଁ ଟାଳିଦେଇଛି। କମ୍ପାନୀ ଉପାଧ୍ୟକ୍ଷ (ବିକ୍ରି ଏବଂ ବିପଣନ) ଦେବାଶିଷ ହାଣ୍ଡା କହିଛନ୍ତି ଯେ, କ୍ଷମତା ବିସ୍ତାର କରାଯିବାର ପ୍ରସ୍ତାବ ରହିଛି। ତେବେ ଏହାକୁ ତତ୍କାଳ କରାଯିବ ନାହିଁ। ନୂଆ ସୁବିଧାଯୁକ୍ତ କାରଖାନା ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି। ତେବେ ଦେଶ ବିଏସ୍-୪ରୁ ବିଏସ୍-୬କୁ ପରିବର୍ତ୍ତନକୁ କିଭଳି ଗ୍ରହଣ କରୁଛି, ତାହାକୁ ଦୃଷ୍ଟିରେ ରଖି ନିବେଶ କରାଯିବ। କାରଣ ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏବଂ କମ୍ପାନୀ ଏହା ଉପରେ ନଜର ରଖିଛି। ସେ କହିଛନ୍ତି ଯେ, କମ୍ପାନୀର ଗୁରୁଗ୍ରାମଠାରେ ବାର୍ଷିକ ୧୦ ଗାଡ଼ି ନିର୍ମାଣ କରିପାରୁଥିବା ଏକ କାରଖାନା ରହିଛି। କମ୍ପାନୀ ଘରୋଇ ବଜାରରେ ୮ ଲକ୍ଷ ବିକ୍ରି କରିବା ଏବଂ ବିଦେଶକୁ ୧ ଲକ୍ଷ ଗାଡ଼ି ରପ୍ତାନି କରିବାର ଲକ୍ଷ୍ୟଧାର୍ଯ୍ୟ କରିଛି। କମ୍ପାନୀର ବିସ୍ତାର ନିଶ୍ଚିତ ହେବ। ମାନ୍ଦାବସ୍ଥା ଆସି ନ ଥିଲେ ବହୁ ଦିନ ପୂର୍ବରୁ ବିସ୍ତାର କାର୍ଯ୍ୟ ଆରମ୍ଭ ହୋଇଯାଇଥାନ୍ତା ବୋଲି ହାଣ୍ଡା କହିଛନ୍ତି।

## ବ୍ୟାଙ୍କଗୁଡ଼ିକର ଚାପଗ୍ରସ୍ତ ସମ୍ପତ୍ତି ବଢ଼ିବ

**ନୂଆଦିଲ୍ଲୀ,୮-୯**

ଦେଶର ବ୍ୟାଙ୍କଗୁଡିକ ଏବେ ସମସ୍ୟା ଦେଇ ଗତି କରୁଥିବା ବେଳେ ବ୍ୟାଙ୍କରପ୍ସି (ଦେବାଳିଆ) ମାମଲାର ସମାଧାନ ବିଳମ୍ବିତ ହେଉଛି। ଏହି କାରଣରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅନାଦାୟ(ଏନ୍‌ପିଏ)ବା ଚାପଗ୍ରସ୍ତ ଋଣ ପରିମାଣ ବୃଦ୍ଧି ପାଇବ ମୁଡିଜ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଏକ୍ଷେତ୍ରରେ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ହେବାର ଆଶଙ୍କା ଉପୁଜିଛି। ଇଟାଲି ଏଭଳି ସମସ୍ୟା ସହ ଜୁଝିଥିବା ବେଳେ ଏହାର ସ୍ଥିତି ଠିକ୍ କରିବାକୁ ସକ୍ଷମ ହୋଇଛି। ଉକ୍ତ ରାଷ୍ଟ୍ର ଏହାର ବ୍ୟାଙ୍କଗୁଡିକର ଋଣ ଅସୁଲ ଧାରାକୁ ତ୍ୱରାନ୍ୱିତ କରିଛି। ମୁଡିଜ୍ ଇନଭେଷ୍ଟର୍ସ ସର୍ଭିସ ପକ୍ଷରୁ କ୍ରେଡିଟ ସୁଇସ ଏଜିକୁ ପ୍ରଦାନ କରାଯାଇଥିବା ରିପୋର୍ଟ ମୁତାବକ, ଏସିଆର ଦେଶଗୁଡିକର ବ୍ୟାଙ୍କିଙ୍ଗ୍ ସିଷ୍ଟମରେ ଚାପଗ୍ରସ୍ତ ଋଣ ସମ୍ପତ୍ତି ବଢିବ। ବ୍ୟାଙ୍କଗୁଡ଼ିକ ପକ୍ଷରୁ ପ୍ରଦାନ କରାଯାଇଥିବା ମୋଟ ଋଣର ୨.୪% ଚାପଗ୍ରସ୍ତ ହେବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏଥିରେ କୁହାଯାଇଛି ଯେ, ଜୁନ ସୁଦ୍ଧା ଚାପଗ୍ରସ୍ତ ଋଣ ପରିମାଣ ଅନୁପାତ ସର୍ବାଧିକ ୯.୬% ଛୁଇଁପାରେ। ପ୍ରମୁଖ ଅର୍ଥନୀତିଗୁଡିକ କ୍ଷେତ୍ରରେ ଏହା ସର୍ବାଧିକ ବୋଲି କ୍ରେଡିଟ ସୁଇସକୁ ଦିଆଯାଇଥିବା ରିପୋର୍ଟରେ କୁହାଯାଇଛି। ଇଟାଲିରେ ଏହି ଅନୁପାତ ଗତ ୩ ବର୍ଷ ଧରି ପ୍ରାୟ ୮.୫% ରହିଛି ଏଥିରେ ଦର୍ଶାଯାଇଛି।

ଭାରତ କଥା ବିଚାରକୁ ନେଲେ, ଚାପଗ୍ରସ୍ତ ସମ୍ପତ୍ତି ପରିମାଣ ହ୍ରାସ କରିବା ଦିଗରେ ସରକାର ସେତେଟା ଆଖିଦୃଶିଆ କାର୍ଯ୍ୟ କରିନାହାନ୍ତି। ଏହା ଦେଶର ଆର୍ଥିକ ଅଭିବୃଦ୍ଧି ଉପରେ ଗଭୀର ପ୍ରଭାବ ପକାଉଛି। ଭାରତର ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ବିଫଳତା, ବ୍ୟାଙ୍କ କ୍ଷେତ୍ରରେ ଋଣ ପ୍ରଦାନ ସମସ୍ୟା ଏବଂ ବ୍ୟାଙ୍କରପ୍ସି କାର୍ଯ୍ୟଧାରାରେ ବିଳମ୍ବ ବ୍ୟାଙ୍କଗୁଡିକ ଲାଗି ଆହ୍ୱାନ ସୃଷ୍ଟି କରିଛି। ଏଭଳି ସମସ୍ୟା ସେମାନଙ୍କର ବାଲାନ୍ସ ସିଟ୍‌କୁ ପ୍ରଭାବିତ କରିଛି। ଉକ୍ତ ପ୍ରସଙ୍ଗ ଉପରେ ମତ ରଖି ନିବେଶ ଫାର୍ମ ମର୍ସେଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସ ଲିମିଟେଡର ପ୍ରତିଷ୍ଠାତା ସୌରଭ ମୁଖାର୍ଜୀ କହିଛନ୍ତି ଯେ, ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଯାଇଥିବାରୁ ଏହା ଏନ୍‌ପିଏ ବଢାଇବ। ଆଇଏଲ୍‌ଆଣ୍ଡଏଫ୍‌ଏସ୍ ବୁଡିବାର ଗୋଟିଏ ବର୍ଷ ପୂରଣ ହେବାକୁ ଥିବା ବେଳେ ଏନ୍‌ପିଏ ବୃଦ୍ଧିର ଆଶଙ୍କା ଉପୁଜିଛି।

ବ୍ଲୁମବର୍ଗ ତଥ୍ୟ ମୁତାବକ, ୨୦୧୭ରେ ବ୍ୟାଙ୍କରପ୍ସି କୋର୍ଟକୁ ଯାଇଥିବା ଦେଶର ୧୨ ସର୍ବବୃହତ ଋଣ ମାମଲା ମଧ୍ୟରୁ ଅଦ୍ୟାବଧି ମାତ୍ର ୬ଟିର ସମାଧାନ ହୋଇଛି। ଉକ୍ତ କ୍ଷେତ୍ରରେ ନିୟମରେ ରହିଥିବା ଅସୁବିଧା, ଭିତ୍ତିଭୂମି ଅଭାବ ଯୋଗୁ ୨୭୦ ଦିନ ମଧ୍ୟରେ ମାମଲାର ସମାଧାନ ଦିଗରେ ଏହା ବାଧା ଉପୁଜାଉଛି। ଏକ୍ଷେତ୍ରରେ ପୁରୁଣା ମାମଲାଗୁଡିକର ସମାଧାନ ସରକାରଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ ରହିବ। ଜୁନ ତ୍ରୈମାସରେ ଅଭିବୃଦ୍ଧି ୫%କୁ ଖସିଥିବାରୁ ମାମଲାଗୁଡିକ ସମାଧାନ ହେଲେ ଅର୍ଥନୀତିକୁ ଗତିଶୀଳ କରାଇବା ଲାଗି ବ୍ୟାଙ୍କଗୁଡିକ ଋଣ ପ୍ରଦାନ କରିବାକୁ ସକ୍ଷମ ହେବେ। ମାନ୍ଦାବସ୍ଥା ବିରୋଧରେ ଲଢିବା ଲାଗି ସରକାର ଏନ୍‌ପିଏ କମାଇବା ଏବଂ ଛୋଟ ଛୋଟ ବ୍ୟାଙ୍କଗୁଡିକର ମିଶ୍ରଣ ନେଇ ପଦକ୍ଷେପ ନେଇଛନ୍ତି। ନୂଆ ବ୍ୟାଙ୍କରପ୍ସି ଧାରାକୁ ଲାଗୁ କରିବାରେ ବିଳମ୍ବ, ଚାପଗ୍ରସ୍ତ ସମ୍ପତ୍ତି ନିୟମରେ ପରିବର୍ତ୍ତନ ଏବଂ ଅର୍ଥନୈତିକ ମାନ୍ଦାବସ୍ଥା ଏନ୍‌ପିଏ ଅସୁଲ ଦିଗରେ ବାଧକ ବୋଲି ଆଦିତ୍ୟ କନସଲଟିଂର ପରିଚାଳନା ପାର୍ଟନର ମାଥ୍ୟୁ ଆଣ୍ଟୋନୀ କହିଛନ୍ତି। ଅପରପକ୍ଷରେ ବ୍ୟାଙ୍କଗୁଡିକ ଇଟାଲୀ ଭଳି ଚାପଗ୍ରସ୍ତ ସମ୍ପତ୍ତି ବିକ୍ରି ଲାଗି କିଛିଟା କୋହଳ ନୀତି ଆପଣାଉ ଥିବା ସେ ପ୍ରକାଶ କରିଛନ୍ତି।

#### ମୁଡିଜ୍‌ର ଆକଳନ




## ନିବେଶକଙ୍କ ପସନ୍ଦ ପାଲଟୁଛି ସୁନା

**ନୂଆଦିଲ୍ଲୀ,୮-୯**

ଦେଶରେ ଆର୍ଥିକ ମାନ୍ଦାବସ୍ଥା ଲାଗି ରହିଥିବାରୁ ସୁନା ଏବଂ ରୁପା ଦର ବଢି ଚାଲିଛି। ବଜାରରେ ସୁନାର ଦର ବୃଦ୍ଧି ଆଗାମୀ କିଛି ସମୟ ପର୍ଯ୍ୟନ୍ତ ଲାଗି ରହିବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ବିଶ୍ୱ ସ୍ତରରେ ମାନ୍ଦାବସ୍ଥା, ପୁଞ୍ଜି ବଜାରରେ ହ୍ରାସ ଏବଂ ପ୍ରପର୍ଟି ବଜାରର ସ୍ଥିତି ଏତେଟା ଭଲ ନ ଥିବାରୁ ସୁନାରେ ନିବେଶ କରିବାକୁ ଲୋକମାନେ ଏବେ ପସନ୍ଦ କରୁଥିବା ଜଣାପଡିଛି। ଦୀପାବଳି ସମୟରେ ସୁନା ଦର ନୂଆ ରେକର୍ଡ କରିବା ନେଇ ବିଶେଷଜ୍ଞ ଅନୁମାନ କରିଛନ୍ତି। ଚଳିତ କ୍ୟାଲେଣ୍ଡର ବର୍ଷରେ ସୁନାରେ ନିବେଶ କରିଥିବା ବ୍ୟକ୍ତି ବିଶେଷ ୨୦%ରୁ ଅଧିକ ଲାଭ ପାଇଛନ୍ତି। ଏହା ୨୦୧୮ରେ ମାତ୍ର ୬% ରହିଥିଲା। ଗତ ବର୍ଷ ୩୧ ଡିସେମ୍ବରରେ ନୂଆଦିଲ୍ଲୀରେ ସୁନାଦର ୧୦ ଗ୍ରାମ ପିଛା ୩୨,୨୭୦ ଟଙ୍କା ରହିଥିଲା। ଏହା ବର୍ତ୍ତମାନ ୩୯,୦୦୦ ସ୍ତରରେ ରହିଛି। ସେହିଭଳି ରୁପାର ଦର କିଲୋ ପ୍ରତି ୩୯ ହଜାରରୁ ୫୦ ହଜାର ଛୁଇଁଛି। ଦିଲ୍ଲୀର ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏଶନ ଅଧ୍ୟକ୍ଷ ବିମଲ ଗୋଏଲ କହିଛନ୍ତି, ମାନ୍ଦାବସ୍ଥା ଯୋଗୁ ସୁନା ଦରରେ ବୃଦ୍ଧି ଘଟୁଛି। ଏହାବାଦ ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ବିଶ୍ୱ ବଜାରର ଅନ୍ୟାନ୍ୟ ସ୍ଥିତି ଯୋଗୁ ନିବେଶକମାନେ ସୁନାରେ ନିବେଶ ଲାଗି ଆଗଭର ହେଉଥିବା ସେ ସ୍ୱଷ୍ଟ କରିଛନ୍ତି। ସେହିଭଳି ଡଲାର ତୁଳନାରେ ଟଙ୍କା ମୂଲ୍ୟ କମିବା ଯୋଗୁ ସୁନା ମଜଭୁତ ହୋଇଛି। ଏଣୁ ବର୍ତ୍ତମାନ ସମୟରେ ସୁନା ନିବେଶର ଏକ ଅଭିନ୍ନ ବିକଳ୍ପ ଭାବେ ଉଭା ହୋଇଛି।

#### ୪୨ ହଜାର ସ୍ତର ଛୁଇଁପାରେ



ଦୀପାବଳି ସମୟରେ ଦେଶରେ ସୁନାଦର ୧୦ ଗ୍ରାମ ପିଛା ୪୨ ହଜାର ଟଙ୍କା ଛୁଇଁପାରେ। ସେହିଭଳି ଚାନ୍ଦୀ କିଲୋ ପିଛା ୫୨,୦୦୦ ଟଙ୍କା ଛୁଇଁବା ନେଇ ଅନୁମାନ କରାଯାଉଛି। ଭାରତୀୟ ସରାଫା ସଂଘ ଉପାଧ୍ୟକ୍ଷ ସୁରେନ୍ଦ୍ର ଜୈନ କହିଛନ୍ତି, ଟଙ୍କା ମୂଲ୍ୟ ହ୍ରାସ ହେବାରୁ ଏହାର ପ୍ରଭାବ ସୁନା ଉପରେ ପଡୁଛି। ଦେଶର ପୁଞ୍ଜି ବଜାର ଉପରେ ବିଦେଶୀ ନିବେଶକଙ୍କ ପ୍ରଭାବ ଯୋଗୁ ଟଙ୍କା ମୂଲ୍ୟ ଉପରେ ଲଗାତର ଚାପ ବଢ଼ି ଚାଲିଛି।

**ଚଳିତ କ୍ୟାଲେଣ୍ଡର ବର୍ଷରେ ସୁନାରେ ନିବେଶ କରିଥିବା ବ୍ୟକ୍ତି ବିଶେଷ ୨୦%ରୁ ଅଧିକ ଲାଭ ପାଇଛନ୍ତି**

#### ବିକ୍ରି ଉପରେ ପ୍ରଭାବ

ସୁନା ଦାମ ବଢିବା ଲାଗି ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବଜାର ପ୍ରଭାବ ଦାୟୀ ବୋଲି ଅଲଇଣ୍ଡିଆ ଜେମ୍‌ସ ଆଣ୍ଡ ଜୁଏଲେରି ଟ୍ରେଡର୍ସ ଫେଡେରେଶନ ପୂର୍ବତନ ଅଧ୍ୟକ୍ଷ ବଛରାଜ ବମାବଲା କହିଛନ୍ତି। ସେ କହିଛନ୍ତି, ଚଳିତ ବର୍ଷ ଶେଷ ଆଡକୁ ସୁନା ଦର ୧୦ ଗ୍ରାମ ପିଛା ୪୧, ୫୦୦ ଟଙ୍କା ଟପିପାରେ। ସୁନା ଦର ବଢିବା ଯୋଗୁ ବିକ୍ରି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିବା ନେଇ ସେ ଆଶଙ୍କା କରିଛନ୍ତି।



“ବିଶ୍ୱକପ୍‌ରେ ହୁଏତ ମୁଁ ସ୍ୱର୍ଣ୍ଣ ଜିତିଥାଇପାରେ, ହେଲେ ଅଲିମ୍ପିକ ପଦକ ହାସଲ ପାଇଁ ବିଭିନ୍ନ ସ୍ତରରେ ମାନସିକ ସ୍ଥିରତା ଆଣିବାକୁ ହେବା
**-ଅଭିଷେକ ବର୍ମା, ଭାରତୀୟ ଶୁଟର**



“ଓଲ୍ଡଟ୍ରାଫୋର୍ଡଠାରେ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ଦଳର ଆବଶ୍ୟକତା ଦୃଷ୍ଟିରୁ ଆକ୍ରମଣାତ୍ମକ ୮୨ ରନ କରିପାରିଥିବାରୁ ମୁଁ ଖୁସି ଏବଂ ଗର୍ବିତ। **-ଷ୍ଟିଭ ସ୍ମିଥ୍, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ**

## ସଂକ୍ଷେପରେ

### ଏଫ୍‌ଆଇଏଚ୍ ହକି ର୍‍ୟାଙ୍କିଙ୍ଗ
## ପୁରୁଷ ୫ମ, ମହିଳା ୯ମ

ଲାଉସାନେ (ସୁଇଜରଲାଣ୍ଡ), ୮।୯ (ପି.ଟି.)- ଓସେନିଆ କପ୍ ଶେଷ ହେବା ପରେ ରବିବାର ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ବିଶ୍ୱ ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତୀୟ ପୁରୁଷ ଦଳ ୫ମ ସ୍ଥାନ ବଜାୟ ରଖିଥିବାବେଳେ ମହିଳା ଦଳ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ୯ମ ସ୍ଥାନ ଦଖଲ କରିଛି। ଅଷ୍ଟ୍ରେଲିଆର ଓସେନିଆ କପ୍ ସଫଳତା ଯୋଗୁ ର୍‍ୟାଙ୍କିଙ୍ଗର ଶୀର୍ଷ ସ୍ଥାନରେ କୌଣସି ପରିବର୍ତ୍ତନ ଘଟିନାହିଁ। ଅଷ୍ଟ୍ରେଲିଆ ଓ ବେଲଜିୟମ ପୂର୍ବଭଳି ପ୍ରଥମ ଓ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ହେଲେ ଦୁଇ ଦଳ ମଧ୍ୟରେ ପଏଣ୍ଟ ବ୍ୟବଧାନ ୨କୁ ହ୍ରାସ ପାଇଛି। ଅଷ୍ଟ୍ରେଲିଆର ପଏଣ୍ଟ ସଂଖ୍ୟା ୨୩୫୦ ରହିଛି। ର୍‍ୟାଙ୍କିଙ୍ଗ ତାଲିକାରେ ୟୁରୋପିଆନ ବ୍ରୋଞ୍ଜ ପଦକ ବିଜୟୀ ନେଦରଲାଣ୍ଡ୍ସ (୨୧୫୫) ତୃତୀୟ ଏବଂ ଏହା ପଛକୁ ପାନ୍ ଆମେରିକାନ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ଆର୍ଜେଣ୍ଟିନା ରହିଛି। ଭାରତ(୧୮୨୩) ପୂର୍ବଭଳି ୫ମ ସ୍ଥାନରେ ରହିଥିବାବେଳେ ଜର୍ମାନୀ (୧୭୭୦) ଇଂଲଣ୍ଡ (୧୬୭୯)କୁ ହଟାଇ ୬ଷ୍ଠ ସ୍ଥାନ ଅଧିକାର କରିଛି। ୟୁରୋପିଆନ ରୌପ୍ୟ ବେଜିତା ସ୍ପେନ (୧୫୧୦) ୯ମ ସ୍ଥାନରୁ ୮ମ ସ୍ଥାନକୁ ଉଠିଛି। ଫଳରେ ନ୍ୟୁଜିଲାଣ୍ଡ (୧୪୫୯) ର୍‍ୟାଙ୍କିଙ୍ଗ ତାଲିକାରେ ଗୋଟିଏ ସ୍ଥାନ ତଳକୁ ଖସିଯାଇଛି। କାନାଡ଼ା ୧୦ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ବେଲ୍‌ଫସ ୟୁରୋହକି ଚାମ୍ପିୟନଶିପ୍‌ରେ ଟାଇଟଲ ସଫଳତା ପାଇଁ ମହିଳା ର୍‍ୟାଙ୍କିଙ୍ଗରେ ନେଦରଲାଣ୍ଡ୍ସ ପ୍ରଥମ ସ୍ଥାନ ବଜାୟ ରଖିଛି। ସେହିପରି ଅଷ୍ଟ୍ରେଲିଆ ପୂର୍ବଭଳି ଦ୍ୱିତୀୟ ସ୍ଥାନରେ ରହିଛି। ପାନ୍ ଆମେରିକାନ ଗେମ୍ସ ଚାମ୍ପିୟନ ଆର୍ଜେଣ୍ଟିନା ମଧ ତୃତୀୟ ସ୍ଥାନ ବଜାୟ ରଖିଛି। ୟୁରୋପିଆନ ରୌପ୍ୟ ପଦକ ବିଜେତା ଜର୍ମାନୀ ବର୍ତ୍ତମାନ ବିଶ୍ୱର ଚତୁର୍ଥ ଶ୍ରେଷ୍ଠ ଦଳ। ଇଂଲଣ୍ଡ ଗୋଟିଏ ସ୍ଥାନ ତଳକୁ ଖସି ୫ମରେ ରହିଛି।

# ଅଷ୍ଟ୍ରେଲିଆ ୧୮୫ ରନରେ ବିଜୟୀ

**ମାଞ୍ଚେଷ୍ଟର, ୮।୯**

ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଅନୁଷ୍ଠିତ ଚତୁର୍ଥ ଆଶେସ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ୧୮୫ ରନରେ ଇଂଲଣ୍ଡକୁ ହରାଇ ଦେଇଛି। ୩୮୩ ରନ ବିଜୟ ଲକ୍ଷ୍ୟର ପିଛା କରୁଥିବା ଇଂଲଣ୍ଡ ରବିବାର ୫ମ ତଥା ଅନ୍ତିମ ଦିବସରେ ଦ୍ୱିତୀୟ ଇନିଂସରେ ୧୯୭ ରନରେ ଅଲଆଉଟ ହୋଇ ଯାଇଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଅଷ୍ଟ୍ରେଲିଆ ୨-୧ରେ ଅଗ୍ରଣୀଲାଭ କରିଛି। ବିଜୟୀ ଅଷ୍ଟ୍ରେଲିଆ ମ୍ୟାଚରୁ ବିଶ୍ୱ ଚାମ୍ପିୟନଶିପ୍ ଅନ୍ତର୍ଗତ ୨୪ ପଏଣ୍ଟ ପାଇଛି।

୪ର୍ଥ ଦିବସର ଅସମାପ୍ତ ସ୍କୋର ୧୮/୨ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ସତର୍କତାର ସହ ଆଗକୁ ବଢ଼ିଥିଲା। ତେବେ ସ୍କୋର ୬୬ରେ ପହଞ୍ଚାଇଥିବାବେଳେ ଜାସନ ରୟ (୩୧)ଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ ପ୍ୟାଟ୍ କୁମିନ୍ସ। ସମ୍ପ୍ରତି ଇଂଲଣ୍ଡର ବ୍ୟାଟିଂ ମେରୁଦଣ୍ଡ ବିବେଚିତ ହେଉଥିବା ବେନ୍ ଷ୍ଟୋକ୍ସ ମାତ୍ର ୧ ରନ କରି କୁମିନ୍ସଙ୍କ ବଲ୍‌ରେ ଆଉଟ ହେବାରୁ ଇଂଲଣ୍ଡର ପରାଜୟ ଆସନ୍ନ ହୋଇ ଯାଇଥିଲା। ଆରମ୍ଭରୁ ଭଲ ଖେଳି ଅର୍ଦ୍ଧଶତକ ହାସଲ କରିଥିବା ଜୋ ଡେନ୍‌ଲି ୧୨୩ ବଲ୍‌ରୁ ୫୩ ରନ କରିଥିବାବେଳେ ନାଥାନ ଲିୟନଙ୍କ ଶିକାର ହୋଇଥିଲେ। ପରେ ଉଇକେଟ କିପର ଜନି ବେୟାରଷ୍ଟୋ(୨୫ ରନ, ୬୧ ବଲ୍)ଙ୍କୁ ଆଉଟ କରି ମିଚେଲ ଷ୍ଟାର୍କ ଅଷ୍ଟ୍ରେଲିଆ ସ୍ଥିତିକୁ ଅଧିକ ମଜଭୁତ କରି ଦେଇଥିଲେ। ଶେଷଭାଗରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିବା ଜୋସ ବଟଲରଙ୍କୁ କ୍ଲିନ୍ ବୋଲ୍ଡ କରି ଇଂଲଣ୍ଡ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ ଜୋଶ ହାଜେଲଉଡ୍। ୧୧୧ ବଲ୍‌ର ସମ୍ମୁଖୀନ ହୋଇଥିବା ବଟଲର ୪ ଚୌକା ସହାୟତାରେ ୩୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଜୋଫ୍ରା ଆର୍ଚର ମାତ୍ର ୧ ରନ କରିବାକୁ ସକ୍ଷମ ହୋଇଥିଲେ। କ୍ରେଗ୍ ଓଭର୍ଟନ ଓ ଜ୍ୟାକ ଲିଚ୍ କିଛି ସମୟ ଲଢ଼େଇ କରିଥିଲେ ହେଁ ତାହା ଇଂଲଣ୍ଡକୁ ପରାଜୟରୁ ରକ୍ଷା କରିବା ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଓଭର୍ଟନ ୧୦୫ ବଲ୍‌ରୁ ୨୧ ଓ ଲିଚ୍ ୫୧ ବଲ୍‌ରୁ ୧୨ ରନ କରି ଆଉଟ ହୋଇଥିଲେ।



ଅଷ୍ଟ୍ରେଲିଆ ପକ୍ଷରୁ ସର୍ବାଧିକ ୪ଟି ଉଇକେଟ୍ ନେଇଥିବା ପ୍ୟାଟ୍ କୁମିନ୍ସ।

### ଚତୁର୍ଥ ଆଶେସ ଟେଷ୍ଟ

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୪୯୭। **ଇଂଲଣ୍ଡ ପ୍ରଥମ ଇନିଂସ:** ୩୦୧। **ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୧୮୬/୬(ଘୋଷଣା)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୯୭/ଅଲଆଉଟ(ଜୋ ଡେନ୍‌ଲି-୫୩, ଜାସନ ରୟ-୩୧, ଜୋସ ବଟଲର-୩୪, କୁମିନ୍ସ-୪/୪୩, ହାଜେଲଉଡ-୨/୩୧, ଲିୟନ-୨/୫୧, ଷ୍ଟାର୍କ-୧/୪୬, ଲାବୁସ୍କାନ-୧/୯)।

# ଲେକ୍‌ରେକ୍ ଜିତିଲେ ଇଟାଲିଆନ ଗ୍ରାଁ ପ୍ରି

**ମୋଞ୍ଜା,୮।୯ (ଏଏଫ୍‌ପି)**

ଇଟାଲିଆନ ଗ୍ରାଁ ପ୍ରିରେ ବିଜୟ ସହ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ କ୍ରମାଗତ ଦ୍ୱିତୀୟ ଫର୍ମୁଲା ୱାନ୍ ଟାଇଟଲ ହାସଲ କରିଛନ୍ତି। ୨୦୧୦ ପରେ ଫେରାରି ନିଜ ମାଟିରେ ପ୍ରଥମ ବିଜୟ ହାସଲ କରିଛି। ୨୧ ବର୍ଷୀୟ ଲେକ୍‌ରେକ୍ ଗତ ରବିବାର ତାଙ୍କ କ୍ୟାରିୟରର ପ୍ରଥମ ଫର୍ମୁଲା ୱାନ ଟାଇଟଲ ବେଲିଜିଆନ ଗ୍ରାଁ ପ୍ରିରେ ଜିତିଥିଲେ। ଏହି ଟାଇଟଲକୁ ସେ ତାଙ୍କ ସାଥୀ ଆନ୍ଥୋନୀ ହ୍ୟୁବର୍ଟଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ହ୍ୟୁବର୍ଟଙ୍କର ଦିନକ ପୂର୍ବରୁ ଏକ ଫର୍ମୁଲା ୱାନ ରେସ୍‌ରେ ଦୁର୍ଘଟଣା ଯୋଗୁ ମୃତ୍ୟୁ ଘଟିଥିଲା। ଲେକ୍‌ରେକ୍ କହିଛନ୍ତି ଇଟାଲିଆନ ଗ୍ରାଁ ପ୍ରି ଜିତିବା ସହଜ ନ ଥିଲା। ଦେଢ ଲକ୍ଷରୁ ଅଧିକ ଉତ୍ସାହିତ ଦର୍ଶକଙ୍କ ଆଗରେ ମୁଁ ଆଦୌ କ୍ଳାନ୍ତ ଅନୁଭବ କରି ନ ଥିଲି। ମର୍ସିଡିଜର ଭାଲ୍‌ଟେରୀ ବୋଟା ଏବଂ ଲୁଇସ୍ ହାମିଲଟନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଲେକ୍‌ରେକ୍‌ଙ୍କ ଫେରାରି ଟିମ୍‌ମେଟ୍ ସେବାଷ୍ଟିଆନ ଭେଟେଲଙ୍କ ପାଇଁ ଖରାପ ଦିନ ଥିଲା। ବିପଜ୍ଜନକ ଗାଡ଼ି ଚାଳନା ପାଇଁ ପେନାଲ୍ଟି ହେବାରୁ ତାଙ୍କୁ ୧୩ତମ ସ୍ଥାନ ମିଳିଥିଲା। ଏଥିପାଇଁ ଅବଶ୍ୟ ସେ ପରେ କ୍ଷମା ମାଗିଥିଲେ। ଡ୍ରାଇଭର୍ସ ଚାମ୍ପିୟନଶିପ୍‌ରେ ୫ଥର ଚାମ୍ପିୟନ ହାମିଲଟନ ବର୍ତ୍ତମାନ ତାଙ୍କ ଟିମ୍‌ମେଟ ବୋଟାସଙ୍କଠାରୁ ୬୩ ପଏଣ୍ଟ ଆଗରେ ରହି ପୂର୍ବଭଳି ପ୍ରଥମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ରେନଲ୍ଟ ଟିମ୍‌ମେଟ୍ ନିକୋ ହକେନବର୍ଗଙ୍କୁ ପଛରେ ପକାଇ ଡାନିଲ ରିକାର୍ଡୋ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଆଲେକ୍‌ଜାଣ୍ଡର ଆଲବନ୍ (ରେଡ୍‌ବୁଲ୍), ସର୍ଗିଓ ପେରେଜ (ରେସିଂ ପଏଣ୍ଟ), ମାକ୍ସ ଭର୍ଷ୍ଟାପେନ (ରେଡ୍‌ବୁଲ୍), ଆଣ୍ଟୋନିଓ ଜିଓଭିନାଜି (ଆଲ୍‌ଫା ରୋମିଓ) ଏବଂ ଲାଣ୍ଡୋ ନୋରିସ ଯଥାକ୍ରମେ ୬ଷ୍ଠ, ୭ମ, ୮ମ, ୯ମ ଏବଂ ୧୦ମ ସ୍ଥାନରେ ରହିଥିଲେ।



ଇଟାଲିଆନ ଗ୍ରାଁପ୍ରି ଟ୍ରଫି ସହ ଚାର୍ଲ୍ସ ଲେକ୍‌ରେକ୍।

# ଐତିହାସିକ ବିଜୟ ଅଭିମୁଖେ ଆଫଗାନିସ୍ତାନ

**ଚାଟ୍ଟୋଗ୍ରାମ, ୮।୯**

ସ୍ଥାନୀୟ ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଭ୍ରମଣକାରୀ ଆଫଗାନିସ୍ତାନ ବିପକ୍ଷରେ ଅନୁଷ୍ଠିତ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶ ପରାଜୟ ଦ୍ୱାରଦେଶରେ ପହଞ୍ଚିଛି। ୩୯୮ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରୁଥିବା ଘରୋଇ ବାଂଲାଦେଶ ରବିବାର ଚତୁର୍ଥ ଦିବସ ଶେଷ ସୁଦ୍ଧା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦ୍ୱିତୀୟ ଇନିଂସରେ ୪୪.୨ ଓଭରରେ ୬ ଉଇକେଟ୍ ହରାଇ ୧୩୬ ରନ୍ ସଂଗ୍ରହ କରିଛି। ଅଧିନାୟକ ଶାକିବ ଅଲ୍ ହାସନ ୩୯ ଓ ସୌମ୍ୟ ସର୍କାର କୌଣସି ରନ୍ ନ କରି ଅପରାଜିତ ରହିଛନ୍ତି। ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଓପନର୍ ଲିଟନ ଦାସ ୯, ଶାଦମନ ଇସଲାମ ୪୧, ମୋସାଡେକ ହୋସେନ ୧୨, ମୁଶଫିକର ରହିମ ୨୩, ମହମ୍ମଦୁଲା ୭ ଓ ମୋମିନୁଲ ହକ୍ ୩ ରନ୍ କରି ଆଉଟ୍ ହୋଇଛନ୍ତି। ପ୍ରଥମ ଇନିଂସରେ ୫ ଉଇକେଟ୍ ଅକ୍ତିଆର କରିଥିବା ଆଫଗାନିସ୍ତାନ ଅଧିନାୟକ ରଶିଦ ଖାଁ ୨ୟ ଇନିଂସରେ ମଧ ୩ ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇ ଦେଇଛନ୍ତି। ଜାହିର ଖାଁ ୨ ଓ ମହମ୍ମଦ ନବି ଗୋଟିଏ ଉଇକେଟ୍ ଅକ୍ତିଆର କରିଛନ୍ତି। ସୋମବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାବେଳେ ୪ ଉଇକେଟ୍ ସୁରକ୍ଷିତ ଥାଇ ବାଂଲାଦେଶକୁ ବିଜୟ ପାଇଁ ଆହୁରି ୨୬୨ ରନ୍ ଆବଶ୍ୟକ ହେଉଛି। ଅପରପକ୍ଷରେ ଯଦି ଆଫଗାନିସ୍ତାନ ଅନ୍ତିମ ଦିନରେ ୪ ଉଇକେଟ୍ ହାସଲ କରିନିଏ ତେବେ ଟେଷ୍ଟ ଇତିହାସରେ ଏହାର ପ୍ରଥମ ବିଜୟ ସ୍ୱାଦ ଚାଖିବ।

ପୂର୍ବରୁ ୧୩୭ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରି ୨ୟ ଇନିଂସ ଆରମ୍ଭ କରିଥିବା ଆଫଗାନିସ୍ତାନ ଶନିବାର ସୁଦ୍ଧା ୮ ଉଇକେଟ୍‌ରେ ୨୩୭ ରନ କରିଥିଲା। ରବିବାର ସକାଳେ ଦଳ ପୂର୍ବଦିନର ଅସମାପ୍ତ ସ୍କୋରରେ ଆଉ ୨୩ ରନ ଯୋଡ଼ି ୨୬୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର: ଆଫଗାନିସ୍ତାନ ପ୍ରଥମ ଇନିଂସ-** ୩୪୨/୧୦

**ବାଂଲାଦେଶ ପ୍ରଥମ ଇନିଂସ-** ୨୦୫/୧୦

**ଆଫଗାନିସ୍ତାନ ୨ୟ ଇନିଂସ-** ୨୬୦/୧୦, ୯୦.୧ ଓଭର (ଜାଜାଇ ୪୮*, ଇବ୍ରାହିମ ଜର୍ଦ୍ଦାନ ୮୭, ଅସଘର ଆଫଘାନ ୫୦, ଶାକିବ ୩/୫୮, ମେହେଦୀ ହାସାନ ୨/୩୫)

ବାଂଲାଦେଶ ୨ୟ ଇନିଂସ- ୧୩୬/୬, ୪୪.୨ ଓଭର (ଇସଲାମ ୪୧, ଶାକିବ ୩୯*, ମୁଶଫିକର ୨୩, ରଶିଦ ୩/୪୬)

# ଭାରତୀୟ ଚ୍ୟାଲେଞ୍ଜ ଏଣିକି କଷ୍ଟକର

**ନୂଆଦିଲ୍ଲୀ, ୮।୯ (ପି.ଟି.)**

ଟେନିସ ଖେଳର ବିଶ୍ୱ ପରିଚାଳନା ପରିଷଦ ଅନ୍ତର୍ଜାତୀୟ ଟେନିସ୍ ମହାସଂଘ (ଆଇଟିଏଫ୍) ଡେଭିସ୍ କପ୍ ଫର୍ମାଟରେ ଆଉ ଏକ ପରିବର୍ତ୍ତନ କରିଛି। ଆଞ୍ଚଳିକ ସ୍ତରରେ ଗ୍ରୁପ୍-୧ ଏବଂ ଗ୍ରୁପ୍-୨ ପ୍ରତିଯୋଗିତାକୁ ଉଚ୍ଛେଦ କରିଛି, ଯଦ୍ୱାରା ଭାରତର କ୍ୱାଲିଫାୟର୍ସ ପଥ ଅଧିକ କଷ୍ଟସାଧ ହୋଇଛି। ୨୦୨୦ରୁ ଭାରତୀୟ ଦଳକୁ ଉନ୍ନତ ୟୁରୋପ, ଦକ୍ଷିଣ ଓ ଉତ୍ତର ଆମେରକୀୟ ରାଷ୍ଟ୍ରଗୁଡ଼ିକ ସହ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡ଼ିବ। ବର୍ତ୍ତମାନ ଆମେରିକା, ଏସିଆ/ଓସେନିଆ, ଏବଂ ୟୁରୋପିଆନ/ଆଫ୍ରିକା ତିନୋଟି ଜୋନ୍‌ରେ ଚାରୋଟି ଗ୍ରୁପ୍ ୧,୨, ୩,୪ ରହିଛି। ନୂତନ ଫର୍ମାଟ ଅନୁସାରେ ୨୦୨୦ଠାରୁ ଗ୍ରୁପ୍-୧ ଏବଂ ଗ୍ରୁପ୍ -୨ ରହିବ ନାହିଁ। ଏହା ପରିବର୍ତ୍ତେ ୱାର୍ଲ୍ଡ ଗ୍ରୁପ୍-୧ରେ ୨୪ଟି ଦଳ ଏବଂ ୱାର୍ଲ୍ଡ ଗ୍ରୁପ୍ -୨ରେ ୨୪ଟି ଦଳ ରହିବେ। ଏହା ନିଶ୍ଚିତ କୌତୂହଳପୂର୍ଣ୍ଣ ହେବ, କିନ୍ତୁ ଆମ ପାଇଁ କଷ୍ଟକର। ଏସିଆରେ ଆମେ ପ୍ରଭାବୀ ଦଳ ରହିଥିଲୁ। ମାତ୍ର ଏଣିକି ଆମ ପାଇଁ ପ୍ରତ୍ୟେକ ମ୍ୟାଚ କଷ୍ଟକର ହେବ ବୋଲି ଭାରତର ଅଣ ଖେଳାଳି ଅଧିନାୟକ ମହେଶ ଭୂପତି ପ୍ରତିକ୍ରିୟାରେ କହିଛନ୍ତି। ଆସନ୍ତାବର୍ଷ ମାର୍ଚ୍ଚରେ କ୍ୱାଲିଫାୟର୍ସର ୧୨ ପରାଜିତ ଦେଶ ଏବଂ ନୂତନ ଭାବେ ପ୍ରଚଳିତ ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେ-ଅଫ୍‌ର ୧୨ଟି ଦଳକୁ ନେଇ ୱାର୍ଲ୍ଡ ଗ୍ରୁପ୍-୧ ଗଠନ ହେବ। ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେ-ଅଫ୍‌ରୁ ୧୨ ପରାଜିତ ଦଳ ଏବଂ ୱାର୍ଲ୍ଡ ଗ୍ରୁପ୍-୨ ପ୍ଲେ-ଅଫ୍‌ରୁ ୧୨ ବିଜେତାଙ୍କୁ ନେଇ ୱାର୍ଲ୍ଡ ଗ୍ରୁପ୍-୨ ଗଠନ ହେବ। ୨୦୨୦ ମାର୍ଚ୍ଚରେ କ୍ୱାଲିଫାୟର୍ସ ସହିତ ଏକ ସଙ୍ଗରେ ପ୍ଲେ-ଅଫ୍ ମ୍ୟାଚଗୁଡ଼ିକ ଖେଳାଯିବ। ଦୁଇ ଦିନିଆ ମୁକାବିଲା ନିଜ ଦେଶ ଏବଂ ବାହାରେ ଖେଳାଯିବ। ଜାତୀୟ ଆସୋସିଏଶନଗୁଡ଼ିକ ସହିତ ପରାମର୍ଶକ୍ରମେ ଏହି ନୂଆ ଫର୍ମାଟ କରାଯାଇଛି। ଯାହାଫଳରେ ଡେଭିସ୍ କପ୍‌ରେ ବିଶ୍ୱବ୍ୟାପୀ ଅଧିକ ଦେଶ ଭାଗ ନେଇପାରିବେ। ଦେଶଗୁଡ଼ିକ ନୂଆ ନୂଆ ପ୍ରତିଦ୍ୱନ୍ଦ୍ୱୀଙ୍କ ସହିତ ଖେଳିବାର ସୁଯୋଗ ପାଇ ପାରିବେ। ଡେଭିସ୍ କପ୍‌ରେ ଆଇଏଟିଏଫ୍‌ର ଏହା ଦ୍ୱିତୀୟ ବଡ଼ ପରିବର୍ତ୍ତନ। ବର୍ଷ ଶେଷ ଫାଇନାଲ୍ସ ପ୍ରଚଳନ କରିସାରିଛି। ଏଥିରେ ୧୮ଟି ଦଳ ମଧ୍ୟରେ ଟାଇଟଲ ମୁକାବିଲା ହେବ। ଏହି ପ୍ରତିଯୋଗିତା ଗୋଟିଏ ସ୍ଥାନରେ ଏକ ସପ୍ତାହ ଧରି ଅନୁଷ୍ଠିତ ହେବ। ଏସିଆ/ଓସେନିଆ ଗ୍ରୁପ୍-୧ରେ ଭାରତର ପ୍ରାଧାନ୍ୟ ରହିଥିଲା। ବହୁ ବର୍ଷ ଧରି ଦଳ ୱାର୍ଲ୍ଡ ଗ୍ରୁପ୍ ପ୍ଲେ-ଅଫ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇ ଆସୁଥିଲା। ପୂର୍ବରୁ ଚଳିଆସୁଥିବା ଫର୍ମାଟ ଅନୁସାରେ ଭାରତୀୟ ଦଳକୁ କୋରିଆ, ନ୍ୟୁଜିଲାଣ୍ଡ, ଚାଇନା, ପାକିସ୍ତାନ, ଚାଇନିଜ ତାଇପେ, ଲେବାନନ ଏବଂ ଉଜ୍‌ବେକିସ୍ତାନ ଭଳି ଦେଶ ସହିତ ମୁକାବିଲା କରିବାକୁ ପଡୁଥିଲା। ଏହି ଦେଶଗୁଡ଼ିକରେ ଭଲ ଖେଳାଳିଙ୍କ ସଂଖ୍ୟା ଖୁବ୍ କମ। କିନ୍ତୁ ୨୦୨୦ରେ ନୂଆ ଫର୍ମାଟ ପ୍ରଚଳନ ହେବା ପରେ ଭୂପତିଙ୍କ ଦଳକୁ ମ୍ୟାଚ ଜିତିବା ସହଜ ହେବ ନାହିଁ। ଆସନ୍ତା ସପ୍ତାହରେ ଆଞ୍ଚଳିକ ଗ୍ରୁପ୍-୧ ଏବଂ ଗ୍ରୁପ୍-୨ ମୁକାବିଲାଗୁଡ଼ିକ ପରେ ୱାର୍ଲ୍ଡ ଗ୍ରୁପ୍-୧ ଏବଂ ୨ରେ ୨୦୨୦ ଡେଭିସ୍ କପ୍ କ୍ୱାଲିଫାୟର୍ସ ଏବଂ ପ୍ଲେ-ଅଫ୍ ଲାଇନ୍ ଅପ୍ ସ୍ଥିର ହେବ।

### ଡେଭିସ୍ କପ୍



# ନିଃସର୍ତ୍ତ କ୍ଷମା ମାଗିଲେ କାର୍ତ୍ତିକ

**ନୂଆଦିଲ୍ଲୀ,୮।୯(ପି.ଟି.)**

ଭାରତୀୟ ଅଭିଜ୍ଞ ଉଇକେଟ କିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଛନ୍ତି। କିଛିଦିନ ତଳେ କାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍)ରେ ଏକ ମ୍ୟାଚକୁ ସେ ଶାହରୁଖ ଖାଁଙ୍କ ଦଳ ତ୍ରିନବାଗୋ ନାଇଟ୍ ରାଇଡର୍ସ(ଟିକେଆର) ଡ୍ରେସିଂରୁମ୍‌ରୁ ଦେଖି ବିସିସିଆଇ ସେଣ୍ଟ୍ରାଲ କ୍ଲଜ୍‌ର ଉଲ୍ଲଂଘନ କରିଥିଲେ। ଫଳରେ ବୋର୍ଡ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ଏଥିପାଇଁ ତାଙ୍କ କେନ୍ଦ୍ରୀୟ ଚୁକ୍ତିକୁ କାହିଁକି ବାତିଲ କରାଯିବ ନାହିଁ ବୋଲି ନୋଟିସ୍‌ରେ ପ୍ରଶ୍ନ କରାଯାଇଥିଲା। ଏବେ କାର୍ତ୍ତିକ ନିଜ ଭୁଲ ହୃଦୟଙ୍ଗମ କରି କ୍ଷମା ମାଗିଛନ୍ତି।

# ମହାରାଷ୍ଟ୍ର, ପଞ୍ଜାବ ଫାଇନାଲରେ

**କଟକ ଅଫିସ,୮।୯**

କଟକରେ ଚାଲିଥିବା ୪୬ତମ ଜାତୀୟ ସବଜୁନିୟର ବାସ୍କେଟବଲ ଚାମ୍ପିୟନଶିପର ବାଳକ ବର୍ଗରେ ପଞ୍ଜାବ ଓ ବାଳିକା ବର୍ଗରେ ମହାରାଷ୍ଟ୍ର ଫାଇନାଲରେ ପ୍ରବେଶ କରିଛନ୍ତି । ଉଭୟ ବର୍ଗର ଆଉ ଗୋଟିଏ ଲେଖାଏ ସେମିଫାଇନାଲ ମ୍ୟାଚ୍ ବାକି ରହିଛି। ସୋମବାର ଫାଇନାଲ ମୁକାବିଲା ସହ ଚାମ୍ପିୟନଶିପ ଉଦ୍‌ଯାପିତ ହେବ ।

ବାଳିକା ବର୍ଗର ପ୍ରଥମ ସେମିଫାଇନାଲରେ ମହାରାଷ୍ଟ୍ର ଦିଲ୍ଲୀକୁ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ମହାରାଷ୍ଟ୍ର ୩୭-୨୪ରେ ଅଗ୍ରଣୀ ଥିବା ବେଳେ ମୋଟ ୭୨-୬୪ ପଏଣ୍ଟରେ ବିଜୟୀ ହୋଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା । ମହାରାଷ୍ଟ୍ର ପକ୍ଷରୁ ସମୀକ୍ଷା ଚନ୍ଦକ ସର୍ବାଧିକ ୧୯ ପଏଣ୍ଟ ସ୍କୋର କରିଥିଲେ । ଦିଲ୍ଲୀ ଅଧିନାୟିକା ରେହା ସିଂ ଏହି ମ୍ୟାଚ୍‌ରେ ୨୫ ପଏଣ୍ଟ ସ୍କୋର କରଥିଲେ । ତାମିଲନାଡୁ ଓ କର୍ନାଟକ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାର ବିଜେତାକୁ ମହାରାଷ୍ଟ୍ର ଫାଇନାଲରେ ଭେଟିବ । ବାଳକ ବର୍ଗରେ ପଞ୍ଜାବ ଓ ହରିୟାଣା ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍ ରୋମାଞ୍ଚକର ହୋଇଥିଲା । ହରିୟାଣା ପ୍ରଥମ କ୍ୱାର୍ଟରରେ ୧୮-୭ ପଏଣ୍ଟରେ ଅଗ୍ରଣୀ ନେଇଥିଲା । ପରେ ଦ୍ୱିତୀୟ କ୍ୱାର୍ଟରରେ ପଞ୍ଜାବ ଭଲ ପ୍ରଦର୍ଶନ କରିବା ଫଳରେ ପ୍ରଥମାର୍ଦ୍ଧ ଖେଳ ୨୫-୨୩ ପଏଣ୍ଟରେ ଶେଷ ହୋଇଥିଲା । ୩ୟ କ୍ୱାର୍ଟରରେ ମ୍ୟାଚ୍‌କୁ ଦମଦାର ପ୍ରତ୍ୟାବର୍ତ୍ତନ କରିଥିଲା ପଞ୍ଜାବ । ୩ୟ କ୍ୱାର୍ଟର ସୁଦ୍ଧା ୪୧-୩୯ ଓ ଅନ୍ତିମ କ୍ୱାର୍ଟରରେ ୬୧-୫୩ ପଏଣ୍ଟରେ ଆଗୁଆ ରହି ପଞ୍ଜାବ ଫାଇନାଲରେ ପ୍ରବେଶ କରିଛି । ମିଜୋରାମ ଓ ମହାରାଷ୍ଟ୍ର ମଧ୍ୟରେ ବାଳକ ବର୍ଗର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ । ଏହାର ବିଜେତାକୁ ପଞ୍ଜାବ ଫାଇନାଲରେ ଭେଟିବ।



ଇନ୍ଡୋର ଷ୍ଟାଡିୟମରେ ପଞ୍ଜାବ ଓ ହରିୟାଣା ମଧ୍ୟରେ ଅନୁଷ୍ଠିତ ବାସ୍କେଟବଲ ମ୍ୟାଚ ।

# ଆଶାୟୀଙ୍କ ପାଇଁ ଅଡୁଆ ନୂଆ ନିୟମ

### ଓସିଏ କର୍ମକର୍ତ୍ତା ନିର୍ବାଚନ

**କଟକ ଅଫିସ,୮।୯**

ନିର୍ବାଚନ ତାରିଖ ଘୋଷଣା ସରିଛି । ପର୍ଯ୍ୟାୟକ୍ରମେ ଅନୁବନ୍ଧିତ ୟୁନିଟଗୁଡ଼ିକ ନିଜ ନିଜର ସଦସ୍ୟଙ୍କ ନାମ ପଠାଇବା ଆରମ୍ଭ କରି ସାରିଲେଣି । ଯେଉଁମାନେ କି ଭୋଟ ଦେବାର ଅଧିକାର ପାଇବେ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ଭାଗ୍ୟ ନିର୍ଦ୍ଧାରଣ କରିବେ । ରବିବାର ସୁଦ୍ଧା ୮୫ ପ୍ରତିଶତ ୟୁନିଟ ନିଜ ସଦସ୍ୟଙ୍କ ନାମ ପଠାଇ ସାରିଥିବା ଜଣାପଡ଼ିଛି। ଆସନ୍ତା ୧୨ ତାରିଖ ସୁଦ୍ଧା ନାମ ପଠାଇବାର ଚୂଡ଼ାନ୍ତ ତାରିଖ ଧାର୍ଯ୍ୟ ହୋଇଛି। ନିର୍ବାଚନକୁ ନେଇ ସବୁଠାରୁ ବଡ଼ ଅଙ୍କକଷା ଏହି ସଦସ୍ୟମାନଙ୍କୁ ନେଇ ହିଁ ହେବ। ଦୁଇଟି ଗୋଷ୍ଠୀ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଏବେ ସୁଦ୍ଧା ସ୍ପଷ୍ଟ ହୋଇଛି। ଏଣୁ ଭୋଟ ଦେବାର ଅଧିକାର ପାଇଥିବା ସଦସ୍ୟମାନେ କାହାକୁ ପଦବୀରେ ବସାଇବେ ତାହା କହିବା ମୁସ୍କିଲ। ଅନ୍ୟପକ୍ଷରେ ଗତ ଅଗଷ୍ଟ ୨୭ରେ କମିଟି ଅଫ ଆଡମିନିଷ୍ଟ୍ରେଟର(ସିଓଏ) ନୂଆ ନିୟମ(୯+୯)କୁ ନେଇ ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛି ତାହା ଓସିଏ ପଦବୀ ଆଶାୟୀମାନଙ୍କ ବାଟରେ କଣ୍ଟା ପାଲଟିବ ବୋଲି କୁହାଯାଉଛି ।

ସିଓଏର ନିୟମକୁ ମାନି ନିର୍ବାଚନରେ ଭାଗନେବା ରାଜ୍ୟର ଅନେକ ବରିଷ୍ଠ କ୍ରୀଡ଼ା ସଙ୍ଗଠକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ । ବିଭିନ୍ନ ଦିଗକୁ ନଜରରେ ରଖାଯାଇ ସିଓଏ ଯେଉଁ ନିୟମାବଳୀ ପ୍ରସ୍ତୁତ କରିଛି ସେଥିରେ ଏପରି କିଛି ନିର୍ଦ୍ଦିଷ୍ଟ ନିୟମ ଅଛି, ଯାହା ଆଶାୟୀଙ୍କ ଆଶାକୁ ଧୂଳିସାତ କରିପାରେ। ଅନ୍ୟ କୌଣସି ସଂଘରେ ସଦସ୍ୟ ନ ହେବାର ନିୟମକୁ ନଜରରେ ରଖି ନିକଟ ଅତୀତରେ କେତେକ କ୍ରୀଡ଼ା ସଙ୍ଗଠକ ବିଭିନ୍ନ ପଦପଦବୀରୁ ଇସ୍ତଫା ଦେଇଥିଲେ। ଓସିଏ ନିମନ୍ତେ ବାଟ ଫିଟାଇବା ପାଇଁ ଉକ୍ତ ଇସ୍ତଫା ଥିଲା ବୋଲି ଚର୍ଚ୍ଚା ମଧ ହେଉଛି । ଯେଉଁ ନିୟମରେ କ୍ରୀଡ଼ା ସଙ୍ଗଠକମାନେ ଛନ୍ଦି ହେବେ ତାହା ହେଉଛି ୯+୯। ରାଜ୍ୟ ସଂଘ ହେଉ କି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ), ୯ବର୍ଷ ପଦବୀରେ ରହିଥିବା ବ୍ୟକ୍ତିବିଶେଷ ନିର୍ବାଚନରେ ଭାଗନେବା ପାଇଁ ଅଯୋଗ୍ୟ ବୋଲି ସିଓଏ ସ୍ପଷ୍ଟ କରିଛି। ଏବେ ଓସିଏର ପଦବୀ ପାଇଁ ଆଶା ପ୍ରକଟ କରିଥିବା କିଛି ବ୍ୟକ୍ତିବିଶେଷ ପୂର୍ବରୁ ୮ବର୍ଷ ପଦବୀରେ ରହିଥିଲେ। କେବଳ ଗୋଟିଏ ବର୍ଷର ଅଧିକାର ସେମାନଙ୍କ ହାତରେ ଅଛି। ଯାହାଫଳରେ ନିର୍ବାଚନରେ ଭାଗ ନେଲେ ମଧ ମାତ୍ର ଏକବର୍ଷ ପଦବୀରେ ରହିବାର ସୁଯୋଗ ପାଇବେ। ଯଦି ଏପରି ହୁଏ ତାହେଲେ ପୁଣି ଆରବର୍ଷ କିଛି ପଦବୀ ନିମନ୍ତେ ଓସିଏ ପକ୍ଷରୁ ନିର୍ବାଚନ କରାଯିବ ବୋଲି ଆଶା କରାଯାଉଛି ।





### ଜିଲ୍ଲା ସଂଘର ବୈଠକ ହେବ

୩୦ ଜିଲ୍ଲା ସଂଘର ଭୋଟ ହିଁ ଏବେ ଗୁରୁତ୍ୱପୂର୍ଣ୍ଣ। ଏହି ୩୦ଟି ଭୋଟକୁ ହାତେଇନେଲେ ନିର୍ବାଚନର ଫଳାଫଳ ଓଲଟିଯାଇପାରେ । ଏଣୁ ଏହି ଭୋଟଗୁଡ଼ିକ କାହାକୁ ଯିବ ତାହା ଏବେବି ଜଣାପଡ଼ିନାହିଁ । ଏକ ଜିଲ୍ଲା ସଂଘର ସମ୍ପାଦକ କହିଛନ୍ତି ଯେ, ହାତଗଣତି ଜିଲ୍ଲା ସଂଘ ଏକତା ରକ୍ଷା କରୁନାହାନ୍ତି। ଅନ୍ୟ ସମସ୍ତଙ୍କର ଏକତା ରହିଛି । ଓସିଏ ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଓ କ୍ରୀଡ଼ା ସଙ୍ଗଠକ ପ୍ରଦୀପ ଚୌହ୍ୱାନ ହିଁ ନିର୍ବାଚନକୁ ନେଇ ମୁଖ୍ୟ ଅଙ୍କ କଷିବେ। ଜିଲ୍ଲା ସଂଘଗୁଡ଼ିକର ଭୋଟ କାହାକୁ କେତେ ସଂଖ୍ୟାରେ ଯିବ ତାହା ଏବେ ଆକଳନ କରାଯାଇ ପାରିବ ନାହିଁ । ଜିଲ୍ଲା ପକ୍ଷରୁ ସଦସ୍ୟଭାବେ କାହାର ନାମ ପଠାଯାଇଛି ତାହା ହିଁ ଗୁରୁତ୍ୱପୂର୍ଣ୍ଣ । ଏହି ନାମ ଦେଖିଲେ ସେମାନେ କାହା ପାଖକୁ ଢଳିବେ ତାହା ସ୍ପଷ୍ଟ ହୋଇଯିବ ବୋଲି ସମ୍ପାଦକ ଜଣଙ୍କ କହିଥିଲେ। ଅନ୍ୟପକ୍ଷରେ ଖୁବଶୀଘ୍ର ଜିଲ୍ଲା ସଂଘ ଗୁଡ଼ିକୁ ନେଇ ଏକ ବୈଠକ ଡକାଯିବ ବୋଲି ସେ କହିଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୯/୨୦୧୯ Sambalpur, Monday, September 9 / 2019

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ପ୍ରଭାକର


ଚନ୍ଦନ


ଅଜିତ୍


ବିନୋଦ


ବିଜୟ


ସ୍ୱାଗତ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

■ ଫୁଲୁଛି ମହାନଦୀ

# ଆତଙ୍କିତ ନଦୀକୂଳିଆ ଗାଁ ଲୋକେ

ଅମରପାଲି, ୮।୯ (ଡି.ଏନ.ଏ.)

ତିନିଦିନର ଲଗାଣ ବର୍ଷା ଯୋଗୁଁ ସମଗ୍ର ବୀରମହାରାଜପୁର ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି । ଅଞ୍ଚଳର ସମସ୍ତ ଯୋର ଓ ନାଳରେ ବନ୍ୟାପାଣି ପ୍ରବାହିତ ହେଉଛି। ବାଉରୀଯୋର ଦେଇ ବନ୍ୟାପାଣି ପ୍ରବାହିତ ହେଉଥିବା ଯୋଗୁଁ ଶୁକ୍ରବାର ଅପରାହ୍ଣରୁ ଉକ୍ତ ଯୋର ପିତାମହୁଲଠାରେ ପୋଲ ଉପରେ ୫ ଫୁଟ ପାଣି ପ୍ରବାହିତ ହେଉଥିଲା। ଫଳରେ ଯାତାୟତ ବ୍ୟାହତ ହୋଇ

■ ଏବେବି ବାଉରୀଯୋର ପୋଲ ଉପରେ ୫ ଫୁଟ ପାଣି
■ ବୀରମହାରାଜପୁର-ରେଢ଼ାଖୋଲ ଯୋଗାଯୋଗ ବିଚ୍ଛିନ୍ନ

ପଡିଥିଲା। ମାତ୍ର ଶନିବାର ବର୍ଷା କମି ଯିବାରୁ ବାଉରୀଯୋର ପୋଲରୁ ପାଣି କମିବାର ଆଶାଥିଲା। ମାତ୍ର ହୀରାକୁଦରୁ ବନ୍ୟାଜଳ ନିଷ୍କାସନ ହେଉଥିବାରୁ ମହାନଦୀ ଫୁଲି ଉଠିଛି।


ଖମ୍ବେଶ୍ୱରୀପାଲି ଗ୍ରାମ ପାଖରେ ମହାନଦୀର ବନ୍ୟାପାଣି।

ଫଳରେ ବାଉରୀଯୋର ପାଣି ପ୍ରବାହିତ ହୋଇ ନପାରି ପୋଲ ଉପରେ ଶନିବାର ମଧ ଜମି ରହିଥିଲା। ଫଳରେ ଲୋକେ ଡଙ୍ଗାରେ ପାର ହୋଇ ଯାତାୟତ କରୁଥିବା ଦେଖିବାକୁ ମିଳୁଥିଲା। ପ୍ରଥମେ ହୀରାକୁଦରୁ ୬ ଗେଟ ଦେଇ ଜଳ ନିଷ୍କାସନ ହେଉଥିବା ବେଳେ ପରେ ପୁଣି ୧୪ଟି ଗେଟ ଖୋଲି ଦେବାରୁ ମୋଟ ୨୦ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ରାତି ସୁଦ୍ଧା ବୀରମହାରାଜପୁର ଅଞ୍ଚଳକୁ ଅତ୍ୟାଧିକ ପାଣି ଆସିବାର ସମ୍ଭାବନା ରହିଛି। ବର୍ତ୍ତମାନ ସୁଦ୍ଧା ନଦୀ କୂଳିଆ ଗ୍ରାମ ଖମ୍ବେଶ୍ୱରୀପାଲି, ଦେଉଲି, ନୂଆଁଗତ, କେଉଟିପାଲି, କେଲଗାଁ ଆଦି ଗ୍ରାମରେ ନଦୀ ପାଣି ଫୁଲି ଉଠୁଥିବା ଦେଖାଯାଉଛି। ରାତି ସୁଦ୍ଧା ଅଧିକ ପାଣି ଆସିଲେ ପରିସ୍ଥିତି ଅସମ୍ଭାଳ ହେବାର ଆଶଙ୍କା ଦେଖାଯାଇଛି। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପ୍ରଶାସନ ପକ୍ଷରୁ ସତର୍କ ଥିବା ସହିତ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି ଏବଂ ବନ୍ୟା ସ୍ଥିତିକୁ ଅନୁଧ୍ୟାନ କରୁଥିବା ବିଡିଓ ନିରଞ୍ଜନ ନାଏକ ପ୍ରକାଶ କରିଛନ୍ତି। ବାଉରୀଯୋର ଉପରେ ପାଣିଥିବାରୁ ବୀରମହାରାଜପୁର-ରେଢ଼ାଖୋଲ ଏବଂ ବୌଦ୍ଧକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

## ଚିଖିଲି ନିକଟକୁ ମାଡ଼ି ଆସିଲା ହୀରାକୁଦର ପଛୁଆ ପାଣି

ବରଗଡ଼ ଅଫିସ୍/ଅମ୍ବାଭୋନା, ୮।୯

ଉପର ମୁଣ୍ଡରେ କ୍ରମାଗତ ଲଗାଣ ବର୍ଷା ଯୋଗୁ ମହାନଦୀର ଜଳପତ୍ତନ ବଢ଼ିବାରେ ଲାଗିଛି। ଫଳରେ ଜଳଭଣ୍ଡାରର ପଛୁଆ ପାଣି ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଚିଖିଲି ଗ୍ରାମକୁ ମାଡ଼ି ଆସୁଛି। ଏହା ସହିତ ବନ୍ୟାଜଳ ପଡ଼ୋଶୀ ବେନିଆପାଲି, ଅନ୍ତରାଡ଼ି, ଘୁଘୁରାପାଲି ଗ୍ରାମ ନିକଟତର ହୋଇଥିବା ସୂଚନା ମିଳିଛି। ଉପରୋକ୍ତ ଗ୍ରାମ ଭିତରକୁ ଖବର ଲେଖାହେବା ସୁଦ୍ଧା(ରାତ୍ରି ୮ଟା ପର୍ଯ୍ୟନ୍ତ) ବନ୍ୟାଜଳ ପଶି ନ ଥିଲେ ମଧ୍ୟ ଗ୍ରାମର ପାର୍ଶ୍ୱବର୍ତ୍ତୀ ସୀମା ବନ୍ୟା ପ୍ଲାବିତ ହୋଇ ପଡ଼ିଛି। ଏହାଦ୍ୱାରା ଅଞ୍ଚଳର ଶତାଧିକ ଏକର ଚାଷଜମି ଜଳମଗ୍ନ ହୋଇ ପଡ଼ିଛି। ଖବର ପାଇଁ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଅମ୍ବାଭୋନା ତହସିଲଦାର ସଦାକର କୁମ୍ଭାର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତେଶ କୁମାର ଦୋରା, ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ହିତାକାଂକ୍ଷୀ ପ୍ରଧାନ ପ୍ରମୁଖ ଚିଖିଲି ଗ୍ରାମକୁ ପହଞ୍ଚିଥିଲେ। ବନ୍ୟା ମୁକାବିଲା ପାଇଁ ସତର୍କ ରହିବାକୁ ସେମାନେ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଏହାସହିତ ସବୁ ବିଭାଗ ସଜାଗ ରହିବା ପାଇଁ ମନ୍ତ୍ରୀ ଓ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

■ ରାସ୍ତାରେ ନାବାଳିକାଙ୍କୁ ଅସଦାଚରଣ

# ପୋଲିସ କର୍ମଚାରୀ ଗିରଫ

ବାରିପଦା ଅଫିସ,୮।୯

ଲୋକଙ୍କୁ ସୁରକ୍ଷା ଓ ସହାୟତା ଦେଇ ଅପରାଧ ନିୟନ୍ତ୍ରଣ କରିବା ଦାୟିତ୍ୱରେ ରହିଛି ପୋଲିସ। ଏହି ବିଭାଗର କେତେକ କର୍ମଚାରୀଙ୍କ ମାତ୍ରାଧିକ ତଥା ଅନୈତିକ କାର୍ଯ୍ୟ ବିଭିନ୍ନ ସମୟରେ ଚର୍ଚ୍ଚାକୁ ଆସୁଛି। ମୟୂରଭଞ୍ଜ ଜିଲା ପୋଲିସ ବିଭାଗରେ ଚପରାଶି ଭାବେ କାମ କରୁଥିବା ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଜବାହାରଲାଲ ବେହେରା ରବିବାର ଅପରାହ୍ଣରେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ ରାସ୍ତାରେ ଟ୍ୟୁଶନ ସାରି ଘରକୁ ଫେରୁଥିବା ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଗିରଫ ହୋଇଛନ୍ତି। ଏହି ଘଟଣା ସହରରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

ନାବାଳିକାଙ୍କ ପରିବାରବର୍ଗ ବାରିପଦା ଟାଉନ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କର ୮ ବର୍ଷର ଝିଅ ଟ୍ୟୁସନ ସାରି ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଜବାହାରଲାଲ ରାସ୍ତାରେ ତାଙ୍କୁ ଅସଦାଚରଣ କରିବା ସହ ଏକ ନିଛାଟିଆ ସ୍ଥାନକୁ ଟାଣି ଟାଣି ନେଇ ଯାଇଥଲେ। ନାବାଳିକା ଜଣଙ୍କ ସେଠାରୁ କୌଶଳକ୍ରମେ ଖସି ଆସି ଘର ଲୋକଙ୍କୁ ସବୁ କଥା ଜଣାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଧାଇଁ ଯାଇ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରି ଏକ ଗଛରେ ବାନ୍ଧି ପକାଇଥିଲେ। ଏହି କର୍ମଚାରୀ ସେତେବେଳେ ଲୁଙ୍ଗି ଓ ଗଞ୍ଜି ପିନ୍ଧିଥିଲେ। ଖବର ପାଇ ବାରିପଦା ଟାଉନ ପୋଲିସ ପହଞ୍ଚି ଜବାହାରଲାଲଙ୍କୁ ସେଠାରୁ ଉଦ୍ଧାର କରି ଥାନାକୁ ନେଇଯାଇ ପଚାରାଉଚୁରା

### ଅଭିଯୁକ୍ତଙ୍କୁ ଗଛରେ ବାନ୍ଧିଲେ ସ୍ଥାନୀୟ ଲୋକେ


ଜବାହରଲାଲ ବେହେରା

କରି ଥିଲା। ଏହାମଧରେ ନାବାଳିକାଙ୍କ ପରିବାର ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା (ନଂ.୨୦୫/୧୯) ରୁଜୁ କରି ତାଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି। ଗିରଫ କର୍ମଚାରୀ ନାବାଳିକାଙ୍କୁ ଅସଦାଚରଣ କରି ନାହାନ୍ତି, କେବଳ ତାଙ୍କ ସହ କଥା ହୋଇଥିଲେ ବୋଲି ସଫେଇ ଦେଇଛନ୍ତି।

# ଚକୋଲେଟ୍ ବାଣ୍ଟି ସଚେତନତା

ଭୁବନେଶ୍ୱର,୮।୯(ବ୍ୟୁରୋ)

ନୂଆ ମୋଟର ଯାନ ଆଇନକୁ ନେଇ କଠୋର ହୋଇପଡ଼ିଥିଲା କମିଶନରେଟ ପୋଲିସ। ଶନିବାର ଭୁବନେଶ୍ୱର ରାଜମହଲରେ ପୋଲିସ-ଜନତା ଖଣ୍ଡଯୁଦ୍ଧରେ ୫ ପୋଲିସ ସମେତ ୧୦ଜଣ ଆହତ ହେବା ପରେ ଏବେ ଚେତା ପଶିଲା। ଚାରିଆଡୁ ତୀବ୍ର ବିରୋଧ ପରେ ରବିବାର କମିଶନରେଟ ପୋଲିସର ଆଭିମୁଖ୍ୟ ପୂରା ବଦଳି ଯାଇଥିଲା। କଠୋରତା ବଦଳରେ କୋମଳତା ପନ୍ଥା ଆପଣାଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ଲୋକଙ୍କୁ ଚକୋଲେଟ ବାଣ୍ଟି ଟ୍ରାଫିକ ନିୟମ ସମ୍ପର୍କରେ ବୁଝାଇବା ସହ ପାଳନ କରିବାକୁ ସଚେତନ କରିଥିଲା। ପୋଲିସର ଏଭଳି ଆଭିମୁଖ୍ୟକୁ ଲୋକେ ସ୍ୱାଗତ କରିଥିବାବେଳେ ସହରର ଆଉ କିଛି ସ୍ଥାନରେ ଯାଞ୍ଚବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଜି ଛକରେ ପୋଲିସ ପୂର୍ବରୁ ଯେଭଳି ଜଗି ରହି ଜରିମାନା କାଟୁଥିଲା ରବିବାର ପୂର୍ବାହ୍ଣରେ ସେଭଳି ଦୃଶ୍ୟ ଦେଖିବାକୁ ମିଳି ନ ଥିଲା। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, ଟ୍ରାଫିକ୍ ଡିସିପି ସାଗରିକା ନାଥ, ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ, ଟ୍ରାଫିକ୍ ଇନ୍ସପେକ୍ଟରଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଗାଡି ଚାଳକଙ୍କୁ ଚକୋଲେଟ ବାଣ୍ଟି ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିଥିଲେ। ଯେଉଁମାନେ ନିୟମ ମାନି ଗାଡ଼ି ଚଲାଉଥିଲେ ସେମାନଙ୍କୁ 'ଥ୍ୟାଙ୍କ୍ ୟୁ କାର୍ଡ' ବାଣ୍ଟୁଥିଲେ। ସେହିପରି ପିପିଲି ଟୋଲ୍‌ଗେଟରେ ମଧ୍ୟ ପୋଲିସ ଲୋକଙ୍କୁ ଲିଫ୍‌ଲେଟ୍ ବାଣ୍ଟି ସଚେତନ କରିଥିଲା।


ମୋଟର ସାଇକେଲ ଆରୋହୀଙ୍କୁ ଟ୍ରାଫିକ ଡିସିପି ଚକୋଲେଟ୍ ଦେଇ ସଚେତନ କରୁଛନ୍ତି।

**ଟ୍ରାଫିକ ନିୟମ**
■ ଏଜି ଛକରେ ଲୋକଙ୍କୁ ବୁଝାଇଲେ ପୋଲିସ ଅଧିକାରୀ
■ ନିୟମ ପାଳନକାରୀଙ୍କୁ 'ଥ୍ୟାଙ୍କ୍ ୟୁ କାର୍ଡ' ଦେଲେ
■ ୨ ମାସ ଯାଏ କେବଳ ୫ ନିୟମକୁ ଗୁରୁତ୍ୱ

ବାଇକ ଆରୋହୀଙ୍କୁ ହେଲ୍‌ମେଟ୍ ଓ କାର ଚାଳକଙ୍କୁ ସିଟ୍‌ବେଲ୍ଟ ବାନ୍ଧିବାକୁ ପରାମର୍ଶ ଦେଉଥିଲା। ସଚେତନତା କାର୍ଯ୍ୟକ୍ରମରେ ସିଭିଲ୍ ସୋସାଇଟିର ସ୍ୱେଚ୍ଛାସେବୀ ଓ ବିଧାୟକ ଅନନ୍ତ ନାରାୟଣ ଜେନା ସାମିଲ୍ ଥିଲେ। ଟ୍ରାଫିକ୍ ଡିସିପି ସାଗରିକା ନାଥ କହିଛନ୍ତି, ଲୋକମାନେ ଟ୍ରାଫିକ୍ ନିୟମ ମାନି ସଚେତନ ହୋଇଥିବାରୁ ତାଙ୍କୁ ଆମେ ହୃଦୟର ସହ ଧନ୍ୟବାଦ ଦେଉଛୁ। ଚକୋଲେଟ ଦେଇ ଖୁସି ବାଣ୍ଟୁଛୁ। ଏହା ବଦଳରେ ଆମେ ଲୋକଙ୍କୁ ଲାଇସେନ୍ସ ଓ ଗାଡ଼ିର କିଛି କାଗଜପତ୍ର ମାଗୁଛୁ। ଏଥିପାଇଁ ୨ ମାସ ସମୟ ଦେଉଛୁ। ଏହା ମଧରେ କେବଳ ୫ ନିୟମକୁ ଗୁରୁତ୍ୱ ଦେଉଛୁ। ହେଲ୍‌ମେଟ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା, ଗାଡି ଚଲାଇବାବେଳେ ମୋବାଇଲ୍ ଫୋନ୍‌ରେ ନ ଗପିବା, ମଦପିଇ ଗାଡ଼ି ନ ଚଲାଇବା ଓ ରଙ୍ଗ୍‌ରୁଟ୍‌ରେ ନ ଯିବାକୁ ଲୋକଙ୍କୁ କହୁଛୁ। ମଦପିଇ ଗାଡ଼ି ଚଲାଇବାକୁ ଜିରୋ ଟଲେରାନ୍ସ ଭାବେ ନେଉଛୁ। ଗୋଟିଏ ସୁନ୍ଦର ଭୁବନେଶ୍ୱର ଗଢ଼ିବା ପାଇଁ ଆଗକୁ ସମସ୍ତେ ଆମକୁ ସହଯୋଗ କରିବେ ବୋଲି ଆଶା କରୁଛୁ ବୋଲି ସେ କହିଛନ୍ତି।

# ଶ୍ରୀମନ୍ଦିରରେ କୃଷ୍ଣଲୀଳାର ପରିସମାପ୍ତି

ପୁରୀ ଅଫିସ, ୮।୯

ପ୍ରବଳପ୍ରତାପୀ କଂସ ବଧ ସହିତ ଶ୍ରୀମନ୍ଦିରରେ ଚାଲିଥିବା କୃଷ୍ଣଲୀଳା ପରିସମାପ୍ତି ଘଟିଛି। ରବିବାର କୃଷ୍ଣଲୀଳାର ଏହି ଶେଷ ନୀତି ଦେଖିବା ଲାଗି ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।

**ଲବଣୀ ଖିଆ ନୀତି :** ରବିବାର ଥିଲା ପବିତ୍ର ଭାଦ୍ରବ ଶୁକ୍ଳଦଶମୀ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ସିଂହାସନରେ ବିଜେ କରାଇଥିଲେ। ସେଠାରେ ଆଜ୍ଞାମାଳା ଲାଗି ହେବା ପରେ ଦୁଇଠାକୁରଙ୍କୁ ବଟବୃକ୍ଷ ନିକଟରେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ବିମାନବଡୁମାନେ ପାଲିଙ୍କିକୁ କୁଣ୍ଢେଇବେଣ୍ଟ ସାହିରେ ଥିବା ଲବଣୀଖିଆ ଛକକୁ ନେଇଥିଲେ। ଛକରେ ଥିବା ପନ୍ତି ଘରେ ଲବଣୀ ଖିଆ ନୀତି ସମ୍ପନ୍ନ ହୋଇଥିଲା। ସେଠାରେ ଭିତରଚ୍ଛ ମହାପାତ୍ର ଠାକୁରଙ୍କୁ ଆଳତି ବନ୍ଦାପନା କରିବା ସହିତ ମହାଭୋଇଙ୍କ ସର, ଲବଣୀ ଠାକୁରଙ୍କୁ ସମର୍ପଣ କରିଥିଲେ। ମହାଜନମାନେ ଠାକୁରଙ୍କୁ ପନ୍ତି ଘର ଖଟଶେଯ ଉପରକୁ ବିଜେ କରାଇବା ପରେ ପୂଜାପଣ୍ଡା ସାମନ୍ତ ଭୋଗ ଲାଗି କରାଇଥିଲେ। ଏହାପରେ ମହାଭୋଇ ଘରର ବୋହୂମାନେ ଠାକୁରଙ୍କୁ ଅର୍ଘ୍ୟ ବନ୍ଦାପନା କରି କ୍ଷୀର, ସର, ଲବଣୀ ଖୁଆଇଥିଲେ। ଶୀତଳ ଭୋଗ ପରେ ଭିତରଚ୍ଛ ମହାପାତ୍ର ବନ୍ଦାପନା କରିଥିଲେ। ଠାକୁର ପାଲିଙ୍କିରେ ବିଜେ ହୋଇ ମରିଚିକୋଟ ଛକ ନିକଟସ୍ଥ ମରିଚି ଠାକୁରାଣୀଙ୍କ ପନ୍ତି ନିମନ୍ତେ ଯାଇଥିଲେ। ଠାକୁରାଣୀଙ୍କ ସମ୍ମୁଖରେ ମାଟିମଣ୍ଡପ ସାହି ଉତ୍ତରକାଳୀ ଆଖଡାର ଦୁଇଜଣ ମଲ୍ଲ ଯୁଦ୍ଧ ପ୍ରସ୍ତାବ ଆଗତ କରିଥିଲେ। ସୌମ୍ୟ ମହାପାତ୍ର ଓ ମାନସ ସେନାପତିମଲ୍ଲଯୁଦ୍ଧ ନୀତି ସମ୍ପନ୍ନ କରିଥିଲେ।

**କୁବୁଜାଙ୍କୁ ଉଦ୍ଧାର କଲେ ଶ୍ରୀକୃଷ୍ଣ :** ଏହାପରେ ସିଂହଦ୍ୱାର ସମ୍ମୁଖରେ କୁବୁଜା ଉଦ୍ଧାରଣ ପ୍ରସ୍ତାବ ଆଗତ ହୋଇଥିଲା। ଅକ୍ଷୟ ଘଟୁଆରୀ କୁବୁଜା ବେଶ ହୋଇ ଏହି ନୀତି ସମ୍ପନ୍ନ କରିଥିଲେ। ସେ କୁବୁଜା ବେଶରେ ଚଳନ୍ତି ପ୍ରତିମାଙ୍କୁ ସୁବେଶ (ଚନ୍ଦନ ଚର୍ଚ୍ଚିତ) କରାଇଥିଲେ। ଏହାପରେ ଚଳନ୍ତି ପ୍ରତିମା କୃଷ୍ଣ କୁବୁଜାଙ୍କୁ ଆଜ୍ଞାମାଳ ପ୍ରଦାନ କରି ସୁନ୍ଦରୀ ନାରୀ ରୂପ ଦେଇ ଉଦ୍ଧାର କରିଥିଲେ।

### ବଧ ହେଲେ କଂସ


ଶ୍ରୀମନ୍ଦିରରେ କୃଷ୍ଣଲୀଳାର ଶେଷ ଦିବସରେ କଂସ ବଧ କରାଯାଉଥିବାର ଦୃଶ୍ୟ।

**କଂସ ବଧ ପ୍ରସ୍ତାବ ଆଗତ :** ସିଂହଦ୍ୱାର ସମ୍ମୁଖ ବଡଛତା ମଠ ସମ୍ମୁଖରେ କଂସବଧ ନୀତି ସମ୍ପନ୍ନ ହୋଇଥିଲା। ବାଲିସାହି ଆଖଡା ପକ୍ଷରୁ କଂସବଧ ପ୍ରସ୍ତାବ ଆଗତ କରାଯାଇଥିଲା। ରାଜେଶ ପ୍ରଧାନ କଂସ, ଆୟନ ରୁଦ୍ରାଂଶୁ ତ୍ରିପାଠୀ କୃଷ୍ଣ, ସୌମ୍ୟରଞ୍ଜନ ପତି ବଳରାମ ବେଶରେ ଏହି ନୀତି ସମ୍ପନ୍ନ କରିଥିଲେ। ଏହି ନୀତିରେ ପ୍ରଥମେ କଂସ ରଣହୁଙ୍କାର ଦେବା ପରେ ସେଠାରେ ଠାକୁରଙ୍କୁ ଶୀତଳ ଭୋଗ ବନ୍ଦାପନା ହୋଇଥିଲା। ଶ୍ରୀକୃଷ୍ଣଙ୍କ ପରାକ୍ରମ ଦେଖି କଂସ ଭୟଭୀତ ହୋଇ ମଞ୍ଚାରୁ ପଡିଯିବା ଫଳରେ ତାଙ୍କର ନିଧନ ହୋଇଥିଲା। ଏହାପରେ ସେଠାରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ।
ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଲଗାଣ ବର୍ଷା : ପିଙ୍ଗଲମୁଣ୍ଡା ଗାଁରେ ଘର ଭାଙ୍ଗି ମହିଳା ଗୁରୁତର

**ଖପ୍ରାଖୋଲ, ୮।୯(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ୩ ଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଅଞ୍ଚଳର ବିଭିନ୍ନ ନଦୀ, ନାଳରେ ପାଣି ଭରି ରହିଥିବା ବେଳେ ବାଙ୍ଗିପାଲି-ବଡ଼ଉଡେନ ରାସ୍ତା କଟଙ୍ଗି ନାଳ ଉପରେ ବନ୍ୟା ଜଳ ପ୍ରବାହିତ ହୋଇଛି। ଲଗାଣ ବର୍ଷା ଯୋଗୁ ବିଭିନ୍ନ ଗାଁରେ ଲୋକଙ୍କ ଘର ଭାଙ୍ଗି ଯାଇଥିବା ଜଣାପଡିଛି। ଘୁନସର ପଞ୍ଚାୟତ ପିଙ୍ଗଲମୁଣ୍ଡା ଗାଁରେ ରବିବାର ସକାଳେ ଡମନ ବନଛୋରଙ୍କ ଘର ଭାଙ୍ଗି ଯାଇଥିଲା। ଏଥିରେ ଡମନଙ୍କ ସ୍ତ୍ରୀ ସାବିତ୍ରୀ ବନଛୋର(୫୦) ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହ ଅଗ୍ନିଶମ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖପ୍ରାଖୋଲ ଗୋଷ୍ଠି କସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ପାଟଣାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଖବର ପାଇ ଘୁନସର ସରପଞ୍ଚ କପିଳ ବୁଡେକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀୟାବଲ୍ଲଭ ପାଣିଗ୍ରାହୀ ପହଞ୍ଚି ପରିବାର ଲୋକଙ୍କୁ ୫ ହଜାର ଟଙ୍କା ସହ ୩୫ କେଜି ଚାଉଳ ପ୍ରଦାନ କରିଥିଲେ। ସେହିପରି ବ୍ଲକର ବୁଢିବାହାଲ ଗାଁର ଭାଗୀରଥି ଭୁଏ, ତୁର୍ଲା ଗାଁର ରଏବାରୀ ବରିହାଙ୍କ ଘର ଭାଙ୍ଗି ଯାଇଥିବା ଜଣାପଡିଛି। ଏ ନେଇ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକଙ୍କୁ ପଚାରିବାରୁ ଘଟଣାର ଅନୁସନ୍ଧାନ ପରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଗୋଷ୍ଠୀ କଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ପଚାରିବାରୁ ଆବାସ ଯୋଜନାରେ ଘର ପାଇ ନ ଥିଲେ ଅଗ୍ରାଧିକାର ଭିତ୍ତିରେ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।







ବଲାଙ୍ଗୀର ବ୍ରାହ୍ମଣପଡ଼ାଠାରେ ଯୁବତୀମାନେ ଖୁଦୁରୁକୁଣୀ ଓଷା ପାଳନ କରୁଛନ୍ତି (ବାମ)। ବଲାଙ୍ଗୀର ହାଟପଦାପଡ଼ା ମାଁ ଖୁଦୁରୁକୁଣୀ ମହିଳା କ୍ଲବ ସଦସ୍ୟାମାନେ ଖୁଦୁରୁକୁଣୀ ଓଷା ପାଳନ କରୁଛନ୍ତି (ମଝି) । ଖୁଦୁରୁକୁଣୀ ଓଷା ଅବସରରେ ବାଳିକାମାନେ ସାଧବ ବୋହୂ ବେଶରେ ସଜାଇ ହୋଇଛନ୍ତି। (ଫଟୋ-ସୁନୀଲ)।

ବରଷାରେ ଘର ଭାଂଗ୍‌ଲା

# ମୁଡେ ଲାଗର ବୋଝ୍, କୁଟୁମ୍ ଚିନ୍‌ତା

**ଲାଠୋର, ୮।୯ (ଡି.ଏନ୍.ଏ.)**

ଗଲା ଦିନାକେତେ ହେଲା ଲଘୁଚାପ ପରଭାବରେ ପଶ୍ଚିମ ଓଡ଼ିଶାର ଅନେକ ଜିଲାରେ ବରଷା ଲାଗି ରହିଛେ। ବରଷା ପାଏନ୍‌ରେ ଗଲା ଶନିବାର ରାତି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ଅଧୀନ ପିପଲବାହାଲ ବାଗପଡ଼ାର ବଲରାମ ମେହେରକଁର ଘର ଭାଂଗି ଯାଇଛେ। ଏନ୍‌ତାଥି ପରିବାର ଲୋକ୍ ଅଲପ୍‌କେ ଗୁଟେ ବଡ଼ ବିପଦ୍‌ରୁ ବରତି ଯାଇଛନ୍। ସୂଚନା ଅନ୍‌ସାରେ ବାଗପଡ଼ାର ବଲରାମ ମେହେରକଁର ପରିବାର କହେଲେ ମାଏକିନା ନୀଲାବତୀ, ଝିଁ ଯୋଶିଲା, ଚୁମକି ଆର ପୁଓ ହରେଶକେ ନେଇ ସଁସାର। ପରିବାରଟା ନିହାତି ଗରିବ୍, ଜମିବାଡ଼ି ବଲି କିଛି ନାଇଁ। ବଲରାମ ବଜାରକେ ବଜାର ବୁଲିବୁଲି ଫେନ୍ସି ସାମାନ ବିକୁଛନ୍। ସେଥିରେ ଯାହା କମାନି ହେଉଛେ ପରିବାର ଚଲବାର ସଂଗେ ପିଲାଛୁଆକର ପାଠ୍‌ପଢ଼ା ଖରଚ୍ ତୁଲଉଛନ୍। ଏନ୍‌ତାଥି ଘରେ ସବୁବେଲେ ଅଭାବ ଅନାଟନ ଲାଗି ରହୁଛେ। ବଛର କେତେ ତଲେ ବଲରାମ ନିଜର ଲାଗେଲେସରମାନକରନୁ ୮୦ ହଜାର ଟଁକା ଉଧାର କରି ଘରଖଁଡ଼େ ତିଆରିଥିଲେ। ହାଡ଼ଭଂଗା ପରିଶ୍ରମ କରି ସେ ଏଭ୍‌ତକ ୫୦ ହଜାର ଟଁକା ସୁଝିଥିଲାବେଲେ ଆହୁରି ୩୦ ହଜାର ଟଁକା ବାକି ରହିଛେ। ଗଲା ଶନିବାର ବଲରାମ କେହେନ୍‌ସି କାମେ ଝନେ ଲାଗେଲେସର ଘରକେ ଯାଇଥିଲେ। ଏନ୍‌ତାଥି ଘରେ ପରିବାର ଲୋକ୍ ଖାଇପିଇ ରାତି ଶୁଇଥିଲାବେଲେ ବରଷା ପାଏନ୍ ଲାଗି ହଠାତ୍ ଘରଟା ଭାଂଗି ଯାଇଥିଲା। ହେଲେ ଅଲପ୍‌କେ ପରିବାର ଲୋକ୍ ବିପଦ୍‌ରୁ ବରତି ଯାଇଥିଲାବେଲେ ଘରର ଅନେକ ସାମାନ ଭାଂଗିରୁଜି ଯାଇଛେ। ଇଆଡ଼େ ଅନେକ ଦିନୁ ବଲରାମ ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ସରକାରୀ ବାବୁମାନକୁ ଗୁହାରି କରି ନିରାଶ ହେଇଛନ୍। ଏହେଦ୍‌କା ସେ କେନେ୍‌ଥେଇ କୁଟୁମ ପୁଷ୍‌ବେ, ଘରଟା ମରାମତି କରବେ ସେ ଚିନ୍‌ତାରେ ଘାରି ହେଉଛନ୍। ଇଆଡ଼େ ଲାଗେସେରମାନକର ୩୦ ହଜାର ଟଁକା ସୁଝବାର ଚିନ୍‌ତା ତାହାକୁ ଖାଇଯାଉଛେ। ଇ ସବୁ କଥା ଚିନ୍‌ତା କରି ବଲରାମର ଆଁଖିରୁ ଝୁମରା ଛାଡ଼ି ଯାଇଛେ। ଇ ଦିଗେ ଥାନୀୟ ପରଶାସନ ଦୁରୁଷ୍‌ଟି ଦେଇ ବଲରାମକୁଁ ଯେତେ ଜଲଦି ହେବା ଘରଭଂଗା ସାହାଯ୍ ସଂଗେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେବାକେ ବାଗପଡ଼ାବାସୀ ଦାବି କରିଛନ୍।



ତୁଷୁରାରେ ଗଣେଶ ଭସାଣି ଶୋଭାଯାତ୍ରା।

## ତୁଷୁରାରେ ଗଣେଶ ଭସାଣି ଉତ୍ସବ

**ଗୁଡ଼ଭେଲା,୮।୯(ଡି.ଏନ୍.ଏ.)**

ତୁଷରା ଏନ୍‌ଏସିସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଗତ ୨ତାରିଖରୁ ଚାଲିଥିବା ଗଣେଶ ପୂଜାର ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି କର୍ମକର୍ତ୍ତା ଏକ ସୁସଜ୍ଜିତ ଗାଡିରେ ଗଣେଶଙ୍କୁ ସହର ପରିକ୍ରମା କରାଇଥିଲେ। ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ ଦଳ ସାମିଲ ହୋଇଥିଲେ। ପରେ ସ୍ଥାନୀୟ ତେଲନଦୀରେ ଗଣେଶଙ୍କୁ ବିସର୍ଜନ କରାଯାଇଥିଲା। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ମୃତୟନ କରାଯାଇଥିଲା।

ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ିକୁ ବିତିଲା ୨୪ ଘଣ୍ଟା

## ୪ ନିଖୋଜଙ୍କ ମିଳୁନି ପତ୍ତା

**ପରଜଙ୍ଗ, ୮।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ ରୋଡ୍ ପଞ୍ଚାୟତ କୁନ୍ଦନଦେଇପୁର ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ି ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିବାବେଳେ ୪ ନିଖୋଜଙ୍କ ପତ୍ତା ମିଳୁନାହିଁ। ଓଡ୍ରାଫ୍ ଟିମ୍, ଅଗ୍ନିଶମ ସେବା କର୍ମଚାରୀ ମିଳିତ ଭାବେ ନଦୀର ଉଭୟ ପାର୍ଶ୍ୱରେ ତଲାସି ଅଭିଯାନ ଚଳାଇଛନ୍ତି। ତେବେ ପ୍ରବଳ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।ରବିବାର ସକାଳୁ ରୋଡ୍ ଘାଟଠାରୁ କମଗରା ଏବଂ ନଦୀ ଅପରପାର୍ଶ୍ୱରେ ଥିବା ଖଡଗପ୍ରସାଦ ଘାଟଠାରୁ କମଗରା ଯାଏ ଖୋଜାଖୋଜି କରାଯାଇଥିଲା। କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ବସନ୍ତ କୁମାର ମଲ୍ଲିକ, ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ୍ ପ୍ରମୁଖ ଉଦ୍ଧାର କାର୍ଯ୍ୟ ତଦାରଖ କରୁଥିଲେ। ତେବେ ରାତି ୯ଟା ସୁଦ୍ଧା ନିଖୋଜଙ୍କ ସନ୍ଧାନ ମିଳିପାରିନାହିଁ।ଅପରପକ୍ଷେ ଏପରି ଦୁର୍ଘଟଣା ପରେ ନିଖୋଜ ବ୍ୟକ୍ତିଙ୍କ ପରିବାର ଲୋକେ ଆଶା ଆଶଙ୍କା ଭିତରେ ଅଛନ୍ତି। ବିଭିନ୍ନ ଦଳର ରାଜନେତା ପହଞ୍ଚି ସେମାନଙ୍କୁ ଆଶ୍ୱାସନା ଜଣାଇଛନ୍ତି।ଏମ୍‌ପି ମହେଶ ସାହୁ, ବିଧାୟକ ଡା. ନୃସିଂହ ଚରଣ ସାହୁ, ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା ପ୍ରମୁଖ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଏହା ଏକ ଦୁଃଖଦ ଘଟଣା। ଏଥିରେ ଧୈର୍ଯ୍ୟହରା ନ ହୋଇ ସାହସ ସହ ମୁକାବିଲା କରିବାକୁ ଏମ୍‌ପି କହିଥିଲେ।

ଏ ନେଇ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ପରଜଙ୍ଗ ବ୍ଲକରେ କୌଣସି ନଦୀଘାଟ ନିଲାମ ଦିଆଯାଇନାହିଁ। କିଛିଦିନ ତଳେ ଖଡଗପ୍ରସାଦ ଘାଟକୁ ନିଲାମ ଦିଆଯାଇଛି। ଏଠାରୁ ନିୟମିତ ଡଙ୍ଗା ଚଳାଚଳ ହେଉଛି। ସନ୍ଧ୍ୟା ପରେ ନଦୀରେ ଡଙ୍ଗା ଚଳାଇବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ହେଲେ କେତେଜଣ ନାଉରିଆ ଏହାକୁ ଅମାନ୍ୟ କରି ଦେଶୀ ଡଙ୍ଗା ଚଳାଉଛନ୍ତି। ମଝି ନଈରେ କେବୁଲ ତାରରେ ଛନ୍ଦି ହୋଇଯିବାରୁ ଡଙ୍ଗାଟି ଦୁର୍ଘଟଣାର ଶିକାର ହୋଇଛି। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ଶନିବାର ରାତି ପ୍ରାୟ ୮ଟାରେ ବ୍ରାହ୍ମଣୀ ନଦୀରେ ଟଣାଯାଇଥିବା କେବୁଲ ତାରରେ ଛନ୍ଦି ହୋଇ ଏକ ହୁଲି ଡଙ୍ଗା ଓଲଟି ପଡ଼ିଥିଲା। ନାଉରିଆ ଘନଶ୍ୟାମ ବେହେରା ଓରଫ୍ ଘନିଆ, ତାଙ୍କ ପୁଅ ଜଟିଆ ଓରଫ୍ ଜଟି, ପ୍ରତାପ ସାହୁ, ଅଜୟ, ନାୟକ, ରାଜେନ୍ଦ୍ର ସାହୁ ସୁରକ୍ଷିତ ଭାବେ ପହଁରି କୂଳରେ ପହଞ୍ଚିଥିଲେ। ଅପରପକ୍ଷେ କୁନ୍ଦନଦେଇପୁର ଗ୍ରାମର ବିଶ୍ୱଜିତ୍ ଆଚାର୍ଯ୍ୟ, ରୋଡ୍ ଗ୍ରାମର ରମେଶ ସାହୁ, ସୁଶାନ୍ତ ସାହୁ ଏବଂ ବିଜୟ ନାୟକ ନିଖୋଜ୧ପ ଅଛନ୍ତି।

## ବଲାଙ୍ଗୀର ଜିଲା ଓକିଲ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

**ବଲାଙ୍ଗୀର ଅଫିସ, ୮।୯:** ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ରବିବାର ସ୍ଥାନୀୟ ସିଭିଲ କୋର୍ଟ ବାର୍‌ହଲରେ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବଲାଙ୍ଗୀରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଆସନ୍ତା ସେପ୍ଟେମ୍ବର ୧୮ ଓ ୧୯ ତାରିଖ ୨ଦିନ ଧରି ଜିଲାରେ ଥିବା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନ ସମସ୍ତ ଅଫିସ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ବନ୍ଦକୁ ସଫଳ କରିବା ପାଇଁ ଆସନ୍ତା ସେପ୍ଟେମ୍ବର ୧୧ ତାରିଖରେ ଜିଲାର ବିଭିନ୍ନ ସାମାଜିକ, ରାଜନୈତିକ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ନେଇ ସଂଘ ପକ୍ଷରୁ ଏକ ବୃହତ୍ତର ବୈଠକ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି । ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ସଂଘର ସଭ୍ୟମାନେ ଯୋଗଦେଇ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତେଜିୟାନ କରାଯିବ ବୋଲି ମତ ରଖିଥିଲେ। ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଆସନ୍ତା ୧୧ରୁ ୧୩ ତାରିଖକୁ ବୃଦ୍ଧି କରାଯାଇଥିବା ଜଣାପଡିଛି। ବୈଠକ ଶେଷରେ ସଂଘ ସମ୍ପାଦକ ଅମନ ନାଗ ଧନ୍ୟବାଦ ଅର୍ପଣ କରିଛନ୍ତି। ଦୀର୍ଘ ୧ ବର୍ଷ ଧରି ମିଳିତ କ୍ରିୟାନୁଷ୍ଠାନ କମିଟି ବ୍ୟାନରରେ ଜିଲା ଓକିଲ ସଂଘ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ କୋର୍ଟ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ସାଧାରଣ ଲୋକେ ନ୍ୟାୟ ପାଇବାରେ ଅସୁବିଧା ସୃଷ୍ଟି ହେଉଛି । ଏହାସତ୍ତ୍ୱେ ସରକାର ଏହି ଦିଗରେ କୌଣସି ପଦକ୍ଷେପ ନ ନେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।



ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୯ ସେପ୍ଟେମ୍ବର, ୨୦୧୯



ବିପଦରେ ପଡି ଘାଣ୍ଟି ହେଲେ ଓ କ୍ଷତି ସହିଲେ ଲୋକ ବିଜ୍ଞ ଆଉ ନମ୍ର ହୁଏ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ

ଧର୍ମଗଡ,୮।୯ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଧର୍ମଗଡ ଉପ କାରାଗାରଠାରେ ରବିବାର ଜଣେ ବିରାରାଧୀନ କଏଦୀ ବ୍ଲେଡ ସାହାଯ୍ୟରେ ନିଜ ଗୁପ୍ତାଙ୍ଗ କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ନାମ ଦିଗାମ୍ବର ଖମାରୀ । ଘର ଜୁନାଗଡ ବ୍ଲକ ପୁରୁଣାସର ଗ୍ରାମରେ ବୋଲି ଜଣାପଡିଛି । ସେ ଏକ ଯୌତୁକଜନିତ ମାମଲାରେ ଧର୍ମଗଡ ଜେଲରେ ଥିଲେ। ଇତିମଧ୍ୟରେ ତାଙ୍କର ଜାମିନ ମଧ୍ୟ ହୋଇସାରିଛି। କିନ୍ତୁ ଜାମିନଦାର ନ ଥିବାରୁ ସେ ମୁକୁଳି ପାରି ନ ଥିଲେ । ତେଣୁ ସେ ମାନସିକ ଭାରସାମ୍ୟ ହରାଇ ଏହିପରି କରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି।

### ଦେବଗିରି ଜଙ୍ଗଲରୁ ମାଟି ଧସୁଛି, ଚାଷୀ ଆତଙ୍କିତ

ଭବାନୀପାଟଣା,୮।୯ (ଡି.ଏନ.ଏ.) କଳାହାଣ୍ଡି ଜିଲା କଲମପୁର ବ୍ଲକ ଅଞ୍ଚଳ ପୂର୍ବକୁ ଲାଗି ରହିଥିବା ବିଶାଳ ଦେବଗିରୀ ଜଙ୍ଗଲରୁ ମାଟି ଧସୁଛି । ଗତ କିଛି ଦିନ ଧରି ବର୍ଷା ଲାଗି ରହିବା ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି ବୋଲି ପାଦଦେଶରେ ବାସ କରୁଥିବା ଘୋଡାବନ୍ଧା, ଘର୍ଲା ଗ୍ରାମବାସୀ ପ୍ରକାଶ କରିବା ସହ ଏ ନେଇ ଚିନ୍ତିତ ଥିବା ମଧ କହିଛନ୍ତି । ଗତ ୫ ତାରିଖ ଦିନ ପାହାଡରେ ପ୍ରବଳ ବର୍ଷା ହୋଇଥିଲା। ଏପଟେ ହାତୀନଦୀରେ ବନ୍ୟା ଏବଂ ଏପଟେ ଦେବଗିରୀ ଜଙ୍ଗଲରୁ ମାଟି ଧସିବା ସମସ୍ତଙ୍କୁ ଉୟଭିତ କରିଥିଲା । ବର୍ଷା ପାଣିରେ ମାଟି ପ୍ରଖର ସ୍ରୋତରେ ବହିଆସି ଏମ୍ଆଇପିରେ ପଡିଲା ଏବଂ ଘର୍ଲା ନାଳରେ ମଧ ମିଶିଲା । ଏଥିସହ ଇନ୍ଦ୍ରାବତୀ ଦକ୍ଷିଣ କେନାଲରେ ପଡି ସବୁଆଡୁ ତାର ଦୁଇ ପାର୍ଶ୍ୱରେ ଥିବା ଚାଷ ଜମିକୁ ମଧ କିଛି ମାତ୍ରାରେ ମାଡିଗଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଉକ୍ତ ଜଙ୍ଗଲକୁ ଖରାଦିନ ହେଲେ ପୋଡୁଚାଷ ପାଇଁ ନଷ୍ଟ କରୁଥିବା ବେଳେ ଧୀରେ ଧୀରେ ଦେବଗିରୀ ଜଙ୍ଗଲ ଧ୍ୱଂସାଭିମୁଖି ହୋଇଚାଲିଛି । ଫେବୃୟାରୀରୁ ଉକ୍ତ ଜଙ୍ଗଲକୁ ନିଆଁଜାଳି ନଷ୍ଟ କରୁଥିବା ଜଣାଯାଏ । ଏଭଳି ପ୍ରକୃତିର ଅବଦାନକୁ ଅବାଧରେ ନଷ୍ଟ କରୁଥିବା କିଛି ଅସାଧୁମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଫଳରେ ପାହାଡ ଉପରେ ଥିବା ଗଛ ଏବଂ ମାଟି ଦୁର୍ବଳ ହୋଇ ବର୍ଷା ଦିନେ ପ୍ରଖର ସ୍ରୋତରେ ତଳକୁ ବହି ଆସୁଛି ଏବଂ ଚାଷକୁ ନଷ୍ଟ କରୁଛି ବୋଲି ଘର୍ଲା ୱାର୍ଡ ମେମ୍ବର ଯଦୁମଣି ଲହଜଲ, ନୀଳକଣ୍ଠ ଲହଜଲ ପ୍ରମୁଖ ପ୍ରକାଶ କରିଛନ୍ତି ।

### ବର୍ଷାରେ ହାଟ ବେହାଲ, ବେପାରୀ ହଇରାଣ

ରିଷିଡା, ୮।୯ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଓ ବଲାଙ୍ଗୀର ଜିଲା ସୀମାନ୍ତରେ ବସୁଥିବା ରିଷିଡା ଶନିବାର ହାଟ ବର୍ଷାରେ କାଦୁଅମୟ ହୋଇଯାଇଥିବାରୁ ବେପାରୀ ବସିବା ପାଇଁ ହଇରାଣ ହେଉଛନ୍ତି । କେସିଙ୍ଗା ନିୟନ୍ତ୍ରିତ ବଜାର କମିଟି ଅଧୀନ ଏହି ହାଟରେ ଜିଲା ସମେତ ବଲାଙ୍ଗୀର, ବୌଦ୍ଧ ଓ କନ୍ଧମାଳ ଜିଲାର ଅନେକ ବେପାରୀ ଓ ଗ୍ରାହକ ଆସିଥାନ୍ତି । ଗତ ୩ ଦିନ ଧରି ହୋଇଥିବା ଲଗାଣ ବର୍ଷାରେ ଚାରିଆଡେ କାଦୁଅମୟ ହୋଇଯାଇଛି । କାଦୁଅ ଯୋଗୁ ବେପାରୀମାନେ କିଛି ସ୍ଥାନ ପରିବର୍ତ୍ତନ କରିଛନ୍ତି ।

■ ଆଏଜ୍ କରମା ଏକାଦଶୀ

# ପର୍‌କୁତି ପୂଜାର ଚିନ୍‌ହାଁ କରମ୍‌ସାନି

ବିଜେପୁର, ୮।୯ (ଡି.ଏନ୍.ଏ.):

ସୁରୁଷ୍ଟି ସିରଜିନା ହେଲା ଦିନୁଁ ପର୍‌କୁତି କୁଲେ ମୁନୁଷ୍ ହଁସିଖେଲି ବଢ଼ିଛେ। ଭୋକ୍ ମେଟାବାକେ ପରକୁତି ତାହାକେ ଫଲ୍‌ମୂଲ୍, ଶୋଷ୍ ମେଟାବାକେ ନଏଦ୍, ନଲିଆ, ଝରନା ଦେଇଛେ। ବିହାନ୍ ବୁନି ଚାଷ କରବାର ତରିକା, ଶୀତ ଆର୍ ଜୀବ୍‌ଜଁତୁନୁ ରକ୍ଷା ପାଏବାର୍ ଲାଗି ଜୁଏ ଜାଲବାର୍ କଉଶଲଟା ପରକୁତିଠାନୁ ମୁନୁଷ୍ ଶିଖିଛେ। ଯେନ୍‌ଥିର୍ ଲାଗି ଦିନୁଦିନକେ ପରକୁତି ଉପରେ ତାର ସଁସେ ବଢ଼ତେଲ ଯାଇଛେ। ତାହିଁର ଲାଗି ସେ ପରକୁତିକେ ମା' ଆର ସୂର୍ଯ୍ୟ, ଚନ୍ଦ୍ର, ପାଏନ୍ ପବନ, ଗଛ୍‌ଖୁଁଟକେ ମାହାପୁରୁ ଲେଖେଁ ମାନିଛେ। ଇ ଗଛଖୁଁଟ ପୂଜାଧଜାନୁ କରମ୍‌ସାନୀ ପୂଜାର ମୂଳ ହେଇଥିବାର ଜନାଯାଏସି।

ପଶ୍ଚିମ ଓଡ଼ିଶାର ଗାଁଗଁଲିନୁ ସହର ତକ୍ କରମ୍‌ସାନୀ ପୂଜା ପିଢ଼ିଧର ପିଢ଼ି ଚଲିଆସୁଛେ। ଭୁଦୋ ମାସର ଉଜଲ୍‌ପଖ ଏକାଦଶୀ ତିଥିରେ ଇ ପୂଜା ହେସି। ଯେନ୍‌ଠାନେ ଇ ପୂଜା ହେସି ସେଠାନେ ତାର ଆଘୋର ଦିନ ଦଶମୀ ତିଥିର ବେଲବୁଡିଆ ମାଦଲ୍, ଗିନି ବଜେଇ କରମ୍‌ସାନିର ଆବାହନ୍ କରାରାଏସି। ପଶ୍ଚିମ ଓଡ଼ିଶାରେ ହଲନ ଗଛ୍‌କେ କରମ୍‌ସାନି ଗଛ ବଲି ଲୋକ୍ ମାଏନ୍‌ତା ରହିଛେ। ଏକାଦଶୀ ଦିନ କୁସେର, କଇଁଫୁଲ, ଆମ୍‌ପତରରେ ପୂଜା ମଡପ ସଜାହେସି। ବେଲବୁଡିଆ ଗାଁ ମୁଡେ ରଖାଯାଇଥିବାର କରମା ଡାଲ୍‌କେ ଗହଗହ ମନେ ବରନ୍ କରି ପୂଜା ମଡ଼ପ୍‌କେ ଅନାଯାଏସି। ପୂଜାପାଠ୍ ଉତାରୁ ଦେହେରୀ କରମ୍‌ସାନୀ କଥାନି ଶୁନାସି। ରାତିଥି ଗିନି, ମାଁଦଲ୍‌ର ତାଲେ ତାଲେ ଗୀତ୍‌ଗାଇ ଧଁଗ୍‌ରା ଧାଁଗ୍‌ରିମାନେ ସଖାଲପୁଆ ନାଚ୍‌ସନ୍। ସଖାଲୁ କରମ୍‌ସାନି ଦେବୀକେ ଗାଁରେ ବୁଲାଯାଏସି। ଘରେ ଘରେ ଲୋକ୍ ଦେବୀକଁର ଗୋଡ଼୍ ଧୁଇ ହାରଗୁହାର କରସନ୍। ଶେଷେ ଆନଁଦ୍ ଉଛବ୍‌ଥି କରମା ଡାଲକେ ବଁଧିକଟା, ନଏଦ୍, ନଲିଆଥି ବିସରଜନ୍ କରାଯାଏସି। କରମ୍‌ସାନି ଦେବୀକେ ଲୋକ୍ କରମର ଦେବୀ ଦେବତା ହିସାବେ ପରତେ କରସନ୍। ଇ ପୂଜା ମୂଳ କଲେ ଲାଗ୍‌ଲାଗ୍ ସାତ୍ ବଛର କରବାର ବିଧି ଅଛେ। ଯେନ୍‌ମାନକର ଛୁଆପିଲା ନାଇଁ ହେଉଥିବା ସେ ଦମ୍ପତି ମାନସିକ୍ କରି କରମ୍‌ସାନି ଦେବୀକଁର ପୂଜା କଲେ ତାକର ପିଲାଛୁଆ ହେଉଥିବାର ଲୋକ୍ ବିଶୁଆସ ରହିଛେ। ସେନ୍‌ତା କରମ୍‌ସାନି ପୂଜାରେ ପରିବେଶ ସଚେତନତାର ବରକସ୍ ବାରତା ଦେଉଛେ। ଗବେଷକ୍ ଡ.ସୁବାଷ ମେହେରକଁର କହେବାର ହିସାବେ ପରକୁତି ଆର ମୁନୁଷ୍‌ର ଗହେରା ନାତା ରହିଛେ। ପର୍‌କୁତିଠାନୁ ଉପ୍‌କାର ପାଏବାର ଲାଗି ବଲି ମୁନୁଷ୍ ପରକୁତିକେ ପୂଜା କରିଆସୁଛେ। କରମ୍‌ର ଦେବତା କରମ୍‌ସାନିକେ ଗୁଟେ ଗଛ୍ ସଂଗେ ଜୁଡ଼ି ଦିଆଯାଛେ। କାଁକରି ବଏଲେ କିଛି ଫଲ୍ ପାଏବାର ଅଶ୍ ନାଇଁରଖି କରି ଗଛ୍ ଯେନ୍‌ତା ସମକର ଉପ୍‌କାର କରୁଛେ। ଠିକ୍ ସେନ୍‌ତା ପାଏବାର ଆଶ୍ ନାଇଁ ରଖିକରି ମୁନୁଷ୍ ବି ନିଜର କରମ୍ କରବାର କଥା ବଲି କରମସାନି ପୂଜା ସମାଜକେ ବର୍‌ତା ଦେଉଛେ।

### ପୁଣି ୩ ନିଶାସକ୍ତ ଡ୍ରାଇଭର ଗିରଫ

ବରଗଡ଼ ଅଫିସ୍,୮।୯

ନୂତନ ଟ୍ରାଫିକ ଆଇନ ଲାଗୁ ହେବା ପରେ ବରଗଡ଼ ଟାଉନ ଥାନା ପୋଲିସ ନିଶାସକ୍ତ ଗାଡ଼ି ଡ୍ରାଇଭରଙ୍କ ଉପରେ ନଜର ରଖିଛି । ରବିବାର ସହର ଉପକଣ୍ଠ ବରାହଗୋଡ଼ା ଟୋଲ ଗେଟ୍‌ରେ ଯାଞ୍ଚ କରି ୩ ଜଣ ନିଶାସକ୍ତ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବିହାରର ରାମ ଅବତାର, ଦଶରଥ ସିଂ ଶେଖାୱତ୍ ଏବଂ ଉତ୍ତରପ୍ରଦେଶର ଜୟ ଶର୍ମା । ସ୍ଥାନୀୟ ଟାଉନ ଥାନାରେ ସେମାନଙ୍କ ବିରୋଧରେ ପୃଥକ ଭାବେ ୩ଟି ମାମଲା ରୁଜୁ ହୋଇଛି । ଗତ ୩ ଦିନ ମଧ୍ୟରେ ଏଭଳି ୬ଜଣ ନିଶାସକ୍ତ ଡ୍ରାଇଭରଙ୍କୁ ଗିରଫ କରାଯାଇଛି ଏବଂ ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ ସୂଚନା ଦେଇଛନ୍ତି ।

## ଇନ୍ଦ୍ର ଡୁଙ୍ଗୁରୀରେ ବୃକ୍ଷରୋପଣ

ମନମୁଣ୍ଡା, ୮।୯ (ଡି.ଏନ.ଏ)

ମନମୁଣ୍ଡା ରେଞ୍ଜ ଅନ୍ତର୍ଗତ ଯୋଗୀନ୍ଦ୍ରପୁର ପଞ୍ଚାୟତର ରାବିଡି ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଉଷତ କହଁରଙ୍କ ନେତୃତ୍ୱରେ ରବିବାର ସ୍ଥାନୀୟ ଇନ୍ଦ୍ର ଡୁଙ୍ଗୁରିରେ ଲିମ୍ବ, ଶାଗୁଆନ, ଗମ୍ଭାରି ସହ କେତେକ ଔଷଧୀୟ ବୃକ୍ଷ ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରମେଶ ଭଇନା, ଦୁଷିତ ସେଠୀ, ଧର୍ମେନ୍ଦ୍ର ସୁରୁଜାଲ, ବିହାରୀ ଭଇନା, ହୃଷି ଜଗଦଲା, ଶ୍ରୀତମ ଭଇନା, ଜ୍ୟୋତି କଲତା ପ୍ରମୁଖ ସ୍ଥାନୀୟ ବାସିନ୍ଦା ସହଯୋଗ କରିଥିଲେ ।



ଇନ୍ଦ୍ର ଡୁଙ୍ଗୁରୀରେ ବୃକ୍ଷରୋପଣ କରାଯାଉଛି ।

## କଣ୍ଟାମାଳ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଜାଲିଆତି

### ଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର

କଣ୍ଟାମାଳ, ୮।୯(ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜାଲିଆତି ହୋଇଛି । ଅନ୍ୟ ବ୍ୟକ୍ତିଙ୍କ ପ୍ଲଟରେ ଘର ନିର୍ମାଣ କରି ହିତାଧିକାରୀ ବିଲ୍ ପାଇଥିବା ନେଇ ଜିଲାପାଳଙ୍କ ପାଖରେ ଅଭିଯୋଗ ହୋଇଥିଲା। ଜିଲାପାଳ ଏ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିବାବେଳେ ରାଜସ୍ୱ ବିଭାଗ ଚୁପ୍ ବସିଛି । ଗତ ମେ ମାସରେ ଏ ନେଇ ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ତଥାପି ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।

ସୂଚନା ଅନୁସାରେ, ବିଳାସପୁର ପଞ୍ଚାୟତ ବଡରାହାଜୋର ଗାଁର ମହରଗୁ ନାଏକଙ୍କ ସ୍ତ୍ରୀ ବୁଇ ନାଏକ ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ । ଏଥିପାଇଁ ହିତାଧିକାରୀ ଜଣକ ବଡରାହାଜୋର ଗାଁର ଖାତା ନଂ.୧୧୮/୭୮ ଓ ପ୍ଲଟ ନଂ. ୪୪୯ର ଘରବାରି କାଗଜାତ ଦାଖଲ କରିଥିଲେ । ତେବେ ଏହି ଖାତା ଓ ପ୍ଲଟ ନମ୍ବରର ୧୨ ଡେସିମିଲ ପରିମିତ ଘରବାରି ଶର ନାଏକ ଓଗେର ମହରଗୁ ନାଏକଙ୍କ ନାମରେ ରହିଛି । ଏହି ଘରବାରିର ଅସଲ ପଟ୍ଟାଦାର ହେଉଛନ୍ତି ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକେଶ୍ୱର ପାଣିଗ୍ରାହୀ। ଅସଲ ପଟ୍ଟାଦାର ପାଣିଗ୍ରାହୀ ତାଙ୍କ ପ୍ଲଟରେ ବେଆଇନ ଗୃହ ନିର୍ମାଣ ନେଇ ଅବଗତ ହେବା ପରେ ସେ ଗତ ତା୧୭।୬।୨୦୧୮ରିଖରେ ତତକାଳୀନ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ । ଏ ନେଇ ଜିଲାପାଳ କଣ୍ଟାମାଳ ତହସିଲଦାରଙ୍କୁ ୨ସପ୍ତାହ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ତା ୪।୮।୨୦୧୮ରିଖରେ ମନମୁଣ୍ଡା ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ଭାର ଦେଇଥିଲେ । ରାଜସ୍ୱ ନିରୀକ୍ଷକ ୫ ମାସ ୩ ସପ୍ତାହ ପରେ ତା୨୧।୧।୨୦୧୯ରିଖରେ ତାଙ୍କ ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ରିପୋର୍ଟ ପ୍ରଦାନ ପାଇଁ ଜିଲାପାଳଙ୍କ ୨ ସପ୍ତାହର ସମୟସୀମା ନିର୍ଦ୍ଦେଶକୁ ରାଜସ୍ୱ ବିଭାଗ ଅବମାନନା କରିବା ଯୋଗୁ ହିତାଧିକାରୀ ଜଣକ ଘର ନିର୍ମାଣ କରି ବିଲ୍ ନେଇଥିଲେ ଏବଂ ବର୍ତ୍ତମାନ ସେ ସେହ ଗୃହରେ ରହୁଛନ୍ତି। ଏ ନେଇ ଅସହାୟ ଅବସରପ୍ରାପ୍ତ ଶିକ୍ଷକ ଜଣକ ମନମୁଣ୍ଡା ଥାନାରେ ଗତ ତା୧୨।୫।୨୦୧୯ରିଖରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ନେଇ ପୋଲିସ ନିରବ ରହିଛି । ଅପରପକ୍ଷରେ ତହସିଲଦାର ବନ୍ଦନା ଖଟୁଆଙ୍କୁ ଏ ନେଇ ଯୋଗାଯୋଗ କରିବାରୁ ଏହା ବ୍ଲକର କାମ। ଏହି ଅଭିଯୋଗ ସହ ଆମ ବିଭାଗର କୌଣସି ସମ୍ପର୍କ ନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ କଣ୍ଟାମାଳ ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କୁ ପଚାରିବାରୁ ସେ କହଲେ, ଏହି ଘଟଣାର ତଦନ୍ତ ଦାୟିତ୍ୱ ଜଣେ ଏଏସ୍ଆଇଙ୍କୁ ଦିଆଯାଇଛି । ଉଭୟପକ୍ଷଙ୍କୁ ଡାକି କାଗଜପତ୍ର ଯାଞ୍ଚ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ବ୍ଲକସ୍ତରୀୟ ଫୁଟବଲ ଚୟନ ଶିବିର

ଭେଡ଼େନ,୮।୯(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ତେନ୍ତୁଲିଟିକ୍ରା ଆଞ୍ଚଳିକ ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ ହାଇସ୍କୁଲ ଫୁଟବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରକୁ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ କାଣ୍ଡ ଉଦଘାଟନ କରିଥିଲେ। ଶିବରରେ ବ୍ଲକର ବିଭିନ୍ନ ହାଇସ୍କୁଲରୁ ୬୦ଜଣ ବାଳକ ଏବଂ ୩୦ ଜଣ ବାଳିକା ଅଂଶଗ୍ରହଣ କରିଥିଲେ। ଏଥିରୁ ଯୋଗ୍ୟତା ହାସଲ କରିଥିବା ଖେଳାଳିମାନେ ଆସନ୍ତା ୧୨ରୁ୧୪ ତାରିଖ ପର୍ଯ୍ୟନ୍ତ ଜାରିଂ ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଗୁରୁଦେବ ତ୍ରିପାଠୀଙ୍କ ପରିଚାଳନାରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଚୟନ ଶିବିରକୁ କ୍ରୀଡ଼ା ଶିକ୍ଷକ ରାଜେନ୍ଦ୍ର ସାହୁ, ପର୍ଶୁରାମ ପାତ୍ର,ରାଜକୁମାର ନାୟକ, ଜଗନ୍ନାଥ ଦାଶଙ୍କ ସମେତ ବ୍ଲକର ଅନ୍ୟ ଶିକ୍ଷକମାନେ ପରିଚାଳନା କରିଥିଲେ ।

## ଦନ୍ତାନଦୀ ପୋଲ ଉପରେ ବନ୍ୟାଜଳ, ଯାତାୟାତ ବ୍ୟାହତ

ଭେଡ଼େନ,୮।୯(ଡ଼ି.ଏନ.ଏ)

ଶନିବାର ଦିନ ଏବଂ ରାତିସାରା ହୋଇଥିବା ଲଗାଣ ବର୍ଷା ଫଳରେ ଭେଡ଼େନ ବ୍ଲକର ବିଭିନ୍ନ ନଦୀନାଳରେ ବନ୍ୟାଜଳ ଆସି ଯାତାୟତ ବ୍ୟାହତ ହୋଇଛି। ଦୁଇମୁହାଣି ସ୍ଥିତ ଦନ୍ତାନଦୀ ପୋଲ ଉପରେ ୫ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଥିବା ଯୋଗୁ ରବିବାର ସକାଳୁ ଏହି ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ବରଗଡ଼ରୁ ଭେଡ଼େନ ମହୁଲପାଲି ହୋଇ ଏହି ରାସ୍ତା ସୋନପୁରକୁ ସଂଯୋଗ କରୁଛି। ପ୍ରତ୍ୟହ ଏହି ରାସ୍ତାରେ ଶତାଧିକ ଗାଡ଼ିମୋଟର ଯାତାୟତ କରୁଛି। ପ୍ରତି ବନ୍ୟାରେ ଏହି ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇ ଯାତାୟାତ ବନ୍ଦ ରହୁଛି। ଚଳିତ ବର୍ଷ ପଞ୍ଚମ ଥର ପାଇଁ ଏପରି ଅବସ୍ଥା ହୋଇଛି। ଏହି ପୋଲକୁ ଉଚ୍ଚ କରିବାକୁ ସାଧାରଣରେ ଦାବି ହେଉଛି ।

## ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

ପର୍ଲା,୮।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟ ଆଞ୍ଚଳିକ ସାମ୍ବାଦିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍ ଶନିବାର ବେହେରା ଗ୍ରାମର ଗରୁବଜାର ଗ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ସୁବାସ ଚନ୍ଦ୍ର ବାଗଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ ହୋଇଥିଲା। ଗାଁଗିଡ଼ିକର ସମସ୍ୟା ଉପରେ ଗୁରୁତ୍ୱ ଦେବା ପାଇଁ ଆଲୋଚନା କରାଯାଇଥିଲା। ସଂଘ ସଭ୍ୟ ଉପେନ୍ଦ୍ର କୁମାର ନାଏକ ଖବରଦାତାମାନଙ୍କୁ ସୁରକ୍ଷା ପ୍ରତି ସରକାର ଧ୍ୟାନ ଦେବାକୁ ଏକ ଦାବିପତ୍ର ସରକାରଙ୍କୁ ଦେବା ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ। ଶେଷରେ ଗଣପର୍ବ ନୂଆଁଖାଇ ଭେଟ୍‌ଘାଟ୍‌ର ଜୁହାର ଆଦାନ ପ୍ରଦାନ ହୋଇଥିଲା । କାର୍ଯ୍ୟକ୍ରମ ସୋଭିତ ଗାନ୍ଧି ପରିଚାଳନା କରିଥିବା ବେଳେ ଦଣ୍ଡପାଟ ଅଞ୍ଚଳର ଖବରଦାତା ତ୍ରିଲୋକ ସିଂ, ଦେବେନ୍ଦ୍ର ସାଗର, ସୁବାସ ନାଏକ, ଦମ୍ବରୁଧର ସୁନାନୀ, କାର୍ତ୍ତିକ ଛତ୍ରିଆ, ଦିଲୀପ ଦୁରିଆ, ଲୋଚନ ପୋଡ, ରୁପେନ୍ଦ୍ର ସୁନାନୀ, କୈଳାସ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ଶୁଣ୍ଠି ସମାଜର ନୂଆଖାଇ ଭେଟ୍



ଶୁଣ୍ଠୀ ସମାଜର ନୂଆଖାଇ ଭେଟ୍‌ରେ ଉପସ୍ଥିତ ସଦସ୍ୟବୃନ୍ଦ ।

ବରଗଡ଼ ଅଫିସ୍,୮।୯

ବରଗଡ଼ ଆନନ୍ଦ ମଣ୍ଡପରେ ରବିବାର ଶୁଣ୍ଠି ସମାଜର ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍ଧବ ଚରଣ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଇଷ୍ଟଦେବୀ ସୁବର୍ଣ୍ଣଗ୍ରାହୀଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା । ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରା, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ଡଃ ପାଣ୍ଡବ ବେହେରା ପ୍ରମୁଖ ସମାଜର ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ସୁଧିର ସାହୁ ଏବଂ ଦିଲୀପ ବେହେରାଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶରତ ବେହେରା, ବିଳାସ ସାହୁ, ଅଶୋକ ପରିଡ଼ା, ନିରଞ୍ଜନ ବେହେରା, ଗଣେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଫଟୋରେ ଖବର






ରବିବାର ବରଗଡ଼ ଶକ୍ତିନଗରସ୍ଥିତ ନେହେରୁ ଆସୋସିଏଶନର ଗଣେଶ ବିସର୍ଜନ ଶୋଭାଯାତ୍ରା (ବାମ)। ସରସରା ଗଣେଶ ବିସର୍ଜନ ଶୋଭାଯାତ୍ରାରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ।

■ ହରଭଙ୍ଗା ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

## ଜଣେ ଶିକ୍ଷକରେ ଚାଲିଛି ଅନେକ ବିଦ୍ୟାଳୟ

ବୌଦ୍ଧ,୮।୯(ସ୍ୱ.ପ୍ର)

ବୌଦ୍ଧ ଜିଲାର ଆଦିବାସୀ ଅଧ୍ୟୁଷିତ ହରଭଙ୍ଗା ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଗୋଟିଏ ପଟେ ସରକାର ଗୁଣାତ୍ମକ ଶିକ୍ଷାକୁ ନେଇ ଡିଣ୍ଡିମ ପିଟୁଥିବା ବେଳେ ଅନ୍ୟପଟେ ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକରେ ଅନେକ ବିଦ୍ୟାଳୟରେ ଜଣେ ଶିକ୍ଷକରେ ଶିକ୍ଷାଦାନ ଚାଲିଛି।

ସୂଚନା ମୁତାବକ, ହରଭଙ୍ଗା ବ୍ଲକ ଧଳପୁର ପଞ୍ଚାୟତର ତେନ୍ତୁଳିପଦର ଓ ବେଲପଦର ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକରେ ଶିକ୍ଷାଦାନ କରାଯାଉଛି। ଶିକ୍ଷକ ଜଣକ ମଧ୍ୟାହ୍ନ ଭୋଜନ, ଅଫିସ କାମ ତୁଲାଇବା ସହିତ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରୁଛନ୍ତି । ଏହି ବିଦ୍ୟାଳୟ ଗୁଡିକର ଶିକ୍ଷକ କୌଣସି ଅଫିସ କାମରେ ଜିଲା ମୁଖ୍ୟାଳୟକୁ ଗଲେ କିମ୍ବା ଅସୁସ୍ଥତା ଯୋଗୁ ବିଦ୍ୟାଳୟକୁ ଆସି ନ ପାରିଲେ ସେହିଦିନ ବିଦ୍ୟାଳୟରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ବନ୍ଦ ରହୁଛି। ଏପଟେ ରାଜନୈତିକ ପ୍ରଭାବ ପକାଇ ଜିଲା ଶିକ୍ଷା ବିଭାଗରେ ଅନେକ ଶିକ୍ଷକଙ୍କୁ ଡେପୁଟେଶନ ନାମରେ ସୁହାଇଲା ଭଳି ବିଦ୍ୟାଳୟକୁ ପଠାଯାଇଥିବା ବେଳେ ବହୁ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି । ସରକାରଙ୍କ ନିୟମ ମୁତାବକ ପ୍ରତି ୪୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଲେଖାଏଁ ଶିକ୍ଷକ ଏବଂ ତା ଠାରୁ କମ୍ ସଂଖ୍ୟା ଥିବା ବିଦ୍ୟାଳୟରେ ଅତି କମରେ ଦୁଇଜଣ ଶିକ୍ଷକ ରହିବା ପାଇଁ ନିର୍ଦ୍ଦେଶନାମା ରହିଛି । ଏହା ସତ୍ତ୍ୱେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏହାର ଖୋଲାଖୋଲି ଉଲଂଘନ କରାଯାଉଛି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ସନାତନ ଗାହାଣଙ୍କୁ ପଚାରିବାରୁ ସେ କହିଲେ, କେବଳ ଦୁଇଟି ବିଦ୍ୟାଳୟରେ ନୁହେଁ, ବ୍ଲକର ୫ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ଶିକ୍ଷାଦାନ କରୁଥିବା ତାଙ୍କ ପାଖରେ ସୂଚନା ରହିଛି। ବେଲପଦର, ତେନ୍ତୁଳିପଦର, ରଇଠାଣୀ, ଶ୍ରୀରାମପୁର ଓ ସୋରିଷପଖାଳ ସ୍କୁଲ ଜଣେ ଲେଖାଏଁ ଶିକ୍ଷକରେ ଶିକ୍ଷାଦାନ ଚାଲିଥିବା ବ୍ଲକ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି । ତେବେ ଖୁବ୍ ଶୀଘ୍ର ଉକ୍ତ ସ୍କୁଲ ଗୁଡିକରେ ଖାଲିଥିବା ପଦବୀ ଗୁଡିକ ପୂରଣ କରାଯିବ ବୋଲି ଗାହାଣ ସୂଚନା ଦେଇଥିଲେ ।



ବିପଦରେ ପଡି ଘାଣ୍ଟି ହେଲେ ଓ କ୍ଷତି ସହିଲେ ଲୋକ ବିଜ୍ଞ ଆଉ ନମ୍ର ହୁଏ।
- ଫ୍ରାଙ୍କଲିନ୍

## ସଂକ୍ଷେପରେ

### ଖୁଦୁରୁକୁଣୀ ଓଷା ପାଳିତ

ଜାମଟିକ୍ରା, ୮।୯ (ଡି.ଏନ.ଏ) ଅତାବିରା ବ୍ଲକ ଅନ୍ତର୍ଗତ ଜାମଟିକ୍ରା ଗ୍ରାମରେ ରବିବାର ଖୁଦୁରୁକୁଣୀ ଓଷା ମହାସମାରୋହରେ କୁମାରୀ ଝିଅମାନେ ପାଳନ କରିଛନ୍ତି। ଭାଦ୍ରବ ମାସର ଚାରୋଟି ରବିବାର କୁମାରୀ ଝିଅମାନେ ଉପବାସ ରହି ରୀତିନୀତି ଅନୁସାରେ ଭାଇର ଶୁଭକାମନା ପାଇଁ ମାଁ ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ରବିବାର ଶେଷ ପାଳି ଥିଲା । ତେଣୁ ସନ୍ଧ୍ୟାରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେହିପରି ବାଙ୍ଗିପାଲି ଗ୍ରାମରେ ମଧ ଖୁଦୁରୁକୁଣୀ ଓଷା ପାଳିତ ହୋଇଛି।

### ଗଣେଶ ମହୋତ୍ସବ ଉଦ୍‌ଯାପିତ

ଭେଡ଼େନ,୮।୯(ଡ଼ି.ଏନ.ଏ) ଭେଡ଼େନ ତଳିପଡ଼ା ସ୍ଥିତ ବୃକୋଦର ୟଙ୍ଗ ଆସୋସିଏଶନ ତରଫରୁ ସପ୍ତାହେ ଧରି ଚାଲିଥିବା ଗଣେଶ ମହୋତ୍ସବ ରବିବାର ଅପରାହ୍ଣରେ ଭସାଣି ଶୋଭାଯାତ୍ରା ସହ ଉଦ୍‌ଯାପିତ ହୋଇଛି। ଏହି ଭସାଣିରେ ତାଲଗାଁର ସମ୍ପ୍ରଦା ଦଳ, ରେମତାର ବ୍ୟାଣ୍ଡ ପାର୍ଟି ଦୁଲଦୁଲି ବାଜା, ମହିଳା ନୃତ୍ୟଦଳ ସାମିଲ ହୋଇଥିଲେ। ବିଭିନ୍ନ ବର୍ଷ ଭିନ୍ନ ଭିନ୍ନ ଜିନିଷରେ ଗଣେଶ ମୂର୍ତ୍ତି ପ୍ରସ୍ତୁତ କରି ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିବା ଏହି ପୂଜା ମଣ୍ଡପ ଚଳିତ ବର୍ଷ ବହୁ ସଂଖ୍ୟକ ନଟରାଜ ପେନସିଲରେ ଗଣେଷ ପ୍ରତିମୂର୍ତ୍ତି ତିଆରି କରିଥିଲା। ଏହି ଉତ୍ସବ ଦେଖିବାକୁ ପ୍ରତି ସନ୍ଧ୍ୟାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।



### ବିପଦପୂର୍ଣ୍ଣ ଏଟିଏମ ସୂଚନା ଫଳକ

ଅତାବିରା, ୮।୯ (ଡି.ଏନ.ଏ) ଅତାବିରା ବ୍ଲକ ଅନ୍ତର୍ଗତ ଗୋଡଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥ ଲରମ୍ବା କଲେଜ ଛକ ନିକଟରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ ସୂଚନା ଫଳକ ବିପଦ ସଙ୍କୁଳ ଅବସ୍ଥାରେ ଝୁଲି ରହିଛି । ଟଙ୍କା ଉଠାଣ କରିବାକୁ ଆସୁଥିବା ଗ୍ରାହକଙ୍କ ଉପରେ ସୂଚନା ଫଳକ ପଡିବା ଆଶଙ୍କା ରହିଛି । ତୁରନ୍ତ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଖଗେଶ୍ୱର ମେହେର, ରାଧାମାଧବ ପ୍ରଧାନ, ଗଜରାଜ କୁମ୍ଭାର ପ୍ରମୁଖ ଦାବି କରିଛନ୍ତି ।

### ବୁର୍ଦ୍ଧାରେ ନୂଆଖାଇ ଭେଟଘାଟ

ଭେଡ଼େନ,୮।୯(ଡ଼ି.ଏନ.ଏ) ଭେଡ଼େନ ବ୍ଲକ ଅନ୍ତର୍ଗତ ବୁର୍ଦ୍ଧା ଗ୍ରାମର ଆମ୍ବେଦକର କ୍ଲବରେ ପଞ୍ଚମ ନୂଆଖାଇ ଭେଟଘାଟ ଶନିବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋସାଗର ମୁଖ୍ୟଅତିଥି, କାର୍ତ୍ତିକ ମହାପାତ୍ର ମୁଖ୍ୟବକ୍ତା, ତେଜରାଜ ମିଲିକ, ସୁରେନ୍ଦ୍ର ସୁନା, ଜଗଦୀଶ ଛୁରିଆ, ତୁଲେଶ୍ୱର ମଲିକ ପ୍ରମୁଖ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛୋଟବଡ଼ କଳାକାର ମାନଙ୍କୁ ନେଇ ନୃତ୍ୟଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ନୃତ୍ୟରେ ପ୍ରିଷ୍ଟି ଖଣ୍ଡାୟତ, ବର୍ଷା ଜାମୁଡ଼ାଲିଆ ଏବଂ ଗୀତରେ ରୋହିତ ମଲିକ ପୁରସ୍କୃତ ହୋଇଥିଲେ।

# ନିଦ ହଜାଇଛି ସମ୍ଭାବ୍ୟ ବନ୍ୟା

ବରଗଡ଼ ଅଫିସ୍/ଅମ୍ବାଭୋନା,୮।୯

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଚିଖିଲି, ବେନିଆପାଲି, ଅନ୍ତରାଡ଼ି, ଘୁଘୁରାପାଲି ଆଦି ଗ୍ରାମରେ ବନ୍ୟା ପରିସ୍ଥିତି ଦେଖାଯାଇଛି। ରବିବାର ରାତ୍ରି ୮ଟା ସୁଦ୍ଧା ଗ୍ରାମ ଭିତରକୁ ବନ୍ୟାଜଳ ପଶି ନାହିଁ। ହେଲେ ବନ୍ୟାଜଳ ଉପରୋକ୍ତ ଗ୍ରାମ ଗୁଡ଼ିକୁ ଘେରି ରହିଛି । ଧାନ, ଅଦା, ବାଇଗଣ ଆଦି ଫସଲ ପାଣିରେ ବୁଡ଼ି ରହିଛି। ସେହିପରି ଗୋରୁମାନଙ୍କ ପାଇଁ ରହିଥିବା ପାଳ ଗଦା ଗୁଡ଼ିକ ମଧ୍ୟ ନଷ୍ଟ ହୋଇଯାଇଛି। ଏଭଳି ସ୍ଥିତି ଅଞ୍ଚଳବାସୀଙ୍କୁ ବିଗତ ଦିନର ବନ୍ୟା କଥା ମନେ ପକାଇ ଦେଇଛି। ସେଦିନର କ୍ଷୟକ୍ଷତି ଏବେ ମଧ୍ୟ ଲୋକଙ୍କ ମନରୁ ଲିଭିନାହିଁ। ଫଳରେ ସମ୍ଭାବ୍ୟ ବନ୍ୟା ଆଶଙ୍କା ଗ୍ରାମବାସୀଙ୍କ ନିଦ ହଜାଇ ଦେଇଛି । ଏଭଳି ପରିସ୍ଥିତିରେ ଚିଖିଲି ଗ୍ରାମର କିଛ ଲୋକଙ୍କୁ ଆମେ ଭେଟିଥିଲୁ । ସେମାନେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା ।



ଚିଖିଲି ଗ୍ରାମ ନିକଟକୁ ମାଡ଼ି ଆସିଥିବା ବନ୍ୟାଜଳ ।

## ଏମାନେ କହନ୍ତି...



“ ୨୦୧୧ରେ ଯେଭଳି ବନ୍ୟା ହୋଇଥିଲା । ଏଥର ଏପର୍ଯ୍ୟନ୍ତ ସେଭଳି ପରିସ୍ଥିତି ଉପୁଜି ନାହିଁ । ଚାଷଜମି ଗୁଡ଼ିକ ବୁଡ଼ି ଯାଇଛି । ଆଗକୁ ପାଣି ବଢ଼ିଲେ ଗାଁ ମଧ୍ୟ ବୁଡ଼ିବ । ଜୀବନରେ ଅନେକଥର ଏଠାରେ ଭୟଙ୍କର ବନ୍ୟା ହୋଇଥିବା ଦେଖି ସାରିଛି। ତାକୁ କେବେ ଭୁଲି ହେବ ନାହିଁ । -ନୃପମଣି ଉର୍ମା



“ ଆମ ପରିବାରରେ ୭ ଜଣ ଅଛୁ । ଜମି ବୋଇଲେ ଦେଢ଼ ଏକର । ସେଥିରେ ଧାନ, ପରିବା ଚାଷ କରିଥିଲୁ । ସବୁ ପାଣିରେ ବୁଡ଼ି ନଷ୍ଟ ହୋଇ ଗଲାଣି । ମାଛ ମାରି ପରିବାର ଗୁଜୁରାଣ ମେଣ୍ଟାଇଥାଉ । କିନ୍ତୁ ବନ୍ୟାଜଳରେ ଜାଲ କୁଆଡ଼େ ଭାସିଗଲା ଯେ ଖୋଜାଖୋଜି ସତ୍ତ୍ୱେ ତାହା ମିଳୁନାହିଁ ।-ରାଧେଶ୍ୟାମ ବଏଗା



“ ମୋର ଜମିବାଡ଼ି କିଛି ନାହିଁ । ମାଛ ମାରିବା ହିଁ ଜୀବିକା। ସେଥିରୁ ଯାହା ରୋଜଗାର ହୁଏ, ପରିବାର ଚଳେ । ବନ୍ୟାଜଳ ମାଡ଼ି ଆସିବାରୁ ମାଛମରା ଜାଲଟି କୁଆଡ଼େ ଭାସିଗଲା । କେବଳ ଡଙ୍ଗାଟି ରହିଛି । ଆଗରୁ ହୋଇଥିବା ବନ୍ୟା ଯୋଗୁ ବହୁତ କ୍ଷତି ସହିବାକୁ ପଡ଼ିଛି । ଏଥର ସେଭଳି ସ୍ଥିତି ନ ଉପୁଜୁ ।-ଜୟରାମ ବଏଗା



“ ଅନେକଥର ବନ୍ୟାର ସମ୍ମୁଖୀନ ହୋଇଛୁ । ଗ୍ରାମକୁ ପାଣି ମାଡ଼ି ଆସିବାରୁ କେତେବେଳେ ଘର ହରାଇଛୁ ତ ଆଉ କେବେ ଫସଲ ଉଜୁଡ଼ି ଯାଉଛି । ଏଥିପାଇଁ ବହୁତ ଦୁଃଖରେ ଜୀବନ ଅତିବାହିତ କରିବାକୁ ପଡୁଛି । ଥରେ ବନ୍ୟାର ସମ୍ମୁଖୀନ ହେଲେ ଦୀର୍ଘଦିନ ଧରି ନିଜ ଆର୍ଥିକ ସ୍ଥିତ ଦୋହଲି ଯାଉଛି।
-ବ୍ୟାସଦେବ ପାଣ୍ଡେ

■ ପଲିଥିନ୍ ତଳେ ପରିବାର

# ପାଏଖାନା ଘରେ ଧାନ୍‌ଚାଉଲ, ଜିନିଷ୍‌ପାତି

## ଦାଉ ସାଧିଲା ବାଦଲଫଟା ବରଷା...

- ପରିବାରଟା ନିହାତି ଗରିବ୍, ଜମିବାଡ଼ି କିଛି ନାଇଁ
- ପଲିଥିନ୍ ଖଁଡ଼େରେ ସୀମିତ ଘରପୁଡ଼ି ସାହାଯ୍
- ବିପଦ୍ ମୁଢ଼େଇ ଦଦ୍‌ରା କୁରିଆରେ ରହୁଛନ୍ ପରିବାର
- ପରିସ୍ଥିତିରେ ପଡ଼ି ଭିଖ୍ ମାଗୁଛନ୍ ଅଁଧେନ୍ ଯମୁନା

ଗଣ୍ଡତୁରୁମ, ୮।୯ (ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଂଚଲରେ ଗଲା ମଙ୍ଗଲବାରନୁ ଲଘୁଚାପ ପରଭାବରେ ବରଷା ଲାଗିରହିଛେ। ବାଦଲଫଟା ବରଷାରେ ବ୍ଲକ ଅଧୀନ ଅନେକ୍ ଗାଁଗଁଡ଼ାରେ ଲୁକ୍‌କର ବଡ଼ଭାରି କ୍ଷୟକ୍ଷତି ହେଇଥିବାର ଜନାଯାଇଛେ।

ସୂଚନା ଅନ୍‌ସାରେ ଭେଡ଼େନ ବ୍ଲକ ଗଣ୍ଡତୁରୁମ ଗାଁର ଏକରା ରାଉତିଆ। ପରିବାର କହେଲେ ମାଏକିନା ଯମୁନା, ପୁଓ କୁମର ଆର ବହ ପାର୍ବତୀକେ ନେଇ ତାକର ସଁସାର। ଗଲା ଜୁନ୍ ମାସେ ତାକର ମାଏଟ୍ କୁରିଆରେ ଚୁଲିରୁ ନିଆଁ ଲାଗି ଘରଟା ଛାରଖାର ହେଇଯାଇଥିଲା। ଇଥିରେ ତାକର ଧାନଚାଉଲ, ଜିନିଷପାତି, କପଡ଼ାଲତା ସବୁ ପୁଡ଼ି ଖାର ହେଇଯାଇଥିଲା। ଏନ୍‌ତାଥି ଗାଁର ଅନେକ ସହୃଦ୍ ଲୋକ୍ ତାହାକୁ କପଡ଼ାଲତା ଦେବାର ସଂଗେ ପରଶାସନକେ ସରକାରୀ ସାହାଯ୍ ଯୁଗେଇ ଦେବାକେ ଗୁହାରି କରିଥିଲେ। ହେଲେ ତହସିଲ କତୁରପକ୍ଷ ଇ ଅସାହା ପରିବାରକେ ପଲିଥିନ୍ ଖଁଡ଼େ ଦେଇ ନିଜର ଦାଇତିଅ ସାରିଦେଇଥିଲା। ଏନ୍‌ତାଥି କୁଟୁମବସିଆ କୁଲିମଜୁରି କରି ଝାଟିମାଟିରେ ଗୁଟେ କୁରିଆ କରି ମୁଡ଼ ଗୁଁଜିଛନ୍। ହେଲେ ତାକର ମାଏଟ୍ କୁରିଆର ଅବସ୍‌ତା ଏନ୍‌ତା ଯେ, ଲୁକ୍‌କର ଗାଇଗୁହାଲ ଭଲ ଆଏ। ଅଲପ ବରଷାରେ ବି ଘରଟା ପାଏନ୍‌ରେ ଦରହ ପାଲଟିଯାଉଛେ। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଜମିବାଡ଼ି ବଲି କିଛି ନାଇଁ। କଏରା, କୁମର ଆର ପାର୍ବତୀ କୁଲିମଜୁରି କରୁଥିଲାବେଲେ ଯମୁନା ଝନେ ଅଁଧେନ୍ ଆଏ। ହେଲେ ଘରର ପରିସ୍ଥିତି ଆର ପେଟ୍ ପାଲବାର ଲାଗି ସେ ବି ବାଟ୍ ଅଁଡାଲି ଅଁଡାଲି ଫିଦିନ୍ ଭିଖ୍ ମାଗୁଛନ୍। ଏନ୍‌ତାଥି ଇ ଅସାହା ଗରିବ୍ ପରିବାରକେ ଦାଉ ସାଧିଛେ ଲଘୁଚାପ୍ ବରଷା। ବରଷା ପାଏନ୍‌ରୁ ଧାନଚାଉଲ, ଜିନିଷ୍‌ପାତି ବଁଚାବାକେ ପରିବାର ଲୋକ୍ ସ୍ୱଚ୍ଛ ଭାରତ ମିଶନରେ ପାଇଥିବାର ପାଏଖାନା ଘରେ ସବୁ ରଖିଛନ୍। ଇଆଡ଼େ ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ଭୂମିହୀନ ପରିବାରମାନକୁ ପକାଘର ଯୁଗେଇ ଦେଉଛନ୍। ହେଲେ ଇ ଦୁଖି ପରିବାର ଲାଗି ସତେ ଯେନ୍‌ତା ସରକାରୀ ଆବାସ ଯୋଜନା ସାତ୍‌ସପନ ପାଲଟିଛେ। ଜିଲା ଆର ବ୍ଲକ ପରଶାସନ ଇ ନିହାତି ଗରିବ୍ ପରିବାର ଉପରେ ଦୁରୁଷ୍ଟି ଦେଇ ଯେତେ ଜଲଦି ହେବା ସରକାରୀ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ନିଜର ଦଦ୍‌ରା କୁରିଆ ଆଘେ ମାଏକିନା ଯମୁନାର ସଂଗେ କଏରା।

# ଆଣ୍ଠୁଏ କାଦୁଅରେ ସ୍କୁଲ ଯାଉଛନ୍ତି ଛାତ୍ରୀଛାତ୍ର

ବୌଦ୍ଧ,୮।୯(ସ୍ୱ.ପ୍ର)

ବୌଦ୍ଧ ସହର ଉପକଣ୍ଠ ଟୁଟୁସିଙ୍ଗା ହାଇସ୍କୁଲକୁ ପଡିଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ମୁରୁଷୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଏହି ବିଦ୍ୟାଳୟକୁ ପ୍ରତିଦିନ ଛାତ୍ରୀଛାତ୍ର ଆଣ୍ଠୁଏ କାଦୁଅରେ ଯାଆସ କରୁଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ଜାତୀୟ ରାଜପଥଠାରୁ ମାତ୍ର ଶହେ ମିଟର ଭିତରେ ରହିଥିବା ଏହି ସ୍କୁଲକୁ ମାଟି ରାସ୍ତା ରହିଛି । ଏହି ରାସ୍ତା ଦେଇ କେନ୍ଦୁପତ୍ର ଡିଏଫଓ କାର୍ଯ୍ୟାଳୟ ଓ କେନ୍ଦ୍ରୀୟ ପଣ୍ୟାଗାର ଗୋଦାମ ଗୃହକୁ ମଧ୍ୟ କର୍ମଚାରୀମାନେ ଯାଆସ କରୁଛନ୍ତି। ପ୍ରତିଦିନ ବହୁ ସଂଖ୍ୟାରେ ଭାରିଯାନ ପଣ୍ୟାଗାରରୁ ଏହି ମାଟି ରାସ୍ତା ଉପର ଦେଇ ମାଲ୍ ନେବା ଆଣିବା କରୁଛନ୍ତି । ଫଳରେ ରାସ୍ତାଟି ଅଧିକ କ୍ଷତିଗ୍ରସ୍ତ ହେବା ସହିତ ଛାତ୍ରୀଛାତ୍ରୀ ଓ କେନ୍ଦୁପତ୍ର ବିଭାଗର କର୍ମଚାରୀମାନେ ଯିବାଆସିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖରାପ ଯୋଗୁ ବର୍ଷା ଦିନରେ ଏହି ସ୍କୁଲରେ ଛାତଛାତ୍ରୀଙ୍କ ଉପସ୍ଥାନ ବହୁତ କମ୍ ରହୁଛି । ପୂର୍ବରୁ ପଣ୍ୟାଗାରକୁ ଅନ୍ୟ ରାସ୍ତା ଦେଇ ଭାରିଯାନ ଯିବା ଆସିବା କରୁଥିଲା। କିନ୍ତୁ ସ୍ୱାସ୍ଥ୍ୟ ବିଭାଗର କ୍ୱାର୍ଟର୍ସ ନିର୍ମାଣ ପରେ ସେହି ରାସ୍ତାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବନ୍ଦ କରିଦିଆଯାଇଥିଲା । ଫଳରେ ସ୍କୁଲକୁ ଯାଇଥିବା ରାସ୍ତା ଦେଇ ଭାରିଯାନ ଗୁଡିକ ଯିବା ଆସିବା କରୁଛନ୍ତି। ଏହି ରାସ୍ତା ତୁରନ୍ତ ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ସମସ୍ୟା ଆହୁରି ଗୁରତର ହେବା ସମ୍ଭାବନା ରହିଛି। ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।



ବିପର୍ଯ୍ୟସ୍ତ ମାଟି ରାସ୍ତା ।

### ବନ୍ୟାରେ ଚାଷଜମି ବାଲିଚର

ଅତାବିରା, ୮।୯ (ଡି.ଏନ.ଏ)

ଲଗାଣ ବର୍ଷା ଯୋଗୁ ବରଗଡ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଗ୍ରାମାଞ୍ଚଳରେ ବହୁ ପରିବାରଙ୍କ ଘରଦ୍ୱାର ଭାଙ୍ଗି ଯାଇଛି । ଭେଡେନ ବ୍ଲକ ଉଦେପୁର ଗ୍ରାମର ନିରନ ପ୍ରଧାନ, ଉତ୍ସବ ଭୋଇ, ଚନ୍ଦ୍ର ବଢ଼େଇ, ଚୌବନ ଦନ୍ତା, ଦେଶଭଟିଲି ରବିନ୍ଦ୍ର ମିଶ୍ର, ସୁକାନ୍ତ ଭୋଇଙ୍କ ଘର ଭାଙ୍ଗି ଯାଇଛି। ଝାଉଁଯୋର, ନଳିଆ ବନ୍ୟାପାଣିରେ ବିଜୟ ଭୋଇ, ଶ୍ରଦ୍ଧାକର ନାୟକ, ବୃନ୍ଦାବନ ପଣ୍ଡା, ମନୋଜ ମିଶ୍ର ଆଦି ଚାଷୀଙ୍କ ଖରିଫ ଧାନ ଫସଲରେ ପାଣି ଜମି ଧାନ ଗଛ ଗୁଡିକ ନଷ୍ଟ ହୋଇଯିବା ସହିତ ଜମିରେ ବାଲିଚର ହୋଇଯାଇଛି । ଅତାବିରା ଲରମ୍ବା, ପୋଡବାଡି, ସଂକ୍ରୀଡା ଆଦି ଝାଉଁଯୋର ପାର୍ଶ୍ୱ ଜମି ଗୁଡିକରେ ବନ୍ୟାପାଣି ପଶିଯିବା ସହିତ ବାଲିଚର ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ସର୍ଭେ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ଯୋଗାଇ ଦେବା ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରିଛନ୍ତି ।

# ସ୍କୁଲ ସମ୍ମୁଖରେ ଜମୁଛି ପାଣି

ବରଗଡ଼ ଅଫିସ୍,୮।୯

ବରଗଡ଼ ସରକାରୀ ବାଳିକା ହାଇସ୍କୁଲ ସମ୍ମୁଖରେ ବର୍ଷାଜଳ ଜମି ରହୁଥିବା ଯୋଗୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ସ୍କୁଲର ମୁଖ୍ୟଫାଟକ ଆଗରେ ସମ୍ପୃକ୍ତ ସ୍ଥାନ କର୍ଦ୍ଦମାକ୍ତ ହୋଇଥିବାରୁ ସ୍କୁଲକୁ ପ୍ରବେଶ କିମ୍ବା ପ୍ରସ୍ଥାନବେଳେ ସେମାନେ ହଟହଟା ହେଉଛନ୍ତି। ସହରର କେନ୍ଦ୍ରସ୍ଥଳରେ ରହିଥିବା ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଏହାର କୌଣସି ପ୍ରତିକାର ବ୍ୟବସ୍ଥା କରା ନ ଯିବା ଏବଂ ଏଥିବା ପୌର ପରିଷଦ ଆଖି ବୁଜିଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁଙ୍କୁ ପଚାରିବାରୁ ସେ ନେଇ ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ଲେଖି ଜଣାଇଥିବା କହିଥିଲେ ।



ବରଗଡ଼ ସରକାରୀ ବାଳିକା ହାଇସ୍କୁଲ ସମ୍ମୁଖ କର୍ଦ୍ଦମାକ୍ତ ହୋଇ ପଡ଼ିଛି ।

### ବୌଦ୍ଧରେ ଗଜାନନଙ୍କ ଭସାଣି ଉତ୍ସବ

ବୌଦ୍ଧ,୮।୯(ସ୍ୱ.ପ୍ର)

ଗତ ୨ତାରିଖ ଠାରୁ ବୌଦ୍ଧ ସହରର ଗଣେଶ ବଜାରଠାରେ ପୂଜା ପାଇ ଆସୁଥିବା ପ୍ରଭୁ ଗଜାନନଙ୍କ ଭସାଣୀ ଉତ୍ସବ ରବିବାର ପାଳିତ ହୋଇଛି । ଏହି ଅବସରରେ ବଜାରର କର୍ମକର୍ତ୍ତାମାନେ ପ୍ରଭୁ ଗଜାନନଙ୍କୁ ଏକ ସୁସଜ୍ଜିତ ଗାଡିରେ ବିରାଜମାନ କରାଇ ଏକ ଶୋଭାଯାତ୍ରାରେ ନେଇ ମହାନଦୀରେ ବିସର୍ଜନ କରିଥିଲେ । ଦୁଲଦୁଲି ବାଦ୍ୟ, ଘଣ୍ଟ, ଶଙ୍ଖ, ମୃଦଙ୍ଗ ସହିତ ଆତସବାଜିରେ ପୁରା ସହର କମ୍ପି ଉଠିଥିଲା । ପ୍ରକାଶ ଥାଉକି ଏହି ପୂଜା ଦୀର୍ଘବର୍ଷ ହେବ ଗଣେଶ ବଜାର ବ୍ୟବସାୟୀ ମାନଙ୍କ ଦ୍ୱାରା ହୋଇଆସୁଛି ।

# ଶଗଡା କଲେଜ ରାସ୍ତା ଅବସ୍ଥା ବେହାଲ

ମନମୁଣ୍ଡା, ୮।୯ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଶଗଡା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାସ୍ତା ଅତ୍ୟନ୍ତ ଖରାପ ଅବସ୍ଥାରେ ପଡି ରହିଛି । ରାସ୍ତା ସାରା ମେଟାଲ ବାହାରକୁ ବାହାରି ପଡିଛି । ଉକ୍ତ ବିଦ୍ୟାଳୟକୁ ବହୁ ଦୂରଦୂରାନ୍ତରୁ ଝିଅପୁଅମାନେ ପାଠ ପଢ଼ିବାକୁ ଆସନ୍ତି। ଉକ୍ତ ବିଦ୍ୟାଳୟ ବ୍ୟତୀତ ପାଖରେ ଆଉ ଅନ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାହିଁ। ସେଠାରୁ ୩୦ କିମି ଦୂର ମନମୁଣ୍ଡା, ବାଉଁଶୁଣୀ କିମ୍ବା ସୋନପୁର ଆସିବାକୁ ପଡିବ। ବାଧ ହୋଇ ଜଙ୍ଗଲ ଅଞ୍ଚଳରୁ ଝିଅପୁଅମାନେ ସାଇକେଲ ଯୋଗେ ସେଠାକୁ ପାଠ ପଢ଼ିବାକୁ ଆସିଥାନ୍ତି । କିନ୍ତୁ ବିଦ୍ୟାଳୟକୁ ଥିବା ରାସ୍ତା ସାରା ମେଟାଲ, ଖାଲ ଢ଼ିପ ହୋଇଥିବାରୁ ସାଇକେଲରେ ଯିବାବେଳେ ଅସୁବିଧା ହେଉଛି । ଫଳରେ ଛାତ୍ରୀଛାତ୍ରମାନେ ବହୁ ସମୟରେ ସାଇକେଲ ଗଡାଇ ଗଡାଇ ଯାଉଥିବା ଦେଖିବାକୁ ମିଳିଛି । ବର୍ଷା ହେଲେ ଖାଲମାନଙ୍କରେ ପାଣି ଜମି ଅବସ୍ଥା ଆହୁରି ଖରାପ କରିଦେଉଛି। ପଞ୍ଚାୟତ କର୍ତ୍ତୃପକ୍ଷ, ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦ ସଭ୍ୟ, ବିଧାୟକଙ୍କୁ ସ୍ଥାନୀୟ ଛାତ୍ରୀଛାତ୍ର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କେହି ଏଥିପ୍ରତି ତତ୍ପରତା ଦେଖାଉ ନ ଥିବା ସେମାନେ କହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ରାସ୍ତା ମରାମତି କରିବାକୁ ଛାତ୍ରିଛାତ୍ର ଦାବି ଜଣାଇଛନ୍ତି ।



ଲଗାଣ ବର୍ଷା ଯୋଗୁ ବରଗଡ଼ ଜିଲା ଭଟଲି-ବାଲିପାଲି ରାସ୍ତାର ଦନ୍ତାନଦୀ ପୋଲ ଉପରେ ପାଣି ପ୍ରବାହିତ ହେଉଛି ।

# ଆଜି କରମସାନୀ ପୂଜା, ଲୋପ ପାଉଛି ପରମ୍ପରା

ସୁରେନ୍ଦ୍ର କଠାର
ଜାମଟିକ୍ରା, ୮।୯ (ଡି.ଏନ.ଏ)

କର୍ମ ବିନା ଜୀବନରେ ସୁଖଶାନ୍ତି ନାହିଁ। ତେଣୁ ପ୍ରତ୍ୟେକ ମଣିଷ କର୍ମର ଅଧୀନ। ଏହି କାରଣରୁ କର୍ମବାସ ଏବଂ ଭାଗ୍ୟର ଅଧିଷ୍ଠାତ୍ରୀ ଦେବୀ ହେଲେ କରମସାନୀ। ଏହିଦେବୀଙ୍କ ଉପାସନା ପାଇଁ ନିଷ୍କାମ କର୍ମ ହିଁ କରମା। ଏହା ଆଦିବାସୀ ମାନଙ୍କର ଏକ ପୂଜା। ବର୍ତ୍ତମାନ ପ୍ରାୟ ସବୁ ଗ୍ରାମରେ ସବୁ ଶ୍ରେଣୀର ଲୋକଙ୍କ ଦ୍ୱାରା ଏହି ପୂଜା ଅନୁଷ୍ଠିତ ହେବାର ଦେଖାଯାଉଛି । ପଶ୍ଚିମ ଓଡିଶାର ଆଦିବାସୀଙ୍କ ମଧ୍ୟରେ ପ୍ରଚଳିତ କରମସାନୀ ପୂଜା ସଙ୍ଗୀତ ଓ ନୃତ୍ୟର ସମାହାର । ମାତ୍ର ବାରମ୍ବାର ଫସଲହାନି ଓ କୃଷି ଶ୍ରମିକଙ୍କ ଆର୍ଥିକ ଅବସ୍ଥା ଠିକ ନ ଥିବାରୁ ଧୀରେ ଧୀରେ ପଶ୍ଚିମ ଓଡିଶାର ଏହି ମହାନ ପରମ୍ପରା ଫିକା ପଡିଯାଇଛି । ପୁତ୍ର କାମନା, ରୋଗ ବ୍ୟାଧିରୁ ମୁକ୍ତି ପାଇଁ ଲୋକେ କରମସାନୀ ପୂଜା କରିଥାନ୍ତି ।

ପଶ୍ଚିମ ଓଡିଶାର ଆଦିବାସୀ ମାନଙ୍କ ପୂଜା ପାର୍ବଣ ଅନ୍ୟ ସାଧାରଣ ଜନସମାଜଠାରୁ କେତେକାଂଶରେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ମାତ୍ର ସମସ୍ତଙ୍କ ପୂଜାରେ କରମା ଡାଳ ଆଣି ରାତିରେ ପୂଜାରମ୍ଭ କରାଯାଏ। ମାଦଳ ବଜାଇ ତାହାକୁ ବରଣ କରି ଅଣାଯାଇଥାଏ। କରମା ଡାଳ ଆଣିବା ପୂର୍ବରୁ ସେଠାରେ ଗୋଟିଏ ପାତ୍ରରେ ରନ୍ଧା ମଦ ଢାଳି ଡାଳକୁ ପୂଜା କରାଯାଇଥାଏ । ପରେ ବାଦ୍ୟ ବଜାଇ ତାକୁ ପୂଜାସ୍ଥଳକୁ ଅଣାଯାଏ । ଖଣ୍ଡେ ଛିଟ କପଡା ଉକ୍ତ ଡାଳରେ ଗୁଡାଇ ଦୀପ ଜାଳି ଗୋରସ ଓ ଅରୁଆ ଚାଉଳରେ ପୂଜା କରାଯାଇଥାଏ। ପତ୍ରିଯୁକ୍ତ ଆଖୁଖଣ୍ଡ ଦ୍ୱାରା କରମସାନୀଙ୍କୁ ପରିବେଷ୍ଟିତ କରାଯାଏ। ପୂଜା ପରେ ଗାଁର ଝାଙ୍କର କରମସାନୀ କଥା ବର୍ଣ୍ଣନା କରିଥାନ୍ତି। ଏହାପରେ ଉପବାସ କରିଥିବା ଲୋକମାନେ ନିଜ ନିଜ ଘରକୁ ଚାଲି ଯାଆନ୍ତି। କିଛି ସମୟ ପରେ ଦଳେ ଲୋକ କରମାକେ ଏକାଦଶୀ ଫୁଲ ଫୁଟେ ବାରମାସି ଗୀତର ତାଳେ ତାଳେ ମାଦଳ ବଜାଇ ରାତି ସାରା କରମା ଗୀତ ଗାଇ କରମସାନୀର ଚାରିପଟେ ନାଚନ୍ତି। ଆଦିବାସୀମାନଙ୍କ ପୂଜାରେ ସ୍ତ୍ରୀ ପୁରୁଷ ସମସ୍ତେ ନୃତ୍ୟ କରନ୍ତି। ସକାଳେ କରମସାନୀ ପୂଜକ ଆସି କରମା ଡାଳକୁ ଗୋଟିଏ ଥାଳିରେ ରଖି ତାକୁ ହାତରେ ଧରନ୍ତି। ଆଉ କେତେକ ବାୟକ, ଗାୟକ ତାଙ୍କ ସହିତ ଗ୍ରାମର ସମସ୍ତଙ୍କ ଘରକୁ ଯାଇ ଗୀତ ଗାଇଥାନ୍ତି। କରମସାନୀ ଦେବତା ଭ୍ରମଣ କରି ସାରିଲା ପରେ ଉକ୍ତ ଡାଳକୁ ନଈ ବା ଜଳାଶୟରେ ବିସର୍ଜନ କରି ଦିଆଯାଏ । କେହି ବର୍ଷକ ପାଇଁ ତ ଆଉ କେହି ସାତ ବର୍ଷ ପାଇଁ ସଂକଳ୍ପ କରିଥାନ୍ତି। ଅତାବିରା ଅଞ୍ଚଳରେ ଏହି ପୂଜାର ଇତିହାସ ବେଶ୍ ପୁରୁଣା। ଏହି ଅଞ୍ଚଳରେ କରମସାନୀ ପୂଜା କେବେଠାରୁ ଆରମ୍ଭ ହେଲା ତାହା ଜଣାନାହିଁ। ବାପା ଅଜା ଅମଳରୁ ଏହି ପରମ୍ପରା ଚଳି ଆସୁଛି ବୋଲି କୁହନ୍ତି ଜାମଟିକ୍ରା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ବାବାଜୀ ଝାଙ୍କର। ବାରମ୍ବାର ରୋଗପୋକ ଯୋଗୁଁ ଫସଲ ହାନି ହେଉଛି । ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଛି। ତେଣୁ ଏହି ମହାନ ପର୍ବ ପାଳନ ଫିକା ପଡୁଛି ବୋଲି କୁହନ୍ତି ଝିଲିମିଣ୍ଡା ଗ୍ରାମର ଅକ୍ଷୟ ଭୋସାଗର। କରମସାନୀ ପୂଜା ସୋମବାର ପାଳିତ ହେବ। ଲୋପ ପାଇଯାଉଥିବା ଏହି ମହାନ କୃଷି ଭିତ୍ତିକ ପର୍ବକୁ ବଞ୍ଚାଇ ରଖିବା ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଜିଲା ପରିଷଦ ଅଧ୍ୟକ୍ଷ

**ଅମରପାଲି, ୮।୯ (ଡି.ଏନ.ଏ.):** ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ । ରବିବାର ଅଧ୍ୟକ୍ଷା ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ପଞ୍ଚାୟତର ଦୁହୁଲପାଲି ଗ୍ରାମରେ କ୍ଷୟକ୍ଷତି ହୋଇଥିବା ଚାଷ ଜମି ଓ ଧୋଇ ହୋଇଯାଇଥିବା ରାସ୍ତା ପରିଦର୍ଶନ କରିଛନ୍ତି । ସୂଚନାଯୋଗ୍ୟ, ଲଗାଣ ବର୍ଷାରେ ମୁର୍ଷୁଣ୍ଡୀରୁ ଉକ୍ତ ଗ୍ରାମକୁ ଯାଇଥିବା ରାସ୍ତା ଧୋଇ ହୋଇ ଯାଇଛି । ପରିଦର୍ଶନ ସମୟରେ ଅଧ୍ୟକ୍ଷା ଉକ୍ତ ଅଞ୍ଚଳର ବନ୍ୟାରେ ହୋଇଥିବା କ୍ଷୟକ୍ଷତିକୁ ପ୍ରଶାସନକୁ ଜଣାଇବା ସହିତ ଏହାର କ୍ଷତିପୂରଣ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ । ପରିଦର୍ଶନ ସମୟରେ ଅଧ୍ୟକ୍ଷାଙ୍କ ସହିତ ଦତ୍ତାତ୍ରେୟ ପଣ୍ଡା, ସତ୍ୟବ୍ରତ ମିଶ୍ର, ବେଣୁଧର ଦାଶ, ଗୌର ଜଗଦଲା, ସୁମନ୍ତ ଜଗଦଲା ପ୍ରମୁଖ ଉପସ୍ଥିତ ଥିଲେ ।

### କାନ୍ଥ ପଡ଼ି ଜଣେ ଗୁରୁତର

**ଅମରପାଲି, ୮।୯ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କେଞ୍ଜିରିଆପାଲି ପଞ୍ଚାୟତ ଅନ୍ତର୍ଗତ ପଲେଶ୍ୱର ଘରର କାନ୍ଥ ପଡି ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଗୁରୁତର ଆହତ ହୋଇଥିବା ବ୍ୟକ୍ତି ହେଲେ ବୈଶାଖୁ ଜଗଦଲା (୫୦) । ଗତ ରାତିରେ ବୈଶାଖୁ ଖାଇ ସାରି ଘରେ ଶୋଇଥିଲେ । ଲଗାଣ ବର୍ଷାରେ ହଠାତ ତାଙ୍କ ଘରର ମାଟିକାନ୍ଥ ଭୁଶୁଡି ପଡିଥିଲା। କାନ୍ଥ ଭାଙ୍ଗିଯିବା ଶବ୍ଦ ଶୁଣି ଅନ୍ୟ ଘରେ ଶୋଇଥିବା ତାଙ୍କ ସ୍ତ୍ରୀ ଓ ଅନ୍ୟମାନେ ଆସି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସରେ ସୋନପୁର ଡାକ୍ତରଖାନାକୁ ନିଆଯାଇଥଇଲା। ଏବେ ସେଠାରେ ସେ ଚିକିତ୍ସିତ ହେଉଛନ୍ତି ।

### ଦେଣ୍ଟୁପଦରରେ ରକ୍ତଦାନ ଶିବିର

**ବିନିକା, ୮।୯(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅନ୍ତର୍ଗତ ଦେଣ୍ଟୁପଦର ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨ଜଣ ମହିଳାଙ୍କ ସମେତ ମୋଟ ୫୬ଜଣ ରକ୍ତଦାତା ରକ୍ତଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ପଣ୍ଡା ଶିବିରର ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ ସୃଜନ କୁମାର ପଣ୍ଡା, ବିପ୍ଲବ ରଞ୍ଜନ ଦାଶ, ସଦାନନ୍ଦ ପଧାନ, ମୁକେଶ ବଗର୍ତ୍ତୀ ଉପସ୍ଥିତ ଥିଲେ । ବୁର୍ଲା ରକ୍ତ ଭଣ୍ଡାରର ଡା କାଳୀଚରଣ କିସ୍କୁ, ସୁରେନ୍ଦ୍ର ନାଥ ମଲ୍ଲିକ, ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଦେଣ୍ଟୁପଦର ଗ୍ରାମର ଇଲେଭେନ୍ ଷ୍ଟାର୍ କ୍ରିକେଟ୍ ଦଳର ଅଧିନାୟକ ଚନ୍ଦନ ପର୍ଡିଆ ଓ ସଭ୍ୟମାନେ ଶିବିର ଆୟୋଜନରେ ସହଯୋଗ କରିଥିଲେ।

ଇନ୍‌ଟାକ ହେରିଟେଜ୍ କୁଇଜ୍ ପ୍ରତିଯୋଗିତା

# ଐତିହ୍ୟ, ପରମ୍ପରା ବଞ୍ଚାଇ ରଖିବାକୁ ଆହ୍ୱାନ

**ସୋନପୁର, ୮।୯(ନି.ପ୍ର.)**

କଳା, ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ପ୍ରତି ସମର୍ପିତ ଅନୁଷ୍ଠାନ ଇନ୍‌ଟାକର ସୁବର୍ଣ୍ଣପୁର ଶାଖା ପକ୍ଷରୁ ମହାରାଜା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସେଣ୍ଟ ଆନିସ୍ କନଭେଣ୍ଟ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ, ମହାରାଜା ଉଚ୍ଚ ବିଦ୍ୟାଳୟ, ଆଇଡିଆଲ ପବ୍ଲିକ ସ୍କୁଲ, ଓଡିଶା ଆଦର୍ଶ ଉଚ୍ଚ ବିଦ୍ୟାଳୟ ପିପିଲିପାଲି, ସୋନପୁର ଓ ଓଡିଶା ଆଦର୍ଶ ଉଚ୍ଚ ବିଦ୍ୟାଳୟ ଝାରବାହାଲି, ଉଲୁଣ୍ଡାର ମୋଟ ୯୬ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କୁ ୩ଟି ଦଳରେ ବିଭକ୍ତ କରାଯାଇଥିଲା। ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୪ଟି ଦଳକୁ ମହାନଦୀ, ତେଲନଦୀ, ଅଙ୍ଗନଦୀ ଓ ସୁକତେଲ ନଦୀ ନାମରେ ନାମିତ କରି କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋନପୁର ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସ୍ମୃତି ସମୃଦ୍ଧି ପ୍ରଧାନ ଓ ଶାଶ୍ୱତୀ ବେହେରା ପ୍ରଥମ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ଉଲୁଣ୍ଡା ଓଡିଶା ଆଦର୍ଶ ବିଦ୍ୟାଳୟର ସ୍ୱସ୍ତିକ ସ୍ୱାଗତ ପ୍ରଧାନ ଓ ଅନ୍ୱେଶ କୁମାର ବଡପଣ୍ଡା ଦ୍ୱିତୀୟ, ସେଣ୍ଟ ଆନିସ୍ କନଭେଣ୍ଟ ସ୍କୁଲର ଛାତ୍ର ନୀଳାଞ୍ଚଳ ପ୍ରହରାଜ ଓ ପ୍ରତୀକ ଲଉରିଆ ତୃତୀୟ ଏବଂ ଆଇଡିଆଲ ପବ୍ଲିକ ସ୍କୁଲର ଛାତ୍ରୀ ସୃଷ୍ଟି ଆୟେଶା ପ୍ରଧାନ ଓ ଅନ୍ୱେଶା ପ୍ରଧାନ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଇନ୍‌ଟାକ ସୁବର୍ଣ୍ଣପୁର ଶାଖାର କାର୍ଯ୍ୟକ୍ରମ ପରିଚାଳକ ବନମାଳୀ ପଣ୍ଡା କୁଇଜ୍ ମାଷ୍ଟର, ଗୌତମ ମେଣ୍ଡିଲି ଓ ମନୋଜ ରାଜହଂସ ସ୍କୋରର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଇନ୍‌ଟାକର ସହ ସଂଯୋଜକ ସୁଧାଂଶୁ ଶେଖର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯଜ୍ଞେଶ୍ୱର ପୂଜାହାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ଗଣେଶ୍ୱର ଉଚ୍ଚ ବିଦ୍ୟାଳୟ ପଞ୍ଚମହଲାର ପ୍ରଧାନଶିକ୍ଷକ ଶ୍ରୀଧର ବାଗ ମୁଖ୍ୟବକ୍ତା ଓ ଓଡିଶା ଆଦର୍ଶ ବିଦ୍ୟାଳୟ, ନବରଙ୍ଗପୁରର ପ୍ରଧାନଶିକ୍ଷକ ରମଣୀକାନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦେଶର ଐତିହ୍ୟ ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ଥନାପତି, ନରସିଂହ ତରିଆ, ଉମେଶ ସୁନା ଓ ଦିଲ୍ଲିପ ରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

### ଲଗାଣ ବର୍ଷାରେ ଘର ଭାଙ୍ଗିଲା

**ଅମରପାଲି, ୮।୯(ଡି.ଏନ.ଏ.)**

ଲଘୁଚାପ ଜନିତ ଲଗାଣ ବର୍ଷାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ତିନି ଦିନର ଲଗାଣ ବର୍ଷା ଯୋଗୁଁ ଅଞ୍ଚଳର ନଇ, ନାଳରେ ବନ୍ୟାପାଣି ପ୍ରବାହିତ ହେଉଛି। ଅନେକ ଚାଷଜମି ଏବେ ମଧ ପାଣି ଘେରରେ ରହିଛି। ଆଉ କେତେକ ଚାଷ ଜମି ବାଲିଚର ହୋଇଯାଇଛି। ଅନେକ ସ୍ଥାନରେ ମାଟିଘର ଭାଙ୍ଗି ଯାଇଛି । ଶନିବାର ରାତିରେ ବ୍ଲକର ବହଲପଦର ପଞ୍ଚାୟତର ଅମରପାଲି ଗ୍ରାମର ନରେନ୍ଦ୍ର ସାହୁଙ୍କ ମାଟି କାନ୍ଥ ଭୁଶୁଡି ପଡିବା ଫଳରେ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ସେହି ଘରକୁ ଲାଗି ଅନ୍ୟ ଘରେ ପରିବାରର ଲୋକେ ଶୋଇଥିଲେ ମାତ୍ର ସେମାନେ ବର୍ତ୍ତି ଯାଇଛନ୍ତି। ନରେନ୍ଦ୍ର ଏବେ ବାସହରା ହୋଇ ପୋଡଶୀ ଘରେ ରହୁଛନ୍ତି। ତୁରନ୍ତ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି ହେଉଛି । ସେହିପରି ଗୌଡଗାଡ ଗ୍ରାମର ସୁରେନ ପ୍ରଧାନ ଓ ଗୁପ୍ତେଶ୍ୱର ଘିବିଲଙ୍କ ମାଟି କାନ୍ଥ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି ।

# ଆର୍‌ଟିଓ ଯାଞ୍ଚକୁ ନେଇ ଲୋକେ ଭୟଭୀତ

**ସୋନପୁର,୮।୯(ନି.ପ୍ର.)**

ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ସୁବର୍ଣ୍ଣପୁର ଜିଲାରେ ଆଞ୍ଚଳିକ ପରିବହନ ବିଭାଗ ଯାଞ୍ଚକୁ କଡାକଡି କରିଛି। ୧ ତାରିଖରୁ ଆଇନ ଲାଗୁ ହୋଇଥିଲେ ହେଁ ନୂଆଁଖାଇ ଛୁଟି ଯୋଗୁଁ ମାତ୍ର ୪ଦିନ ବିଭାଗ ପକ୍ଷରୁ ଯାଞ୍ଚ କାର୍ଯ୍ୟ ସମ୍ଭବ ହୋଇଛି । ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର କଳାପଥର ଛକରେ ପରିବହନ ବିଭାଗ ପକ୍ଷରୁ ମୋଟର ଯାନ ଯାଞ୍ଚ କରାଯାଉଛି। ଏହି ସମୟରେ ମୋଟର ଯାନ ଆଇନ ଉଲ୍ଲଂଘନ କରିଥିବା ୭୯ ଜଣଙ୍କୁ ମୋଟ ୪ ଲକ୍ଷ ୭ ହଜାର ୨୩୦ଟଙ୍କା ଜରିମାନା କରାଯାଇଛି । ଏପରିକି ରବିବାର ଛୁଟିଦିନରେ ମଧ ବିଭାଗ ପକ୍ଷରୁ କଳାପଥର ଛକରେ ମୋଟର ଯାନ ଯାଞ୍ଚ କରାଯାଇ ୮୫ ହଜାର ୬୦୦ଟଙ୍କା ଜରିମାନା କରାଯାଇଥିବା ସୂଚନା ମିଳିଛି । ଏପରିକି ସୋନପୁର ବ୍ଲକ ଉପରଫବସି ଗ୍ରାମର ୨ ବାଇକ୍ ଆରୋହୀଙ୍କଠାରୁ ଶୁକ୍ରବାର ୪୬ ହଜାର ଟଙ୍କା ଆଦାୟ କରାଯାଇଛି। ଗାଡିର ସ୍ୱୀକୃତି ନଥିବା, ଡ୍ରାଇଭିଂ ଲାଇସେନ୍ସ, ହେଲମେଟ ଓ ବୀମା ନଥିବା ଏବଂ ନିଶା ସେବନ କରି ବାଇକ୍ ଚଳାଉ ଥିବାରୁ ୨ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ନୂତନ ଆଇନରେ ଗାଡିଚାଳନା ଲାଇସେନ୍ସ ନଥାଇ ଗାଡି ଚଳାଉଥିଲେ ୫ ହଜାର ଟଙ୍କା ଅର୍ଥ ଦଣ୍ଡ ରହିଛି। ସେହିପରି ଗାଡି ଚାଳନା ଲାଇସେନ୍ସ ବାତିଲ ଥାଇ ଗାଡି ଚଳାଉଥିଲେ ୧୦ ହଜାର ଟଙ୍କା ଅର୍ଥଦଣ୍ଡର ବ୍ୟବସ୍ଥା ଅଛି । ବାୟୁ ଓ ଶବ୍ଦ ପ୍ରଦୂଷଣ ନିୟମ ଖିଲାପ କଲେ ୧୦ ହଜାର ଟଙ୍କା ଅର୍ଥଦଣ୍ଡର ନିୟମ ରହିଛି। ଫଳରେ ଏହି ନିୟମ ଉଲ୍ଲଂଘନ କରି ଦୀର୍ଘଦିନ ହେଲା ଗାଡି ଚାଳନା କରୁଥିବା ଗାଡି ଚାଳକମାନେ ୩ ଦିନ ହେଲା ପରିବହନ କାର୍ଯ୍ୟାଳୟରେ ଭିଡ ଜମାଉଛନ୍ତି। ଆବଶ୍ୟକ କାଗଜପତ୍ର ଠିକ୍ କରିବା ପାଇଁ ଲାଗି ପଡିଛନ୍ତି । ଜିଲା ଆଞ୍ଚଳିକ ପରିବହନ ବିଭାଗର ସୂଚନା ଅନୁଯାୟୀ ୩୫୮ ଜଣ ଗାଡିଚାଳନା ପ୍ରାରମ୍ଭିକ ଲାଇସେନ୍ସ ଓ ୯୮ ଜଣ ଗାଡିଚାଳନା ଲାଇସେନ୍ସ ପାଇଁ ଆବେଦନ କରିଛନ୍ତି। ମାତ୍ର କର୍ମଚାରୀ ଅଭାବ କାରଣରୁ ପ୍ରମାଣପତ୍ର ମିଳିବାରେ ବିଳମ୍ବ ହେଉଛି। ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ କୁମାର ପଟ୍ଟନାୟକ କୁହନ୍ତି, ୭ ତାରିଖ ପର୍ଯ୍ୟନ୍ତ ଯାଞ୍ଚ କୋହଳ ଥିଲା। ରବିବାରଠାରୁ କଡାକଡି ପାଳନ ପାଇଁ ପୋଲିସ ସହଯୋଗରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆବଶ୍ୟକସ୍ଥଳେ ଆଇନ ଖିଲାପକାରୀଙ୍କ ଯାନ ଜବତ କରାଯିବ ବୋଲି କହିଥିଲେ। ସରକାରୀ ଯାନଗୁଡିକୁ ମଧ ଯାଞ୍ଚ କରାଯାଇ ଆଇନ ଅନୁଯାୟୀ ଜରିମାନା ଆଦାୟ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ଏହି ଯାଞ୍ଚ କାର୍ଯ୍ୟରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ, ଜୁନିୟର ଏମଭିଆଇ ଜନ ପ୍ରତାପ କୁଲୁ ସାମିଲ ଥିଲେ ।



ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର କଳାପଥର ଛକରେ ମୋଟର ଯାନ ଯାଞ୍ଚ କରାଯାଉଛି ।

- ୪ ଦିନରେ ଲାଇସେନ୍ସ ପାଇଁ ୪୫୬ ଜଣଙ୍କ ଆବେଦନ
- ଆଇନ ଉଲଂଘନ କାରୀଙ୍କ ଠାରୁ ୪ ଲକ୍ଷ ଟଙ୍କା ଜରିମାନା

**ଏନ୍‌ଏଚ୍‌ଆର୍‌ସିରେ କିଡ୍‌ନୀ କାଢିନେବା ମାମଲା**

### ୨ଲକ୍ଷ କ୍ଷତିପୂରଣ ସହ ଆପୋଲୋ ହସ୍ପିଟାଲ ପଞ୍ଜୀକରଣ ରଦ୍ଦ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୮।୯(ବ୍ୟୁରୋ)**

ବରଗଡ଼ ଜିଲାର ଅନିଲ ସ୍ୱାମୀଙ୍କ କିଡ୍‌ନୀ କାଢି ନେବା ମାମଲାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ମାମଲାର ବିଚାର କରି କମିଶନ ପୀଡିତଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଆପୋଲୋ ହସ୍ପିଟାଲର ପଞ୍ଜୀକରଣ ରଦ୍ଦ କରିବାକୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେଇ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ କମିଶନର କହିଛନ୍ତି। ଏହାସହ ମାନବ ଶରୀରର ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ଆକ୍ଟ ୧୯୯୪ ଧାରା ୧୬ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ୨୦୧୩ରେ ଅନିଲ ଆପୋଲୋ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ଚିକିତ୍ସା ସମୟରେ ତାଙ୍କ ଅଜାଣତରେ କିଡ୍‌ନୀ କାଢି ନିଆଯାଇଥିଲା। ଏନେଇ ୨୦୧୬ରେ ବରଗଡ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ ଅନିଲ। ସେତେବେଳେ ଏହି ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ମାନବିକ ଅଧିକାର କର୍ମୀ ଅଖଣ୍ଡ ଏନ୍‌ଏଚ୍‌ଆରସିରେ ଅଭିଯୋଗ କରିଥିଲେ।

# ସ୍ୱତନ୍ତ୍ର କୋସଲ ରାଜ୍ୟ ଦାବିରେ ଦିଲ୍ଲୀ ଯାତ୍ରା

**ତରଭା,୮।୯(ଡି.ଏନ୍.ଏ.)**

ତରଭା ଥାନା ସମ୍ମୁଖରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ସନ୍ଧ୍ୟାରେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ୟା କ୍ଷତିଗ୍ରସ୍ତ ପରିବାରଙ୍କୁ ସଂଘ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ପଶ୍ଚିମ ଓଡ଼ିଶାବାସୀଙ୍କ ଦ୍ୱାରା ବ୍ୟବହୃତ ଭାଷାର ସୁରକ୍ଷା ଓ ସମୃଦ୍ଧି ସକାଶେ ରାଜ୍ୟ ତଥା କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଥିଲା। ଏପରି କି ପଶ୍ଚିମ ଓଡ଼ିଶାବାସୀଙ୍କ ଭାଷାକୁ ସାମ୍ବିଧାନିକ ମାନ୍ୟତା ଏବଂ ସ୍ୱତନ୍ତ୍ର କୋସଲ ରାଜ୍ୟ ଗଠନ ଦାବି ନେଇ ଏକାଡେମୀର ଏକ ପ୍ରତିନିଧି ଦଳ ଆସନ୍ତା ୧୪ ତାରିଖରେ ଝାରସୁଗୁଡ଼ାରୁ ବିମାନ ଯୋଗେ ଦିଲ୍ଲୀ ଯିବାର କାର୍ଯ୍ୟକ୍ରମ ରହିଥିବା ସମ୍ମିଳନୀରେ କୁହାଯାଇଥିଲା। ପ୍ରତିନିଧି ଦଳରେ ଏକାଡେମୀର ସଭାପତି ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା, ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ, କୋଷାଧ୍ୟକ୍ଷ ନିମାଇଁ ଚରଣ ନାଏକ, ଯୁଗ୍ମ ସମ୍ପାଦକ ବ୍ରଜମୋହନ ଦାନୀ ଦିଲ୍ଲୀରେ ୧୫ ତାରିଖ ଜୁହାର ପରିବାରର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଯୋଗଦେବା ସହ ବିଭାଗୀୟ ମନ୍ତ୍ରୀ, ପ୍ରଶାସକ, ବୁଦ୍ଧିଜୀବୀଙ୍କ ସହ ସାକ୍ଷାତ କରି ଜାତୀୟସ୍ତରର ଖବରଦାତା ସମ୍ମିଳନୀ ଓ ସେମିନାର ଆଦି କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଧାରିତ ହୋଇଛି। ପ୍ରତିନିଧି ଦଳ ଚଳିତ ମାସ ୨୦ ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀରେ ସୋନପୁର ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁଙ୍କ ସମେତ ଜିଲା ସାମ୍ବାଦିକ ସଂଘ ସମ୍ପାଦକ ବ୍ୟୋମକେଶ ଦାସ, ଶିକ୍ଷାବିତ୍ ବ୍ରଜମୋହନ ଦାନୀ, ତରଭା ସାମ୍ବାଦିକ ସଂଘ ସଭାପତି ଅଶୋକ ସାହୁ, ସମ୍ପାଦକ ମାନଭଞ୍ଜନ ମିଶ୍ର, କଲ୍ୟାଣ ନାଏକ, ଅନ୍ତର୍ଯ୍ୟାମୀ ସାହୁ, କପିଳାଶ ସେଠ, ଅକ୍ଷୟ ବାଘ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଦାଦରପାଲିରେ ନୂଆଁଖାଇ ଭେଟଘାଟ

# ଏକତା ରଜ୍ଜୁରେ ବାନ୍ଧିରଖିଛି ନୂଆଁଖାଇ

**ଅମରପାଲି, ୮।୯ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଗୁର୍ନତନୈଲା ପଞ୍ଚାୟତ ଅନ୍ତର୍ଗତ ଦାଦରପାଲି ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଜିବିଏନ୍‌ବି ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ବୈଷ୍ଣବ ମହାକୁର ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ସରପଞ୍ଚ ରଞ୍ଜିତ ଖେତୀ ମୁଖ୍ୟଅତିଥି, ସ୍ଥାନୀୟ ଉପ୍ରା ସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବିଶି ଓ ଗ୍ରାମର ବରିଷ୍ଠ ନାଗରିକ ରାଧେଶ୍ୟାମ ମହାକୁର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ ।

ଏହି ଅବସରରେ ଅତିଥିମାନେ ନୂଆଁଖାଇ ସମସ୍ତଙ୍କୁ ଏକତାର ରଜ୍ଜୁରେ ବାନ୍ଧି ରଖୁଛି ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସନତ ମହାକୁର ସଂଯୋଜନା କରିଥିବା ବେଳେ ବିହାରୀ ମହାକୁର ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ, ନୃତ୍ୟ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇଥିଲା। ସଙ୍ଗୀତରେ ଜତି ନାଏକ, ସିଲି ପ୍ରଧାନ ଓ ମାନସୀ ପଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବକ୍ତୃତାରେ ଦେବସ୍ମିତା ପଧାନ, ସୁଶିଲା ଭୋଇ ଓ ମୋନାଲିସା ମହାକୁର, ବାଳକ ବର୍ଗ ନୃତ୍ୟରେ ବାସୁଦେବ ମେଣ୍ଡିଲି, ଶଙ୍କର୍ଷଣ ମହାକୁର ଓ ରାହୁଲ ମହାକୁର ଏବଂ ବାଳିକା ନୃତ୍ୟରେ ଜତି ନାଏକ, ସ୍ମୃତି ଗାଇଗରିଆ, ସୁଚିସ୍ମିତା ଖେତୀ ଯଥାକ୍ରମେ ପ୍ରଥମ, ଦ୍ୱିତୀ ଓ ତୃତୀୟ ସ୍ଥାନ ଅଧିକର କରି ପୁରସ୍କୃତ ହୋଇଥିଲେ । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ମୋନାଲିସା ମହାକୁର, ଯୁକ୍ତ ୨ ବିଜ୍ଞାନ ଓ ଯୁକ୍ତ ୨ କଳାରେ ସର୍ବାଧିକ ନମ୍ବର ରଖିଥିବା ଅଭୟରଞ୍ଜନ ଦନ୍ତା ଓ ସୁବ୍ରତ ମହାକୁରଙ୍କୁ ଏବଂ ଗ୍ରାମର ଶ୍ରେଷ୍ଠ ଚାଷୀ ପାଇଁ ପଦ୍ମଲୋଚନ ମହାକୁର ଓ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ କନ୍ଦର୍ପ ମହାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସନତ ମହାକୁର ରଚିତ ଓ ନିର୍ଦ୍ଦେଶିତ ନାଟକ ନୂଆଁଖାଇରେ ନୂଆଁମନ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଦୟାନନ୍ଦ ଖେତୀ, ପିଣ୍ଟୁ ମହାକୁର, ଓମ ପ୍ରକାଶ ମହାକୁର ପ୍ରମୁଖ ପରିଚାଳନା କରିଥିବା ବେଳେ ଶେଷରେ ଲମ୍ବୋଦର ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ ।

ଆଇସିଏଆରର ପ୍ରତିନିଧି ମଣ୍ଡଳୀଙ୍କ କେଭିକେ ଗସ୍ତ

# ପଞ୍ଚବାର୍ଷିକୀ ଯୋଜନାର ସମୀକ୍ଷା

**ସୋନପୁର,୮।୯(ନି.ପ୍ର.)**

କୃଷି ଓ କୃଷକର ଉନ୍ନତି ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ(ଆଇସିଏଆର)ର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରବିବାର ସୁବର୍ଣ୍ଣପୁର ଗସ୍ତରେ ଆସିଥିଲେ। ଏହି ପ୍ରତିନିଧି ମଣ୍ଡଳୀ ସୁବର୍ଣ୍ଣପୁର ଓ ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ର(କେଭିକେ)ର ପଞ୍ଚବାର୍ଷିକ ଯୋଜନାର ସମୀକ୍ଷା କରିଥିଲେ। ପରେ କ୍ଷେତ୍ର ପରିଦର୍ଶନ ସହିତ ବିଭିନ୍ନ ବିଷୟରେ ସମୀକ୍ଷା କରିଥିଲେ। ସମ୍ମିଳନୀ କକ୍ଷରେ ଜିଲାର ଆଗୁଆ ଚାଷୀ, ସଫଳ ଚାଷୀ, ମହିଳା ଓ କୃଷି ଉଦ୍ୟୋଗୀଙ୍କ ସହିତ ବୈଜ୍ଞାନିକ ମଣ୍ଡଳୀ ମତ ବିନିମୟ କରିଥିଲେ। ପରିଷଦର ଅଧ୍ୟକ୍ଷ ତଥା ପଶ୍ଚିମବଙ୍ଗର ମୋହନପୁରସ୍ଥିତ କୃଷି ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ ରଣଜିତ କୁମାର ସାମନ୍ତଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ଆସିଥିଲେ। ସୁବର୍ଣ୍ଣପୁର କେଭିକେ ସଭାଗୃହରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ଡଃ ସାମନ୍ତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କୃଷି କ୍ଷେତ୍ରରେ ପ୍ରୟୋଗିକ ପ୍ରଣାଳୀ, ଅର୍ଥନୈତିକ ଚାଷ, ସମନ୍ୱିତ କୃଷି, କୃଷିର ଯାନ୍ତ୍ରିକୀକରଣ, ରୋଗ ପୋକ ନିୟନ୍ତ୍ରଣ, ଜୈବିକ ସାରର ପ୍ରୟୋଗ ଏବଂ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଆଲୋଚନାଚକ୍ରରେ ଓୟୁଏଟି ଭୁବନେଶ୍ୱର ସମ୍ପ୍ରସାରଣ ବିଭାଗର ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ରାଉଳ, ଆଇସିଏଆର(ଇଣ୍ଡିଆନ କାଉନସିଲ ଅଫ ଏଗ୍ରିକଲଚରାଲ ରିସର୍ଚ୍ଚ) କଲିକତାର ନିର୍ଦ୍ଦେଶକ ଡ. ସାରି ଶଙ୍କର ସିଂ, ପ୍ରଧାନ ବୈଜ୍ଞାନିକ ଡ. ଫିରୋଜ ହାସନ ରେହମାନ, ଓୟୁଏଟିର ସମ୍ପ୍ରସାରଣ ବିଭାଗର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଚକ୍ରଧର ଶତପଥୀ, ଅଟାରି(ଏଗ୍ରିକଲଚରାଲ ଟେକନୋଲୋଜି ଆପ୍ଲିକେଶନ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍) ଯୋଧପୁରର ପ୍ରାକ୍ତନ ନିର୍ଦ୍ଦେଶକ ଡ. ଯୁଧବୀର ସିଂ, ରାୟପୁର ଇନ୍ଦିରାଗାନ୍ଧୀ କୃଷି ବିଶ୍ୱ ବିଦ୍ୟାଳୟ ସମ୍ପ୍ରସାରଣ ବିଭାଗ ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମବାବୁ ଶର୍ମା, ଓୟୁଏଟି ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ଡ. ମହାମାୟା ପ୍ରସାଦ ନାୟକ, ସୁବର୍ଣ୍ଣପୁର କେଭିକେର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ୍ ସେନ୍ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ସହ ଉନ୍ନତ ମାନର ଚାଷ ପ୍ରଣାଳୀ ଉପରେ ମତ ବିନିମୟ କରିଥିଲେ। ସେମାନଙ୍କର କୃଷିଭିତ୍ତିକ ସମସ୍ୟାର ସମାଧାନ ଉପରେ ପରାମର୍ଶ ଦେଇଥିଲେ। କୃଷକଙ୍କର ଆୟକୁ ଦ୍ୱିଗୁଣିତ କରିବା ପାଇଁ ଭାରତ ସରକାର ଲକ୍ଷ୍ୟ ରଖିଛନ୍ତି। ଏହା କିଭଳି ସଫଳ ହୋଇ ପାରିବ ପ୍ରତିନିଧି ମଣ୍ଡଳୀ ବିଶେଷ ଗୁରୁତ୍ୱ ଦେଇଥିଲେ। ବୈଜ୍ଞାନିକା ସୁରଜ୍ୟୋତି ପ୍ରଧାନ ଏହି ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ। ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସୁତନୁ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ। କେଭିକେର ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ, ସୁପ୍ରଭା ସେଠୀ, କାର୍ଯ୍ୟକ୍ରମ ସହାୟକ ଲୋପାମୁଦ୍ରା ରାୟ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ, ମନୋଜ ଜେନା ଓ ବରିଷ୍ଠ ଗବେଷକ ନୀହାର ପ୍ରସାଦ ମଲ୍ଲିକ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟକ କରିଥିଲେ। ଏହି ଅବସରରେ ନୂତନ କୃଷି ଯନ୍ତ୍ରପାତି, ଆନୁସଙ୍ଗିକ ସାମଗ୍ରୀ ଓ ଉନ୍ନତ କିସମ ବିହନକୁ ନେଇ କେଭିକେ ପରିସରରେ ଏକ ସଂଗ୍ରହାଳୟକୁ ଉଦ୍‌ଘାଟନ କରାଯାଇଥିଲା ।




ବରିଷ୍ଠ ବୈଜ୍ଞାନିକମାନେ ପଞ୍ଚବାର୍ଷିକ ଯୋଜନାର ସମୀକ୍ଷା କରୁଛନ୍ତି।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ।
ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ଲଗାଣ ବର୍ଷା : ପିଙ୍ଗଲମୁଣ୍ଡା ଗାଁରେ ଘର ଭାଙ୍ଗି ମହିଳା ଗୁରୁତର

**ଖପ୍ରାଖୋଲ, ୮।୯(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ୩ ଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଅଞ୍ଚଳର ବିଭିନ୍ନ ନଦୀ, ନାଳରେ ପାଣି ଭରି ରହିଥିବା ବେଳେ ବାଙ୍ଗିପାଲି-ବଡ଼ଉଡେନ ରାସ୍ତା କଟଙ୍ଗି ନାଳ ଉପରେ ବନ୍ୟା ଜଳ ପ୍ରବାହିତ ହୋଇଛି। ଲଗାଣ ବର୍ଷା ଯୋଗୁ ବିଭିନ୍ନ ଗାଁରେ ଲୋକଙ୍କ ଘର ଭାଙ୍ଗି ଯାଇଥିବା ଜଣାପଡିଛି। ଘୁନସର ପଞ୍ଚାୟତ ପିଙ୍ଗଲମୁଣ୍ଡା ଗାଁରେ ରବିବାର ସକାଳେ ଡମନ ବନଛୋରଙ୍କ ଘର ଭାଙ୍ଗି ଯାଇଥିଲା। ଏଥିରେ ଡମନଙ୍କ ସ୍ତ୍ରୀ ସାବିତ୍ରୀ ବନଛୋର(୫୦) ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହ ଅଗ୍ନିଶମ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖପ୍ରାଖୋଲ ଗୋଷ୍ଠି କସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ପାଟଣାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଖବର ପାଇ ଘୁନସର ସରପଞ୍ଚ କପିଳ ବୁଡେକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀୟାବଲ୍ଲଭ ପାଣିଗ୍ରାହୀ ପହଞ୍ଚି ପରିବାର ଲୋକଙ୍କୁ ୫ ହଜାର ଟଙ୍କା ସହ ୩୫ କେଜି ଚାଉଳ ପ୍ରଦାନ କରିଥିଲେ। ସେହିପରି ବ୍ଲକର ବୁଢିବାହାଲ ଗାଁର ଭାଗୀରଥି ଭୁଏ, ତୁର୍ଲା ଗାଁର ରଏବାରୀ ବରିହାଙ୍କ ଘର ଭାଙ୍ଗି ଯାଇଥିବା ଜଣାପଡିଛି। ଏ ନେଇ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକଙ୍କୁ ପଚାରିବାରୁ ଘଟଣାର ଅନୁସନ୍ଧାନ ପରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଗୋଷ୍ଠୀ କଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ପଚାରିବାରୁ ଆବାସ ଯୋଜନାରେ ଘର ପାଇ ନ ଥିଲେ ଅଗ୍ରାଧିକାର ଭିତ୍ତିରେ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।







ବଲାଙ୍ଗୀର ବ୍ରାହ୍ମଣପଡ଼ାଠାରେ ଯୁବତୀମାନେ ଖୁଦୁରୁକୁଣୀ ଓଷା ପାଳନ କରୁଛନ୍ତି (ବାମ)। ବଲାଙ୍ଗୀର ହାଟପଦାପଡ଼ା ମାଁ ଖୁଦୁରୁକୁଣୀ ମହିଳା କ୍ଲବ ସଦସ୍ୟାମାନେ ଖୁଦୁରୁକୁଣୀ ଓଷା ପାଳନ କରୁଛନ୍ତି (ମଝି) । ଖୁଦୁରୁକୁଣୀ ଓଷା ଅବସରରେ ବାଳିକାମାନେ ସାଧବ ବୋହୂ ବେଶରେ ସଜାଇ ହୋଇଛନ୍ତି। (ଫଟୋ-ସୁନୀଲ) ।

ବରଷାରେ ଘର ଭାଂଗ୍‌ଲା

# ମୁଡେ ଲାଗର ବୋଝ୍, କୁଟୁମ୍ ଚିନ୍‌ତା

**ଲାଠୋର, ୮।୯ (ଡି.ଏନ୍.ଏ.)**

ଗଲା ଦିନାକେତେ ହେଲା ଲଘୁଚାପ ପରଭାବରେ ପଶ୍ଚିମ ଓଡ଼ିଶାର ଅନେକ ଜିଲାରେ ବରଷା ଲାଗି ରହିଛେ। ବରଷା ପାଏନ୍‌ରେ ଗଲା ଶନିବାର ରାତି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ଅଧୀନ ପିପଲବାହାଲ ବାଗପଡ଼ାର ବଲରାମ ମେହେରକଁର ଘର ଭାଂଗି ଯାଇଛେ। ଏନ୍‌ତାଥି ପରିବାର ଲୋକ୍ ଅଲପ୍‌କେ ଗୁଟେ ବଡ଼ ବିପଦ୍‌ରୁ ବରତି ଯାଇଛନ୍। ସୂଚନା ଅନ୍‌ସାରେ ବାଗପଡ଼ାର ବଲରାମ ମେହେରକଁର ପରିବାର କହେଲେ ମାଏକିନା ନୀଲାବତୀ, ଝିଁ ଯୋଶିଲା, ଟୁମକି ଆର ପୁଓ ହରେଶକେ ନେଇ ସଁସାର। ପରିବାରଟା ନିହାତି ଗରିବ୍, ଜମିବାଡ଼ି ବଲି କିଛି ନାଇଁ। ବଲରାମ ବଜାରକେ ବଜାର ବୁଲିବୁଲି ଫେନ୍ସି ସାମାନ ବିକୁଛନ୍। ସେଥିରେ ଯାହା କମାନି ହେଉଛେ ପରିବାର ଚଲବାର ସଂଗେ ପିଲାଛୁଆକର ପାଠ୍‌ପଢ଼ା ଖରଚ୍ ତୁଲଉଛନ୍। ଏନ୍‌ତାଥି ଘରେ ସବୁବେଲେ ଅଭାବ ଅନାଟନ ଲାଗି ରହୁଛେ। ବଛର କେତେ ତଲେ ବଲରାମ ନିଜର ଲାଗେଲେସରମାନକରନୁ ୮୦ ହଜାର ଟଁକା ଉଧାର କରି ଘରଖଁଡ଼େ ତିଆରିଥିଲେ। ହାଡ଼ଭଂଗା ପରିଶ୍ରମ କରି ସେ ଏଭ୍‌ତକ ୫୦ ହଜାର ଟଁକା ସୁଝିଥିଲାବେଲେ ଆହୁରି ୩୦ ହଜାର ଟଁକା ବାକି ରହିଛେ। ଗଲା ଶନିବାର ବଲରାମ କେହେନ୍‌ସି କାମେ ଝନେ ଲାଗେଲେସର ଘରକେ ଯାଇଥିଲେ। ଏନ୍‌ତାଥି ଘରେ ପରିବାର ଲୋକ୍ ଖାଇପିଇ ରାତି ଶୁଇଥିଲାବେଲେ ବରଷା ପାଏନ୍ ଲାଗି ହଠାତ୍ ଘରଟା ଭାଂଗି ଯାଇଥିଲା। ହେଲେ ଅଲପ୍‌କେ ପରିବାର ଲୋକ୍ ବିପଦ୍‌ରୁ ବରତି ଯାଇଥିଲାବେଲେ ଘରର ଅନେକ ସାମାନ ଭାଂଗିରୁଜି ଯାଇଛେ। ଇଆଡ଼େ ଅନେକ ଦିନୁ ବଲରାମ ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ସରକାରୀ ବାବୁମାନକୁ ଗୁହାରି କରି ନିରାଶ ହେଇଛନ୍। ଏହେଦ୍‌କା ସେ କେନ୍‌ଥେଇ କୁଟୁମ ପୁଷ୍‌ବେ, ଘରଟା ମରାମତି କରବେ ସେ ଚିନ୍‌ତାରେ ଘାରି ହେଉଛନ୍। ଇଆଡ଼େ ଲାଗେସେରମାନକର ୩୦ ହଜାର ଟଁକା ସୁଝବାର ଚିନ୍‌ତା ତାହାକୁ ଖାଇଯାଉଛେ। ଇ ସବୁ କଥା ଚିନ୍‌ତା କରି ବଲରାମର ଆଁଖିରୁ ଝୁମରା ଛାଡ଼ି ଯାଇଛେ। ଇ ଦିଗେ ଥାନୀୟ ପରଶାସନ ଦୁରୁଷ୍‌ଟି ଦେଇ ବଲରାମକୁଁ ଯେତେ ଜଲଦି ହେବା ଘରଭଂଗା ସାହାଯ୍ ସଂଗେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେବାକେ ବାଗପଡ଼ାବାସୀ ଦାବି କରିଛନ୍।



ତୁଷୁରାରେ ଗଣେଶ ଭସାଣି ଶୋଭାଯାତ୍ରା।

# ତୁଷୁରାରେ ଗଣେଶ ଭସାଣି ଉତ୍ସବ

**ଗୁଡ଼ଭେଲା,୮।୯(ଡି.ଏନ୍.ଏ.)**

ତୁଷରା ଏନ୍‌ଏସିସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଗତ ୨ତାରିଖରୁ ଚାଲିଥିବା ଗଣେଶ ପୂଜାର ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜା କିମିଟି କର୍ମକର୍ତ୍ତା ଏକ ସୁସଜ୍ଜିତ ଗାଡିରେ ଗଣେଶଙ୍କୁ ସହର ପରିକ୍ରମା କରାଇଥିଲେ। ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ ଦଳ ସାମିଲ ହୋଇଥିଲେ। ପରେ ସ୍ଥାନୀୟ ତେଲନଦୀରେ ଗଣେଶଙ୍କୁ ବିସର୍ଜନ କରାଯାଇଥିଲା। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ମୃତୟନ କରାଯାଇଥିଲା।

## ଜୋତା, ପୋଷାକ ଟଙ୍କା ଛାତ୍ରୀଛାତ୍ରଙ୍କ ଆକାଉଣ୍ଟରେ ଦେବାକୁ ଦାବି

**ଗୁଡ଼ଭେଲା,୮।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ପ୍ରାଥମିକ ବିଦ୍ୟାଳୟଗୁଡିକରେ ବଣ୍ଟନ କରାଯାଇଥିବା ପୋଷାକ ଓ ଜୋତା କିଣାରେ ପ୍ରତି ବର୍ଷ ଲକ୍ଷାଧିକ ଟଙ୍କା ହେରଫେର ହେଉଥିବା ଅଭିଯୋଗ ହେଉଛି। ଏନେଇ ଉକ୍ତ ଟଙ୍କାକୁ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଏକାଉଣ୍ଟରେ ସିଧାସଳଖ ଦେବାକୁ ଅଭିଭାବକମାନେ ରବିବାର ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଗୁଡଭେଲା ବ୍ଲକରେ ୧୧୩ଟି ବିଦ୍ୟାଳୟର ପ୍ରାୟ ୭ହଜାର ୫ ଶହ ଛାତ୍ରୀଛାତ୍ରଙ୍କ ପାଇଁ ଚଳିତ ବର୍ଷ ୬ଶହ ଟଙ୍କା ଲେଖାଏଁ ସରକାର ଯୋଗାଇ ଦେଇଛନ୍ତି । ଏପରି କି ଉକ୍ତ ଟଙ୍କା ଏବେ ପ୍ରାୟ ବିଦ୍ୟାଳୟର ବ୍ୟାଙ୍କ ଖାତାରେ ଜମା ହୋଇଛି । ଉକ୍ତ ଟଙ୍କାରୁ କିପରି ଅଧିକ ପିସି ମିଳିପାରିବ ସେ ନେଇ ଯୋଜନା ପ୍ରସ୍ତୁତ ଚାଲିକଥିବା ବିଭାଗର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ବ୍ଲକର ମୁଖ୍ୟ କିରାଣି କିଛି ଦିନ ତଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ହେଲେ ପୋଷାକ ଓ ଜୋତା କିଣାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ହେଲେ ଏହାର ୧ ବର୍ଷ ବିତି ଯାଇଥିଲେ ମଧ୍ୟ ଘଟଣାର ତଦନ୍ତ ଚାଲିଛି ବୋଲି ବ୍ଲକ ଶିକ୍ଷା ଅଧିକାରୀ ଅଖିଳ ଦୀପ କହିଛନ୍ତି। ଅନ୍ୟପକ୍ଷେ ଦୁର୍ନୀତିରେ ଜଡିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କାହା ଚାପରେ ଶିକ୍ଷା ବିଭାଗ ପଛଘୁଞ୍ଚା ଦେଉଛି ବୋଲି ବୃଦ୍ଧିଜୀବୀ, ଶିକ୍ଷା ପ୍ରେମୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ସୂଚନା ଯୋଗ୍ୟ, ଗୁଡଭେଲା ବ୍ଲକରେ ପ୍ରାୟ ୭ହଜାର ୫ଶହ ଛାତ୍ରୀଛାତ୍ର ଅଛନ୍ତି । ଚଳିତ ବର୍ଷ ଶିକ୍ଷା ବିଭାଗ ପକ୍ଷରୁ ଜଣେ ପିଲା ପିଛା ୨ ଶହ ଟଙ୍କା ମୁଲ୍ୟର ୨ ହଳ ପୋଷାକ, ଗୋଟିଏ ହଳ ଜୋତା ଏବଂ ୨ ହଳ ମୋଜା ନେଇ ମୋଟ ଶହ ଟଙ୍କା ଯୋଗାଇ ଦେଇଛନ୍ତି। ସରକାରଙ୍କ ଗାଇଡ଼ଲାଇନ ଅନୁଯାୟୀ ଜିଏସ୍‌ଟି ନମ୍ବର ଥିବା ୩ଟି ଦୋକାନୀଙ୍କଠାରୁ ୩ଟି କୋଟେଶନ ଆହ୍ୱାନ କରିବା ପରେ ଉନ୍ନତମାନର ସାମାଗ୍ରୀ ହୋଇଥିବା ସହ କମ୍ ମୁଲ୍ୟଥିବା ଦୋକାନୀଙ୍କଠାରୁ କିଣିବାର ନିୟମ ରହିଛି ହେଲେ ସ୍କୁଲ କମିଟି ସଭାପତି, ଶିକ୍ଷକ, ସିଆର୍‌ସିସି, ବ୍ଲକ ଶିକ୍ଷା ଅଧିକାରୀ ଏବଂ ପୋଷାକ ଯୋଗାଣକାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ଯେଉଁ ପୋଷାକ ଓ ଜୋତା ଖୋଲା ବଜାରରେ ୮୦ରୁ ୧୦୦ ଟଙ୍କାରେ ମିଳୁଛି ତାହାକୁ ୨ଶହ ଟଙ୍କା ଦର୍ଶାଇ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଅଭିଯୋଗ ହେଉଛି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ଅଖିଳ ଦୀପଙ୍କୁ ପଚାରିବାରୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏପରି କି ପୋଷାକ କ୍ରୟ ଉପରେ କହିବାକୁ ମନା କରିଦେଇଥିଲେ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ସରକାରଙ୍କ ଯୋଜନାରୁ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବଲାଙ୍ଗୀର ଜିଲା ଓକିଲ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

**ବଲାଙ୍ଗୀର ଅଫିସ, ୮।୯:** ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ରବିବାର ସ୍ଥାନୀୟ ସିଭିଲ କୋର୍ଟ ବାର୍‌ହଲରେ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବଲାଙ୍ଗୀରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଆସନ୍ତା ସେପ୍ଟେମ୍ବର ୧୮ ଓ ୧୯ ତାରିଖ ୨ଦିନ ଧରି ଜିଲାରେ ଥିବା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନ ସମସ୍ତ ଅଫିସ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ବନ୍ଦକୁ ସଫଳ କରିବା ପାଇଁ ଆସନ୍ତା ସେପ୍ଟେମ୍ବର ୧୧ ତାରିଖରେ ଜିଲାର ବିଭିନ୍ନ ସାମାଜିକ, ରାଜନୈତିକ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ନେଇ ସଂଘ ପକ୍ଷରୁ ଏକ ବୃହତ୍ତର ବୈଠକ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି । ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ସଂଘର ସଭ୍ୟମାନେ ଯୋଗଦେଇ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତେଜିୟାନ କରାଯିବ ବୋଲି ମତ ରଖିଥିଲେ। ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଆସନ୍ତା ୧୧ରୁ ୧୩ ତାରିଖକୁ ବୃଦ୍ଧି କରାଯାଇଥିବା ଜଣାପଡିଛି। ବୈଠକ ଶେଷରେ ସଂଘ ସମ୍ପାଦକ ଅମନ ନାଗ ଧନ୍ୟବାଦ ଅର୍ପଣ କରିଛନ୍ତି । ଦୀର୍ଘ ୧ ବର୍ଷ ଧରି ମିଳିତ କ୍ରିୟାନୁଷ୍ଠାନ କମିଟି ବ୍ୟାନରରେ ଜିଲା ଓକିଲ ସଂଘ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ କୋର୍ଟ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ସାଧାରଣ ଲୋକେ ନ୍ୟାୟ ପାଇବାରେ ଅସୁବିଧା ସୃଷ୍ଟି ହେଉଛି। ଏହାସତ୍ତ୍ୱେ ସରକାର ଏହି ଦିଗରେ କୌଣସି ପଦକ୍ଷେପ ନ ନେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।






ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।

- ଟମାସ କାର୍ଲାଇଲ୍



## ସଂକ୍ଷେପରେ



### ହୀରାପୁର ୟୁ.ପି. ସ୍କୁଲରେ ଯୋଗ ଶିବିର

**ସିନାପାଲି,୮।୯ (ଡି.ଏନ.ଏ.)-** ନୂଆପଡା ଜିଲା ସିନାପାଲିସ୍ଥିତ ହୀରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ସତ୍ୟବ୍ରତ ଗହୀରଙ୍କ ତତ୍ତ୍ୱାବଧାନରେ ଯୋଗ ଓ ପ୍ରାଣାୟାମ ଶିବିର ଅନୁଷ୍ଠିତ ହୋଇଯାଇଛି । ନୂଆପଡା ଜିଲା ପତଳି ଯୋଗ ସମିତି ପ୍ରଚାରକ ଦ୍ରୋଣେଶ୍ୱର ଜଗତ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ଯୋଗ ଓ ପ୍ରାଣାୟାମ ଶିକ୍ଷା ଦେଇ ଏହାର ଉପକାରିତା ବିଷୟରେ ବୁଝାଇଥିଲେ। ଏହି ଶିବିର ପରିଚାଳନାରେ ସହକାରୀ ଶିକ୍ଷକ ବିଭୀଷଣ ମେହେର, ମନଧର ହଂସ, ସନତ କୁମାର ସାହୁ ଓ ଶିକ୍ଷୟିତ୍ରୀ ବୀଣା ମାଝି ସହଯୋଗ କରିଥିଲେ।

### ୨୯ରେ କୁଲତା ଜାତିର ନୂଆଁଖାଇ ଭେଟ୍‌ଘାଟ୍

**କୋମନା,୮।୯(ଡି.ଏନ.ଏ.)-** ଚଳିତବର୍ଷ କୁଲତା ଜାତିର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ପାଇଁ କୋମନା ବ୍ଲକ ମହୁଲଭଟା ଗ୍ରାମରେ ଶେଷ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରବିବାର ପୂର୍ବାହ୍ନରେ ଆୟୋଜନ କମିଟି ସଭାପତି ଟିକେଶ୍ୱର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ସରୋଜ କୁମାର ସାହୁ, ବ୍ଲକ ସଭାପତି ବଇରାଜ ସାହୁ, ସମ୍ପାଦକ ହେମସାଗର ବେହେରା, ମଦନ ସାହୁ, ସନ୍ତୋଷ ବିଶ୍ୱାଳ, ଈଶ୍ୱର ସାହୁ, ସୁରେନ୍ଦ୍ର ପ୍ରଧାନ, ସାନ ପ୍ରଧାନ, ଚୂଡାମଣି ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଭେଟଘାଟ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ଆସନ୍ତା ସେପ୍ଟେମ୍ବର ୨୯ ତାରିଖ ରବିବାରରେ ମହୁଲଭଟା ଗାଁର ରାଜୀବ ଛକ ନିକଟ ଥିବା ପଡିଆରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି।

## ମାସେ ହେଲା କାଣ୍ଡେତରାରେ ଜଳ ଯୋଗାଣ ପ୍ରକଳ୍ପ ଅଚଳ

# ମିଳୁନି ବିଶୁଦ୍ଧ ପାଣି

**ନୂଆପଡ଼ା ଅଫିସ,୮।୯**

ସରକାର ସବୁବେଳେ ସବୁ ଲୋକଙ୍କୁ ପାନୀୟ ଜଳ ଭଳି ମୌଳିକ ସୁବିଧା ସୁନିଶ୍ଚିତ କରାଯିବ ବୋଲି ଦୃଢୋକ୍ତି କରୁଥିବା ବେଳେ ପଞ୍ଚାୟତ ଏବଂ ବ୍ଲକ କର୍ତ୍ତୃପକ୍ଷଙ୍କ ଉଦାସୀନତା ମନୋଭାବ ପ୍ରକଳ୍ପ ରହିଛି । ହେଲେ ପରିଚାଳନାଗତ ଦକ୍ଷତା ଅଭାବ ଯୋଗୁ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡୁଥିବା ବେଳେ ମାସାଧିକକାଳ ଲୋକଙ୍କୁ ପାନୀୟ ଜଳ ମିଳିପାରୁନାହିଁ। ନୂଆପଡ଼ା ଜିଲା କୋମନା ବ୍ଲକ କାଣ୍ଡେତରା ଗ୍ରାମପଞ୍ଚାୟତ ସଦର ଗାଁରେ ଏଭଳି ସମସ୍ୟା ହୋଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢିଚାଲିଥିବାବେଳେ ପଞ୍ଚାୟତ କର୍ତ୍ତୃପକ୍ଷ ନାନା ବାହାନା କରି ଟାଳି ଦେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କୁ ଆଜକୁ ମାସେରୁ ଉର୍ଦ୍ଧ୍ୱ ସମୟ ହେବ ପାଣି ମିଳୁନାହିଁ । ଫଳରେ ଲୋକେ ବାଧ୍ୟ ହୋଇ ବର୍ଷା ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି।

କାଣ୍ଡେତରା କୋମନା ବ୍ଲକର ଏକ ବଡ ଗାଁ । ଗୋଟିଏ ଗାଁରେ ୧୧ଟି ୱାର୍ଡ ରହିଛି । ଏଠାରେ ପାନୀୟ ଜଳର ଉତ୍କଟ ସମସ୍ୟା ରହିଥିଲା । ଏହାକୁ ଦୃଷ୍ଟିରେ ରଖି ଜିଲା ଜଳ ଓ ପରିମଳ ବିଭାଗ ଦ୍ୱାରା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ସ୍ଥାପନ କରାଯାଇଛି । ଏହା ଦ୍ୱାରା ଗାଁର ପ୍ରତି ୱାର୍ଡକୁ ପାଣି ଯୋଗାଣ ବ୍ୟବସ୍ଥା ହୋଇଛି । ବର୍ତ୍ତମାନ ଏହାର ପରିଚାଳନା ଦାୟିତ୍ୱ ଗ୍ରାମପଞ୍ଚାୟତକୁ ଦିଆଯାଇଛି । ହେଲେ ପରିଚାଳନାଗ ତ୍ରୁଟି ଯୋଗୁ ବିଭିନ୍ନ ସମୟରେ ପାଣି ଯୋଗାଣ ବାଧାପ୍ରାପ୍ତ ହୋଇଥାଏ । ଆଜକୁ ମାସେରୁ ଅଧିକ ସମୟ ହେବ ପ୍ରକଳ୍ପ ଅଚଳ ଥିବାରୁ ପାଣି ଯୋଗାଣ ବନ୍ଦ ହୋଇପଡିଛି । ପାଣି ପାଇଁ ଲୋକେ ହଇରାଣ ହେଉଥିବାବେଳେ ବାଧ୍ୟ ହୋଇ ସ୍ଥାନୀୟ କୂଅ ଏବଂ ନାଳରୁ ବର୍ଷା ପାଣି ସଂଗ୍ରହ କରି ବ୍ୟବହାର କରୁଥିବା ଦେଖାଯାଇଛି । ଏହାଦ୍ୱାରା ଝାଡାବାନ୍ତି, ଚର୍ମରୋଗ ଆଦି ବ୍ୟାପିବା ଆଶଙ୍କା ବଢିଯାଇଛି । ଏହା ଉପରେ ସରପଞ୍ଚ ସନ୍ତରାମ ସାହୁଙ୍କୁ ପଚାରିବାରୁ ଟ୍ରାନ୍ସଫର୍ମର ପୋଡିଯାଇଛି । ଦିନେ ଦୁଇ ଦିନ ମଧ୍ୟରେ ନୂଆଁ ଟ୍ରାନ୍ସଫର୍ମର ଆସିଯିବ। ଏହା ପରେ ପୂର୍ବବତ ଜଳ ଯୋଗାଣ ହେବ ବୋଲି କହିଛନ୍ତି ।

### ବିଭିନ୍ନ ବାହାନା କରୁଛନ୍ତି କର୍ତ୍ତୃପକ୍ଷ



ଅବସ୍ଥାପିତ ପାଣି ଟାଙ୍କି ।



ଅଚଳ ହୋଇ ପଡିଥିବା ପମ୍ପ ହାଉସ ।

### ଏହାକୁ ନେଇ ସେମାନେ ଯାହା କୁହନ୍ତି ...



ବିଶୁଦ୍ଧ ପାନୀୟ ଜଳ ଟିକକ ପାଇବାକୁ ଆମକୁ ସବୁବେଳେ ସଂଘର୍ଷ କରିବାକୁ ପଡୁଛି। ଆମକୁ ଆଜିକୁ ଦେଢ ମାସ ହେବ ପାଣି ମିଳୁନାହିଁ । ସରକାର ଏଭଳି ସମସ୍ୟା ଉପରେ ତୁରନ୍ତ ଦୃଷ୍ଟି ଦେଉଥିବା କହୁଛନ୍ତି । ହେଲେ ସବୁ ମିଛ।

**-ସୁରେଶ କୁମାର ଦଣ୍ଡସେନା, ପୂର୍ବତନ ସମିତି ସଭ୍ୟ**



ପଞ୍ଚାୟତର ଉନ୍ନତି ସକାଶେ ସରକାର ଲକ୍ଷାଧିକ ଟଙ୍କା ବରାଦ କରୁଛନ୍ତି । ହେଲେ ପାନୀୟ ଜଳ ସକାଶେ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରୁନାହାନ୍ତି। ଫଳରେ ଆମକୁ ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ।

**-ଶେଖ ମଜୁଥ, ସାମାଜିକ କର୍ମୀ**



ଜଳ ଯୋଗାଣ ସକାଶେ ଏକ ପରିଚାଳନା କମିଟି କରାଯାଇ ସେହି ଜରିଆରେ ଏହାର ସୁପରିଚାଳନା କରିବା କଥା । ହେଲେ ତାହା ହେଉ ନ ଥିବାରୁ ବିଶୃଙ୍ଖଳା ସୃଷ୍ଟି ହେଉଛି । ଏହା ତାରି ଏକ ପରିଣାମ ।

**-ବାଦଲ ସୁନାନୀ, ବରିଷ୍ଠ ନାଗରିକ**



ବସ୍ତିରେ ଦିନ ଦ୍ୱିପ୍ରହରେ ଲୋକେ ପାଇପ କାଟି ଘରକୁ ବେଆଇନ ସଂଯୋଗ କରୁଛନ୍ତି। ଏଥିରେ ପୁଣି ମୋଟର ଖଞ୍ଜି ପାଣି ଶୋଷି ନେଉଛନ୍ତି । ଫଳରେ ବସ୍ତିର ସମସ୍ତ ପରିବାରକୁ ପାଣି ମିଳୁନାହିଁ ।

**-ଚେତୟୀ ସତନାମୀ, ମହିଳା କର୍ମୀ**

## ଗଣ୍ଡାବାହାଲି ଗଣେଶ ପୂଜାରେ ପ୍ରବଳ ଭିଡ଼

# ଲାଗି ହେଲା ୫୬ ପ୍ରକାର ଭୋଗ

**ସିନାପାଲି, ୮।୯ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗଣ୍ଡାବାହାଲି ଗ୍ରାମରେ ଗତ ୨ ତାରିଖରୁ ଚାଲିଥିବା ଗଣେଶ ପୂଜାରେ ଦିନକୁ ଦିନ ପ୍ରବଳ ଭିଡ ହେଉଥିବା ଦେଖିବାକୁ ମିଳିଥିବା ବେଳେ ଶନିବାର ଭକ୍ତମାନଙ୍କ ପକ୍ଷରୁ ଗଣେଶଙ୍କ ପାଖରେ ଛପନ ପ୍ରକାର ଭୋଗ ଲାଗି ହୋଇଥିଲା। ପ୍ରାପ୍ତ ସୂଚନାନୁସାରେ ସିନାପାଲି ବ୍ଲକ ଗଣ୍ଡାବାହାଲିରେ ଗଣେଶ ପୂଜା ବହୁଆଡମ୍ବର ସହକାରେ ପାଳିତ ହେଉଛି। ଆକର୍ଷଣୀୟ ଆଲୋକ ମାଳାରେ ସୁଉଚ୍ଚ ମଣ୍ଡପ, ସୁସଜ୍ଜିତ ଆସନ ମଧ୍ୟରେ ୧୨ ଫୁଟ ଉଚ୍ଚର ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି। ପ୍ରତିଦିନ ସକାଳ ଓ ସନ୍ଧ୍ୟା ଆରତୀ କାର୍ଯ୍ୟକ୍ରମରେ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଭକ୍ତାମାନେ ସାମିଲ ହେଉଛନ୍ତି। ମହାପ୍ରଭଙ୍କ ପାଖରେ ପ୍ରତି ଦିନ ବିଭିନ୍ନ ପ୍ରକାର ଭୋଗ ଲାଗି ହେଉଛି। ଏହି ପରିପ୍ରେକ୍ଷୀରେ ଶନିବାର ଗଣେଶଙ୍କ ନିକଟରେ ଛପନ ପ୍ରକାର ଭୋଗ ପାଇଁ ଆୟୋଜନ କରାଯାଇଥିଲା। ୫୬ ଜଣ ଭକ୍ତ ୫୬ ପ୍ରକାର ଭୋଗର ବ୍ୟବସ୍ଥା କରିଥିଲେ। ମିଠାଅନ୍ନଠାରୁ ଆରମ୍ଭ କରି କ୍ଷିରିପୁରି, ବିଭିନ୍ନ ପ୍ରକାର ଫଳ, କୋଳି, ଶୁଷ୍କ ବାଦାମ ଜାତୀୟ ଫଳ ଏବଂ ବିଭିନ୍ନ ପ୍ରକାର ଛେନା ତିଆରି ଓ ଖୁଆ ମିଠା ଆଦି ୫୬ ପ୍ରକାର ଭୋଗ ଲାଗି କରାଯାଇଥିଲା। ଏହି ଅବସରରେ ଗ୍ରାମର ମା'ଭଉଣୀମାନେ ମୁଖ୍ୟ ଅଂଶ ଗ୍ରହଣ କରି ପାଖାପାଖି ୪ ହଜାର ଲୋକଙ୍କୁ ଗଣେଶବଙ୍କ ଛପନ ଭୋଗର ପ୍ରସାଦ ବିତରଣ କରିଥିଲେ। ରବିବାର ଅନ୍ନଛତ୍ରର ବ୍ୟବସ୍ଥା ହୋଇଥିଲା। ପୂଜା ପରିଚାଳନା କମିଟି ସଭ୍ୟବୃନ୍ଦ ତଥା ଗ୍ରାମ ଯୁବଗୋଷ୍ଠୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଗଣେଶ ପୂଜାରେ ଲାଗି ହୋଇଥିବା ୫୬ ଭୋଗ ।

## ମହାସମୁନ୍ଦରେ ଗୋବଂଶ ପ୍ରୋତ୍ସାହନ ପ୍ରଦର୍ଶନୀ

# ମୁଦ୍ରାରେ ଗୋ ବଂଶର ମହତ୍ତ୍ୱ ଦେଖାଇଲେ

- ୭୫ ଦେଶର ମୁଦ୍ରା ପ୍ରଦର୍ଶିତ

**ନୂଆପଡା ଅଫିସ, ୮।୯**

ଗୋବଂଶକୁ ଯୁଗେ ଯୁଗେ ଭାରତୀୟ ପରମ୍ପରାରେ ଗୁରୁତ୍ୱ ଦିଆଯାଇଛି । ଗୋମାତା ପୂଜନ ଉଭୟ ସଂସ୍କୃତି ଏବଂ ବିଜ୍ଞାନ ସମ୍ମତ ହୋଇଥାଏ । ଏଥିପାଇଁ ଗୋବଂଶକୁ ପ୍ରୋତ୍ସାହିତ କରିବା ଜରୁରୀ ବୋଲି କରୁଣା ଦୂତ ସମ୍ମାନରେ ସମ୍ମାନିତ ତେଜକରଣ ଜୈନ ନାମକ ଜଣେ ସାମାଜିକ କର୍ମୀ କହିଛନ୍ତି। ପଡୋଶୀ ଛତିଶଗଡ ରାଜ୍ୟ ମହାସମୁନ୍ଦ ଜିଲା ହେଡକ୍ୱାର୍ଟରରେ ଆୟୋଜିତ ଗୋବଂଶ ପ୍ରଦର୍ଶନୀରେ ବିଶେଷ ଅତିଥି ଭାବେ ଯୋଗଦେଇ ଜୈନ ଉଦ୍‌ବୋଧନ ଦେଇଥିଲେ। ଶାନ୍ତି ବିଜୟ ସେବା ସମିତି ଦ୍ୱାରା ଆୟୋଜିତ ପ୍ରଦର୍ଶନୀକୁ ଜିଲାପାଳ ସୁନୀଲ କୁମାର ଜୈନ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ରାଜନନ୍ଦ ଗାଓଁରୁ ଆସି ଯୋଗଦେଇଥିବା ତେଜକରଣ ଭିନ୍ନ ଭିନ୍ନ ୭୫ଟି ଦେଶରୁ ସଂଗୃହୀତ ଗୋବଂଶ ସଂଲଗ୍ନ ମୁଦ୍ରା ପ୍ରଦର୍ଶନୀରେ ଦେଖାଇଥିଲେ । ଏହିଭଳି ମାଚିସ ଡବା, ଡାକ ଟିକଟ ଆଦି ୩୬ ପ୍ରକାର ଯେଉଁଥିରେ ଗୋ ଚିତ୍ର ରହିଥିଲା ସେସବୁ ସାମିଲ କରିଥିଲେ। ଆଜକୁ ୩୪ ବର୍ଷ ହେବ ମୁଦ୍ରା, ଟିକଟ ଆଦି ସଂଗ୍ରହ କରି ଦୁନିଆଁରେ ଗୋସେବା ଉପରେ ବିପ୍ଳବ ଚଳାଇବା ତାଙ୍କ ଉଦ୍ଦେଶ୍ୟ ବୋଲି କହିଛନ୍ତି । ଏହି ପ୍ରଦର୍ଶନୀରେ ରାଜ୍ୟ ତଥା ରାଜ୍ୟବାହାରୁ ବହୁ ଲୋକ ସାମିଲ ରହି ନିଜର ବହୁମୂଲ୍ୟ ସାମଗ୍ରୀ ସାମିଲ କରି ଦର୍ଶକଙ୍କ ମନମୋହିଥିଲେ । ଦୁଇ ଦିନ ଧରି ଚାଲିଥିବା ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ତେଜକରଣଙ୍କୁ କରୁଣା ଦୂତ ସମ୍ମାନରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ସମିତି ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ । ନୂଆପଡା ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚଳ ଯୋଗୁ ଏଠାରୁ ବହୁ ଲୋକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।



ପ୍ରଦର୍ଶନୀରେ ମହାସମୁନ୍ଦ ଜିଲାପାଳ ତେଜକରଣଙ୍କ ଗୋବଂଶ ମୁଦ୍ରା ଦେଖୁଛନ୍ତି ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ।

# ନ୍ୟାଶନାଲ କଲେଜରେ ପ୍ରବେଶ ଉତ୍ସବ

**ନୂଆପଡା ଅଫିସ,୮।୯**

ସ୍ଥାନୀୟ ନ୍ୟାଶନାଲ କଲେଜରେ ନୂତନ ଭାବେ କଲେଜରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟ ପାଇଁ ନୂତନ ଭାବେ ପ୍ରବେଶ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଏକ ବିଶେଷ କାର୍ଯ୍ୟକ୍ରମରେ ସ୍ୱାଗତ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିବାବେଳେ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ବରୁଣ କୁମାର ପରିଛା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଚଳିତ ଶିକ୍ଷା ପ୍ରଣାଳୀ ଉପରେ ଉପସ୍ଥାପନ କରିଥିବାବେଳେ ପୂର୍ବତନ ଅଧ୍ୟକ୍ଷ ଡ. ଅଶୋକ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାଚୀନ ଯୁଗର ଶିକ୍ଷା ପଦ୍ଧତି, ଶିକ୍ଷାରମାନ ତଥା ଛାତ୍ରୀଛାତ୍ରଙ୍କ ଦାୟୀତ୍ୱ ଏବଂ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ଶିବ ପ୍ରସାଦ ବେହେରା, କିଶୋର କୁମାର ବାରିକ, କାଉନସିଲର ହିକେଶ କୁମାର ସାହୁ, ଶୁକଦେବ ଭିଲ, ମମତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସଂଯୋଜକ ଗଜେନ୍ଦ୍ର ପ୍ରସାଦ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରକାଶ କୁମାର ସାହୁ ସହଯୋଗ କରିଥିଲେ । ଏଥିରେ ଶତାଧିକ ଛାତ୍ରୀଛାତ୍ର, କର୍ମଚାରୀ ଯୋଗଦେଇଥିଲେ।

# ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ

**ନୂଆପଡା ଅଫିସ,୮।୯**

ସ୍ଥାନୀୟ ଖରିଆରରୋଡସ୍ଥିତ ଟାଉନହଲଠାରେ ଜିଲା ବିଜେଡି ତରଫରୁ ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାରେ ଚାଲିଥିବା ନୂତନ ସଦସ୍ୟତା ଅଭିଯାନ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ଏଥିରେ ଅନ୍ୟ ଦଳରୁ ବହୁ ପଦାଧିକାରୀ ଆସି ଯୋଗଦେଇଥିଲେ। ଜିଲା ବିଜେଡି ସଭାପତି ତଥା ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ସଭାପତିତ୍ୱ କରିଥିବାବେଳେ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ସୌଭାଗ୍ୟ ନାଏକ, ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ନିଗମ, ପୂର୍ବତନ ଜିଲା ଯୁବ ବିଜେଡି ସଭାପତି ଅବନୀ ଯୋଷୀ, ସୁଧୀର କୁମାର ମିଶ୍ର, ଟିଟୁ ପଣ୍ଡା, ମହେଶ ନିଆଲ, ବଣ୍ଟି ଡାଗା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଜିଲା ବିଜେଡିକୁ କିପରି ତୃଣମୂଳସ୍ତରେ ମଜଭୁତ କରି ଗଢିତୋଳି ହେବ ସେଥିପ୍ରତି ବକ୍ତାମାନେ ମତ ଦେଇଥିଲେ । ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୨ ତାରିଖଠାରୁ ଜିଲାରେ ସଦସ୍ୟତା ସଂଗ୍ରହ ଅଭିଯାନ ଚାଲିଥିବାବେଳେ ଏହା ଅକ୍ଟୋବର ଶେଷ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ମଧ୍ୟ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା । କର୍ମକର୍ତ୍ତାମାନେ ପ୍ରତି ବୁଥ, ଗାଁକୁ ଯାଇ ନୂତନ ସଦସ୍ୟ ତିଆରି କରିବେ । ପ୍ରତି ବୁଥରେ ୪ଜଣ ସକ୍ରିୟ ସଦସ୍ୟ ଏବଂ ୧୦୦ଜଣ ପ୍ରାଥମିକ ସଦସ୍ୟ ସଂଗ୍ରହ କରିବେ ବୋଲି ଚୂଡାନ୍ତ ହୋଇଛି । ଦଳ ପ୍ରତି ନିଷ୍ଠା ରଖି କାର୍ଯ୍ୟ କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାର ଆଗଧାଡିର ଯୁବ ନେତା ହେମନ୍ତ କୁମାର କର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସେ ଆଗରୁ ଜିଲା ଛାତ୍ର ବିଜେଡି ସଭାପତି ଦାୟୀତ୍ୱରେ ଥିଲେ । ନିର୍ବାଚନ ପୂର୍ବରୁ ଦଳ ଛାଡି ଭାଜପାରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କ ସହ ବହୁ ଯୁବନେତା ଦଳରେ ସାମିଲ ହୋଇଥିଲେ । ସମସ୍ତଙ୍କୁ ଅତିଥିମାନେ ଫୁଲମାଳ ଦେଇ ସ୍ୱାଗତ କରିଥିଲେ । ଏହିଭଳି ନୂଆପଡାରୁ କୃଷ୍ଣାର୍ଜୁନ ସିଂ, ଶରତ ସହିସ ପ୍ରମୁଖ ଦଳରେ ଯୋଗଦେଇ ସଦସ୍ୟତା ନେଇଛନ୍ତି ।



ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକରେ ମଞ୍ଚାସୀନ ନେତୃବୃନ୍ଦ ।

### ସଭ୍ୟ ସଂଗ୍ରହ ପାଇଁ ବ୍ଲୁପ୍ରିଣ୍ଟ

# ଉଦନ୍ତୀରେ ବନ୍ୟା ପରିସ୍ଥିତି ସୁଧୁରିନି

- ଫସିଥିବା ଗୋରୁ ଆଜି ବି ଉଦ୍ଧାର ହେଲେନି

**ସିନାପାଲି,୮।୯ (ଡି.ଏନ.ଏ.)**

ଉଦନ୍ତୀ ନଦୀରେ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ନଦୀରେ ହଠାତ୍ ବନ୍ୟାଜଳ ମାଡି ଆସିଥିଲା । ଫଳରେ ନଦୀ ମଝିରେ ଫସି ଯାଇଥିବା ୧୦ ଜଣ ଲୋକଙ୍କୁ ଅଗ୍ନିଶମ ବିଭାଗ ଶନିବାର ରାତି ୯ଟା ସୁଦ୍ଧା ଉଦ୍ଧାର କରିଥିଲେ। କିନ୍ତୁ ସେଠାରେ ଚରିବାକୁ ଯାଇଥିବା ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଗୋରୁ ଏବେ ବି ଉଦ୍ଧାର ହୋଇପାରିନାହାନ୍ତି । ରବିବାର ଅପରାହ୍ନ ସୁଦ୍ଧା ଜଳସ୍ତର କମିଥିଲେ ମଧ୍ୟ ନଦୀ ମଝିରୁ କୂଳକୁ ଆସିବା ପାଇଁ ଗୋରୁଙ୍କ ପାଇଁ ଅନୁକୂଳ ହୋଇପାରିନାହିଁ। ଫଳରେ ଏବେବି ଗୋରୁ ବିପଦସଙ୍କୁଳ ଅବସ୍ଥାରେ ଟାପୁରେ ଫସି ରହିଛନ୍ତି। ଶନିବାର ନଦୀ ପାରି ହେବା ପାଇଁ ଚେଷ୍ଟା କରୁଥିବା କିଛି ଗୋରୁ ନଦୀ ସ୍ରୋତରେ ଭାସି ଯାଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ସୂଚନାଯୋଗ୍ୟ ଯେ, ସିନାପାଲି ଥାନା ଅନ୍ତର୍ଗତ ଫୁରସୁଣ୍ଡ ଗ୍ରାମର ଏହି ଲୋକମାନେ ନଦୀ ମଝିରେ ଥିବା ଏକ ଟାପୁ ଅଞ୍ଚଳରେ ଗୋରୁ ଚରାଇବାକୁ ଯାଇ ଶନିବାର ଫସିଯାଇଥିଲେ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହୋଇଥିବା ସମସ୍ତ ଲୋକଙ୍କୁ ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି।

ସେମାନେ ସମସ୍ତେ ସୁସ୍ଥ ଥିବା ଜଣାପଡିଛି। ରବିବାର ଉଦନ୍ତୀ ନଦୀରେ ବନ୍ୟା ଜଳସ୍ତର କମିଥିଲେ ମଧ୍ୟ ସକାଳୁ ପୁଣି ମଝି ମଝିରେ ବର୍ଷା ଲାଗି ରହିଥିବା ଯୋଗୁ ବନ୍ୟାଜଳ ସମ୍ପୂର୍ଣ୍ଣ କମିନାହିଁ । ଆଗାମୀ ୧୧ ତାରିଖ ପର୍ଯ୍ୟନ୍ତବର୍ଷା ଲାଗି ରହିବ ବୋଲି ପାଣି ପାଗ ବିଭାଗ ପୂର୍ବାନୁମାନ କରୁଥିବା ବେଳେ ଉଦନ୍ତୀ ନଦୀ ଉପର ମୁଣ୍ଡରେ ବର୍ଷା ଲାଗି ରହିଲେ ସେଠାରେ ଫସି ଯାଇଥିବା ଗୋରୁଙ୍କ ପ୍ରତି ବିପଦ ରହିଛି। ସରକାର ନୂଆପଡା ଜିଲାକୁ ଗ୍ରୀନୱାର୍ନିଙ୍ଗ ଦେଇ ପ୍ରଶାସନକୁ ବନ୍ୟା ମୁକାବିଲା ପାଇଁ ସଜାଗ ରହିବା ପାଇଁ ପରାମର୍ଶ ଦେଇଥିଲେ ମଧ୍ୟ ଶନିବାର କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ଯାଇ ନ ଥିଲେ। ଶନିବାର ଫସି ଯାଇଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ବିଭାଗ ସହିତ ଲୋକମାନେ ଲାଗି ପଡିଥିଲେ। ଅଥଚ ପ୍ରଶାସନ ନିକଟରେ ଖବର ପହଞ୍ଚି ପାରି ନ ଥିଲା। ରବିବାର ଅପରାହ୍ନ ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ପହଞ୍ଚିବା ସୂଚନା ମିଳିନାହିଁ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି । ସିନାପାଲି ବ୍ଲକ୍ କିମ୍ବା ତହସିଲ କାର୍ଯ୍ୟାଳୟରୁ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି। ରବିବାର ଗୋରୁ ଫେରି ନ ଥିବା ଯୋଗୁ ମାଲିକମାନେ ନଈକୂଳରେ ଭୟଭୀତ ହୋଇ ବସି ରହିଥିବା ଦେଖିବାକୁ ମିଳିଥିଲା।

## ସିଏସପିରେ ଟଙ୍କା ହଡ଼ପ ମାମଲା

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଜମାକାରୀ

**ନୂଆପଡା ଅଫିସ, ୮।୯**

ନୂଆପଡା ଜିଲା ଲଖନା ଥାନା ଅନ୍ତର୍ଗତ କୁରୁମପୁରୀ ସିଏସପି (କଷ୍ଟୋମର ସର୍ଭିସ ପଏଣ୍ଟ)ରେ ଜମାକାରୀଙ୍କ ଲକ୍ଷାଧିକ ଟଙ୍କା ହଡପ କରିବା ଅଭିଯୋଗରେ ସେଣ୍ଟର ମୁଖ୍ୟ ଗିରଫ ହୋଇ ଜେଲ ଗଲେଣି । ହେଲେ ଜମାକାରୀଙ୍କୁ ଟଙ୍କା ଫେରସ୍ତ ହେବାରେ ବିଳମ୍ବ ହେଉଥିବାରୁ ଜମାକାରୀମାନେ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବର୍ତ୍ତମାନ ଚାଷ ସମୟ ହେତୁ ଏହା ଫେରସ୍ତ କଲେ କାମକୁ ଆସିବ ବୋଲି ନିବେଦନ କରିଛନ୍ତି ।

ସୂଚନାଯୋଗ୍ୟ ଯେ, କୁରୁମପୁରୀ ସିଏସପିରେ ଉକ୍ତ ଅଞ୍ଚଳର ଶତାଧିକ ଲୋକ ବ୍ୟାଙ୍କ ଖାତା ଖୋଲି ଟଙ୍କା ଜମା କରିଥିଲେ। ଏପରିକି ଶ୍ରମିକ ଶ୍ରେଣୀର ଲୋକମାନେ ଟଙ୍କା ଜମା କରି ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରୁ ଆସି ଦେଖିବା ବେଳକୁ ଖାତାରୁ ଟଙ୍କା ଗାଏବ ହୋଇଯାଇଥିଲା । ଏହାକୁ ନେଇ ବ୍ୟାଙ୍କ ମୁଖ୍ୟ ଶାଖାକୁ ଯାଇ ଅଭିଯୋଗ କରିବା ପରେ ସବୁ ଗୁମର ଖୋଲିଥିଲା। ସେଣ୍ଟର ମୁଖ୍ୟ ଚଞ୍ଚକତା କରି ଲକ୍ଷାଧିକ ଟଙ୍କା ଲୁଟ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ଏହାପରେ ଅସନ୍ତୋଷ ତେଜିଥିଲା। ଗ୍ରାହକମାନେ ନୂଆପଡା ବ୍ୟାଙ୍କୁ ଆସି ଘେରାଉ କରିଥିବା ବେଳେ ଲଖନା ଥାନାରେ ମାମଲା ରୁଜୁ କରିଥିଲେ। ଏହା ଜାଣି ଠିକ ସମୟରେ ଅଭିଯୁକ୍ତ ଫେରାର ହୋଇଥିଲେ। ବହୁ ଖୋଜାଖୋଜି କରିବା ପରେ ନୂଆପଡା ପୋଲିସ ପୁରୀରୁ ଦାଶରଥୀ ସୁନାନୀ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଆଣିଥିଲା। ତାଙ୍କଠାରୁ ୧୦ ଲକ୍ଷ ଟଙ୍କା ଜବତ କରିବା ସହ କୋର୍ଟ ଚାଲାଣ କରିଛି। ହେଲେ ଜମାକାରୀମାନେ ତାଙ୍କର ଟଙ୍କା କେଉଁଠି ଏବଂ କେବେ ମିଳିବ ବୋଲି ବାରଦୁଆର ହେଉଛନ୍ତି । ବର୍ତ୍ତମାନ ଏସପି ବିନୀତ ଅଗ୍ରୱାଲଙ୍କୁ ଭେଟି ଜଣାଇଛନ୍ତି । ଏହା ଉପରେ ତଦନ୍ତ ଚାଲିଛି । ଖୁବଶୀଘ୍ର ଗ୍ରାହକମାନଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ଏସପି କହିଛନ୍ତି । ଗ୍ରାହକମାନଙ୍କ ସହ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ମଧ୍ୟ ଯାଇ ଏସପିଙ୍କୁ ଦାବି କରିଥିଲେ ।



ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାହକମାନେ ଛିଡା ହୋଇଛନ୍ତି।

## ସଂକ୍ଷେପରେ



### ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଧର୍ମଗଡ,୮।୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଧର୍ମଗଡ ଉପ କାରାଗାରଠାରେ ରବିବାର ଜଣେ ବିରାରାଧୀନ କଏଦୀ ବ୍ଲେଡ ସାହାଯ୍ୟରେ ନିଜ ଗୁପ୍ତାଙ୍ଗ କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ନାମ ଦିଗାମ୍ବର ଖମାରୀ । ଘର ଜୁନାଗଡ ବ୍ଲକ ପୁରୁଣାସର ଗ୍ରାମରେ ବୋଲି ଜଣାପଡିଛି । ସେ ଏକ ଯୌତୁକଜନିତ ମାମଲାରେ ଧର୍ମଗଡ ଜେଲରେ ଥିଲେ। ଇତିମଧ୍ୟରେ ତାଙ୍କର ଜାମିନ ମଧ୍ୟ ହୋଇସାରିଛି। କିନ୍ତୁ ଜାମିନଦାର ନ ଥିବାରୁ ସେ ମୁକୁଳି ପାରି ନ ଥିଲେ । ତେଣୁ ସେ ମାନସିକ ଭାରସାମ୍ୟ ହରାଇ ଏହିପରି କରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି।



### ବର୍ଷାରେ ହାଟ ବେହାଲ, ବେପାରୀ ହଇରାଣ

**ରିଷିଡା, ୮।୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଓ ବଲାଙ୍ଗୀର ଜିଲା ସୀମାନ୍ତରେ ବସୁଥିବା ରିଷିଡା ଶନିବାର ହାଟ ବର୍ଷାରେ କାଦୁଅମୟ ହୋଇଯାଇଥିବାରୁ ବେପାରୀ ବସିବା ପାଇଁ ହଇରାଣ ହେଉଛନ୍ତି । କେସିଙ୍ଗା ନିୟନ୍ତ୍ରିତ ବଜାର କମିଟି ଅଧୀନ ଏହି ହାଟରେ ଜିଲା ସମେତ ବଲାଙ୍ଗୀର, ବୌଦ୍ଧ ଓ କନ୍ଧମାଳ ଜିଲାର ଅନେକ ବେପାରୀ ଓ ଗ୍ରାହକ ଆସିଥାନ୍ତି । ଗତ ୩ ଦିନ ଧରି ହୋଇଥିବା ଲଗାଣ ବର୍ଷାରେ ଚାରିଆଡେ କାଦୁଅମୟ ହୋଇଯାଇଛି । କାଦୁଅ ଯୋଗୁ ବେପାରୀମାନେ କିଛି ସ୍ଥାନ ପରିବର୍ତ୍ତନ କରିଛନ୍ତି । ଅନ୍ୟପକ୍ଷରେ ନିୟନ୍ତ୍ରିତ ବଜାର କମିଟି ତରଫରୁ ନିର୍ମାଣ କରାଯାଇଥିବା ପିଣ୍ଡିରେ ବେପାରୀମାନେ ବସୁ ନାହାନ୍ତି । ଏହି ହାଟର ନିର୍ମିତ କରାଯାଇଥିବା କିଛି ପିଣ୍ଡିର ଛାତରୁ ପାଣି ଗଳୁଥିବାରୁ ସେଠାରେ ବସିବା ପାଇଁ ବେପାରୀମାନେ ନିରାପଦ ମଣୁ ନାହାନ୍ତି । ୨ଟି ଭଗ୍ନ ଅବସ୍ଥାରେ ଥିବା ଘର ରହିଥିବା ବେଳେ ତାର ମରାମତି କରିବା ପାଇଁ ଦାବି ହେଉଛି ।

## ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ନିମ୍ନମାନର କାମ, ଭୁଶୁଡ଼ିଲା କାଠ ଛାତ

■ ଲାବରେଟୋରି ଗୃହ ମରାମତି କାମରେ ବ୍ୟାପକ ଅନିୟମିତତା

**ଜୁନାଗଡ,୮।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଲେବ୍ରୋଟୋରୀ ଗୃହ ମରାମତି କାମ ଗତ କିଛି ଦିନ ତଳେ ଶେଷ ହୋଇଛି। ଏହି ମରାମତି କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ନିମ୍ନମାନର କାମ ଯୋଗୁ ନିର୍ମାଣର କିଛି ଦିନ ମଧ୍ୟରେ ଗୃହ ଭିତରେ କରାଯାଇଥିବା କାଠ (ପ୍ଲାଏ) ଛାତ ଶନିବାର ବିଳମ୍ବିତ ରାତିରେ ଭୁଶୁଡି ପଡିଛି। ଫଳରେ କୋଠାର ସ୍ଥାୟିତ୍ୱକୁ ନେଇ ସାଧାରଣରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନଆରଏଚ୍‌ଏମ) ପକ୍ଷରୁ ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ଏହି ଲେବ୍ରୋଟୋରୀ ଗୃହର ମରାମତି



ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଲାବରେଟୋରି ଗୃହ ଭିତର କାଠ ଛାତ ଭୁଶୁଡି ପଡିଛି।

କାମ କରାଯାଇଛି। ଏହି କାମକୁ ବିଭାଗ ପକ୍ଷରୁ ସମ୍ପାଦନା କରିବାର ଦାୟିତ୍ୱ ରହିଥିବା ବେଳେ ବାସ୍ତବିକ ଜଣେ ସ୍ଥାନୀୟ ଠିକାଦାର ଏହାକୁ କରିଥିବା ଅଭିଯୋଗ ହୋଇଛି। କାର୍ଯ୍ୟରତ ଯନ୍ତ୍ରୀଙ୍କ ଖାମଖିଆଲି ତଥା ଲାଞ୍ଚଖୋର ମନୋବୃତ୍ତି ଯୋଗୁ ଠିକାଦାର ଅତ୍ୟନ୍ତ ନିମ୍ନମାନର କାମ କରିଥିବା ଜଣାପଡିଛି। ଯାହାର ଫଳ ସ୍ୱରୁପ କିଛି ଦିନ ମଧ୍ୟରେ ଗୃହ ଭିତର କାଠ ଛାତ ଭୁଶୁଡି ପଡିଛି। ସେହିପରି ବର୍ଷା ସମୟରେ ଛାତରୁ ପାଣି ଗଳୁଥିବାରୁ ଗୃହ ଭିତରେ ଚଟାଣରେ ପାଣି ଓଦା ହେବା ସହ ଓ କାନ୍ଥ ମଧ୍ୟ ଓଦା ରହିଥିବା ଦେଖିବାକୁ ମିଳିଛି। ଫଳରେ ଅବଶିଷ୍ଟ କାଠ ଛାତ ମଧ୍ୟ ଓଦା ହୋଇ ଭୁଶୁଡିବା ଆଶଙ୍କା କରାଯାଉଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ବିମଳ ଭୋଇଙ୍କୁ ପଚାରିବାରୁ ମରାମତି କରାଯିବ ବୋଲି ଅତି ହାଲୁକା ଭାବେ ସଫେଇ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବନଲତା ଦେବୀଙ୍କୁ ପଚାରିବାରୁ ଘଟଣାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ଅଖିଳ ଭାରତୀୟ ମାରୱାଡି ସମ୍ମିଳନୀ

**ପଲମ, ୮।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରାରୋଡ ପଞ୍ଚାୟତସ୍ଥିତ ରୁପ୍ରାରୋଡ ଶାଖା ତରଫରୁ ଅଗ୍ରସନ ଭବନଠାରେ କଳାହାଣ୍ଡି ଜିଲା ମାରୱାଡି ସମ୍ମିଳନୀ ୮ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ସମାଜ ପ୍ରତିଷ୍ଠାତା ଅଗ୍ରେସନ ମହାରାଜାଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାଏକ, ମୁଖ୍ୟବକ୍ତା ନୂଆପଡା ଜିଲାର ସୁରେଶ କୁମାର ଛାବଡିଆ, ସମ୍ମାନିତ ଅତିଥି ନର୍ଲା ପଞ୍ଚାୟତ ସମିତି ଅଧକ୍ଷମ ନୋରମା ମହାନ୍ତି, ସୁବାସ ଅଗ୍ରୱାଲ, ସତ୍ୟନାରାୟଣ ଦେବ, ଦିପକ ଅଗ୍ରୱାଲ, ଦିନେଶ ଅଗ୍ରୱାଲ, ମୁଲତା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ମାରୱାଡି ସମାଜ ସଙ୍ଗଠନର ଉଦ୍ଦେଶ୍ୟ ଉପଲବ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ସମାଜ ପକ୍ଷରୁ ରୁପ୍ରାରୋଡଠାରେ ଏକ କଲେଜ ପ୍ରତିଷ୍ଠା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ରେତ ପ୍ରକଳ୍ପରୁ ଜଳସେଚନ ସୁବିଧା ପାଇଁ ମୁଖ୍ୟଅତିଥି ନାଏକଙ୍କଠାରେ ଦାବି କରାଯାଇଥିଲା। ସଭାରେ ପ୍ରଦିପ ଅଗ୍ରୱାଲ ସଭା ସଂଯୋଜନା କରିଥିଲେ ।



ଭଙ୍ଗା ଘର ସମ୍ମୁଖରେ ନୀଳାମ୍ବର ସୁନା ଓ ସ୍ତ୍ରୀ।

## ବର୍ଷାରେ ଘର ଭୁଶୁଡ଼ିଲା

# ପରିବାର ଲୋକ ବେସାହାରା

**ପଲମ,୮।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ରେନ୍ଦାବାହାଲି ଗ୍ରାମରେ ଲଗାଣ ବର୍ଷାରେ ନୀଳାମ୍ବର ସୁନାଙ୍କ ବାସ ଗୃହ ଭୁଶୁଡି ପଡ଼ିଯାଇଛି। ଫଳରେ ପରିବାରବର୍ଗ ବେସାହାରା ଅବସ୍ଥାରେ ରହିଛନ୍ତି । ସେ ଜଣେ ବିପିଏଲ ଶ୍ରେଣୀଭୁକ୍ତ କୁଲିମ ଜୁରିଆ ବ୍ୟକ୍ତି । ଘର ନିର୍ମାଣ କରିବା ପାଇଁ ଅର୍ଥ ମଧ୍ୟ ଅସୁବିଧା ରହିଛି । ନର୍ଲା ବିଡିଓ ଉଚିତ ତଦନ୍ତ କରି ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯିବା ପାଇଁ ପରିବାର ତଥା ଗ୍ରାମବାସୀ ଦାବି କରିଛନ୍ତି ।

# ୟୁରିଆ ଅଭାବ, ଚାଷୀ ହଇରାଣ

**କେଗାଁ,୮।୯ (ଡି.ଏନ.ଏ.)**

**ଗୋଲାମୁଣ୍ଡା ବ୍ଲକ**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ଚଳିତବର୍ଷ ଚାଷ ପାଇଁ ଅନୁକୂଳ ବର୍ଷା ଯୋଗୁ ଚାଷୀ ଖୁସିରେ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ହେଲେ ଧାନ ଓ କପା ଚାଷ ପାଇଁ ଆବଶ୍ୟକ ୟୁରିଆ ସାର ମିଳୁ ନ ଥିବା ଅଭିଯୋଗ ହେଉଛି। ସାର ଯୋଗାଇବାରେ ସରକାର ଓ ପ୍ରଶାସନ ଫେଲ ହୋଇଥିବାରୁ ଚାଷୀ ଏବେ ଅସୁବିଧାରେ ପଡୁଛନ୍ତି। ବର୍ତ୍ତମାନ ଧାନ ବିଲରେ ସାର ପକାଇବା ସମୟ । ଏହି ସମୟରେ ଚାଷୀ ଧାନ କିମ୍ବା କପା ଫସଲରେ ସାର ନ ପକାଇଲେ ଦିନ ଗଡି ଗଲେ ଫସଲ ଠିକ ଭାବେ ଅମଳ ହୋଇ ପାରିବ ନାହିଁ । ଗୋଲାମୁଣ୍ଡା ବ୍ଲକର କେଗାଁ, ସିନାପାଲି, ଖଲିଆପାଲି, ଧାମନପୁର, ଦଶପୁର, ଫରଙ୍ଗ, ବୋରଗୁଡା, ନୂଆଁଗାଁ, ଚହକା, ଉଛଳା, ବଡଚେରଗାଁ, ଗୋଲାମୁଣ୍ଡା, ମାନଝରି, ଉଦେଶୃଙ୍ଗ, ଲେତେର, ମହାଲିଙ୍ଗ, ବୋର୍ଡି, କୁହୁରା, ଖଲିଆକାନି, ନକଟିକାନି, ଗ୍ରାମପଞ୍ଚାୟତ ଚାଷୀମାନେ ୟୁରିଆ ସାର ପାଇଁ ହଇରାଣ ହେଉଛନ୍ତି ।

କେତେକ ସାର ବ୍ୟବସାୟୀ ଏହାର ଫାଇଦା ନେଇ କଳାବଜାରି କରି ସରକାରୀ ମୂଲ୍ୟ ୨୭୦ ଟଙ୍କା ଥିବା ବେଳେ ୩୫୦ରୁ ୪୦୦ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି । ସାର ନ ମିଳିବାରୁ ବାଧ୍ୟ ହୋଇ ଚାଷୀ କିଛି ଅସାଧୁ ସାର ଡିଲରଙ୍କଠାରୁ ଚଡା ଦରରେ ସାର କିଣୁଛନ୍ତି । କେତେ ଅଞ୍ଚଳ ଚାଷୀମାନେ ନିକଟସ୍ଥ ବଲାଙ୍ଗୀର ଜିଲା କୁରସୁଡ, ସିନ୍ଧେକେଲା, ଚାନ୍ଦୋତରା ଓ ସଦର ବ୍ଲକ ବୋର୍ଡାକୁ ଯାଇ ଚଡା ଦର ଦେଇ କିଣୁଥିବା ଜଣାପଡିଛି । ଗୋଲାମୁଣ୍ଡା ବ୍ଲକରେ ପ୍ରତିବର୍ଷ ଠିକ ସମୟରେ ୟୁରିଆ ଘୋର ଅଭାବ ଦେଖାଯାଉଥିଲେ ମଧ୍ୟ କୃଷି ବିଭାଗ ଅଧିକାରୀମାନଙ୍କ ଉଦାସିନତା ଯୋଗୁ ଏହା ଅଭାବ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଗୋଲାମୁଣ୍ଡା ବ୍ଲକ ସହ କୃଷି ଅଧିକାରୀ ନିହାର ନାଏକଙ୍କୁ ବ୍ଲକରେ କେତେ ମାଟ୍ରିକ ଟନ ୟୁରିଆ ସାର ଆବଶ୍ୟକତା ଅଛି ଓ କେତେ ମାଟ୍ରିକ ଟନ ସାର ବ୍ଲକକୁ ଆସିଲାଣି ବୋଲି ପଚାରିବାରୁ ହିସାବ କରାଯାଇ ନାହିଁ, ହିସାବ କରିବା ପରେ କହି ବି ବୋଲି କହିଥିଲେ। ୟୁରିଆ ସାର ଅଭାବ ନେଇ ପଚାରିବାରୁ କେସିଙ୍ଗାକୁ ରେକ୍ ପହଞ୍ଚିଲେ ଗୋଲାମୁଣ୍ଡା ବ୍ଲକକୁ ଆସିବ ବୋଲି କହିଥିଲେ । ଏ ସଂକ୍ରାନ୍ତରେ ଜିଲା କୃଷି ଅଧିକାରୀ ଜଗନ୍ନାଥ ନନ୍ଦଙ୍କୁ ଫୋନରେ ଯୋଗାଯୋଗ କରିବାରୁ କଳାହାଣ୍ଡିରେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ନ ଥିବାରୁ ଏପରି ସଙ୍କଟ ଦେଖାଦେଇଥିବା ବେଳେ ଯଥାଶୀଘ୍ର ଏହାର ସମାଧାନ ହେବ ବୋଲି କହିଥିଲେ।

## ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

**ପର୍ଲା,୮।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟ ଆଞ୍ଚଳିକ ସାମ୍ବାଦିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍ ଶନିବାର ବେହେରା ଗ୍ରାମର ଗରୁବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ସୁବାସ ଚନ୍ଦ୍ର ବାଗଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ ହୋଇଥିଲା। ଗାଁଗିଡ଼ିକର ସମସ୍ୟା ଉପରେ ଗୁରୁତ୍ୱ ଦେବା ପାଇଁ ଆଲୋଚନା କରାଯାଇଥିଲା। ସଂଘ ସଭ୍ୟ ଉପେନ୍ଦ୍ର କୁମାର ନାଏକ ଖବରଦାତାମାନଙ୍କୁ ସୁରକ୍ଷା ପ୍ରତି ସରକାର ଧାନ ଦେବାକୁ ଏକ ଦାବିପତ୍ର ସରକାରଙ୍କୁ ଦେବା ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ। ଶେଷରେ ଗଣପର୍ବ ନୂଆଁଖାଇ ଭେଟ୍‌ଘାଟ୍‌ର ଜୁହାର ଆଦାନ ପ୍ରଦାନ ହୋଇଥିଲା । କାର୍ଯ୍ୟକ୍ରମ ସୋଭିତ ଗାନ୍ଧି ପରିଚାଳନା କରିଥିବା ବେଳେ ଦଣ୍ଡପାଟ ଅଞ୍ଚଳର ଖବରଦାତା ତ୍ରିଲୋକ ସିଂ, ଦେବେନ୍ଦ୍ର ସାଗର, ସୁବାସ ନାଏକ, ଦମ୍ବରୁଧର ସୁନାନୀ, କାର୍ତ୍ତିକ ଛତ୍ରିଆ, ଦିଲୀପ ଦୁରିଆ, ଲୋଚନ ପୋଡ, ରୁପେନ୍ଦ୍ର ସୁନାନୀ, କୈଳାସ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲାସ୍ତରୀୟ ବସନ୍ତ ବିଶ୍ୱାଳ ସ୍ମୃତି ଦିବସ ପାଳିତ

**ଭବାନୀପାଟଣା, ୮।୯ (ଡି.ଏନ.ଏ.)**

ବିଶିଷ୍ଟ ରାଜନୀତିଜ୍ଞ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ସ୍ମୃତି ଦିବସ ଭବାନୀପାଟଣାଠାରେ କଳାହାଣ୍ଡି ଜିଲା ବସନ୍ତ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଏକ ମନୋଜ୍ଞ ପରିବେଶ ମଧ୍ୟରେ ସ୍ଥାନୀୟ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଭବାନୀପାଟଣା ସହରର ବିଭିନ୍ନ ବିଦ୍ୟାଳୟ ସ୍କାଉଡ ଛାତ୍ରମାନେ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟଠାରେ ପହଞ୍ଚି ସେଠାରେ ସ୍କାଉଡ ପତାକା ଉତ୍ତୋଳନ କରି ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। କଳାହାଣ୍ଡି ଜିଲା ବସନ୍ତ ବିଶ୍ୱାଳ ସ୍ମୃତି କମିଟି ଅଧକ୍ଷ ଶାନ୍ତନୁ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ମ୍ୟୁନିସିପାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଭୁତି ଭୂଷଣ ଠାକୁର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ କୁମାର ସିଂ, ସମ୍ମାନିତ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର




ସ୍ମୃତିସଭାରେ ମଞ୍ଚାସୀନ ଅତିଥି।

କୁମାର ପଣ୍ଡା, ବରିଷ୍ଠ ସ୍କାଉଡ ଶିକ୍ଷକ ପଣ୍ଡିତ୍ ମଙ୍ଗଲୁ ଚରଣ ମିଶ୍ର, ଧିରେନ୍ଦ୍ର କୁମାର ପଣ୍ଡା, ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବସନ୍ତ ବିଶ୍ୱାଳଙ୍କ ଜୀବନି ଓ ସ୍କାଉଡ ଗାଇଡମାନଙ୍କ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଗୁଣଗାନ କରିଥିଲେ। ମୁଖ୍ୟଅତିଥି ବସନ୍ତ ବିଶ୍ୱାଳ ଏକ ସାଧାରଣ ମଣିଷ ନ ଥିଲେ ସେ କର୍ମଯୋଗୀ ଭାବେ ନିଜର ଦାୟିତ୍ୱ ନିର୍ବାହ କରି ଓଡିଶା ବିକାଶ ଦିଗରେ ଅନେକଗୁଡିଏ କାର୍ଯ୍ୟ କରି ସମଗ୍ର ଓଡିଶାବାସୀଙ୍କ ପ୍ରିୟ ପାତ୍ର ହୋଇପାରିଥିଲେ। ତାଙ୍କର ଉଦ୍ୟମରେ କଟକର ରିଙ୍ଗରୋଡ, ରାଜଧାନୀ ଭୁବନେଶ୍ୱରର ସୌନ୍ଦର୍ଯ୍ୟ କରଣ ସମେତ ଅନେକ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ପାରିଥିଲ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନେ ସମୟ ଉପଯୋଗି ଓ ବସନ୍ତ ବିଶ୍ୱାଳଙ୍କ ଭଳି ଉଚ୍ଚାଭିଳାସି ହୋଇପାରିଲେ ଆଗାମି ଦିନରେ ତୁମେ ମଧ ଭଲ ମଣିଷ ହୋଇ ସମାଜ ସେବାରେ ବ୍ରତି ହେବାସହ ଦେଶର ଜଣେ ସୁନାଗରିକ ହୋଇପାରିବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସ୍କାଉଡ ଶିକ୍ଷକ ମନୋରଞ୍ଜନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବଗିରି ଜଙ୍ଗଲରୁ ମାଟି ଧସୁଛି, ଚାଷୀ ଆତଙ୍କିତ

**ଭବାନୀପାଟଣା,୮।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅଞ୍ଚଳ ପୂର୍ବକୁ ଲାଗି ରହିଥିବା ବିଶାଳ ଦେବଗିରୀ ଜଙ୍ଗଲରୁ ମାଟି ଧସୁଛି । ଗତ କିଛି ଦିନ ଧରି ବର୍ଷା ଲାଗି ରହିବା ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି ବୋଲି ପାଦଦେଶରେ ବାସ କରୁଥିବା ଘୋଡାବନ୍ଧା, ଘର୍ଲା ଗ୍ରାମବାସୀ ପ୍ରକାଶ କରିବା ସହ ଏ ନେଇ ଚିନ୍ତିତ ଥିବା ମଧ୍ୟ କହିଛନ୍ତି । ଗତ ୫ ତାରିଖ ଦିନ ପାହାଡରେ ପ୍ରବଳ ବର୍ଷା ହୋଇଥିଲା । ଏପଟେ ହାତୀନଦୀରେ ବନ୍ୟା ଏବଂ ଏପଟେ ଦେବଗିରୀ ଜଙ୍ଗଲରୁ ମାଟି ଧସିବା ସମସ୍ତଙ୍କୁ ଉୟଭିତ କରିଥିଲା । ବର୍ଷା ପାଣିରେ ମାଟି ପ୍ରଖର ସ୍ରୋତରେ ବହିଆସି ଏମ୍‌ଆଇପିରେ ପଡିଲା ଏବଂ ଘର୍ଲା ନାଳରେ ମଧ ମିଶିଲା । ଏଥିସହ ଇନ୍ଦ୍ରାବତୀ ଦକ୍ଷିଣ କେନାଲରେ ପଡି ସବୁଆଡୁ ତାର ଦୁଇ ପାର୍ଶ୍ୱରେ ଥିବା ଚାଷ ଜମିକୁ ମଧ କିଛି ମାତ୍ରାରେ ମାଡିଗଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଉକ୍ତ ଜଙ୍ଗଲକୁ ଖରାଦିନ ହେଲେ ପୋଡୁଚାଷ ପାଇଁ ନଷ୍ଟ କରୁଥିବା ବେଳେ ଧୀରେ ଧୀରେ ଦେବଗିରୀ ଜଙ୍ଗଲ ଧ୍ୱଂସାଭିମୁଖି ହୋଇଚାଲିଛି । ଫେବୃୟାରୀରୁ ଉକ୍ତ ଜଙ୍ଗଲକୁ ନିଆଁଜାଳି ନଷ୍ଟ କରୁଥିବା ଜଣାଯାଏ । ଏଭଳି ପ୍ରକୃତିର ଅବଦାନକୁ ଅବାଧରେ ନଷ୍ଟ କରୁଥିବା କିଛି ଅସାଧୁମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଫଳରେ ପାହାଡ ଉପରେ ଥିବା ଗଛ ଏବଂ ମାଟି ଦୁର୍ବଳ ହୋଇ ବର୍ଷା ଦିନେ ପ୍ରଖର ସ୍ରୋତରେ ତଳକୁ ବହି ଆସୁଛି ଏବଂ ଚାଷକୁ ନଷ୍ଟ କରୁଛି ବୋଲି ଘର୍ଲା ୱାର୍ଡ ମେମ୍ବର ଯଦୁମଣି ଲହଜଲ, ନୀଳକଣ୍ଠ ଲହଜଲ ପ୍ରମୁଖ ପ୍ରକାଶ କରିଛନ୍ତି ।

## ବିଦ୍ୟୁତ୍ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ

**ଭବାନୀପାଟଣା, ୮।୯ (ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ବାହାଦୂର ବଗିଚାପଡାଠାରେ ୱେସ୍କୋ ୟୁଟିଲିଟି ପକ୍ଷରୁ ବିଦ୍ୟୁତ୍ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। କଳାହାଣ୍ଡି ବିଦ୍ୟୁତ୍ ମଣ୍ଡଳର ଅଧୀକ୍ଷଣ ଯନ୍ତ୍ରୀ ଇଂ. ଧନଞ୍ଜୟ ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମଆରଟି ଅଧୀକ୍ଷଣ ଯନ୍ତ୍ରୀ ଇଂ ଦେବଦତ୍ତ ଭୋଇ, ପୂର୍ବ ବିଦ୍ୟୁତ୍‌ଖଣ୍ଡ ନିର୍ବାହୀ ଯନ୍ତ୍ରୀ ଇଂ. ଆଲୋକ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗ୍ରାହକ ସେବା କେନ୍ଦ୍ରରେ ସମସ୍ତ ବିଦ୍ୟୁତ ବିଲ ପୈଠ କରିବା ସହିତ ବିଲ ସମ୍ବନ୍ଧୀୟ ଭୁଲ ସଂଶୋଧନ, ନୂତନ ବିଦ୍ୟୁତ ସଂଯୋଗୀକରଣ, ମିଟର ସମ୍ବନ୍ଧୀୟ ଅଭିଯୋଗ, ଫ୍ୟୁଜକଲ ସମ୍ପନ୍ଧୀୟ ଅଭିଯୋଗ ଗ୍ରହଣ କରାଯିବ। ଏହି ଗ୍ରାହକ ସେବା କେନ୍ଦ୍ରର ଟୋଲ ଫ୍ରି ନଂ ୦୬୬୭୦ ୨୩୫୮୮୮ ବୋଲି ସୂଚନା ଦିଆଯାଇଛି।



ବିଦ୍ୟୁତ୍ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

# ମା' ମାଣିକେଶ୍ୱରୀଙ୍କଠାରେ ନବାନ୍ନ ଅର୍ପଣ

**ଭବାନୀପାଟଣା,୮।୯ (ଡି.ଏନ.ଏ.)**

ପରମ୍ପର ଅନୁଯାୟୀ କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ନବାନ୍ନ ଭୋଗ ଲାଗି ହୋଇଥାଏ । ମାଣିକେଶ୍ୱରୀଙ୍କ ସହ କଳାହାଣ୍ଡି ଗଡଜାତର ରାଜଧାନୀ ଭବାନୀପାଟଣା ସମେତ ଲାଞ୍ଜିଗଡ, ଜୟପାଟଣା, ଥୁ.ରାମପୁର, ମ.ରାମପୁର, ମହୁଲପାଟଣା, କର୍ଲାପାଟ ଅଞ୍ଚଳରେ ଜନସାଧାରଣ ନବାନ୍ନ ଭକ୍ଷକ କରିଥାନ୍ତି। ଚଳିତବର୍ଷ ରବିବାର ସକାଳ ୬ଟା.୩୦ ମିରୁ ୯ଟା ୪୦ ମି ମଧ୍ୟରେ ମା' ମାଣିକେଶ୍ୱରୀଙ୍କଠାରେ ନବାନ୍ନ ଭୋଗ ଲାଗି ପାଇଁ ଲଗ୍ନ ଧାର୍ଯ୍ୟ କରାଯାଇଥିବା କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା । ଏହି ସମୟ ମଧ୍ୟରେ ମା' ମାଣିକେଶ୍ୱରୀଙ୍କଠାରେ ନାବାନ୍ନ ଭୋଗ ଲାଗି କରାଯିବା ସହ ଏହି ସମୟ ମଧ୍ୟରେ ଜନସାଧାରଣ ନବାନ୍ନ ଭକ୍ଷଣ କରିବା ପାଇଁ ଲଗ୍ନ ସ୍ଥିର ହୋଇଥିଲା ।



ମା' ମାଣିକେଶ୍ୱରୀ ମନ୍ଦିର।

ରବିବାର ଦଶମୀ ତିଥିରେ କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ପାଖରେ ସକାଳ ୬ଟା ୩୦ରୁ ୯ଟା ୪୦ ମି. ମଧ୍ୟରେ ନବାନ୍ନ ଭୋଗ ଲାଗିବା ପରେ ପ୍ରସାଦ ବଣ୍ଟନ ହୋଇଥିଲା । ଅଞ୍ଚଳବାସୀ ଆନନ୍ଦ ଉଲ୍ଲାସରେ ନୂଆଁଖାଇଲେ। ନୂଆଁଖାଇକୁ ଖୁବ୍ ଯାକଜକମରେ ପାଳିବା ପାଇଁ ଗତ କିଛି ଦିନ ଧରି ଆରମ୍ଭ ହୋଇଥିଲା କିଣାବିକା । ଭବାନୀପାଟଣା ସହର ସମେତ ବିଭିନ୍ନ ଅଞ୍ଚଳର ନୂଆଁଖାଇ ବଜାରରେ ନୂଆ ଚୁଡା, ନୂଆଁଧାନ, ହାଣ୍ଡି, କୁଲାଚୁପା, ନୂଆଧାନ, କୁରେଇ ପତ୍ର ଏବଂ ବିଶେଷ କରି ନୂଆ କପଡା କିଣା ପାଇଁ ଜମି ଥିଲା । ଘରୁ ବାହାର ରାଜ୍ୟରେ ରହୁଥିବା ରୋଜଗାରିଆ ସ୍ୱାମୀ, ପୁଅ ଫେରି ଆସିଛନ୍ତି ନିଜ ଜନ୍ମମାଟିକୁ । ଗତ ଏକ ସପ୍ତାହ ଧରି ଘରର ମହିଳାମାନେ ଘରଲିପାପୁଛା ଅରମ୍ଭ କରି ଘରର ସମସ୍ତ ପୁରୁଣା ସାମଗ୍ରୀ ଧୂଆ ପୋଛାରେ ଲାଗିପଡିଥିଲେ। ଧୁମ୍‌ଧାମ୍‌ରେ ନୂଆଁଖାଇ ପାଳନ କରିବା ପାଇଁ ଘରେ ଘରେ ସମସ୍ତ ପ୍ରସ୍ତୁତି ଶେଷ କରି ଅପେକ୍ଷା କରିଥିଲେ । ନୂଆଁ ଅନ୍ନକୁ ପରିବାର ସହ ଏକାଠି ବସି ନୂଆଁ ଖାଇବା ପାଇଁ ଯିଏ ଯେଉଁଠି ଥାଉ ନା କାହିଁକି ନିଜ ଘରକୁ ଫେରିବା ସମସ୍ତେ ବ୍ୟସ୍ତ ହୋଇପଡିଥିଲେ। ନୂଆଁଖାଇ ସାରିବା ପରେ ଘରର ବଡଲୋକ ତଥା ଆତ୍ମୀୟ ସ୍ୱଜନ ଗୁରୁଜନମାନଙ୍କୁ ଯାଇ କନିଷ୍ଠମାନେ ଯାଇ ଭୂମିଷ୍ଟ ପ୍ରଣାମ କରିବା ସହିତ ଆର୍ଶୀବାଦ ଭିକ୍ଷା କରିଥିଲେ ।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ପୂର୍ବ ଛାତ୍ର ପରିଷଦ ସଭା

ଟିକ୍ରାପଡ଼ା,୮।୯(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ାଠାରେ ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲର ପୂର୍ବତନ ଛାତ୍ର ପରିଷଦ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଚନ୍ଦ୍ରମଣି ରାଜପଲିଆ ସଭାରେ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀ ଜସ୍ମିନ ରାଜପଲିଆ, କରନ କାଲସାଏ ସଭା ସଂଯୋଜନା କରିଥିଲେ। ସମ୍ରାଟ ବିଶ୍ୱାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭଗତ ପୋଦ୍, ସ୍ୱାଗତିକା ଗଏଁତା, ଆଦର୍ଶ ପାତ୍ର, ଓଁପ୍ରିତମ ରାଜପଲିଆ, ସୁରଜ ମେହେର, ସୁରତ କାଲସାଏ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଷଦର କାର୍ଯ୍ୟକୁ ଆଗେଇ ନେବେ ପାଇଁ ସମସ୍ତେ ତତ୍ପର ରହିବା ପାଇଁ ସଭାରେ ମତ ପ୍ରକାଶ ପାଇଥିଲା। ଶିବୁ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

### ଟିକ୍ରାପଡ଼ାରେ ଗଣେଶ ଭସାଣି ଉତ୍ସବ

ଟିକ୍ରାପଡ଼ା,୮।୯(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ାରେ ଗଣେଶ ଭସକକାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଗ୍ରାମର ୮ଟି ସ୍ଥାନରେ ମେଢ ନିର୍ମାଣ କରାଯାଇ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଭଷାଣି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଗଣେଶ ମୂର୍ତ୍ତିକୁ ସଂକୀର୍ତ୍ତନ, ଘୁଡୁକା ଓ ଅନ୍ୟାନ୍ୟ ବାଦ୍ୟ ସହ ଗ୍ରାମ ପରିକ୍ରମା କରାଯାଇ ନିକଟସ୍ଥ ଲାଛ ନଦୀରେ ବିସର୍ଜନ କରାଯାଇଥିଲା।

### ୧୮୦ ବିଜ୍ଞାନ, ଗଣିତ ବିଷୟ ପ୍ରକଳ୍ପ ପ୍ରଦର୍ଶିତ

ଗୁଡ଼ଭେଲା,୮।୯(ଡି.ଏନ୍.ଏ.): ତୁଷୁରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଗୁଡଭେଲା ବିଡିଓ ରାମବିଲାଶ ମଙ୍ଗରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାର ଉଦ୍‌ଘାଟନ କରିଥିଲେ। ମେଳାରେ ୪୦ଟି ବିଦ୍ୟାଳୟର ୨୦୩ଜଣ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ୧୮୦ଟି ବିଜ୍ଞାନ ଓ ଗଣିତ ବିଷୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମେଳାରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଂସ୍କୃତିବୋଧ ପରିଯୋଜନା, ବୈଦିକ ଗଣିତ, ବିଜ୍ଞାନ ବିଷୟରେ ପ୍ରଶ୍ନମଞ୍ଚ ଓ ପତ୍ରବାଚନ ଓ ପ୍ରୟୋଗ ଆଦି ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭାରେ ଅଧାପକ ପ୍ରସନ୍ନ କର୍ଣ୍ଣ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯତୀନ୍ଦ୍ର ମୋହନ ପାଢୀ, ସଚ୍ଚିଦାନନ୍ଦ ଭୋଇ, ଜ୍ୟୋତି ରଞ୍ଜନ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିବାବେଳେ ବଲାଙ୍ଗୀର ବିଭାଗ ନିରୀକ୍ଷକ ବିପିନ ବିହାରୀ ମିଶ୍ର ବିବରଣୀ ପାଠ କରିଥିଲେ। ଶିଶୁ ବାଟିକା ପ୍ରମୁଖ ରାଧାମାଧବ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପରିଚାଳନା କମିଟି ସମ୍ପାଦକ ରାଜେଶ ସରାଫ ଧନ୍ୟବାଦ ଜ୍ଞାପନ କରିଥିଲେ।

**ଆଜି କ'ଣ କେଉଁଠି**
ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଗଗନୟାନ୍‌ର ପ୍ରଥମ ପର୍ଯ୍ୟାୟରେ ନିଖିଲ ମନୋନୀତ

# ବଲାଙ୍ଗୀରରେ ଉତ୍ସାହ, ଶୁଭେଚ୍ଛାର ସୁଅ

ବଲାଙ୍ଗୀର ଅଫିସ, ୮।୯

ଭାରତର ପ୍ରଥମ ମାନବ ଅନ୍ତରୀକ୍ଷ ଯାତ୍ରା କାର୍ଯ୍ୟକ୍ରମ ମିଶନ୍ ଗଗନୟାନ ପାଇଁ ଭାରତୀୟ ବାୟୁସେନା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ମହାକାଶଚାରୀ ଚୟନ ପ୍ରକ୍ରିୟା ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ମହାକାଶଚାରୀ ଚୟନ ପ୍ରକ୍ରିୟାରେ ବଲାଙ୍ଗୀରର ୱିଙ୍ଗସ୍ କମାଣ୍ଡର ଫାଇଟର ପାଇଲଟ୍ ନିଖିଲ ରଥ ମନୋନୀତ ହୋଇଥିବାକବେଳେ ବଲାଙ୍ଗୀରରେ ପ୍ରବଳ ଉତ୍ସାହ ଓ ଖୁସି ପ୍ରକାଶ ପାଇଛି। ଏହି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ୱିଙ୍ଗସ୍ କମାଣ୍ଡର ନିଖିଲଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ନିଖିଲଙ୍କ ମାତାପିତାଙ୍କୁ ଅନେକ ଶୁଭେଚ୍ଛୁ ତାଙ୍କ ବଲାଙ୍ଗୀର ସୁଦପଡ଼ାସ୍ଥିତ ବାସଭବନରେ ଭେଟି ଓ ଫୋନ୍ ଯୋଗେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

ଗଗନୟାନ୍‌ର ପ୍ରଥମ ପର୍ଯ୍ୟାୟରେ ନିଖିଲ ମନୋନୀତ ହେବା ବଲାଙ୍ଗୀର, ଓଡ଼ିଶା ଓ ଦେଶ ପାଇଁ ଗୌରବର ବିଷୟ ବୋଲି ଅନେକ ଶୁଭେଚ୍ଛୁ ଜଣାଇଛନ୍ତି। ଏହି ଅବସରରେ ନିଖିଲଙ୍କ ମାତା ରାଜ୍ୟ ମହିଳା କମିଶନ ସଦସ୍ୟା କୁସୁମ ରଥ ଓ ପିତା ଆଡଭୋକେଟ୍ ତଥା ରାଜନେତା ଅଶୋକ ରଥଙ୍କୁ ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ପ୍ରେସ୍ କ୍ଲବ ସଭାପତି ଅରୁଣ କୁମାର ମିଶ୍ର, ସମାଜିକକର୍ମୀ ଅଶୋକ ନନ୍ଦ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ରଥ କହିଛନ୍ତି, ଭାରତୀୟ ବାୟୁସେନା ପ୍ରଥମ ପର୍ଯ୍ୟାୟରେ ନିଖିଲଙ୍କୁ ମହାକାଶ ଯିବା ପାଇଁ ମନୋନୀତ କରିବା ଗର୍ବର ବିଷୟ ଓ ଆଗାମୀ ଦିନରେ ସେ ଆହୁରି ଅନେକ ଗୌରବ ଆଣିଦେବେ ବୋଲି କହିଥିଲେ। ପ୍ରେସକ୍ଲବ ସଭାପତି ମିଶ୍ର ନିଖିଲ ଇତିହାସ ସୃଷ୍ଟି କରିଛନ୍ତି ଓ ସେ ଲକ୍ଷାଧିକ ଛାତ୍ରୀଛାତ୍ର, ଯୁବକଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ସମାଜିକକର୍ମୀ ନନ୍ଦ ନିଖିଲଙ୍କ କୃତିତ୍ୱରେ ତାଙ୍କ ପିତାମାତାଙ୍କୁ ଅଭିନନ୍ଦନ ଦେବା ସହ ନିଖିଲ ବଲାଙ୍ଗୀର, ଓଡିଶା ଓ ସମଗ୍ର ଦେଶ ପାଇଁ ଗୌରବ ଆଣି ଦେଇଛନ୍ତି ବୋଲି କହିଥିଲେ। ଏହା ସହିତ ଶତାଧିକ ବ୍ୟକ୍ତି ମୋବାଇଲ ଫୋନ୍ ଯୋଗେ ଏବଂ ସାମାଜିକ ଗଣମାଧ୍ୟମରେ ୱିଙ୍ଗସ୍ କମାଣ୍ଡର ନିଖିଲ, ରଥ ପରିବାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ନିଖିଲଙ୍କ ଅଜା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଚିନ୍ତାମଣି ରଥ ଓ ଦେଶ ପାଇଁ ସହୀଦ ହୋଇଥିବା ନିଖିଲଙ୍କ ବଡବାପା ତଥା ସିଆରପିଏଫ କମାଣ୍ଡେଣ୍ଟ ଶୈଳେନ୍ଦ୍ର ରଥଙ୍କୁ ମଧ୍ୟ ଲୋକେ ମନେ ପକାଇଛନ୍ତି। ୨୦୨୧ରୁ ୨୦୨୨ ମସିହା ମଧ୍ୟରେ ମିଶନ୍ ଗଗନୟାନ୍ କାର୍ଯ୍ୟକାରୀ ହେବ ଓ ପ୍ରଥମ ପର୍ଯ୍ୟାୟ ପରେ ମନୋନୀତ ସଦସ୍ୟମାନେ ଆସନ୍ତା ଅକ୍ଟୋବର ଓ ନଭେମ୍ବର ମାସରେ ରୁଷିଆ ପ୍ରଶିକ୍ଷଣରେ ଯିବେ ବୋଲି ଜଣାପଡିଛି। ଚୂଡାନ୍ତ ପର୍ଯ୍ୟାୟ ପରେ ୩ ଜଣ ମହାକାଶଚାରୀ ଗଗନୟାନ୍‌ରେ ମହାକାଶ ଯିବେ ବୋଲି ଜଣାପଡିଛି।





ବଲାଙ୍ଗୀର ସୁଦପଡା ବାସଭବନରେ ୱିଙ୍ଗସ୍ କମାଣ୍ଡର ନିଖିଲ ରଥଙ୍କ ଘରେ ଶୁଭେଚ୍ଛୁମାନେ ତାଙ୍କ ମାତାପିତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି (ବାମ)। ୱିଙ୍ଗସ୍ କମାଣ୍ଡର ନିଖିଲ ରଥଙ୍କ ଫାଇଲ ଫଟୋ।

### ନିଖିଲଙ୍କ ପାଇଁ ଶୁଭ ଗଗନ ନାଁ...

ୱିଙ୍ଗସ୍ କମାଣ୍ଡର ନିଖିଲ ରଥ ଗଗନୟାନ ପାଇଁ ପ୍ରଥମ ପର୍ଯ୍ୟାୟରେ ମନୋନୀତ ହେବା ପରେ ତାଙ୍କ ପରିବାରକୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହି ଅବସରରେ ପରିବାର ଲୋକେ ନିଖିଲଙ୍କ ଅନେକ କଥା ମନେ ପକାଉଛନ୍ତି। ନିଖିଲଙ୍କ ସହ ଗଗନ ଶବ୍ଦକୁ ନେଇ ଏକ ଅଜବ ସଂଯୋଗ ସୃଷ୍ଟି ହୋଇଛି ବୋଲି ପରିବାର ଲୋକେ କହିଛନ୍ତି। ନିଖିଲଙ୍କ ସ୍ତ୍ରୀଙ୍କ ନାଁ ଗଗନ ହୋଇଥିବା ବେଳେ ସେ ଗଗନୟାନ୍ ପାଇଁ ମନୋନୀତ ହେବା ନିଶ୍ଚିତ ରୂପେ ତାଙ୍କ ପାଇଁ ଶୁଭ ବୋଲି ପରିବାର ପକ୍ଷରୁ କୁହାଯାଇଛି। ନିଖିଲଙ୍କ ମାତା କୁସୁମ ରଥ ପୁଅର ପିଲା ଦିନର ଅନେକ କଥା ମନେ ପକାଇ ତାଙ୍କର ଧୈର୍ଯ୍ୟ, ଏକନିଷ୍ଠତା ଓ ସଂକଳ୍ପକୁ ପ୍ରଶଂସା କରିଛନ୍ତି। ନିଖିଲ ଜଣେ ଉଚ୍ଚ କୋଟିର ଚିତ୍ରଶିଳ୍ପୀ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଅନେକ ଥର ନିଖିଲ ଭାରତୀୟ ବାୟୁସେନା ପକ୍ଷରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି ବୋଲି ସେ କହିଛନ୍ତି। ପୁଅର ଉପଲବ୍ଧିରେ ମାତା କୁସୁମ ଓ ପିତା ଅଶୋକ ବେଶ୍ ଖୁସି ବୋଲି କହିବା ସହ ଏହା ସମସ୍ତ ବଲାଙ୍ଗୀର ଓ ଓଡ଼ିଶାବାସୀଙ୍କ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି।

## 'ନିଖିଲଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଉ'

ବଲାଙ୍ଗୀର ଅଫିସ

ଭାରତର ପ୍ରଥମ ମାନବ ଅନ୍ତରୀକ୍ଷ ଯାତ୍ରା କାର୍ଯ୍ୟକ୍ରମ ମିଶନ୍ ଗଗନୟାନ ପାଇଁ ଭାରତୀୟ ବାୟୁସେନା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ମହାକାଶଚାରୀ ଚୟନ ପ୍ରକ୍ରିୟାରେ ବଲାଙ୍ଗୀରର ୱିଙ୍ଗସ୍ କମାଣ୍ଡର ଫାଇଟର ପାଇଲଟ୍ ନିଖିଲ ରଥ ମନୋନୀତ ହେବା ଜଣାପଡିବା ପରେ ବିଭିନ୍ନ ମହଲରେ ଖୁସି ପ୍ରକାଶ ପାଇଛି। ଏହି ଖବର ଜାଣିବା ପରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ଲୋଇସିଂହା ବିଧାୟକ ଡ.ମୁକେଶ ମହାଲିଙ୍ଗ ୱିଙ୍ଗସ୍ କମାଣ୍ଡର ନିଖିଲ ରଥ ଏବଂ ପରିବାର ଲୋକଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ନିଖିଲଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଉ ବୋଲି କାମନା କରିଛନ୍ତି। ଏହା ନିଶ୍ଚିତ ରୂପେ ବଲାଙ୍ଗୀର ଏବଂ ଓଡ଼ିଶା ପାଇଁ ଗୌରବର ବିଷୟ ବୋଲି କହିଛନ୍ତି। ନିଖିଲ ତାଙ୍କ ଲକ୍ଷ୍ୟ ପଥରେ ପହଞ୍ଚି ଆହୁରି ଗୌରବ ଆଣି ଦିଅନ୍ତୁ ବୋଲି ବିଧାୟକ ମିଶ୍ର କାମନା କରିଛନ୍ତି। ଏହି ଅବସରରେ ଡ.ବଳରାମ ପାଣିଗ୍ରାହୀ, ରସରାଜ ଅଚ୍ୟୁତ୍ ପୁରୋହିତ, ଜିଲା ଓକିଲ ସଂଘ ସମ୍ପାଦକ ଅମନ ନାଗ, ସମାଜକର୍ମୀ ଲଳିତ କୁମାର ନାୟକ, ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍ ସଭାପତି ସୋମନାଥ ମିଶ୍ର, ପ୍ରଖ୍ୟାତ୍ ଗାଳ୍ପିକା ଗାୟତ୍ରୀ ସରାଫ୍, ସାହିତ୍ୟିକ ପ୍ରହ୍ଲାଦ ଶତପଥୀ, ସୌଭାଗ୍ୟବନ୍ତ ମହାରଣା, ଡ. ମହେଶ ପଟ୍ଟନାୟକ, କ୍ରୀଡ଼ା ସଙ୍ଗଠକ ଶତ୍ରୁଘ୍ନ ସିଂ, ଅବସରପ୍ରାପ୍ତ ଏସ୍‌ପି ବିବେକ ରଥ, ନାଗରିକ କମିଟି ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ବ୍ୟାଙ୍କ ଅଧିକାରୀ ଜୟନ୍ତ ମହାନ୍ତି, ମାନବ କଲ୍ୟାଣ ସଙ୍ଗଠନ ଆବାହକ ସୁନୀଲ କୁମାର ମହାନ୍ତି ଓ ଅନ୍ୟ ଶତାଧିକ ବ୍ୟକ୍ତି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଦକ୍ଷିଣ-ପଶ୍ଚିମ ସଂଭାଗ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ

ଲୋଇସିଂହା,୮।୯(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁମନ୍ଦିରରେ ୨ ଦିନ ଧରି ଚାଲିଥିବା ଦକ୍ଷିଣ-ପଶ୍ଚିମ ସଂଭାଗ ଜ୍ଞାନ ବିଜ୍ଞାନ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ବିଭାଗର କୃତୀ ପ୍ରତିଯୋଗୀ ଆସନ୍ତା ଅକ୍ଟୋବର ୩ ତାରିଖରେ ରାଉରକେଲାଠାରେ ହେବାକୁ ଥିବା ପ୍ରାନ୍ତ ଜ୍ଞାନବିଜ୍ଞାନ ମେଳାରେ ଭାଗ ନେବେ ବୋଲି ସୂଚନା ଦିଆଯାଇଛି।

ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ଆୟୋଜିତ ସଂଭାଗ ଜ୍ଞାନ ବିଜ୍ଞାନ ମେଳାରେ ବଲାଙ୍ଗୀର, ସୁବର୍ଣ୍ଣପୁର, ନୂଆପଡ଼ା ଏବଂ ବୌଦ୍ଧ ଜିଲାର ୮୧ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଶନିବାର ସନ୍ଧ୍ୟାରେ ସଂସ୍କୃତିବୋଧ ପ୍ରଶ୍ନମଞ୍ଚ, ପତ୍ରବାଚନ, କଥାକଥନ, ବିଜ୍ଞାନ ତଥା ବୈଦିକ ଗଣିତ, ପ୍ରଶ୍ନମଞ୍ଚ, ପତ୍ରବାଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ୮୧ଜଣ ପ୍ରତିଯୋଗୀ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ୧୧ଜଣ ପରିଚାଳକ, ୬ଜଣ ବିଚାରକ ଏବଂ ୨୮ଜଣ ଗୁରୁମା, ଗୁରୁଜୀ ମେଳାର ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭା ତଥା ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଲୋଇସିଂହା ସଙ୍କୁଳ ପ୍ରମୁଖ ଜୟନ୍ତ କୁମାର ସିଂଦେଓ ମୁଖ୍ୟଅତିଥି, ଦକ୍ଷିଣ-ପଶ୍ଚିମ କାର୍ଯ୍ୟାଳୟ ସହାୟକ ଜ୍ଞାନ ରଞ୍ଜନ ପାଠୀ, ପ୍ରାନ୍ତ ଶାରୀରିକ ସଂଯୋକ ବଳରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ସମ୍ବନ୍ଧରେ ବିଭିନ୍ନ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ୫୧ଟି ବିଭାଗର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ସଂଭାଗ କୋଷାଧ୍ୟକ୍ଷ ଯତୀନ୍ଦ୍ରମୋହନ ପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସଂଭାଗ ସଂଯୋଜକ ଜ୍ୟୋତିରଞ୍ଜନ ତ୍ରିପାଠୀ, ବଲାଙ୍ଗୀର ବିଭାଗନିରୀକ୍ଷକ ବିପିନବିହାରୀ ମିଶ୍ର, ନୂଆପଡ଼ା ବିଭାଗ ନିରୀକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀ, ସ୍ଥାନୀୟ ପରିଚାଳନା ସମିତି ସମ୍ପାଦକ ପ୍ରତାପ ବହିଦାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।



ପ୍ରଧାନ ଆଚାର୍ଯ୍ୟ ଓ ମୁଖ୍ୟ ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ: ନୂତନ ପୂଜା କମିଟି ଗଠିତ

ଖପ୍ରାଖୋଲ,୮।୯(ଡି.ଏନ.ଏ.)

ସ୍ଥାନୀୟ ପ୍ରହରି ମଣ୍ଡପଠାରେ ୪୬ତମ ସାରଦୀୟ ଦୁର୍ଗାକକପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ନେତ୍ରାନନ୍ଦ ବରିହାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂଜାକୁ କିଭଳି ଆକର୍ଷଣ କରାଯାଇ ପାରିବ ସେନେଇ ଆଲୋଚନା ହୋଇଥିଲା। ଏପରି କି ପୂଜାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ସହ ତୋରଣ, ଆଲୋକସଜ୍ଜା, ପୂଜା ବ୍ୟବସ୍ଥା ଏବଂ ଅନ୍ନଭୋଗ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି ଅବସରରେ ନୂତନ ପୂଜା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ପୁରନ୍ଦର ସାହୁ, ସମ୍ପାଦକ ଅଜିତ ହଂସ, କୋଷାଧ୍ୟକ୍ଷ ପିଙ୍କୁ ହଂସ ମନୋନୀତ ହୋଇଥିଲେ। ବୁଲୁ ପଣ୍ଡା, ସୁନୀଲ ପଧାନ, ନେତ୍ରାନନ୍ଦ ବରିହା, ଲକ୍ଷ୍ମୀକାନ୍ତ ଦଣ୍ଡସେନା ପ୍ରମୁଖ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶିସ ଭୋଇ, ବୁଲୁ ସୁନା, କଲାକାହ୍ନୁ ବନଛୋର, ସନ୍ତୋଷ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀମାନେ।

## ନୌସେନା କର୍ମଚାରୀଙ୍କ ନୂଆଁଖାଇ ଭେଟ୍‌ଘାଟ୍

ଲୋଇସିଂହା,୮।୯(ଡି.ଏନ୍.ଏ.)

ପଶ୍ଚିମ ଓଡ଼ିଶାର ଅବସରପ୍ରାପ୍ତ ଓ କାର୍ଯ୍ୟରତ ନୌସେନା କର୍ମଚାରୀଙ୍କ ନୂଆଁଖାଇ ଭେଟ୍‌ଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ଥାନା ଅଧୀନ ରୁଗୁଡିଖାଲଠାରେ ନିରୋଜ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାର ୨୬ଜଣ କର୍ମଚାରୀ ଭାଗ ନେଇଥିଲେ। ଏଥିରେ ରାକେଶ ପଣ୍ଡା, ନଯୁ ଖାଁ, ବିମଳ ବସ୍ତିଆ, ମନୋଜ ମେହେର, ଅଶୋକ ମହାକୁର, ପ୍ରେମାନନ୍ଦ ବାଗ, ମାନସ ଭୋଇ, ରବି ଖମାରୀ, ଅବିନାଶ ମିଶ୍ର, ବିଶ୍ୱ ପଧାନ, ଅବନି ବେହେରା, ସୁଶୀଲ କୁଦେଇ, ସୌମ୍ୟ ପଣ୍ଡା ପ୍ରମୁଖ କର୍ମମୟ ଜୀବନ ଏବଂ ନୂଆଁଖାଇ ପର୍ବ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ଲାଠୋର,୮।୯(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ରବିବାର ବଲାଙ୍ଗୀର ଜିଲା ଝରିଆ ଯାଦବ ସମାଜ ସଭାପତି ଶେଷଦେବ ଭଇଁଷାଲଙ୍କ ଅଧକ୍ଷତାରେ ବାର୍ଷିକ ବୈଠକ ସହ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ସଭାପତି ହରେକୃଷ୍ଣ ଭଇଁଷାଲ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମ୍ପାଦକ ରଶିକ ବାଗ, ଅବସରପ୍ରାପ୍ତ ଶିକ୍ଷକ ରଣଜିତ ଭଇଁଷାଲ, ଜୟଦେବ ନାଗ,ସନ୍ତୋଷ ଯାଦବ, ଜିଲା ସମନ୍ୱୟ କମିଟିର ସଭାପତି ଦଧି ନାଗ, ଯାଜ୍ଞସେନୀ ବାଗ, ପରମେଶ୍ୱର ଗୁଆଲ, ଗଙ୍ଗାଧର ଭଇଁଷାଲ, ବୃନ୍ଦାବନ ଖର୍ସେଲ ପ୍ରମୁଖ ଉପସ୍ଥିତ ଥିଲେ। ବଲାଙ୍ଗୀର, ନୂଆପଡ଼ା, ବରଗଡ଼ ଜିଲାର ଶତାଧିକ ମହିଳା ଏବଂ ପୁରୁଷଙ୍କ ଉପସ୍ଥିତିରେ ସମାଜର ଇଷ୍ଟଦେବତା ଶ୍ରୀକୃଷ୍ଣ, ଇଷ୍ଟଦେବୀ ଚଣ୍ଡୀ, ସମଲେଇଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇର ଉଦ୍ଦେଶ୍ୟ, ଯାଦବ ବଂଶର ଉତ୍ପତ୍ତି ଏବଂ ସମାଜରେ ଚାଲିଥିବା ରିତିନୀତି ଉପରେ ପରିବର୍ତ୍ତନ ଆଣି ସମସ୍ତ ଯାଦବ ସମାଜ ଏକହୋଇ ରହିବା ପାଇଁ ବାର୍ତ୍ତା ଦେଇଥିଲେ। ଅତିଥିମାନେ ବକ୍ତବ୍ୟରେ ତୃଣମୂଳସ୍ତରରେ ସମାଜର କିପରି ଉନ୍ନତି ହୋଇପାରିବ ସେନେଇ ଆଲୋଚନା କରିଥିଲେ। ସମାଜର ସୁଦର୍ଶନ ଖର୍ସେଲ, ଭୋଧର ନାଗ, ରବି ନାଗ, ବରୁଣ ଭଇଁଷାଲ, କୌରବ ନାଗ, ଜୟରାମ ନାଗ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭଇଁଷାଲ ସଭା ପରିଚାଳନା କରିଥିବା ବେଳେ ପୀତବାସ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।



ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ପକାଘର ଯୁଗେଇ ଦେବାକେ ଦାବି କଲେ ଗାଁବାସୀ

## ବରଷାରେ ଘର ଭାଂଗଲା, ବରତିଲେ ୩ ମା'ଝି

ଲୋଇସିଂହା, ୮।୯ (ଡି.ଏନ୍.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଂଚଲରେ ଗଲା ଗୁରୁବାରନୁ ବରଷା ଲାଗି ରହିଛେ। ଇ ବରଷାରେ ବ୍ଲକ ଅଧୀନ ନେଗିପାଲି ଗାଁର ଝନେ ନିସାହା ବିଧବା ବୁଢ଼ିକଁର ଘର ଭାଙ୍ଗି ଯାଇଛେ। ଘରେ ଖାଇପିଇ ମା' ଆର ଦୁଇ ଝି' ଶୁଇଥିଲାବେଲେ ଅଲପ୍‌କେ ସେମାନେ ଗୁଟେ ବଡ଼ ବିପଦ୍‌ରୁ ବରତି ଯାଇଛନ୍।

ସୂଚନା ହିସାବେ ଲୋଇସିଂହା ବ୍ଲକ ବୁଢ଼ିପଦର ପଁଚେତ୍ ଅଧୀନ ନେଗିପାଲି ଗାଁର ନିସାହା ବିଧବା ଦୈମତି ମେଶ୍ରା(୬୫)। ପରିବାର କହେଲେ ୨ ଝିଁକେ ନେଇ ତାକର ସଁସାର। ଜମିବାଡ଼ି ବିଶେଷ କିଛି ନାଇଁ। ବଛର କେତେ ତଲେ ଦୈମତି ଆପ୍‌ନେ ଦେବାରକେ ହରେଇଛନ୍। ଏନ୍ତାଥି ତାକର ଦଦ୍‌ରା ମାଏଟ୍ କୁରିଆଟା ୩ ପରାନୀ ମୁଡ଼ ଗୁଁଜିବାର ଲାଗି ସାହାଭରସା ଥିଲା। ଫିଦିନ ଲେଖେଁ ୩ ମା'ଝି ଖାଇପିଇ ଘରର ପାଟେନ ଉପରକେ ଶୁଇବାକେ ଯାଇଥିଲେ। ହେଲେ ଝରି ବରଷା ଲାଗି ରାତି ପାଖାପାଖି ୩ ବଜେ ହଠାତ୍ ଘରର ପଛଫାଲର କାଁଥିଟା ମାଡ଼ି ବସ୍‌ଲା। କେହେନ୍‌ସି ମିତି ମା'ଝି ଇ ଘଟନା ଜାନିପାରି ପାଟେନ ଉପ୍‌ରୁ ତଲେକେ ପଲେଇ ଆସିଥିଲେ। ଉପ୍‌ରୁ ଉତିରଲାବେଲେ ଦୈମତିକଁର ଗୁଡ଼େ ଗୁଟେ ଇଟା ପଡ଼ିଯିବାର ଲାଗି ସେ ଅଲପ୍ ଖଁଡ଼ିଆ ହେଇଛନ୍। ସାହାଭରସା ପାଲଟିଥିବାର ଘରଟା ଭାଂଗି ଯିବାର ଲାଗି ଅସାହା ପରିବାରଟା ଦୁଖେ ଭାଂଗି ପଡ଼ିଛନ୍। ଇଆଡ଼େ ବଏସ୍ ଅଧିକା ହେବାର ଲାଗି ଦୈମତି କୁଲିମଜୁରି ବି କରି ନାଇଁପାରବାର। ପଁଚେତ୍‌ରୁ ମିଳୁଥିବାର ପିଡିଏସ୍ ଚାଉଲ ଆର ବିଧବା ଭତାରେ ୩ ମା'ଝି ଦୁଖେସୁଖେ ଚଲୁଛନ୍। ଏନ୍ତା ଅଭାବ ଅନାଟନ ଭିତ୍‌ରେ ସେମାନେ ଘରଟେ ତିଆରିବାର ସପନ୍ ବି ନାଇଁ ଦେଖିପାରବାର। ଏହେଦେ ଇ ବରଷା ଦିନେ ଦୁଇ ଯୁଆନ୍ ଝିଁକେ ଧରି କେନ୍‌କେ ଯିବେ, କାହାକେ ଗୁହାରି କରବେ, କିଏ ଆଶ୍ରେ ଦେବା, ଏନ୍ତା ନାନା କଥା ଚିନ୍ତା କରି ଦୈମତି ଲହ ଗଡ଼ଉଛନ୍। ଦୈମତି ଥାନୀୟ ସରପଁଚ୍‌କୁଁ ସାହାଯ୍ ଲାଗି ଗୁହାରି କରିଥିଲେ। ହେଲେ ସରପଁଚ୍ ଦୈମତିକୁଁ ପହେଲା ତହସିଲଦାରକୁଁ ଭେଟବାର ଲାଗି ପରାମଶ ଦେଇଥିବାର ସେ କହିଛନ୍। ଇ ନିସାହା ପରିବାର ଉପରେ ଜିଲା, ବ୍ଲକ ପରଶାସନ ଆର ଥାନୀୟ ବିଧାୟକ ଦୁରୁଷ୍ଟି ଦେଇ ଯେତେ ଜଲ୍‌ଦି ହେବା ଆବାସ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେବାକେ ଗାଁବାସୀ, ଜନସାଧାରନ ଦାବି କରିଛନ୍।



ବରଷାରେ ଭାଂଗି ଯାଇଥିବାର ଦୈମତିକଁର ଘର।



"ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

## ସାଙ୍ଗଠନିକ ବ୍ୟବସ୍ଥା ନେଇ ବିଜେଡିରେ ଆରମ୍ଭ ହେଲା ବିବାଦ

# ପର୍ଯ୍ୟବେକ୍ଷକଙ୍କଠାରେ ଫେରାଦ ହେଲେ ନେତା, କର୍ମୀ

ସୁନ୍ଦରଗଡ଼, ୮।୯ (ଡି.ଏନ୍.ଏ)



ବିଜେଡ଼ି କର୍ମୀ, ପୁରୁଖା ନେତା ନବନିଯୁକ୍ତ ପର୍ଯ୍ୟବେକ୍ଷକଙ୍କ ସହିତ ଆଲୋଚନା କରୁଛନ୍ତି।

ସାଧାରଣ ନିର୍ବାଚନ ପରେ ସୁନ୍ଦରଗଡ ଜିଲାରେ ଦଳୀୟ ସଙ୍ଗଠନକୁ ମଜବୁତ କରିବା ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ଅଣ୍ଟା ଭିଡିଛନ୍ତି। ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କୁ ସୁନ୍ଦରଗଡ ଜିଲାର ନୂତନ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛନ୍ତି। ପୂର୍ବରୁ ଏହି ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦଙ୍କ ପରେ ବିଧାୟକ ପ୍ରୀତିରଞ୍ଜନଙ୍କୁ ଏହି ଦାୟିତ୍ୱ ଦିଆଯିବା ପରେ ରବିବାର ପ୍ରଥମ କରି ସେ ସୁନ୍ଦରଗଡ ଜିଲା ଗସ୍ତରେ ଆସିଥିଲେ। ନବନିଯୁକ୍ତ ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ପ୍ରଥମେ ରାଉରକେଲା ଓ ବୀରମିତ୍ରପୁରଠାରେ ଦଳୀୟ ବିଧାୟକ କର୍ମୀ ଓ ପଦାଧିକାରୀଙ୍କ ସହ ଆଲୋଚନା କରିବା ପରେ ଅପରାହ୍ନରେ ସୁନ୍ଦରଗଡ ସାର୍କିଟହାଉସ ଠାରେ ଦଳୀୟ କର୍ମୀ ଓ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସୁନ୍ଦରଗଡରେ ପହଞ୍ଚିବା ପରେ ସେ ସହର ଉପକଣ୍ଠସ୍ଥ ରାଣୀବଗିଚା ବାଇପାସ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରେ ସ୍ଥାନୀୟ ବିଜେଡି କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପରେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ସାର୍କିଟ ହାଉସ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସାର୍କିଟ ହାଉସ ଠାରେ ଏହି ଆଲୋଚନା ବେଳେ ସ୍ଥାନୀୟ ବିଜେଡି କର୍ମୀ ଓ ପଦାଧିକାରୀ ମାନେ ଜିଲାରେ ଦଳୀୟ ସଙ୍ଗଠନିକ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ଜିଲାରେ ସୁନ୍ଦରଗଡ ଓ ରାଉରକେଲାକୁ ନେଇ ୨ଟି ସାଙ୍ଗଠନିକ ଜିଲା ରହିଥିଲା। ହେଲେ ପୂର୍ବରୁ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପ୍ରଶାନ୍ତ ନନ୍ଦଙ୍କ ସମୟରେ ୨ଟି ସାଙ୍ଗଠନିକ ଜିଲାକୁ ଗୋଟିଏ ଜିଲାରେ ପରିଣତ କରିବା ପରେ ସ୍ଥାନୀୟ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ପୂର୍ବତନ ଜିଲା ପର୍ଯ୍ୟବେକ୍ଷକ ନିଜସ୍ୱ ଗୋଷ୍ଠୀ ତିଆରି କରି ସେମାନଙ୍କର ଥଇଥାନକୁ ଆଗ୍ରାଧିକାର ଦେଇଥିଲେ ବୋଲି କର୍ମୀମାନେ ନବନିଯୁକ୍ତ ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନଙ୍କ ଆଗରେ ଖୋଲାଖୋଲି ଅଭିଯୋଗ କରି ନିଜର ଅସନ୍ତୋଷ ପ୍ରକଟ କରିଥିଲେ। ଏପରିକି ତୃଣମୂଳସ୍ତରରେ କାମ କରୁଥିବା ଦଳୀୟ କର୍ମୀ ଓ ସ୍ଥାନୀୟ ନେତୃବୃନ୍ଦଙ୍କୁ ଅଣଦେଖା କରାଯାଇ ସାଙ୍ଗଠନିକ ସ୍ତରରେ ଭୁବନେଶ୍ୱରରୁ ନିଷ୍ପତ୍ତି ହେବା ଦୁର୍ଭାଗ୍ୟଜନକ ବୋଲି କର୍ମୀ ମାନେ ପ୍ରକାଶ କରିଥିଲେ। ଏଣୁ ତୃଣମୂଳସ୍ତରରୁ ମତାମତକୁ ଅଗ୍ରାଧିକାର ଦେବାକୁ ଦାବି ହୋଇଥିଲା । ଜିଲାରେ ଗୋଟିଏ ଲୋକସଭା ଆସନ ସମେତ ୭ଟି ବିଧାନସଭା ଆସନରେ ଯଦିଓ ବିଜେଡି ଭଲ ପ୍ରଦର୍ଶନ କରିଥିଲେ ହେଁ ୨ଟି ଆସନ ବ୍ୟତୀତ ଅନ୍ୟ ୫ଟିରେ ବିଜେଡିକୁ ପରାଜୟର ମୁଖ ଦେଖିବାକୁ ମିଳିଥିଲା। ଆଗକୁ ଜିଲାରେ ରାଉରକେଲା ମହାନଗର ନିଗମ ସମେତ ସୁନ୍ଦରଗଡ, ରାଜଗାଙ୍ଗପୁର ଓ ବୀରମିତ୍ରପୁର ପୌରପାଳିକାରେ ହେବାକୁ ଥିବା ନିର୍ବାଚନରେ ବିଜେଡି କିଭଳି ଉତ୍ତମ ପ୍ରଦର୍ଶନ କରି କ୍ଷମତା ଦଖଲ କରିବ ସେ ନେଇ ଏବେ ଠାରୁ ସାଙ୍ଗଠାନିକ ସ୍ଥିତିକୁ ସୁଦୃଢ କରିବାକୁ ହେଲେ ଦଳରେ ଏହି ସାଙ୍ଗଠନିକ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ସଜାଡିବାକୁ ହେବ ବୋଲି କର୍ମୀମାନେ ମତଦେଇଥିଲେ। ନବନିଯୁକ୍ତ ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯାଇ ଜିଲାରେ ବିଜେଡି ସଙ୍ଗଠନକୁ କିଭଳି ଅଧିକ ମଜବୁତ କରାଯାଇପାରିବ ସେ ନେଇ ସମସ୍ତେ ମିଳିମିଶି କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ହେଲେ ଜିଲାରେ ଏହି ସାଙ୍ଗଠନିକ ବ୍ୟବସ୍ଥାକୁ ନେଇ ବିବାଦ ଆରମ୍ଭ ହୋଇଥି। ପୂର୍ବ ଭଳି ଜିଲାରେ ରାଉରକେଲା ଓ ସୁନ୍ଦରଗଡକୁ ୨ଟି ସାଙ୍ଗଠନିକ ଜିଲା ଗଠନ କରିବାକୁ ଅନେକ କର୍ମୀ ଦାବି କରିଥିଲେ। ଏହି ବୈଠକରେ ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ମଙ୍ଗଳା କିଷାନ୍, ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ଜନ୍ମେଜୟ ମହାପାତ୍ର, ହରଜେନ୍ଦ୍ର ସିଂ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସୁମନ୍ତ ପଣ୍ଡା, ଷ୍ଟିପେନ ସୋରେଙ୍ଗ, ଲଲାଟ ପରିଡା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଉପନଗରପାଳ ରଞ୍ଜନା ପଣ୍ଡା, ସୁମନ୍ତ ସାହୁ, ଜୟନାରାୟଣ ତ୍ରିପାଠୀ, ଅସୀତ ରାୟ, ଗୋପ ମହାନ୍ତି, ସୁରେନ୍ଦ୍ର ଭିତ୍ରିଆଙ୍କ ସମେତ ବହୁ କର୍ମୀ ଓ ପୁରୁଖା ନେତା ଉପସ୍ଥିତ ରହି ନବନିଯୁକ୍ତ ପର୍ଯ୍ୟବେକ୍ଷକଙ୍କ ସହିତ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ -ବାଇକ୍ ଧକ୍କା: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

କୁଆଁରମୁଣ୍ଡା, ୮।୯(ଡି.ଏନ.ଏ.)- ବୀରମିତ୍ରପୁର ଥାନା ୧୪୩ନଂ ଜାତୀୟ ରାଜପଥର ଚାଇନା ଟାଉନ ଛକ ନିକଟରେ ରବିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଟ୍ରକ୍ -ବାଇକ୍ ମଧ୍ୟରେ ଧକ୍କା ହେବାରୁ ବାଇକ୍‌ରେ ପଛରେ ବସିଥିବା ମହିଳା ଅନୀତା ତିର୍କୀ (୩୦)ଙ୍କ ମୃତ୍ୟୁ ଘଟିଛି। ବାଇକ ଚଳାଉଥିବା ତାଙ୍କ ସ୍ୱାମୀ ଦେଓଦାସ ତିର୍କୀ (୩୫) ଗୁରୁତର ହୋଇଛନ୍ତି। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଘର ସୁନ୍ଦରଗଡ଼ ଜିଲାର କାଂଶବାହାଲ ଅଞ୍ଚଳରେ। ପୋଲିସ ଉଭୟ ବାଇକ୍ ଓ ଟ୍ରକ୍ ଜବତ କରିଛି। ସ୍ୱାମୀ, ସ୍ତ୍ରୀ ବାଇକରେ ଯାଉଥିବାବେଳେ ଟ୍ରକ୍‌ଟି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିଲା।

### ବନ୍ଧୁକ ମୁନରେ ଟଙ୍କା ଲୁଟ୍

ନୂଆଗାଁ,୮।୯ (ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା ହାତୀବାରି ଥାନା ପୁରୁଣାପାଣି ଟାଉନ୍‌ଶିପ୍ ଅଞ୍ଚଳରେ ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ବନ୍ଧୁକ ଦେଖାଇ ଲୁଟ୍ ହୋଇଛି। ଏକ ବାଇକରେ ଦୁଇଜଣ ଦୁର୍ବୃତ୍ତ ଆସି ସମ୍ପୃକ୍ତ ଅଞ୍ଚଳର ଦେବ ସାହି ବନାରାଣି ସେଠୀଙ୍କୁ ଆକ୍ରମଣ କରିଥିଲେ। ବନ୍ଧୁକରେ ତାଙ୍କ ମୁଣ୍ଡକୁ ଆଘାତ କରିବାରୁ ସେ ରକ୍ତାକ୍ତ ହୋଇଥିବା ଜଣାପଡ଼ିଛି। ତାଙ୍କଠାରୁ ଲୁଟ୍ ହୋଇପାରି ନ ଥିବାବେଳେ ତାଙ୍କ ପାଖରେ ରହୁଥିବା ପୁରୁଣାପାଣି କୋଅପରେଟିଭ୍ ବ୍ୟାଙ୍କ ଏଜେଣ୍ଟ ଅଜୟ ନାଏକଙ୍କଠାରୁ ୪୦ହଜାର ଟଙ୍କା ଲୁଟ୍ ହୋଇଛି।

## କଲୁଙ୍ଗା ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ନୂତନ ପ୍ରଭାରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା

ବେଦବ୍ୟାସ, ୮।୯ (ଡି.ଏନ.ଏ)

ଲାଠିକଟା ପଞ୍ଚାୟତ ସମିତି ଅନ୍ତର୍ଗତ କଲୁଙ୍ଗା (ଖ) ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର କଲୁଙ୍ଗା କରତକଲ ଛକ ସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ସମ୍ମୁଖରେ ସୁନ୍ଦରଗଡ ଜିଲା ବିଜୁ ଜନତା ଦଳର ନୂତନ ପ୍ରଭାରୀ ଭାବେ ନିଯୁକ୍ତ ସୁକିନ୍ଦା ବିଧାୟକ ପ୍ରିତିରଞ୍ଜନ ଘଡାଇଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ସ୍ୱାଗତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଲୁଙ୍ଗା (ଖ) ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀର ସଭାପତି ତଥା ଯୁବ ନେତା ସୁକଦେବ ନନହାରଙ୍କ ବଳିଷ୍ଠ ନେତୃତ୍ୱରେ ଶତାଧିକ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ଘଡାଇଙ୍କୁ ପୁଷ୍ପଗୁଚ୍ଛ ଦେବା ସହ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ବାହିନୀର ସମ୍ପାଦକ ଲିବନ ଡୁଙ୍ଗଡୁଙ୍ଗ, କୋଷାଧକ୍ଷ ବିଜୟ କିଶାନ, କିଶୋର ଓରାମ, ସୁଧାଂଶୁ କିଶାନ, ସାନ୍ତା ବାହାଦୁର ଲାମା, ଅଜିତ ଡୁଙ୍ଗଡୁଙ୍ଗ, କାର୍ଲୁଶ ଟପ୍ପୋ, ବିକାଶ ଲୋହାର, ସୁଶିଲ ଟପ୍ପୋ ପ୍ରମୁଖଙ୍କ ସମେତ ରାଉରକେଲା ନିର୍ବାଚନ ମଣ୍ଡଳୀର ପ୍ରଭାରୀ ମାନସ ମହାନ୍ତି, ଗୌତମ ରାୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ। ଶେଷରେ ସଭ୍ୟ ସୁଧିର ଭଇଁଷା ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ

ବିଶ୍ରା, ୮।୯ (ଡି.ଏନ.ଏ)

ବିଶ୍ରା ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧକ୍ଷା ମେନକା ଓରାମଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଡିଓ ଈଶ୍ୱର ଚନ୍ଦ୍ର ଦାସ, ଏବିଡିଓ ଶରତ ଚନ୍ଦ୍ର ପ୍ରଧାନ, ବିରମିତ୍ରପୁର ବିଧାୟକ ଶଙ୍କର ଓରାମ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାଏକ, ବ୍ଲକ ଉପାଧକ୍ଷ ଜିତେନ୍ଦ୍ର ମାହାତ, ତଥା ବିଭିନ୍ନ ବିଭାଗୀୟ ଅଧିକାରୀ, ଶିଶୁ କଲ୍ୟାଣ ବିଭାଗ, ବିଜୁଳି ବିଭାଗ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା, ବନବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ । ଉକ୍ତ ଅବସରରେ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଅଭାବ, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ପାନୀୟ ଜଳ ସମସ୍ୟା, ଚାଷୀ ସମସ୍ୟା ତଥା ତହସିଲଦାରଙ୍କ ଅସହଯୋଗ ଯୋଗୁଁ ବିଶ୍ରା ବ୍ଲକରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାର ଉଦବେଗ ଦେଖା ଯାଇଥିଲା । ତହସିଲଦାର ଜମି ଚିହ୍ନଟ ନକରିବା ଦ୍ୱାରା ଅଙ୍ଗନୱାଡି ଘର, ଆମଗାଁ ଆମ ବିକାଶ ଘର ଭଳି ବିଭିନ୍ନ କାର୍ଯ୍ୟ ହୋଇପାରୁନାହିଁ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ତଥା ପଞ୍ଚାୟତ ସମିତି ଓ ସରପଞ୍ଚଙ୍କୁ କିଛି ନଜଣାଇବା ବିଷୟରେ ଉଦବେଗ ଦେଖାଯାଇଥିଲା। ପଞ୍ଚାୟତ ସମିତି ବୈଠକ ନିୟମିତ ନ ହେଉଥିବାର ଅଭିଯୋଗ ଓ ଉଦବେଗ ଦେଖାଯାଇଥିଲା । ଶେଷରେ ଏବିଡିଓ ଶରତ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁନ୍ଦରଗଡ଼ ଜିଲା ଫୁଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ସୁନ୍ଦରଗଡ଼, ୮।୯ (ଡି.ଏନ୍.ଏ)

ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ରବିବାର ଠାରୁ ସୁନ୍ଦରଗଡ ଷ୍ଟାଡିୟମ ଠାରେ ଜିଲା ଫୁଟବଲ ଚମ୍ପିୟାନଶିପ ୨୦୧୯ ଆରମ୍ଭ ହୋଇଛି । ଜିଲାପାଳ ନିଖିଳ ପବନ କଲ୍ୟାଣ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଫୁଟବଲ ଚାମ୍ପିୟନଶିପକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଖେଳାଳିମାନଙ୍କୁ ପୂର୍ଣ୍ଣପ୍ରାଣରେ ନିଜର ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଆହ୍ୱାନ କରିଥିଲେ। ନିଜର କ୍ରୀଡା ନୈପୁଣ୍ୟ ବୃଦ୍ଧି କରିବା ପାଇଁ ଶାରିରୀକ ଓ ମାନସିକ ସ୍ତରରେ ନିଜକୁ ଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲାରେ ମହିଳା ଫୁଟବଲର ପ୍ରଚାର ଓ ପ୍ରସାର ପାଇଁ ସେ କ୍ରୀଡାସଂସଦର ସହଯୋଗ କାମନା କରିଥିଲେ। ଏହି ଫୁଟବଲ ଚାମ୍ପିୟନଶିପ୍ ସୁନ୍ଦରଗଡ ଷ୍ଟାଡିୟମ ସମେତ ଏକାସାଙ୍ଗରେ ୩ଟି ପଡିଆ ଯଥା –ଜପଙ୍ଗା ,କୁଣ୍ଡୁକେଲା ଜୁବୁଲି ଖେଳପଡିଆ ଠାରେ ଆୟୋଜିତ ହୋଇଛି । ରବିବାର ସୁନ୍ଦରଗଡ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଉଦଘାଟନୀ ମ୍ୟାଚ୍‌ରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ସଂଘର୍ଷ କ୍ଲବ ସାପଡଗରକୁ ୧–୦ ଗୋଲରେ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ଜୟ ଶ୍ରୀରାମ କ୍ଲବ କରମଡିହି ଏକ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍‌ରେ ଲିଟିଲ ଷ୍ଟାର କ୍ଲବ କିରିପସିରା ଠାରୁ କିରିପସିରା ଖେଳାଳୀ ନେପାଳ ସୋରେନ୍ ଙ୍କ ଚିତ୍ତାକର୍ଷକ ହ୍ୟାଟ୍ରିକ ବଳରେ ୩–୦ ଗୋଲ ବ୍ୟବଧାନରେ ପରାସ୍ତ ହୋଇଥିଲା। ଜପଙ୍ଗା ଖେଳପଡିଆ ରେ ଆୟୋଜିତ ମ୍ୟାଚ୍‌ରେ ଧରୁଆଡିହି ଫୁଟବଲ କ୍ଲବ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୧–୦ ଗୋଲ ବ୍ୟବଧାନରେ କେନାପାଲି ଫୁଟବଲ କ୍ଲବକୁ ପରାସ୍ତ କରି ବିଜୟୀ ହୋଇଛି । ସେହିପରି କୁଣ୍ଡୁକେଲା ଜୁବୁଲି ଖେଳ ପଡିଆରେ ଆୟୋଜିତ ମ୍ୟାଚରେ ରାଧାକ୍ରିଷ୍ଣ କ୍ଲବ ସମର ଡିହି ୧–୦ ଗୋଲରେ ବିଜୟଲକ୍ଷ୍ମୀ କ୍ଲବ ବନ୍ଧପାଲିକୁ ପରାସ୍ତ କରିଥିଲା। କ୍ରୀଡାସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ସମାରୋହରେ ସହସାଧାରଣ ସମ୍ପାଦକ ଜୟଦେବ ପାତ୍ର, ଉପସଭାପତି ଚିତ୍ତରଞ୍ଜନ ବହିଦାର, ରାଜେନ୍ଦ୍ର ମହାନ୍ତି, ପୌଷଚନ୍ଦ୍ର ପଟେଲ, କାର୍ତ୍ତିକ ବରିହା, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, କାଉନସିଲ ସଦସ୍ୟ ବିମଳ ବୋଷ, ସୁରଜ ଭୈଷାଁଲ, ବୀରମିତ୍ରକାଲୋ, ଶିଶିର ପଟେଲ, ଆଶୀଷ ଦେ, ରୋମାଞ୍ଚ ଭୈଷାଁଲ, ପ୍ରସାଦ ନାଏକ, ପ୍ରଶାନ୍ତ ପଟେଲ, ଦିବ୍ୟ ସିଂ ନାଏକ, ମେରିଜନ୍ ବାଗେ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱରଞ୍ଜନ ହୋତା ମଞ୍ଚ ପରିଚାଳନା କରିଥିଲେ। ସୋମବାର ୬ଟି ମ୍ୟାଚ ଆୟୋଜିତ ହେବ ବୋଲି ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳ ସୂଚନା ଦେଇଛନ୍ତି।





ଆଜିର କାମ ଆସନ୍ତା କାଲିକୁ ବାକି ରଖୁ ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ



### ବସ୍ ଧକ୍କାରେ ୨ ଗାଈ ମୃତ

ଲଖନପୁର,୮।୯(ଡି.ଏନ୍.ଏ.)- ଇବ୍ ଥର୍ମାଲରୁ କେନ୍ଦୁଝର ଅଭିମୁଖେ ଯାଉଥିବା ଓଡି୨୩-ଇ୯୫୯୬ନଂ ଘରେଇ ବସ୍ ରବିବାର ସନ୍ଧ୍ୟା ୭ଟା ୧୫ରେ ବନ୍ଧବାହାଲ ଡିଏଭି ସ୍କୁଲ ବୁଲାଣିରେ ଧକ୍କାଦେବା ଫଳରେ ୨ ଗାଈଙ୍କ ମୃତ୍ୟୁ ହୋଇଛି। ବସ୍ ଚାଳକ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ପରେ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ବନହରପାଲି ଥାନା ପୋଲିସ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପୋଲିସ ବସ୍ ଜବତ କରିଛି। ମୃତ ଗାଈ ମାଲିକଙ୍କ ପରିଚୟ ମିଳିନାହିଁ। ବସ୍ ମାଲିକଙ୍କ ନିକଟରୁ ଜରିମାନା ଆଦାୟ କରାଯିବ ବୋଲି ଆଇଆଇସି ପ୍ରଶାନ୍ତ ମେହେର କହିଛନ୍ତି।

### ଗଜଲକ୍ଷ୍ମୀ ଯାତ୍ରା ପ୍ରସ୍ତୁତି ବୈଠକ

କିର୍ମିରା,୮।୯ (ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା କିର୍ମିରା ଗ୍ରାମରେ ପ୍ରତିବର୍ଷ ପରି ଚଳିତବର୍ଷ ଗଜଲକ୍ଷ୍ମୀ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ୯ ଦିନ ଧରି ହେବାକୁ ଥିବା ଏହି ପୂଜା ଅବସରରେ ପ୍ରତ୍ୟହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଅକ୍ଟୋବର ୧୨ ତାରିଖ କଳସ ଯାତ୍ରା, ୧୩ ତାରିଖ ପୂଜାରମ୍ଭ ଓ ୨୦ ତାରିଖ ଘଟ ବିସର୍ଜନ କରାଯିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି। ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ରାମେଶ୍ୱର ପାଣିଗ୍ରାହୀ ସଭାପତି, ଟିଙ୍କୁ ପ୍ରଧାନ ଉପସଭାପତି, ମୁନ୍ନା ଭିତିରିଆ ସମ୍ପାଦକ, ପପୁନ ନାଏକ ଯୁଗ୍ମ ସମ୍ପାଦକ, ଟିମନ୍ ଅମାତ କୋଷାଧ୍ୟକ୍ଷ, ଯୁଧିଷ୍ଠିର ଅମାତ ଯୁଗ୍ମ କୋଷାଧକ୍ଷ ଏବଂ ଉମେଶ ପଟେଲ, ନିର୍ମଳ ସାହୁ, କୃଷ୍ଣ ଅମାତ, ମୁକ୍ତେ ବେହେରା, ବିଳାସିନୀ ପଟେଲ, ଆଶିଷ ସାହୁ, ପରେଶ ଧୁରୁଆ, ବାବୁଲ ଚାରଦିଆ, ସନ୍ତୋଷ ଛତ୍ରିଆ, କର୍ଣ୍ଣ କାହାଲି, ଭବାନୀ ବୁଡ଼ା ସଭ୍ୟ ରହିଛନ୍ତି। ଉପଦେଷ୍ଟା ଭାବେ ମୀନକେତନ ବେହେରା, ଦୀନେଶ ଅମାତ, କୁଞ୍ଜବିହାରୀ ପଟେଲ ମନୋନୀତ ହୋଇଛନ୍ତି।

### ମହରମରେ ବନ୍ଦ ହେଉ ମଦ ଦୋକାନ

ସମ୍ବଲପୁର, ୮।୯ (ବ୍ୟୁରୋ) ଇସଲାମ୍ ଧର୍ମର ପବିତ୍ର ମହରମ୍ ପର୍ବ ତଥା ବଳିଦାନ ଦିବସ ଚଳିତ ମାସ ୧୧ ତାରିଖ ପାଳିତ ହେବ। ଏହି ଅବସରରେ ପ୍ରତ୍ୟେକ ପଡାରୁ ଶୋଭାଯାତ୍ରା ବାହାରିବ। ଏହି ପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ବୈଠକ ମଧ ହୋଇଛି। ଶାନ୍ତି କମିଟି ବୈଠକରେ ବିଦେଶୀ ମଦ ଦୋକାନ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ୧୦ ତାରିଖ ସନ୍ଧ୍ୟାରୁ ୧୧ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ ଦଲେଇପଡା ମହରମ୍ କମିଟିର ମହମ୍ମଦ ଇସାକ୍ ରବିବାର ଏକ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି।

## ସାଙ୍ଗଠନିକ ବ୍ୟବସ୍ଥା ନେଇ ବିଜେଡିରେ ଆରମ୍ଭ ହେଲା ବିବାଦ

# ପର୍ଯ୍ୟବେକ୍ଷକଙ୍କଠାରେ ଫେରାଦ ହେଲେ ନେତା, କର୍ମୀ

ସୁନ୍ଦରଗଡ଼, ୮।୯ (ଡି.ଏନ୍.ଏ)

ସାଧାରଣ ନିର୍ବାଚନ ପରେ ସୁନ୍ଦରଗଡ ଜିଲାରେ ଦଳୀୟ ସଙ୍ଗଠନକୁ ମଜବୁତ କରିବା ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ଅଣ୍ଟା ଭିଡିଛନ୍ତି। ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କୁ ସୁନ୍ଦରଗଡ ଜିଲାର ନୂତନ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛନ୍ତି। ପୂର୍ବରୁ ଏହି ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦଙ୍କ ପରେ ବିଧାୟକ ପ୍ରୀତିରଞ୍ଜନଙ୍କୁ ଏହି ଦାୟିତ୍ୱ ଦିଆଯିବା ପରେ ରବିବାର ପ୍ରଥମ କରି ସେ ସୁନ୍ଦରଗଡ ଜିଲା ଗସ୍ତରେ ଆସିଥିଲେ। ନବନିଯୁକ୍ତ ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ପ୍ରଥମେ ରାଉରକେଲା ଓ ବୀରମିତ୍ରପୁରଠାରେ ଦଳୀୟ ବିଧାୟକ କର୍ମୀ ଓ ପଦାଧିକାରୀଙ୍କ ସହ ଆଲୋଚନା କରିବା ପରେ ଅପରାହ୍ନରେ ସୁନ୍ଦରଗଡ ସାର୍କିଟହାଉସ ଠାରେ ଦଳୀୟ କର୍ମୀ ଓ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସୁନ୍ଦରଗଡରେ ପହଞ୍ଚିବା ପରେ ସେ ସହର ଉପକଣ୍ଠସ୍ଥ ରାଣୀବଗିଚା ବାଇପାସ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରେ ସ୍ଥାନୀୟ ବିଜେଡି କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପରେ ଏକ ଶୋଭାଯାତ୍ରାରେ ସ୍ଥାନୀୟ



ବିଜେଡ଼ି କର୍ମୀ, ପୁରୁଖା ନେତା ନବନିଯୁକ୍ତ ପର୍ଯ୍ୟବେକ୍ଷକଙ୍କ ସହିତ ଆଲୋଚନା କରୁଛନ୍ତି।

ସାର୍କିଟ ହାଉସ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସାର୍କିଟ ହାଉସ ଠାରେ ଏହି ଆଲୋଚନା ବେଳେ ସ୍ଥାନୀୟ ବିଜେଡି କର୍ମୀ ଓ ପଦାଧିକାରୀ ମାନେ ଜିଲାରେ ଦଳୀୟ ସଙ୍ଗେଠନିକ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ଜିଲାରେ ସୁନ୍ଦରଗଡ ଓ ରାଉରକେଲାକୁ ନେଇ ୨ଟି ସାଙ୍ଗଠନିକ ଜିଲା ରହିଥିଲା। ହେଲେ ପୂର୍ବରୁ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପ୍ରଶାନ୍ତ ନନ୍ଦଙ୍କ ସମୟରେ ୨ଟି ସାଙ୍ଗଠନିକ ଜିଲାକୁ ଗୋଟିଏ ଜିଲାରେ ପରିଣତ କରିବା ପରେ ସ୍ଥାନୀୟ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ପୂର୍ବତନ ଜିଲା ପର୍ଯ୍ୟବେକ୍ଷକ ନିଜସ୍ୱ ଗୋଷ୍ଠୀ ତିଆରି କରି ସେମାନଙ୍କର ଥଇଥାନକୁ ଅଗ୍ରାଧିକାର ଦେଇଥିଲେ ବୋଲି କର୍ମୀମାନେ ନବନିଯୁକ୍ତ ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନଙ୍କ ଆଗରେ ଖୋଲାଖୋଲି ଅଭିଯୋଗ କରି ନିଜର ଅସନ୍ତୋଷ ପ୍ରକଟ କରିଥିଲେ। ଏପରିକି ତୃଣମୂଳସ୍ତରରେ କାମ କରୁଥିବା ଦଳୀୟ କର୍ମୀ ଓ ସ୍ଥାନୀୟ ନେତୃବୃନ୍ଦଙ୍କୁ ଅଣଦେଖା କରାଯାଇ ସାଙ୍ଗଠନିକ ସ୍ତରରେ ଭୁବନେଶ୍ୱରରୁ ନିଷ୍ପତ୍ତି ହେବା ଦୁର୍ଭାଗ୍ୟଜନକ ବୋଲି କର୍ମୀ ମାନେ ପ୍ରକାଶ କରିଥିଲେ। ଏଣୁ ତୃଣମୂଳସ୍ତରରୁ ମତାମତକୁ ଅଗ୍ରାଧିକାର ଦେବାକୁ ଦାବି ହୋଇଥିଲା। ଜିଲାରେ ଗୋଟିଏ ଲୋକସଭା ଆସନ ସମେତ ୭ଟି ବିଧାନସଭା ଆସନରେ ଯଦିଓ ବିଜେଡି ଭଲ ପ୍ରଦର୍ଶନ କରିଥିଲେ ହେଁ ୨ଟି ଆସନ ବ୍ୟତୀତ ଅନ୍ୟ ୫ଟିରେ ବିଜେଡିକୁ ପରାଜୟର ମୁଖ ଦେଖିବାକୁ ମିଳିଥିଲା। ଆଗକୁ ଜିଲାରେ ରାଉରକେଲା ମହାନଗର ନିଗମ ସମେତ ସୁନ୍ଦରଗଡ, ରାଜଗାଙ୍ଗପୁର ଓ ବୀରମିତ୍ରପୁର ପୌରପାଳିକାରେ ହେବାକୁ ଥିବା ନିର୍ବାଚନରେ ବିଜେଡି କିଭଳି ଉତ୍ତମ ପ୍ରଦର୍ଶନ କରି କ୍ଷମତା ଦଖଲ କରିବ ସେ ନେଇ ଏବେ ଠାରୁ ସାଙ୍ଗଠାନିକ ସ୍ଥିତିକୁ ସୁଦୃଢ କରିବାକୁ ହେଲେ ଦଳରେ ଏହି ସାଙ୍ଗଠନିକ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ସଜାଡିବାକୁ ହେବ ବୋଲି କର୍ମୀମାନେ ମତଦେଇଥିଲେ । ନବନିଯୁକ୍ତ ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯାଇ ଜିଲାରେ ବିଜେଡି ସଙ୍ଗଠନକୁ କିଭଳି ଅଧିକ ମଜବୁତ କରାଯାଇପାରିବ ସେ ନେଇ ସମସ୍ତେ ମିଳିମିଶି କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ହେଲେ ଜିଲାରେ ଏହି ସାଙ୍ଗଠନିକ ବ୍ୟବସ୍ଥାକୁ ନେଇ ବିବାଦ ଆରମ୍ଭ ହୋଇଥି। ପୂର୍ବ ଭଳି ଜିଲାରେ ରାଉରକେଲା ଓ ସୁନ୍ଦରଗଡକୁ ୨ଟି ସାଙ୍ଗଠନିକ ଜିଲା ଗଠନ କରିବାକୁ ଅନେକ କର୍ମୀ ଦାବି କରିଥିଲେ। ଏହି ବୈଠକରେ ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ମଙ୍ଗଳା କିଷାନ୍, ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ଜନ୍ମେଜୟ ମହାପାତ୍ର, ହରଜେନ୍ଦ୍ର ସିଂ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସୁମନ୍ତ ପଣ୍ଡା, ଷ୍ଟିଫେନ ସୋରେଙ୍ଗ, ଲଲାଟ ପରିଡା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଉପନଗରପାଳ ରଞ୍ଜନା ପଣ୍ଡା, ସୁମନ୍ତ ସାହୁ, ଜୟନାରାୟଣ ତ୍ରିପାଠୀ, ଅସୀତ ରାୟ, ଗୋପ ମହାନ୍ତି, ସୁରେନ୍ଦ୍ର ଭିତ୍ରିଆ ଙ୍କ ସମେତ ବହୁ କର୍ମୀ ଓ ପୁରୁଖା ନେତା ଉପସ୍ଥିତ ରହି ନବନିଯୁକ୍ତ ପର୍ଯ୍ୟବେକ୍ଷକଙ୍କ ସହିତ ଆଲୋଚନା କରିଥିଲେ।

### ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ

ବିଶ୍ରା, ୮।୯ (ଡି.ଏନ.ଏ)

ବିଶ୍ରା ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷା ମେନକା ଓରାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଡିଓ ଈଶ୍ୱର ଚନ୍ଦ୍ର ଦାସ, ଏବିଡିଓ ଶରତ ଚନ୍ଦ୍ର ପ୍ରଧାନ, ବିରମିତ୍ରପୁର ବିଧାୟକ ଶଙ୍କର ଓରାମ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାଏକ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର ମାହାତ, ତଥା ବିଭିନ୍ନ ବିଭାଗୀୟ ଅଧିକାରୀ, ଶିଶୁ କଲ୍ୟାଣ ବିଭାଗ, ବିଜୁଳି ବିଭାଗ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା, ବନବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ । ଉକ୍ତ ଅବସରରେ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଅଭାବ, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ପାନୀୟ ଜଳ ସମସ୍ୟା, ଚାଷୀ ସମସ୍ୟା ତଥା ତହସିଲଦାରଙ୍କ ଅସହଯୋଗ ଯୋଗୁଁ ବିଶ୍ରା ବ୍ଲକରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାର ଉଦବେଗ ଦେଖା ଯାଇଥିଲା । ତହସିଲଦାର ଜମି ଚିହ୍ନଟ ନକରିବା ଦ୍ୱାରା ଅଙ୍ଗନୱାଡି ଘର, ଆମଗାଁ ଆମ ବିକାଶ ଘର ଭଳି ବିଭିନ୍ନ କାର୍ଯ୍ୟ ହୋଇପାରୁନାହିଁ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ତଥା ପଞ୍ଚାୟତ ସମିତି ଓ ସରପଞ୍ଚଙ୍କୁ କିଛି ନଜଣାଇବା ବିଷୟରେ ଉଦବେଗ ଦେଖାଯାଇଥିଲା। ପଞ୍ଚାୟତ ସମିତି ବୈଠକ ନିୟମିତ ନ ହେଉଥିବାର ଅଭିଯୋଗ ଓ ଉଦବେଗ ଦେଖାଯାଇଥିଲା । ଶେଷରେ ଏବିଡିଓ ଶରତ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।





ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଇବ୍ ଥର୍ମାଲରେ ନୂଆଁଖାଇ ଭେଟଘାଟ

# ଐତିହ୍ୟ, ପରମ୍ପରାର ପ୍ରତୀକ ନୂଆଁଖାଇ

ଲଖନପୁର,୮।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବନହରପାଲିସ୍ଥିତ ଇବ୍ ଥର୍ମାଲରେ ରବିବାର ଇବ୍ କ୍ଲବ ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ରୀତିନୀତି ଅନୁଯାୟୀ ଗୌନ୍ତିଆ ରାଜକୁମାର ବେହେରାଙ୍କୁ ବରଣ କରାଯାଇ ତାଙ୍କ କ୍ୱାର୍ଟର୍ସରୁ ଶୋଭାଯାତ୍ରାରେ ଶିବ ମନ୍ଦିର ପର୍ଯ୍ୟନ୍ତ ଅଣାଯାଇଥିଲା। ମନ୍ଦିରରେ ପୂଜାର୍ଚ୍ଚନା ପରେ ମା’ ସମଲେଇଙ୍କୁ ବରଣ କରାଯାଇ ଶୋଭାଯାତ୍ରାରେ କଲୋନୀ ପରିକ୍ରମା କରାଯାଇଥିଲା। ପରେ ମା’ଙ୍କୁ ମଣ୍ଡପରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ଦାଶରଥି ଦାସ ଓ ବିଦ୍ୟାଧର ପାଢୀଯୋଶୀ ପୂଜାକାର୍ଯ୍ୟ ତୁଲାଇଥିଲେ। ଇବ୍ କ୍ଲବ ସାଧାରଣ ସମ୍ପାଦକ ସେନାପତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଡାକ୍ତର ବିଜୟଲାଲ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ କବି ବ୍ୟାସଦେବ ପଣ୍ଡା, ସମ୍ମାନିତ ଅତିଥି ଏଚ୍.କଣ୍ଟାପାଲି କଲେଜ ଅଧ୍ୟାପିକା ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ମନ୍ଦାକିନୀ ଶତପଥୀ, ଶିକ୍ଷୟିତ୍ରୀ ଡ. ଶିବପ୍ରିୟା ମିଶ୍ର ଯୋଗଦେଇଥିଲେ। ସାମାଜିକ କର୍ମୀ ମୋହିନ ଦାସ ମଞ୍ଚ ପରିଚାଳନା କରିଥିଲେ। ଉପଦେଷ୍ଟା କୃଷ୍ଣ ସାହୁ ନୂଆଁଖାଇ ଭେଟଘାଟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ନୂଆଁଖାଇ ପଶ୍ଚିମ ଓଡ଼ିଶାର ଏକ ମହାନ କୃଷିଭିତ୍ତିକ ପର୍ବ। ଏହା ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପ୍ରତୀକ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅଢ଼ାପଡ଼ା ଗ୍ରାମର କ୍ଷେତ୍ର ଭୋଇ, ତେଲେନପାଲିର ଶଶୀନ୍ଦ୍ର ପ୍ରଧାନ, ହାଡୁ ଭଇଁଷାଲ ଓ ଜିତେନ୍ଦ୍ର ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମହିଳା ଓ ପୁରୁଷମାନେ ଏକାଠି ବସି ଭୋଜନ କରିଥିଲେ। ଇବ୍ କ୍ଲବ ସାଧାରଣ ସମ୍ପାଦକ ପ୍ରଧାନ, ସହସମ୍ପାଦକ ମହେଶ୍ୱର ପୃଷ୍ଟି, ସାଂସ୍କୃତିକ ସମ୍ପାଦକ ମକରଧ୍ୱଜ ସା, ଖେଳ ସମ୍ପାଦକ ଦିଲୀପ ପ୍ରଧାନ, କୋଷାଧ୍ୟକ୍ଷ ଲକ୍ଷ୍ମଣ ପ୍ରଧାନ, ଅଡିଟର ସୁଶିଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଶାଳକଙ୍କୁ ମାଡ଼, ଭିଣୋଇ ଗିରଫ

ଝାରସୁଗୁଡ଼ା ଅଫିସ/ଲଖନପୁର, ୮।୯(ଡି.ଏନ୍.ଏ.)

ଶାଳକଙ୍କୁ ମାଡ଼ ମାରିବା ଅଭିଯୋଗରେ ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ପୋଲିସ ଭିଣେଇଙ୍କୁ ଗିରଫ କରି ରବିବାର କୋର୍ଟଚାଲଣ କରିଛି। ଗିରଫ ଭିଣୋଇ ହେଲେ କୋଲାବିରା ଥାନା ପରମାଣପୁର ଗ୍ରାମର ପବିତ୍ର କଉଡ଼ି (୩୦)। ପବିତ୍ରଙ୍କ ଶାଳକ ତରୁଣ ଗଡ଼ୱାଲ (୨୨)ଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ. ୧୪୩/୧୯) ରୁଜୁକରି ତଦନ୍ତ କରୁଛି। ପବିତ୍ର ବଡ଼ମାଲ ଥାନା ରାଉତବନ୍ଧ ଗ୍ରାମର ତିଳୋତ୍ତମାଙ୍କୁ ବିବାହ କରିଥିଲେ। ବିବାହର କିଛିମାସ ପରେ ପବିତ୍ର ତିଳୋତ୍ତମାଙ୍କୁ ମାରପିଟ କରି ନିର୍ଯ୍ୟାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ତିଳୋତ୍ତମା ବାପଘରେ ଆସି ରହୁଛନ୍ତି। ଏଭଳି ସ୍ଥିତିରେ ପବିତ୍ର ସେଠାକୁ ଆସି ତରୁଣଙ୍କୁ ମାରପିଟ କରି ତାଙ୍କ ପଟେଟରୁ ହଜାରେ ଟଙ୍କା ଚୋରିକରି ଫେରାର ହୋଇଯାଉଥିବା ବେଳେ ତରୁଣଙ୍କ ପରିବାର ଲୋକେ ତାଙ୍କୁ ଅଟକ ରଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ପବିତ୍ରଙ୍କୁ ଗିରଫ କରିଛି।

## ଗଣ୍ଡ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ବ୍ରଜରାଜନଗର,୮।୯ (ଡି.ଏନ୍.ଏ.)

ବ୍ରଜରାଜନଗର ସହରାଞ୍ଚଳ ଅନ୍ତର୍ଗତ ତେଲେନପାଲି ହାଇସ୍କୁଲ ଖେଳପଡ଼ିଆରେ ଗଣ୍ଡ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପଶ୍ଚିମ ଓଡ଼ିଶାର ଖ୍ୟାତନାମା ଗାୟକ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କର୍ମକର୍ତ୍ତାମାନେ ତାଙ୍କୁ ସ୍ଥାନୀୟ ଗୋପବନ୍ଧୁ ଛକରୁ ଶୋଭାଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଆୟୋଜକ ଶାସ୍ତ୍ରୀନଗର ଗଣ୍ଡ ସମାଜ ପକ୍ଷରୁ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିଡିଓ ଶରତ ବାଗ, ବିଜେଡି ନେତା ତ୍ରିନାଥ ଗୁଆଲ, ନୃପଲାଲ ତାଣ୍ଡିଆ, ପ୍ରଫେସର ରମେଶ ମହାନନ୍ଦ, ଝାରସୁଗୁଡ଼ା ଜିଲା ଗଣ୍ଡ ସମାଜ ବିକାଶ ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀଚରଣ ପାଲ ଓ ଏସ୍‌ଟି-ଏସ୍‌ସି ସେଲ ଅଧ୍ୟକ୍ଷ ନିହାଲ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଡକର ଆମମାନଙ୍କୁ ଯେଉଁ ରାସ୍ତା ଦେଖାଇଛନ୍ତି ଆମେ ସମସ୍ତେ ସେହି ରାସ୍ତାରେ ଚାଲିଲେ ସମାଜର ବିକାଶ ସହ ବ୍ୟକ୍ତିଗତ ସ୍ତରରେ ମଧ ବିକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷୀ ଜୟପୁରିଆ, ରୁବି ତନ୍ତୀ, ଚାନ୍ଦବୀ ଜୟପୁରିଆ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ହଜାର ହଜାର ମହିଳା ପୁରୁଷ ବୁଢାବୃଦ୍ଧ ଏବଂ ପିଲା ଏକାଠି ଭୋଜନ କରିଥିଲେ। ଶାସ୍ତ୍ରୀନଗର ଗଣ୍ଡ ସମାଜର ୨୪ ଜଣିଆ ପ୍ରତିନିଧି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଅତିଥିମାନଙ୍କୁ ସଭାମଞ୍ଚରେ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଉଛି।



ଦନ୍ତାହାତୀ ଦୁଇଟି ଜଙ୍ଗଲରୁ ବାହାରି ରାସ୍ତାକୁ ଚାଲିଆସିଛନ୍ତି।

### କାଦୋବାହାଲ ଜଙ୍ଗଲରେ ଦନ୍ତା

କିର୍ମିରା,୮।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବାଗଡିହି ରେଞ୍ଜ ଅନ୍ତର୍ଗତ କାଦୋବାହାଲ ଜଙ୍ଗଲରେ ୬ ହାତୀଙ୍କ ଚଳପ୍ରଚଳ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ହାତୀପଲ କାଦୋବାହାଲର ପିତାମାଲ ଜଙ୍ଗଲରେ ଥିବାବେଳେ ରବିବାର ଦୁଇଟି ଦନ୍ତା ରାସ୍ତା ଉପରକୁ ଚାଲି ଆସିଥିଲେ। ହାତୀଙ୍କୁ ଦେଖି ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ପରେ ବନ ବିଭାଗ କର୍ମଚାରୀ ହାତୀଙ୍କୁ ଜଙ୍ଗଲ ଭିତରକୁ ଘଉଡ଼ାଇ ଦେଇଥିଲେ। ବର୍ତ୍ତମାନ ହାତୀ ପିତାମାଲ ଜଙ୍ଗଲରେ ରହିଛନ୍ତି। ଏ ସମ୍ପର୍କରେ ବାଗଡିହି ରେଞ୍ଜର ଗଜିନ୍ଦ୍ର ନାଏକଙ୍କୁ ପଚରାଯିବାରୁ ବିଭାଗୀୟ ପାଟ୍ରୋଲିଂ ସ୍କାଡ୍ ହାତୀଙ୍କ ଗତିବିଧି ଅନୁଧ୍ୟାନ କରୁଥିବା ସେ କହିଛନ୍ତି।

# ସୁନ୍ଦରଗଡ଼ ଜିଲା ଫୁଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ସୁନ୍ଦରଗଡ଼, ୮।୯ (ଡି.ଏନ୍.ଏ)

ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ରବିବାର ଠାରୁ ସୁନ୍ଦରଗଡ ଷ୍ଟାଡିୟମ ଠାରେ ଜିଲା ଫୁଟବଲ ଚମ୍ପିୟାନଶିପ ୨୦୧୯ ଆରମ୍ଭ ହୋଇଛି । ଜିଲାପାଳ ନିଖିଳ ପବନ କଲ୍ୟାଣ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଫୁଟବଲ ଚାମ୍ପିୟନଶିପକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଖେଳାଳିମାନଙ୍କୁ ପୂର୍ଣ୍ଣପ୍ରାଣରେ ନିଜର ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଆହ୍ୱାନ କରିଥିଲେ। ନିଜର କ୍ରୀଡା ନୈପୁଣ୍ୟ ବୃଦ୍ଧି କରିବା ପାଇଁ ଶାରିରୀକ ଓ ମାନସିକ ସ୍ତରରେ ନିଜକୁ ଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲାରେ ମହିଳା ଫୁଟବଲର ପ୍ରଚାର ଓ ପ୍ରସାର ପାଇଁ ସେ କ୍ରୀଡାସଂସଦର ସହଯୋଗ କାମନା କରିଥିଲେ। ଏହି ଫୁଟବଲ ଚାମ୍ପିୟନଶିପ୍ ସୁନ୍ଦରଗଡ ଷ୍ଟାଡିୟମ ସମେତ ଏକାସାଙ୍ଗରେ ୩ଟି ପଡିଆ ଯଥା -ଜପଙ୍ଗା ,କୁଣ୍ଡୁକେଲା ଜୁବୁଲି ଖେଳପଡିଆ ଠାରେ ଆୟୋଜିତ ହୋଇଛି । ରବିବାର ସୁନ୍ଦରଗଡ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଉଦଘାଟନୀ ମ୍ୟାଚ୍‌ରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ସଂଘର୍ଷ କ୍ଲବ ସାପଡଗରକୁ ୧-୦ ଗୋଲରେ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ଜୟ ଶ୍ରୀରାମ କ୍ଲବ କରମଡିହି ଏକ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍‌ରେ ଲିଟିଲ ଷ୍ଟାର କ୍ଲବ କିରିପସିରା ଠାରୁ କିରିପସିରା ଖେଳାଳୀ ନେପାଳ ସୋରେନ୍ ଙ୍କ ଚିତ୍ତାକର୍ଷକ ହ୍ୟାଟ୍ରିକ ବଳରେ ୩-୦ ଗୋଲ ବ୍ୟବଧାନରେ ପରାସ୍ତ ହୋଇଥିଲା। ଜପଙ୍ଗା ଖେଳପଡିଆ ରେ ଆୟୋଜିତ ମ୍ୟାଚ୍‌ରେ ଧରୁଆଡିହି ଫୁଟବଲ କ୍ଲବ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୧-୦ ଗୋଲ ବ୍ୟବଧାନରେ କେନାପାଲି ଫୁଟବଲ କ୍ଲବକୁ ପରାସ୍ତ କରି ବିଜୟୀ ହୋଇଛି । ସେହିପରି କୁଣ୍ଡୁକେଲା ଜୁବୁଲି ଖେଳ ପଡିଆରେ ଆୟୋଜିତ ମ୍ୟାଚରେ ରାଧାକ୍ରିଷ୍ଣ କ୍ଲବ ସମର ଡିହି ୧-୦ ଗୋଲରେ ବିଜୟଲକ୍ଷ୍ମୀ କ୍ଲବ ବନ୍ଧପାଲିକୁ ପରାସ୍ତ କରିଥିଲା। କ୍ରୀଡାସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ସମାରୋହରେ ସହସାଧାରଣ ସମ୍ପାଦକ ଜୟଦେବ ପାତ୍ର, ଉପସଭାପତି ଚିତ୍ତରଞ୍ଜନ ବହିଦାର, ରାଜେନ୍ଦ୍ର ମହାନ୍ତି, ପୌଷଚନ୍ଦ୍ର ପଟେଲ, କାର୍ତ୍ତିକ ବରିହା, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, କାଉନସିଲ ସଦସ୍ୟ ବିମଳ ବୋଷ, ସୁରଜ ଭୈଷାଁଲ, ବୀରମିତ୍ରକାଲୋ, ଶିଶିର ପଟେଲ, ଆଶୀଷ ଦେ, ରୋମାଞ୍ଚ ଭୈଷାଁଲ, ପ୍ରସାଦ ନାଏକ, ପ୍ରଶାନ୍ତ ପଟେଲ, ଦିବ୍ୟ ସିଂ ନାଏକ, ମେରିଜନ୍ ବାଗେ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱରଞ୍ଜନ ହୋତା ମଞ୍ଚ ପରିଚାଳନା କରିଥିଲେ। ସୋମବାର ୬ଟି ମ୍ୟାଚ ଆୟୋଜିତ ହେବ ବୋଲି ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳ ସୂଚନା ଦେଇଛନ୍ତି।



ସୁନ୍ଦରଗଡ଼ ଷ୍ଟାଡିୟମଠାରେ ରବିବାର ଜିଲା ଫୁଟବଲ ଚାମ୍ପିୟନଶିପର ଉଦ୍‌ଘାଟନୀ ସମାରୋହ।



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍‌ସ କୁକ୍



## ସଂକ୍ଷେପରେ

### ସଚେତନ ନାଗରିକ ମଞ୍ଚ ବାର୍ଷିକ ଉତ୍ସବ ପ୍ରସ୍ତୁତି

**ରାଉରକେଲା ଅଫିସ,୮।୯:** ରାଉରକେଲା ସଚେତନ ନାଗରିକ ମଞ୍ଚର ୫ମ ବାର୍ଷିକ ଅଧିବେଶନ ଆସନ୍ତା ଡିସେମ୍ବର ୧ରେ ଅନୁଷ୍ଠିତ ହେବ। ଏଥିପାଇଁ ସେକ୍ଟର-୫ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ସଭାପତି ଡ. ଭାବଗ୍ରାହୀ ମହାପାତ୍ରଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସାଧାରଣ ସମ୍ପାଦକ ପି.ପି. ରାୟ ବାର୍ଷିକ ଉତ୍ସବ ପାଳନ ସମ୍ବନ୍ଧରେ ଆଲୋଚନା କରିବା ସହ ଏହାକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମୁଖପାତ୍ର ଜଟାଧାରୀ ମାଝି ବୈଠକର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇ ଆଲୋଚନା ପାଇଁ ସଦସ୍ୟମାନଙ୍କୁ ଆମନ୍ତ୍ରଣ କରିଥିଲେ। ବାର୍ଷିକ ଉତ୍ସବ ପାଳନ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ଅତିଥି ଭାବେ ଯୋଗଦେବାକୁ ରାଜ୍ୟର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଆମନ୍ତ୍ରିତ କରାଯିବ। ଆଲୋଚନାଚକ୍ରକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ତଥ୍ୟ ସମ୍ବଳିତ ଏକ ସ୍ମରଣିକା ପ୍ରକାଶିତ ହେବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଯୋଗଦେଇଥିବା ସହରର ବହୁ ବିଶିଷ୍ଟ ବ୍ୟକ୍ତି ସଂଶୋଧିତ ମୋଟରଯାନ ଆଇନ ଉପରେ ଆଲୋଚନା କରିଥିଲେ। ଗାଡ଼ିମୋଟର ଯାଞ୍ଚ ସମୟରେ ଚାଳକମାନେ ଯେପରି ଅଯଥାରେ ହଇରାଣ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାସହ ସଂଶୋଧିତ ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବାକୁ ଦାବି କରିଥିଲେ। ବୈଠକରେ ଡ. ପୀତବାସ ମିଶ୍ର, ଇଂ ଅଭୟ ଦାସ, ଡ. ଆର୍.ବି. ମହାପାତ୍ର, ଚିତ୍ତରଞ୍ଜନ ଦାସ, ନିରଞ୍ଜନ ଦାସ, ମୀନତୀ ଦେବତା, ଇଂ ଭରତ ଚନ୍ଦ୍ର ଦାସ, କୁଞ୍ଜବିହାରୀ ରାଉତ, ରଞ୍ଜନ ଲେଙ୍କା, ହରିହର ବେହେରା, ଭବାନୀ ଚରଣ କବି, ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। କୁଞ୍ଜବିହାରୀ ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ। ମଞ୍ଚ ସାଧାରଣ ସମ୍ପାଦକ ପି.ପି. ରାୟ ଏକ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି।

### ମହରମ ନେଇ ଶାନ୍ତି କମିଟି ବୈଠକ

**ରାଉରକେଲା ଅଫିସ,୮।୯:** ଷ୍ଟିଲ ସିଟିରେ ମୁସଲମାନ ସମ୍ପ୍ରଦାୟଙ୍କ ପ୍ରମୁଖ ପର୍ବ ମହରମ ପାଳନ ପାଇଁ ରବିବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏସ୍‌ପି କେ. ଶିବା ସୁବ୍ରମଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ। ଏଥିରେ ତାଜିଆ କମିଟି ଓ ମିଳିତ ଶାନ୍ତି କମିଟି ସଦସ୍ୟ ଉପସ୍ଥିତ ରହି ମହରମକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଶୋଭାଯାତ୍ରା ସମୟରେ ଆବଶ୍ୟକ ପୋଲିସ ଫୋର୍ସ ମୁତୟନ ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜିଲା ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ସୁବ୍ରମଣି କହିଥିଲେ। ତାଜିଆ କମିଟି ସଦସ୍ୟ ସେମାନଙ୍କ ସମସ୍ୟା ଜଣାଇବା ପରେ ଏ ଦିଗରେ ଯଥାସମ୍ଭବ ପଦକ୍ଷେପ ନିଆଯିବ ବୋଲି କହିଥିଲେ ଏସ୍‌ପି।

# ମୋଟରଯାନ ଆଇନ ସମ୍ପର୍କରେ ସଚେତନତା ହେଉ

**ରାଉରକେଲା ଅଫିସ,୮।୯**

ମୋଟରଯାନ ଆଇନ ୧୯୮୮ର ସଂଶୋଧନ କରାଯାଇ ସାରା ଦେଶରେ ନୂତନ ଆଇନକୁ ସେପ୍ଟେମ୍ବର ୧ରୁ ଲାଗୁ କରାଯାଇଛି। ଏହି ନୂତନ ଆଇନ ବଳରେ ପୋଲିସ କର୍ମଚାରୀମାନେ ଫାଇନ ଆଦାୟ ନାଁରେ ଜୁଲମ କରୁଥିବା ଅଭିଯୋଗ ହେଉଛି। ଲୋକେ ଏହି ନୂତନ ଆଇନ ବିଷୟରେ ଜାଣି ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥିତିରେ ଆଇନ ଲାଗୁ କରିବା ପୂର୍ବରୁ ଲୋକଙ୍କୁ ସଚେତନ କରିବା ଆବଶ୍ୟକ ବୋଲି ରାଉରକେଲା ଓକିଲ ସଂଘ କର୍ମକର୍ତ୍ତା ଆର୍‌ଟିଓ ଦାୟିତ୍ୱରେ ଥିବା ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ସାକ୍ଷାତ କରି ଦାବି କରିଛନ୍ତି। ଏହି ଆଇନ ପ୍ରଚଳନ କରିବା ପୂର୍ବରୁ ରାଜ୍ୟ ସରକାର ଗେଜେଟ ନୋଟିଫିକେଶନ କରିବା କଥା। ମାତ୍ର ସରକାର ଏହା ନ କରି ସିଧାସଳଖ ଆଇନକୁ ଲାଗୁ କରିଛନ୍ତି। ରାଉରକେଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଞ୍ଚଳରେ ଲାଇସେନ୍ସ ଚେକିଂ ନାଁରେ ଚାଲାଣ କଟାଯାଉଛି। ପ୍ରଦୂଷଣ ସାର୍ଟିଫିକେଟ ପ୍ରଦାନ ବ୍ୟବସ୍ଥା ନ କରି ଗାଡ଼ିଚାଳକଙ୍କୁ ଫାଇନ କରାଯାଉଛି। ସଂଘ ଏହାକୁ ଦୃଢ଼ ବିରୋଧ କରିବ ବୋଲି ଚେତାବନୀ ଦିଆଯାଉଛି। ଗାଡ଼ିର ସମସ୍ତ କାଗଜପତ୍ର ତିଆରି କରିବା ପାଇଁ ଗାଡ଼ି ମାଲିକମାନଙ୍କୁ ୨ମାସ ସମୟ ପ୍ରଦାନ କରିବାକୁ ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ନୂତନ ଆଇନରେ ଲାଗୁ ହୋଇଥିବା ଫାଇନ ପରିମାଣ ସମ୍ପର୍କରେ ହୋର୍ଡିଂ ଜରିଆରେ ଆବଶ୍ୟକ ସୂଚନା, ପ୍ରଦୂଷଣ ସାର୍ଟିଫିକେଟ ପାଇଁ ପର୍ଯ୍ୟାପ୍ତ ମୋବାଇଲ ଭ୍ୟାନ ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ଉପଜିଲାପାଳ ମହାପାତ୍ର ସଚେତନତା ପାଇଁ ହୋର୍ଡିଂ ଜରିଆରେ ଫାଇନ ପରିମାଣର ସୂଚନା ବ୍ୟବସ୍ଥା, ଆର୍‌ଟିଓ ଅଫିସରେ ଟଙ୍କା ଗ୍ରହଣ ପାଇଁ ଅଧିକ କାଉଣ୍ଟର ଖୋଲିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନାରେ ଓକିଲ ସଂଘ ସଭାପତି ରମେଶ ବଳ, ସାଧାରଣ ସମ୍ପାଦକ ଅକ୍ଷୟ ସାହୁ, ଉପସଭାପତି ରଙ୍ଗବାହାଦୁର ବାଗ, ଯୁଗ୍ମ ସମ୍ପାଦିକା ମାଧବୀ ଝାଙ୍କ ସମେତ ଆଇନଜୀବୀ ପ୍ରମୋଦ ଦେବତା, ଅଶେଷ ମଣ୍ଡଳ, ପ୍ରଦୀପ ମିଶ୍ର ଓ ପ୍ରଦୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ପାନପୋଷ ଉପଜିଲାପାଳଙ୍କ ସହ ଓକିଲ ସଂଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

**ରାଉରକେଲା ଓକିଲ ସଂଘର ଦାବି**

# 'ଆଖି'ର ବୈଠକ, କର୍ମକର୍ତ୍ତା ନିର୍ବାଚନ

**ରାଉରକେଲା ଅଫିସ,୮।୯**

ସିଭିଲ ଟାଉନଶିପ ବେଙ୍କିଟ ହଲ ପରିସରରେ ରବିବାର ସାମାଜିକ ଅନୁଷ୍ଠାନ 'ଆଖି'ର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନ ସଭାପତି ଅବିନାଶ ଶୁକ୍ଳା ଅଧକ୍ଷତା କରିଥିଲେ। ଏହି ଅବସରରେ କିଛି ବ୍ୟକ୍ତି ସଂଗଠନରେ ସାମିଲ ହୋଇଥିବା ଘୋଷଣା କରାଯାଇଥିଲା। ସାଙ୍ଗଠନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସାମାଜିକ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ୪ଟି ଲକ୍ଷ୍ୟ କିପରି ହାସଲ କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ପ୍ରତ୍ୟେକ ରବିବାର ସଂଗଠନ ପକ୍ଷରୁ ଅସହାୟଙ୍କୁ ସହାୟତା ଓ ଚାରାରୋପଣ ଭଳି ଅନ୍ୟ କାର୍ଯ୍ୟଗୁଡ଼ିକର କ୍ରିୟାଶୀଳତା ନେଇ ପ୍ରତି ମାସ ଶେଷରେ ସମୀକ୍ଷା ବୈଠକ କରିବାକୁ ନିଷ୍ପତ୍ତି ହୋଇଛି। ସଂଗଠନର ନୂଆ ସଦସ୍ୟା ପ୍ରଜ୍ଞାପାରମିତା ଜେନା, ଡ. ମଞ୍ଜୁଶର୍ମା ମହାପାତ୍ର, ଡ. ରାହାସବିହାରୀ ମହାପାତ୍ର, ଡ. ଜଗବନ୍ଧୁ ସାହୁ ଓ ଅନୀଲ ପାତ୍ରଙ୍କ ସହ ଅନ୍ୟ ୧୩ ଜଣଙ୍କୁ ଏଥିରେ ସ୍ୱାଗତ କରାଯାଇଥିଲା। ସିଲୁ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।




'ଆଖି' ପକ୍ଷରୁ ଆୟୋଜିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।



ବାଳସଂସ୍କାର କାର୍ଯ୍ୟକ୍ରମରେ ଉପସ୍ଥିତ ବାଳିକା, ବାଳକ ଓ ଗାୟତ୍ରୀ ପରିବାର ସଦସ୍ୟ।

# ଇନ୍ଦିରାପାଲିରେ ବାଳସଂସ୍କାର କର୍ମଶାଳା

**ରାଉରକେଲା ଅଫିସ,୮।୯**

ଫର୍ଟିଲାଇଜର ଟାଉନଶିପ ଗାୟତ୍ରୀ ପ୍ରଜ୍ଞାପୀଠ ଆନୁକୂଲ୍ୟରେ ରବିବାର ଇନ୍ଦିରାପାଲିଠାରେ ବାଳସଂସ୍କାର କର୍ମଶାଳା ଆନୁଷ୍ଠିତ ହୋଇଛି। ଏଥିରେ ୪୦ ବାଳିକା, ବାଳକ ଉପସ୍ଥିତ ଥିଲେ। ଏମାନଙ୍କୁ ଏକ ଦିବ୍ୟ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଚରିତ୍ର ଗଠନ ସହ ଉପଯୁକ୍ତ ନାଗରିକ ଭାବେ ଗଢ଼ି ତୋଳିବା ନେଇ ପରାମର୍ଶ ଦିଆଯାଇଥିଲା। ମାତା ପିତାଙ୍କୁ ଭକ୍ତି କରିବା ସହ ସୁନ୍ଦର ଦିବ୍ୟଜୀବନ ଜିଇଁବାକୁ ଅନୁଷ୍ଠାନ ପକ୍ଷରୁ ସଚେତନ କରାଯାଇଥିଲା। ସେହିଭଳି ରାଷ୍ଟ୍ରଭକ୍ତି ଓ ରାଷ୍ଟ୍ରପ୍ରେମରେ ସର୍ବଦା ଉଦ୍‌ବୁଦ୍ଧ ହେବାକୁ କୁହାଯାଇଥିଲା। ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏକ ସ୍ୱତନ୍ତ୍ର ପାଠଶାଳା ଆରମ୍ଭ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ମୂଳତଃ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ, ପରମ ବନ୍ଦନୀୟା ଗୁରୁମାତା ଭଗବତୀ ଦେବୀ ଶର୍ମାଙ୍କ ଲକ୍ଷ୍ୟ, ଆଦର୍ଶ ଓ ସିଦ୍ଧାନ୍ତ ଆଧାରରେ ଗାୟତ୍ରୀ ଯଜ୍ଞ, ଜପ, ତପ ମନ୍ତ୍ର ଲିଖନ ଆଦି ଶିକ୍ଷା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମକୁ ଉମା ପଣ୍ଡିତ, କୁସୁମ ସିଂ, ଇନ୍ଦୁ ଜୟସ୍ୱାଲ, ମାଲା ଗୁପ୍ତା, ସରୋଜ ଗୁପ୍ତା, ବୀଣା, ସିଂ, ରିଙ୍କି ସିହ୍ନା, ଶ୍ୱେତା ସିଂ ପ୍ରମୁଖ ପରିଚାଳନା କରିଥିଲେ। ଡା. ରାହାସବିହାରୀ ମହାପାତ୍ର, ବିଚିତ୍ରାନନ୍ଦ ଦାସ, ଚରଣ କର ଓ ମହାବୀର ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ପ୍ରଭାରୀଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା

**ବେଦବ୍ୟାସ, ୮।୯ (ଡି.ଏନ.ଏ)**

ଲାଠିକଟା ପଞ୍ଚାୟତ ସମିତି ଅନ୍ତର୍ଗତ କଲୁଙ୍ଗା (ଖ) ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର କଲୁଙ୍ଗା କରତକଳ ଛକ ସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ସମ୍ମୁଖରେ ସୁନ୍ଦରଗଡ ଜିଲା ବିଜୁ ଜନତା ଦଳର ନୂତନ ପ୍ରଭାରୀ ଭାବେ ନିଯୁକ୍ତ ସୁକିନ୍ଦା ବିଧାୟକ ପ୍ରିତିରଞ୍ଜନ ଘଡାଇଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ସ୍ୱାଗତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଲୁଙ୍ଗା (ଖ) ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀର ସଭାପତି ତଥା ଯୁବ ନେତା ସୁକଦେବ ନନହାରଙ୍କ ବଳିଷ୍ଠ ନେତୃତ୍ୱରେ ଶତାଧିକ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ଘଡାଇଙ୍କୁ ପୁଷ୍ପଗୁଚ୍ଛ ଦେବା ସହ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ବାହିନୀର ସମ୍ପାଦକ ଲିବନ ଡୁଙ୍ଗଡୁଙ୍ଗ, କୋଷାଧକ୍ଷ ବିଜୟ କିଶାନ, କିଶୋର ଓରାମ, ସୁଧାଂଶୁ କିଶାନ, ସାନ୍ତା ବାହାଦୁର ଲାମା, ଅଜିତ ଡୁଙ୍ଗଡୁଙ୍ଗ, କାର୍ଲୁଶ ଟପ୍ପୋ, ବିକାଶ ଲୋହାର, ସୁଶିଲ ଟପ୍ପୋ ପ୍ରମୁଖଙ୍କ ସମେତ ରାଉରକେଲା ନିର୍ବାଚନ ମଣ୍ଡଳୀର ପ୍ରଭାରୀ ମାନସ ମହାନ୍ତି, ଗୌତମ ରାୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ। ଶେଷରେ ସଭ୍ୟ ସୁଧିର ଭଇଁଷା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ

**ରାଉରକେଲା ଅଫିସ,୮।୯**

ଡିଭାଇନ ଲାଇଫ ସୋସାଇଟି ପକ୍ଷରୁ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ୧୩୨ତମ ଜୟନ୍ତୀ ଛେଣ୍ଡ କଲୋନୀସ୍ଥିତ ଆଶ୍ରମରେ ପାଳିତ ହୋଇଛି। ଏଥିରେ ବକ୍ତା ଭାବେ ଅନୁଷ୍ଠାନ ସଭାପତି ସୁନୀଲ ମିଶ୍ର, ବ୍ରହ୍ମଚାରିଣୀ ପ୍ରତିଭା ଚୈତନ୍ୟ, ଶିକ୍ଷାବିତ୍ ସୋମନାଥ ଲେଙ୍କା ପ୍ରମୁଖ ଯୋଗଦେଇ ସ୍ୱାମୀଙ୍କ ପ୍ରଦତ୍ତ ବାଣୀ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ସାଧାରଣ ସମ୍ପାଦକ ରବୀନ୍ଦ୍ର ପାଣ୍ଡବଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ବକ୍ତା କହିଥିଲେ, ଭଗବତ ନାମ ଉଚ୍ଚାରଣ କଲେ ମଣିଷ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ପାଇଥାଏ। ଜଞ୍ଜାଳମୟ ଜଗତରୁ ତରିବାକୁ ହେଲେ ଭଗବତ ନାମ ହେଉଛି ସର୍ବ ବୃହତ ମାଧ୍ୟମ। କୁଶିକ୍ଷା, କୁସଂସ୍କାର ତଥା ଅନ୍ଧବିଶ୍ୱାସରୁ ଏହା ଆମକୁ ସୁରକ୍ଷିତ ରଖେ। ମାନବିକ ମୂଲ୍ୟବୋଧକୁ ଆଧାର କରି ସୁଖୀ ଜୀବନ ଜିଇଁବା ମଣିଷର ମୂଳ ଉଦ୍ଦେଶ୍ୟ। ଏହି ଅବସ୍ଥାରେ ଆମକୁ ସୁସ୍ଥ ଏବଂ ଶୃଙ୍ଖଳିତ ହେବାକୁ ଭଗବତ ମାର୍ଗ ଅନୁସରଣ କରିବାକୁ ପଡ଼ିବ। ଭୋକିଲାଙ୍କୁ ଅନ୍ନ, ନିଃବସ୍ତ୍ରକୁ ବସ୍ତ୍ର ଦାନ, ରୋଗୀ ସେବା କରିବା ହେଉଛି ବାସ୍ତବ ଦିବ୍ୟଜୀବନର ଲକ୍ଷ୍ୟ। ସ୍ୱାମୀଙ୍କ ଦ୍ୱାରା ଦର୍ଶାଯାଇଥିବା ସୁପଥରେ ଚାଲିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଭଜନ କୀର୍ତ୍ତନ, ବିଷ୍ଣୁ ସହସ୍ରନାମ, ଗୀତା ପାରାୟଣ ଆଦି ବୈଦିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଆଶ୍ରମ ପକ୍ଷରୁ ଶ୍ରଦ୍ଧା ଅନୁଷ୍ଠାନ ଅନ୍ତେବାସୀଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଏଥିରେ କେ.ସି. ବରାଳ, ଦିଗମ୍ବର ପାଢ଼ୀ ସୁରେନ୍ଦ୍ର ବେହେରା, ଆର୍.ଏନ୍. ପଣ୍ଡା, ହରିହର ବେହେରା, ଆର୍.ଏନ୍. ହୋତା, ରବୀନ୍ଦ୍ରନାଥ ବେହେରା, ସଚିତ୍ର ଜେନା, ଚିନ୍ମୟ ଦାସ, କବିର ସାହୁ, ଏସ୍.କେ. ଧିର ଓ ପି.କେ. ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଡିଭାଇନ ଲାଇଫ ସୋସାଇଟି ପକ୍ଷରୁ ଆୟୋଜିତ ଶିବାନନ୍ଦଙ୍କ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ।



ଗଣେଶ ମଣ୍ଡପରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଯୋଗଦେଇଥିବା ଛାତ୍ରୀଛାତ୍ର।

# ପ୍ରେସ ବ୍ଲକ ଗଣେଶ ପୂଜା ମଣ୍ଡପରେ ଚିତ୍ରାଙ୍କନ ପ୍ରତିଯୋଗିତା

**ରାଉରକେଲା ଅଫିସ,୮।୯**

ବାସନ୍ତୀନଗର ପ୍ରେସ ବ୍ଲକ ଗଣେଶ ପୂଜା ମଣ୍ଡପରେ ପୂଜା କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ଆଦିତ୍ୟ ଲେଙ୍କା, ଅଙ୍କିତା ଦୁଆରୀ ଓ ଇଶିକା ବେରା ଏବଂ କନିଷ୍ଠ ବର୍ଗରେ ଅଞ୍ଜଳି ଲେଙ୍କା, ଅମନ ମଲ୍ଲିକ ଓ ସ୍ୱୟଂସିଦ୍ଧ କମ୍ପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏହାସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଆଶିଷ, ଆୟୁଷ, ହିମାଂଶୁ, ଶଙ୍କରଲାଲ, ଆୟୁଷ୍ମାନ, ରାଜବୀର, ଦିବ୍ୟମ, ଅନୁରାଗ, ଅଭୟ, ମୌର୍ଯ୍ୟ, ଅମନ, ପ୍ରଭବ, ନିଖିଳ, ଇଶାନ୍ତ ପ୍ରମୁଖଙ୍କୁ ମଧ ପୁରସ୍କୃତ କରାଯାଇଛି। ଶିକ୍ଷୟିତ୍ରୀ ମମତା ପ୍ରିୟଦର୍ଶିନୀ ବିଚାରକ ଭାବେ ଯୋଗଦେଇ ଫଳାଫଳ ଘୋଷଣା କରିଥିଲେ। ମୁଖ୍ୟଅତିଥି ପୁଷ୍ପଲତା ପତି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କମିଟିର ବରିଷ୍ଠ ସଦସ୍ୟ ଜ୍ଞାନରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦସ୍ୟ ଭୁତକରଣ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ -ବାଇକ୍ ଧକ୍କା: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**କୁଆଁରମୁଣ୍ଡା, ୮।୯(ଡି.ଏନ.ଏ.)-** ବୀରମିତ୍ରପୁର ଥାନା ୧୪୩ନଂ ଜାତୀୟ ରାଜପଥର ଚାଇନା ଟାଉନ ଛକ ନିକଟରେ ରବିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଟ୍ରକ୍ -ବାଇକ୍ ମଧ୍ୟରେ ଧକ୍କା ହେବାରୁ ବାଇକ୍‌ରେ ପଛରେ ବସିଥିବା ମହିଳା ଅନୀତା ତିର୍କୀ (୩୦)ଙ୍କ ମୃତ୍ୟୁ ଘଟିଛି। ବାଇକ ଚଳାଉଥିବା ତାଙ୍କ ସ୍ୱାମୀ ଦେଓଦାସ ତିର୍କୀ (୩୫) ଗୁରୁତର ହୋଇଛନ୍ତି। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଘର ସୁନ୍ଦରଗଡ଼ ଜିଲାର କାଂଶବାହାଲ ଅଞ୍ଚଳରେ। ପୋଲିସ ଉଭୟ ବାଇକ୍ ଓ ଟ୍ରକ୍ ଜବତ କରିଛି। ସ୍ୱାମୀ, ସ୍ତ୍ରୀ ବାଇକରେ ଯାଉଥିବାବେଳେ ଟ୍ରକ୍‌ଟି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିଲା।

## ବନ୍ଧୁକ ମୁନରେ ଟଙ୍କା ଲୁଟ୍

**ନୂଆଗାଁ,୮।୯ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ହାତୀବାରି ଥାନା ପୁରୁଣାପାଣି ଟାଉନ୍‌ଶିପ୍ ଅଞ୍ଚଳରେ ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ବନ୍ଧୁକ ଦେଖାଇ ଲୁଟ୍ ହୋଇଛି। ଏକ ବାଇକରେ ଦୁଇଜଣ ଦୁର୍ବୃତ୍ତ ଆସି ସମ୍ପୃକ୍ତ ଅଞ୍ଚଳର ଦେବ ସାହି ବନାରାଣି ସେଠୀଙ୍କୁ ଆକ୍ରମଣ କରିଥିଲେ। ବନ୍ଧୁକରେ ତାଙ୍କ ମୁଣ୍ଡକୁ ଆଘାତ କରିବାରୁ ସେ ରକ୍ତାକ୍ତ ହୋଇଥିବା ଜଣାପଡ଼ିଛି। ତାଙ୍କଠାରୁ ଲୁଟ୍ ହୋଇପାରି ନ ଥିବାବେଳେ ତାଙ୍କ ପାଖରେ ରହୁଥିବା ପୁରୁଣାପାଣି କୋଅପରେଟିଭ୍ ବ୍ୟାଙ୍କ ଏଜେଣ୍ଟ ଅଜୟ ନାଏକଙ୍କଠାରୁ ୪୦ହଜାର ଟଙ୍କା ଲୁଟ୍ ହୋଇଛି।

# ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ରାଉରକେଲା ଅଫିସ,୮।୯**

ବନ୍ଧମୁଣ୍ଡା ସେକ୍ଟର ସି ଅଞ୍ଚଳର ସର୍ବପୁରାତନ ଦୁର୍ଗା ପୂଜା କମିଟି ପକ୍ଷରୁ ଚଳିତବର୍ଷ ୬୧ତମ ଦୁର୍ଗୋତ୍ସବ ପାଳନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ରବିବାର ବଙ୍ଗୀୟ ରୀତିନୀତିରେ ଶୁଭଖୁଣ୍ଟି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରାରମ୍ଭରେ ମା' ଦୁର୍ଗାଙ୍କ ଫଟୋ ପୂଜା କରାଯାଇଥିଲା। ପରମ୍ପରା ଅନୁଯାୟୀ ଖୁଣ୍ଟି ପୋତା ସରିବା ପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯିବ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ମାଣିକ ଚୌଧୁରୀ ପରିଚାଳନା କରିଥିଲେ। ପୂର୍ବତନ ନଗରପାଳ ରମେଶ ବଳ, କମିଟି ସଭାପତି ବିଜୟ ହାଲୱାଇ, ଜିତୁରଞ୍ଜନ ଗୁପ୍ତା, ଅଶ୍ୱିନୀ କୁମାର, ଜୟନ୍ତ ଦାସ, ଟି. ରାମୁ, କିଶୋର ନାଗ, ରାଜେଶ ଲାଲା, ମନୋଜ କୁମାର, ଗୋପାଳ ଘୋଷ, ପ୍ରତିମା ଘୋଷ, ରେଣୁ ବିଶ୍ୱକର୍ମା, ସୁମନ ଦତ୍ତ, ସରୋଜ ସିଂ, ପୁନମ ଦେବୀ, ସମିତା ମଣ୍ଡଳ, ଚନ୍ଦନା ଜେନା ଓ ଝରଣା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ଦୁର୍ଗାପୂଜା ପାଇଁ ବନ୍ଧମୁଣ୍ଡା ସେକ୍ଟର ସିରେ କମିଟି ପକ୍ଷରୁ ଖୁଣ୍ଟି ସ୍ଥାପନ କରାଯାଉଛି।